ମାନସୀ

ମହେଶ ଚନ୍ଦ୍ର ମହାପାତ୍ର

Digitized by srujanika@gmail.com

ମାନସୀ

ମହେଶ ଚନ୍ଦ୍ର ମହାପାତ୍ର

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ମାନସୀ

ମହେଶ ଚନ୍ଦ୍ର ମହାପାତ୍ର

ପ୍ରକାଶକ

ଲାର୍କ ବୁକ୍ସ

ସୁବର୍ଣ୍ଣରେଖା ଚ୍ୟାମ୍ବର୍ସ
ଭୌମନଗର, ଭୁବନେଶ୍ୱର-୭୫୧୦୦୧

ପ୍ରଥମ ପ୍ରକାଶ
୧୯୯୭

ପ୍ରଚ୍ଛଦ
ଅସୀତ ମୁଖାର୍ଜୀ

ମୁଦ୍ରଣ
ଶୋଭନ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

ଷାଠିଏ ଟଙ୍କା ମାତ୍ର

MANASI

Written by
Mahesh Chandra Mahapatra

Published by
LARK BOOKS
Subarnarekha Chambers
Bhauma Nagar, Bhubaneswar-751001

First Edition 1997

Cover
Asit Mukherjee

Printed at
SHOVAN
Acharya Vihar, Bhubaneswar

Rupees Sixty only

ISBN 81—7375—020—3

Digitized by srujanika@gmail.com

ସୂଚନା

ମାନସୀ ଉପନ୍ୟାସଟି ପୂର୍ବରୁ ଛପା ହୋଇଥିଲା ଦୁଇଟି ଉପନ୍ୟାସ ଭାବେ । ମାନସୀ–୧ର ଗଳ୍ପଟି "ରାଣୀ ଶାସନର ମାନି" ନାମରେ ୧୯୬୮ ମସିହାରେ ଏବଂ ମାନସୀ–୨ର ଗଳ୍ପଟି "ମହା ନଗରୀର ମାୟା" ନାମରେ ୧୯୭୨ ମସିହାରେ ପ୍ରକାଶ ପାଇଥିଲା ।

ଗଳ୍ପର ନାୟିକା ମାନି ଭଳି ଗୋଟିଏ ଝିଅକୁ ଦେଖିବାର ସୁଯୋଗ ମିଳିଥିଲା, କଟକ ଜିଲ୍ଲାର ଏକ ମେଳାରେ । ତା'ପରେ ସେଇ ହରିଣୀ-ନୟନା ଝିଅଟି କୁଆଡେ ହଜିଗଲା । କିନ୍ତୁ ତାର ପ୍ରଭାବ ମନ ଉପରେ ଅବ୍ୟାହତ ହୋଇ ରହିଥିଲା । ବୋଧହୁଏ ରୂପାୟିତ ହେବାକୁ ଏଇ ଦୁଇଟି ଉପନ୍ୟାସରେ ।

ମାନସୀ–୨ ଗଳ୍ପଟିରେ ସ୍ତ୍ରୀ-ରୋଗର ଅବତାରଣା କରିବାକୁ ଯାଇ ସୁବିଖ୍ୟାତ ସ୍ତ୍ରୀ-ରୋଗ ବିଶେଷଜ୍ଞ ଶ୍ରୀମତୀ ଜ୍ୟୋତ୍ସ୍ନା ଦେଇଙ୍କ ସହାୟତା ଲୋଡ଼ିବାକୁ ପଡ଼ିଥିଲା । ତାଙ୍କ ପାଖରୁ ସେଦିନ ଅନେକ ତଥ୍ୟ ଜାଣିଲି । ସେଥିଲାଗି ତାଙ୍କୁ ଅନ୍ତରର କୃତଜ୍ଞତା ଜଣାଉଅଛି ।

ଲେଖକ

Digitized by srujanika@gmail.com

ଏକ

ମହାନଦୀ ପୋଲ ଉପରେ ନିଦ ଭାଙ୍ଗିଗଲା ଶଙ୍କରର । ଯା ଘଡ଼ଘଡ଼ ଶବ୍ଦ । ଉଠି ଆସି ଠିଆହେଲା ସେ କବାଟ ପାଖରେ । ପୂର୍ବ ଦିଗକୁ ଚାହିଁଲା—ଲାଲ ହୋଇ ଉଠୁଛି କ୍ରମଶଃ । ପାଖ ବର୍ଥରୁ ଯାତ୍ରୀଜଣେ ଉଠି ବିଛଣା ବାନ୍ଧିବାରେ ଲାଗି ପଡ଼ିଛନ୍ତି । ଫେରି ଆସିଲା ଶଙ୍କର ନିଜ ବର୍ଥକୁ । ହାଲୁକା ରାତ୍ରିବାସ ପାଲଟି ପିନ୍ଧିଲା ପୋଷାକ, ଯେଉଁ ପୋଷାକ ଗଲା ଦଶବର୍ଷ ଧରି ବରାବର ପିନ୍ଧୁଛି । ବିଛଣା ଗୁଡ଼େଇ ବକଲସ ଲଗେଇଲା ବେଳକୁ ଗାଡ଼ି ଧୀରହୋଇ ଗାଡ଼ି ଛିଡ଼ାହେଲା । ସେଇ କଟକ ଷ୍ଟେସନ । ଅନେକ ବଦଳିଯାଇଛି । ତଥାପି ଯେମିତି ବିଶେଷ କିଛି ବଦଳିନି ମନେହେଲା ତାର । ସେଇ ପୁରୁଣାଦିନର ଦୁର୍ଗନ୍ଧ ନାକକୁ ପୀଡ଼ା ଦେଲା । କିନ୍ତୁ ଖୁସିହୋଇ ଚାହିଁଲା ଶଙ୍କର । ବହୁତ ଲୋକ, ବେଶ୍ ଭିଡ଼ । ଲୁଗାପଟା ଭଲ ଦିଶିଲା । ଚାହିଁଲା ସେ ପ୍ଲାଟ୍‌ଫର୍ମର ଯୁବକଙ୍କୁ । ତୁଳନାକଲା ମନେ ମନେ ଦଶବର୍ଷ ଆଗର ତା ସମୟର ଅବସ୍ଥାଟାକୁ । ତାର ସଙ୍ଗୀ ଓହ୍ଲେଇଗଲେ । ହଠାତ୍ ଗୋଟାଏ ଧକ୍କା ଖାଇଲା ସେ । ଡବାଟା କାଟି ସାଇଡିଂକୁ ନିଆଯାଉଛି । ଦୁଇ ହାତରେ ରେଲିଂଧରି ସେମିତି ଠିଆହୋଇ ରହିଲା ସେ । ସାଇଡିଂରେ ଆସି ଗାଡ଼ି ଅଟକିଲା । ବେଶ୍ ଫରଚ୍ଛ ହୋଇ ଆସିଲାଣି । ଏଥର ଦୃଷ୍ଟି ତାର ପଶ୍ଚିମକୁ । ଅଦୂରରେ ଗଛ ଅଗ ଟପି ଦିଶୁଛି ଲାଲକୋଠା । ରେଭେନ୍‌ଶା କଲେଜ । ବହୁତ ଆଶା କରି ପଢ଼ିବାକୁ ଆସିଥିଲା ସେ ଏଠିକି, ପ୍ରଥମ ଯୌବନରେ ।

ପ୍ରବେଶିକା ପରୀକ୍ଷାରେ ପ୍ରଥମ ଦଶଜଣଙ୍କ ଭିତରେ ଥିଲା ସେ । ପୁଅର ଆଶାତୀତ ସଫଳତାରେ ବାପାଙ୍କର ଆନନ୍ଦର ସୀମା ଥିଲାନାହିଁ । ସ୍କୁଲମାଷ୍ଟର ବାପର ପ୍ରଥମ ସନ୍ତାନ ଶଙ୍କର । ବାପା ଥିଲେ ନିର୍ବିରୋଧ ମଣିଷ । ପଣ୍ଡିତର ପୁଅ । ଜୀବନରେ କେତେଗୁଡ଼ାଏ ନୀତିକୁ ନେଇ ଘର କରିଥିଲେ ସେ । ଲୋଭ ନଥିଲା, ଅପବ୍ୟୟ ନଥିଲା ତାଙ୍କର ଅଭାବ ବି ନଥିଲା । ପିଲାଙ୍କୁ ଇଂରେଜୀ ପଢ଼ଉଥିଲେ ବାପା । ନେସଫିଲଡ଼ ବ୍ୟାକରଣ ତାଙ୍କର କଣ୍ଠସ୍ଥ । ଷ୍ଟେଟସ୍‌ମେନ୍ ଛଡ଼ା ଅନ୍ୟ କାଗଜ ପଢୁ ନ ଥିଲେ ସେ । ତାକୁ ଯୋରକରି ପଢ଼େଇଥିଲେ ସ୍ମାଇଲ୍‌ସ ସାହେବର ଗୋଟା ପଚିଶ ପ୍ରବନ୍ଧ । ସ୍କୁଲରେ ସେ ସାରିଥିଲା

Digitized by srujanika@gmail.com

ଲେମ୍ବଙ୍କର ସେକ୍ସପିଅର-ଗଳ୍ପ । ବସୱେଲ୍‌ଙ୍କ ବହିରୁ ଅନେକ ଗପ ଜାଣିଥିଲି ସେ ଡକ୍ଟର ଜନ୍‌ସନଙ୍କ ବିଷୟରେ ।

ବୟାଳିଶ ସାଲ । ଭୀଷଣ ଯୁଦ୍ଧ ଚାଲିଥାଏ ଇଉରୋପରେ । ଜାପାନ ମାଡ଼ି ମାଉଥାଏ ଦକ୍ଷିଣପୂର୍ବ ଏସିଆରେ । ଭାରତ ସେତେବେଳେ ଜଳୁଥାଏ, ଯୁଦ୍ଧରେ ନୁହେଁ, ଅସନ୍ତୋଷରେ । କଟକରେ ଗୋରାଶାସନ ବେଶ୍ ଦୃଢ଼ ହୋଇଥାଏ ଲୁଇସ ସାହେବଙ୍କ ନେତୃତ୍ୱରେ । ସେ ଆସି ନାମ ଲେଖେଇଲା କଲେଜରେ । ରହିଲା ହଷ୍ଟେଲରେ । ଇଂରେଜୀ ମାଷ୍ଟରର ପିଲା—ପଢ଼ିଲା କିନ୍ତୁ ବିଜ୍ଞାନ । ବାପା ରାଜ ହୋଇଥିଲେ । ଭଲପିଲା ବୋଲି ଖ୍ୟାତି ବି ସେ ଅର୍ଜନ କରିଥିଲା, ବନ୍ଧୁ ତଥା ଅଧ୍ୟାପକଙ୍କ ମଧ୍ୟରେ ।

କାଳୀପୂଜା ପରେ କଲେଜ ଖୋଲିଥାଏ । ହଠାତ୍ ଗୋଟାଏ ହୈ ଚି ହେଲା କଲେଜରେ । ସୁଜାତା ସ୍ୱର୍ଣ୍ଣକାର ବୋଲି ଗୋଟିଏ ଦ୍ୱିତୀୟ ବାର୍ଷିକ ଶ୍ରେଣୀର ଝିଅ ଯାଇ ଅଧ୍ୟକ୍ଷଙ୍କ ନିକଟରେ ନାଲିଶ କଲା—ତା ଉପରକୁ କିଏ ଛୁଚୁନ୍ଦ୍ରି ବାଣ ନିକ୍ଷେପ କରିବା ଫଳରେ ତାର ଶାଢ଼ୀ, ଶାୟା, ଓ ଡାହାଣ ଗୋଡ଼ର କେତେକାଂଶ ପୋଡ଼ିଯାଇଛି । ଉଗ୍ର ଅଧ୍ୟକ୍ଷ କ୍ଷିପ୍ର ହୋଇ ଉଠିଲେ । ସୁଜାତା ସ୍ୱର୍ଣ୍ଣକାରର ବାପା ଉଚ୍ଚପଦସ୍ଥ କର୍ମଚାରୀ, ପୁଲିସ ବିଭାଗର । ଟେଲିଫୋନରେ ଖବରପାଇ ଝିଅକୁ ଦେଖିବାକୁ ଆସିଲେ । ଗାଡ଼ିରେ ଝିଅକୁ ଡାକ୍ତରଖାନା ପଠେଇ, ଅଧ୍ୟକ୍ଷଙ୍କୁ କହିଲେ—"ଏହାର ବିହିତ ପ୍ରତିକାର କର, ନଚେତ୍ ମୁଁ ମକଦ୍ଦମା କରିବି ।" ଅପରାଧ ଆଇନରେ ଧୁରନ୍ଧର, ଏଇ ଦୁର୍ଦ୍ଦାନ୍ତ ପୁଲିସ ଅଫିସର, ଅଧ୍ୟକ୍ଷଙ୍କ ଆଗରେ ଇମିତି ଛବିଟିଏ ଆଙ୍କିଲେ, ଯେଉଁଥିରେ ଅଧ୍ୟକ୍ଷ ବିବ୍ରତ ହେଲେ । ଆରମ୍ଭ ହେଲା ଇନ୍‌କୁଆରି । ଶଙ୍କର ବିରୁଦ୍ଧରେ ଅଭିଯୋଗ ହେଲା ଯେ ସେଇ ଦୋଷୀ । ଶଙ୍କର ଶୁଣି ଆଶ୍ଚର୍ଯ୍ୟହେଲା ଓ ଘୋର ପ୍ରତିବାଦ କଲା । କିନ୍ତୁ ଦୁଇଜଣ ଅଧ୍ୟାପକ ଓ ଜଣେ ଛାତ୍ର, ପରିଷ୍କାର ସାକ୍ଷୀ ଦେଇଛନ୍ତି, ଘଟଣାବେଳେ କେବଳ ଶଙ୍କରକୁ ସେଠାରେ ଦେଖା ଯାଇଥିଲା । ଶଙ୍କର ପୁଣି ପ୍ରତିବାଦ କଲା । କିନ୍ତୁ ସାକ୍ଷୀ କାହିଁ ଶଙ୍କରର ? କେବଳ ତାର ହଷ୍ଟେଲ ସୁପରିଟେଣ୍ଡେଣ୍ଟ କହିଥିଲେ—"ଶଙ୍କର ଭଲ ପିଲା, ଏ କାମ କରି ନ ପାରେ" । ସଂସ୍କୃତ ଅଧ୍ୟାପକ, ବିଜ୍ଞାନ ଛାତ୍ରଙ୍କ ପ୍ରତି ଯାହାଙ୍କର ଜାତକ୍ରୋଧ, ସେ ମୁଣ୍ଡ ହଲେଇ କହିଲେ, "କିଛି କହିହେବନି ଆଜ୍ଞା । ଆଜିକାଲିକାର ପିଲା, ଅତି ଅଭଦ୍ର, ଅତି ଅଶ୍ଳୀଳ ତାଙ୍କ ବ୍ୟବହାର ।" ଇଂରେଜୀ ଅଧ୍ୟାପକ ଦୁଃଖକଲେ ଶଙ୍କର ପାଇଁ । ଅଧ୍ୟକ୍ଷ ରାୟ ଦେଲେ—"ଶଙ୍କର ଭଲ ପିଲା ହୋଇଥିବାରୁ, ଏଇ ପ୍ରଥମ ଦୋଷପାଇଁ, ତାର ସାରା ଜୀବନ ନଷ୍ଟ ନ ହେଉ, ଏଇକଥା ବିଚାର କରି, ତାକୁ ଅନ୍ୟତ୍ର ପଢ଼ିବା ପାଇଁ ଟ୍ରାନ୍‌ସଫର ସାର୍ଟିଫିକେଟ ଦିଆଗଲା ।"

Digitized by srujanika@gmail.com

ବଜ୍ରାହତ ଶଙ୍କର, ଅଧ୍ୟକ୍ଷଙ୍କ ଅଫିସରୁ ବାହାରି ଆସିଲା ଅର୍ଦ୍ଧଚେତନ ଅବସ୍ଥାରେ । କାହାରିକି କିଛି ନକହି ଚୁପ୍‌ଚାପ୍ ଫେରି ଆସିଲା ହଷ୍ଟେଲକୁ । ହଷ୍ଟେଲରେ କେହିନାହିଁ । ମନେପଡ଼ିଲା ତାର ଅଧ୍ୟାପକ ଶତ୍ରୁଘ୍ନଙ୍କୁ । ସେ ତ କଲିକତାରୁ ଫେରିଥିବେ ? ଗୋଟାଏ ଖାତାରୁ କାଗଜ ଛିଣ୍ଡେଇ କ'ଣ ଗୁଡ଼ାଏ ଲେଖିଲା । ତାକୁ ଗୋଟାଏ ଲଫାପାରେ ପୁରେଇ ପକେଟରେ ରଖିଲା । ତା'ପରେ ଚୁପ୍‌ଚାପ୍ ବାହାରି ଯାଉଥିଲା ପଛ ଗେଟ୍ ଦେଇ । ହଠାତ୍ ନଜର ପଡ଼ିଲା କେମିଷ୍ଟ୍ରି ଅଧ୍ୟାପକଙ୍କ ଘର ଉପରେ । ଅଧ୍ୟାପକ ବଗିଚାରେ ଗଛ ଲଗାଉଛନ୍ତି । ଭାରି ଭଲପା'ନ୍ତି ସେ ଶଙ୍କରକୁ । "କି ଖବର ଶଙ୍କର ?" ପାଟିକରି ଉଠିଲେ ଅଧ୍ୟାପକ ।

ଶଙ୍କର ଗେଟ୍ ଖୋଲି ପଶିଗଲା ଭିତରକୁ । ପାଖକୁ ଆସି କହିଲା—

"ମୋର ଟିକିଏ କଥା ଥିଲା, ସାର ।"

"କୁହ ।"

"ଏଇଠି କହିବି ?" ପ୍ରଶ୍ନକଲା ଶଙ୍କର ।

ଗଛ ପୋତିସାରି ଉଠି ଠିଆହେଲେ ଅଧ୍ୟାପକ । ଆଖି ପଡ଼ିଲା ତାଙ୍କର ଶଙ୍କର ମୁହଁ ଉପରେ ।

"ତୁମ ଦେହ ଭଲନାହିଁ ?"

"ନା ସାର । ଦେହ ଭଲଅଛି ।" ହସିଲା ଶଙ୍କର, ଶୁଖିଲା ହସ ।

"କ'ଣ ହୋଇଛି ତୁମର ? ଆଜି କଲେଜ ଯାଇନ ?"

"କଲେଜରୁ ଆସୁଛି ସାର ।"

"ଆସ ।" ଅଧ୍ୟାପକଙ୍କୁ ଅନୁସରଣ କଲା ସେ ।

"ଶୁଣୁଛ" ପାଟିକଲେ ଅଧ୍ୟାପକ, ଉଦ୍ଦେଶ୍ୟ ଗୃହିଣୀ । "ଶଙ୍କର ଆସିଛି, ଗରମ କିଛି ପଠେଇ ପାରିବ ?"

ଭିତରୁ ଜବାବ ଆସିଲା—"ପାରିବ" ।

"ବସ, କଣ ଖବର କୁହତ ?"

"ମୋତେ କିଛି ଟଙ୍କା ଦେବେ ସାର ?"

Digitized by srujanika@gmail.com

"ଟଙ୍କା ! କଣ କରିବ ? କେତେ ଟଙ୍କା ?"

"ତୃଇଶ ଟଙ୍କା।"

"ଏତେଟଙ୍କା କ'ଣ କରିବ ?"

"ମୁଁ ଆଜି କଟକ ଛାଡ଼ି ଯାଉଛି ସାର । ଆପଣ ଆଜି କଲିକତାରୁ ଫେରିଛନ୍ତି, କଲେଜ ଯାଇ ନାହାନ୍ତି । କାହିଁକି ଯେ ମୁଁ କଟକ ଛାଡ଼ି ଯିବାକୁ ବାଧ୍ୟ ହେଉଛି ତାର କାରଣ ଏଇ ଚିଠିରେ ଲେଖା ହୋଇଛି । କିନ୍ତୁ ମୋର ଟଙ୍କା ଦରକାର । ତୃଇଶ ନହେଲେ ଦେଢ଼ଶ ହେଲେ ମଧ୍ୟ ଚଳିବ । କିନ୍ତୁ ଟଙ୍କାଟା ଦରକାର ଏବଂ ଏହିକ୍ଷଣି ଏ ଟଙ୍କା ମୁଁ ଆପଣଙ୍କ ପାଖରୁ ଧାର ନେଉଛି ଏବଂ ସୁଝିବି । ଆପଣ ଯଦି ମୋତେ ବିଶ୍ୱାସ କରନ୍ତି ଏ ଟଙ୍କା ଦିଅନ୍ତୁ ।"

ଏତେ ଗୁଡ଼ାଏ କଥା ଏକା ସାଙ୍ଗରେ କହିବାକୁ ଯାଇ ଭାବାବେଗରେ ନିର୍ବାକ ହୋଇଗଲା ଶଙ୍କର । ପକେଟରୁ ସେଇ ଲଫାପା କାଢ଼ି ଅଧ୍ୟାପକଙ୍କ ସାମନା ଟେବୁଲ ଉପରେ ରଖିଲା । ଅଧ୍ୟାପକ କଣ ବୁଝିଲେ କେଜାଣି ଉଠିଯାଇ ତୃଇଶହ ଟଙ୍କା ଆଣି ଶଙ୍କରକୁ ଦେଲେ ।

"ତୁମର ତୃଇଶ ଦରକାର, ତୃଇଶ ନିଅ । ଆଉ ଶୁଝିବା କଥା, ସୁବିଧା କରି ଶୁଝି ଦବ । କିନ୍ତୁ—"

"ମୋତେ କ୍ଷମା କରିବେ ସାର୍ । ଆପଣଙ୍କର ପ୍ରଶ୍ନର ଉତ୍ତର ଏଇ ଚିଠିରେ ଅଛି । ଆପଣଙ୍କର ଏ ଅନୁଗ୍ରହ"...ଆଉ ପାରିଲାନି ଶଙ୍କର । ଦୁଇ ଆଖିରୁ ତାର ଝରିଲା ନୀରବ ଅଶ୍ରୁ-ଅଜସ୍ର ଧାରାରେ । ଅଧ୍ୟାପକ ନିର୍ବାକ ଦୃଷ୍ଟିରେ ଦେଖୁଥାନ୍ତି ଶଙ୍କରକୁ । କୈଶୋରର ଶେଷ ଓ ଯୌବନର ଆରମ୍ଭ ମାତ୍ର ହୋଇଛି ତାର । ଏଇ ବୁଦ୍ଧିମାନ ଚଟପଟ ପିଲାଟି, ଯାହାର ଇଂରେଜୀ ଉଚ୍ଚାରଣ ନିର୍ଭୁଲ ଓ ଶ୍ରୁତି ମଧୁର ଯେ ପାଞ୍ଚମାସ ମାତ୍ର କଲେଜରେ ପଢ଼ି ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛି, ସେ—

"ମୁଁ ଆସୁଛି ସାର୍ ।" ବିନମ୍ରାବନତ ଶଙ୍କର ବାହାରି ଗଲା ଘରୁ । ଅଧ୍ୟାପକ ତାକୁ ଅଟକେଇ ପାରିଲେ ନାହିଁ । ଗୃହିଣୀ ଥାଳିଏ ଗରମ ସିଙ୍ଗଡ଼ା ଧରି ପଶି ଆସିଲା ବେଳକୁ ଅଧ୍ୟାପକ ଶଙ୍କରର ଚିଠିଟା ପଢୁଥାନ୍ତି ।

"ତୁମେ ଯେଉଁ କୋବି ଆଣିଥିଲ । ସେଥିରେ ସିଙ୍ଗଡ଼ା କରିଛି । କାହିଁ, ଶଙ୍କର କୁଆଡେ ଗଲା ?"

Digitized by srujanika@gmail.com

"ଓଁ" ଚମକି ଉଠିଲେ ଅଧ୍ୟାପକ ଗଙ୍ଗାପ୍ରସ୍ତ । କିଛି ଉତ୍ତର ନ ଦେଇ ସେଇ ଘରୁଆ ପୋଷାକରେ, ବାଡ଼ିଟା ଥାକରୁ ଟାଣି ଆଣି ଚାଲିଲେ ଅଧ୍ୟକ୍ଷଙ୍କ ଘରକୁ, ତଟକା ଭଜା ସିଙ୍ଗଡ଼ା ପଡ଼ି ରହିଲା ।

ଦୁଇ

କୁଲି ହାତରେ ତାର ବିଛଣା ବାକ୍ସ ଦେଇ ଶଙ୍କର ପାର୍ଶଲ ଅଫିସକୁ ଗଲା ମାଲ ଛଡ଼ାଇବାକୁ । ପେନ୍ ଏମେରିକାନ୍ କମ୍ପାନୀର ଛାପ ଦେଖି ପାର୍ଶଲ ବାବୁ ଆଉ ତା ଜିନିଷଟା ଦେଇଦେଲେ । ଜିନିଷପତ୍ର ନେଇ ଆଗେଇ ଚାଲିଲା ଶଙ୍କର ବାସ୍ ଆଡ୍ଡା ଆଡ଼କୁ । ଠିକ୍ ସିମିତି ଅଛି ଜାଗାଟା—ଟିକିଏ ପରିଷ୍କାର ପରିଚ୍ଛନ୍ନ ହୋଇଛି; କିନ୍ତୁ ଗାଡ଼ିଗୁଡ଼ା ସେଇ ପୁରୁଣା ଗ୍ରେଟ ଗ୍ରେଟ ପେଟ୍ରୋଲ ବାସ୍ । ସିମିତି ଭିଡ଼ ଯାତ୍ରୀଙ୍କର । ବଢ଼ିଛି ବରଂ ଭିଡ଼ଟା । ଲୋକଗୁଡ଼ା କିନ୍ତୁ ବେଶ୍ ଭଦ୍ର ହୋଇଛନ୍ତି, ଲୁଗାପଟା ଦରରୁ ଅନ୍ତତଃ ଅନେକେ ତାର ପର ପଶ୍ଚିମା ପୋଷାକ ପିନ୍ଧିଛନ୍ତି । ଅନେକଙ୍କ ମୁହଁରେ ସିଗ୍ରେଟ । ଖୁସିହେଲା ଶଙ୍କର ।

ତା'ର ଚେହେରା ଏବଂ ବାକ୍ସ ଉପରେ ନାନାରଙ୍ଗର ଲେବେଲ ଦେଖି ବାସ୍‌ବାଲା ଟିକଟ ଗୋଟାଏ ଦେଲା ଆଗ ସିଟ୍‌ର । ବାସ୍ ଛାଡ଼ିବାକୁ ଡେରି ଅଛି । କୁଲିଙ୍କୁ ପଇସା ଦେଇ ଆଗେଇ ଗଲା ଶଙ୍କର । ଦଶବର୍ଷ ପରେ ସେ ଆଜ ପାଦ ଦେଲା କଟକରେ । କେତେ ପାଣି ବୋହି ଗଲାଣି ମହାନଦୀରେ । କେତେ ବଦଳି ଯାଇଥିବ କଟକ । ଫେରିବାଲାଠୁଁ ଓଡ଼ିଆ କାଗଜ କିଣିଲା । ସବୁ କାଗଜରୁ ଖଣ୍ଡେ ଖଣ୍ଡେ । ପଢ଼ିଲା ଶିରୋନାମାଗୁଡ଼ା । ହାତରେ ଓଜନ କରି ଅନୁମାନ କଲା । ରୂପରେ ନ ହେଉ ଓଜନରେ ବଢ଼ିଛି । ଛବିଗୁଡ଼ା କଳାହୋଇ ଯାଇନି, ବୁଝା ପଡୁଛି । ଫେରିଗଲା ବାସ୍‌କୁ । ସମସ୍ତ ଡ ହେଲା ଆସି ।

ବାସ୍ ଚାଲିଲା । ଆଗ ସିଟ୍‌ରେ ସେ ଓ ଆଉଜଣେ ଭଦ୍ରଲୋକ । ସରକାରି କର୍ମଚାରୀ—ଗଳ୍ପରେ ବାହାରିଛନ୍ତି । ଅନବରତ ସିଗ୍ରେଟ ଟାଣୁଛନ୍ତି ଏବଂ ପାନ ଚୋବାଉଛନ୍ତି । ଗାଡ଼ି ଆଗେଇ ଚାଲିଛି ମନ୍ଥର ଗତିରେ । ସହର ତଳି ଛାଡ଼ି ମଫସଲ ରାସ୍ତା ଧରିଲା । ଦୁଇ ପାଖର ଧାନବିଲରେ ପରିପକ୍ୱ ଶସ୍ୟ । କେତେ ଜାଗାରେ ଧାନ କଟା ସରିଲାଣି ।

Digitized by srujanika@gmail.com

"ଏ ବର୍ଷ ଧାନଟା ବେଶ ଭଲ ହୋଇଛି ।" ସରକାରୀ କର୍ମଚାରୀ କଥା-ବାର୍ତ୍ତାର ସୂତ୍ରପାତ କଲେ ।

ଶଙ୍କର ବାହାରକୁ ଅନେଇ ଅନ୍ୟମନସ୍କ ହୋଇ ବସିଥିଲା । କଥା ଶୁଣି ଘୂରି ବସିଲା ।

"ମୋତେ କିଛି କହିଲେ ?"

"ହଁ କହୁଥିଲି, ଏଥର ଶସ୍ୟ ସମ୍ଭାବନା ଭଲ ।"

"ଏଁ ହଁ— ।

"ଆପଣ କେତେଦୂର ଯିବେ ?" ପଚାରିଲେ କର୍ମଚାରୀ ।

"ମୁଁ ଯିବି ରାଣୀଶାସନ ।"

"ଆପଣଙ୍କ ଘର କ'ଣ ସେଇ ଗାଁରେ ?"

"ଏଁ, ହଁ ।"

"ରାଣୀଶାସନ ମୁଁ ଦେଖିଛି ବାହାରୁ । ଭିତରକୁ ଅବଶ୍ୟ କେବେ ଯାଇନି । ଶୁଣିଛି ବଡ଼ ବ୍ରାହ୍ମଣ ପଲ୍ଲି । ପୁରୁଣା ବସ୍ତି ।"

ଶଙ୍କର ଚୁପ୍‌କରି ଶୁଣିଗଲା ।

ବାଟରେ ଗୋଟାଏ ଜାଗାରେ ରହିଲା ଗାଡ଼ି । ଚାରିଆଡ଼େ ଅନେକ ଗୁଡ଼ାଏ ଦୋକାନ । ବଜାର ବସିଛି ପଲପଲବାର । ମନେ ପଡ଼ିଲା ଶଙ୍କରର । ଏଇ ଜାଗାଟା ନାଁ କନ୍ଦରପୁର । ଦଶବର୍ଷ ଆଗେ ଏ ଜାଗାଟା ଚ୍ଛୋଟ ଥିଲା । ଏତେ ଘରଦ୍ୱାର ଦୋକାନପଣ ନ ଥିଲା । ଛକ ଜାଗା, ଦ'ପଟେ ଦ'ଟା ସଡ଼କ । ଗୋଟାଏ ତାଙ୍କ ଗାଁ ଆଡ଼କୁ ଯାଇଛି, ଅନ୍ୟଟା ଯାଇଛି ପୂର୍ବଦିଗକୁ । ଗାଡ଼ିରୁ ସବୁ ଯାତ୍ରୀ ଓହ୍ଲେଇ ଗଲେ । ସେଇ ସରକାରୀ କର୍ମଚାରୀ ମଧ୍ୟ ଓହ୍ଲେଇବାକୁ ଲେଉଟିଲେ । ବାଧ୍ୟ ହୋଇ ଶଙ୍କରକୁ ଓହ୍ଲେଇବାକୁ ପଡ଼ିଲା, ତାଙ୍କୁ ବାଟଦେବା ପାଇଁ । କର୍ମଚାରୀ ଭଦ୍ରଲୋକ ଏଥର ଭଲକରି ଶଙ୍କରକୁ ଦେଖିଲେ । ଦାମୀକା ଗରମ ସୁଟ ପିନ୍ଧିଛି ସେ । କୋଟ ତଳେ ଅତି ସୁନ୍ଦର ସୁଏଟର ଗୋଟାଏ । ମୁଣ୍ଡରେ ଟୋପି । ଓଭରକୋଟଟା ପଡ଼ିଛି କାନ୍ଧରେ । କର୍ମଚାରୀ ଭଦ୍ରଲୋକ କ'ଣ ଭାବିଲେ କେଜାଣି, ଡାକିଲେ ।

Digitized by srujanika@gmail.com

"ଆସନ୍ତୁ, ଚା ଖିଆଯାଉ ।"

ଟିକଏ ଇତସ୍ତତଃ ହେଲା ଶଙ୍କର, "ଆଚ୍ଛା, ଚାଲନ୍ତୁ ।"

ଗୋଟାଏ ଜଳଖିଆ ଦୋକାନ ଆଗକୁ ଆସି ବସ୍ତାବ କଲେ କର୍ମଚାରୀ, "ଦିଟା ସ୍ପେଶାଲ ଚା ଦିଅ ।"

ଶଙ୍କରଆଡ଼କୁ ଚାହିଁ ପଚାରିଲେ, "ଆଉ କିଛି ଖାଇବେ ?"

"ନା, ନା, ଆଉ କିଛି ନା । ଧନ୍ୟବାଦ ।" ଶଙ୍କର କହିଲା ।

ଦୋକାନ ଏ ଦିଜଣଙ୍କୁ ଦେଖି ଖୁବ୍ କୃତାର୍ଥ ହେଲା ଭଳି ଭିତର ବସିଥିବା ତିଶ ଚୌକିଟା ବଢ଼େଇ ଦେଲା । ତାକୁ ମନା କରି ମୁହଁ ବୁଲେଇଲା ଶଙ୍କର ରାସ୍ତା ଆଡ଼କୁ । ଦେଖିଲା ଜଣେ ବୁଢ଼ା ପଚ ଠୁଙ୍ଗାରେ ଜଳଖିଆ ଖାଉଛି ଓ ତା' ଆଡ଼କୁ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଛି । ଅବସ୍ଥାଟା ଅପ୍ରୀତିକର । ଶଙ୍କର ପୁଣି ମୁହଁ ଏ ପଟକୁ ବୁଲେଇଲା ବେଳକୁ ଧୂଆଁଇତ ଏକ ଚା ଗ୍ଲାସ ତା ଆଡକୁ ବଢ଼େଇ ଦେଲେ ତା'ର ସଙ୍ଗୀ । ତା'ପରେ ସିଗ୍ରେଟ ପେକେଟ ମଧ୍ୟ ବଢ଼େଇ ଦେଲେ । ଶଙ୍କର ନିଜ ପକେଟରୁ କାଢ଼ିଲା ତା'ର ସିଗ୍ରେଟ । ଗୋଟିଏ ଚକଚକିଆ ଧାତବ ପେଡ଼ି । ଖୋଲା ହେବାରୁ ଦେଖାଗଲା ଗୋଟାଏ ପାଖରେ ଅନେକ ଗୁଡ଼ାଏ ସିଗ୍ରେଟ ସଜା ହୋଇଛି । ସରକାରୀ କର୍ମଚାରୀଙ୍କ କୁଣ୍ଠା ଦେଖି ଶଙ୍କର କହିଲା—'ନିଅନ୍ତୁ' । ତା'ପରେ ନିଜେ ଗୋଟାଏ ଟେକିନେଇ ମୁହଁରେ ଲଗେଇଲା । ବାହାରକଲା ଲାଇଟର । ଦି'ଜଣ ସିଗ୍ରେଟ ଲଗେଇ ଧୀରେ ଧୀରେ ଚା ଶୋଷଣ କଲେ । ଶଙ୍କର ପୁଣି ପଡ଼ିବାରୁ ଦେଖିଲା ସେହି ଲୋକଟା, ଏଥର ପାଖରେ ଆସି ଠିଆ ହୋଇ, ତାକୁ ଆଗ୍ରହର ନିରୀକ୍ଷଣ କରୁଛି । ଅତି ସାଧାରଣ ଲୋକ । ଧୋତି ଉପରେ ସାଗୁଆ ରଙ୍ଗର ଚାଦରଟିଏ ଘୋଡ଼ି-ହୋଇଛି । କାନ ଦିଟାକୁ ଢାଙ୍କିବାକୁ ବାନ୍ଧିଛି ଗୋଟାଏ ଗାମୁଛା ମୁଣ୍ଡରେ । କର୍ମଚାରୀ ଭଦ୍ରଲୋକ ପଚାରିଲେ—'କଣ କହୋ, କଣ ଦେଖୁଛ ?' 'ନାହିଁ ଆଜ୍ଞା, ଏହି ସାହାବଙ୍କୁ ଦେଖୁଥିଲି ।' ଏତିକି କହି ଲୋକଟା ଗଲା ଗୋଟାଏ ପାନ ଦୋକାନ ଆଡ଼କୁ ।

ଚା ଖାଇ ସାରିଲାବେଳକୁ ଦେଖାଗଲା, ସେମାନଙ୍କ ବାସ୍‌ର ଡ୍ରାଇଭର ଯାଇ ଗାଡ଼ିରେ ବସିଲାଣି । ଯାତ୍ରୀ ବି ଉଠିଲେଣି ଗାଡ଼ିରେ । ଏମାନେ ମଧ୍ୟ ଯାଇ ଗାଡ଼ିରେ ବସିଲେ । କର୍ମଚାରୀ ଜଣକ ପଚାରିଲେ—"ଆପଣ କଣ ବିଦେଶରୁ ଆସୁଛନ୍ତି ?"

Digitized by srujanika@gmail.com

ଅଳ୍ପ ଟିକଏ ହସି ଶଙ୍କର ସମ୍ମତି ଜଣେଇଲା ।

ପୁଣି ବାସ୍ ଚାଲିଲା । କୌତୂହଳୀ ସରକାରୀ କର୍ମଚାରୀ ମୁହଁରୁ ଧୂଆଁ କାଢ଼ି ପୁଣି ପଚାରିଲେ—"ଆପଣ ଯେ ଚାଣୀଶାସନ ଯାଉଛନ୍ତି, ଏକଥା ଆଗରୁ କଣ ଜଣେଇ ନାହାନ୍ତି ?"

"ନାଁ ।"

ଗାଡ଼ି ଚାଲିଥାଏ ଧୂଳି ଉଡ଼େଇ । କେନାଲ କୂଳେ କୂଳେ ସଡ଼କ । ଘାଟରେ ଲୋକେ ଗାଧୋଉଛନ୍ତି । ବାଟରେ ଚାଲିଛନ୍ତି ଲୋକେ ପାଦରେ, ସାଇକେଲରେ । ଦିଟା ମୋଟର ଟ୍ରକ ଏମାନଙ୍କୁ ପାରେଇ ଚାଲିଗଲା, ପଛରେ ବୋଝେଇ ହୋଇଛି ଝୋଟ । ଗୋଟାଏ ବଳଦଗାଡ଼ି ହଠାତ୍ ଚମକି ଚଢ଼ିଗଲା କେନାଲ ବନ୍ଧ ଉପରକୁ । ବାସ୍‌ଯାକ ଯାତ୍ରୀ ହଁ ହଁ କରି ଉଠିଲେ ।

ବଳଦଗାଡ଼ିଟା ଆସ୍ତେ ଆସ୍ତେ ଓହ୍ଲେଇ ଆସିଲା ସଡ଼କକୁ ।

"ଆପଣଙ୍କ ଘର ଚାଣୀଶାସନ କହିଲେ ନା ?" କର୍ମଚାରୀ ପ୍ରଶ୍ନ କଲେ ।

"ହଁ ।"

"କାହାଘର କୁହନ୍ତୁନା ?"

"ବାମଦେବ ଶତପଥୀ ।"

"ଓ, ହେଡମାଷ୍ଟର ଥିଲେ ଯେ ? ସେ ଆପଣଙ୍କର କଣ ହୁଅନ୍ତି ?"

"ବାପା ।"

ପଛରୁ ହଠାତ୍ ଗୋଟିଏ ଯାତ୍ରୀ ହାଉ ହାଉ କରି ଉଠିଲା—"ଏ ଡ୍ରାଇଭର ବାବୁ, ଗାଡ଼ି ବନ୍ଦକର, ବନ୍ଦକର ।" ସମସ୍ତେ ଉଦ୍‌ଗ୍ରୀବ ହୋଇ ଅନେଇଲେ ତା ଆଡ଼କୁ । ଠିକ ଶଙ୍କରର ପଛଆଡ଼ ସିଟରେ ବସିଛି ସେ ବୃଦ୍ଧ ଏବଂ ଚିତ୍କାର କରୁଛି, "ବନ୍ଦକର, ବନ୍ଦକର ।" ଡ୍ରାଇଭର ବିରକ୍ତ ହୋଇ ଗାଡ଼ି ବନ୍ଦ କଲା । ସେଇ ଲୋକଟି ଓହ୍ଲେଇ ଆସିଲା ଏବଂ ଶଙ୍କରର ବସିଥିବା ଜାଗାରେ ଦୁଆରଟା ଖୋଲି ପକେଇ ତାର ଆଣ୍ଠୁ ଦିଟା ଦି ହାତରେ ଭିଡ଼ିଧରି କହିଲା, "ବୁଢ଼ାବାବୁ । ତୁମେ ଠିକ ବୁଢ଼ାବାବୁ । ମୁଁ ଜାଣିଥିଲି । କଟକରୁ ତୁମକୁ ଜଗା କରିଛି । ଦଶବର୍ଷ ପରେ ଫେରିଲ । ମତେ ଚିହ୍ନି ପାରୁନ ? ମୁଁ ସିଙ୍ଘ ।"

Digitized by srujanika@gmail.com

ଗାଡ଼ିଯାକ ଲୋକ ତଟସ୍ଥ । କଥା କଣ ? କିଏ ଏ ? ଦଶବର୍ଷ ପରେ ଗାଁକୁ ଫେରୁଛନ୍ତି । ଏ ଲୋକ ପୁଣି କିଏ ? ସମସ୍ତେ ଅନେଇଛନ୍ତି ଏମାନଙ୍କୁ । ଶଙ୍କର ଗାଡ଼ିରୁ ଓହ୍ଲେଇବାକୁ ଖୋଜିଲାରୁ ସିଙ୍ଗ ତାକୁ ଟେକିନେଇ ତଳେ ଠିଆ କରିଦେଲା । ଶଙ୍କର ବୁଝିଲା, ଏଇ ସିଙ୍ଗ, ଗାଁରେ ବାପାଙ୍କର ସବୁଠୁ ବିଶ୍ୱସ୍ତ ଚାକର ଥିଲା । କି ଅସମ୍ଭବ ଶକ୍ତି ଥିଲା ତାର ଯୌବନରେ । ବିବ୍ରତ ସିଙ୍ଗକୁ କହିଲା—"ଏ କଣ କରୁଛ ସିଙ୍ଗ, ବାଟରେ । ଗାଁକୁ ଚାଲ । ଯାଅ ବସ ଯାଇ ଗାଡ଼ିରେ । ମୁଁ ତ ଯାଉଛି ।" ସିଙ୍ଗ ଏଥର ଏକାବେଳକେ ଶାନ୍ତ । ହସ ହସ ମୁହଁରେ ଯାଇ ବସିଲା ନିଜ ଯାଗାରେ । ଶଙ୍କର ଆସି ବସିଲାରୁ ପୁଣି ଗାଡ଼ି ଚାଲିଲା ।

"ଆପଣ ଦଶବର୍ଷ ବିଦେଶରେ ଥିଲେ ?" ପ୍ରଶ୍ନକଲେ ସରକାର କର୍ମଚାରୀ । ମୁଣ୍ଡହଲେଇ ସମ୍ମତି ଜଣେଇଲା ଶଙ୍କର ।

"କେଉଁଠି ଥିଲେ, ଷ୍ଟେଟସ୍‌ରେ ?"

ଏଥର ହସିଲା ଶଙ୍କର । ଷ୍ଟେଟସ୍ । ଆମେରିକାକୁ ଆଜିକାଲି ଲୋକେ ଷ୍ଟେଟସ୍ କହୁଛନ୍ତି ।

"କଣ କରୁଥିଲେ ସେଠି ? ଚାକିରି ?"

"ହଁ ।" ମୁହଁ ବୁଲେଇ ବାହାରକୁ ଚାହିଁଲା ଶଙ୍କର । ମୋଟରର ଘର୍ଘର ଶବ୍ଦ ସତ୍ତ୍ୱେ ସେ ଶୁଣୁଥାଏ ପଛ ସିଟରେ ସିଙ୍ଗ ତାର ଘରଛାଡ଼ି ପଳାୟନ ଓ ଦଶବର୍ଷର ଅନୁପସ୍ଥିତି ନେଇ ସାଙ୍ଗ ଯାତ୍ରୀଙ୍କ କୌତୂହଳ ନିବୃତ୍ତ କରୁଛି ।

ଗାଡ଼ି ରାଣୀଶାସନ ପହଞ୍ଚିଲା । ଆଗ ଓହ୍ଲେଇଲା ସିଙ୍ଗ । ତା ଗୋଡ଼ ତଳେ ଲାଗୁ ନଥାଏ । ଶଙ୍କର ଓହ୍ଲେଇଲାରୁ ତା କାନ୍ଧରୁ ଓଭରକୋଟଟା ନେଇ ନିଜ କାନ୍ଧରେ ପକେଇଲା ।

"କଣ ମାଲ ଅଛି ?"

ଶଙ୍କର ଅନେଇଲା ଉପରକୁ । ସାହାଯ୍ୟକାରୀ କର୍ମଚାରୀ ସେତେବେଳକୁ ଚଢ଼ି ସାରିଲାଣି ଗାଡ଼ି ଉପରକୁ । ସେ ବି ଶୁଣିଛି ଶଙ୍କରର ଗଳ୍ପ । ଏଇ ମାଲଗାଡ଼ି ଉପରେ ରଖିଲାବେଳୁ ସେ ବୁଝିଛି, ଏ ଜଣେ ବିଶିଷ୍ଟ ବ୍ୟକ୍ତି । ବଢେଇ ଦେଲା ସେ ସିଙ୍ଗକୁ ଦିଟା ବଡ଼ ବଡ଼ ସୁଟକେଶ, ଗୋଟିଏ ବିଛଣା । ଗୋଟାଏ ଲମ୍ବା ଆଲୁମିନିୟମର ବାକ୍ସ ।

Digitized by srujanika@gmail.com

'ବାକ୍‌ସଟା ଭାରି' କହିଲା ସେ ଉପରୁ-'ସାବଧାନ, ବହୁତ ଓଜନ ।'

ସିଂହ ସମ୍ଭାଳି ପାରିବ ନ ପାରିବ, ଶଙ୍କର ଆଗେଇ ଆସିଲା ତାକୁ ସାହାଯ୍ୟ କରିବ ବୋଲି । ସିଂହ ସେତେବେଳକୁ ଧରି ସାରିଲଣି ଗୋଟାଏ ପାଖ ଓ ଅନୁମାନ କଲାଣି ଓଜନଟା । ଶଙ୍କରକୁ ଠେଲିଦେଲା ସେ ।

"ମୁଁ ବୁଢ଼ା ହୋଇ ଗଲିଣି ବୁଢ଼ାବାବୁ । ହେଲେ ଓହ୍ଲେଇ ପାରିବି ।"

ଶଙ୍କର ହସି ପୁଚ୍ଛିଲା । ଧୀରେ ଧୀରେ ସମସ୍ତ ଶକ୍ତି ଖରଚ କରି ସିଂହ ବାକ୍‌ସକୁ ତଳକୁ ଆଣିଲା । ତା ମୁହଁରେ ବିନ୍ଦୁ ବିନ୍ଦୁ ଝାଳ, ସେଇ ଡିସେମ୍ବରର ଶୀତରେ ।

"କଣ ଅଛି ଏଥିରେ ବୁଢ଼ାବାବୁ ?"

"ସୁନା ।" ହସି ଉତ୍ତର ଦେଲା ଶଙ୍କର ।

"ସତରେ ଭାରି ଓଜନ ବାକ୍ସଟା ।"

"କଣ ଅଛି ଭିତରେ ।" ପଚାରିଲେ କର୍ମଚାରୀ । ସେ ବି ଓହ୍ଲେଇ ଆସିଛନ୍ତି ତଳକୁ ତା ପଛେ ପଛେ ।

"ବହି ।" ପକେଟରୁ ଟଙ୍କା କାଢ଼ି ଦେଲା ଶଙ୍କର ସେଇ ବାସ୍‌ର କର୍ମଚାରୀଟିକୁ, ଯେ ତାର ମାଲ ଓହ୍ଲେଇ ଦେଲା । ସେ ନମସ୍କାର କଲା ।

"ମୋ ନା ବ୍ରଜସୁନ୍ଦର ନାୟକ । ମୁଁ କୃଷିବିଭାଗରେ କାମ କରେ । ଆଗରେ ତିନି ମାଇଲ ଗଲେ ଗୋଟାଏ ବଙ୍ଗଳା ଅଛି । ସେଠି ରହିବ ଦୁଇ-ତିନି ଦିନ ।"

"ସମୟ କରି ଆସିବେ ।" ନିମନ୍ତ୍ରଣ ଜଣେଇଲା ଶଙ୍କର ।

ବାସ୍ ଛାଡ଼ିବାର ଉପକ୍ରମ କଲା । ଜିନିଷଗୁଡ଼ା ଦେଖିନେଲା ଶଙ୍କର । ସବୁ ଠିକ୍ ଅଛି । ବାସ୍ ଆଡ଼କୁ ଅନେଇଲା ସେ । ସବୁ ଯାତ୍ରୀଙ୍କ ପ୍ରଶଂସମାନ ଦୃଷ୍ଟି ତା ଉପରେ । ନମସ୍କାର ଜଣେଇଲେ ବ୍ରଜସୁନ୍ଦର । ବାସ୍ ଛାଡ଼ିଗଲା ।

Digitized by srujanika@gmail.com

ଛନ

ଗାଁ ଭିତରକୁ ଗ୍ଭଲିଲା ଶଙ୍କର ଏକ ପଟୁଆରରେ । ଆଗରେ ସିଙ୍ଗ, ଗୋଟାଏ ହାତରେ ଧରିଛି ଶଙ୍କରର ବେଲ୍‌ଟ, ଅନ୍ୟ ହାତରେ ତାର ନିଜର ଗୋଟାଏ କଲାମୁଣି । କାନ୍ଧରେ ପଡ଼ିଛି ଶଙ୍କରର ଓଭରକୋଟ । ତା ପଛରେ ଗ୍ଭରିଜଣ ବୋହୁଛନ୍ତି ଶଙ୍କରର ଜିନିଷ । ସମସ୍ତଙ୍କ ପଛରେ ଶଙ୍କର । ପାଖ ବିଲରୁ ଧାନ କାଟୁଥିବା ସ୍ତ୍ରୀ ପୁରୁଷ କାମ ବନ୍ଦକରି ଅନେଇ ରହିଲେ ଏହି ପଟୁଆର ଆଡ଼କୁ । ଗାଁ'ମୁଣ୍ଡ ପୋଖରୀରେ ଗାଧୋଉଥିଲେ ସ୍ତ୍ରୀ-ପୁରୁଷ-ପିଲା । ସେମାନଙ୍କ ଗାଧୁଆ ବନ୍ଦ ହୋଇଗଲା । ସ୍ତ୍ରୀ ଲୋକମାନେ ଲୁଗା ସଜାଡ଼ିନେଲେ । ଦୁଇଜଣ ଗ୍ରାମବାସୀ ସିଙ୍ଗକୁ ଆଗରେ ଯାଉଥିବାର ଦେଖି ଆଶ୍ଚର୍ଯ୍ୟ ହେଲେ । ସେ ସିଂହବିକ୍ରମରେ ଆଗେଇ ଗ୍ଭଲିଛି । କିଏ ଜଣେ ସିଙ୍ଗକୁ କିଣ ପଗ୍ଭରିଲା । ସିଙ୍ଗ ଜବାବ ଦବାର ଆବଶ୍ୟକତା ଅନୁଭବ କଲା ନାହିଁ ।

ଶଙ୍କରର ପଟୁଆର ଏଥର ଗାଁ ଦାଣ୍ଡରେ । ଅନେଇ ଦେଖିଲା ଶଙ୍କର । ଘରଗୁଡ଼ା ବେଶ୍ ଭଲ ଦିଶୁଛି । ଗୋଟେ ଦିଟା ପକ୍‌କା ହୋଇଛି । କାହାର ଟିଣ ଛପର । ତାଙ୍କ ଘର ପକ୍‌କା ହୋଇଛି । ବେଦିଟା ଠିକ୍ ସେଇଠି ଅଛି । ତାର ଛପର କିନ୍ତୁ ଟିଣର । ଦାଣ୍ଡପିଣ୍ଡାଟା ଖୁବ୍ ଓସାରିଆ । ଦେଖି ପଡ଼ୁଛି ଗୋଟାଏ, ଗୋଟାଏ କେନଭାସର ଚୌକି । କାଠଖଟ ବି ଗୋଟାଏ ।

ଦାଣ୍ଡ ଦୁଆରେ ପହଞ୍ଚି ଚିତ୍କାର କରି ଉଠିଲା ସିଙ୍ଗ—"ବାବୁ, ମା' ଜଲଦି ଆସ । କିଏ ଆସିଛନ୍ତି ଦେଖ ।"

ସେ ଚିତ୍କାର ଏତେ ଯୋରରେ କଲା ଯେ ପଡ଼ିଶାଘରୁ ଲୋକ ବାହାରି ଆସିଲେ । ତାଙ୍କ ଘରୁ ଗୋଟିଏ ପିଲା ବାହାରିଲା ପାଞ୍ଚ ଛ'ବର୍ଷର । ସୁନ୍ଦର ପିଲାଟା । ଗୋଟାଏ ନାଲି ପେଣ୍ଟ ଓ ଧଳା ଶାର୍ଟ ପିନ୍ଧିଛି । ତା ଉପରେ ସ୍ୱେଟର । ତାକୁ ଦେଖି ସିଙ୍ଗ ପୁଣି ପାଟିକଲା—"ଆରେ ଅଜା ଆଈଙ୍କୁ ଡାକ ।"

"ଅଜା ବିଲକୁ ଯାଇଛନ୍ତି । ଆଈ ରାନ୍ଧୁଛି ।" କହିଲା ପିଲାଟା । ତା'ପରେ ଦିଶିଲା ଏକ ନାରୀର ଗୁମ୍ଫାମୂର୍ତ୍ତି । ମୁଣ୍ଡରେ ଓଢ଼ଣା ଟାଣି କବାଟ କଣରେ ଆସି ଠିଆ ହେଲେ ।

"ମା" ଗର୍ଜିଉଠିଲା ସିଙ୍ଗ । ପାଖରେ ଠିଆ ହୋଇଥିବା ଶଙ୍କରକୁ ଟାଣି ଆଣି ଆଗରେ ଠିଆକରି କହିଲା—"ଚିହ୍ନି ପାରୁଛ ?"

Digitized by srujanika@gmail.com

ଚଟପଟ ମୁଣ୍ଡରୁ ଟୋପି ଓ ଗୋଡ଼ରୁ ଯୋତା ଖୋଲି ଆଗେଇଗଲା ଶଙ୍କର । ପ୍ରଣିପାତ କଲା । ଠିଆହୋଇ କହିଲା—"ବୋଉ, ମୁଁ ବୁଢ଼ା ।"

ଭଦ୍ରମହିଳା ବିଶ୍ୱାସ କଲେ ନାହିଁ । ଓଢ଼ଣା ଭିତରେ ଭଲକରି ଚାହିଁଲେ । ଏଇ ତାଙ୍କର ବୁଢ଼ା । ସତେଇଶ ବର୍ଷର ଦିବ୍ୟସୁନ୍ଦର ଯୁବକ । ସାହେବ ପରି ଚେହେରା, ବେଶ ପୋଷାକ । ମୁହଁରେ ଝଲ ଝଲ କରୁଛି ହସ, ଆଖିରୁ ଝରୁଛି ଦୁଇଧାର ଲୁହ । "ବୁଢ଼ା, ତୁ ବୁଢ଼ା । ବାପା ମୋର ।" ଆଗେଇ ଆସି କୁଣ୍ଢେଇ ପକେଇଲେ ପୁଅକୁ । ତା'ପରେ କି କାନ୍ଦ, କି କୋହ, କି ଅବଶୋଷ । ଟାଣି ନେଇଗଲେ ଭିତରକୁ । ଅଗଣାରେ ଠିଆ କଲେ ଶଙ୍କରକୁ । ତା ଆଗରେ ଠିଆ ହୋଇ ଦେଖିଲେ ତାକୁ ଭଲକରି । ତା ମୁଣ୍ଡରେ, କପାଳରେ, ଗାଲରେ ହାତ ବୁଲେଇଲେ । ପୁଣି ଜାକି ଧରିଲେ ଛାତିରେ । ପୁଣି କାନ୍ଦଣା । ଅବିଶ୍ରାନ୍ତ ସେ ଅଶ୍ରୁ । ଅସଂଖ୍ୟ ଚୁମ୍ବନ ଆଙ୍କିଦେଲେ ପୁଅର ଗାଲରେ କପାଳରେ । ଘର ଭିତରକୁ ପଶିଯାଇ ଶଙ୍ଖ ଆଣି ଫୁଙ୍କିବାକୁ ଲାଗିଲେ । ଶଙ୍କରକୁ ଟାଣି ନେଇଗଲେ ଠାକୁରଘରକୁ । କହିଲେ—"ପ୍ରଣାମ କର ।" ସୁନା ପିଲାଟିପରି ଶଙ୍କର ଆଣ୍ଠୁମାଡ଼ି ପ୍ରଣାମ କଲା । ଉଠି ଠିଆହୋଇ ଦେଖିଲା-ବେଳକୁ ତାଙ୍କ ଘର ନାରୀ ଆଉ ଶିଶୁରେ ପରିପୂର୍ଣ୍ଣ । ତା ବୋଉ ସିଙ୍ଗକୁ କହିଲେ—"ବାବୁ ବିଲକୁ ଯାଇଛନ୍ତି । ଶୀଘ୍ର ଖବର ଦିଅ ସିଙ୍ଗ ।" ସିଙ୍ଗ ଚାଲିଗଲା । ଶଙ୍କର ତାର ମାଲ ବାହକମାନଙ୍କୁ ମଜୁରି ଦେଲା ।

ବୋଉ ଆସି ଟାଣିନେଇ ବସେଇଲେ ଗୋଟାଏ ଚୌକିରେ । ତାର କୋଟ ଖୋଲିଦେଲେ । ସୁଏଟର ଖୋଲିବାକୁ ଯାଇ କହିଲେ—"ଏଥିରେ ବୋତାମ କାହିଁରେ ?"

ଝପ ଖୋଲି ଶଙ୍କର ସୁଏଟର କାଢ଼ିଦେଲା । ଆଗେଇ ଆସିଲେ ନାରୀ ଓ ଶିଶୁର ଦଳ । ସେଇ ପିଲାଟି, ଯାହାକୁ ସେ ପ୍ରଥମ ଦେଖିଥିଲା, ସେ ନିର୍ବାକ ହୋଇ ଚାହିଁଥାଏ ଶଙ୍କରକୁ । ମୁଣ୍ଡର ବାଳଗୁଡ଼ା କହରିଆ, ଏଇ ଲୋକଟି କିଏ ଯାହାକୁ ଆଈ ଏତେ ଆଦର କରୁଛି । ଇଏ କଣ ବଡ଼ମାମୁଁ ? ଯାହାଙ୍କ କଥା ଶୁଣିଛି ସେ ମା, ବାବା, ଅଜା, ଆଈ ସମସ୍ତଙ୍କ ପାଖରୁ । ଏଇ କଣ କାହାଣୀର ସେଇ ରଜାପୁଅ । ପକ୍ଷୀରାଜ ଘୋଡ଼ାରେ ଚଢ଼ି ଅଗନା ଅଗନା ବନସ୍ତରେ ଯାଉଁ ଯାଉଁ ହଜି ଯାଇଥିଲେ ।

"ଜେଠେଇଙ୍କୁ ନମସ୍କାର କର ବୁଢ଼ା । ଏ ଖୁଡ଼ି, ଏ ମାଉସୀ, ଏ ମାଈଁ ।" ସମସ୍ତଙ୍କୁ ନମସ୍କାର କଲା ଓ ସମସ୍ତେ ତାର ଚିବୁକ ଧରି ଆଶୀର୍ବାଦ କଲେ ।

Digitized by srujanika@gmail.com

ତଥାପି ରହିଗଲେ ଅନେକେ । କନ୍ୟା ଆଉ ବଧୂ । ସଲଜ୍ଜ ଓ ସପ୍ରଂଶସ ଦୃଷ୍ଟି ତାଙ୍କ ଆଖିରେ ସବୁ । ତାଙ୍କ ଆଖିରେ ବିସ୍ମୟ ଏବଂ କୌତୂହଳ । ଶଙ୍କରର ଯେମିତ ମନେ ହେଲା ଏଥି ଭିତରୁ ଗୋଟିଏ ଝିଅକୁ ସେ ଚହ୍ନେ; କିନ୍ତୁ ସ୍ୱେତ, କଣ ବିଧବା । ଶାଢି ପିନ୍ଧିଛି କିନ୍ତୁ ଆଉ କିଛି ଆଭରଣ ନାହିଁ ।

ବାପା ଆସି ପହଞ୍ଚିଲେ । ନାସ୍ତାନଳ ପଛେଇ ଗଲେ ବାପାଙ୍କୁ ଦେଖି । ସେଇ ସୌମ୍ୟଗମ୍ଭୀର ମୂର୍ତ୍ତି । ମୁଣ୍ଡର ବାଳ ପ୍ରାୟ ସବୁ ଧଳାହୋଇ ଯାଇଛି । ଦେହର ରଙ୍ଗ ଉଜ୍ଜ୍ୱଳ ତାମ୍ରବର୍ଣ୍ଣ । ଶଙ୍କର ଚୌକିରୁ ଉଠି ଆଗେଇ ଆସିଲା । ପ୍ରଣାମ କରିବାକୁ ନଇଁ ପଡ଼ୁଥିଲା । ଧରି ପକେଇଲେ ବାମଦେବ ଶତପଥୀ—ଦଶବର୍ଷ ହେଲା ନିରୁଦ୍ଦିଷ୍ଟ ପ୍ରଥମ ସନ୍ତାନକୁ । ଯାହାକୁ ମଣିଷପରି ମଣିଷ କରିବେ ବୋଲି ସ୍ୱପ୍ନ ଦେଖିଥିଲେ ସତର ବର୍ଷ ଧରି ।

"ବୁଢ଼ା ! ଶଙ୍କର !!" ଆନନ୍ଦର ଆତିଶଯ୍ୟରେ ଦୁଇ ଆଖିରୁ ବୋହିଲା ଅଶ୍ରୁ । ସାରା ଦେହରେ ତାଙ୍କର ଏକ ଅଭୂତପୂର୍ବ ଶିହରଣ । ଏ କଣ ସତ ?

"ତୁ ଫେରି ଆସିଲୁ ?" ଶଙ୍କରର ମୁହଁଟାକୁ ଦୁଇହାତରେ ଧରି ହସି ଉଠିଲେ ବାମଦେବ ।

"ଦେଖୁଛ ବୁଢ଼ାବୋଉ ? ବୁଢ଼ା ଫେରି ଆସିଛି । ତୁମେ ବିଶ୍ୱାସ କରୁ ନଥିଲ । ନ ଆସି ଯିବ କୁଆଡ଼େ ?"

ଏଥର ଶଙ୍କର ଆଉ ସମ୍ଭାଳି ପାରିଲାନି । ବାପାଙ୍କ କାନ୍ଧରେ ମୁଣ୍ଡରଖି କାନ୍ଦି ପକାଇଲା ।

"ମୋତେ କ୍ଷମା କରନ୍ତୁ ବାପା । ଯେ ଶାସ୍ତି ଦେବେ ଦିଅନ୍ତୁ ?"

ଶାସ୍ତି ! ଅଶ୍ରୁସଜଳ କଣ୍ଠରେ କହିଲେ ବାପା, "ଆହୁରି ଶାସ୍ତି ?"

କୋହ ସମ୍ଭାଳନେଲେ ତପସ୍ୱୀ ବାମଦେବ । ସ୍ୱାଭାବିକ ଗଳାରେ କହିଲେ—"ତୁମେ ସବୁ ଠିଆହୋଇ ରହିବ ନା, ପୁଅ ଏତେଦିନ ପରେ ଘରକୁ ଫେରିଲା—ତାର ଖିଆପିଆ, ସୁବିଧା, ଅସୁବିଧା—"

"ମରିଯାଏଁ ମୁଁ । ଯାଉଛି" କହି ବୋଉ ତାର ଆଖି ପୋଛି ପୋଛି ଚାଲିଲେ ହାଣ୍ଡିଶାଳ ଆଡ଼କୁ । ସେ ବାପାଙ୍କ ସାଙ୍ଗରେ ପଶିଲା ତାଙ୍କ ଶୋଇବା ଘରକୁ ।

Digitized by srujanika@gmail.com

ଗୃହ

ଆସ୍ତେ ଆସ୍ତେ ନିଦ ଭାଙ୍ଗୁଛି ଶଙ୍କରର । ମନେହେଲା ବହୁଦୂରରୁ ବହୁକଣ୍ଠର ଗୁଞ୍ଜନ ଆସୁଛି । ଆଳସ୍ୟରେ କଡ଼ ଲେଉଟାଇଲା ସେ । ଆଖି ପତାଗୁଡ଼ା ନିଦରେ ଭାରି ହୋଇ ଯାଉଛି । ତକିଆ ଉପରେ କାନରଖି ଶୋଇ ରହିଲା ସେ । ଅର୍ଦ୍ଧଚେତନ ମନଟାକୁ ନେଇ ସେ ଖେଳିଲା । ଲସ୍ ଏଞ୍ଜେଲେସରୁ ହନଲୁଲୁ । ହନଲୁଲୁରୁ ଟୋକିଓ । ତାପରେ ହଂକଂ, ବେଙ୍କକ, ରେଙ୍ଗୁନ, କଲିକତା । ଗୋଟା ପ୍ରଶାନ୍ତ ମହାସାଗରଟା ତା ଆଖି ଆଗରେ ଭାସି ଉଠିଲା ଉଦ୍‌ବେଳ ହୋଇ । ତାର ଇନ୍ଦ୍ରନୀଳ ଦେହରେ ଫୁଟି ଉଠୁଥାଏ ଅସଂଖ୍ୟ ତାରା, ସୂର୍ଯ୍ୟରଶ୍ମିରେ, ଚନ୍ଦ୍ରକିରଣରେ ମଧ୍ୟ ।

ହଠାତ୍ ସେ ବୁଝି ପାରିଲା ଯେ ଗାଁରେ ତାଙ୍କ ଘରେ ସେ ଶୋଇଛି । ଦଶବର୍ଷର ପ୍ରବାସୀ ପୁତ୍ର ଆଜି ପିତା ମାତା ବନ୍ଧୁ କୁଟୁମ୍ବ ସମସ୍ତଙ୍କ ଭିତରକୁ ଫେରି ଆସିଛି । ସେ ନିଜେ ଯେମିତି ଅନୁଭବ କଲା ସେ ଅନନ୍ୟ । ତାର ପୁନରାଗମନରେ ସମସ୍ତେ ଖୁସି । ସେମାନଙ୍କୁ ସେ ଅଦ୍ଭୁତ ଆନନ୍ଦ ଦେବ । ସେମାନଙ୍କ ମନରେ ସଞ୍ଚାର କରିବ ନବଜୀବନର ଆଶା ।

ବିଛଣା ଛାଡ଼ି ଉଠି ବସିଲା ଶଙ୍କର । ଦେହରେ ତାର ଗେଞ୍ଜି ଓ ଧୋତି, ବାପାଙ୍କର । ତାର ବାପା, ଚିରକାଳ କଡ଼ାଲୋକ ବୋଲି ଯାହାଙ୍କର ଖ୍ୟାତି ଥିଲା, ଯାହାଙ୍କୁ ପିଲାବେଳେ ସେ ଭୀଷଣ ଡରୁଥିଲା, ସେ ଆଜି ତାର ଅପ୍ରତ୍ୟାଶିତ ପ୍ରତ୍ୟାବର୍ତ୍ତନରେ ଶିଶୁପରି କାନ୍ଦିଲେ । ତାର ବୋଉ ଯେ କି ସବୁବେଳେ ବାପାଙ୍କ ଶାସନରୁ ତାକୁ ସ୍ନେହଦେଇ ଢାଙ୍କି ରଖିଥିଲେ, ସେ ବିହ୍ୱଳ ହୋଇଗଲେ । ଅଥଚ ଏ ଗ୍ଲାନିକର ପରିସ୍ଥିତି ଭିତରେ, ଦଶବର୍ଷ ଆଗେ, ସେ ଯେତେବେଳେ କଟକ ଛାଡ଼ିଥିଲା—ଗୋଟାଏ ଆତଙ୍କ ତାକୁ ପ୍ରାୟ ଦୁଇବର୍ଷ ଅତିଷ୍ଠ କରିଛି, ବାପା ବୋଉ କଣ ଭାବିଥିବେ ? ତକିଆଟାକୁ ସଜାଡ଼ିବାକୁ ଯାଇ ତାର ହାତ ବାଜିଲା ସିଗ୍ରେଟ୍—କେସରେ । ପାଖରେ ଲାଇଟରଟି ମଧ୍ୟ ଥୁଆ ହୋଇଛି । କିଏ ରଖିଲା ? ବୋଉ ? ସିଗ୍ରେଟ କାଢ଼ି ଲଗେଇଲା ଓ ଧୀରେ ଧୀରେ ଟାଣିବାକୁ ଲାଗିଲା । ପରିବର୍ତ୍ତିତ ପରିବେଶକୁ ଖାପ ଖୁଆଇବାକୁ ହେବ । ଦଶବର୍ଷର ଅଭ୍ୟାସ ଛାଡ଼ିବାକୁ ହେବ । ଆଜି ସେ ଭାତ ଖାଇ ପାରିଲାନି । ଅଥଚ ତା ବୋଉ କେତେ ଯତ୍ନରେ ତରକାରି ସବୁ ରାନ୍ଧିଥିଲେ । ବୋଉ

Digitized by srujanika@gmail.com

ତାର ଯେମିତ, କଣ ସେ ଠାକୁରାଣୀଙ୍କ ନାଁ, ଅନ୍ନପୂର୍ଣ୍ଣା । ଘଣ୍ଟା ଦୁଇ ଭିତରେ ଏତେ ଆୟୋଜନ କେମିତ ଯେ ସମ୍ଭବ ହେଲା, ସେ ବୁଝିପାରିଲା ନାହିଁ । ଅଥଚ ସେ ଯାହା ଖାଇଲା, ସେଥିରେ ବୋଉ ଷୁନ୍ନ ହେଲେ । ବାପା କିନ୍ତୁ ବୁଝିଲେ । "ଏ ଖାଦ୍ୟ ସେ ଅନେକ ଦନୁ ଖାଇନ ବୁଢ଼ା ବୋଉ, ତାର ଅସୁବିଧା ହବତ ।" ବୋଉ ଦୁଃଖ କରି କହିଲେ—"ସେ କଣ ଯେ ଖାଉଥିଲା, ତାଙ୍କୁ କଣ ମୁଁ ରାନ୍ଧି ପାରିବ ?"

ଏଥର ହସି ଉଠିଲେ । ବାପ ପୁଅ । ଶଙ୍କର କୁଣ୍ଠିତ କଣ୍ଠରେ କହିଲା—"ତୁ ବ୍ୟସ୍ତ ହ'ନ ବୋଉ । ଏ ଅମୃତ ମୋର ସ୍ୱପ୍ନ । କିନ୍ତୁ ଜଭିଟା ଏମିତ ଅମାନିଆ ହୋଇଛି ଯେ ତୋ ହାତରନ୍ଧା ଭାତ ଡାଲି ଖାଇବାକୁ ତାକୁ ମଣ କରିବାକୁ ହେବ । ତୁ ଦେଖ, ମୁଁ ତାକୁ ଦନେ ଦୁଇଦନ ଭିତରେ ବାଟକୁ ନେଇ ଆସିବ ।"

ଖୁସି ହୋଇ ବୋଉ ଆହୁରି ଦିଖଣ୍ଡ ମାଛଭଜା ତାକୁ ଯୋର କରି ଖୁଆଇଲେ ।

ଉଠି ଠିଆ ହେଲା ଶଙ୍କର । ଗୋଡତଳେ କଣ ଗୋଟାଏ ନରମ ଜନଷ । ଖୁଣ୍ଟି ଦେଖିଲା— ଯୋଡାଏ ଫୋମ ରବରର ଚଟି । ବାଃ, ଏକୁ କଏ ଆଣି ଏଠି ରଖିଲା ବୁଝି ପାରିଲା ସେ । ଦେବତା ଅଛନ୍ତି ଘରେ । ଚମଡା ଯୋତା ଏଠି ଅଚଳ । ଯୋତାରେ ଅଭ୍ୟସ୍ତ ସେ ଖୁଲିବ କମିତ ? ସୁତରାଂ ଚଟିର ବ୍ୟବସ୍ଥା । କୃତଜ୍ଞତାରେ ସେ ଗଦଗଦ ହେଲା ।

ସେଇ ବଡ ଘରର ଆବଛା ଆଲୁଅରେ ସେ ଦେଖିଲା, ତାର ସମସ୍ତ ଜନିଷପତ୍ର ଏଇଘରେ ସଜଡ଼ା ହୋଇ ରଖା ହୋଇଛି । ତାର କୋଟ, ଓଭରକୋଟ ଟଙ୍ଗାହୋଇଛି ହେଙ୍ଗାରରେ । ପେଣ୍ଟ ସବୁପାଟି କରି ଭାଙ୍ଗ ହୋଇ ଥୁଆ ହୋଇଛି । ଶାର୍ଟଟା ଝୁଲୁଛି ମଶୁରି ବାଡ଼ାରୁ । ଯୋତା ଯୋଡ଼ାକ ରଖା ହୋଇଛି ଖଟତଳେ, ଗୋଡ଼ ଆଡ଼କୁ । ମୋଜାଗୁଡ଼ା ତା ଭିତରେ । ସିଗ୍ରେଟ ଓ ଲାଇଟାରକୁ ତକିଆ ତଳେ ରଖିବାକୁ ଯାଇ, ହାତରେ କଣ ଗୋଟାଏ ବାଜିଲା । ତକିଆ ଉଠେଇ ଦେଖେ ତାର ଭ୍ୟାନିଟି ବ୍ୟାଗ । ଏଭଳି ସବୁପାଟି ତାକୁ ବିସ୍ମିତ କଲା । କିନ୍ତୁ ଏକୁ ସବୁ କଲା କଏ ? ବୋଉ ? ବିଶ୍ୱାସ କଲାନ ଶଙ୍କର । ତାହେଲେ ? କିଛି ବୁଝି ପାରିଲାନ ସେ । ଆଗେଇ ଗଲା କବାଟ ଖୋଲିବାକୁ । ଟାଣିଲା । ବାହାରପଟୁ ବନ୍ଦ । ହଠାତ୍ ଜଞ୍ଜିର ଖୋଲିଗଲା । ଠିଆ ହୋଇଛନ୍ତି ତା ବୋଉ । ଦେହରେ ଅତି ସୁନ୍ଦର ଚନ୍ଦ୍ରକୋଣା ଶାଢ଼ି ଓ ବ୍ଲାଉସ । ମୁଣ୍ଡରେ ସିନ୍ଦୂର ଜଳ ଜଳ କରୁଛି । ଆଖିରେ ପୂର୍ଣ ସ୍ନେହର ଲଳିତ ଗ୍ରୀଷ୍ମା ।

Digitized by srujanika@gmail.com

"ନିଦ ଭାଙ୍ଗିଲା ବାପା ?" ପଚାରିଲେ ବୋଉ । "କିଏ କାଳେ ଗୋଳ-ମାଳ କରିବ ବୋଲି ବାହାରପଟୁ କିଳି ଦେଇଥିଲି କବାଟ ।"

ହଠାତ କିଏ ଗୋଟାଏ ଆସି ମୁଣ୍ଡିଆ ମାରିଲା । ଚାହିଁ ଦେଖିଲା ଶଙ୍କର, ବର୍ଷ ପନ୍ଦର ଷୋହଳର ପିଲାଟିଏ ।

"ମତେ ଚିହ୍ନି ପାରୁନ ଭାଇନା, ମୁଁ ଶମ୍ଭୁ ।"

ଛାତି ଉପରକୁ ଭିଡ଼ି ଆଣିଲା ଶଙ୍କର ତାକୁ । "ଶମ୍ଭୁ, ମାନେ ବଣି ? କିନ୍ତୁ ତୁ ଥିଲୁ କଉଠି ?

"ସେ ମାମୁଁ ଘରକୁ ଯାଇଥିଲା ।" କହିଲେ ବୋଉ ଏଇ ଘଣ୍ଟାଏ ହେବ ଆସିଛି । ତୋ ମାମୁଁ ବି ଆସିଛି, ଉମା ଆସିଛି, ଜୋଇଁ ଆସିଛନ୍ତି । ସେମାନେ ତୋ ବାପାଙ୍କ ପାଖରେ ବସିଛନ୍ତି । ଚାଲ ସେଠିକି ?"

ଆଗେଇ ଚାଲିଲେ ସମସ୍ତେ ବାପାଙ୍କ ଶୋଇବା ଘର ଆଡ଼କୁ । ଉମା ଆସି ପ୍ରଣାମ କଲା । ତାର ସ୍ୱାମୀ ଚନ୍ଦ୍ରଶେଖର ମୁଚକି ହସି ହାତ ବଢ଼େଇଲା । ଶଙ୍କର ଗୋଟାଏ ହାତରେ ଉମାକୁ ଓ ଅନ୍ୟ ହାତରେ ଚନ୍ଦ୍ରଶେଖରକୁ ଟାଣି ଆଣିଲା ନିଜ ପାଖକୁ । ପୁଣି ସେମାନେ ଆଗେଇ ଚାଲିଲେ । ସମସ୍ତଙ୍କ ମୁହଁରେ ହସ । ସମସ୍ତଙ୍କ ଆଖିରେ ଲୁହ । ଏ ଏକ ଅଭିନବ ଅଭିଜ୍ଞତା । ମାମୁଁ ତ ଜାକି ଧରିଲେ ତାକୁ ଛାତିରେ । ଏଇ ଗୋଟିଏ ମାମୁଁ ତାର । କଟକରେ ଡାକ୍ତରୀ ପାଶ୍ କରି ଗାଁରେ ଜନସେବାରେ ଜୀବନ କାଟିଛନ୍ତି । ଅତି ଅମାୟିକ ଲୋକ । ଅତି ଉଦାର ତାଙ୍କ ମତବାଦ । ବାପାଙ୍କ ସାଙ୍ଗରେ ମାମୁଙ୍କର ଚରିତ୍ରଗତ ଅସାମଞ୍ଜସ୍ୟ ବହୁତ—ଅଥଚ ଦୁହେଁ ଅଭିନ୍ନହୃଦୟ ବନ୍ଧୁ ।

ତାର ଶୋଇବା ଘର ସେ ପାଖକୁ ଗୋଟାଏ ମେଲା । ବେଶୀ ଲୋକବାକ ହେଲେ ଖିଆପିଆ କରିବାକୁ ସେଠା ବ୍ୟବସ୍ଥା କରାଯାଏ । ଶମ୍ଭୁ ଗୋଟାଏ ଷ୍ଟ୍ରେଟ ଟେବୁଲ ଓ କେତେ ଖଣ୍ଡ ଚୌକି ନେଇ ସେଠି ପକେଇଲା । ତା ପରେ ସମସ୍ତଙ୍କୁ ନେଇ ବସେଇଲା ସେଠି । ବୋଉ, ମାମୁଁ, ଭାଇନା, ଭଣେଇ, ନାନୀ—

"ବାପା କାହାନ୍ତି ?" ପଚାରିଲା ଶଙ୍କର ।

"ଏଇତ ଉଠିଗଲେ କୁଆଡ଼େ ?" ବୋଉ କହିଲେ ।

"ଟିକିଏ ସାଗୁଆଡର ବ୍ୟବସ୍ଥା କରିବାକୁ ।" ମାମୁଁ କହିଲେ ।

"ସେଟା ପୁଣି କଣ ?" ଶଙ୍କରର ପ୍ରଶ୍ନ ।

Digitized by srujanika@gmail.com

"ମାଂସ ।" ଉମା କହିଲା, "ମାମୁ କୂର୍ମୀ ରାନ୍ଧିବେ । ବାପା ଗଲେ ଯୋଗାଡ଼ କରିବାକୁ ସିଙ୍ଗଙ୍କୁ ନେଇ ।"

"ଆଚ୍ଛା ଭାଇନା, ଓଡ଼ିଆ ମନେ ଅଛିନା ?" ପଚାରିଲା ଶମ୍ଭୁ ।

"ତା ମାନେ—ତୁ ମୋତେ କଣ ଭାବିଛୁ କହେ ବର୍ଣ୍ଣି ?" ଶଙ୍କର ହସି ଉଠି ତାକୁ ଟାଣି ଆଣିଲା ପାଖକୁ । "ଏଇ ବର୍ଣ୍ଣି ଚାଁ ଚାଁ କରୁଥିଲା । ଖାଇବ ଖାଇବ ବୋଲି ବୋଉକୁ ରଖି ଥୋଇ ଦଉ ନ ଥିଲା ।"

"କହନ ବାପା ସେ କଥା । କମ ଜଳେଇ ପୋଡେଇ ମାରିଛ ସମସ୍ତେ ମିଶି ମତେ । ଅନନ୍ତ ଥିଲା ବୋଲି ବଞ୍ଚିଲି ।"

"ନେଫ୍ରାଇଟିସ । ବଡ ପାଜି ରୋଗ ।" ଟିପ୍ପଣୀ କାଟିଲେ ଅନନ୍ତ ଅର୍ଥାତ ମାମୁ ।

"ଉମା"— ଗୃପାକଣ୍ଠରେ କଏ ଅନ୍ତରାଳରୁ ଡ଼ାକିଲା । ଉମା ଉଠିଗଲା । ବୋଉ ବି ଗଲେ ତା ପଛେ ପଛେ ।

"ତାପରେ, କଣ ପଢୁଛୁରେ ବର୍ଣ୍ଣି ?" ପ୍ରଶ୍ନକଲା ଶଙ୍କର ।

"ସାଏନ୍ସ" ବର୍ଣ୍ଣିର ନିର୍ବିକାର ଉତ୍ତର ।

ହସିଉଠିଲେ ସମସ୍ତେ । ଶମ୍ଭୁ ଲଜ୍ଜିତ ହେଲା । ଭୁଲ କହିଦେଲା କି ? ଅନେଇଲା ଏମାନଙ୍କ ମୁହଁକୁ । ପୁଣି କହିଲା—"ଫିଜିକ୍ସ, କେମିଷ୍ଟ୍ରି, ଗଣିତ ।"

"ଆଚ୍ଛା" ଶଙ୍କର ମୁଣ୍ଡ ହଲେଇଲା ।

"ତୁମେ କଣ ପଢ଼ିଲ ଭାଇନା ? କଉଠି ୧ଲ ଏତେଦିନ ?"

"ମୁଁ ବି ସାଏନସ ପଢ଼ିଛିରେ ବର୍ଣ୍ଣି" ହାସ୍ୟରୋଳ ଭିତରେ କହିଲା ଶଙ୍କର ।

ଗୋଟାଏ ଟ୍ରେରେ ଜଳଖିଆ ନେଇ ଆସିଲା ଉମା । ପଛରେ ତା ବୋଉ, ଗୋଟିଏ ଥାଳରେ ବସେଇଛନ୍ତି କେତୋଟି ସ୍ୱଚ୍ଛ କାଚଗିଲାସରେ ପାଣି । ପ୍ରତ୍ୟେକଙ୍କ ପାଖରେ ଗୋଟିଏ ଲେଖା ପ୍ଲେଟ ରଖିଲା ଉମା । ଶମ୍ଭୁ ବୋଉ ହାତରୁ ଗିଲାସଗୁଡ଼ା ନେଇ ସଜେଇ ଦେଲା । ଅବସ୍ଥା ଦେଖି ଶଙ୍କର ଚମକିଲା,—"ଏ କଣ କରୁଛୁ ବୋଉ ? ମୁଁ କଣ ରାକ୍ଷସ ?"

"ମୁଁ ସେକଥା ଜାଣେନି ବାପା । ତୋ ଭଉଣୀକୁ ପଚାର । ତୋ ବାପାଙ୍କ ତାର ପାଇ ଦଉଡ଼ାଦଉଡ଼ିବେଳେ ପହଞ୍ଚିଲା । ତାପରେ ତୋର ଖାଇବାର ଅସୁବିଧା ହେଉଛି ଶୁଣି ସେ ଏଇ ବ୍ୟବସ୍ଥା କରିଛି ।"

Digitized by srujanika@gmail.com

"ଆହୁରି ଅଛୁ ଭାଇନା । ଗାଁରେ ତ ଭଲ ମିଠା ମିଳିବନି । ମୁଁ ଆସିଲା ବେଳେ କିଛୁ ମିଠା ଆଣିଛୁ ସାଙ୍ଗରେ । ତୁମେ ଏକୁ ସବୁ ଖାଇସାରି ଦେବ ।" ଉତ୍ସାହରେ କହିଲା ଉମା । ସେ କିଦର ଜାଣେ । ତା ସ୍ୱାମୀ ଏନଜିନିୟର, ବାଲାତଫେରନ୍ତା ମଧ୍ୟ ।

ଜଳଖିଆ ଖାଉ ଖାଉ ଶଙ୍କର ପଚାରିଲା—"ଏକୁ ସବୁ କଲା କିଏ ? ତୁ ?"

"ହଁ, ସେ ଆଉ ମାନି" ବୋଉ କହିଲା । "ଦିପ୍ରହରପାରି ଏଇସ୍ବା କରିଛନ୍ତି ।"

"ମାନି, ମାନେ ସଙ୍ଗାତ ମାଉସୀଙ୍କ ଝିଅ ?"

"ହଁ ।

"କୋଉଠି ଥିଲା ଯେ ?" ହସି ପଚାରିଲା ଶଙ୍କର ।

ପାଟିରେ ଆଙ୍ଗୁଳି ଦେଲା ଉମା । "ଏଇଠି ଅଛି ସେ ।"

ସେଠୁ ଚାଲି ଆସିଲା ଉମା । ଆସି ଦେଖେ ହାଣ୍ଡିଶାଳ କବାଟକୁ ଧରି ଠିଆ ହୋଇଛି ମାନି । ତାର ଦୃଷ୍ଟି ଯେ ଉମା ଉପରେ ପଡିଲା ନାହିଁ ସେ ବୁଝିପାରିଲା । ହତଭାଗିନୀ ଏଇ ସାଙ୍ଗଟି ପାଇଁ ତାର ସହାନୁଭୂତିର ଅନ୍ତ ନାହିଁ । କିନ୍ତୁ ସେ କଣ କରିପାରେ ?

"ମାନି" ଧୀରେ ହାତ ରଖିଲା ଉମା ତା କାନ୍ଧରେ । ଚମକି ଉଠି ଟିକିଏ ହସିଲା ମାନି ।

"ଆଉ କଣ ଲାଗିବ ?" ପ୍ରଶ୍ନ କଲା ମାନି ।

"ନା ଆଉ କିଛି ନା । ଚୁ ଘ ପାଣି ବସା ଚୁଲିରେ ।"

ତନାର ପାଇଁ ବରଆନ ଆଉ ମାଂସର କୁର୍ମା—ମାମୁଁ ରାନ୍ଧିଛନ୍ତି । ପାୟସ କଲା ଉମା । ମହୋତ୍ସାହରେ ଖାଇସାରି ଘଡ଼ି ଦେଖିଲାବେଳକୁ ରାତି ଏଗାରଟା । ବାମଦେବ ଅସନ୍ତୁଷ୍ଟ ହେଲେ ।

"ତୋ ମାମୁଁର କାରବାର । ଏଠିକା ଖାସି ହବନି, ସୁନ୍ଦରଗାଁକୁ ଚାଠିଗଲା ଭଲ ଖାସି ପାଇଁ । ସେଥିଲାଗି ଡେ଼ରି ହେଲା । ଏଥର ସମସ୍ତେ ଶୋଇପଡ, ରାତି ଦିପହର ହେଲାଣି ।"

ମାମୁ ସେଇ ଅଧରାତିରେ ଫେରିଯିବେ ବୋଲି ବାହାରିଥିଲେ । ତାଙ୍କ ଗାଁ ମୋଟେ ତିନି ମାଇଲ । ସାଇକଲରେ ଚାଲିଯିବେ, ଶୁକ୍ଲପକ୍ଷ । ଶଙ୍କର ମନା

Digitized by srujanika@gmail.com

କଲା । କଥାହେଲା କାଲି ସକାଳୁ ଚନ୍ଦ୍ରଶେଖର ଗାଡ଼ିରେ ନେଇ ତାଙ୍କୁ ଗ୍ରଣ୍ଡ୍ ଦେଇ ଆସିବ । ବାଧ୍ୟ ହୋଇ ମାମୁ ରାଜିହେଲେ ।

ଶଙ୍କର ତା ଶୋଇବା ଘରକୁ ଆସି ସିଗ୍ରେଟ କାଢ଼ିଲା ବେଳକୁ, ତଳିଆ ତଳୁ ବାହାରିଲା ସେଇ ଉଆଲେଟ । ଉଠେଇ ଆଣିଲା ସେଟା । ବୋଉକୁ ଦେଇ କହିଲା—"ଏଟା ରୁ ରଖ ବୋଉ ?"

"କଣ ବାପା ସେଟା ?" ହାତରେ ନେଇ ପଚ୍ଚରିଲେ ମାତା ।

"ଟଙ୍କା ମୁଣି ବୋଉ ।" ପାଖରେ ଠିଆ ହୋଇଥିଲା ଉମା, ସେଇ କହିଲି । ବୋଉ ତାକୁ ଆଲମାରି ଭିତରେ ରଖିଦେଲେ ।

ନିଜ ଘରକୁ ଫେରି ସିଗ୍ରେଟ ଲଗେଇ ଧୀରେ ଧୀରେ ଟାଣିବାକୁ ଲଗିଲି ଶଙ୍କର । କିଛି ସମୟ ପରେ କବାଟ ଶବ୍ଦରେ ଦେଖିଲି, ଉମା ।

"ତୁମେ ଶୋଇନ ଭଇନା ?"

"ଏଁ, ହଁ, ଏଇଯେ ଶୋଉଛି ।" ସିଗ୍ରେଟଟା ପାଉଁଶ ଦାନରେ ଦଳି ଦେଇ ଲମ୍ବା ହୋଇ ଶୋଇଲି ଶଙ୍କର । ଉମା ଗୋଡ଼ ଆଡୁ ତାର ଫୁଲପରି ନରମ କମ୍ବଳଟା ତା ଦେହରେ ଘୋଡେଇ ଦେଲି, ଠିକ ତା ବୋଉ ଯେମିତି କରୁଥିଲେ ପିଲାବେଳେ ।

"ଶୋଇପଡ଼ । ଅନେକ ରାତି ହେଲାଣି । କବାଟଟା ଆଉଜେଇ ନେବ ? ଭାରି ଶୀତ ।"

"ନେ ।"

ଶଙ୍କର ଏତେବେଳେ ବୁଝିଲା, ଦ୍ୱିପହରବେଳେ, ସେ ଯେତେବେଳେ ଶୋଇ ପଡ଼ିଥିଲା, ତାର ଘର, ଜିନିସପତ୍ର ସଜେଇଛି ଏଇ ଉମା । ଧୀରେ ଧୀରେ ଆଖିବୁଜି ଆସିଲା ତାର । ମନେହେଲା ସବୁ କେତେ ସୁନ୍ଦର, କେତେ ମଧୁର । ଯିମିତି ସ୍ୱପ୍ନ ।

ପାଞ୍ଚ

ସକାଳୁ ନିଦ ଭାଙ୍ଗିଲାରୁ ଶଙ୍କର ନଜର କଲା ଦୁଇଟା ବଡ଼ ବଡ଼ ଉଜ୍ଜ୍ୱଳ ଆଖି ତାକୁ ଲକ୍ଷ କରୁଛି । ଅନେଇଲା ସେ ଆଖି ଦିଟାକୁ । ଗୋଟାଏ ଟୁଲ ଉପରେ ବସିଛି ତାର ଭଣଜା, ଉମାର ପୁଅ ରାଜା । ଗୋଡରୁ ମୁଣ୍ଡପର୍ଯ୍ୟନ୍ତ ଘୋଡେଇ ହୋଇଛି ସେ—ଯୋତା, ମୋଜା, ସ୍ଲେକସ, ସାର୍ଟ, ସୁଏଟାର, କୋଟ । ମୁଣ୍ଡରେ ତାର ଗୁଡ଼ା ହୋଇଛି ମାଫଲାର । ନହସି ରହି ପାରିଲାନି

Digitized by srujanika@gmail.com

ଶଙ୍କର । ତକିଆ ତଳୁ ହାତ ବଢ଼େଇ କାଢ଼ିଲା ସିଗ୍ରେଟ । ରାଜା ହଠାତ ଟୁଲରୁ ଓହ୍ଲେଇପଡ଼ି ଯିବାକୁ ଉଦ୍ୟତ ।

"କି ଖବର ରାଜାସାହେବ ?"

"ମୁଁ ଯାଏ, ମାକୁ କହିବ ।" ମା ତାର ଉମା । ଚନ୍ଦ୍ରଶେଖର ଉତ୍ତର ଓଡ଼ିଶାର ଲୋକ ।

"କଣ କହିବୁ ମାକୁ ?" ଉଠି ବସିଲା ଶଙ୍କର ବିଛଣାରେ ।

"କହିବ ଯେ—ସାହେବମାମୁ ଉଠିଲେଣି । ଚା ନେଇ ଯା ।"

"ଆଇ ସି, ଯାଅ ଯାଅ ରାଜାସାହେବ । ମାକୁ କହି ଆସିବ । ଗପ କହିବ ।"

"ଆଚ୍ଛା ।" ଦଉଡ଼ି ବାହାରିଗଲା ରାଜା । ମିନିଟିଏ ଭିତରେ ଫେରିଆସି ସେଇ ଟୁଲରେ ବସିଲା ।

ସିଙ୍ଗ ପଶିଆସିଲା ଘରକୁ ।

"ପାଣି ଗରମ କରିଛି । ମୁହଁ ଧୋଇ ଚା ଖାଇବ ଉଠ ।"

ଉଠିଲା ଶଙ୍କର । ବାଃ ବେଶ ଶୀତ । ସୁଏଟାର ଆଣି ପିନ୍ଧିଲା । ବାହାରି ଆସିଲା ପିଣ୍ଡାକୁ ରାଜାକୁ କୋଡ଼ରେ ନେଇ । ଦେଖିଲା ଅଦୂରରେ ତାର ବୋଉ ବସି ଠାକୁରଘର ଆଗ ଅଗଣାଟାକୁ ଲିପୁଛନ୍ତି । ଦେହରେ ଖଣ୍ଡେ ମଠାଶାଢ଼ି । ମୁଣ୍ଡର କେଶଗୁଚ୍ଛ ସିକ୍ତ ଓ ଉନ୍ମୁକ୍ତ । ଏଇ ଡ଼ିସେମ୍ବରର ଶୀତରେ ଭୋରୁ ଗାଧୋଇ ତାର ଜନନୀ ଦେବାର୍ଚ୍ଚନାରେ ବ୍ୟସ୍ତ । ତା ପାଇଁ କିନ୍ତୁ ଚା'ର ବ୍ୟବସ୍ଥା ହୋଇଛି ।

"ଉଠିଲୁ ବାପା ? ମୁହଁ ଧୋଇନେ । ଗରମପାଣି ହୋଇଛି । ତାପରେ ଚା ଖାଇବୁ । ଉମା କରୁଛି ।"

ସେ ମୁହଁ ଧୋଇ ଠିଆ ହେଲା ମାତ୍ରେ, ଗୋଟାଏ ଧଳା ଟାରକିଶ ତଉଲିଆ ବଢ଼େଇ ଦେଲା ଶମ୍ଭୁ ! ମୁହଁ ପୋଛୁ ପୋଛୁ ଦେଖିଲା ଉମା ଆସୁଛି ଗୋଟାଏ ଟ୍ରେ ଧରି । କି ବ୍ୟାପାର ! ଏମାନେ ତାକୁ ଭାବୁଛନ୍ତି କଣ ? ଟିକିଏ କୁଣ୍ଠିତ ହେଲା ସେ ।

"ଏଠି ଦେବ ନା ଘରଭିତରେ ଖାଇବ ?" ଉମା ପଚାରିଲା, ମାତୃତ୍ୱର ମମତା ଦେଇ ।

Digitized by srujanika@gmail.com

ଆଶ୍ଚର୍ଯ୍ୟ ହେଲା ଶଙ୍କର । ଏମାନେ ସବୁ 'ମା' । ଭାରତରେ ନାରୀତ୍ୱର ସୁମହାନ ଚେହେରା ହେଉଛି ମାତୃତ୍ୱର । ଏମିତି ଗୋଟାଏ ଚେହେରା ସେ ଗଲା ଦଶବର୍ଷ ଭିତରେ ଦେଖିନି, ବାର୍ଲିନରୁ ଲସ ଏଞ୍ଜେଲେସ ଯାକେ, କେଉଁଠି । ସେଇଠି ତଳେ ବସିପଡ଼ିଲା ଶଙ୍କର ।

"ତୁମେ ସବୁ କଣ ଭାବୁଛ, ମୁଁ ପ୍ରେସିଡେଣ୍ଟ ଆଇଜେନହାଓଆର ? ମୁଁ ଶଙ୍କର ଶତପଥୀ, ମୋ ବୋଉର ବଡ଼ପୁଅ, ତୋର ଆଉ ଶମ୍ଭୁର ଭାଇନା—"

"ଆଉ ରାଜାର ?" ହସି ପଚାରିଲା ଉମା ।

ଆରେ ସତ ତ । "ମୁଁ ତୁମର କଣ, ରାଜାସାହେବ ?"

"ସାହେବ ମାମୁ ।" ରାଜାର ଉତ୍ତର ।

"ଗୁଡ଼ବଏ ।" କହିଲା ଶଙ୍କର । ତା ମା ଆଡ଼କୁ ଅନେଇ କହିଲା — "ଦେ ଏଇଠି ଦେ । ଏଇ ଖଟରେ ବସି ମୁଁ ଚା ଖାଇବ ।"

"ଠିଆ ହେଇଛୁ କଣ ବୋକା ? ଆସନ ଆଣି ଦେ, ଭାଇନା ବସିବେ ।" ହୁକୁମ କଲା ଉମା ଶମ୍ଭୁକୁ ।

ଶମ୍ଭୁ ଆସନ ଆଣିବାକୁ ଦଉଡ଼ିଗଲା । ସେତେବେଳକୁ ଶଙ୍କର ତଳେ ବସିସାରିଛି ।

"ପକା ସେଟା ସେଠି ।" ଜାଗା ଦେଖେଇ ଦେଲା ଶଙ୍କର, ତା ସାମନାରେ । ଶମ୍ଭୁ ପକେଇଲା ଆସନ ।

"ତୁ ବସ ସେଠି ।" ଶମ୍ଭୁକୁ ନିର୍ଦ୍ଦେଶ ଦେଲା ଶଙ୍କର । "ରାଜା କାହିଁ ?" କଉ ଗୋଟାଏ କଣରୁ ବାହାରି ଆସିଲା ରାଜା । ତାକୁ ଆଣି ବସେଇଲା କୋଡ଼ରେ । ଉମା ହାତରୁ ନେଲା ଟ୍ରେ ।

କଦଳୀ ଓ ବିସ୍କୁଟ୍ ଦେଲା ରାଜାକୁ ଆଉ ଶମ୍ଭୁକୁ । ଉଠେଇ ନେଲା ଚା କପ୍‌ଟା ।

"ତୁ ତ ସବୁ ଦେଇଦେଲୁ ବୁଢ଼ା ?" ବୋଉ ଅନୁଯୋଗ କଲେ ।

"କିଛି ଖାଇଲନି ତ ? ହଉ ମୁଁ ବ୍ରେକ୍‌ଫାଷ୍ଟ ଠିକ୍ କରୁଛି । କାମ ସାରିନଥ । ଖୁଟ୍‌ବାକ୍‌ସ ଆଣି ଦେବ ?" ଉମା ପଚାରିଲା ।

ଚା ପିଆ ସରିଥାଏ । ଟ୍ରେରେ ପିଆଲାଟା ଥୋଇ ଦେଇ କହିଲା ଶଙ୍କର, "ମୁଁ କିଛି ଜିନିଷ କାଢ଼ିନି । କାଲିଠୁ ବାପାଙ୍କ ଲୁଗା ପିନ୍ଧିଛି ।" ଉଠିବାକୁ ଇଚ୍ଛା କଲା ସେ, କୋଡ଼ରେ ରାଜା । ବିସ୍କୁଟ୍ ଖାଇସାରି କଦଳୀଟା ଖାଉଛି ।

Digitized by srujanika@gmail.com

"ବଣି ପାଶବୁ ମୋର ଭେଲସେ ଅଣି ? ସବା ଉପରେ ଅଛୁ ।" ଶମ୍ଭୁ ବୁଝି ପାରଲନ । ଉମା ଯାଇ ଅଣିଦେଲ । ଏଟାରେ ଗୁବ ନାହିଁ । କପ୍‌ଟା ଟାଣି ଖୋଲିଦେଲ ଶଙ୍କର ଗୋଟାଏ ପାଖ । ବାହାରକଲ ଶୋଇବା ପୋଷାକ, ଗେଞ୍ଜି, ତଉଲିଆ । ବୁଲେଇ ଦେଇ ଆଉ ଗୋଟାଏ ପାଖ ଖୋଲିଲ । ଏଥର ବାହାରଲ ଖୁର ବାକ୍‌ସ, ଦାନ୍ତଘଷା ସରଞ୍ଜାମ, ଆରଶୀ, ପାଉଡ଼ର, ବୁରୁଶ, କ୍ରିମ, ଲୋଶନ, ଅଡିକୋଲନ୍, ଆହୁର କେତେ କଣ । ତା ବୋଉ, ଉମା, ଶମ୍ଭୁ, ରଜା, ସିଏ ସମ୍ମୋହିତ ହୋଇ ଦେଖୁଥାନ୍ତି, ଏଇ ଛୋଟ ବାକ୍‌ସଟା ଭିତରେ, ଏତେ ଜନଷ କଉଠି ଥିଲ । ଭେଲସେଟାକୁ ଉମା ହାତକୁ ବଢ଼େଇ ଦେଇ କହିଲ—"ଏଟାକୁ ଝାଡ଼ି ଝୁଡ଼ି ସଫା କରଦେ ତ ଭଉଣୀ । ଏଟା ବଡ଼ ଦରକାରୀ ଜନଷ ।"

ଆରେ ଖିଥର ହୋଇନେଲ ଶଙ୍କର । ତା ପରେ ଦାନ୍ତକୁ ନେଲ ବ୍ରସ୍‌ ସହ ଗାଧୁଆ ଘରକୁ ଗଲ ସେ । ତାର ଗୋଟାଏ ଧୋତି ଓ ତଉଲିଆ ଦରକାର । ଉମା ଗଲ ସେଇ ତଦାରକରେ । ଚନ୍ଦ୍ରଶେଖର ସକାଳୁ ମାମୁଙ୍କୁ ନେଇ ଯାଇଛି । ସେ ଡ଼୍ରେରୀ ଦେଖିସାରଲେ ତାଙ୍କୁ ସାଙ୍ଗରେ ନେଇ ଫେରବ । ବାପା ଯାଇଛନ୍ତି ଗାଁ ଭିତରକୁ ପରବା ଆଣିବାକୁ ।

ଉମା ଗଲ ଶଙ୍କରର ଶୋଇବା ଘରକୁ । ଗୋଟାଏ ଛୋଟ ପଲଙ୍କରେ ବଛଣା ହୋଇଛି—ଶଙ୍କରର ବଛଣା । ବସିଲ ସେଥିରେ । ଗଦିଟା କ ନରମ । ତକିଆଗୁଡ଼ା କ ହାଲୁକା । କମ୍ବଳଟା ତ ଅପୂର୍ବ । ଚନ୍ଦ୍ରଶେଖରର ଇମିତି କମ୍ବଳ ନାହିଁ । ଦେଖିଲ ପୁଣି ଜନଷପତ୍ର । ଦୁଇଟା କେବଳ ଟ୍ରାଙ୍କ । ଗୋଟାଏ ବଡ଼ଟ ଏଲୁମିନିୟମ ବାକ୍‌ସ । ହାତଦେଇ ସ୍ପର୍ଶକଲ ଉମା । ଦୁଇଟାଯାକ ଟ୍ରାଙ୍କ ଭର୍ତ୍ତି । କିନ୍ତୁ ଉପରର ଘାଇବାର କି ନରମ, କି ମସୃଣ । ଏଲୁମିନିୟମ ବାକ୍‌ସଟା ଖୁବ୍ ଭର । ଭଇନାର ବଛଣାଟା ଖରାରେ ଦବା ଦରକାର ।

ପ୍ରବେଶ କଲ ଶଙ୍କର । ଗାଧୋଇ ଆସିଛୁ ସେ । ଧୋତି ପିନ୍ଧିଛୁ । ତଉଲିଆଟା ପକେଇଛୁ କାନ୍ଧରେ । ମୁଣ୍ଡ କୁଣ୍ଡଉ କୁଣ୍ଡଉ ପଚାରଲ—"କିରେ କଣ ଭାବୁଛୁ ?

"ବଛଣାଟା ଖରାରେ ପଡ଼ିବା ଦରକାର ।"

"ଖୁବ୍ ଦରକାର । ମୋର ଲୁଗାପଟାଗୁଡ଼ା କାଚିବା ଦରକାର । ବୋଉ ପାଖରେ ଗୁବ ଅଛୁ, ଅଣିପାରବୁ ?"

ଉମା ବାହାରଗଲ ଘରୁ । ବୋଉକୁ ଗୁବ ମାଗିଲ । ବୋଉ କାବା । "କାହିଁ ? ଗୁବ ତ ମୋତେ ଦେଇନ ବୁଡ଼ା । ଦେଖନା ତା ଟଙ୍କାମୁଣି । ତା ଭିତରେ ଯଦ ଥିବ ?"

Digitized by srujanika@gmail.com

ବୋଉ ଆଲମାରି ଖୋଲି ବାହାର କଲେ ଇଅଲେଟ । ତା'ର ଗର୍ଭ ବି ପୂର୍ଣ୍ଣ, ଅନୁଭବ କଲା ଉମା ।

ବୋଉ ପାଖରୁ ଫେରି ଦେଖେ, ଭାଇନା ପିଣ୍ଡାକୁ କାଢି ଆଣିଛି ସେଇ ସାଗୁଆ କେନ୍‌ଭାସ୍ ଟ୍ରାଙ୍କ । ଉମା ହାତରୁ ଇଆଲେଟଟା ନେଇ କ୍ଲିପ୍ ଖୋଲିଲା ଶଙ୍କର । ଉମା ଦେଖିଲା ଏଇ କ୍ଲିପ୍ ନାମକ ପଦାର୍ଥଟିର କେତେ ପ୍ରକାର ଉପଯୋଗିତା । ଦଟା ଚେପ୍‌ଟା ଚାବି ବାହାର କଲା ଶଙ୍କର । ସିମିତ ଖୋଲା ଇଆଲେଟଟା ଫେରି ଆସିଲା ଉମା ହାତକୁ । ଶଙ୍କର ଚାବି ଖୋଲାରେ ବ୍ୟସ୍ତ ।

ଉମା ପଚାରିଲା—"ବହୁତ ଟଙ୍କା ରଖିଛ ଭାଇନା ଏଥିରେ ।"

"ତୁ କିମିତି ଜାଣିଲୁ ?"

"ଏତେ ମୋଟା ଯେ ।"

"କହିଲୁ, କେତେ ଟଙ୍କା ଅଛି ?" ଶଙ୍କର ଆଖିରେ କୌତୁକ ।

"ମୁଁ କମିତି ଜାଣିବି ? ବାରେ ।" ଅନୁଯୋଗ କଲା ଉମା ।

"ଅନୁମାନ କର ?" ତଳକୁ ମୁହଁ କରି ଚାବି ଖୋଲୁଛି ଶଙ୍କର । ଚାବିଟା ଖୋଲି ଉପରକୁ ଉଠିଲା ।

"ଦଶ ହଜାର ଟଙ୍କା "

ହସି ଉଠିଲା ଶଙ୍କର । "ତୋ ଭାଇନା ଦଶ ବର୍ଷ ବିଦେଶରେ ରହି ମୋଟେ ଦଶ ହଜାର ଟଙ୍କା ଆଣିଛି ? ହାୟ ହାୟ—ତୁ ମୋତେ ଏଡ଼େ ଅପଦାର୍ଥ ଭାବୁଛୁ ଉମି ।"

ବାକ୍‌ସ ଖୋଲିଗଲା । ବାହାର କଲା ଶଙ୍କର ଜେକ୍ଟି, ଶାର୍ଟ, ପୁଲଓଭର । ନାନାପ୍ରକାରର ଗରମ, ଅଣ୍ଡା ସୁଟ । ଆହୁରି ନାନାପ୍ରକାର ପୁରୁଷ ପୋଷାକ । ସ୍ତୂପ କଲା ପିଣ୍ଡାରେ ।

"ଏ ଗୁଡ଼ା ପନ୍ଦର ଦିନ ହବ ଖୋଲା ହୋଇନି । ଖରାରେ ଦବା ଦରକାର । ବୁଝିଲୁ ?" ଉଠି ଠିଆହେଲା ଶଙ୍କର । ଚାବିଗୁଡ଼ା ଫେରେଇ ଦେଲା ଭଉଣୀକୁ । ତା ମୁହଁକୁ ଚାହିଁ ପଚାରିଲା, "କରେ, କଥା କହୁନୁ ଯେ ଉମି ।"

"ନାହିଁ ଭାଇନା, ମୁଁ ତୁମର ଦାମ କଲନା କରୁନ ଟଙ୍କାରୁ", ମୁହଁ ଶୁଖେଇଛି ଉମା ।

"କି ମୁସ୍‌କିଲ" । ହୋ ହୋ କରି ହସି ଉଠିଲା ଶଙ୍କର । ଅଦ୍‌ଭୁତ ହସ । ଉମା ବୁଝିଲା, ଏମିତି ହସ ଆମ ଦେଶରେ କେହି ହସନ୍ତିନି । ଏ ହସ

Digitized by srujanika@gmail.com

ସେ ଦେଶର । ଶାଇନାଟା ତା'ର ଅଧେ ମାର୍କିନ ହୋଇଯାଇଛୁ ।

"ସତରେ କୁହନା, କେତେ ଟଙ୍କା ଅଛୁ ଏ ମୁଣ୍ଡିରେ ?"

"ଗଣି ଦେଖ ?"

"ତୁମେ କ'ଣ ମନେ ରଖିନ, କେତେ ଟଙ୍କା ଏଥିରେ ଅଛୁ ?"

"ଏଁ ହୁଁ—ପାଞ୍ଚ, ଦଶ ଏପାଖ ସେପାଖ ହୋଇପାରେ ।"

ସେଇଠି ତାଙ୍କ ଆଗରେ କାଢିଲା ଉମା । ଗୁଡ଼ାଏ ସାଗୁଆ ସାଗୁଆ ଡଲାର ବିଲ । ଆଉ ଗୁଡ଼େ କଣ କାଗଜ । ବେଙ୍କ ଚେକ୍ ବୋଧହୁଏ ? ଆଉ ଗୁଡ଼ା ଭାରତୀୟ ନୋଟ—ଖୀଲ ଶହେ ଟଙ୍କାର ।

"ନୋ ମାଡ଼ାମ" ଆପତ୍ତି କଲା ଶଙ୍କର । "ସେ କାମ ପଛେ ହବ । ଟଙ୍କା କଏ ପଦାରେ ଗଣେ ? ବୋଉ ତୋ ଝିଅର ବୁଦ୍ଧି ଦେଖ ।"

ଇତ ମଧ୍ୟରେ ଶଙ୍କର ପିନ୍ଧି ନେଇଛୁ ଗେଞ୍ଜି, ପୁଏଟାର ଏବଂ ତା ଉପରେ ଗାଉନ ।

"ଇହ୍ ହ୍ ହ୍, କଣ ହୋଇଛୁ ସେ ଗାଉନ ? ଗୋଟା ଦେହ୍ ଦାଗ ।" ଶଙ୍କରର ପାଖକୁ ଆସି ଶୁଙ୍ଘିଲା ସେ ଗାଉନକୁ ଏବଂ ପାଟି କରି ଉଠିଲା ଉମା ।

"ଖୋଲ, ଖୋଲ । ଏକୁ ଖଣ୍ଡରେ ଦେଲେ ବ ହବନି । ଧୋଇବା ଦରକାର ।

"କଲୁ ।" କୁଣ୍ଠିତ ହେଲା ଶଙ୍କର । "ଆଉ ଗରମ ଗାଉନ ତ ମୁଁ ଆଣିନ ।"

"ଆଣିନ ତ ଷ୍ଟଦର ଘୋଡ଼ହୁଅ ।" ଉମା ତା ସ୍କାର୍ଫ ଖୋଲିବାକୁ ଉଦ୍ୟତ ହେଲା ।

"ଦୂର । ଆସ୍ତୁ ରହ । ମୋର ଗୋଟାଏ ପ୍ରିନ୍‌ସ କୋଟ ଅଛୁ କାଢେଁ । ବାର୍ଲିନରେ ତିଆର କରିଥିଲି ।"

କାଢିଲା ସେଇ ଫ୍ରପ ଭିତରୁ କୋଟ । ଗାଢ଼ନୀଳ ସାର୍ଜର ଗଳାବନ୍ଧ କୋଟ । ଶଙ୍କର ପିନ୍ଧିଲାରୁ ଉମା ଅଟ୍ଟା କଲା—"ପ୍ରିନ୍‌ସ ରକମ ଦିଶୁଛ ଏକା ।"

ଉଆଲେଟଟା ବଢେଇ ଦେଲା ଶଙ୍କର ହାତକୁ ଉମା—"ନଅ ବାବା ତୁମ ଟଙ୍କା ।"

"କାହିଁକରେ, ଗଣିବୁ ଯେ ?" ଶଙ୍କର ହସି ପଗ୍ଭରିଲା ।

"ନା ବାବା, କଉଠି ଯଦି ନ ମିଳିବ ।"

Digitized by srujanika@gmail.com

"ମିଳିବ କଣ୍ଟସ୍ତୁ । ତୁ ଗଣ ?"

"ଗଣି ମୋର ଲଭ ?"

"ଲଭ ଅଛି । ଭାଗ ପାଇବୁ ।"

"ଯାଃ, ତୁମ ଟଙ୍କା, ମୁଁ ଭାଗ ନେବ କାହିଁକ ?"

"ତୁ ମୋର ଭଉଣୀ ।"

"ଶମ୍ଭୁର ଭାଗ ଅଛି ?"

"ଅଛି ।"

"ରାଜାର ?

"ରାଜାର ଅଛି, ଆଉ ତା ବାପ ମନ୍ତ୍ରୀର ବ ଅଛି ।"

"ତା ମାନେ, ସମସ୍ତଙ୍କୁ ଟଙ୍କା ଦବ ତୁମେ ?"

"ସେ କଥା ତ ମୁଁ କହୁନ । ମୁଁ କହୁଲ, ମୋ ରୋଜଗାରରେ ସମସ୍ତଙ୍କର ଭାଗ ଅଛି ।"

ବୋଉ କେତେବେଳୁ ଆସି ଭାଇ ଭଉଣୀଙ୍କ କୌତୁକ ଶୁଣୁଥିଲେ ।

"ସେ ଠିକ୍ କହୁଛି ମା । ତା ରୋଜଗାରରେ ତୋର ଭାଗ ଅଛି ।"

ବୋଉ ହାତକୁ ବଢ଼ାଇ ଦେଲ ଉମା ଉଆଲେଟ । ସିଙ୍ଗକୁ ଡାକ କହୁଲ ଗୋଟାଏ ଖଟ ପଦାକୁ କାଢ଼ିବାକୁ । ଲୁଗା ବଚ୍ଛଣା ଖରାରେ ଦଆଯିବ ।

ତା'ପରେ ଶଙ୍କରକୁ ପଚ୍ଚରଲ—"ଏଇଠି ଦେବ ଖାଇବା, ବ୍ରେକ୍‌ଫାଷ୍ଟ ?" ଶଙ୍କର ହସିଲ ତାର ବ୍ରେକ୍‌ଫାଷ୍ଟ କଥାଟାରେ । କହୁଲ—"ଦେ ।"

ଗୋଟାଏ ଛୋଟ ଟେବୁଲ ଓ ଦୁଇଟା ଚେୟାର ଆଣି ପକେଇଲ ସିଙ୍ଗ । ଶଙ୍କର ଗୋଟାକରେ ବସି ଆରଟାରେ ରାଜାକୁ ବସେଇଲ । ଅଳ୍ପ ଟିକଏ କାମୁଡ଼ିଲ ଏଣୁ ତେଣୁ । ଚା ଖାଇଲ ଦୁଇ କାପ୍ । ସେ କଣ ଭାବୁଛି । ମଝିରେ ମଝିରେ "ନେ" "ଦେ" ଛଡ଼ା କଥା ନାହିଁ ।

ବୋଉ ଖରାକୁ ପିଠିକର କୂଳରେ ଚୁଡ଼ିଲ ବାଛୁଛନ୍ତି । ମାର୍ଗଶୀର ମାସ ଗୁରୁବାର । ବଡ଼ ପୁଅ, ହଜିଯାଇଥିବା ପୁଅ, ଦଶ ବର୍ଷ ପରେ ଫେରିଛି । ଆଜ ଲକ୍ଷ୍ମୀନାରାୟଣଙ୍କର ବଶେଷ ପୂଜା । ପୁରୋହତ ଆସିବେ ଘଣ୍ଟାକ ପରେ ।

ବାପା ଫେରଲେ । ପଛରେ ଗୋଟାଏ ମୂଲିଆ ଧରିଛି ପାଛିଆଟାଏ ।

Digitized by srujanika@gmail.com

ଠିଆହୋଇ ପଡ଼ିଲି ଶଙ୍କର ଅଭ୍ୟାସବଶତ । "ତୁ ବସି ଖା" କହି ବାପା ଗୃହିଗଲେ ହାଣ୍ଡିଶାଳ ମେଲକୁ ।

ବାକ୍‌ସରେ ଆହୁରି ଲୁଗାପଟା ଥିଲି । ତାକୁ କାଢିବାକୁ ଯାଇ ବାହାରିଲି ଗୁଡ଼ାଏ ଛବି ବହି । ମିକି ମାଉସ, ଡୋନାଲ୍‌ଡ଼ ଡାକ୍‌ର ଗପ ବହି । ଏଲିସ ଇନ୍ ୱଣ୍ଡାରଲେଣ୍ଡ । ନାନା ଜୀବଜନ୍ତୁର ଛବିବହି । ହାତ ବଢ଼େଇ ସେଗୁଡ଼ାକ ନେଲି ଶଙ୍କର ଉମା ପାଖରୁ । "ଏଗୁଡ଼ା ରାଜାର ।" ରାଜାକୁ ଦେଲି ସେ ।

ଆହୁରି ବାହାରିଲା ନାନା ରଙ୍ଗର ଛବିବହି, ଏଲବାମ, ନାନାପ୍ରକାର ଖେଳନା, ପେରିସକୋପ, ଆହୁରି କେତେ କ'ଣ ।

"ଏତେ ଖେଳନା କାହାର ଭଉନା ?

"ରାଜାର ।"

"ରାଜା କଥା ତୁମେ କମିତ ଜାଣିଲ ଯେ ?"

"ସେଥିଲାଗିତ ଅନେକଗୁଡ଼ାଏ ଆଣିବାକୁ ହେଲା । ମୁଁ ଭାବିଲି ମୋର ଗୋଟିଏ ଭଉଣୀ ଥିଲା । ସେ ତ ଇତମଧ୍ୟରେ ନିଶ୍ଚୟ ବାହା ହୋଇ ଯାଇଥିବ । ଆଜି ତା'ର ପିଲା ହୋଇଥିବେ ଅନେକଗୁଡ଼ିଏ—"

"ଯାଃ ।" ଲାଜରେ ଲାଲ ପଡ଼ିଲା ଉମା ।

ରାଜା ସେତେବେଳକୁ ମାମୁଁ କୋଡ଼କୁ ଆଉଜି ଛବିବହି ଦେଖୁଛି । ଦୁଇ ହାତ ତା'ର ଖେଳନାରେ ଭର୍ତ୍ତି । ବାକତକ ତଳେ ଜମା ହୋଇଛି ।

ଶମ୍ଭୁକୁ ଦେଖି ପାଟିକରି ଉଠିଲା ରାଜା, "ଦେଖୁଛ ମାମୁ, କେତେ ଖେଳନା ଆଣିଛନ୍ତି ସାହେବ ମାମୁ, ମୋ ପାଇଁ ।"

ଶମ୍ଭୁ ପାଖକୁ ଆସିଲା । ଓଲଟ ପାଲଟ କଲା ନାନା ଜିନିଷ । ଗୋଟାଏ ଏଲବାମ ବାହାରକଲା—ଆମେରିକାର ନାନା ସ୍ଥାନର ରଙ୍ଗିନ ଛବିରେ ଭର୍ତ୍ତି ।

"ସେଟା ତୋର" ଶମ୍ଭୁକୁ ଦେଲା ଶଙ୍କର ।

ଉମା ସେତେବେଳକୁ ଶଙ୍କରର ଲୁଗାପଟା ଘରରେ ଦଉଥାଏ । ଉଃ, କେତେ ଲୁଗାପଟା ଭଉନାର । ଭର୍ତ୍ତି ହୋଇଗଲା ଖଟ, ଟେବୁଲ ।

ବାପା ଆସି ଠିଆ ହେଲେ—"ଟିକିଏ ଗାଁ ଆଡ଼େ ବୁଲିଯିବୁନି ବୁଢ଼ା ? ବଡ଼ବାପା, ଦଦେଇ, ଏମାନଙ୍କ ସାଙ୍ଗରେ ଦେଖା କରି ଆସିବୁ ।"

"ଏଇକ୍ଷଣି ଯିବି ବାପା ?"

Digitized by srujanika@gmail.com

"ସ୍କୁଲ୍ ।"

ବାପ ପୁଅ ବାହାରିଗଲେ ଘରୁ ।

ଛଅ

ଘର ସାମନା ସାମନି ବଡ଼ବାପା ଅର୍ଥାତ୍ ବାମଦେବଙ୍କ ବଡ଼ଦେଇ ପୁଅ ଭାଇ ରାୟବାହାଦୂର ପଞ୍ଚାନନ ଶତପଥୀ, ଜିଲ୍ଲା ଜଜ ଥିଲେ । ପେନସନ ନେଇ ଘରେ ଅଛନ୍ତି । ବାମଦେବଙ୍କଠାରୁ ଆଠ ଦଶ ବର୍ଷ ବଡ଼ । ଭାରି କୃପଣ । ବିରାଟ କୋଠାଘର କରିଛନ୍ତି ଗାଁରେ । କଟକରେ କୋଠା, ପୁରୀରେ ମଧ୍ୟ । ଭଡ଼ା ଲାଗିଛି । ପିଲାମାନଙ୍କୁ କିନ୍ତୁ ବେଶୀ ପାଠ ପଢ଼େଇ ନାହାନ୍ତି । ବଡ଼ ପୁଅ ରେଭିନ୍ୟୁ ଇନ୍‌ସପେକ୍ଟର । ସାନପୁଅ ସବଡେ଼ପୁଟି । ସେମାନେ ତାଙ୍କ ପିଲାପିଲି ନେଇ କର୍ମସ୍ଥଳରେ ଥାନ୍ତି । ଗାଁରେ ବୁଢ଼ା, ବୁଢ଼ୀ ଏବଂ ଗୋଟିଏ ବିଧବା ଝିଅ ଓ ତାର ଦୁଇଟି ପିଲା । ଅନ୍ୟ ଝିଅମାନେ ଶଶୁର ଘରେ । କଦାଚିତ ବାପ ଘରକୁ ଆସନ୍ତି । ବଡ଼ ଝିଅଟି ହିଁ ବିଧବା । ଶଙ୍କରଠୁ ସେ ପ୍ରାୟ ଦଶବର୍ଷ ବଡ଼— ସୁନାନାନୀ ।

ବଡ଼ବାପା ଦାଣ୍ଡଘରେ ବସି ଗୋଟାଏ ଖାତାରେ କଣ ଟିପୁଥାନ୍ତି । ଦାଣ୍ଡଘରେ ପଡ଼ିଛି ଗୋଟାଏ ଟେବୁଲ, ଦି ଖଣ୍ଡ ଚୌକି, ଗୋଟାଏ କାଠ ଖଟ । ସେଥିରେ ଖଣ୍ଡେ ମସିଣା ପଡ଼ିଛି । ଆସବାବ ଗୁଡ଼ା ଏତେ ପୁରୁଣା ଯେ ମଳି ଜମି କଳା ହୋଇ ଗଲାଣି । ଗୋଟାଏ ଚୌକିର ଗୋଟାଏ ହାତ ଭଙ୍ଗା । ଅନ୍ୟଟାର ଆଉଜିବା ପଟାଟା ଖସି ଯାଇଛି । କାନ୍ଥ ଆଲମାରିରେ ସ୍ତୂପାକାର ହୋଇ ଥୁଆ ହୋଇଛି ପୁରୁଣା ଖବର କାଗଜ ଓ ଛିଣ୍ଡା ବହି । ଘରଟା ସେଇ ଯେ ତିଆରି ବେଳେ ଧୁଲେଇ ହୋଇଥିଲା, ତା ପରେ ଆଉ ରଙ୍ଗ ଦିଆ ହୋଇନି । କୋଣ ଗୁଡ଼ା ବୁଢ଼ିଆଣୀ ଜାଲରେ ଆଚ୍ଛାଦିତ ।

ଘର ଭିତରକୁ ପଶିଗଲେ ସପୁତ୍ର ବାମଦେବ । ତରତରରେ ଉଠିବାକୁ ଯାଇ ବୃଦ୍ଧ ପଞ୍ଚାନନ ବସି ପଡ଼ିଲେ । ଦେହରେ ବାତ, ଗୋଡ଼ ଯଥେଚ୍ଛା ଚଳେ ନାହିଁ ।

"ଆ, ଆ, ବାମ । ଏ କିଏ ବୁଢ଼ା ?"

"ହଁ," ବାମଦେବ ଜବାବ ଦେଲେ । ଶଙ୍କର ପ୍ରଣାମ କଲା ।

"ବୁଢ଼ାଟିଏ ହୋଇଥା ।" ଆଶୀର୍ବାଦ କଲେ ପଞ୍ଚାନନ । "ତା ପରେ, ରହିବୁଲି ଏଇଲଣି ଗାଁରେ ?"

Digitized by srujanika@gmail.com

"ହଁ—ସୁର ପାଞ୍ଚ ଦିନ ଅଛୁ ।"

"କଉଠି ଥିଲୁ ବାପା ଦଶ ବର୍ଷ ? ଦଶ ବର୍ଷ ହବ ନାହିଁରେ ବାମ ?"

"ଦଶବର୍ଷରୁ ବେଶୀ ।" ବାମଦେବ କହିଲେ ।

"ହଁ। ବହୁତ ଦିନୁ ତ ସେ ନାହିଁ । ମୁଁ ପେନସନ ନେଇ ନ ଆସେଁ । ଯାହାହଉ, ବେଶ ସୁନ୍ଦର ଚେହେରା ହୋଇଛି ଟୁଡାର । ବାଃ । କାଲି ଯେତେବେଳେ ସେ ଗାଁକୁ ଆସିଲା, ମୁଁ ଭାବିଲି କଏ ଗୋଟାଏ ଇଉରୋପିୟନ । ତା ପରେ ଅବଶ୍ୟ—ହେ ହେଁ ହେଁ ।"

ଦୁଆର ମୁହଁରେ ଦେଖାଦେଲେ ପଞ୍ଚାନନ-ଗୃହିଣୀ । ବିରାଟ ମୂର୍ତ୍ତି । ଏତେ ମୋଟା ଯେ ମଣିଷ ହୋଇପାରେ, ଶଙ୍କର ଏଇ ପ୍ରଥମ ଦେଖିଲା । ସ୍ୱର ଆଡ଼େ ମାଂସ ଓହଳି ପଡ଼ିଛି । ପ୍ରତି ପଦକ୍ଷେପରେ ଢ଼ଳି ପଡ଼ୁଥାନ୍ତି । ଥକଯାଇ କବାଟକୁ ଆଉଜି ଠିଆ ହେଲେ ।

ଶଙ୍କରକୁ ପୁଣି ପ୍ରଣାମ କରିବାକୁ ପଡ଼ିଲା ।

"ବୁଡ଼ା ନା ? ଏତେଦିନକେ ପରା ମନେ ପଡ଼ିଲା ଆମକୁ । ବସ୍ ବସ୍ । ତା ପରେ ବାମ କଣ କରୁଛନ୍ତି ? ଏତେ କାଳ ପରେ ପୁଅ ଫେରିଲା ଘରକୁ । କାହିଁ ଭୋଜି ଭାତ, ଶ୍ରାଦ୍ଧ ପୂର୍ଣ୍ଣି, ପ୍ରାୟଶ୍ଚିତ୍ତ—"

"ପ୍ରାୟଶ୍ଚିତ୍ତ ! କାହିଁକି ବଡ଼ ମା ? ମୁଁ ତ କିଛି ପାପ କରିନି ।"

"ନାହିଁରେ, ପାପ କଲେ କଣ କେବଳ ପ୍ରାୟଶ୍ଚିତ୍ତ କରିବାକୁ ହୁଏ ? ତୁ ବିଦେଶରେ ଥିଲୁ । କୁଖାଦ୍ୟ, ଅଖାଦ୍ୟ ଖାଇଛୁ । ବ୍ରାହ୍ମଣ ପିଲା । ପ୍ରାୟଶ୍ଚିତ୍ତ କରିବା ନିୟମ ।"

ଏତେଗୁଡ଼ା କଥା ଏକା ସାଙ୍ଗରେ କହିବାକୁ ଯାଇ ବେଦମ ହୋଇ ପଡିଲେ ରାୟ ବାହାଦୂର । ନିଶ୍ୱାସ ନେଲେ ।

"ଶିରୋମଣିଙ୍କୁ ପଚାରି କଣ କଣ କରିବାକୁ ହବ—ସେ ସବୁ ତୋ ବାପ କରିବ । ତୋର କିଛି ନାହିଁ ଯେ ।"

ବାମଦେବ ନିର୍ବାକ ହୋଇ ବସିଥାନ୍ତି । ଏ କି କଥା ଏ ଯୁଗରେ । ସେ ପଞ୍ଚାନନଙ୍କୁ ଜାଣନ୍ତି । ଭାରି ଦୁଷ୍ଟବୁଦ୍ଧି, କୂଟବୁଦ୍ଧି ତାଙ୍କର । ସେ ପୁଣି ଗାଁ ସମାଜର ବଡ଼ପଣ୍ଡା ।

"କଉଠି ଥିଲୁ ବାପା ଏତେ ବର୍ଷ ?" ପଚାରିଲେ ବଡ଼ମା ।

"ଇଉରୋପ ଆଉ ଆମେରିକା ।" ଶଙ୍କର ଜବାବ ଦେଲା ।

Digitized by srujanika@gmail.com

"ଆଚ୍ଛା ।" ଅବିଶ୍ୱାସର ହସ ହସିଲେ ରାୟ ବାହାଦୂର । "ପଢ଼ୁଥିଲୁ ନା ଚାକିରି କରିଥିଲୁ ?"

"ଦୁଇଟା ପାସ କରିଛୁ ।"

"ଡିଗ୍ରୀ ଫିଗ୍ରି କିଛି ଆଣିଛୁ ନା ?"

"ହଁ ।" ଶଙ୍କରର ଉତ୍ତର ଏକାବେଳେକେ କ୍ଳୁପ୍ତ ।

"ଆମେରିକାର ଡିଗ୍ରୀ ଆମ ଦେଶରେ ଚଳିବତ ? ଏବେ ଚଳୁଥିବ । ଦେଶ ସ୍ୱାଧୀନ ହୋଇଛି, ଇଂରେଜ ଅମଳରେ ସିନା ବିଲାତ ଡିଗ୍ରୀର କଦର ଥିଲା ।"

ସୁନାନାନୀ ଆସି ଠିଆ ହେଲା ଦୁଆର ମୁହଁରେ—ତା ମାଆ ଦେହକୁ ଲାଗି । ଚମକି ପଡ଼ିଲା ଶଙ୍କର । ଏଇ ସୁନାନାନୀ, ଯାହାର ରଙ୍ଗ ଥିଲା ତପ୍ତକାଞ୍ଚନ ବର୍ଣ୍ଣ । ଯାହାର ଚେହେରା ଦେଖି ପ୍ରାୟ ବାଉଳାପଣରେ ସେ ବାହାହୋଇ ଯାଇଥିଲା ଜଣେ ମୁନସିଫଙ୍କୁ । କଣ ହୋଇଛି ସେ ? ଶୀର୍ଣ୍ଣ, ଜୀର୍ଣ୍ଣ ଚେହେରା । ସ୍ତନଗୁଡ଼ା ଓହଳି ପଡ଼ିଛି । ହାଡଗଣ୍ଠିଗୁଡ଼ା ଦିଶୁଛି କଳା କଳା ହୋଇ । ମୁହଁରେ ଗୋଟାଏ ବିରାଟ ଅବସାଦର ଛାୟା । ଦେହରେ ଖଣ୍ଡେ ମାମୁଲି ପିନ୍ଧା । ଲୁଗାଟାର ଦେହସାରା ଦାଗ ।

"ବୁଢ଼ା ଆସିଲୁ ବୋଲି ଗାଁରେ ତ ଚହଳ ପଡ଼ି ଯାଇଛି । କାଲି ସକାଳୁ ଶଙ୍ଖ ବାଜିବା ଶୁଣି ମୁଁ ଟିକିଏ ବାବା ହୋଇଗଲି । କଣ ହେଲାକି ସାନ ଖୁଡ଼ୀ ଘରେ ? ପରେ ଶୁଣିଲି ତୁ ଆସିଛୁ । ବାଃ, ଖାସା ଚେହେରା ହୋଇଛି ବୁଢ଼ାର, ନୁହେଁ ବୋଉ ?"

"ହବନି । ସାଇବ ଦେଶରେ ଥିଲା, ଦଶବର୍ଷ ।" ତା ପରେ ବାମଦେବଙ୍କ ପ୍ରତି ବାକ୍ୟ-କ୍ଷେପଣ କଲେ, "ସେ ଯାହାହଉ, କିଛି ଗୋଟାଏ କରିବ ବାମ । ସମାଜଟାତ ପୁଣି ଅଛି ।"

"ହଁ, ହଁ," ସମର୍ଥନ କଲେ ରାୟ ବାହାଦୂର । "ଶିକ୍ଷାମନ୍ତ୍ରୀଙ୍କ ପାଖକୁ ଯାଉ । ସେ ଗୋଟାଏ କିଛି ବାଟ କାଢ଼ିଦେବେନି ?"

ଚେୟାର ଛାଡ଼ି ଉଠିଲା ଶଙ୍କର । ଏଇ ଜୀର୍ଣ୍ଣ, ଜରାଗ୍ରସ୍ତ, କୁସଂସ୍କାର-ପୂର୍ଣ୍ଣ ପରିବେଶ ତାର ସିମିତ ଅସହ୍ୟ ହେଲା ।

"ମୁଁ ତ ଅଛି ବଡ଼ମା । ଆସିବି ପୁଣି କେତେବେଳେ ।"

"ଆଲୋ ଲୋ ସୁନା, ପାନ ଦିଖଣ୍ଡ ଦେଲୁନି । ଦେଖିଲୁ, ପୁଅଟା ଆସିଥିଲା ଏତେ ଦିନକେ ?"

Digitized by srujanika@gmail.com

"ଆଉ, ପାନ ସେ ଖାଏନ । ମୁଁ ତ ଖାଏନି ଜାଣ ।" ବାମଦେବ କହିଲେ ।

ବାପ ପୁଅ ବାହାର ଆସିଲେ । ଦୁଇଜଣଙ୍କ ମୁହଁ ଗମ୍ଭୀର । ଆଖପାଖ ଘର ଦଦେଇଙ୍କର । ଶିବ ଦଦେଇ ଡି. ଏସ୍. ପି. ଥିଲେ । ଲମ୍ବା ଚଉଡ଼ା ଚେହେରା, ପ୍ରକାଣ୍ଡ ମୂର୍ତ୍ତି, ଦାଣ୍ଡ ପିଣ୍ଡାରେ ବସି ଖବର କାଗଜ ପଢୁଥିଲେ । ଏମାନଙ୍କୁ ଦେଖି, ସାହି କମ୍ପେଇ ଆମନ୍ତ୍ରଣ କଲେ—"ଆରେ ଏ କି ଅପର୍ବ । ବୁଢ଼ା ଆସିଛୁ ।"

ଶଙ୍କର ପ୍ରଣାମ କଲାରୁ ଠିଆ ହୋଇପଡ଼ିଲେ । ତାକୁ ଦେଖିଲେ ଭଲକରି, ଗୋଡ଼ଠୁଁ ମୁଣ୍ଡ ପର୍ଯ୍ୟନ୍ତ । ତା'ପରେ କୁଣ୍ଢେଇ ପକେଇଲେ । ଆଖିରୁ ଦୁଇଧାର ଅଶ୍ରୁ ବୋହିଗଲା । ଏଇ ଶିବ ଦଦେଇଙ୍କର ଗୋଟିଏ ପୁଅ ଥିଲା ତାରି ବୟସର । ପୁଲିସର ପୁଅ ଅମନୁଷ୍ୟ ହୋଇଯାନ୍ତି ବୋଲି, ଦଦେଇ ତାକୁ ଖୁବ ଯତ୍ନରେ ବଢ଼େଇ ଥିଲେ । ସେଇ ପୁଅ, ପ୍ରମଥନାଥ, ତେରବର୍ଷ ବୟସରେ ମରିଗଲା ଟାଇଫଏଡରେ । ପୁତ୍ର ଶୋକରେ ଜ୍ଞାନଶୂନ୍ୟା ଜେଠେଇ ସର୍ପିଣୀର ବିଷାକ୍ତଦଂଶନ କଲେ—"ମୋ ପୁଅ ମଲା, ବାପର ପାପ ପାଇଁ ।" ଶିବ ଦଦେଇ ସେତେବେଳେ ଦୁର୍ଦ୍ଦାନ୍ତ ପୁଲିସ ଇନସପେକ୍ଟର । ଧର୍ମାଧର୍ମ ମାନନ୍ତି ନାହିଁ । ଯାହା ଖୁସି କରନ୍ତି, ଯାହା ଖୁସି ଖାନ୍ତି । ଜେଠେଇ ଅଲଗା ହୋଇଗଲେ ଠାକୁରଙ୍କୁ ନେଇ । ଦେବସେବାରେ ଦିନ ରାତି କଟିଲା । ଶିବ ଦଦେଇଙ୍କର ରହିଲା, ଗୋଟିଏ ସିଙ୍ଘାଣୀନାକି ଝିଅ ଟୁନା ଏବଂ ସ୍କୁଟର । ଏକା ଘରେ ରହି ମଧ୍ୟ ସ୍ୱାମୀ ସ୍ତ୍ରୀର କ୍ୱଚିତ କଥାବାର୍ତ୍ତା ହେଉଥିଲା । ଶିବ ଦଦେଇ ପୁତ୍ର ଶୋକରୁ ନିସ୍ତାର ପାଇଁ ଧରିଲେ ମଦ । ମୁଣ୍ଡ ଖରାପ ହୋଇଗଲା । ଚିକିତ୍ସା ପାଇଁ ଗଲେ କାଂକେ । ସେଠୁ ଫେରି ଆସିଲେ ଏକାବେଳକେ ଅନ୍ୟ ମନୁଷ୍ୟ ହୋଇ । ପୁଲିସ ସାହେବ ତାଙ୍କ ଦୁଃଖ ବୁଝିଲେ । ତାଙ୍କୁ ଅଫିସରେ ଅବସ୍ଥାପନ କଲେ । ଦଦେଇ ମଧ୍ୟ ବର୍ତ୍ତିଗଲେ । ଦଶଟା ପାଞ୍ଚଟା ଅଫିସ କରନ୍ତି, କଡ଼ା କଡ଼ା ଇଂରେଜୀରେ ରିପୋର୍ଟ ଲେଖନ୍ତି ଓ ଘରକୁ ଆସି ଯୋଗାସନରେ ବସନ୍ତି । ଇତିମଧ୍ୟରେ ସେଇ ଟୁନା ପାଠପଢ଼ି ବି. ଏ. ପାଶ କଲା । ତାକୁ ଗୋଟିଏ ଦରିଦ୍ର ଅଥଚ ସଚ୍ଚରିତ୍ର କଲେଜ ଶିକ୍ଷକଙ୍କୁ ବାହା କରିଦେଲେ ।

"ପଞ୍ଚୁ ଭାଇନା କହୁଛନ୍ତି, ବୁଢ଼ା ଦଶବର୍ଷ ବିଦେଶରେ ଥିଲା, ପ୍ରାୟଶ୍ଚିତ୍ତ କରୁ ।" ସପରେ ବସୁ ବସୁ ବାମଦେବ ଅନୁଯୋଗ କଲେ ।

"କଣ ହେଲା, ପ୍ରାୟଶ୍ଚିତ ? କାହିଁକି ? ଆଜିକାଲି କିଏ ସେ କଥା କରେ ? ଏ ଭାଇନାର ଫିସାଦ ।" ଟିପଣୀ କାଟିଲେ ଶିବ ଶତପଥୀ ।

Digitized by srujanika@gmail.com

ଶଙ୍କର ସେଇଠି ପିଣ୍ଡାରେ ବସିବାକୁ ଯାଉଥିଲା । ତାକୁ ଘର ଭିତରକୁ ଟାଣି ନେଇଗଲେ ଦଦେଇ । ଡାକଦେଲେ, "କିଏ ଆସିଛି ଦେଖ ।" ତପସାରେ ଶୀର୍ଣ୍ଣ ହୋଇଛନ୍ତି ଜେଠେଇ । ଆଖିର ଦୃଷ୍ଟି କି ଉଜ୍ଜ୍ୱଳ ! ଶଙ୍କର ପ୍ରଣାମ କଲାରୁ ତାର ଶିରଶ୍ଚୁମ୍ବନ କରି ଆଉଜେଇ ନେଲେ ତାକୁ ନିଜ ଛାତିକୁ । ତା ପରେ ନୀରବରେ ବୋହିଲା ଅଶ୍ରୁ । ତାର ସିମିତ ଶେଷ ନାହିଁ । ବାୟୁ ମଣ୍ଡଳଟା ବିଷାଦତାରେ ଭରି ଗଲା ସେଇ ପୁରୁଣାଦିନର ସ୍ମୃତି । ପ୍ରମଥନାଥ । ସମସ୍ତଙ୍କ ଆଖି ସିକ୍ତ । ସେ କେବଳ ତାର ଭାଇ ଥିଲାନି, ସାଥୀ ବି ଥିଲା । ଶଙ୍କରର ମନେ ଅଛି ସ୍କୁଲର ତଳ କ୍ଲାସରେ ପଢୁଥାଏ । ହଠାତ୍ ଦିନେ ପ୍ରମଥନାଥ, ତାର ଡ଼ାକ ନାମ ଥିଲା ଟିକି, ଗୋଟିଏ ଝରକଲମ ଆଣିଲା କ୍ଲାସକୁ । ସରୁ କଲମଟା, ବ୍ଲାକ୍‌ବାର୍ଡ । ଶଙ୍କରର ଈର୍ଷା ହୋଇଥିଲା ସେଦିନ ଟିକିର ସୌଭାଗ୍ୟରେ ।

ଗଲା ସଫାକରି ଦଦେଇ ପାଟି କଲେ, "ତୁମେ ତାକୁ ଧରି କାନ୍ଦିବ ନା ଏତେଦିନ ପରେ ପୁଅ ଘରକୁ ଫେରିଲା, ତାକୁ ଆଦର ଯତ୍ନ କରିବ ।"

ଜେଠେଇ ଆଖି ପୋଛି ଶଙ୍କରକୁ ନେଇ ବସେଇଲେ ଗୋଟାଏ ଖଟରେ । "ବସ୍ ବାପା, ମୁଁ ଆସୁଛି ।"

ବାପା ଆଉ ଦଦେଇ ବାହାର ପିଣ୍ଡାରେ ବସି ସେଇ ପ୍ରାସ୍ପଙ୍ଗିକ କଥା ଆଲୋଚନା କରୁଥାନ୍ତି । ଜେଠେଇ ଆସିଲେ । ଧରିଛନ୍ତି ଗୋଟିଏ ମାର୍ବଲ ଥାଳିଆରେ ଗୁଡ଼ିଏ ନଡିଆ କୋରା ଏବଂ ଗିନାରେ ଗିନାଏ ଦୁଧ ସର । ଅନ୍ୟ ହାତରେ କଂସା ଗିଲାସରେ ପାଣି ।

"ଏତେଗୁଡ଼େ ଖାଇ ପାରିବିନି ଜେଠେଇ ।" ସଂକୁଚିତ ହେଲା ଶଙ୍କର ।

"ଖାଇବାକୁ ହବ ଯେ ବାପା ଜେଠେଇ ପାଖରେ । କଣ ବା ଦେଇଛି ?"

ଗୋଟାଏ କୋରା ଉଠେଇ ଶଙ୍କର ପାଟିରେ ଗୁଞ୍ଜି ଦେଲେ । ବେଶ ଭଲ ଲାଗିଲା ଶଙ୍କରକୁ । ଅନେକ ଦିନର ପୁରୁଣା ଏ ସ୍ୱାଦ, ଭୁଲି ଯାଇଥିଲା ସେ । ପାଣି ପିଇବାକୁ ହାତ ବଢ଼େଇଲା ।

"ନା ବାପା, ସେ କଥା ହବନି । ସରତକ ଖାଇ ଦେ ।" ପୁଣି ଧଇଲେ ଜେଠେଇ ଗିନାଟା ଶଙ୍କରର ପାଟିରେ—ଗ୍ଲେଟ ପିଲାଙ୍କୁ ଖୋଇଦେଲା ଭଳି । ଆସ୍ତେ ଆସ୍ତେ ଶୋଷିନେଲା ଶଙ୍କର ଲୁବ୍ଧ ହୋଇ । କି ସ୍ୱାଦ, କି ଅପୂର୍ବ ବାସ୍ନା ଦୁଧସରର ।

Digitized by srujanika@gmail.com

ପାଣି ପିଇସାରି ଠିଆ ହେଲା ଶଙ୍କର । କେଉଁଠିଇ ଗୋଟାଏ ଅଳେଇଚ ଦେଲେ ପାଟିରେ ପକେଇବାକୁ ।

"ମୁଁ ଆସିବି କେଉଁଠି । ଅଛନ୍ତି ଏଠି ଏଇକ୍ଷଣି ।"

"ଆସିବୁ ବାପା । ନ ହେଲେ ତୋ ବୋଉ ସାଙ୍ଗରେ କଥାବାର୍ତ୍ତା ବନ୍ଦ ।"

ଦଦେଇ ଘରୁ ବାହାରିଲାରୁ ଦଦେଇ ସାଙ୍ଗ ହେଲେ । ଆହୁରି ଦୁଇ ତିନି ଜାଗା ଯିବାକୁ ପଡ଼ିଲା । ସେଇ ପୁରୁଣା ମଣିଷ ସବୁ । କିଏ ଜରାଜୀର୍ଣ୍ଣ, କିଏ ବାତରେ ପଙ୍ଗୁ । କିନ୍ତୁ ସବୁଠି ପାଇଲା ଶଙ୍କର ଉଚ୍ଛ୍ୱସିତ ସମ୍ବର୍ଦ୍ଧନା । କାରଣ ମାମୁଁ, ହରିହର ମଉସା, ବନମାଳୀ ଦଦେଇ ସମସ୍ତେ ବଞ୍ଚିଛନ୍ତି । ସମସ୍ତେ ଖୁସି ହେଲେ । ବାମଦେବଙ୍କ ଭାଗ୍ୟକୁ ପ୍ରଶଂସା କଲେ । ଶଙ୍କର ଦେଖିଲା ତା ସାଙ୍ଗର କେହି ଘରେ ନାହାନ୍ତି । ସମସ୍ତେ ପ୍ରାୟ ବିଦେଶରେ ଚାକିରି ବାକିରି କରି ରହିଛନ୍ତି । ସୁବିଧା କରି ଗାଁକୁ ଆସନ୍ତି । ପରିଚିତ ବାହାରିଲେ କେତେ-ଜଣ କିନ୍ତୁ ଏମାନଙ୍କ ସାଙ୍ଗରେ ତାର ଘନିଷ୍ଠତା ନ ଥିଲା । ପିଲାଦିନୁ ତ ସେ ବୁଲିଛି ସ୍କୁଲରୁ ସ୍କୁଲକୁ ବାପାଙ୍କ ସାଙ୍ଗରେ । ଗାଁକୁ ଆସିଛି ଯାହା ଛୁଟିରେ ।

ସାତ

ଦାଣ୍ଡ ଦୁଆରେ ଦେଖା ହେଲା ଉମା ସାଙ୍ଗରେ । ବାପାଙ୍କୁ ବାଃ ଛୁଡ଼ି ଦବାକୁ କଡ଼େଇ ଗଲା ଉମା । ବାପା ଭିତରକୁ ଚାଲିଗଲେ ।

"କିରେ କି ଖବର ?" ପଚାରିଲା ଶଙ୍କର ।

"ଆଉଣି ନ ହେଲେ ତୁମେ ଖାଇପାରିବନି ଭାଇନା ?" ଶଙ୍କର ପଛେ ପଛେ ଘର ଭିତରକୁ ପଶୁ ପଶୁ ଉମା ପଚାରିଲା ।

"କିଏ କହିଲା ?" ଆଗେଇ ଗଲା ଶଙ୍କର ଅଗଣାକୁ । ଶୁଖା ହେଉଥିବା ଲୁଗାପଟା ପାଖରେ ଚୌକି ପକେଇ ବସିଛନ୍ତି ମାମୁ ଓ ଚନ୍ଦ୍ରଶେଖର । ମାମୁଙ୍କ ହାତରେ କଫି କାପ । ଧୂଆଁ ଉଠୁଛି । ବାସନାରୁ ବୁଝିପାରିଲା ଶଙ୍କର । ମନଟା ଖୁସି ହୋଇଗଲା । ତା ଆଡ଼କୁ ଚୌକିଟା ବଢ଼େଇ ଦେଇ ଠିଆ ହେଲା ଚନ୍ଦ୍ରଶେଖର । ତା ହାତରେ କିନ୍ତୁ ଚା । ଶମ୍ଭୁ ଆଣି ଦେଲା ଆଉ ଗୋଟାଏ ଚୌକି । ସମସ୍ତେ ବସିଲେ ।

"କଫି ଖାଇବ ଭାଇନା ?" ହାଣ୍ଡିଶାଳରୁ ପାଟି କଲା ଉମା ।

"ନିଶ୍ଚୟ । କାହିଁ ଦେ ।"

Digitized by srujanika@gmail.com

"ଏଇ ଯେ" କହି ଗୋଟାଏ ଧୂମାୟିତ କଫିକାପ ଧରି ଆଗେଇ ଆସିଲା ଉମା । ଶଙ୍କର ହାତକୁ ବଢ଼େଇ ଦେଇ କହିଲା—"ୟାଙ୍କିମାନେ କଫିକୁ ବେଶୀ ପସନ୍ଦ କରନ୍ତି ।"

"ତୁ କିମିତି ଜାଣିଲୁ ?" ପଚାରିଲା ଶଙ୍କର ହସ ଟାଣି ମୁହଁରେ ।

"ତୁମର ସେଇ ବନ୍ଧୁଙ୍କ ପତ୍ରର ? ବିଲାତରୁ ଫେରିଲାବେଳେ ଗୋଟାଏ ମାର୍କିନ ଜାହାଜରେ ଆସିଥିଲେ । ବାଟସାରା ଖାଇଛନ୍ତି କେବଳ କଫି । ଦିନ ରାତିଦିନ କ୍ରମାଗତ କଫି ଖାଇବାରୁ ପେଟର ଅବସ୍ଥା ଇମିତି ହେଲା ଯେ, ଡାକ୍ତର ତାଙ୍କୁ, କଣଟି ସେ ଶବ୍ଦଟା ମାମୁଁ ?"

"କ୍ୱାରେନଟାଇନ"

"ହଁ ସେଇଠି ରହିବାକୁ ବ୍ୟବସ୍ଥା କରିଦେଲା ।"

ସମସ୍ତେ ହସି ଉଠିଲେ । କଫି ପିଆ ସାଙ୍ଗରେ ଚାଲିଲା ଗପ, ନାନା କଥା । ଶମ୍ଭୁ ଉସ୍‌ଖୁସ୍ କରୁଥାଏ, କିନ୍ତୁ ସାହସ ପାଉ ନ ଥାଏ ଭାଇନାକୁ କିଛି କହିବାକୁ ।

*

ଏଇ ସମୟରେ ରାଜା କଉଠୁ ଆସି ପହଞ୍ଚିଲା । ହାତରେ ଗୋଟାଏ ବଡ଼ ଲଟୁ । ଚାବି ଦେଇ ଛାଡିଦେଲେ ଘୁରୁଛି ଏବଂ ଭେଁ। ଭେଁ। ଶବ୍ଦ କରୁଛି । ସମସ୍ତଙ୍କର ନଜର ଲଟୁବାଲା ଉପରେ । ଲଟୁଟା ବୁଲି ସାରିବା ପରେ ତାକୁ ଆଣି ଠିଆ ହେଲା ରାଜା ସାହେବ ମାମୁଁ ପାଖରେ ।

"ଦେଖି ରାଜା ସାହେବ ?" ଶଙ୍କର ନେଲା ଲଟୁଟା ଏବଂ ସେଥିରେ କଣ ଗୋଟାଏ ଟାଣି ଦେଇ ପୁଣି ଚାବି ଦେଇ ଛାଡ଼ି ଦେଲାରୁ ଲଟୁରୁ ବାହାରିଲା ଟୁଂ ଟାଂ, ଟୁଂ ଟିଂ—ନାନା ପ୍ରକାରର ମିଠା ଶବ୍ଦ । ରାଜାର ଧୈର୍ଯ୍ୟ ରହିଲା ନାହିଁ । ବୁଲି ସାରିବା ଆଗରୁ ଲଟୁଟା ଉଠେଇ ନେଇ ମାମୁଙ୍କୁ ପଚାରିଲା—"କାହିଁ ମୁଁ ତ କଲାବେଳେ ଏମିତି ହଉ ନ ଥିଲା ?"

"ଏଥର ହବ । ତୁମେ ବୁଲାଅ ।"

ଆସ୍ତେ ଆସ୍ତେ ଚାବି ଦେଇ ଛାଡିଦେଲା ରାଜା । ଫେର ସେଇ ରୁଇମିଂ । ଖୁସି ହୋଇ ଲଟୁକୁ ଉଠେଇ ନେଇ ଦଉଡ଼ିଲା ରାଜା ହାଣ୍ଡିଶାଳକୁ, ମା ପାଖକୁ ।

ବୋଉ ଆସି ଠିଆ ହେଲେ ପିଣ୍ଡାରେ । "ଆଜି ଗୁରୁବାର । ଲକ୍ଷ୍ମୀପୂଜା । ଆଇଁଷ ହୋଇନି । ଖାଇ ପାରିବୁନି ବୁଢ଼ା ?"

Digitized by srujanika@gmail.com

"ହଷ୍ଟସ୍ ଖାଇ ପାରିବ ବୋଉ । ତୁ ଜାଣିନୁ, ଖାଲି ପରିବା ଝୋଲ ଆଉ ପାଉଁରୁଟି ଖାଇ ମୁଁ ବର୍ଷଟାଏ ବଞ୍ଚିଛୁ, କାରମେନର ସେଇ ଶୀତରେ ।"

ବୋଉ ଖୁସି ହୋଇ ଚାଲିଗଲେ । ପଛରୁ ଡାକି ଶଙ୍କର କହିଲା—"ଠିକ୍‌ଏ ଡେ଼ରିରେ ଖାଇବା ବୋଉ । ଗିନାଏ ଦୁଧସର ଜେଠେଇ ଗିଲେଇଛନ୍ତି ।"

ହସିଲେ ବୋଉ । "ହଉ, ମୋ କାମତ ସରିନ । ଘଣ୍ଟାଏ ଖଣ୍ଡେ ଡେ଼ରି ହବ—"

ମାମୁ କହିଲେ—"ସବୁତ ହେଲା, କିନ୍ତୁ ତୋର ଏଡ଼୍‌ଭେନଚ୍ଚରର ଗପଟା ଅଶୁଣା ରହିଲା ଯେ, କେତେବେଳେ ଶୁଣିବା ?"

"ଆପଣ କହନ୍ତୁ କେତେବେଳେ ଶୁଣିବେ ?"

"ଆଜି ରାତିରେ, ଖିଆପିଆ ପରେ ।" ଚନ୍ଦ୍ରଶେଖର ପ୍ରସ୍ତାବ କଲା ।

"ବେଶ୍ ।" ଶଙ୍କର ରାଜି ହେଲା ।

ଗୋଟାଏ ସିଗ୍ରେଟ ଲଗେଇବା ଦରକାର । ଘର ଭିତରକୁ ଉଠିଗଲା ସେ ।

ଇତି ମଧ୍ୟରେ ତାର ଉପହାରଗୁଡ଼ା ଦୁଇ ହାତରେ ଧରି ଆସିଲା ରାଜା । ତା ପଛରେ ଉମା । ଦିହାତ ଖେଳନାରେ ଭର୍ତ୍ତି । ମାମୁଁ ଆଉ ସ୍ୱାମୀ ପାଖରେ ଠୁଳ କଲା । "ଭାଇନା ଆଣିଛନ୍ତି ରାଜା ପାଇଁ ।"

"ରାଜା ପାଇଁ ଏତେ ଖେଳନା ।" ଉଠେଇ ନେଲା ଚନ୍ଦ୍ରଶେଖର ଗୋଟାଏ ଛବି ବହି । ମାମୁ ଉଠେଇଲେ ପେରିସକୋପ । ଶମ୍ଭୁ ଆଣି ଦେଖେଇଲା ତାର ଏଲବାମ ।

ଘର ଭିତରୁ ଡ଼ାକିଲା ଶଙ୍କର, "ଦଣୀ ତୋର ପେଣ୍ଟ୍ରୋବ୍ରସ ବକ୍‌ସ ଏଇଠି ଅଛି ।" ଶମ୍ଭୁ ଦଉଡ଼ିଗଲା ଭିତରକୁ । ଦୁଇ ଭାଇ ବାହାରି ଆସିଲେ । ଶମ୍ଭୁ ହାତରେ ଗୋଟାଏ କେବିନ ଟ୍ରାଙ୍କ, ସେଇ ସକାଳ ଭଳି । କିନ୍ତୁ ଅନ୍ୟ ରଙ୍ଗର । ଡ଼ାକପ୍ରିଲା ପଡ଼ିଲା ଉମାକୁ, "ଚାବି ଆଣ ଉମି ।"

ବୋଉ ପାଖରୁ ଏଥର କେବଳ ଚାବି ଦିଟା ଆସିଲା ଉଆଲେଟଟା ଉମା ଇଚ୍ଛା କରି ରଖି ଦେଇ ଆସିଲା । ନମ୍ବର ଦେଖି ଚାବିଟା ଦେଲା ଶଙ୍କର ଶମ୍ଭୁକୁ— "ଖୋଲ ବାକ୍‌ସଟା ।"

Digitized by srujanika@gmail.com

ଶମ୍ଭୁ ସକାଳେ ବାକ୍ସ ଖୋଲି ଦେଖିଥିଲା—କିନ୍ତୁ ବୁଦ୍ଧିପାଉ ନ ଥିଲା । ଉମା ତା ହାତରୁ ଚାବି ନେଇ ଖୋଲି ବସିଲା ବାକ୍ସ । ଶଙ୍କର ବଢେଇ ଦେଲି ।

ଡାଲି ଖୋଲିବାରୁ ଦେଖା ଗଲା ଲୁଗାପଟାରେ ଭର୍ତ୍ତି ହୋଇଛି । ଉତ୍ସାହରେ ଠିଆ ହୋଇ ପଡ଼ିଲା ଉମା ।

"କାଢ଼ିବି ସବୁ ଜିନିଷ ଗୁଡ଼ା ?"

"କାଢ଼ । ଆସିଲିତ ସେଇଥିଲାଗି ।"

କଟା ହେଲା ଜିନିଷ । ହରେକ ରକମ କନାର, ହରେକ କିସମର ଶାଢ଼ି, ପୋଷାକ ପାଇଁ ଥାନ, ସରୁ ମୋଟା, ସାର୍ଜ ଆଉ ଟୁଇଡ୍, ପାମିଚ ଆଉ ଟ୍ରପିକେଲ । ତା ତଳକୁ ଗୋଟାଏ ପ୍ଲେଟ ଟ୍ରାନସିଷ୍ଟାର ରେଡ଼ିଓ, ଟେପ ରେକର୍ଡ଼ାର । ତା ପାଖକୁ ଥାକକୁ ଥାକ ସଜା ହୋଇଛି ନାଇଲନ ଆଉ ଉଲର ମୋଜା—ନାନା ରଙ୍ଗର । ତା ତଳକୁ ସ୍କାର୍ଫ, ଟୋପି, ଗୋଟାଏ ଲାଲ ରଙ୍ଗର କୋଟ—ବେକରେ ହାତରେ ନରମ ଲୋମ, ସିଲ୍‌କ ସୁଟ ଏମିତି କେତେ କଣ ? ଜମା ହୋଇଗଲା ଲୁଗାପଟା । ଶଙ୍କର ଦେଖିଲା ତା ଚାରିପାଖ ଘେରି ଠିଆ ହୋଇଛନ୍ତି, ଶମ୍ଭୁ, ବୋଉ, ରାଜା, ସିଙ୍ଗ ଆଉ ସେଇ ଝିଅଟି, ଯଦ୍ଧା ହରିଣୀ ପରି ଯାର ଆଖି । ଶଙ୍କର ଆଖିରେ ଆଖି ପଡ଼ିବାରୁ ସେ ମୁହଁ ତଳକୁ କରି ମୁଣ୍ଡର ଲୁଗା ଟାଣିଦେଲା କପାଳ ଉପରକୁ । ବସ୍ତ୍ରର ଅତଳ ଗହ୍ୱରରୁ ଏ ଆଖିର ପରିଚୟ ଖୋଜି ବୁଲିଲା ଶଙ୍କର ।

"ଏ ଗୁଡ଼ା କଣ ସବୁ ତୁମର ?" ପଚାରିଲା ଉମା । ଆଖି ଦିଟା ତାର ଆନନ୍ଦରେ ଉଜ୍ଜ୍ୱଳ ।

"ନାଁ ତ । ଏଗୁଡ଼ା ମୋର କାହିଁକି ହବ ?"

"ତାହେଲେ, କାହାର ?" ପ୍ରଶ୍ନ କଲା ଉମା ଗମ୍ଭୀର ହୋଇ ।

"ତୁମର ସମସ୍ତଙ୍କର ।"

"ଯାଃ, ଥଟ୍ଟା କରୁଛ ।" ଅବିଶ୍ୱାସର ହସ ଉମା ମୁହଁରେ ।

ସେଇ ଲାଲ ଫରକୋଟଟା ଉଠେଇ ଠିଆ ହେଲା ଶଙ୍କର । ଉମାକୁ କହିଲା ଠିଆ ହବାକୁ । ପଛ ଆଡ଼ୁ ପିନ୍ଧେଇ ଦେଲା ସେ ଉମାକୁ । ରାଜା ହାତ ତାଳି ଦେଇ କହିଲା, "କି ସୁନ୍ଦର ଦିଶୁଛି ମା ତୁମକୁ ।" ଲାଜରେ ଲାଲ ହୋଇ ଉମା ଚାହିଁଲା ଚନ୍ଦ୍ରଶେଖରକୁ । ତା ମୁହଁରେ ଅନୁରାଗର ହସ । ଆହୁରି ଲଜ୍ଜିତ ହୋଇ କୋଟଟାକୁ ଖୋଲିଦବାକୁ ଗଲାରୁ ଶଙ୍କର ବାଧା ଦେଲା, "ସେ କଥା ହବନି । ତୋ କୋଟ ତୁ ପିନ୍ଧିବୁ ।"

Digitized by srujanika@gmail.com

ଘଗ ହେଲ । ବଡ଼ ଶାର୍ଟ ଗୁଡ଼ା ନେଲ ଚନ୍ଦ୍ରଶେଖର । ସାନଗୁଡ଼ା ନେଲ ଶମ୍ଭୁ । ଗରମ କନା ଦଟା ବାଛିଦେଲ ବାପାଙ୍କ ପାଇଁ ଆଉ ମାମୁଁଙ୍କ ପାଇଁ । ଅନ୍ୟଗୁଡ଼ା ବାଣ୍ଟିଦେଲ ଭଉଣୀ ଓ ସାନଭାଇକୁ । ଗୋଟାଏ ମୋଟା ଟୁଇଡ କନା ପାଇଲ ସିଙ୍ଗ ।

"ମୁଁ ଏକୁ ନେଇ କଣ କରିବ, ଚଦର ?"

"ନାଇଁ ମ, କୋଟ କର ପିନ୍ଧିବୁ ।" ଶମ୍ଭୁ କହିଲ ।

"କୋଟ ବନେଇବ କଏ ?"

"ଦରଜି ।"

"ଇଲେ ବାପାଲେ । ପଇସା କାହିଁ ?"

"ସେ କଥା ଯେ ଆଣିଛି ସେ ବୁଝିବ ।" ସିଙ୍ଗର କନାଟା ବୋଉ ନେଲେ, କୋଟ ତିଆର କରିଦେବେ ।

ପୁଏଟାର ବାହାରିଲ । ବାପାଙ୍କର, ମାମୁଙ୍କର, ଶମ୍ଭୁର । ସିଙ୍ଗ ବି ପାଇଲ ଗୋଟାଏ । ହାତକୁ ନେଇ ପିନ୍ଧିଲ ସିଙ୍ଗ । କହିଲା, "ହଁ ଏଇଟା ହେଲା । ଡାଢ଼ ଉଠୁଛି ଜାମାରୁ ।" ହସ ହେଲା । ଗୋଟାଏ ମାଫଲାର ମଧ୍ୟ ମିଳିଲା ସିଙ୍ଗକୁ ! ବୁଢ଼ା ଖୁସି ହୋଇ କହିଲା, "କେତେ ନୂଗା ମୋ ପେଇଁ ଆଣିଛି ବୁଢ଼ା ବାବୁ ।"

ସ୍କାର୍ଫ ତିନଟା । ନାନା ରଙ୍ଗର ନାନା ପ୍ରକାର ସିଲକର ଛିଟ—ଛିଟା । ଗୋଟାଏ ମୋଟା ସିଲକର ଥାନରେ ସିଲେଇ ହୋଇଛି ଗାଢ଼ ଲାଲ ରଙ୍ଗର ସାଟିନର ଧଡ଼ି । ଉଠେଇ ନେଲା ଶଙ୍କର, "ଏଟା ବୋଉର ।"

"କରେ ଉମି, ଛିଟ ଚଳିବ ତ ତୋର ।"

ବିମୁଗ୍ଧ କୃତଜ୍ଞ ଚକ୍ଷୁରେ ଗ୍ରହିଲା ଉମା ଭାଇନାକୁ । ଛିଟା ଛିଟରୁ ଗୋଟାଏ ରଖି ବାକି ଗୁଡ଼ା ଉମାକୁ ଦେଇଦେଲା ଶଙ୍କର । "ଏଗୁଡ଼ା ତୋର ।"

"ଆଉ ସେଟା ?"

"ସ୍କାର୍ଫରୁ ଗୋଟାଏ ବୋଉର, ଗୋଟାଏ ଉମିର ।"

"ଆଉଟା ?" ପୁଣି ପଗ୍ଧରିଲା ଉମା ।

ସେଇ ସ୍କାର୍ଫ ଆଉ ଶାଢ଼ିକୁ ଆଣ୍ଠୁ ଉପରୁ ଉଠେଇ ବୋଉ ହାତରେ ଦେଇ ଶଙ୍କର କହିଲା, "ସଙ୍ଗାତ ମାଉସୀଙ୍କ ଝିଅ, କଣଟି ତା ନାଁ ? ତାକୁ ଦବୁ ଏ ଦଟା ।"

Digitized by srujanika@gmail.com

"ମାନର ଶାଢ଼ି କଣ ହବ ?"

ହଠାତ୍ ଶଙ୍କର ଅନୁଭବ କଲା, ବୋଉ ପଛରେ ଯେଉଁ ଝିଅଟି ଠିଆ ହୋଇଥିଲା, ସେ ସପ୍ତପଦରେ ପଳେଇଗଲା ।

"ତୁ ଜାଣିନୁ ବୁଢ଼ା" ଇଂରେଜୀରେ ମାମୁଁ କହିଲେ, "ସେ ବିଧବା ।"

"ବିଧବା !" ପ୍ରତିଧ୍ୱନି କରି ଉଠିଲା ଶଙ୍କର । ମୁହଁଟା ତାର ଏକ ମୁହୂର୍ତ୍ତ ପାଇଁ ବିବର୍ଣ୍ଣ ହୋଇଗଲା । ତା ପରେ ସମ୍ଭାଳି ନେଇ, ରାଜା ଆଡକୁ ଘୂରି ବସି କହିଲା, "ମଜା ସଉକି ରାଜା ସାହେବ ।"

ତାଳର ଜପ ଟାଣିଦେଲି ଶଙ୍କର ଏ ମୁଣ୍ଡରୁ ସେ ମୁଣ୍ଡଯାକେ । ଖସି ପଡ଼ିଲି କାଉବୟ ପୋଷାକ, ଟୋପି, ପେଣ୍ଟ, ଘୋଡା, ପେଟି, ପିସ୍ତଲ, ଗ୍ଲେଭ ଇତ୍ୟାଦି । ଟୋପିଟା ନେଇ ଲଗେଇ ଦେଲି ରାଜା ମୁଣ୍ଡରେ । ଧରେଇ ଦେଲି ପିସ୍ତଲ ଓ ଗ୍ଲେଭ ତାର ଦି ହାତରେ । ସବୁ ଖେଳନା । ମନେହେଉଥାଏ ଯିମିତି ସତର । ଉମାର ଖୁସି ଆଉ ସୀମା ଭିତରେ ରହିଲି ନାହିଁ । ସେ ପୁଅକୁ ସଜେଇବାକୁ ବସିଗଲି ।

"କାଉବୟ । କହ ରାଜା, କାଉବୟ ।"

"କାଉ ତ କାଉ, ଆଉ କଣ ମା, ବୟ, ପିଲା । ଯାଃ, କାଉ ପିଲା କଣ ମ ?" ନାପସନ୍ଦ କଲା କଥାଟାକୁ ରାଜା ।

ଏଇ ସମୟରେ ବାପା ଆସି ପହଞ୍ଚିଲେ । "କଣ ହଉଛି ଏଠି ?"

ବୋଉ ଲୁଗାପଟା ସଜାଡୁ ସଜାଡୁ କହିଲେ, "ବୁଢ଼ା ଲୁଗାପଟା ଆଣିଛି ସମସ୍ତଙ୍କ ପାଇଁ । ଦେଖୁଥିଲେ ।"

"ତୁମର ଆସିଛି ତ ?" ହସି ପଚାରିଲେ ହେଡ଼ମାଷ୍ଟର ।

"ହଁ ମୋ ପାଇଁ ଆସିଛି, ତୁମ ପାଇଁ ଆସିଛି, ସମସ୍ତଙ୍କ ପାଇଁ ଆଣିଛି ।"

"ବେଶ ତ । ରଖି ଦିଅ, ପରେ ଦେଖିବା । ବେଳ କେତେ ହେଲାଣି, ଖିଆଲ ଅଛି ନା ?"

"ମୁଁ ଯାଉଛି ।"

ହଠାତ ମା ପାଖରୁ ରାଜା ଚାଟିକରି ଉଠିଲା, "ଅଜା ସାବଧାନ, ମୁଁ କାଉ ଆଉ କଣ ମା ?

"ବୟ ।"

Digitized by srujanika@gmail.com

"ହୁଁ, ହୁଁ,—ମୁଁ କାଉବୟ । ଦେଖୁଛ ମୋର ହ୍ୟାଟ ମୋର ପିସ୍ତଲ ।" ତା ପରେ କଣ ଭାବି କହିଲା, "ସାହେବ ମାମୁ ପିସ୍ତଲର ଗୁଳି କାହିଁ ?"

"ଅଛି ପାଇବ ।"

ଅଜା ତାକୁ କୋଳକୁ ଟେକି ନେଲେ । ତାର ପିସ୍ତଲ ଆଉ ହ୍ୟାଟ୍ ଦେଖୁ ଦେଖୁ ଆଗେଇ ଗଲେ ଶୋଇବା ଘରକୁ ।

ଆଠ

ବଦହଜମର ହିକ୍କୁଟି ଭିତରେ ସାଢ଼େ ଘଣ୍ଟାବେଳକୁ ବୁଲି ବାହାରିଲା ଶଙ୍କର । ପିନ୍ଧିଲା ଧୋତି, ପଞ୍ଜାବୀ, ସ୍ୱେଟର । ଗୋଡ଼ରେ ମୋକାସିନ । ଚନ୍ଦ୍ରଶେଖରଙ୍କୁ ଡକେଇ ପଠେଇଲା ରାଜା ହାତରେ ।

"ବୁଲିଯିବ ?" ପଚାରିଲା ଚନ୍ଦ୍ରଶେଖରଙ୍କୁ ।

"ଯିବ । ମିନିଟକ ଭିତରେ ଆସୁଛି ।"

ଆଗେଇ ଚାଲିଲେ ଦୁଇଜଣ ସୁନାଲି ଝରା ଭିତରେ, ନଈଆଡ଼େ, ନିର୍ଜନକୁ । ଗାଁରୁ ବାହାରି ଆସି ସିଗ୍ରେଟ କାଢ଼ିଲା ଶଙ୍କର—ଲମ୍ବା ଲମ୍ବା ପିପରମିଣ୍ଟ ସିଗ୍ରେଟ । ଗୋଟାଏ ଭିଣେଇକୁ ଦେଲା । ଅଗ୍ନି ସଂଯୋଗ କଲେ ଦୁଇଜଣ । ସେଇ ଗାଁ ଆମ୍ବତୋଟା, କଇଁ ପୋଖରୀ । ଗଣେଶ ପୂଜାରେ କଇଁ ତୋଳୁଛି ସେ କେତେଥର ଏଠି ଲୁଚିଏ ପାଣିକୁ ଯାଇ । ଥରେ ବୁଡ଼ି ଯାଉଥିଲା—ତାକୁ ଟାଣି ଆଣିଥିଲା ସିଙ୍ଗ । ବୋଉଠୁ ଗାଳି ଖାଇଥିଲା । ସେଇ ଉଚ୍ଚ ମାଟି ସ୍ତୂପଟା । ସେଠି ପରା ଗୋଟାଏ ମନ୍ଦିର ଥିଲା—ପୋତି ହୋଇଯାଇଛି । ପାରେଇଗଲେ ସେମାନେ ସେଇ ସ୍ତୂପଟା । ଏଣୁ ତେଣୁ ଗଛରେ ସ୍ତୂପଟା ଭର୍ତ୍ତି । ଦେଖିଲା ଶଙ୍କର—ଦୂରରେ ଶମ୍ଭୁ ଓ ତାର ସାଙ୍ଗ ବସିଛନ୍ତି ଗୋଟାଏ ପଡ଼ିଯାଇଥିବା ନଡ଼ିଆ ଗଛ ଉପରେ । ଶମ୍ଭୁ ତାର ନୂଆ ପୋଷାକ ପିନ୍ଧିଛି । କାନ୍ଧରୁ ଝୁଲୁଛି ସେଇ ଟ୍ରାନସିଷ୍ଟରଟା, ସେଥିରୁ ସଙ୍ଗୀତ ବାହାରୁଛି ।

ନଈକୂଳରେ ପହଞ୍ଚିଗଲେ । କାଠଯୋଡ଼ି । ଦୁର୍ଦ୍ଦାନ୍ତ କନ୍ୟା ଏ ମହାନଦୀର—କହିଲା ଚନ୍ଦ୍ରଶେଖର । ସେ ସେଚ ବିଭାଗର ଏନଜିନିୟର । ବନ୍ୟାବେଳେ କାମ କରିଛି, ଜୀବନକୁ ହାତମୁଠାରେ ଧରି । ଟିକିଏ ଆଗେଇ ଯାଇ ଦେଖିଲେ, ଗୁଡ଼ାଏ ପଥର ଜମା ହୋଇଛି । ବୋଧହୁଏ ପୂର୍ତ୍ତବିଭାଗର ।

Digitized by srujanika@gmail.com

ପଥର ଉପରେ ବସିଲେ ଦୁଜଣ । ସୂର୍ଯ୍ୟାସ୍ତ ହୋଇ ଆସୁଛି । ପଶ୍ଚିମ ଆକାଶଟା କି ସୁନ୍ଦର ଦିଶୁଛି । ମୁଗ୍ଧ ହୋଇ ଦେଖୁଥାଏ ଶଙ୍କର ।

"ତୁମେ କଣ ମାନ କଥା ଜାଣି ନ ଥିଲ ?" ହଠାତ୍ ପ୍ରଶ୍ନ କଲା ଚନ୍ଦ୍ରଶେଖର ।

ପୃଥିବୀକୁ ଫେରି ଆସିଲା ଶଙ୍କର—"ଉଁ କଣ କହିଲ ?"

"ମାନ କଥା, ତୁମେ କଣ ଜାଣି ନ ଥିଲ ?"

"ନା, କାହାରି ସାଙ୍ଗରେ ମୋର ସମ୍ପର୍କ ନ ଥିଲା । ସେ କଥା ତ ତୁମେ ଜାଣ ? ତୁମେ ତ ଶୁଣିବ ସବୁ କଥା ଆଜି ।"

"ନା, ମୁଁ ସେ କଥା କହୁନି । ମାନର କଥା, ମାନେ ବଡ଼ ଦୁର୍ଭାଗ୍ୟ ଝିଅଟାର । ତାର ଆଉ ଉମାର ବାହାଘର ଏକାଦିନେ ହୋଇଥିଲା ।"

"ହୁଁ ।" ଶଙ୍କର କଣ୍ଠଶବ୍ଦ କଲା ।

"ବାହାଘର ପରେ ମୁଁ ଚାଲିଗଲି ବାର୍ମିଂହାମ । ଦି'ବର୍ଷ ପରେ ଫେରିଆସି ଶୁଣିଲି, ଝିଅଟା ବିଧବା ହୋଇଛି ।"

"କିମିତି ?" ପ୍ରଶ୍ନ କଲା ଶଙ୍କର ।

"ମାନ ବାହା ହୋଇଥିଲା କଉଁ ଗାଁର ଗୋଟାଏ ପିଲାକୁ । ସେଇ ବର୍ଷ ମେଟ୍ରିକ ପାଶ କରି ଏନଜିନିୟରିଂ ସ୍କୁଲରେ ନାମ ଲେଖାଇଥାଏ । ତାକୁ ସେତେବେଳେ ଷୋଳ, ସତର ବର୍ଷ । ମାନକୁ ସେତେବେଳେ କେତେ ହେବ ? ଉମା ବୟସୀ ତ ସେ, ଧର ତେର ବର୍ଷ । ଦୁଇମାସ ପରେ ଖବର ଆସିଲା, ଆନିକଟ ତଳେ ଗାଧୋଇବାକୁ ଯାଇ ସେ ପିଲାଟା ବୁଡ଼ି ଯାଇଛି । ଅନେକ ଖୋଜାଖୋଜି ହେଲା । ତାର ଶବ ଏପର୍ଯ୍ୟନ୍ତ ମିଳିଲା ନାହିଁ ।"

"ଏ ଖବର ତୁମେ କଉଠୁ ଜାଣିଲ ?"

"ଉମାଠୁ ।"

"ହୁଁ ।"

"ଉମା କହୁଥିଲା—"

"କଣ କହୁଥିଲା ?" ଟିକେ ଗୋଟାଏ ଘାସ ଛିଣ୍ଡେଇ ଆଣି ଦାନ୍ତରେ କାଟୁ କାଟୁ ପଚାରିଲା ଶଙ୍କର ।

"ମାନର ବୋଉ ଆଉ ତୁମ ବୋଉ ଏକା ଗାଁର ଝିଅ । ମାନ ବୋଉଙ୍କର ସ୍ୱପ୍ନ ଥିଲା ତାଙ୍କର ଏକମାତ୍ର ସନ୍ତାନକୁ ତୁମ ବୋଉ ବୋହୂ କରି ଆଣିବେ ।"

Digitized by srujanika@gmail.com

"ତୁମେ କେମିତି ଜାଣିଲ ?" ପୁଣି ସେଇ ପ୍ରଶ୍ନ ଶଙ୍କର ମୁହଁରେ ।

"ଉମାଠୁ ଶୁଣିଛି । ଆହୁରି ଶୁଣିଛି—"

"କୁହ ।"

"ତୁମ ବୋଉ ସଗାଡଙ୍କ ଏଇ ଆଶାକୁ ଉତ୍ସାହ ଦଉଥିଲେ ।"

"ତାହା ମନରେ କି ଆଶା ଆକାଂକ୍ଷା ଥିଲ, କଏ ଜାଣେ ସ୍ୱପ୍ନ ଦେଖୁଥିଲ, ତାକୁ ଫଳବତୀ କରିବାକୁ ମୁଁ ଏଠି ନ ଥିଲି ଚନ୍ଦ୍ରଶେଖର । ତୁମେ ଯେଉଁ ସମସ୍ୟାଟା କହୁଛ, ମୁଁ ସେତେବେଳେ ଷ୍ଟକହୋମରେ ।"

"ମାନି ସାଙ୍ଗରେ ତୁମର ଦେଖା ହେଲଣି ?"

"ନା ।"

"ସେ ତ ତୁମ ଘରେ ପ୍ରାୟ ସବୁବେଳେ ରହୁଛି । ଉମା ଆଉ ସେ—"

"ଓହୋ ସେଇ ଝିଅଟି ତାହେଲେ ?" ଶଙ୍କର ଏତେବେଳେ ଧରି ପାରିଲ । ସେଇ ହରିଣୀନୟନା ତାହେଲେ ମାନି ।

"ହଁ ରନ୍ଧା ବଢ଼ାରେ ସେଇ ତ ଉମାକୁ ସାହାଯ୍ୟ କରୁଛି । ତାକୁ ଦେଖିଲେ ଖୁବ ଦୁଃଖ ଲଗେ ।"

"ଦେଖ ଚନ୍ଦ୍ରଶେଖର । ମୁଁ କଟକରେ ପଢ଼ୁଥିବାବେଳେ ଜଣେ ଭଦ୍ର-ଲୋକଙ୍କର ସମ୍ପର୍କରେ ଆସିଥିଲି । ଏଭଳି ଝିଅମାନଙ୍କୁ ସେ କହୁଥିଲେ, ବିଧବା । ଇମିତି ଅବସ୍ଥାର ଅନେକ ଝିଅଙ୍କୁ ସେ ବାହାକରି ଦେଇଥିଲେ । ତଥାପି ମାନି କାହିଁକି ବାହା ହୋଇ ପାରିଲନି ଆଉଥରେ ?"

"ହୁଏତ, ସାମାଜିକ ବାଧା ।"

ଚନ୍ଦ୍ରଶେଖର ମୁହଁକୁ ଚାହିଁଲ ଶଙ୍କର—"ଏଇ ସମାଜକୁ ତୁମେ ସମାଜ କହୁଛ ?"

"ମୁଁ କହିବା ନ କହିବା ସାଙ୍ଗରେ କିଛି ଯାଏ ଆସେ ନି ।"

"ଆଜି ବଡବାପା ମୋତେ ପ୍ରାୟଶ୍ଚିତ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।"

"ଖୁବ ସ୍ୱାଭାବିକ ।"

"ତୁମେ ଏକୁ ସମର୍ଥନ କର ?"

"ନା ।"

"ତାହେଲେ ।" ମୁହଁରୁ ଅନର୍ଗଳ ଇଂରାଜୀ ବାହାରିଲ ଶଙ୍କରର । "ମରିବାକୁ ଆଉ ଛ ମାସ କି ବର୍ଷେ ଅଛି । ବାତରେ ଚଳତ୍‌ଶକ୍ତି ରହିତ ।

Digitized by srujanika@gmail.com

ଯାଇଲକଠାରୁ ଆହୁରି କୃପଣ ଏଇ ଅଥର୍ବ ବୃଦ୍ଧ, ଜଜର ସୁନାର ପ୍ରତିମା ଝିଅକୁ ପେଡ଼ିକରି ରଖିଛି, ଚନ୍ଦ୍ରଶେଖର । ତାର ଅନ୍ୟାୟ ହୁକୁମ ଆଉ ଯିଏ ମାନୁ, ଶଙ୍କର ଶତପଥୀ ମାନବ ନାହିଁ । ଉଠ, ଆଲୁଅ କମି ଆସୁଛି ।"

ଗାଁ ମୁଣ୍ଡରେ ମାମୁଙ୍କ ସାଙ୍ଗରେ ଦେଖା ହେଲା । ହାତରେ ଡାକ୍ତରୀ ବେଗ୍ ।

"କଣ ହେଲକି ? କୁଆଡେ ଯାଇଥିଲେ ମାମୁ ?" ଶଙ୍କର ପଚ୍ଚରିଲା ।

"ଏଇ ସାହି ଭିତରକୁ । ରାମ ତରେଇର ପିଲାଟାର ଟାଇଫଏଡ । ଏକ ମୂର୍ଖ ତାକୁ କୁଇନନ ଗିଳଉଛି ।"

"କେମିତି ଦେଖିଲେ ?" ଚନ୍ଦ୍ରଶେଖର ପଚ୍ଚରିଲା ।

"କଟକ ନେଇ ଯିବାକୁ କହି ଆସିଲି । ଗୋଲମାଲଆ କେଶ୍ । ଏଇ ଅପରିଷ୍କାର ପରିବେଶରେ ତାର କି ଶରୁଣା ହବ ? ତା ବାପଟା ବି ଗରିବ । ଗାଡ଼ିବାଲାକୁ ପଇସା ଦବାର ସମ୍ବଳ ନାହିଁ ।"

"ତାହେଲେ ସେ କଟକ ଯିବ କମିତି ?"

"ଭଡାଟା ଦବାକୁ ହେଲା ।"

ହସି ଉଠିଲେ ଶଙ୍କର ଓ ଚନ୍ଦ୍ରଶେଖର । ଭଲ ଡ଼ାକ୍ତରୀ କରୁଛନ୍ତି ମାମୁଁ !

"ଏଇଆ ତ କରିଛି ଜୀବନସାରା ।" ମାମୁଁ ବି ହସିଲେ ।

ଘରେ ପହଞ୍ଚିଲା ବେଳକୁ ଶଙ୍ଖନାଦ ହେଉଛି । ଶଙ୍କର ଦେଖିଲା କାନଟାକୁ ଗଳଲଗ୍ନ କରି ଉମା ଚଉରା ପାଖରେ ଦୀପ ଦଉଛି । ଅଦୂରରେ ଠିଆହୋଇ ଶଙ୍ଖ ଫୁଙ୍କୁଛି ମାନି । ଶଙ୍କର ଆଖିରେ ଆଖି ପଡ଼ିବାରୁ ମାନି ଟିକିଏ ହସି ସେ ସ୍ଥାନ ତ୍ୟାଗକଲା । ଉମା ପ୍ରଣାମ କରି ଉଠି ମାନିର ଚ୍ଚଲିଯିବାଟାକୁ ଲକ୍ଷକରି ମୁହଁ ବୁଲେଇ ଦେଖିଲା ତା ଭାଇନା ପିଣ୍ଡାରେ ଠିଆ ହୋଇଛି ।

"କଣ ଭାଇନା ?"

"ସେ କିଏ ?"

"ଚିହ୍ନି ପାରିଲନି ? ମାନି ।" ହସି କହିଲା ଉମା ।

ଫେରି ଆସିଲା ଶଙ୍କର ବାଣ୍ଡ ଘରକୁ । ମାମୁ ଓ ଚନ୍ଦ୍ରଶେଖର ବସି ଗପ କରୁଛନ୍ତି ଜନସ୍ୱାସ୍ଥ୍ୟ ବିଷୟରେ । ଶଙ୍କରର ସେଥିରେ ଭାଗ ନବାର କିଛି ନାହିଁ । ସେ ଫେରି ଆସିଲା ତା ଘରକୁ । ଯୋତା ଖୋଲି ଚଟିରେ ଗୋଡ ଗଳେଇ

Digitized by srujanika@gmail.com

ଫଟର ଫଟର କରି ଗ୍ଲାଲିଲା ସେ ହାଣ୍ଡିଶାଳକୁ । ଦେଖିଲା ଉମା ଗୋଟାଏ ଡ଼ବା ଖୋଲୁଛି ।

"କିରେ ଉମି, କଫି ମିଳିବ ?"

"ନିଶ୍ଚୟ ମିଳିବ ! ପାଣି ବସେଇଲେ ହେଲା ।"

"ସବୁ କଫି କରିବୁନି—ତୋର ମିଷ୍ଟାର ତ ସ୍ୱ ଭକ୍ତ ।"

ଗୋଟାଏ ପିଢା ଟାଣି ସେଇଠି ଉମା ପାଖରେ ବସି ପଡ଼ିଲା ଶଙ୍କର । "ବୋଉ କାହିଁରେ ଉମି ?"

"ଠାକୁର ଘରେ ।"

"ତୁ ଏକା ପାରିବୁ ତ, ନା ମୁଁ ସାହାଯ୍ୟ କରିବି ।"

"ତୁମେ ମୋତେ ସାହାଯ୍ୟ କରିବ, କଫି କରିବାକୁ ?" ବଡ ବଡ ଆଖି କରି ତା ଆଡକୁ ଅନେଇଲା ଉମା । କି କଥା କହୁଛି ଭାଇନା !

"ସତରେ ମୁଁ ଖୁବ୍ ଭଲ କଫି କରିପାରେଁ । ଜାଣୁ—?"

"ଥାଉ, ତୁମେ ନିଶ୍ଚୟ ପାରୁଥିବ । ତୁମେ ଉଠିଲ ସେଠୁ । ତୁମ ଘରକୁ ଯାଅ । ଠିକ୍ ସମୟରେ କଫି ପହଞ୍ଚିବ ତୁମ ହାତ ପାଖରେ ।"

"ତୁ ମୋତେ ତଡ଼ୁଛୁ କାହିଁକିରେ ?" ହସିଲା ଶଙ୍କର ।

"ତଡ଼ିବି କାହିଁକି ? କହୁଥିଲି ସେ ବସୁର କବାଟ କଣରେ ଲୁଚିଛୁ ।"

"କିଏ ?" ପଚାରିଲା ଶଙ୍କର । ସ୍ୱଳ୍ପାଲୋକରେ ଦେଖିଲା ଗୋଟାଏ ଶାଢ଼ୀର କେତେକାଂଶ ହାଣ୍ଡିଶାଳରୁ ଦିଶୁଛି ।

"ମାଳ ।" ହସି ଉତ୍ତର ଦେଲା ଉମା ।

"ଓ; ସେ କଣ କଫି କରି ଜାଣେ ?"

"ନା, ମୁଁ କରିବି ।"

"ଠିକ୍ କରି ପାରିବୁ ତ ?"

"ଦେଖିନା ।"

ଉଠି ଠିଆ ହେଲା ଶଙ୍କର ।

"ଆଉ କଣ ଖାଇବ କୁହ ? ଟୋଷ୍ଟ ?" ଉମା ପଚାରିଲା ହସି ହସି ।

ଅବିଶ୍ୱାସର ଦୃଷ୍ଟି ଶଙ୍କର ଆଖିରେ ।

"ପରିଜ ?" ଉମା ସେମିତି ହସୁଥାଏ ।

Digitized by srujanika@gmail.com

"ଅଛା କରୁଛୁ ?"

"ବିଶ୍ୱାସ ହଉନ ଶାଇନା ।" ପଛ ଆଡରେ ଜାଲି ଆଲମାରି ଖୋଲିଲି ଉମା । କାଢି ଆଣିଲି ଟିଣ ପରେ ଟିଣ—କଫି, ଷ୍କ୍ୱ, ଦୁଧ, ଲହୁଣୀ, ଓଟ୍ । ପାଉଁରୁଟି ମଧ୍ୟ ବାହାରିଲି ଦଟା ।

"କିଏ ଆଣିଲି ?" ଖୁସି ହୋଇ ପଚାରିଲି ଶଙ୍କର ।

"ଆଉ କିଏ । ସ୍ୱୟଂ ଡ୍ରାଇଭର ।" ହସିଲି ଉମା । କହିବା ନିଷ୍ପ୍ରୟୋଜନ ଏଇ ଡ୍ରାଇଭରଟି ଚନ୍ଦ୍ରଶେଖର ।

ଚଟିରେ ଗୋଡ଼ ଗଳଉ ଗଳଉ କହିଲି ଶଙ୍କର—"ତୁମେ ସବୁ ମୋତେ ଗୋଟାଏ ଅଦଭୁତ ଜୀବ ବୋଲି ଭାବୁଛ, ନା' ରେ ?"

"ଉହୁଁ—ତୁମେ ତ ସ୍ୱାର୍ଟି ।"

ହସି ଉଠିଲେ ଭାଇ ଭଉଣୀ । ଶଙ୍କରର ସେଇ ଘରଫଟା ହସ ।

"କାଲି ବ୍ରେକଫାଷ୍ଟ ସ୍ୱପ୍ନ ବିଲାତ ଢଙ୍ଗରେ ।"

"ଥେଙ୍କ ଇଉ" ।

ଚଟି ଫଟର ଫଟର କରି ଫେରି ଆସିଲି ଶଙ୍କର ଦାଣ୍ଡ ଘରକୁ ।

ନଅ

ଶଙ୍କରର ଗଳ୍ପ ଶୁଣିବାକୁ ଜଳଖିଆପିଆ ସାରି ସମସ୍ତେ ଆସି ଯୁଟିଲେ ବାପାଙ୍କ ଶୋଇବା ଘରେ । ବାପା ଶୋଇଲେ ଯୋଡ଼ାପାଡ଼ ହୋଇ । ଶମ୍ଭୁ ବସିଲି ତାଙ୍କ ଗୋଡ ପାଖରେ, ଖଟ ଉପରେ । ଉମା ଶୋଇଲି ତା ପୁଅକୁ ନେଇ ବୋଉ ଖଟରେ । ତଳେ ଗୋଟିଏ ବଡ ସତରଞ୍ଜି ପକାଇ ବସିଲେ ମାମୁ, ଚନ୍ଦ୍ରଶେଖର ଆଉ ଶଙ୍କର । ତା ବୋଉ ବସିଲେ ଶଙ୍କର ପାଖକୁ । ପାନବଟା ଆଣି ପାନଭାଙ୍ଗି ବସିଲେ ।

"ତୁମେ ତ ସବୁ ଜାଣ ମୋତେ କଲେଜରୁ କାହିଁକି ବାହାର କରିଦିଆଗଲି ?" ଆରମ୍ଭ କଲି ଶଙ୍କର ।

"ଭୁଲରେ ।" ବାପା କହିଲେ ।

"ଭୁଲରେ ?" ବିସ୍ମୟରେ ପାଟିକରି ଉଠିଲି ଶଙ୍କର ।

Digitized by srujanika@gmail.com

"ହଁ ଭୁଲରେ ।" ବାପା କହିଲେ । "ଯେଉଁ ପିଲା ବାଣ ମାରିଥିଲା, ସେ ଆଉଜଣେ, ତୁ ନୋହୁଁ । ତୋ ଉପର କ୍ଲାସର ପିଲା, ତେ ସ୍କୁଲର । ଚେହେରାଟା କିନ୍ତୁ ଅନେକଟା ତୋର ପରି । ସେଥିଲାଗି ଭୁଲଟା ହେଲା । କିନ୍ତୁ ଭୁଲର ସଂଶୋଧନ ହୋଇ ପାରିଲାନି । ତୁ ସେତେବେଳକୁ ନିରୁଦ୍ଦିଷ୍ଟ ।"

"କେମିତି ଜାଣିଲେ ବାପା ?

"ମୁଁ ଯାଇ ଡ଼ି.ପି.ଆଇ.ଙ୍କୁ ଦେଖାକଲି । ତୋର ସେଇ କେମିଷ୍ଟ୍ରି-ପ୍ରଫେସର ଗନ୍ତାୟତ, ଖୁବ ଟାଣୁଆ ଲୋକ । ସେ ଥିଲେ ସାଙ୍ଗରେ । ଡ଼ି.ପି.ଆଇ. ସବୁ ଶୁଣିଲେ । ପୁଣି ଅନୁସନ୍ଧାନ ହେଲା, ଏଥର ପୁଲିସ କଲା । ପ୍ରକୃତ ଦୋଷୀ ଧରା ପଡ଼ିଲା । ସେ ପିଲାଟି ଗୋଟିଏ ମୁସଲମାନ ପିଲା—କଟକ ସହରର । କିନ୍ତୁ ତା ବିରୁଦ୍ଧରେ ଆଉ କିଛି କରିବାର ଉପାୟ ନ ଥିଲା ।"

ଗୋଟାଏ ଢୋକ ଗିଳିଲା ଶଙ୍କର । ପୁଣି ଆରମ୍ଭ କଲା—

"କଲେଜରୁ ପଳେଇ ଆସି ପହଞ୍ଚିଲି ଷ୍ଟେସନରେ । ଗୋଟାଏ କଣ ଗାଡ଼ି ଆସୁଛି, ଘଣ୍ଟା ପଡ଼ିଲା । ପଚାରିଲି କି ଗାଡ଼ି ? କିଏ ଜଣେ କହିଲା କଲିକତା ପେସେଞ୍ଜର । ଟିକଟ କଉଠି ମିଳିବ ? ଦଉଡ଼ିଲି ଟିକଟ ପାଇଁ । ବହୁ କଷ୍ଟରେ ଟିକଟ ମିଳିଲା । ଗାଡ଼ି ଚାଲିଲା । ଥାର୍ଡ଼ କ୍ଲାସ । ଯୁଦ୍ଧ ବେଳର ଗାଡ଼ି । ଅନୁମାନ କର କି ଅବସ୍ଥା । ଭଦ୍ରକ ବୋଧହୁଏ ଷ୍ଟେସନଟା— ତା ପରେ ଅନ୍ଧାର ହୋଇଗଲା । ଗାଡ଼ିରେ ଆଲୁଅ ନ ଥାଏ ।

"ମୋ ପାଖରେ ଯେଉଁ ଲୋକଟା ବସିଥାଏ—ସେ ଭୀଷଣ ମଦ ପିଇଥାଏ । ତାର ଖାଗୁଆ ପୋଷାକରୁ ବୁଝିଲି ସେ ସୈନ୍ୟ ବିଭାଗର ଲୋକ । କୁଆଡେ ଯିବ କି ବାବୁ ? ପଚାରିଲା ଲୋକଟା । ଦକ୍ଷିଣର ଲୋକ । ନିପଟ କଳା, ଦାନ୍ତଗୁଡ଼ାକ ମୋଟା ମୋଟା, ଆଖି ଦିଟା ଲାଲ । କହିଲି କଲିକତା ଯାଉଛି । ପୁଣି ପ୍ରଶ୍ନ ହେଲା, ଆଉ କଉଠି ? କଣ କର ସେଠି ? ଇତ୍ୟାଦି । କଲିକତା ବିଷୟରେ ମୋର ଜ୍ଞାନ ସୀମାବଦ୍ଧ । ଖାଲି ଜାଣିଥାଏ ଓଡ଼ିଆମାନେ ବଉବଜାର ଆଉ ନେବୁତଲାରେ ଥାନ୍ତି । କହିଲି ନେବୁତଲାରେ ।

"ବାଲେଶ୍ୱର ଷ୍ଟେସନରେ ଗୋଟାଏ ମିଠେଇବାଲାକୁ ଡାକିଲା ସେଇ ସୈନିକ । କିଣିଲା ପୁରି, ତରକାରି, ମିଠା । ମୋତେ କିଛି ଦେଲା । ତା ପରେ କହିଲା ପଇସା ଦେଇ ଦିଅ । ମୋର କୁଣ୍ଠା ଦେଖି ଧମକ ଦେଲା—ପଇସା କାଢ଼ ହେ । ଦିଅ ତାକୁ । ବାଧ୍ୟ ହୋଇ ଦେଲି । ଖାଇସାରି ବସିଲୁ ସେଇ ଅନ୍ଧାରରେ । ଦଳେ ଯାତ୍ରୀ ଚିଲମ କାଢ଼ିଲେ । ଚାଲିଲା ଖଞ୍ଜଣି । ତା ଭିତରେ

Digitized by srujanika@gmail.com

ମୋର କେତେବେଳେ ନିଦ ହୋଇ ଯାଇଛି ସେମିତ ବସି ବସି । ହଠାତ୍ ଖିଆଲ ହେଲା, ମୋ ପକେଟରେ କିଏ ହାତ ଗଳଉଛି । ନିଦ ଭାଙ୍ଗିଗଲା, ଅନେଇ ଦେଖେଁ ସେଇ ଲୋକଟା । ସେ ମୁହଁ ବୁଲେଇ ନେଲା । ପକେଟରେ ହାତ ମାରି ଦେଖିଲି ପଇସା ନେଇ ଯାଇଛି । ଅଣ୍ଟିରେ ରଖିଥିଲି ଟଙ୍କା ଓ ଟିକେଟ । ଦେଖିଲି ଠିକ୍ ଅଛି । କାହାରିକି କିଛି ନ କହି ସାବଧାନ ହୋଇ ବସି ରହିଲି । ରାତି ପ୍ରାୟ ସାଢେ ଛଅଟାବେଳକୁ ଗାଡ଼ି ହାଓଡ଼ା ଷ୍ଟେସନରେ ପହଞ୍ଚିଲା । ଉଃ, କେତେ ଲୋକ । ଯୁଦ୍ଧ ଯୋଗୁ ଷ୍ଟେସନ ଅନ୍ଧାର । ମଝିରେ ମଝିରେ ଗୋଟାଏ ଆଲୁଅ । ଟିକଟ ଦେଇ ବାହାରକୁ ଆସିଲି । ବଡ଼ଟ ଷ୍ଟେସନ । ଲୋକ ଘୋ ଘୋ କରୁଛନ୍ତି । ଗୋଟାଏ କାନ୍ଥରେ ତୀର ଚିହ୍ନ ଦେଇ ଲେଖା ହୋଇଥାଏ, ତୃତୀୟ ଶ୍ରେଣୀର ବିଶ୍ରାମାଗାର । ସେ ଘରେ ପଶିଲି, ବସିଲି ଯାଇ ଗୋଟାଏ ବେଞ୍ଚରେ ।

"ସକାଳ ହେଲାରୁ ବାହାରି ପଡ଼ିଲି ରାସ୍ତାକୁ । ସାମନାରେ ହୁଗୁଳି ନଦୀ । ପୋଲଟା ଦୈତ୍ୟଭଳି ମନେ ହେଲା । ଅନେକ ବାସ୍ ଠିଆ ହୋଇଛି ଧାଡ଼ି ଧାଡ଼ି ହୋଇ । ଗାଡ଼ି ସବୁ ଆସୁଛି ଏପଟୁ ସେପଟୁ । କଣ କରିବି ଭାବୁଛି । ଜଣେ ଭଦ୍ରଲୋକ ମୋତେ ଦେଖି ସନ୍ଦେହ କଲେ ବୋଧହୁଏ । ପାଖକୁ ଆସି ପଚାରିଲେ, କଲିକତାକୁ ନୂଆ ଆସିଛ କି ବାବୁ ? ଓଡ଼ିଆରେ ପ୍ରଶ୍ନ । ଆଶାନ୍ୱିତ ହେଲି । କହିଲି ହଁ ।

କୁଆଡେ ଯିବ ?

ଜାଣେନି ।

ଘରୁ ପଳେଇ ଆସିଛ ?

ଏଁ, ନା, ହଁ ।

ଘର କେଉଠି ?

କଟକ ଜିଲ୍ଲା ।

ନାଁ କଣ ?

କହିଲି ।

ଆସ ଆସ ମୋ ସାଙ୍ଗରେ । ଯୁଦ୍ଧବେଳ । କଲିକତା ସହର । ଏଠି ଭର୍ତ୍ତି କାଟିବାକୁ ହଜାର ହଜାର ଲୋକ ବୁଲୁଛନ୍ତି । ପଇସାପତ୍ର କିଛି ଅଛି ? ମୁଣ୍ଡ ହଲେଇ ମନାକଲି ।

Digitized by srujanika@gmail.com

"ଦୁଜଣ ଯାଇ ବସିଲୁ ଗୋଟାଏ ବାସ୍‌ରେ । ପୋଲ ଉପରେ ପଡ଼ିଲା ବାସ୍ । ଟ୍ରାମ ଦେଖିଲି । ତା ପରେ ସହର ଭିତରକୁ ପଶିଲା ବାସ୍ । ଦୁ ପାଖରେ ବିରାଟ ବିରାଟ କୋଠା । କିଛି ଦୂର ଯିବାପରେ ଆମେ ଦୁଜଣ ଓହ୍ଲେଇ ଗଲୁ । ତାଙ୍କ ସାଙ୍ଗେ ସାଙ୍ଗେ ଚାଲିଥାଏଁ ।

"ଗୋଟାଏ ଦୋତାଲା ଘର ଆଗରେ ମୋତେ ଠିଆ କରିଦେଇ ସେ ପଶିଲେ ଘରକୁ । କିଛି ସମୟପରେ ବାହାରି ଆସି କହିଲେ—ଆସ । ବାବୁ ଡାକୁଛନ୍ତି । କିଏ ବାବୁ, କାହିଁକି ଡାକୁଛନ୍ତି, କିଛି ଠିକ୍ କରି ନପାରି ଚାଲିଲି ସାଙ୍ଗରେ । ସିଡ଼ି ଚଢ଼ି ଦୋତାଲାକୁ ଗଲୁଁ ଦୁଜଣ । ଗୋଟାଏ ବଡ ଘରେ ଗଦି ପଡ଼ିଛି । ଜଣେ ବୁଢ଼ା ବସି ହୁକ୍‌କା ଟାଣୁଛନ୍ତି । ମୋତେ ଦେଖି ଓଡ଼ିଆରେ ପଚାରି ବୁଝିଲେ ସବୁ କଥା । ଶେଷରେ କହିଲେ, ନକୁଳ, ଏଇ ପିଲାକୁ ଜେଟିରେ କାମ ଦେ । କଣ୍ଡୁରିଆ ଗୋଲ କରୁଛି । ତାକୁ ସେଠୁ କାଢ଼ିଦେ । ସକାଳ ସନ୍ଧ୍ୟାରେ ହାଜିରା ନବ ଆଉ ପେଟି ଗଣିବ । ତୋର ପାଖରେ ଏଇଖିଣି ଥାଉ । ହପ୍ତାକୁ ମଜୁରି ପନ୍ଦର ଟଙ୍କା ।

"ଗୋଟାଏ ଅବଲମ୍ବନ ମିଳିଲା । ଚାଲିଲି ନକୁଳ ସାଙ୍ଗରେ ତା ବସାକୁ । ଏକ ବସ୍ତି ଭିତରେ ନକୁଳର ବସା । ଟିଣ ଘର । ଗୋଦାମ ଥିଲା ବୋଧହୁଏ । ବାଉଁଶର ଭାଡ଼ି ସବୁ କରାଯାଇଛି । ଅନେକ ଗୁଡ଼ାଏ ଓଡ଼ିଆ ସେଠି ଥାନ୍ତି । ରାତିରେ ସେଇ ଭାଡ଼ିରେ ଶୁଅନ୍ତି । ସକାଳୁ କାମକୁ ଯାନ୍ତି । ସନ୍ଧ୍ୟାବେଳେ କାମରୁ ଫେରି ରନ୍ଧେଇ ଖାନ୍ତି, ହରିନାଥ ମେଳା କରନ୍ତି ଆଉ ଖଞ୍ଜଣି ପିଟି ସଙ୍ଗୀତ ବୋଲନ୍ତି ।

"ବଡ଼ଭୋରରୁ କାମକୁ ଯିବାକୁ ପଡେ । ଆଗେ ହାଜିରା । ପ୍ରାୟ ତିନଶ ମୂଲିଆ । ଜାହାଜରୁ ମାଲ ଚଢା ଉତରା କାମ । ମୂଲିଆ ହାଜିରା ସାରି ଚାଲିଗଲେ କାମକୁ । ଖାତାପତ୍ର ଧରି ମୁଁ ବି ତାଙ୍କ ପଛେ ପଛେ ଗଲି ପେଟି ଗଣିବାକୁ । ମଝିରେ ଘଣ୍ଟାଏ ଛୁଟି ଖାଇବାକୁ । ତା ପରେ ପୁଣି କାମ ।

"ଏଇଠି ରାମଏକବାଲ ଚୌବେ ସାଙ୍ଗରେ ପରିଚୟ ହେଲା । କଉ ଗୋଟାଏ ଜାହାଜରେ ମେଟ୍ ଚୌବେଜୀ । ଆରା ଜିଲ୍ଲାର ଲୋକ । ଭୋରରୁ ଗଙ୍ଗାସ୍ନାନ କରି ତୁଳସୀ ଦାସ ଆଉଡ଼ାଉ ଆଉଡାଉ ଜାହାଜକୁ ଫେରିଯାଏ । ଜାହାଜ ନୁହେଁ ତ ଗୋଟାଏ ବଡ଼ ବାର୍ଜ । ଚୌବେଜୀ କହିଲା ସେଇ ବାର୍ଜରେ ବାଲି ଏବଂ ଲୁହା ପଥର ବୋଝେଇ ହଉଛି । ବୋଝେଇ ସରିଲେ ଚାଲିବ

Digitized by srujanika@gmail.com

ସମୁଦ୍ରକୁ । ତାପରେ ଅନେକ ଦେଶ ପାରି ହୋଇ ଗୋଟାଏ ଦେଶରେ ପହଞ୍ଚିବ, ସେଠି ଖାଲି 'ପାନି ଅଉର ପଥ୍ଥର' । ଏଇ ବାଲି ଏବଂ ଲୁହାପଥର ସେଠାକାର କଉ ଗୋଟାଏ କାରଖାନାରେ ଦରକାର ।

"ଦିନେ ଚୌବେଜୀଙ୍କୁ କହିଲି, ମୋତେ ତୁମ ଜାହାଜରେ ଗୋଟାଏ ନୌକରି କରିଦିଅ । ମୁଁ ଯିବାକୁ ଚାହେଁ ନାନାଦେଶ, ନାନାଲୋକ ଦେଖିବାକୁ । କହିଲେ କୋଶିଶ କରିବେ । ବୁଢ଼ା ସାଙ୍ଗରେ ନିତି ଦେଖା କରେଁ । ଦିନେ ଦିନେ ତା ସାଙ୍ଗରେ ସେଇ ବାର୍କକୁ ଯାଏଁ । ସନ୍ଧ୍ୟାବେଳେ ଚୌବେଜୀ ରାମଚରିତ-ମାନସ ଧରି ବସେ—ବନଚଲେ ରାମ ରଘୁରାଈ, ସଙ୍ଗେ ଜାନକୀ ମାଈ ।

"ସେଦିନ ସନ୍ଧ୍ୟାବେଳେ କାମସାରି ବସାକୁ ଫେରୁଛି । ଗୋଟାଏ ଗଳି ଭିତରେ ଆସିବାକୁ ହୁଏ ବସାକୁ । ହଠାତ୍ ପଛରୁ କିଏ ବେଶ ଜୋରରେ ଧକ୍କାଟାଏ ମାରିଲା । ଗୋଟାଏ କାନ୍ଥ ଧରି ସମ୍ଭାଳି ଗଲି ମୁଁ । ତାପରେ ବୃଷ୍ଟି ହେଲା ବିଧା, ଚାପୁଡ଼ା ଆଉ ଅଶ୍ରାବ୍ୟ ଗାଳି । ମାଡ ଖାଇଲି କଣ୍ଟ୍ରାକ୍ଟରଠୁଁ, ଯାହା ଜାଗାରେ କାମ କରୁଛି ମୁଁ । ଶୋଇ ଶୋଇ ଠିକ୍ କଲି—ନା ଆଉ ଏଠି ରହି ହବନି । ତହିଁ ଆରଦିନ ମାଲିକ ସାଙ୍ଗରେ ଦେଖା କରି ଚାକରି ଛାଡ଼ିଦେଲି । ଦିନସାରା ଏଣେତେଣେ ବୁଲି ସନ୍ଧ୍ୟାବେଳେ ଚୌବେଜୀ ପାଖରେ ପହଞ୍ଚିଲି । ତାଙ୍କୁ ସବୁକଥା କହିଲି । ସେ କହିଲେ—ଚଲିଆ ଏଠିକି । ଜାହାଜରେ ନୌକରି ମିଳିବ । ସେଇଦିନ ରାତିରେ ଯାଇ ରହିଲି ଚୌବେଜୀ ପାଖରେ ।

"ସକାଳୁ ଉଠି ଦଣ୍ଡ ବୈଠକ କରେ ଚୌବେଜୀ । ମୋତେ ବି କରିବାକୁ ପଡ଼ିଲା । ତାପରେ ଗଙ୍ଗାସ୍ନାନ । ଛତୁଆ ଜଳଖିଆ । ଦିପହରବେଳେ ରୋଟି, ଡାଲି ଅଉର ସାଗ । ପୁରାପୁରି ସାକରେଦ ହୋଇଗଲି ଚୌବେଜୀର ।

"ଚାରିଦିନ ସେଠି ରହିବାପରେ ଜାହାଜ ଛାଡ଼ିବାର ବ୍ୟବସ୍ଥା ହେଲା । ମାଲ ବୋଝେଇ ସରିଗଲା । କର୍ମଚାରୀ ସବୁ ଫେରିଲେ ଜାହାଜକୁ । କଳକବଜା ଦେଖି ଛଆଗଲା । ଚୌବେଜୀ ମୋତେ ନେଇଗଲେ କପ୍ତାନ ପାଖକୁ । ମୁଁ ଚାକରି ପାଇଲି । ଦୈନିକ ମଜୁରି ତିନିଟଙ୍କା । ଜାହାଜ ଛାଡ଼ିବା ଆଗଦିନ ଚୌବେଜୀ ସାଙ୍ଗରେ ଗଲି ବଜାରକୁ । ଅଟା, ଡାଲି, ଘିଅ କିଣିଲୁ । ମୋ ପାଇଁ କିଣା ହେଲା କମ୍ବଳ ଓ କିଛି ଲୁଗାପଟା । ଶୀତ ଦେଶକୁ ଯାଉଛୁ ।

"ମୋର ଚାକିରି ଏନ୍‌ଜିନ ରୁମରେ । ମେକାନିକ ରଜାକ, ତାର ମେଟ୍ ମୁଁ । ରଜାକ ପୂର୍ବ-ବଙ୍ଗଳାର ଲୋକ, ଗୁଣ୍ଡା ଓ ମଦ୍ୟପ । ପ୍ରଥମ ଦିନ ମୋତେ ମାରିଲା 'ଉଡ଼େ' ବୋଲି ଗାଳି ଦେଇ । ଚୌବେଜୀଙ୍କୁ କହିଲି, ସେ

Digitized by srujanika@gmail.com

କହିଲା, 'ଦଣ୍ଡ ବୈଠକ କାହିଁକି କରୁଛୁ ? ସେ ଯଦି ମାଇଲା ତୁ ମାଇଲୁ ନା ?' ତହିଁଆରଦିନ 'ଶାଳା ଉଡ଼େ' କହି ପିଛଟାରେ ମୋ ମୁଣ୍ଡରେ ଗୋଟାଏ ଚଟକଣି ମାଇଲା । ମୁଁ ମୋର ସବୁ ଶକ୍ତି ଦେଇ ତା ନାକ ଉପରେ ବସେଇଲି ଏକ ମୁଥ । ତିନଗୁଣ ଫାଣ୍ଡୁ ପଛେଇ ଗଲା ସେ । ମାଡଟା ଖାଲି ଅପ୍ରତ୍ୟାଶିତ ନୁହେଁ, ବେଶ ଘୋର ମଧ । ନାକରୁ ତାର ରକ୍ତ ପଡ଼ିଲା । ଅନ୍ୟମାନେ ଆସି ଆମ ଦିଜଣକୁ ଧରି ଅଲଗା କରିଦେଲେ । ତାପରେ ଉଜାକ ଆଉ ମୋ ସାଙ୍ଗରେ ଲଗିନି । ଚୌବେଜୀ ଶୁଣି ଖୁସି ହୋଇ କହିଲେ—ସାବାସ୍ ବେଟା ।

"ଜାହାଜ ଚାଲିଲା ହୁଗୁଳି ନଦୀରେ ଧୀରେ ଧୀରେ । ତୃତୀୟ ଦିନ ସକାଳୁ ଆମେ ସମୁଦ୍ରରେ ପଡ଼ିଲୁଁ । ନଭେମ୍ବରର ସମୁଦ୍ର ଶାନ୍ତ । ଜାହାଜ ଚାଲିଛି । ଦୁଇ ତିନ ଦିନ ଅନ୍ତରରେ ଲାଗୁଥାଏ ବନ୍ଦରରେ । ଜାହାଜ ଯେତେବେଳେ ସିଂଗାପୁରରେ ପହଞ୍ଚିଲା—ଜାପାନ ସେତେବେଳକୁ ପେସିଫିକ ଦ୍ୱୀପଗୁଡ଼ାକୁ ଅଧିକାର କରି ସାରିଛି । ସିଂଗାପୁରରେ ଆମେ ଅଟକିଗଲୁ ଚାରିଦିନ । ଚାରିଆଡେ ରଣ ଦୁନ୍ଦୁଭି । ଆକାଶରୁ ପଡୁଛି ବୋମା । ପାଣିରେ ମାଇନ ଆଉ ସାବମେରିନର ବିପଦ । ଆମ କପ୍ତାନ ଏକ ବୁଦ୍ଧି କଲେ । ଗୋଟାଏ ବିରାଟ ଧଳା ପତାକା ଉଡ଼େଇ ଦେଲେ । ଗ୍ରୁଛାକୁ ବାର୍ଣ୍ଣଟାଏ, ସେଥିରେ ଧଳା ପତାକା । ତାପରେ ଆଉ ବିଶେଷ ଅସୁବିଧା ହୋଇନି । ମଝିରେ ତିନି ଚାରି ଥର ଚେକ୍ ହୋଇଥିଲା । ଷ୍ଟକହୋମକୁ ଯାଉଛି ଲୁହା ପଥର । ଆପତ୍ତି କରିବାର କିଛି ନାହିଁ । ସୁଇଡେନ ଗଲା ଯୁଦ୍ଧରେ ନିରପେକ୍ଷ ଥିଲା ।

"ଷ୍ଟକହୋମ ବନ୍ଦରରେ ଜାହାଜ ଲାଗିଲା କଲିକତା ଛାଡ଼ିବାର ଶହେ ଛଅ ଦିନ ପରେ । ଜାହାଜ ନଙ୍ଗର କଲାରୁ ସମସ୍ତେ ସ୍ୱସ୍ତିର ନିଶ୍ୱାସ ପକେଇଲେ । ଇତି ମଧ୍ୟରେ ମୋର ଗୁରୁକରର ଉନ୍ନତି ହୋଇଥାଏ । ମୁଁ ଯେ ପାଠ ପଢ଼ିଛି ଏକଥା ମିସ୍ତ୍ରୀ, ମେଟ୍ ସମସ୍ତେ ଜାଣିଥିଲେ । ଚିଠିର ଠିକଣା ଲେଖେଇବାକୁ ମୋ ପାଖକୁ ଆସୁଥିଲେ । ସିଂଗାପୁର ବନ୍ଦରରେ ଆମେ ଥାଉଁ, କପ୍ତାନ ମୋତେ ଡାକ ପଠେଇଲେ । ତାଙ୍କର ଜଣେ ଲୋକ ଦରକାର, ଲେଖାପଢାରେ ସାହାଯ୍ୟ କରିବ । ମିଲିଟାରି ପୁଲିସର ହଜାରେ ପ୍ରଶ୍ନ, ଉତ୍ତର ଦେବାକୁ ହବ । ହଜାରେ ପ୍ରକାର ଫର୍ମ ପୂରଣ କରିବାକୁ ହେବ । ମୁଁ ତାଙ୍କର ସାହାଯ୍ୟକାରୀ ହୋଇ ଉପରକୁ ଉଠିଲି । ଦରମା ମାସକୁ ଦେଢ଼ଶ ଟଙ୍କା ।

"ମୁଁ କନ୍ତୁ ଭିଡ଼ିଲି ଚୌବେଜୀ ପାଖରେ । ସକାଳୁ ଦଣ୍ଡ ବୈଠକ ମାରେ । ରୋଟି ଡାଲି ଖାଏଁ ଏବଂ ଅବସର ହେଲେ ତୁଳସୀଦାସ ଶୁଣେ । ତାଙ୍କର

Digitized by srujanika@gmail.com

ପାଖରେ ଶୁଏଁ । ସେ ମୋତେ ପୁଅପରି ସ୍ନେହ କରୁଥିଲେ । ଦିନେ କପ୍ତାନ ମୋତେ ପଚ୍ଚରିଲେ, ମୁଁ ଏ କାମକୁ ଆସିଲି କାହିଁକି ? ତାଙ୍କୁ କହିଲି ମୁଁ ଇଉରୋପରେ ପଢ଼ିବାକୁ ଚାହେଁ । କପ୍ତାନ ଆଶ୍ଚର୍ଯ୍ୟ ହେଲେ ମୋର ଦୁଃସାହସ ଦେଖି । ସେଇ ପ୍ରଚଣ୍ଡ ଯୁଦ୍ଧ ଭିତରେ ଗୋଟାଏ ବାର୍ଜରେ ମୁଁ ସୁଇଡେନକୁ ଆସୁଛି ଦୁଇ ଦୁଇଟା ମହାସମୁଦ୍ର ପାର ହୋଇ, କଣ ନା ପାଠ ପଢ଼ିବାକୁ ! ସାବାସ ଦେଲେ ଏବଂ ଷ୍ଟକହୋମର ସେଲଭେଶନ ଆର୍ମିର କମାଣ୍ଡାରଙ୍କୁ ଖଣ୍ଡେ ଚିଠି ଦେଲେ ମୋର ପରିଚୟ ଦେଇ । ଯଦି ସେ କିଛି ସାହାଯ୍ୟ କରିପାରନ୍ତି, ତାହେଲେ ଏ ଭାରତୀୟ ଯୁବକଟି କୃତଜ୍ଞ ହୁଅନ୍ତା ।

"ଷ୍ଟକହୋମରେ ମୁଁ ଚୌବେଜୀଙ୍କ ପାଖରୁ ଅନୁମତି ନେଇ ଗଲି କୂଳକୁ । ବାଟସାରା କୌଣସି ବନ୍ଦରରେ ମୋତେ ସେ କୂଳକୁ ଆସିବାକୁ ଦେଇ ନ ଥିଲେ । ହଂକଂରେ କିଛି ଗରମ ଲୁଗାପଟା କିଣିବାକୁ ଆସିଲାବେଳେ ସେ ସାଙ୍ଗରେ ଆସିଥିଲେ । ଶୀଘ୍ର ଫେରି ଆସିବାର ପ୍ରତିଶ୍ରୁତି ଦେଇ ଚାଲିଲି ଷ୍ଟକହୋମ ସହର ଭିତରକୁ । ଫେବୃୟାରୀ ମାସରେ ସେଠି ପ୍ରଚଣ୍ଡ ଶୀତ । ମୋର ଲୁଗାପଟା ସେ ଶୀତକୁ ସମ୍ଭାଳି ପାରୁ ନ ଥାଏ । ଷ୍ଟକହୋମରେ ବହୁତ କେନାଲ ଓ ପାଣି ଭିତରେ ବଡ଼ ବଡ଼ କୋଠା । ଷ୍ଟକହୋମକୁ ଇଉରୋପର ଭେନିସ ବୋଲି କହନ୍ତି ।

"ସନ୍ଧ୍ୟା ପୂର୍ବରୁ ବାର୍ଜକୁ ଫେରିଲି । ଦେଖିଲି ଚୌବେଜୀ ପୋଡ଼ଯାଡ଼ ହୋଇ ଶୋଇଛନ୍ତି । ବୁଝିଲି ଜ୍ୱର ହୋଇଛି । କପ୍ତାନଙ୍କୁ ଯାଇ କହିଲି ଡାକ୍ତର ଆସି ଦେଖି ଔଷଧ ଦେଇ ଚାଲିଗଲେ । ଅବସାଦ ଓ ଥଣ୍ଡା ପାଇଁ ଜର । ବଟିକା ଖାଇ ଚୌବେଜୀ ଶୋଇଲେ । କଣ ଖାଇବ ଭାବୁଛି, କମ୍ବଳ ଭିତରୁ ଚୌବେଜୀ କହିଲେ ରୁଟି ଡାଲି ଅଛି, କଦଳୀ ଅଛି । ସାଗ ସେ କରିପାରି ନାହାନ୍ତି । ମୁଁ ସେମିତି ଖାଇନଏଁ ।

ଦଶ

"ତହିଁଆରଦିନ ସକାଳେ ଗଲି ସେଲଭେଶନ ଆର୍ମିର କମାଣ୍ଡାର ପାଖକୁ । ଷ୍ଟକହୋମର ଭାଷା ସୁଇଡିସ, ଲୋକଗୁଡ଼ା ଗଧିକ, ଢେଙ୍ଗା ଢେଙ୍ଗା । ମୋର କିଛି ଅସୁବିଧା ହେଲାନି । ସେଲଭେଶନ ଆର୍ମି କଥାଟା ସେଠିକା ଲୋକେ ବୁଝିଲେ । ପ୍ରାୟ ଦଶଟା ବେଳକୁ ଡ଼ାକରା ପଡ଼ିଲା କମାଣ୍ଡାରଙ୍କ ପାଖକୁ ଯିବାକୁ ।

Digitized by srujanika@gmail.com

କମାଣ୍ଡୋର ଜାର୍ମେନ୍, କିନ୍ତୁ ଅଳ୍ପ ଅଳ୍ପ ଇଂରେଜୀ ବୁଝନ୍ତି । ଯେତେବେଳେ ଶୁଣିଲେ ମୁଁ ଓଡ଼ିଶାର ଲୋକ, ସେ ଖୁସି ହୋଇଗଲେ । ସେ ଥିଲେ ଓଡ଼ିଶାରେ ତିନି ବର୍ଷ । ସୁନ୍ଦରଗଡ଼ ଜିଲ୍ଲାରେ ଏକ ଲୁଥାରାନ ଚର୍ଚ୍ଚରେ ପାଦ୍ରୀହୋଇ । ଦି ଚାରିଟା ଓଡ଼ିଆ ଶବ୍ଦ ବି କହିଲେ । ମୁଁ ଆସ୍ତେ ଆସ୍ତେ ଓଡ଼ିଆ ଶବ୍ଦ ଉଚ୍ଚାରଣ କଲାରୁ ବୁଝିପାରିଲେ । ମୋର ଅବସ୍ଥାର ଗୋଟାଏ ଛବି ନେଲେ । ଫୋନ ଉଠେଇ କାହା ସାଙ୍ଗରେ କଣ କଥାବାର୍ତ୍ତା କଲେ । ତାପରେ ହସି କହିଲେ, "ରହିବାର ବ୍ୟବସ୍ଥା ହୋଇଗଲା । ବାକି ପଢିବାର" । ପୁଣି ଉଠେଇଲେ ଫୋନ । କଣ ଅଳ୍ପ କଥାବାର୍ତ୍ତା ହୋଇ ରଖିଦେଲେ । ଲେଖି ବସିଲେ । ତା'ପରେ ଫୋନ ଉଠେଇ କାହା ସାଙ୍ଗରେ ଅନେକ ସମୟଧରି କଥାବାର୍ତ୍ତା ହେଲେ । ତା'ପରେ ଘଣ୍ଟି ଟିପିଲେ । ବାଇଶ ତେଇଶ ବର୍ଷର ଝିଅଟିଏ ଆସି ଠିଆହେଲା । ତାକୁ ଚିଠି ଦିଟା ଦେଇ କଣ କହିଲେ । ମୋତେ କହିଲେ ତା ସାଙ୍ଗରେ ଯିବାକୁ । ମୁଁ ଠିଆ ହେଲାରୁ ହାତ ବଢେଇ ମୋ ହାତଟା ଧରି ହସି କହିଲେ—ଆଦ୍ୱ-ସି-ବ ।

"ସେଇ ଝିଅଟିର ପଛେ ପଛେ ଚାଲିଲି । ସେ ମୋତେ ପଚାରିଲା, "ଇନଜାନ" ? ମୁଁ ମୁଣ୍ଡ ଟୁଙ୍ଗାରି ହଁ କଲି । ପ୍ରଥମେ ଗଲୁ ଗୋଟାଏ ସ୍କୁଲର ପ୍ରିନ୍ସିପାଲ୍‌ଙ୍କ ପାଖକୁ । ସେ ଆମପାଇଁ ଅପେକ୍ଷା କରିଥିଲେ । ଝିଅଟି ଚିଠିଦେଲା । ପଢ଼ିଲେ । ମୋର କ'ଣ କାଗଜପତ୍ର ଅଛି ପଚାରିଲେ । ମେଟ୍ରିକ ସାର୍ଟିଫିକେଟ ଓ ରେଭେନଶା କଲେଜର ଆଇଡେନଟିଟି କାର୍ଡ ଦେଖାଇଲି । ତାଙ୍କର ବିଶ୍ୱାସ ହେଲା ମୁଁ ପଢିବି । ସ୍କୁଲରେ ନାମ ଲେଖା ହେଲା—ପଇସା ପଡ଼ିଲାନି ।

"ପ୍ରିନ୍ସିପାଲ୍‌ଙ୍କ ପାଖରୁ ବିଦାୟ ନେଇ ଚାଲିଲୁ ଆଉ ଗୋଟାଏ ଜାଗାକୁ । ସେଇ ଝିଅଟି ଆଗରେ ଚାଲିଥାଏ, ତା'ପଛରେ ମୁଁ । ଗୋଟାଏ ପ୍ରକାଣ୍ଡ ବଙ୍ଗଳାର ଫାଟକ ଖୋଲି ସେ ଭିତରକୁ ପଶିଲା । ଦୋତାଲା ବଙ୍ଗଳା । ଆଗରେ ବଡ ଘାସ ପଡ଼ିଆ, ଫୁଲ ବଗିଚା । ସବୁଥିରେ ଯତ୍ନର ଅଭାବ ଦେଖିଲି । ସେଇ ଝିଅଟି ଘଣ୍ଟି ବଜେଇଲା । ବାହାରି ଆସିଲା ଗୋଟିଏ ମଧ୍ୟବୟସ୍କା ସ୍ତ୍ରୀ ଲୋକ । ଆମକୁ ଡାକି ନେଇ ବସେଇଲା । କିଛି ସମୟ ପରେ ଗୋଟାଏ ହୁଇଲ ଚେୟାରରେ ଜଣେ ପ୍ରୌଢା । ଆମେ ଉଠି ଠିଆ ହେଲୁଁ । ହସି ହାତ ହଲେଇ ଆମକୁ ବସିବାକୁ ନିର୍ଦ୍ଦେଶ ଦେଲେ । ପ୍ରଥମେ ସେଇ ଝିଅଟିକୁ କ'ଣ ପଚାରିଲେ । ସେ ଚିଠିଟା ଦେଲା, ପଢ଼ିଲେ । ତା'ପରେ ପରିଷ୍କାର ଇଂରେଜୀରେ ମୋ ନାଁ, ଘର କେଉଁଠି, କ'ଣ ପଢିବି, ଏଇ ଅଳ୍ପ ବୟସରେ ଏବଂ ଏଡ଼ି ଯୁଦ୍ଧ ସମୟରେ ମୁଁ

Digitized by srujanika@gmail.com

କାହିଁକ ଇଉରୋପ ଆସିଲ, ସବୁ ଖବର ବୁଝିଲେ । ଶେଷରେ କହିଲେ, ତୁମେ ମୋ ଘରେ ରହିବ, ପଢ଼ିବ । କାମ ହେଲା ମୋର ଦୁଇଓଲ ତାଙ୍କୁ ହୁଇଲ ଚେୟାର ଠେଲି ଠେଲି ବୁଲେଇବା, ରବିବାର ଦିନ ତାଙ୍କ ସାଙ୍ଗରେ ଗୀର୍ଜାକୁ ଯିବା ଓ ଇଂରେଜୀ ବହି ପଢ଼ି ଶୁଣେଇବା ।

"ଆଶ୍ରୟ ମିଳିଲା । ପଢିବାର ବ୍ୟବସ୍ଥା ହେଲା । ଆଉ କଣ ? ସେହି ଝିଅଟିକୁ ଧନ୍ୟବାଦ ଦେଇ ଫେରିଲି ବାର୍କକୁ । ଚୌବେଜୀଙ୍କୁ ସବୁ କହିଲି । ବୁଢା ଭାରି ଖୁସି ହେଲେ । ମୋର ଯାହା ଅଳ୍ପ ଲୁଗାପଟା ଥିଲା ତାକୁ ଖବର-କାଗଜରେ ଗୁଡେଇ ନେଲି । ବିଛଣା ଆଉ କମ୍ବଳ ଚୌବେଜୀଙ୍କୁ ଦେଲି । ଆସିଲାବେଳେ ତାଙ୍କ ଆଖି ଛଳ ଛଳ ହୋଇଗଲା । କହିଲେ ଦୁସିଆର ହୋଇ ଚଳିବୁ ବେଟା । ଭଗବାନ୍ ଅଛନ୍ତି । ଶେଷଥର ପାଇଁ ରୋଟି ଅଡ଼ର ଡାଲି ଏକାଠି ବସି ଖାଇଲୁ ।

"ମୋର ଆଶ୍ରୟଦାତ୍ରୀ ଥିଲେ ରାଜକନ୍ୟା । ଅଷ୍ଟ୍ରିଆର ରାଜବଂଶରେ ତାଙ୍କ ଜନ୍ମ । ସେ ବାହା ହୋଇଥିଲେ ସୁଇଡ଼େନର ରାଜା ପଞ୍ଚମ ଗୁଷ୍ଟେଭଙ୍କ ତୃତୀୟ ପୁତ୍ର ଚାର୍ଲସଙ୍କୁ । ରାଜକୁମାରୀ କାଟାଲିନାଙ୍କୁ ପିଲାଦିନେ ଗଭର୍ଣ୍ଣେଶ ରଖି ଇଂରେଜୀ ଓ ଫରାସି ଭାଷା ଶିକ୍ଷା ଦିଆଯାଇଥିଲା । ତାପରେ ଚାର୍ଲସ ଯେତେବେଳେ ପଞ୍ଚମ ଜର୍ଜଙ୍କ ଦରବାରକୁ ସୁଇଡେନରେ ରାଷ୍ଟ୍ରଦୂତ ହୋଇଗଲେ,—ସେତେବେଳେ ରାଜକୁମାରୀ ଲଣ୍ଡନରେ ଥିଲେ ପାଞ୍ଚବର୍ଷ । ତା'ପରେ ୱାଶିଂଟନରେ ଥିଲେ ତିନିବର୍ଷ । ରୋମରେ ଥିଲାବେଳେ, ୧୯୩୪ରେ ଏକ ଆତତାୟୀର ଗୁଳିରେ ତାଙ୍କ ସ୍ୱାମୀଙ୍କୁ ପ୍ରାଣ ଦବାକୁ ପଡିଲା । ତାଙ୍କର ଗୋଟିଏ ପୁଅ, କର୍ଣ୍ଣେଲ । ବର୍ତ୍ତମାନ ହେଲେଣ୍ଟିଙ୍କିରେ ।

"ଏଇ ପ୍ରକାଣ୍ଡ ଘରେ ସେ ଏକା । ପୁଅ ବାହା ହୋଇନି । ପ୍ରାୟ ବର୍ଷେ ହେବ ବାଥ ରୁମରେ ଗୋଡ ଖସଡ଼ି ପଡ଼ି ହାଡ ଭାଙ୍ଗି ଯିବା ଫଳରେ ସେ ଚାଲିବୁଲି କରି ପାରୁନାହାନ୍ତି । ଯୁଦ୍ଧ ଯୋଗୁ ପୁରୁଷ ଚାକରର ଅଭାବ । ଘରେ ଗୋଟିଏ ପୁରୁଷ ମଣିଷ ନାହିଁ । ଅଦ୍ଭୁତ ପରିସ୍ଥିତି । ସେଥିଲାଗି ମୋର ଆବଶ୍ୟକତା । ତାଙ୍କର ବିଶ୍ୱାସ, ଏଠି ମୋର କିଛି ଅସୁବିଧା ହବନି । ତାଙ୍କ ଲାଇବ୍ରେରୀର ସଦୁପଯୋଗ ମୁଁ କରିବି । ମୋର ସୁଇଡ଼ିଶ ଶିଖିବା ଦରକାର । ମୋତେ କେତେଖଣ୍ଡ ପ୍ରାଇମର ଦେଲେ ।

"ଷ୍ଟକହୋମରେ ବିଶ୍ୱବିଦ୍ୟାଳୟ ନଥାଏ । ଆପସାଲା ବୋଲି ଗୋଟିଏ ସହର ଅଛି ତିରିଶ ମାଇଲ ଦୂରରେ । ସେଠି ବିଶ୍ୱବିଦ୍ୟାଳୟ । ଏଇ

Digitized by srujanika@gmail.com

ବିଶ୍ୱବିଦ୍ୟାଳୟ ଖୁବ୍ ପୁରୁଣା,—ପ୍ରାୟ ପାଞ୍ଚଶ ବର୍ଷର । ଷ୍ଟକହୋମରେ କିନ୍ତୁ ଅନେକ କଲେଜ । ଲୁଥାରାନ ଚର୍ଚ୍ଚଦ୍ୱାରା ପରିଚାଳିତ ଗୋଟାଏ କଲେଜରେ ପଢ଼ିବାର ବ୍ୟବସ୍ଥା କରିଦେଲେ ରାଜକନ୍ୟା । ପାଞ୍ଚଟା ସେମେଷ୍ଟାରରେ ପଢ଼ାପାର ବିଜ୍ଞାନରେ ଡିଗ୍ରୀ ପାଇଲି ଓ ତା ସାଙ୍ଗରେ ଗୋଟାଏ ସୁନା ପଦକ ।

"ଇତିମଧ୍ୟରେ ରାଜକନ୍ୟା ପୁଅ କର୍ଣ୍ଣେଲ ଏଡ଼ୋଲଫାସ ତିନିଥର ଆସି ମାଙ୍କ ପାଖରେ ରହି ଗଲେଣି । ଯୁଦ୍ଧବି ସରିବା ଉପରେ । ହିଟଲାର ଯେ କେତେବେଳେ ପରାଜୟ ଘୋଷଣା କରିବେ ତାର ଅପେକ୍ଷା ସମସ୍ତେ କରୁଥାନ୍ତି । ଜାରମେନମାନେ ଷ୍ଟକହୋମ ଛାଡ଼ି ଚାଲିଯାଉଥାନ୍ତି । ମହାଯୁଦ୍ଧର ଧ୍ୱଂସ ସ୍ତୂପର ମାନବାତ୍ମାର ଆର୍ତ୍ତନାଦ ସେତେବେଳେ ଇଉରୋପର ଆକାଶକୁ ପ୍ରକମ୍ପିତ କରୁଥାଏ ।

"ରାଜକନ୍ୟାଙ୍କୁ ମୁଁ ମା'ବୋଲି ଡାକୁଥାଏଁ । ବୁଢ଼ୀ ଏଥିରେ ଖୁବ୍ ଖୁସି ହେଲେ ଏବଂ ମା'ଡାକିବା ଦିନରୁ ମୋ ସୁବିଧା ଅସୁବିଧା ପ୍ରତି ଟିକିଏ ବେଶୀ ନଜର ଦେଲେ । ଦୁଇଟା ବଡ଼ଦିନରେ ଦୁଇଟା ସୁଟ, ଗୋଟାଏ ଓଭରକୋଟ, ଘଣ୍ଟା, ବନ୍ଧୁ ଅନେକ ଜିନିଷ ଉପହାର ଦେଲେ । ହାତ ଖରଚ ପାଇଁ ଯାହା ଦେଉଥିଲେ ସେଥିରେ ମୋର ବେଶ୍ ଚଳି ଯାଉଥିଲା ।

"କର୍ଣ୍ଣେଲ ଏଡ଼ୋଲଫାସ ଦିନେ ଫେରି ଆସିଲେ ଘରକୁ । ମୁହଁ ଗମ୍ଭୀର । ଦେହରେ ସୈନିକସୁଲଭ ପୋଷାକ ଅଛି କିନ୍ତୁ ପଦମର୍ଯ୍ୟାଦାର ଚିହ୍ନ ନାହିଁ । କଣ ଗୋଟାଏ ଗୋଳମାଳ ହୋଇଛି । ଗ୍ଲାନି ଓ ଅପମାନବୋଧରେ ଦୁଇଦିନ ଭଦ୍ରଲୋକ ଘରୁ ବାହାରିଲେ ନାହିଁ । ମା'ଙ୍କର ମନ ବି ଖରାପ । ତା'ପରେ ଦିନେ ଗୋଟାଏ ପ୍ରକାଣ୍ଡ ଗାଡ଼ିରେ କିଏ ଜଣେ ରାଜପୁରୁଷ ଆସିଲେ ଓ ମା ପୁଅ ଦିହେଁ ତାଙ୍କ ସାଙ୍ଗରେ ଚାଲିଗଲେ ।

"ତା'ପର ଦିନ ଅଗଷ୍ଟ ୧୪ ତାରିଖ, ୧୯୪୫ ସାଲ । ହଠାତ୍ ମନେହେଲା ଷ୍ଟକହୋମର ଲୋକଗୁଡ଼ା ପାଗଳ ହୋଇ ଯାଇଛନ୍ତି । ରାସ୍ତାରେ ଦଳଦଳ ସ୍ତ୍ରୀ ପୁରୁଷ ଚାଲିଛନ୍ତି ପଟୁଆର କରି—ନାତସିବାଦର ଧ୍ୱଂସ ହେଉ । ଶାନ୍ତି ଦୀର୍ଘଜୀବୀ ହେଉ । ସନ୍ଧ୍ୟାରେ ଆଲୁଅ ଜଳି ଉଠିଲା ଘରେ ଘରେ । ରାଜପ୍ରାସାଦ, ପାର୍ଲାମେଣ୍ଟ, ନେଶନେଲ ବେଙ୍କ ପ୍ରଭୃତି ବଡ଼ ବଡ଼ କୋଠାସବୁ ଆଲୋକରେ ଉଦ୍ଭାସିତ ହୋଇ ଉଠିଲା । ଦୋକାନ ବଜାରରେ ଦେଖାଗଲା ନୂଆ ନୂଆ ଆଲୋକ ସଜ୍ଜା । ଆମ ରାଜକନ୍ୟା ଓ ତାଙ୍କ ପୁଅ ଆଉ ଫେରିଲେ ନାହିଁ ।

Digitized by srujanika@gmail.com

"ପନ୍ଦର ତାରିଖ ସକାଳ ଆଠଟା ବେଳକୁ ଆସିଲା ସେଇ ବଡ଼ ଗାଡ଼ିଟା । ଗାଡ଼ିରୁ ଓହ୍ଲାଇଲେ ମା'ପୁଅ । ଏଥର ପୁଅର ପଦମର୍ଯ୍ୟାଦା ସ୍ୱୀକୃତ । ଗୋଟାଏ ତରବାରୀ ଝୁଲୁଛି କଟିରୁ ।

"ଏଇ ମଉକା ମୋତେ ନବାକୁ ହେବ । ଯୁଦ୍ଧ ବନ୍ଦ ହବାର ଦଶ ବାର ଦିନ ପରେ ଯାଇ କହିଲି ବୁଢ଼ୀକୁ । ମେଜାଜ ଭଲ ଥାଏ । କହିଲି,—ମୁଁ ଜାରମେନି ଯିବି । ସେଠି ହାଇଡେଲବାର୍ଗ ବିଶ୍ୱବିଦ୍ୟାଳୟରେ କେମିଷ୍ଟ୍ରିରେ ରିସର୍ଚ୍ଚ କରିବି । ବୁଢ଼ୀ ଶୁଣି ଖୁସି ହେଲେ ଏବଂ ପୁଅ ସାଙ୍ଗରେ କଥାବାର୍ତ୍ତା ହେଲେ । ତହିଁ ଆରଦିନ ସକାଳେ ତାଙ୍କୁ ବୁଲେଇ ନେଲାବେଳେ ଖବର ପାଇଲି, ଷ୍ଟକହୋମରୁ ମେନହାଇମ ସହରକୁ କିଛି ଯୁଦ୍ଧବନ୍ଦୀ ନେଇ ଗୋଟାଏ ପ୍ଲେନ ଯିବ । ଯଦି ସେଥିରେ ଜାଗା ଥାଏ ମୁଁ ଯାଇ ପାରିବି ।

"ଖୁସିରେ ପ୍ରାୟ ରୁଦ୍ଧଶ୍ୱାସ ନେଲି ମୁଁ । ଲଞ୍ଚ୍ ଖାଇବାବେଳେ ଖବର ପାଇଲି ସିଟ ମିଳିବ । କାଲି ସକାଳ ଆଠଟାରେ ପ୍ଲେନ ଛାଡ଼ିବ । ମୁଁ ଯେମିତି ତିଆରି ହୋଇଥାଏଁ । ରାତସାରା ଶୋଇ ପାରିଲିନି । ମୋର ଯାହା ଅଳ୍ପ ଜିନିଷ-ପତ୍ର ଥିଲା, ତାକୁ ଗୋଟାଏ ସୁଟକେଶରେ ପୁରେଇଲି । ସକାଳ ସାତଟା ବେଳକୁ ଡାକରା ଆସିଲା । ଗୋଟିଏ ସୈନ୍ୟବାହିନୀର ଗାଡ଼ି ଥୁଆ ହୋଇଥାଏ । ବୁଢ଼ୀଙ୍କଠୁ ବିଦାୟ ନବାଟା ମର୍ମାନ୍ତିକ ହେଲା । କର୍ଣ୍ଣେଲ ଗୋଟାଏ ପରିଚୟ ପତ୍ର ଦେଲେ ।

"ପ୍ଲେନ ପ୍ରାୟ ସାଢ଼େ ନ'ଟାରେ ମେନହାଇମରେ ଓହ୍ଲାଇଲା । ଯୁଦ୍ଧ ବନ୍ଦୀଙ୍କୁ ନେଇ ଚାଲିଗଲେ ମାର୍କିନ ସୈନ୍ୟ ତାଙ୍କ ଗାଡ଼ିରେ । ଜଣେ ଲେଫଟେନେଣ୍ଟ ମୋର ପରିଚୟ ମାଗିଲା । ପାଇଲଟ କହିଲା,—ମୁଁ ଜଣେ ଭାରତୀୟ ଛାତ୍ର । ଏଇ ପ୍ଲେନରେ ମୋତେ କର୍ଣ୍ଣେଲ ଏଡାଲଫାସ ପଠାଇଛନ୍ତି । ଚିଠିଟା ଦେଖାଇଲି । ଦାନ୍ତରେ ଦାନ୍ତ ଘଷି ଲେଫଟେନେଣ୍ଟ ଯାଇ ଗାଡ଼ିରେ ବସିଲା । ମୋତେ ପଚାରିଲା, 'ସହରକୁ ଯିବ ?'

"ଭାରି ଉପକୃତ ହୁଅନ୍ତି—"

"ଚଢିଯାଅ" କହି ଜିପ ଷ୍ଟାର୍ଟ କଲା ।

"ମେନହାଇମର ରାସ୍ତାର ଦୁଇପାଖରେ ସ୍ତୂପାକାର ଜମାହୋଇଛି ଆବର୍ଜ୍ଜନା । ଭଙ୍ଗାଘର ସବୁ ଧାଡ଼ ଧାଡ଼ ହୋଇ ଠିଆ ହୋଇଛି । ଯୁଦ୍ଧ ଯେ କି ଧ୍ୱଂସ ଆଣେ ଓ ମଣିଷକୁ ପଶୁତ୍ୱର କେତେ ତଳକୁ ନେଇ ଯାଇପାରେ,— ଆକାଶରୁ ତ ଦେଖିଥିଲି-ଏଥର ମୁହାଁମୁହିଁ ଠିଆ ହେବାକୁ ହେଲା ତା ଆଗରେ ।

Digitized by srujanika@gmail.com

ମେନହ୍ଵାଇମ ଜାରମେନର ଗୋଟିଏ ପ୍ରସିଦ୍ଧ ସହର, ଶିଳ୍ପ ବାଣିଜ୍ୟରେ ସମୃଦ୍ଧ, ଶିକ୍ଷା ସଭ୍ୟତାରେ ବିଚକ୍ଷଣ । ତାର ଅବସ୍ଥା ଦେଖି ଆଖିରୁ ପାଣି ବୋହିଲା ମୋର । ପାଖରେ ବସିଥିବା ମାର୍କିନ ଅଫିସରଟି ମୋ ଆଡକୁ ଚାହିଁ ପଚାରିଲା—କାନ୍ଦୁଛ କାହିଁକି ?

ଗଲାଟା ସଫା କରନେଇ କହିଲି—ଯୁଦ୍ଧର ଧ୍ୱଂସଲୀଳା ଦେଖି ।

ତୁମେ ଭାରତୀୟଗୁଡା ଭାରି ଭାବପ୍ରବଣ ।

ମୁଁ ଜବାବ ଦେଲିନି ।

ତୁମେ କ'ଣ ନାତସିବାଦକୁ ସମର୍ଥନ କର ?

ମନେ ମନେ ଚିଡ଼ିଗଲି । କହିଲି, ଯେଉଁବାଦ ପୃଥିବୀ ଉପରକୁ ଧ୍ୱଂସ, ତାକୁ କେହି ସମର୍ଥନ କରିବେ ନାହିଁ ।

ଆମେ କିନ୍ତୁ ବିଜୟୀ । ଜିପଟାକୁ ଗୋଟାଏ ଭଙ୍ଗାଘର ଆଗରେ ଠିଆକଲା ସେ ।

ଚାଲ ଟିକିଏ କିଛି ଖିଆଯାଉ ।

"ଦୁଇଜଣ ପଶିଲୁ ଗୋଟାଏ କାଫେରେ । ପ୍ରକାଣ୍ଡ ହଲ । ଟେବୁଲ୍, ଚେୟାର ସଜା ହୋଇଛି, କିନ୍ତୁ ଗରାଖ ନାହିଁ । ଆମକୁ ପଶିବାର ଦେଖି ଜଣେ ମହିଳା ଆଗେଇ ଆସିଲା । ପଚାରିଲା, 'କେମିତି ସେବା କରିବି ?' ଅର୍ଡର କଲା ଅଫିସର, ସେଣ୍ଡୱିଚ ଓ ଗରମ କଫି । ମାର୍କିନମାନେ ବହୁତ ଖାଆନ୍ତି । ମୁଁ ଗୋଟାଏ ଖାଇବାବେଳକୁ ଦେଖେଁ ସେ ଦୁଇଟା ସାରିଲାଣି । ମୋ କଫିରେ ଦୁଧ ଦେଲି । ସେ ନେଲାନି ।

"କାଫେରୁ ବାହାରି ମୋତେ ପଚାରିଲା ମୁଁ କୁଆଡେ ଯିବି । ସେ ଫେରିବ ତା ପୋଷ୍ଟକୁ । ବହୁତ ଧନ୍ୟବାଦ ଦେଇ ମୋର ସୁଟକେଶ ଖଣ୍ଡିକ ନେଇ ମୁଁ ଆଗେଇ ଚାଲିଲି । ଯେଉଁଠି ଦେଖେଁ ମାର୍କିନ ସୈନ୍ୟ । ଏମିତି ପ୍ରାୟ ଅଧଘଣ୍ଟାଏ ଚାଲିଲା ପରେ ଗୋଟାଏ ବଡ ରାସ୍ତାରେ ପଡ଼ିଲି । ଅଳ୍ପକିଛି ଲୋକ ଏ ରାସ୍ତାରେ ଯା ଆସ କରୁଛନ୍ତି । ରାସ୍ତାର ଆରପଟେ ଗୋଟାଏ ବଡ଼ ପାର୍କ । ଦଳେ ମାର୍କିନ ସୈନ୍ୟ ସେଠି ଜମାହୋଇ ବିଅର ପିଉଛନ୍ତି ଓ ହୋ ହୋ କରୁଛନ୍ତି । ଦେଖିଲି, ଦୂରରେ ଜଣେ ଲମ୍ବା ଭଦ୍ରଲୋକ ବାଡ଼ି ହଲେଇ ହଲେଇ ଆସୁଛନ୍ତି । ମନେହେଲା ମାର୍କିନ । ଆଗେଇ ଗଲି ମୁଁ ।

Digitized by srujanika@gmail.com

କିଛି ଯଦି ମନେ ନ କରନ୍ତି,—ଆରମ୍ଭ କଲି ମୁଁ ।

କୁହ ।

ମୁଁ ଜଣେ ଭାରତୀୟ ଛାତ୍ର । ହାଇଡେଲବାର୍ଗ ବିଶ୍ୱବିଦ୍ୟାଳୟକୁ ଯିବି । କିମିତ ଏବଂ କେଉଁବାଟେ ?

ପରିଷ୍କାର ଇଂରେଜୀରେ ପଚାରିଲେ—ତୁମେ ସେଠି ପଢ଼ ?

ପଢ଼ିବି ବୋଲି ଆସିଛି ।

ଚଷମାର ମୋଟା କାଚ ଭିତରୁ ଅନେଇଲେ ମୋତେ ଭଦ୍ରଲୋକ ଗୋଡରୁ ମୁଣ୍ଡଯାକେ ।

ପନ୍ଦର ଦିନ ହେଲା ଯୁଦ୍ଧ ସରିଛି । ତୁମେ ଗୋଟିଏ ଭାରତୀୟ ପିଲା ଆସି ମେନହାଇମର ସଡ଼କରେ ମୋତେ ପଚାରୁଛ ହାଇଡେଲବାର୍ଗକୁ ବାଟ କୁଆଡେ ? ମୁଁ ହାଇଡେ଼ଲବାର୍ଗ ଯିବି । ତୁମେ ମୋ ସାଙ୍ଗରେ ଆସିପାର । ମୋ ଗାଡ଼ିଟା ଏଇ ଆଗରେ ଅଛି ।

ଦୁଇଜଣ ଯାଇ ଗାଡ଼ିରେ ବସିଲୁ । ବିରାଟ ପେକାର୍ଡ, ମାର୍କିନ ଗାଡ଼ି ।

ତୁମର ବୟସ କେତେ ? ଗାଡ଼ି ଚଳାଉ ଚଳାଉ ପଚାରିଲେ ସେ ।

କୋଡ଼ିଏ ବର୍ଷ ।

ଭାରତରୁ କେବେ ଆସିଲ ?

ତିନିବର୍ଷ ଆଗେ ।

ମୋ ମୁହଁକୁ ଚାହିଁଲେ ସେ—ସେଇ ଘୋର ଯୁଦ୍ଧବେଳେ ?

ଆଜ୍ଞା ହଁ ।

ପ୍ଲେନରେ ଆସିଲ ?

ନାଁ ।

କେମିତି ଆସିଲି, ଷ୍ଟକହୋମରେ କେମିତି ପଢ଼ିଲି, ସବୁ କହିଲି । ତା ସାଙ୍ଗେ ସାଙ୍ଗେ କହିଲି ଅଟୋ ହଇସମାନଙ୍କ ଛାତ୍ର ହେବାର ବିରାଟ ଲୋଭ ନେଇ ମୁଁ ଶେଷରେ ଆସି ହାଇଡେଲବାର୍ଗରେ ପହଞ୍ଚିଛି ।

ହଇସମାନ ତ ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ନାହାନ୍ତି ।

କୁଆଡ଼େ ଗଲେ ସେ ? ଡରି ଡରି ପଚାରିଲି, ମରିଗଲେ କି ?

ସେ ଯୁଦ୍ଧବନ୍ଦୀ ।

ମୁଁ ଚୁପ ରହିଲି ।

Digitized by srujanika@gmail.com

"ପୁଣି ଚାଲିଲା ପ୍ରଶ୍ନବାଣ ।"

ତୁମ ବାପା ଅଛନ୍ତି ?

ହଁ ।

ସେ ତୁମର ଖର୍ଚ୍ଚ ଦିଅନ୍ତି ?

ନାଁ ।

ତାହେଲେ ଷ୍ଟକହୋମରେ ପଢ଼ିଲ କେମିତି ?

ଜଣେ ରାଜକନ୍ୟାଙ୍କ ଅନୁଗ୍ରହରେ ।

କିଏ ସେ ?

କାଟାଲିନା ।

'ହାମ୍' ଶବ୍ଦ କଲେ ଭଦ୍ରଲୋକ ।'

କାଟାଲିନା କେମିତି ଅଛନ୍ତି ?

ଗୋଡ଼ ଭାଙ୍ଗିଥିବା ଫଳରେ ଚାଲିବୁଲି କରି ପାରନ୍ତିନି ।

ତୁମେ ଯେ କାଟାଲିନାଙ୍କ ଅନୁଗ୍ରହରେ ପଢୁଥିଲ ପ୍ରମାଣ ଦେଖାଇ ପାରିବ ?

କ'ଣ ଦରକାର ?

ଦରକାର ଅଛି । ହୁଏତ ହାଇଡ଼େଲବାର୍ଗରେ ତୁମର ନାମ ଲେଖାଇବାକୁ ସୁବିଧା ହେବ ।

ମୋ ପାଖରେ ତାଙ୍କର ଉପହାର ବହି ଅଛି, ଏବଂ ସେଥିରେ ସେ ଦସ୍ତଖତ କରିଛନ୍ତି । ତାଙ୍କ ପୁଅ କର୍ଣ୍ଣେଲ ଏଡ଼ାଲଫାସନଙ୍କର ପରିଚୟ ପତ୍ର ଅଛି ।

"ଗାଡ଼ି ପଶିଲା ଗୋଟାଏ ଗେଟ ଭିତରେ ।

"ଆମେ ହାଇଡ଼େଲବାର୍ଗ ବିଶ୍ୱବିଦ୍ୟାଳୟକୁ ପଶୁଛୁ—କହିଲେ ସେ ।

ମୁଁ ଚଞ୍ଚଳ ହୋଇ ଉଠିଲି । ଗୋଟାଏ ବେଶ ଚଉଡ଼ା ରାସ୍ତା ଲମ୍ବି ଯାଇଛି । ଦୁଇ କଡ଼ରେ ପ୍ରକାଣ୍ଡ ପ୍ରକାଣ୍ଡ ଗଛ । ତା ମଝିରେ ମଝିରେ ଭୁଙ୍କି ମାରୁଥାଏ କୋଠାସବୁ । ଜନମାନବ ଶୂନ୍ୟ । ଚଢ଼େଇର ଶୁଙ୍କା ଶବ୍ଦ ନାହିଁ ।

ଦେଖୁଛ ମିଷ୍ଟାର, କ'ଣ ତୁମ ନାମ ?

ଶଙ୍କର ।

ହଁ । ଶ୍ୟାଙ୍କାର । ଶିବ । ଧ୍ୱଂସର ଦେବତା । ତୁମକୁ ପାଖରେ ବସେଇଛି ମୁଁ । ଦେଖିତ ଭାଗ୍ୟର ବିପର୍ଯ୍ୟୟ । ହସିଲେ ସେ ।

Digitized by srujanika@gmail.com

ମୁଁ ମଣିଷ ଏବଂ ଧ୍ୱଂସ ମୋ ଦ୍ୱାରା ସମ୍ଭବ ନୁହେଁ ।

ତୁମେ ହିନ୍ଦୁମାନେ ଖୁବ ନମ୍ର । କହିଲେ ସେ । କଣ ବା ଜବାବ ଦେବ ?

କଣ କରିବେ ଏଠି ? ପଚାରିଲେ ।

କେମିଷ୍ଟ୍ରିରେ ରିସାର୍ଚ୍ଚ ।

ଓ ସେଥିଲାଗି ହାଇସମାନଙ୍କ କଥା କହୁଥିଲ ?

ଆଜ୍ଞା ହଁ ।

ହାଇସମାନଙ୍କ ଜାଗାରେ ମୁଁ ଆସିଚି ଆଇଓଆରୁ । ମୋ ନାଁ—ବ୍ରାଣ୍ଡ, କେମ୍‌ସ ବ୍ରାଣ୍ଡ ।

"ପ୍ରଖ୍ୟାତ ରସାୟନବିଦ୍ କେମ୍‌ସ ବ୍ରାଣ୍ଡ । କୃତକୃତ୍ୟ ହେଲି । ଦୁଇହାତ ଟେକି ନମସ୍କାର କରି ପକେଇଲି । ସେ ହସିଲେ ।

"ହାଇସମାନ ଛୁଟି ନ ପାଇବାଯାକେ ମୋତେ ଏଠି ରହିବାକୁ ହବ । ସେ ଆସିଲେ ମୁଁ ଆଇଓଆକୁ ଫେରିଯିବି । ଆମେ ଖୁବ ଶୀଘ୍ର ମରାମତ କରିଦବାକୁ ଚାହୁଁ । ଜର୍ମାନମାନେ ପୃଥିବୀର ଏକ ନାମଯାଦା ଜାତି, ଖୁବ ଅହଂକାର ସେମାନଙ୍କର । ବିଜ୍ଞାନ ତାଙ୍କୁ ଏମିତି ଉନ୍ନତ କଲା ଯେ, ଜୀବନ ଦର୍ଶନ ସେମାନଙ୍କୁ ଆକୃଷ୍ଟ କରି ପାରିଲାନି । ଫଳରେ ଦୁଇ ଦୁଇଥର ବିଶ୍ୱଯୁଦ୍ଧର ମୂଳହେଲି ଜାରମେନି । ଆଗଥର ରକ୍ଷାଥିଲା । ସିଭେଲିରର କବରଥିଲା ଗଲା ଯୁଦ୍ଧରେ । ଏଥର ପତନଟା ଯେମିତି ଅତଳ, ଧ୍ୱଂସଟା ବି ସେମିତି ସର୍ବବ୍ୟାପୀ ।

"ଗାଡ଼ିଟା ଆସ୍ତେ ହୋଇଯାଇ ଠିଆ ହୋଇଗଲା ଗୋଟାଏ ବଙ୍ଗଳା ସାମନାରେ । ଡ଼ାକିଲେ, ଆସ ଚା ଖାଇବା ।

"ପ୍ରାୟ ବର୍ଷକ ପରେ ଅଧ୍ୟାପକ ହାଇସମାନ ଫେରିଲେ ବିଶ୍ୱବିଦ୍ୟାଳୟକୁ ।

"ବେଶୀ କଥା କହୁନ୍ତିନି । କାହାରି ସାଙ୍ଗରେ ବେଶୀ ମିଶନ୍ତିନି । ବ୍ରାଣ୍ଡଙ୍କ ସାଙ୍ଗରେ କେବଳ ତାଙ୍କର ଘନିଷ୍ଠତା । ବ୍ରାଣ୍ଡଙ୍କୁ ରହିବାକୁ ହେଲା ।

"ହାଇସମାନ ଏସୋସିଏଟ ହେଲେ ନିଜ ଇଚ୍ଛାରେ । ଦରମା କମେଇ ଦେଲେ ଅଧାକୁ । କଣ ହବ ଏତେ ଟଙ୍କା ? ତାଙ୍କର ନିଜର ବୋଲି କେହି ଜଣେ ହେଲେ ଜୀବିତ ନାହିଁ ।

Digitized by srujanika@gmail.com

"ଇତି ମଧ୍ୟରେ ଭାରତ ସ୍ୱାଧୀନ ହେଲା । ବାରଲିନର ଭାରତୀୟ ଦୂତାବାସରେ ଏଇ ଉତ୍ସବ ପାଇଁ ସବୁ ଭାରତୀୟ ପିଲାଙ୍କୁ ନିମନ୍ତ୍ରଣ ମିଳିଥିଲା ।

ମୁଁ ବି ଯାଇଥିଲି । ସେଇଠି ଡିଆର କରିଥିଲି ପ୍ରିନ୍ସ କୋଟିଟା ।

ଥିସିସ ଗୃହୀତ ହେବା ପରେ ପରେ ଦିନେ ପ୍ରଫେସାର ବ୍ରାଣ୍ଡ ପଚାରିଲେ—

ସ୍ୱାପରେ କ'ଣ କରିବ ଶଙ୍କର ?

ଏମେରିକା ଯିବି ସାର ।

ଏମେରିକା ! କାହିଁକି ?

"କହିଲି ତାଙ୍କୁ ମନ କଥା । ଆଶ୍ଚର୍ଯ୍ୟ ଜାତି ଏଇ ଏମେରିକାନ । ତାର ବିଦ୍ୟା ଅପୂର୍ବ । ତାର କ୍ଷମତା ସୀମାହୀନ । ତାର ଐଶ୍ୱର୍ଯ୍ୟର ତୁଳନା ନାହିଁ । ଏ ଜାତିକୁ ପାଖରୁ ଦେଖିବାକୁ ହବ । ଶିଖିବାକୁ ହବ ତାର କୌଶଳ ।

"ହାଇଡେଲବାର୍ଗରେ ଅଧ୍ୟାପକ ବ୍ରାଣ୍ଡ ରବରର ଗୋଟାଏ ବିଶେଷ ଉପଯୋଗିତା ଉପରେ ଗବେଷଣା କରୁଥାନ୍ତି । ମୁଁ ସେଥିରେ ତାଙ୍କୁ ବେଳେବେଳେ ସାହାଯ୍ୟ କରୁଥାଏଁ । ସେ ତାଙ୍କର ଆବିଷ୍କାରକୁ ପେଟେଣ୍ଟ କଲେ ଏମେରିକାରେ । ମୋତେ ମିଳିଲା ସେଥିରୁ ହଜାରେ ଡଲାର । ଘର ଭିତରକୁ ଯାଇ ଚେକ୍‌ଟା ଆଣି ମୋତେ ଦେଲେ ।

"ଏତିକ ଟଙ୍କାରେ ତୁମେ ଏମେରିକା ଯାଇ ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହୋଇ ପାରିବ । ଅପ୍ରତ୍ୟାଶିତ ଅନୁଗ୍ରହ ପାଇଁ କୃତଜ୍ଞତା ଜଣେଇଲି । ଅଧ୍ୟାପକ ସବୁ ବ୍ୟବସ୍ଥା କରିଦେଲେ । ପାସପୋର୍ଟ, ଭିସା, ସବୁ ହେଲା ।

"ତାପରେ ଦିନେ ବିଦାୟ ନବାକୁ ଗଲି । ଉଇସମାନ ଖଣ୍ଡେ ପରିଚୟ ପତ୍ର ଦେଲେ ଯାର ଦାମ ମୋର ଡିଗ୍ରୀଠାରୁ ବେଶୀ । ବ୍ରାଣ୍ଡ ପରିଚୟ ପତ୍ର ତ ଦେଲେ, ଚିଠି ବି ଲେଖିଲେ ତାଙ୍କ ବିଶ୍ୱବିଦ୍ୟାଳୟକୁ ମୋ ବିଷୟରେ । ଦିନେ ସମସ୍ତଙ୍କଠୁଁ ବିଦାୟ ନେଇ ବାହାରି ପଡିଲି । ପାରିସରେ ବୁଲିଲି ଗୋଟାଏ ସପ୍ତାହ । ତାପରେ ଲଣ୍ଡନ । ଏଠି ରହିଲି ଦିଶଦିନ । ବହୁ ଭାରତୀୟ ତଥା ଓଡ଼ିଆ ଛାତ୍ରଙ୍କ ସାଙ୍ଗରେ ଦେଖାହେଲା । ମୋର ପରିଚିତ କାହାକୁ ଦେଖିଲିନି । ତାପରେ ଦିନେ ଉଡ଼ିଲି ଏମେରିକାର ଆକାଶ ଆଡକୁ ।

"ଆଇଓଆରେ ମୁଁ ପହଞ୍ଚିଲାବେଳକୁ ସବୁ ବ୍ୟବସ୍ଥା ହୋଇ ରହିଛି । ରକଫେଲରର ଫାଉଣ୍ଡେଶନରୁ ବୃତ୍ତି ପର୍ଯ୍ୟନ୍ତ । ଦୁଇ ବର୍ଷରେ ଥିସିସ ଗୃହୀତ

Digitized by srujanika@gmail.com

ହେଲ । ତାପରେ ସ୍ବକର ଏକ ପ୍ରସିଦ୍ଧ ସୋସ୍ଥନ କମ୍ପାନୀରେ । ଦୁଇବର୍ଷ କାମକଲା ପରେ କମ୍ପାନୀ ଠିକ କଲେ ଭାରତରେ ତାଙ୍କ ଜନଷ ଚଳେଇବେ । ମୋତେ ବଛାଗଲା ସେ କାମ ପାଇଁ ।

"ତା'ପରେ ତ ଘରେ," ହସିଲା ଶଙ୍କର । "ତୁମ ଆଗରେ ବସି ଗପ ମାରୁଛ ।"

ବୋଉ ପାନ ଭାଙ୍ଗୁଥିଲେ । ବଟାରୁ ଗୋଟାଏ ପାନ ଆଣି ସ୍ଟେବେଇବାକୁ ଲଟିଲା ଶଙ୍କର । ଅନେକବେଳୁ ସିଗ୍ରେଟ ଖାଇନି ସେ ।

"ତୁମେ ତାହେଲେ କଉଠି ରହିବ ଭଇନା ?" ଉମା ପଚାରିଲା ।

"କଲିକତାରେ" ।

"ରକ୍ଷା । ପାଖ ହେବ । ଯିବା ଆସିବା କରି ହେବ ।"

"ତୋର ଯେତେବେଳେ କଲିକତା ଯିବାକୁ ମନ ହେବ, ମୋତେ ଲେଖି ଦବୁ । ମୁଁ ତତେ ଷ୍ଟେସନରୁ ଘରକୁ ନେଇଯିବି ।"

"ମୁଁ କଣ କଲିକତା ଦେଖିନି କି ?"

ହସି ଉଠିଲେ ସମସ୍ତେ ।

"ଏଥର ସଭା ଭଙ୍ଗ ହଉ ।" ମାମୁଁ ପ୍ରସ୍ତାବ କଲେ । ଶଙ୍କରର ପିଠିରେ ଗୋଟାଏ ହାଲୁକା ଚାପୁଡ଼ା ମାରି କହିଲେ—"ବଚନ ତୋର କାହାଣୀ, ଅଦଭୁତ ତୋ ଅଭିଜ୍ଞତା । ବାଃ ।"

ଶଙ୍କର ଦେଖିଲା—ବାପା ବୋଉ ଦିଜଣଙ୍କ ଆଖି ଚକଚକ କରୁଛି ।

ଶୋଇବାକୁ ଗଲାବେଳେ ଚନ୍ଦ୍ରଶେଖର ଏକାନ୍ତରେ ଟିପ୍‌ପଣୀ କାଟିଲା—

"ଅନେକ ବ୍ଲେଙ୍କ ରହିଗଲା ।"

"ଅନେକ ।" ସ୍ବୀକାର କଲା ଶଙ୍କର । "ସେ ଘଟଣାଗୁଡ଼ା ଅନୁଭୂତିର ରସରେ ସିକ୍ତ । ଖୁବ୍ ସୀମିତ ସମାଜ ଛଡ଼ା ଅନ୍ୟତ୍ର ସେଗୁଡ଼ା ଚଳିବନି । ଏଠିତ ପ୍ରଶ୍ନ ଉଠେନି ।"

ହସିଲେ ଦିଜଣ । ଶଙ୍କରକୁ ତା ଘର ଦୁଆର ମୁହଁରେ ଶୁଭରାତ୍ରି ଜଣେଇ ଆଗେଇ ଗଲା ଚନ୍ଦ୍ରଶେଖର ତା ଶୋଇବା ଘରକୁ ।

Digitized by srujanika@gmail.com

ଏଗାର

ନିଦ ଭାଙ୍ଗିଲା ଶଙ୍କରର । ବାହାରେ ନାନାପ୍ରକାର ଚଢ଼େଇର ଶବ୍ଦ । ରାତି ତାହେଲେ ପାହିଲାଣି । ଝରକାଟା ଖୋଲି ଦେଖିଲା ପୂର୍ବ ଆକାଶଟା ସଫା ହୋଇ ଆସୁଛି । ପଲ୍ଲୀର ଏଇ ସକାଳ ତାକୁ ଆକର୍ଷଣ କଲା । ଚଟପଟ ପୋଷାକ ପିନ୍ଧି ବାହାରି ଆସିଲା ଘରୁ । କେହି ବିଛଣା ଛାଡ଼ି ନାହାନ୍ତି । ଆଗେଇ ଗଲା ପୂର୍ବଦିଗକୁ । ମାଟିର ସଡ଼କ ଗୋଟିଏ ଅଙ୍କା ବଙ୍କା ହୋଇ ଚାଲିଯାଇଛି । ଦୁଇ ପାଖରେ ଧାନ ବିଲ । ଦୂରରେ ଗୋଟାଏ ଗାଁ । ଗଛପତ୍ର ଦିଶୁଛି । ଏଟା ବୋଧହୁଏ—ସାହାଡ଼ା । ଗଉଡ଼ ବସ୍ତି । ଆଗେ ଏଠି ଦୁଧ, ଘିଅ, ଛେନାର କାରବାର ହେଉଥିଲା ।

ଗତିବେଗ ବଢେଇ ଦେଲା ଶଙ୍କର । ଦେହର ଜଡ଼ତା ନାଶ ହବ । ଜଣେ ଦି ଜଣ ଲୋକଙ୍କୁ ଭେଟିଲା ସେ । ସେମାନେ ତାକୁ ବାଟ ଛାଡ଼ିଦେଇ କଡ଼େଇ ଗଲେ । ପ୍ରାୟ ଅଧ ଘଣ୍ଟାଏ ଚାଲିବା ପରେ ଶଙ୍କରର ମନେ ହେଲା—ଗାଁଟା ତଥାପି ଦୂରରେ ଦିଶୁଛି । ଘଡ଼ି ଦେଖିଲା, ଛଟା ଦଶ । ସୂର୍ଯ୍ୟ ଉଠୁଥାନ୍ତି ଆସ୍ତେ ଆସ୍ତେ । ଡିସେମ୍ବରର ସୂର୍ଯ୍ୟ, ରୁକ୍ଷତା ନାହିଁ । ବରଂ ମନୋରମ । ଠିଆ ହୋଇ ଗୋଟିଏ ସିଗ୍ରେଟ ଲଗେଇଲା । ତାପରେ ଫେରିଲା ଆସ୍ତେ ଆସ୍ତେ; ଚାରିଆଡ଼କୁ ଅନେଇ ଅନେଇ । ଗୋଟାଏ କବିତା ମନେ ପଡ଼ିଲା ତାର—"ସକାଳ ସୂର୍ଯ୍ୟର ଉତ୍ତାପ ପରି ତୁମେ ମନୋରମ । ହେ ମୋର ସଖୀ, ମୁଁ ତୁମକୁ ଭଲ ପାଏଁ ନିଜ ସ୍ୱାର୍ଥରେ । ତୁମର ଦେହଲତା ମୋ ଦେହ ଯେ ବାରମ୍ବାର କାମନା କରେ—ତାର କାରଣ ତୁମେ ମୋତେ ଲୁବ୍‌ଧ କର ।"

କେଉଁ ଏକ ଅଖ୍ୟାତ ମାର୍କିନ କବିର ଲେଖା କବିତାରୁ ପଦେ । ତାକୁ ଶୁଣେଇଥିଲା ରାଲଫ୍ । ଚାଲିଗଲା ସେ ନିଉଇୟର୍କକୁ । ବ୍ରଡ଼ୱେର ଏକ ଅଭିଜାତ ଥିଏଟରରୁ ବାହାରୁଥାନ୍ତି ଦି'ଜଣ । ରାତି ସାଢ଼େ ନଅଟା । ରାସ୍ତା ତକ୍ସି ହାତଠାରି ଡାକୁଛି । ଶନିବାରର ସନ୍ଧ୍ୟା । ଆଜି ସବୁଠି ଉତ୍ସବ ।

"କୁଆଡ଼େ ଯିବୁ ?" ପଚାରିଲା ରାଲଫ୍ । ତା ରକ୍ତକୁ ହୁଇସ୍କି ଚଞ୍ଚଳ କରୁଥାଏ । ଏକ ମଦିର ଚାହାଣି ଦେଇ ଦେଖିଲା ଶଙ୍କର ଠିଆ ହୋଇ । ଆମୋଦ ପ୍ରମୋଦର ସୁଅ ଛୁଟିଛି ଏଇ ଅଞ୍ଚଳଟିରେ । ମାର୍କିନ ଐଶ୍ୱର୍ଯ୍ୟ ଏବଂ ସେ ଐଶ୍ୱର୍ଯ୍ୟ ପୃଥିବୀର ଅଦ୍ୱିତୀୟ, ଯାହା କିଣିପାରେ, ସବୁ ଏଠି ମିଳେ । ଏଠିକାର ରାତ୍ରୀ ଅନବଗୁଣ୍ଠିତା । ନିଅନ ଆଲୁଅ ଛୁଇରେ ଯେତିକି ଢାଙ୍କି ହବ ସେତିକି ।

"କ'ଣ, କୁଆଡ଼େ ଯିବା ?" ପୁଣି ପଚାରିଲା ରାଲଫ୍ ।

Digitized by srujanika@gmail.com

"ତୋର ଯୁଆଡେ ଇଚ୍ଛା ।"

"ଠିକ୍ ତ ?" ପୁଣି ଥରେ ବୁଝି ରଖିଲା ରାଲଫ୍ । ଶଙ୍କରଟା ହନ୍ଦୁ । ମଦ ଖାଇବ ନାହିଁ, ଅମୁକ କରିବ ନାହିଁ, ତମୁକ କରିବ ନାହିଁ । ସବୁଥିରେ ଆଇ ମଧ୍ୟ ନ ଥିବା ଭଳି ।

ରାଲଫ୍‌ର ଗାଡ଼ିରେ ବସିଲେ ଦୁଇ ଜଣ । ଦଶ ମିନିଟ ପରେ ରାଲଫ୍ ଠିଆ କଲା ଗୋଟିଏ ପ୍ରାସାଦ ପାଖରେ । ବାହାରୁ ବୁଝିପାରିଲା ନାହିଁ ଶଙ୍କର କଣ ଏଟା । ଭିତରକୁ ପଶିଗଲେ ଦୁ'ଜଣ । ଗୋଟିଏ ବାର । କେତେଜଣ ସ୍ତ୍ରୀ ପୁରୁଷ ବସି ମଦ୍ୟପାନ କରୁଛନ୍ତି । ରାଲଫ ଆଉ ଶଙ୍କର ଗୋଟିଏ ଟେବୁଲରେ ବସିଲେ । ରାଲଫ ବରାଦ କଲା ହୁଇସ୍କି । ଶଙ୍କର ପାଇଁ ଆସିଲା ଥଣ୍ଡା ପାନୀୟ । ଉଏଟରକୁ ଡାକିଲା ରାଲଫ୍ ।

"ଦୁଇଟା ଟିକେଟ ଦରକାର ।"

"ଦେଖୁଛି ସାର କେତେ କଣ ଅଛି ।"

ରାଲଫ୍ ବଢ଼େଇ ଦେଲା ଗୋଟିଏ ଶହେ ଡଲାର ବିଲ ତା ହାତକୁ । ଚାଲିଗଲେ ଉଏଟର । ପାଞ୍ଚମିନିଟ ପରେ ଫେରି ଆସିଲା । ଟିକେଟ ଦୁ'ଟା ଦେଇ ବାକି ଟଙ୍କା ଫେରେଇ ଦଉଥିଲା ରାଲଫକୁ । ହାତ ହଲେଇ ମନାକଲା ରାଲଫ । ଉଠି ପଡ଼ିଲା ସେ—"ଆସ ।"

ରାଲଫ ପଛେ ପଛେ ଆଉ ଗୋଟାଏ ଘରକୁ ପଶିଲା ସେ । ସିଡ଼ି ଚଢି ଉପରକୁ ଉଠିଗଲେ ଦୁଇ ବନ୍ଧୁ । ଗୋଟାଏ ପ୍ରକାଣ୍ଡ ହଲ, ଲୋକରେ ଭର୍ତ୍ତି । ତାର ଗୋଟାଏ ପଟେ ଷ୍ଟେଜ । ଷ୍ଟେଜର ପର୍ଦା ଉପରେ ନାନା ରଙ୍ଗର ଆଲୁଅର ଖେଳ ଚାଲିଛି । ବସିଲେ ଦୁ'ଜଣ ନିଜ ନିଜ ଯାଗାରେ ।

ଧୀରେ ଧୀରେ ପର୍ଦାଟା ଦୁଇଭାଗ ହୋଇଗଲା । ଗୋଟାଏ ବିରାଟ ସାମୁକା । ଆସ୍ତେ ଆସ୍ତେ ଖୋଲି ଯାଉଛି ମୁହଁଟା । ବାହାରି ଆସିଲା ଏକ କନକାଙ୍ଗୀ ଯୁବତୀ । ତାର ସାରା ଦେହରେ ସୁବର୍ଣ୍ଣର ଦ୍ୟୁତି । ତା ପଛକୁ ଆଉ ଛଅଜଣ ଆସିଲେ । ଏମାନେ ରଜତଶୁଭ୍ର । ନୃତ୍ୟ ଆରମ୍ଭ ହେଲା । ହଠାତ୍ ଦଶିଲା ଶଙ୍କରକୁ, ଏମାନଙ୍କର ପୋଷାକ କୁଆଡେ ଉଭେଇ ଯାଇଛି । ନୃତ୍ୟଟା ଅତି ମାତାରେ ଆଦରସାତ୍ମକ-ବିଶେଷକରି ଶେଷ ଆଡ଼କୁ । ନାଚ ସରିଲା ବେଳକୁ ପର୍ଦା ଫେରି ଯୋଡ଼ି ହୋଇଗଲା ।

ରାଲଫ ଶଙ୍କରର ହାତରେ ଚାପ ଦେଲା ।

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ । ଗ୍ରୀକ ଦେବୀ ଏଫ୍ରୋଡ଼ାଇଟଙ୍କ ପ୍ରେମାଭିସାର, ମିଳନ । ବେଳେ । କି ଅପୂର୍ବ ଭଙ୍ଗୀ ଏମାନଙ୍କର । ଅଙ୍ଗ ସୁଷମାରେ ମାର୍କିନ ନାରୀ ବୋଧହୁଏ ପୃଥିବୀରେ ଶ୍ରେଷ୍ଠ । ଏ ନୃତ୍ୟ ସରିଲାବେଳକୁ ଶଙ୍କରର ଦେହ ଗରମ ହୋଇ ଉଠୁଛି ।

ତୃତୀୟ ଦୃଶ୍ୟ, ବାଇବ୍ଲର ଗଳ୍ପ । ଇଡେନ୍ ଉଦ୍ୟାନରେ ଇଭ୍‌ଙ୍କ ନିଷିଦ୍ଧ ଫଳ ଭକ୍ଷଣର ଉପାଖ୍ୟାନ । ଆଦମ ପୁରୁଷ ଓ ଆଦମ ନାରୀର ରମଣ ରୂପାୟିତ ହୋଇଛି ବେଳେବେଳେ । ଇସ୍‌ଖୁସ୍ କରି ଉଠିଲେ ପ୍ରେକ୍ଷା ଗୃହର ଦର୍ଶକ । ପର୍ଦ୍ଦା ପଡ଼ିଲା ।

ଅବସର । ଉଠି ଠିଆହେଲା ରାଲଫ୍ । ପଦାକୁ ଆସିଲାରୁ ଶଙ୍କର ଦେଖିଲା, ମୁହଁଟା ଲାଲ—ଆଖି ଗୁଡ଼ାରେ ଏକ ଅସ୍ୱାଭାବିକ ଦୃଷ୍ଟି ।

"ଦେଖ ଶଙ୍କର, ମଉଜଟା ନଷ୍ଟ କରିବୁନାହିଁ କହୁଛି ।"

"କଣ କରିବୁ ?" ପଚାରିଲା ଶଙ୍କର ।

"ମୁଁ ଯାହା କରେଁ ତୋତେ ଭାଗ ଦେବି । ଏଠି ଠିଆହୋଇଥା, ମୁଁ ଆସୁଛି ।" କୁଆଡ଼େ ଚାଲିଗଲା ରାଲଫ କଣଡ଼ିରରେ । ଫେରି ଆସିଲା, ତାର ଦୁଇ କାନ୍ଧରେ ଦୁଇଟି ତରୁଣୀ ଭରଦେଇ ହସି ହସି ଆସୁଛନ୍ତି । ଶଙ୍କର ପାଖକୁ ଆସି ଜଣକୁ ତା ପାଖକୁ ଯିବାକୁ କହିଲା । ଗୋଟିଏ ତରୁଣୀ ଶଙ୍କରର ହାତଟାକୁ ଧରି ତା ଗାଲରେ ଏକ ସଶବ୍ଦ ଚୁମ୍ବନ କଲା । ଗାଡ଼ିରେ ବସିଲେ ଯାଇ ଦୁଇ ବନ୍ଧୁ, ରାଲଫ ତାର ସଙ୍ଗିନୀଟିକୁ ନେଇ ଆଗରେ, ଏମାନେ ପଛରେ । ରାଲଫ ଗାଡ଼ି ଛାଡ଼ିଦେଲା । ଶଙ୍କର ତାର ସଙ୍ଗିନୀଟିକୁ ଚାହିଁଲା, ସେ ତା କୋଳରେ ଶୋଇ ପଡ଼ି ହସୁଛି—ତାର ଦେହରେ କୌଣସି ଆବରଣ ନାହିଁ ।

ଫେରି ଆସିଲା ଶଙ୍କର ବର୍ତ୍ତମାନକୁ । ସେ ଗାଁ ଭିତରେ ହେଲାଣି । ଘଡ଼ି ଦେଖିଲା ପୁଣି—ସାତଟା । ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ଅନେଇଲା ସେ ସ୍କୁଲ ଆଡ଼କୁ । ପ୍ରଥମ ଘରଟାହିଁ ତାର ମନେ ହେଲା ଚିହ୍ନା । ଓହୋ, ସଙ୍ଗାତ ମାଉସୀଙ୍କ ଘର, ମାନର ।ପଶିଗଲା ଶଙ୍କର । ସଙ୍ଗାତ ମାଉସୀ ବାସନ ମାଜୁଥିଲେ । ଗୋଟାଏ ସାହେବକୁ ଅଗଣା ଭିତରକୁ ପଶି ଆସିବାର ଦେଖି ଠିଆହୋଇ ପଡ଼ିଲେ । ଟୋପିଟା ଖୋଲି ଶଙ୍କର କହିଲା—"ସଙ୍ଗାତମାଉସୀ, ମୁଁ ଶଙ୍କର ।" ନମସ୍କାର କଲା ସେ । ହାତଧୋଇ ଗୋଟାଏ ସତରଞ୍ଜି ଆଣି ପିଣ୍ଡାରେ ପକାଇଲେ ମାଉସୀ । ଓଢ଼ଣା ସେମିତି ଅଛି ।

"ବସ ।" ମୃଦୁକଣ୍ଠରେ ଅନୁରୋଧ କଲେ ।

Digitized by srujanika@gmail.com

"ମୁଁ ଦୁଇଦନ ହେଲ ଆସିଲଣି ।" ବସି ପଡ଼ି କହିଲ ଶଙ୍କର ।

"ମାନ କହୁଥିଲ ।"

"ମାନ କାହିଁ ?"

"ନଈକ ଯାଇଛ ।"

"ନଈକୁ, ଏତେ ବାଟ ?"

"ନା, ପାଖରେ ଗୋଟାଏ ଘାଟ ଅଛ ।"

"ମଉସା ?"

"ସେ କଟକ ଯାଇଛନ୍ତ ଦୁଇଦନ ହେଲ ।"

ପଶି ଆସିଲ ମାନ । ନୀଳ ଧଡ଼ିର ସାଦା ଶାଢୀ ଖଣ୍ଡେ ପିନ୍ଧିଛ । ଗାଧୋଇ ଆସିଛ ସେ । ଓଦା ଲୁଗାଟା ତା ଦେହରେ ଲଗି ଲଗି ଯାଇଛ । ତାର ଶରୀରର ପ୍ରତ୍ୟେକଟି ଅଙ୍ଗ ପରିଷ୍କାର ଦଶୁଛ । ମୁଣ୍ଡରେ ଲୁଗା ନାହିଁ । କାଖରେ ଗୋଟାଏ ପିତଳ ଗରା । ଗରାଟା ଓହ୍ଲାଇବାକୁ ଯାଇ ନଜର ପଡ଼ିଲ ତାର ଶଙ୍କର ଉପରେ । ତା ଆଖିରେ ବିମୁଗ୍ଧ ଦୃଷ୍ଟି । କଣ କରିବ ତାକୁ ବୁଝି ପାରିଲନ । ଗରାଟା କଚୁଡ଼ି ଦେଇ ଦଉଡ଼ି ଯାଇ ପଶିଗଲ ମାନ ଗୋଟାଏ ଘର ଭିତରେ ।

ସ୍ତବ୍ଧ ହୋଇ ବସିଲ ଶଙ୍କର ମିନିଟିଏ । ତା ପରେ ଫେରି ପାଇଲା ନିଜକୁ । ହୋ ହୋ କରି ହସି ଉଠି କହିଲା, "ମାନ ମୋତେ ଚହ୍ନି ପାରିଲାନ ମାଉସୀ" ।

ମାନଥିବା ଘରକୁ ଶୁଖିଲା ଲୁଗା ବଢ଼େଇ ଦେଇ, ପାନବଟା ନେଇ ଆସି ବସିଲେ ମାଉସୀ । ବେଶ ଯତ୍ନକରି ନାନା ପ୍ରକାର ମସଲା ଦେଇ ଦୁଇ ଖଣ୍ଡ ପାନ ଭଙ୍ଗି ଗୋଟାଏ ଥାଳଆରେ ବଢ଼େଇ ଦେଲେ । ଘର ଭିତରୁ ଛୋଟ ସ୍ୱରରେ ଶବ୍ଦ ଶୁଭିଲା—"ବୋଉ ।"

ଉଠିଗଲେ ମାଉସୀ, ସେଇ ଘର ଦୁଆରକୁ ।

"ସେ କଣ ପାନ ଖାଆନ୍ତ ?"

"ତାହେଲେ କ୍ଷ କରିବେ ?"

"ଏଇ କ୍ଷ ସେ ଖାଇବେ ?"

Digitized by srujanika@gmail.com

ହସି ହସି କହିଲା ଶଙ୍କର । ଏଠି ଚୁ ମିଳିବ ମାଉସୀ ? ମୁଁ ସକାଳୁ ଆଜି ଚୁ ପାଇନି । ଉମା ଉଠିବା ଆଗରୁ ମୁଁ ବାହାରି ପଡୁଛି ।"

"ଉମା ଯୋ ସେଠି ଅନେଇ ବସିଥିବ ବାପା ?"

"ମାନ ମୋତେ ଚୁ କଷେ ଦବନି, ଏଇ କଥାଟ ? ମୋ ଉପରେ ଶାସନ ଚଳିଛି । ଦଶ ବର୍ଷ ହେଲା କେଉଁଠି ଥିଲି ଏ ଦୁବୃତ୍ତ । ଏହାପ୍ରତି ଆମର କିଛି କର୍ତ୍ତବ୍ୟ ନାହିଁ ।" ନାଟକୀୟ ଭଙ୍ଗିରେ କହିଲା ଶଙ୍କର । ଉଠି ଠିଆ ହେଲା । ଥାଳିଆରେ ଥିବା ଗୋଟାଏ ପାନକୁ ପାଟିରେ ପୁରେଇ ଚୋବେଇବାକୁ ଲାଗିଲା । ବଳେଇ ଚୁଆଟାକୁ ଉଠେଇ ନେଇ ଗେଲ୍ହକଲା । ଦେଖିଲା, ଲୁଗା ବଦଳେଇ ମାନ ହାଣ୍ଡିଶାଳକୁ ପଶିଲା । ପୁଣି ବସି ପଡ଼ିଲା ଶଙ୍କର ।

"ରହିବ ତ ବାପା ଏଇଥିଣି କଟୁଚନ ବାପା ବୋଉ ପାଖରେ ?" ମାଉସୀ ପଚାରିଲେ ।

"ମନ ହଉଛି ତ ଏ ଗାଁ ଛାଡ଼ି ଦିବନି । କିନ୍ତୁ ତା' କ'ଣ ହବ ? ମାନ କହିବ, ଏ ରହିଲେ ବରାବର ଆସି ପାନ ଖାଇବ । ବଡ଼ବାପା କହିବେ, ଗୋଟାଏ ମ୍ଲେଚ୍ଛ ଏ ଗାଁରେ ବୁଲୁଛି । ତାକୁ କାଢିଦିଅ ଗାଁରୁ ।" ହସିଲା ସେ ।

"ତା'ହେଲେ ମାଉସୀ—" ଉଠି ଠିଆ ହେଲା ଶଙ୍କର । "ମୁଁ ଚାଲିଲି । ମୁଁ ଏଇଥିଣି ଅଛି କଟୁଚନ ।"

ପୁଣି ସେଇ ଚାପାସ୍ୱର ଶୁଭିଲା ହାଣ୍ଡିଶାଳରୁ—"ବୋଉ ଚୁ ହେଲାଣି ।"

"ଟିକିଏ ବସ ବାପା ।" ବୋଉ ଉଠିଗଲେ ଝିଅ ପାଖକୁ । ତା'ପରେ ଗୋଟିଏ ପରିଷ୍କାର କାଚରେ ଚୁ ଆଣି ତା ହାତରେ ଦେଲେ । ଶଙ୍କର ଚୁପି ଚୁପି ଖାଇଲା, ଆସ୍ତେ ଆସ୍ତେ, ସମସ୍ତ ନେଇ । ଯେମିତ ଭାରି ଉପଭୋଗ କରୁଛି । ଚୁ ଖାଇସାରି, କାପଟା ରଖି, ବାକି ପାନଗୁଡ଼ାକୁ ଗୋଟାଏ ପରେ ଗୋଟାଏ ପାଟିରେ ପୁରେଇ ଚୋବେଇବାକୁ ଲାଗିଲା । ମାଉସୀଙ୍କୁ ନିମନ୍ତ୍ରଣ କଲା ତାଙ୍କ ଘରକୁ । ଚୁ ପାଇଁ ମାନକୁ ଧନ୍ୟବାଦ ଦେଲା । ପାନ ରାଗରେ ସୁ ସୁ କରି ବାହାରି ଗଲା ।

ମାନ ଲଉକେଶ ଷଡ଼ଙ୍ଗୀଙ୍କର ଏକମାତ୍ର କନ୍ୟା । ଲଉକେଶ ବାହା ହୋଇଥିଲେ ତା ମାମୁଁଘର ଗାଁରେ । ଏଇ ମାଉସୀ ତା ବୋଉର ପିଲାବେଳର ସାଙ୍ଗ ଓ ସଙ୍ଗାତ । ମାଇନର ପାଶ କରି କଟୁଚନ ହାଇସ୍କୁଲରେ ପଢ଼ିଥିଲେ

Digitized by srujanika@gmail.com

ସଙ୍ଗାତମଉସା । ଦାରିଦ୍ର୍ୟ ହେତୁ ପଢାଶୁଣ କରିଠୁ ଗୋଟାଏ ଟ୍ରେନିଂ ନେଇ ଆସି ଗାଁରେ ପ୍ରାଥମିକ ସ୍କୁଲର ହେଲେ ହେଡ଼ପଣ୍ଡିତ । ଷଡ଼ଙ୍ଗୀମଉସା କିନ୍ତୁ ସାହିତ୍ୟିକ । କବିତା ଲେଖନ୍ତି । ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ବଡ଼ ଭକ୍ତ । କଟକରେ ଅନେକ ସାହିତ୍ୟିକଙ୍କ ସାଙ୍ଗରେ ତାଙ୍କର ପରିଚୟ । ତାଙ୍କ କବିତା ଛପାହୁଏ ପ୍ରାୟ ସବୁ ପତ୍ରପତ୍ରିକାରେ ।

ଏଭଳି ଯେଉଁ ଷଡ଼ଙ୍ଗୀମଉସା ତାଙ୍କର ଏକମାତ୍ର ସନ୍ତାନ ଏଇ ମାନି, ଭଲ ନାମ ମାନସୀ । କବି ପିତାର ମାନସୀକନ୍ୟା । ବଡ଼ ଆଦରର ଝିଅ ଥିଲା ଏଇ ମାନି । ଅଳ୍ପ ଆୟ ସତ୍ତ୍ୱେ ଝିଅକୁ ସବୁରକମର ସୁବିଧା ଦବାକୁ ମଉସା ବରାବର ଯତ୍ନଶୀଳ ଥିଲେ । ନିଜେ ତାକୁ ପାଠ ପଢେଇଥିଲେ, ଯେତେଦୂର ସମ୍ଭବ ।

ମାନି ପିଲାବେଳୁ ଅତି ସୁନ୍ଦର । ଉଜ୍ଜ୍ୱଳ ଗୋରାରଙ୍ଗ, କପାଳଟି ସାନ, ମୁଣ୍ଡରେ ଚୂର୍ଣ୍ଣକୁନ୍ତଳ, ନାକଟି ସିଧା, ପାଟିଟି ଛୋଟ, ଦାନ୍ତଗୁଡ଼ିକ ମୁକ୍ତାପରି ସଜା ହୋଇଛି । ମାନି ଚେହେରାର ସବୁଠୁଁ ବଡ଼ ଆକର୍ଷଣୀୟ ହେଲା ତା'ର ଆଖିଦି'ଟା । ବନହରିଣୀର ଚାହାଣି ତାର ।

ମାନି ଆଉ ଉମା ସମବୟସୀ । ପିଲାବେଳୁ ସେମାନେ ଅଭିନ୍ନହୃଦୟ ବନ୍ଧୁ । ମାନି ପ୍ରାୟ ଯାଇ ରହୁଥିଲା ଶଙ୍କର ଘରେ । ଏଇ ଅତି ସୁନ୍ଦର ଝିଅଟିକୁ ଭବିଷ୍ୟତରେ ବୋହୂ କରିବାର ଗୋଟିଏ ପ୍ରଚ୍ଛନ୍ନ ଅଭିଳାଷ ଶଙ୍କର ବୋଉଙ୍କର ନ'ଥିଲା ଏକଥା କହି ହେବ ନାହିଁ । ତାପରେ ସେ ଚାଲେଇଗଲା ଦେଶ ତ୍ୟାଗକରି । ଯା ଭିତରେ ମାନି ବାହାହେଲା ଏବଂ ବିଧବା ହେଲା । ଆଜି ଦଶବର୍ଷର ବ୍ୟବଧାନ ପରେ ଶଙ୍କର ଯେତେବେଳେ ମାନିକୁ ଦେଖିଲା, ସେ ସ୍ତବ୍ଧ ହୋଇଗଲା । ଯୌବନ ଯେମିତି ଫାଟି ପଡୁଛି ଏଇ ଗ୍ରାମ୍ୟ ଯୁବତୀର ନାନା-ଅଙ୍ଗରେ । କି ଉଜ୍ଜ୍ୱଳ ତାର ବର୍ଣ୍ଣ, କି ଦୁର୍ଦାନ୍ତ ସ୍ୱାସ୍ଥ୍ୟ ତାର । ଏତେ ସୁନ୍ଦର ହୋଇପାରେ ଗୋଟିଏ ନାରୀ । ଶଙ୍କରକୁ ସେ ମୁଗ୍ଧ କରିଛି, ବିହ୍ୱଳ କରିଛି ।

ଫେରିଗଲା ଶଙ୍କର ପୁଣି ପଛକୁ । ଅଇଓଆର ଡରୋଥି କର୍ଡ଼, ଲସ୍ଏଞ୍ଜେଲେସର କ୍ଲଡେଟ ସ୍ମିଥ୍, ଲଣ୍ଡନର ଖ୍ରୀଷ୍ଟିନା ରେମଣ୍ଡ, ହାଇଡେଲବାର୍ଗର କେଥେରିନ ଗ୍ରୁସବାର୍ଗ, ଷ୍ଟକହୋମର ଗ୍ରେନା ହେବାର । ଆଖି ଆଗରେ ଭାସି ଉଠିଲା ଶ୍ୱେତାଙ୍ଗନାଙ୍କର ପେରେଡ଼ । ନା, କେହି ମାନିପରି ଏତେ ସୁନ୍ଦର ନୁହନ୍ତି । ଗ୍ରେନା ହେବାର, ସେହି ଫିନଦେଶୀୟ ଝିଅଟା, କେଉଁ ଏକ ପୂର୍ବ ଇଉରୋପୀୟ ରାଜବଂଶର ନୀଳରକ୍ତର ଧାରା ତା ଦେହରେ, ଆଶ୍ଚର୍ଯ୍ୟ ଚଞ୍ଚଳ । ମମତାରେ ଆଖିଗୁଡ଼ା ତା'ର ଢୁଳୁଢୁଳୁ । ଶଙ୍କରର ପ୍ରଥମ

Digitized by srujanika@gmail.com

ପ୍ରଣୟିନୀ । ତାର ସାଙ୍ଗରେ ପଢୁଥିଲ ସେ ଷ୍ଟକହୋମରେ । ଦିନେ କଲେଜ କରିଡରରେ ତାକୁ ଏକା ପାଇ ଥଟ୍ଟା କଲା—ଭାରତୀୟଗୁଡ଼ାଙ୍କ ରକ୍ତରେ ଉଷ୍ମତା ନାହିଁ ବୋଲି । ସେ ଗ୍ରୀନା, ଯାହାକୁ ସେ ପ୍ରାଣଦେଇ ଭଲ ପାଇଥିଲା, ଯେ ତାର ଷ୍ଟକହୋମରେ ଦିନଗୁଡ଼ା ସୁମଧୁର କରି ରଖିଥିଲା, ସେ ବି ମାଳ୍ପ ପାଖରେ ଆଜି ମ୍ଳାନ ହୋଇଗଲା ।

ବାଘ

ନିଜ ଚିନ୍ତାରେ ବିଭୋର ଶଙ୍କର କେତେବେଳେ ଯେ ଆସି ଘର ଆଗରେ ହେଲାଣି, ତାର ଖିଆଲ ନାହିଁ । ହଠାତ୍ ସ୍ୱଜାର ପାଟି ଶୁଣି ତାର ଚିନ୍ତାର ଖିଅ ଛିଣ୍ଡିଗଲା ।

"ସାହେବ ମାମୁଁ, ତୁମେ କୁଆଡେ ଯାଇଥିଲ ? ମା ଖୋଜି ଖୋଜି ଥକିଲାଣି ।"

ଭଣଜାର ହାତଧରି ପଶିଲା ଶଙ୍କର ଘରକୁ । ଘଡ଼ିରେ ଆଠଟା ।

ବୋଉ ପଚାରିଲେ, "କୁଆଡେ ଯାଇଥିଲୁ କି ବାପା ?"

"ବୁଲି ଯାଇଥିଲି ବୋଉ, ଡେରି ହୋଇଗଲା ନା ?" କୁଣ୍ଠିତ ହେଲା ସେ । ତା ଶୋଇବା ଘର ଭିତରକୁ ପଶି ଗରମ ପୋଷାକଟା ଖୋଲି ପକେଇଲା । ଇତିମଧ୍ୟରେ ଉମା ଆସି ଠିଆ ହୋଇଛି କେତେବେଳେ । ମୁହାଁମୁହିଁ ହେବାରୁ ଟିକିଏ ହସିଲା ଶଙ୍କର । ଅପରାଧ କରିଛି ଯେମିତି ।

"ଟିକିଏ ଡେରି ହୋଇଗଲାରେ ଉମି । ବୁଲୁ ବୁଲୁ ବୁଲିଗଲି ଅନେକ ବାଟ । ଭାରି ଭୋକ କଲାଣି । କିଛି ଦେବୁ ଖାଇବାକୁ ?"

"ତୁମେ ତ ଖାଇ ଆସିଛ ।" କପଟ ଗାମ୍ଭୀର୍ଯ୍ୟ ଉମା ମୁହଁରେ ।

"ଖାଇ ଆସିଛୁ ? ମୁଁ ?? କେଉଁଠି ???"

"ମାଳ୍ପ ଘରେ ।"

ହୋ ହୋ କରି ହସି ଉଠିଲା ଶଙ୍କର "ତୋତେ କିଏ କହିଲା ?"

"ଯେ କହୁ । ମିଛ ?"

Digitized by srujanika@gmail.com

"ନା ସତ । ଖାଇଛୁ କାପେ ଚ୍ଚ ଆଉ ସୁଶଖଣ୍ଡ ପାନ । କିନ୍ତୁ ଜଲରେ ଚୂନ ଲାଗି ଗଲାରେ ଉମି । କେମିତି ଲାଗୁଛି ପାଟିଟା ।" ମୁହଁ ଶୁଖେଇ କହିଲା ଶଙ୍କର ।

"ଚ୍ଚ ଖାଇସାର ସାଙ୍ଗେ ସାଙ୍ଗେ ଏତେଗୁଡ଼ାଏ ପାନ ଖୁଏଇଲେ, ଜିଭ ଖାଇ ଯିବତ । କିନ୍ତୁ ତୁମକୁ ପାନ ଖାଇବାକୁ କିଏ କହିଲା ? ତୁମେ କଣ ପାନ ଖାଅ ?"

"ନା," ସୁନାପିଲା ପରି ଉତ୍ତର ଦେଲା ଶଙ୍କର ।

"ତୁମେ ଆସ, ମୁଁ ବ୍ୟବସ୍ଥା କରୁଛି ।"

ତରତର ହୋଇ ଚାଲିଗଲା ଉମା । ଶଙ୍କର ଲୁଗା ବଦଳେଇ ଆସି ବସିଲା ମେଲାରେ । ଦେଖିଲା ଉମା ଆସୁଛି । ଗୋଟାଏ ହାତରେ ତାର କାଚବାଟି ଅନ୍ୟ ହାତରେ ଲୋଟା । ଲୋଟାଟା ତଳେରଖି କହିଲା, "ଉଠିଆସ ଏଠିକି ।"

ପିଣ୍ଡାକଡ଼କୁ ଆଣି ଶଙ୍କରକୁ ଦେଲା ବାଟିଟା । ଏଥିରେ ସୋରିଷ ତେଲ ଓ ଲୁଣର ଗୋଟାଏ ପେଷ୍ଟ କରାହୋଇଛି । ଉମା କହିଲା, "ଗାଲରେ ଘଷିଦିଅ, ଚୂନ ଉଠିଯିବ ।" ବତେଇ ଦେଲା କେମିତି କରିବାକୁ ହବ । କେମିତ୍ରିରେ ଦ ଦଟା ଜଲ୍‌ରେଟବାଲା ଶଙ୍କର ଦେଖିଲା, ଉମାର ତୃଚ୍ଛିଟା ପ୍ରାକଟିକେଲ । ଗୁଡ଼ାଏ ଲାଳ ବୋହିଗଲା ତା ପାଟିରୁ । ପାଟିଟା କ୍ରମଶଃ ପରିଷ୍କାର ହୋଇଗଲା । ଗରମ ପାଣିରେ କୁଳକରି ସେ ଯାଇ ନିଜ ଜାଗାରେ ବସିଲା । ଉମା ଲୋଟା ଆଉ ବାଟି ନେଇ ଚାଲିଗଲା । ସେ ବସିଥାଏ, ଉମା ଫେରିଲା ଟ୍ରେ ନେଇ । ଟ୍ରେଟା ଖଇନା ସାମନାରେ ରଖି କହିଲା, "ଖାଅ" ।

ଉଠେଇ ନେଲା ଶଙ୍କର ପରିଜ । କପମିଣ ପକେଇଛି ଉମା । ଦ ଚାମୁଚ ପାଟିରେ ଦେଲା । ତାପରେ ଶୀଘ୍ର ଶୀଘ୍ର ଖାଇନେଲା । କଦଳୀ ଚୋପା ଛଡ଼ଉ ଛଡ଼ଉ କହିଲା,

"ଜାଣିଛୁ ଉମି । ଆଜ ସଙ୍ଗାତ ମାଉସୀଙ୍କ ଘରକୁ ଯାଇଥିଲି ତ ? ମାନକୁ ଦେଖିଲି ସେଠି । ମୋତେ ଦେଖି ଲୁଚିଲା ଘର ଭିତରେ । ମାଉସୀ କହିଲେ ଚ୍ଚ ଟିକିଏ ଦବାକୁ । ମାନ ନାରାଜ । ଶେଷରେ ଅବଶ୍ୟ ଦେଲା । ଚ୍ଚଟା କରିଥିଲା ବ ଭାରି ସୁନ୍ଦର ।"

କଫି କାପ ଉଠେଇ ନେଇ ଧୀରେ ଧୀରେ ଶୋଷିଲା ସେ ।

Digitized by srujanika@gmail.com

"ହୁଁ, ତାପରେ କଣ ହେଲ ?" ଉମା ପଚ୍ଛରିଲ । ଆଖିରେ ତାର କୌତୁକ ।

"ତାପରେ ଆଉ କଣ ? ଆରେ, ଚନ୍ଦ୍ରଶେଖର କାହିଁ ?"

"ସେ କଟକ ଗଲେଣି । କାମ ସାରି ଦପଦ୍ଧରକୁ ଫେରିବେ ।"

"ଖାଇବ ତ ଏଠି ?"

"ହଁ ।"

"ମାମୁ ?"

"ସେ ଫେରିଗଲେ ଗାଁକୁ ।"

ଏଇ ସମୟରେ ବାପା ଫେରିଲେ । ପଛରେ ସିଙ୍ଗ । ତା ହାତରେ ସେର ଚ୍ଛରିର ଗୋଟାଏ ରୋହି । ଲାଲ ଦିଶୁଛି । ଉତ୍ଫୁଲ୍ଲ ହୋଇ ଉଠିଲ ଉମା ।

"ବାଃ, କି ସୁନ୍ଦର ମାଛ । କଉଠୁ ଆଣିଲେ ବାପା ?"

"ନଈ ମାଛରେ । ଦନା ତରେଇକୁ କହିଥିଲି । ସେ ଧରିଛି କାଲିମୁହିଁ ଗଣ୍ଡିରୁ ।"

ସିଙ୍ଗ ମାଛଟାକୁ ଅଗଣାରେ ରଖିଲ । ଗୋଟାଏ ସ୍ତ୍ରୀ ଲୋକ ଆସି ପନିକ ପକେଇ କାଢ଼ ଛଡ଼େଇବାକୁ ଲଗିଲ ।

"ତୋ ବୋଉ କାହିଁକରେ ବୁଢ଼ୀ ?" ଉମାକୁ ପଚ୍ଛରିଲେ ବାପା ।

"ବାଡ଼ିରେ ।"

ବୋଉ ଫେରିଲେ ପାଛିଏ ପାଲଙ୍ଗ ଏବଂ କୋଶଲା ଶାଗ ନେଇ । ତାଙ୍କ ପଛରେ ରଜା । ମାଛ ଦେଖି ଖୁସି ହେଲେ । ସ୍ୱାମୀଙ୍କୁ କହିଲେ—"ତୁମକୁ ରଇନା ଡାକ ପଠେଇଥିଲେ । ଦେଉଳରେ ଅଛନ୍ତି ।"

ବାପା ବାହାରିଗଲେ ।

ଶଙ୍କର ସେଠି ବସି ବସି ଅନୁମାନ କଲ, ସେ ଆସିବା ପରେ ଭୋଜ ଚ୍ଛଲିଛି ଦ'ବେଳା । ଟଙ୍କା ଆସୁଛି କୁଆଡୁ ? ବାପାଙ୍କର ପେନସନ ଛଡା ଆୟର ଅନ୍ୟ ପନ୍ଥା ତ ନାହିଁ । ସେଥିରେ ଶମ୍ଭୁର କଲେଜ ଖରଚ । ବଡ଼ ପୁଅ ସେ, ଏସବୁ ତା'ର ଦାୟିତ୍ୱ । କିନ୍ତୁ—

ଆଗେଇଗଲା ଶଙ୍କର ବୋଉ ପାଖକୁ । ବୋଉ ପିଣ୍ଡାରେ ବସି ଶାଗ ବାଛୁଛନ୍ତି ।

Digitized by srujanika@gmail.com

"ବୋଉ ?"

"କ'ଣ ବାପା ?"

"ମୋର ସେଇ ମୁଣିଟା ।"

"ସେଟା ଆଲମାରୀରେ ଅଛି । ବୁଢ଼ୀ, ଭାଇନାକୁ ଦେଇଯା ମା ।"

ସୁବ ଲେମ୍ବାଟା ବଢ଼େଇ ଦେଲେ ଦୁଇ ହାତକୁ । ଉମା ତା'ର ଭୁଆଲେଟଟା ଆଣିଦେଲା ।

ସେଇଠି ତଳେ ବସି ପଡ଼ିଲା ଶଙ୍କର, ବୋଉ ଆଗରେ । ଉମା ହାତରୁ ଭୁଆଲେଟଟା ନେଇ ପଛଆଡ଼ୁ ଜିପ ଖୋଲି ପକେଇଲା ଶଙ୍କର । ଏ ଅଛି ଗୋଟିଏ କୋଠରୀ । ଉମା ଦେଖି ନ ଥିଲା । ଗୋଛାଏ ନୋଟ କାଢ଼ିଲା ସେଥିରୁ । ଉମା ଦେଖିଲା ସବୁଗୁଡ଼ା ଶହେ ଟଙ୍କିଆ । ବୋଉକୁ ଦେଲା ।

"କଣ ହବ ଏ ଟଙ୍କା ?" ବୋଉ ପଚାରିଲେ ।

"ଟଙ୍କା ଯା ହୁଏ । ଖର୍ଚ୍ଚ ।" ହସିଲା ଶଙ୍କର ।

ହାତକୁ ନେଇ ବୋଉ କହିଲେ, "ଏଗୁଡ଼ା ତ ନମ୍ବର ନୋଟରେ ବାପା । ବହୁତ ଟଙ୍କା ହବ ।" ଉମା ଆଡ଼କୁ ବଢ଼େଇ ଦେଲେ ବୋଉ,—"ଗଣିଲୁ ବୁଢ଼ୀ ?"

ଉମା ଏକ୍ସିକ୍ୟୁଟିଭ୍ ଏନଜିନିୟରର ସ୍ତ୍ରୀ । ପ୍ରତିମାସ ତା ସ୍ୱାମୀ ଇମିତି ନୋଟ ଆଣେ । ଚଟପଟ ଗଣି ପକେଇଲା, କୋଡ଼ିଏ ଖଣ୍ଡ । ବସି ପଡ଼ି ଆସ୍ତେ ଆସ୍ତେ କହିଲା, "ଦୁ ହଜାର ଟଙ୍କା ବୋଉ ।"

ବୋଉ ପୁଅ ମୁହଁକୁ ଅନେଇଲେ । ଶାଗବସ୍ତ୍ର ସରିଥିଲା । ପାଛିଆରେ ସେଗୁଡ଼ା ପୁରେଇ, ପୁଅ ଝିଅଙ୍କୁ କହିଲେ, "ଘର ଭିତରକୁ ଚାଲ । ମୁଁ ଆସୁଛି ।"

ଉମା ଆଉ ଶଙ୍କର ପଶିଲେ ବାପାଙ୍କ ଶୋଇବା ଘରକୁ । ଉମା ହାତରେ ନୋଟବିଡ଼ା, ଶଙ୍କର ହାତରେ ଭୁଆଲେଟ ।

"ଏତେ ଟଙ୍କା କଣ ହବ ବୁଢ଼ା ?" ପଶି ଆସୁ ଆସୁ ନମ୍ରକଂଠରେ ପଚାରିଲେ ବୋଉ ।

"ଘର ଖରଚ ବୋଉ । ମୁଁ ତ ଆସିଲା ପାଖରୁ ଚର୍ବ୍ୟଚୋଷ୍ୟ ଖାଉଛି, ଅଥଚ ଗୋଟାଏ ପଇସା ଦେଇନି ।"

Digitized by srujanika@gmail.com

ଏଥର ବୋଉ ବୁଝିଲେ । ଉମାକୁ ଠାରଲେ, ଆଲମାରୀରେ ରଖି ଦବାକୁ ।

ଆଉଥରେ ଉଆଲେଟଟା ଖୋଲିଲା ଶଙ୍କର, ଅନ୍ୟ କୋଠରୀଟା । ସ୍ବିବଗୁଡା ଯେଉଁ ପଟେ ଥିଲା ବାହାର କଲା ଗୋଟାଏ କାଗଜ ।

"ସେଟା କଣ ଭାଇନା ?"

"ବେଙ୍କ୍ ଡ୍ରାଫ୍ଟ" । ଉମାକୁ ଦେଲା ଶଙ୍କର । ବାପାଙ୍କ ନାମ ଲେଖା ହୋଇଛି ସେଥିରେ । ଫଗ୍ୟାଟା ପାଞ୍ଚ ହଜାର । ଉମା ବୁଝିଲା ଡଲାର, ବୋଉକୁ ଦେଲି ।

"ଏ କ ଟଙ୍କାରେ ? ଏ କଣ ଆମ ଦେଶରେ ଚଳିବ ?"

"ଏଟା ଗୋଟାଏ ଚଠି । ଏଲୁ ଦେଖେଇଲେ ଟଙ୍କା ମିଳିବ । ତୁ ରଖିଥା, ବାପାଙ୍କୁ ଦବୁ । ସେ ଜାଣନ୍ତି ।"

"ଆମ ଟଙ୍କାରେ କେତେ ହବ ଭାଇନା ?" ଉମାର ପ୍ରଶ୍ନ । ହସାବଟା ସେ ଜାଣେନ ।

"ଗୋଟାଏ ଡଲାର ମୋଟାମୋଟି ପାଞ୍ଚଟଙ୍କା ।" କହିଲି ଶଙ୍କର, ତତ୍କାଳୀନ ଡଲାର ଦାମ ।

ପଚଶ ହଜାର ଟଙ୍କା ! ବସ୍ଫାରତ ହେଲି ଉମାର ଦୃଷ୍ଟି । ଭାଇନା ଆହୁରି କାଢ଼ୁଛି କ'ଣ ?

ଆହୁର ସୁରଟା କାଗଜ କାଢିଲି ଶଙ୍କର, "ଏଥିରୁ ଗୋଟାଏ ବୋଉର, ଗୋଟାଏ ଉମିର, ଗୋଟାଏ ଚନ୍ଦ୍ରଶେଖରର ଆଉ ଗୋଟାଏ ବଣିର ।"

ବଢେଇ ଦେଲି ସେ ଉମା ହାତକୁ । ଏଗୁଡା ଟ୍ରାଭେଲର୍ସ ଚେକ୍ । ପ୍ରତ୍ୟେକଟି ପାଞ୍ଚଶହ ଡଲାରର ।

ହଠାତ୍ ଶଙ୍କର ପଚ୍ଚରିଲି, "ଉମି ମୋ ଭେଲସେ କାହିଁ ?"

"ମୁଁ ରଖିଛି । ଏଇ ଆଲମାରୀରେ ।"

"ଆଣ, ଆଣ, ସେଥିରେ ଆହୁରି ଅନେକ ଜନଷ ଅଛି ।"

ଉମା ଆଲମାରୀ ଖୋଲି କାଢ଼ି ଆଣିଲି ଭେଲସେ ।

"ମୁଁ ଝାଡ଼ିପୁଛି ଦେଇଛି ।"

Digitized by srujanika@gmail.com

ଭେଲ୍‌ପେଟା ହାତକୁ ନେଇ ବାହାର କ୍ଲିପ ଖୋଲି ଦ ଭାଗ କରିଦେଲା ଶଙ୍କର । ମଝିରେ ଗୋଟାଏ ବୋତାମ ଟିପିବାକୁ ଉତ୍ସ୍ଥାର ଭଲି ବାହାରି ଆସିଲା ଗୋଟାଏ ଲମ୍ବା ଟ୍ରେ । ଗୋଛା ଗୋଛା କଲମ, ପେନସିଲ, ଘଡ଼ି ସେଥିରେ । ଗ୍ରାହକ ଆସି ତା ମା ଦେହକୁ ଲାଗି ଠିଆ ହୋଇଥାଏ । କହି ଉଠିଲା, "କଲମ" ।

ଗୋଟାଏ ଚକଚକିଆ ପେନସିଲ ଦେଲା ତାକୁ ଶଙ୍କର । ବାକି କଲମ ପେନସିଲଗୁଡ଼ା ଯୋଡ଼ା ଯୋଡ଼ା କରି ବଢେଇ ଦେଲା ଉମା ହାତକୁ, "ବାପାଙ୍କର, ମାମୁ, ଚନ୍ଦ୍ରଶେଖର, ବଣି, ଏଟା ତୋର ।"

ଉମା ଦେଖିଲା ଗୋଟାଏ ପ୍ରସିଦ୍ଧ କଲମ । ହସି ହସି ଗ୍ରହଣ କଲା । ଗୋଟାଏ କଲମ ରହିଗଲା ।

ତାପରେ ଘଡ଼ି । ସମସ୍ତଙ୍କ ପାଇଁ । ତା ପାଇଁ ମଧ୍ୟ । ବଳି ପଡ଼ିଲା ଗୋଟାଏ ଝିଅଙ୍କ ଘଡ଼ି ।

"ସେଟା କାହାର ?"

କ'ଣ କହିବ ଠିକ କରି ପାରିଲାନି ଶଙ୍କର । ଉମା କିନ୍ତୁ ବୁଝିଲା । ଭାଇନା ମୁହଁକୁ ଚାହିଁ ହସିଲା ।

ଶଙ୍କର ଏଥର ବାହାର କଲା ଗୋଟାଏ ସୁନା ପଦକ । ସେଟା ସେ ଗ୍ରାହକର ଶାର୍ଟରେ ପିନ୍ କରିଦେଲା । ତାପରେ ବଳକା କଲମ, ଘଡ଼ି, ପେନସିଲ ଓ ଚେକଗୁଡ଼ା ନେଇ ଉଠି ପଡ଼ିଲା । ଗଲାବେଳେ ଉଆଲେଟଟା ଦେଇଗଲା ବୋଉକୁ ।

"ତୁ ମୋ ଘରକୁ ଆ ଉମି । ଏଗୁଡ଼ା ଦସ୍ତଖତ କରିଦେବ ।"

ଘରୁ ବାହାରି ଆସୁ ଆସୁ ଶୁଣିଲା, ବୋଉ ଉମାକୁ ପଚାରୁଛି, "ପଚାଶ ହଜାର ଟଙ୍କା ଏଇ ଖଣ୍ଡେ କାଗଜ ଦେଖେଇଲେ ଦବ ?" ବୋଉ କଣ୍ଠରେ ଚୂଡ଼ାନ୍ତ ବିସ୍ମୟ ।

ନିଜ ଘରକୁ ଆସି ସେ ଖଟରେ ବସିଲା । ତା ହାତରେ କଲମ ଏବଂ ଘଡ଼ି, ଯାହାକୁ ଆଣିଛି ସେ ମାନି ପାଇଁ । ଆଜି ସକାଳର ଘଟଣା ତା ମନଟାକୁ ମୁଗ୍ଧ କରିଥାଏ । କିନ୍ତୁ ସେ ଦେବ କିମିତି ? ମାନି ତ ଆଉ ଅନୂଢ଼ା କନ୍ୟା ନୁହେଁ । ସେ ବିଧବା ଠିକ କଥାରେ ବିବ୍ରତ । କଣ କରିବ ? ଉମାର ସାହାଯ୍ୟ ନବ ? ସେ ଯଦି ନ ନେଲା, ଯଦି ଅପମାନିତ ବୋଧ କଲା ? ଉମା ଆସି ଠିଆହେଲା ।

"ସେଗୁଡ଼ା ମାନି ପାଇଁ ଆଣିଛ ଭାଇନା ?"

"ହଁ ।" ଶୁଷ୍କ ହସ ଶଙ୍କରର ।

Digitized by srujanika@gmail.com

"ତାକୁ ଦବ ?"

"ଇଚ୍ଛା ତ ! କିନ୍ତୁ ଯଦି ନହେଲ ? କି ଅଧିକାର ବଳରେ ମୁଁ ଦେବ ?"

"ଠିକ କଥା ଯେ । ଆଚ୍ଛା ତୁମେ ମୋତେ ଦିଅ ମୁଁ ରଖିଥାଏଁ । ତା'ର ମନଷ୍ଟା ବୁଝାଯାଉ । ତା'ର ଶାଢ଼ି ସ୍କାର୍ଫଟି ତ ଅଛି ।"

"ସୁନା ଭଉଣୀ ।" ଖୁସିହୋଇ ବଢେଇ ଦେଲ ଜିନିଷ ଦ'ଟା ତା ହାତକୁ । ନିଜର କଲମ ଆଣି ଚେକ୍ ଗୁଡ଼ାକରେ ନାମଲେଖି, ଦସ୍ତଖତ କରି ଗୋଟି ଗୋଟି କରି ବଢ଼େଇ ଦେଲା ଉମା ହାତକୁ ।

"ଜାଣିଛୁ ଉମି" ଆରମ୍ଭ କଲି ଶଙ୍କର । "ବହୁତ ଦୁଃଖ କଷ୍ଟ ମୋତେ ସହିବାକୁ ପଡ଼ିଛି ବିଦେଶରେ । କିନ୍ତୁ ସବୁବେଳେ ମୁଁ ସ୍ବପ୍ନ ଦେଖୁଥାଏଁ ଗୋଟାଏ ସୁନ୍ଦର ପୃଥିବୀର । ମୁଁ ଯାହାଙ୍କୁ ସବୁ ଜାଣେ, ସେମାନେ ଭଲରେ ଅଛନ୍ତି, ଏଇ ଆଶା ମୁଁ ବରାବର କରିଛି । କିନ୍ତୁ"—ଦଶସେକେଣ୍ଡ ପାଇଁ ଗଳାରେ କୋହ ଅନୁଭବ କଲି ଶଙ୍କର । ତା'ପରେ ଟିକିଏ ହସି ଠିକହୋଇ ବସି ପଚାରିଲା, "କେମିତି ହୋଇଛିରେ ଜିନିଷ ଗୁଡ଼ା ?"

"ଖୁବ୍ ଭଲ । ଆଶାତୀତ । ମୁଁ ଆଶ୍ଚର୍ଯ୍ୟ ହେଉଛି ଭାଇନା, ତୁମେ କାହାର କଥା ଭୁଲିନ । ସମସ୍ତଙ୍କୁ ମନେ ତ ରଖିଛ, କଳ୍ପନାରେ ତୁମେ ଛବି ଆଙ୍କିଛ ଆମ ବିଷୟରେ । ମୋ କଥା ଭାବିଲାବେଳେ, ତାଙ୍କ କଥା ବି ଭାବିଛ ଆଉ ରାଜାକଥା ବି ଭାବିଛ । ଗୋଟାଏ ଅନୁମାନ ତୁମର ଭୁଲ ହୋଇଗଲା ।"

"ହୁଁ ଏବଂ ସେଇଟା ମର୍ମାନ୍ତିକ ହୋଇ ଠିଆ ହୋଇଛି ମୋ ଆଖି ଆଗରେ ।"

"ସେଦିନର କଥା ଭାଇନା । ଏକା ତିଥିରେ ମୋର ଆଉ ମାନିର ବାହାଘର । ମାନିର ବାହାହେବାକୁ ମୋଟେ ଇଚ୍ଛା ନ'ଥିଲା । ତାର ବୋଉଙ୍କର ବି ସେ ବାହାଘରରେ ବିଶେଷ ଉତ୍ସାହ ନ'ଥିଲା । କେବଳ ତା ମା ଜିଦ ଧଇଲେ । ବାରବର୍ଷ ପୂରି ତେରରେ ପଡ଼ିଲା, ଜଲଦି ପାର କରିଦେ । ସଙ୍ଗାତମଉସା ବ୍ୟତିବ୍ୟସ୍ତ ହୋଇଗଲେ ଝିଅକୁ ବାହା କରିବାକୁ । ମୋର ବାହାଘର ଠିକ ହବାର ଶୁଣି, ବୁଢ଼ୀ ଆହୁରି ଚଢ଼ିଗଲା । ଶେଷରେ ଗୋଟିଏ ପିଲା ସାଙ୍ଗରେ ନିର୍ବନ୍ଧ ହେଲା । ବାହାଘର ବି ଠିକ ହେଲା । ଶାଶୂଘରକୁ ଯିବନି ବୋଲି ମାନିର ସେ କି କାନ୍ଦ । ଯୁଆଶରେ ମୂର୍ଚ୍ଛା ହୋଇଗଲା । କାଳିଆମା ପାଣି ଛିଞ୍ଚୁଥାଏ, ପଙ୍ଖା କରୁଥାଏ । ଅଷ୍ଟମଙ୍ଗଳା ସାରି ଏକା ସାଙ୍ଗରେ ଫେରିଲୁ । କିନ୍ତୁ, ମାନି ମୁହଁରୁ କିଏ ଯେମିତି ହସ କାଢ଼ି ନେଇଛି । ଏକାବେଳକେ ବଦଳି ଯାଇଛି ଝିଅଟା । ମୋତେ ଦେଖିଲେ ଖାଲି ଲୁହ ଝରାଏ

Digitized by srujanika@gmail.com

ଆଖିରୁ । ଅଥଚ ଆଶ୍ଚର୍ଯ୍ୟର କଥା, ଯେଉଁଦିନ ଖବର ଆସିଲା ତାର ବର ମହାନଦୀରେ ବୁଡ଼ିଗଲା, ସେଦିନ ତା ଆଖିରେ ଲୁହ କେହି ଦେଖି ନାହାନ୍ତି । ନିଜେ ନିଜେ ସିନ୍ଦୂର ଲିଭେଇ ଦେଲା । ଶଙ୍ଖା ଭାଙ୍ଗି ପକାଇଲା ନଈ କୂଳରେ । ତାପରେ ଆସ୍ତେ ଆସ୍ତେ ସେଇ ପୁରୁଣା ମାନ ହୋଇଗଲା । ହସ, ଖେଳ ସବୁଥିରେ ଯୋଗ ଦେଲା । ଆଶ୍ଚର୍ଯ୍ୟ ।''

ସ୍ମୃତିର ଅତଳ ଗହ୍ୱରରୁ ବାହାରି ଆସିଲା ଶଙ୍କର—

''ଗୋଟାଏ ଘଟଣା ମୋର ମନେ ଅଛି ଭାରି । ପ୍ରିଟେଷ୍ଟ ପରୀକ୍ଷା ଦେଇ ପୂଜାଛୁଟିରେ ମୁଁ ଗାଁକୁ ଆସିଥାଏ । କୁମାରପୂର୍ଣ୍ଣିମାର ସନ୍ଧ୍ୟା । ମୁଁ ବାହାର ପିଣ୍ଡାରେ ବସି ପିଲାଙ୍କର ଖେଳ ଦେଖୁଥାଏ । ମାନ ଆମ ଘର ଭିତରୁ ଆସି ମୋତେ କହିଲା, 'ଆମେ ବରକନ୍ୟା ଖେଳୁଛୁ । ତୁମେ ଯଦି ମୋ ବର ହୁଅ, ମୁଁ କନ୍ୟା ହୁଅନ୍ତି । କଣ ରାଜି ?' ମୁଁ ଲାଜରେ କଣ କରିବ ଠିକ୍ କରି ପାରିଲିନି । କହିଲି, 'ପଲା, ଏତେ ଟିକିଏ ପିଲା, କଥା କହୁଛୁ ଶୁଣ ।' ମୋ କଥାରେ ସେ ଅପମାନିତ ହେଲା । କହିଲା, 'ମୁଁ ପିଲା ? ଦଶ ପୂରି ଏଗାର ହେଲଣି ଜାଣ ? ସଙ୍ଗାତମାଉସୀ କହୁଥିଲେ ଆଉ ଟିକିଏ ବଡ଼ ହେଲେ ଆମର ବାହାଘର ହେବ ।' ସେ ଚାଲିଗଲା ସେଠୁ । ମୁଁ ସ୍ଥାଣୁ ହୋଇ ବସି ରହିଲି ।''

ଗୋଟାଏ ସିଗ୍ରେଟ ଲଗେଇଲା ଶଙ୍କର । ମିନିଟିଏ ଖଣ୍ଡେ ଭାଇ ଭଉଣୀ ଚୁପଚାପ ।

''ଭାରି ଦୁଃଖ ହୁଏ ଭାଇନା ମାନକୁ ଦେଖିଲେ । କଣ କରିବ ସେ ଜୀବନସାରା ?''

''ତାକୁ ତା ବାପା ବାହା କରି ଦେଉନାହାନ୍ତି କାହିଁକି ? ଆଜିକାଲି ତ ଏମିତି ବାହାଘର ହଉଛି । କଟକରେ ଜଣେ ଭଦ୍ରଲୋକ ଥିଲେ''—

''ସେ କଥା ଉଠିଥିଲା । ବଡବାପା ଗର୍ଜନ କଲେ ଶୁଣି । ମାନ ବି ରାଜି ହେଲା ନାହିଁ ।''

''କାହିଁକି ?''

''କେଜାଣି ।''

''ତୁ ଜାଣୁନି ?''

''ନା ଏ କଥା ପଡ଼ିଲେ ସେ ଉଠିଯାଏ ।''

Digitized by srujanika@gmail.com

ଦୁରୂହ ମନସ୍ତତ୍ତ୍ୱର କଥା । କିନ୍ତୁ କାରଣଟା ଜାଣି ପାରିଲେ ଭଲ ହୁଅନ୍ତା । ପଶି ଆସିଲା ରାଜା, "ମା, ମାଉସୀ ପଚାରୁଛି, କଫି ଖାଇବେ ସାହେବ ମାମୁଁ ?"

ରାଜାକୁ ଟାଣିନେଲା କୋଡକୁ ଶଙ୍କର, "ନିଶ୍ଚୟ ଖାଇବେ, ଯଦି ମାଉସୀ ନିଜେ ଆଣି ଦିଅନ୍ତି । କହି ପାରିବ ମାଉସୀଙ୍କୁ ରାଜା ସାହେବ ?"

"ହୁଁ" । ମାମୁଁ ହାତରୁ ଖସି ଦଉଡ଼ିଲା ରାଜା । ଶଙ୍କର ଆଉ ଉମା ଶୁଣିଲେ ରାଜା କହୁଛି, 'ମାନସୀ, ମାମୁଁ କଫି ଖାଇବେ । ତୁମେ ଦେଇ ଆସିବ ।'

"ତୁ ଠିଆ ହୋଇ ରହିଲୁ ଯେ ଉମି । ବସ ସେଇ ଚେୟାରଟାରେ ।"

"କିନ୍ତୁ ମାନି କଣ ଆଣିବ ?" ଅବିଶ୍ୱାସର ହସ ଉମା ମୁହଁରେ । ସେ ବସିଲା ।

"ଦେଖାଯାଉ ।"

କିଛି ସମୟ ପରେ ଦେଖାଗଲା, ଦୁଆର ସେପାଖରୁ ଗୋଟାଏ ହାତ ବଢ଼େଇ ଧରିଛି କଫି କାପ୍ ।

"ଭିତରକୁ ଆ ମାନି ।" ଡାକିଲା ତାକୁ ଉମା । "ଆଉ କେହି ନାହିଁ, ଭାଇନା ଆଉ ମୁଁ ।" ଗୋଟାଏ ଟୁଲ୍ ରଖିଦେଲା ଉମା ଶଙ୍କର ଆଗରେ । କିଛି ସମୟ ପରେ ଦେହଟାକୁ ଯଥାସାଧ୍ୟ ଢାଙ୍କି ଆସିଲା ମାନି, ଧୀର ପଦକ୍ଷେପରେ, ସଙ୍କୋଚରେ ଜଡ଼ସଡ଼ ହୋଇ । କଫି କାପ୍ ରଖିଲା ସେଇ ଟୁଲ୍ ଉପରେ । ମୁଣ୍ଡ ଉଠେଇଲା ବେଳେ ଶଙ୍କର ଆଖିରେ ଆଖି ପଡ଼ିଲା ତାର । ଶଙ୍କରର ମନେ ହେଲା, ମାନିର ଚାହାଣି ଯେମିତି କହୁଛି—ତୁମେ ମୋତେ ଏମିତି ଲଜ୍ଜିତ କରୁଛ କାହିଁକି ?

ବାହାର ଯାଉଥିଲା ମାନି । ସ୍ନିଗ୍ଧ କଣ୍ଠରେ ଡାକିଲା ଶଙ୍କର—"ମାନି ।" ଠିଆ ହୋଇଗଲା ସେ ।

"ମୁଁ ଦଶଦିନ ହେଲା ଗାଁକୁ ଆସିଲିଣି । ଏଇ ଦଶ ଦିନ ଯାକ ତୁମେ ଆମ ଘରେ । ସବୁ କାମରେ ତୁମେ ଉମାକୁ ସାହାଯ୍ୟ କରୁଛ । ମୁଁ କଣ ଖାଇବି ନ ଖାଇବି ସେ ଖବର ନଉଛ । ମୋ ପାଇଁ ତୁମେ ଏତେ କରୁଛ, ମୁଁ ତାକୁ କେମିତି ସୁଝିବି କୁହତ ?"

ମାନି ନିରୁତ୍ତର ।

Digitized by srujanika@gmail.com

"ଦଶ ବର୍ଷ ମୁଁ ବିଦେଶରେ ଥିଲି । ଏଇ ଦଶ ବର୍ଷ ଭିତରେ ଦୁନିଆ ଓଲଟ ପାଲଟ ହୋଇ ଯାଇଛି । ଗୋଟାଏ ବିରାଟ ଯୁଦ୍ଧ ପୃଥିବୀର ଚେହେରା ବଦଳେଇ ଦେଇଛି । ମୁଁ ବଦଳିଛି, ଉମା ବଦଳିଛି, ତୁମେ ବଦଳିଛ । ତଥାପି ଆତ୍ମୀୟତାର, ଅନ୍ତରଙ୍ଗତାର ଗୋଟିଏ ସୂତାଖିଅ ଆମକୁ ବାନ୍ଧି ରଖିଥିବା ଫଳରେ ଦଶବର୍ଷର ପ୍ରବାସୀ ମୁଁ ଯେତେବେଳେ ଘରକୁ ଫେରିଲି, ସମସ୍ତେ ମୋତେ ସେଇ ପୁରୁଣା ପରିଚୟରେ ଗ୍ରହଣ କଲେ । କେବଳ ଖାଲି ତୁମେ । କୁହ ମାନି, ତୁମ ପାଖରେ ମୁଁ କିଛି ଅପରାଧ କରିଛି ?"

ଉମା ଚାହିଁ ଦେଲା ମାନି ମୁହଁକୁ । ବିବର୍ଣ୍ଣ ହୋଇ ଯାଇଛି ତା ମୁହଁ । ଯେମିତି ଭୀଷଣ କଷ୍ଟ ହେଉଛି ତାର । ଉମା ଉଠି ପଡ଼ି ତାକୁ ଧରି ପକେଇଲା । ମାନି ମୂର୍ଚ୍ଛା ଯାଇଛି । ଉମା ତାକୁ ଶଙ୍କରର ବିଛଣାରେ ଶୋଇ ଦେଲା । ଶଙ୍କର କଣ କରିବ ଠିକ୍ କରି ନ ପାରି ଘରୁ ବାହାରି ଆସିଲା । ଉମା ଦଉଡ଼ି ଯାଇ ପାଣି ଆଣି ମାନି ମୁହଁରେ ଛିଞ୍ଚିଲା । ଶଙ୍କର ତା ବାକ୍ସରୁ ଅଡିକୋଲନ, ନିଶା-ଦଳ କାଢ଼ି ଦେଲା । ନିଶାଦଳ ଶୁଙ୍ଘି ଆଖି ଖୋଲିଲା ମାନି । ନିଶ୍ଚିନ୍ତ ହୋଇ ବାହାରି ଗଲା ଶଙ୍କର ଦାଣ୍ଡ ପିଣ୍ଡାକୁ । ଏଥର ଭୟ ନାହିଁ ।

ଦାଣ୍ଡ ପିଣ୍ଡାରେ ଠିଆ ହୋଇ ସିଗ୍ରେଟ ଟାଣୁଥାଏ ଶଙ୍କର । ଗୋଟାଏ ଗାଁ ପିଲା ଆସି ତାକୁ କହିଲା—"ବାପା ଡାକୁଛନ୍ତି ।"

"ବାପା କେଉଁଠି ?" ଶଙ୍କର ପଚାରିଲା ।

"ଦେଉଳରେ ।"

ବାକ୍ୟବ୍ୟୟ ନ କରି ସେ ପିଲାଟିର ଅନୁସରଣ କଲା ।

ତେର

ଶିବ ମନ୍ଦିର । ଏଇ ମନ୍ଦିରଟି କିଏ ଜଣେ ରାଜପୁରୁଷ ତୋଳିଥିଲେ, ଦେବତା ପ୍ରତିଷ୍ଠା କରିଥିଲେ । ମନ୍ଦିର ସଂଲଗ୍ନ ଗୋଟାଏ ଜୋଡ଼—ବେଣ୍ ଗଡ଼ିଆର । ନଦୀ ସାଙ୍ଗରେ ଜୋଡ଼ର କେଉଁଠି ସଂଯୋଗ ଅଛି । ଫଳରେ ନଦୀରେ ପାଣି ହେଲେ ଜୋଡ ବଢେ ଏବଂ ଶିବଲିଙ୍ଗ ଜଳମଗ୍ନ ହୋଇ ରହନ୍ତି ।

ରାଣୀଶାସନରେ ଶତପଥୀ ମାନଙ୍କେ ଶୈବ । ମିଶ୍ର ଶାକ୍ତ । ଅନ୍ୟ ଯେଉଁ ସ୍ୱଳ୍ପ ଘର ବ୍ରାହ୍ମଣ ଅଛନ୍ତି ସେମାନେ ନାରାୟଣୀୟ । ସୁତରାଂ ପାର୍ଜିରେ ଯେତେ ପୂଜେଇ ପର୍ବ ଅଛି, ସବୁ ଏଠି କାହାରି ନା କାହାରି ଘରେ ପାଳିତ ହୁଏ ।

Digitized by srujanika@gmail.com

ଓଡ଼ିଶାର କେଉଁ ରାଜା ତାଙ୍କ ରାଣୀଙ୍କ ନାଁରେ ଏଇ ଶାସନ ଦାନ କରିଥିଲେ । ଜମି ସବୁ ବ୍ରହ୍ମୋତ୍ତର । ବ୍ରାହ୍ମଣମାନେ ଚାଷ କରନ୍ତି ନାହିଁ । ଅନ୍ୟ ଜାତିର ଲୋକେ ଯାହା ଫଳ ଭାଗ ଦିଅନ୍ତି, ସେଥିକରେ ସନ୍ତୁଷ୍ଟ ରହନ୍ତି । ଏବେ କଣ ସବୁ ଅଦଳ ବଦଳ ହୋଇଛି ଆଇନ୍ କାନୁନରେ ।

ମନ୍ଦିରରେ ପହଞ୍ଚି ଶଙ୍କର ଦେଖିଲା ମଣ୍ଡପରେ ବସିଛନ୍ତି ବଡ଼ବାପା, ଦଦେଇ, ବାପା, ଆକୁଳ ମଉସା ଏବଂ ଆଉ ଜଣେ କିଏ । ବାପାଙ୍କ ମୁହଁ ବିଷନ୍ନ ।

"ଆ, ବୁଢ଼ା ଆ ।" ଡ଼ାକିଲେ ବଡ଼ବାପା, ହସ ହସ ମୁହଁରେ । ଦାନ୍ତ ଗୋଟିଏ ବୋଲି ନାହିଁ । ପାନରସ ବୋହି ଯାଉଛି କଲରୁ । ତଥାପି ଛେଚୁଛନ୍ତି ପାନ ।

ଅନ୍ଦାଜ କଲା ଶଙ୍କର ପରିସ୍ଥିତିଟା ।

"ମୋତେ ଡାକିଲେ ବାପା ?" ବଡ଼ବାପାଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରି ସେ ପ୍ରଶ୍ନ କଲା ।

"ମୁଁ ଡକେଇଛି ତୋତେ । ତୋ ବାପା ନୁହେଁ ।" ବଡ଼ବାପା କହିଲେ ।

"କାହିଁକି ?"

"ତୁ ଯେ ଦଶବର୍ଷ ଇଉରୋପ, ଆମେରିକାରେ ଥିଲୁ, ଏଣୁ ତେଣୁ ଅଖାଦ୍ୟ, କୁଖାଦ୍ୟ ଖାଇନୁ ?"

"ନା । ମୁଁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ୁଥିଲି । ରହୁଥିଲି ହଷ୍ଟେଲରେ । ଅଖାଦ୍ୟ, କୁଖାଦ୍ୟ କାହିଁକି ଖାଇବି ?"

"ଶୁଣିଲ ତ ଭାଇନା । ପୁଅ ଠିକ୍ କହିଲା ।" ଦଦେଇ କହିଲେ ।

"ତୁ ଗୋ ମାଂସ ଖାଇନୁ ?" ପ୍ରଶ୍ନ କରିଲା ବଡ଼ବାପା ।

"ସେ ପୁଣି କଣ ? ବିଫ୍ କଥା କହୁଛନ୍ତି ?"

"ହଁ, ହଁ," ମୁହଁକୁ କୁଟିଳଭାବରେ କୁଞ୍ଚିତ କଲେ ବଡ଼ବାପା ।

"ଖାଇଥିବି । ସେ ଦେଶର ଖାଦ୍ୟ ବିଫ୍ ।"

"ତା ହେଲେ । ସେଇ କଥା ତ କହୁଛି ମୁଁ । ପ୍ରାୟଶ୍ଚିତ୍ତଟାଏ କରିବାକୁ ହବ ।"

"ଏଇ ଆମ ଦେଶର ଅଳ୍ପ କେତେ ଲୋକ ଛଡ଼ା, ପୃଥିବୀର ସବୁ ଲୋକେ ବିଫ୍ ଖାନ୍ତି ।"

Digitized by srujanika@gmail.com

"ତା ହୋଇପାରେ । କିନ୍ତୁ ପ୍ରାୟଶ୍ଚିତ୍ତ କରିବାକୁ ହବ । ଏଟା ସାମାଜିକ ବିଧି । ନା କଣ ହେ ଶିରୋମଣି ?"

"ମୁଁ ଆପଣଙ୍କର ସମାଜ ବା ତାର ବିଧି କିଛି ମାନେନି କିମ୍ବା ମାନିବି ନାହିଁ । ଆଉ ମୁଁ ଏକଥା ବି ଜାଣେ ଯେ ବ୍ରିଟିଶ ସରକାର ଅମଳରେ ଯେ ଆଇନ ଚଳୁଥିଲା, ସେ ଗୁଡ଼ା ଆଉ ଚଳୁନି । ଆପଣମାନେ ମୋର କିଛି କରି ପାରିବେ ନାହିଁ ।" ଶଙ୍କର କହିଲା ରାଗରେ ଲାଲ ହୋଇ ।

"ଭୁଚା ଘରକୁ ଯା ।" ବାପା ଉଠି ପଡ଼ିଲେ ମଣ୍ଡପରୁ, ଦଦେଇ, ଆକୁଳି ମଉସା ତା ପରେ ।

"ହେଁ ହେଁ ହେଁ—ପିଲାଟା ରାଗିଗଲା ।" କହିଲେ ବଡ଼ବାପା, ଦାନ୍ତହୀନ ପାଟିର ଶଢା ଦନ୍ତା ଘସି ଘସି । ଦୁଇ କଲରୁ ବୋହି ଯାଉଥାଏ ଲାଳ ।

ସ୍ୱଭାବତଃ ଶଙ୍କର ଧୀର ସ୍ଥିର ମଣିଷ । ତାର ଅନ୍ତରଟା କାଚ ଭଳି ସ୍ୱଚ୍ଛ । ତାର ବ୍ୟବହାରରେ ଅନ୍ତରଂଗତା ଐକାନ୍ତିକ । ଯାହା ସେ ଭଲ ପାଏନି, ତାକୁ ସେ ଏଡେଇ ଯାଏ । ଜୀବନରେ ସେ ବହୁତ ଦୁଃଖ କଷ୍ଟ ପାଇଛି । ସେ ଦୁଃଖକଷ୍ଟ ତାକୁ ମ୍ରିୟମାଣ ନ କରି ତେଜସ୍ୱୀ କରିଛି । ଜୀବନ ଯୁଦ୍ଧରେ ସେ ଜୟୀ, କିନ୍ତୁ ସେ ଜୟର ଅହଂକାର ତାର ନାହିଁ । ନିଜକୁ ବଡ ବୋଲି ଜାହିର କରିବାର ସାମାନ୍ୟ ପ୍ରୟାସ ମଧ୍ୟ ନାହିଁ ତାର । ସେ ତା ବାପା, ବୋଉ, ଭାଇ, ଭଉଣୀ ପାଖରେ ସେଇ ପୁରୁଣା ଦିନର ଶଙ୍କର । ସାହି ପଡ଼ିଶା ପାଖରେ ବି । ଅଥଚ ଏଇ ଲୋକଚର୍ମ ବୃନ୍ଦ ତାର କୃତିତ୍ୱରେ ଈର୍ଷ୍ୟାନ୍ୱିତ ହୋଇ ତାକୁ ଅପମାନ କରିବାକୁ ଚାହୁଁଛନ୍ତି । ଅନ୍ୟମନସ୍କ ହୋଇ ଚାଲିଲା ସେ ଓଲଟା ବାଟରେ । କିଛି ଦୂର ଆସି ବୁଝି ପାରିଲା, ବାଟ ଭୁଲ କରିଛି । ସିଗ୍ରେଟ ଲଗେଇ ଯାଇ ବସିଲା ଗୋଟାଏ ଗଛ ତଳେ । ପିଲାଏ ଗୋରୁ ଛାଡ଼ି ଦେଇ ଖେଳୁଛନ୍ତି । ଘରକୁ ଫେରିବାକୁ ତାର ଇଚ୍ଛା ହେଉନି । ମାନେଟା ଯେ ଏମିତି ଗୋଟାଏ ପରିସ୍ଥିତି ସୃଷ୍ଟି କରିବ, ସେ କଳ୍ପନା କରି ନ ଥିଲା । କିମିତି ଅଛି କେଜାଣି ? କି ବିବର୍ଣ୍ଣ ହୋଇ ଯାଇଥିଲା ମାମିର ସେଇ ସୁନ୍ଦର ମୁହଁଟା ! ଛାତି ଭିତରେ ସେ ବେଦନା ଅନୁଭବ କଲା । ଗୋଟାଏ କିଛି କରିବାକୁ ହବ । କିନ୍ତୁ ସେଟା ଯେ କ'ଣ ସେ ଠିକ କରି ପାରିଲା ନାହିଁ ! ପଶ୍ଚିମର ଝିଅଙ୍କୁ ସେ ଜାଣେ । ସେମାନଙ୍କର ମନ ଅନ୍ୟ ପ୍ରକାରର । ମୋଟାମୋଟି ହିସାବ ସେମାନଙ୍କର । ସେମାନଙ୍କ ମାପକାଠିରେ ମାମିକୁ ମାପି ହବନି । ଏ ଝିଅଟା ସ୍ୱତନ୍ତ୍ର । ତା ଛଡା ନିଷ୍କରୁଣ ସମାଜ—ତା ଉପରେ ଲଦିଛି ଗୁଡାଏ ଅହେତୁକ ବାଧା ନିଷେଧ ।

Digitized by srujanika@gmail.com

ଫଳରେ ଅବଚେତନ ମନରେ ତାର ପୁଞ୍ଜିଭୂତ ହୋଇ ରହିଛି ଅପୂର୍ଣ୍ଣ ଅଭିଳାଷ ।

ତାର ଚନ୍ତାଧାରା ବ୍ୟାହତ ହେଲା । ଗୋଟିଏ ଗୋପାଳ ବାଳକ ଆସି ଠିଆ ହେଲା । କଳା ଦେହଟା ତାର ଚକ୍‌ଚକ୍ କରୁଛି । ଚଉଦ ପନ୍ଦର ବର୍ଷର ପିଲାଟା । ପିନ୍ଧିଛି ଖଣ୍ଡିଏ ଖଦି । ହାତରେ ଧରିଛି ବାଡ଼ିଟିଏ ।

"କିରେ, କଣ ?" ହସି ପଚାରିଲା ଶଙ୍କର ।

"ତୁମ ଘର କଉ ଗାଁ ?" ପିଲାଟା ପଚାରିଲା ।

"ଏଇ ଗାଁ ।"

"ତୁମ ଗାଁକୁ ଗୋଟାଏ ସାଇବ ଆସିଛି କିଏ ?"

"କିଏ କହିଲା ?"

"ହଁ, ମୁଁ ଦେଖିଛି । ସେଇ ହେଡମାଷ୍ଟର ଘରକୁ ।"

"କାହିଁ ମୁଁ ତ ଜାଣେନି ।"

"ହଁ । କାଲି ନଈକୂଳରେ କଥା ହଉଥିଲେ । ସେ କୁଆଡେ ଦରିଆ ସେ ପାରିରେ ଥିଲା । ଗୋରୁ ମାଉଁସ ଖାଏ । ଘୁଷୁରି ମାଉଁସ ଖାଏ । ସରାପ ପିଏ ।"

ହସିଲା ଶଙ୍କର, ପଚାରିଲା—"ସିଗ୍ରେଟ ଖାଇବୁ ?"

"ଦିଅ ।" ଚକ୍‌ଚକ୍ କଲା ତା ଦାନ୍ତ ଖୁସିରେ ।

ପକେଟରୁ ସିଗ୍ରେଟ କାଢି ଦେଲା ଶଙ୍କର, ଲଗେଇ ଦେଲା ନିଆଁ । ଖୁବ୍ ଯୋରରେ ଟାଣିଲା ପିଲାଟା । କାଶି ଉଠିଲା ଧୂଆଁ ଗୁଡୁ ଗୁଡୁ । ସିଗ୍ରେଟଟାକୁ ହାତରେ ଧରି ଦେଖିଲା ।

"ତୋ ନାଁ କଣ ?" ଶଙ୍କର ପଚାରିଲା ।

"ଗନ୍ଧିଆ ।"

"କାହା ଗୋରୁ ତୁ ଚରଉ ?"

"ଷଡଙ୍ଗୀଘର । ଦଟା ଗାଈ, ଗୋଟାଏ ବାଛୁରି, ଏତିକି ।"

"ମଜୁରି କଣ ପାଉ ?"

Digitized by srujanika@gmail.com

"ନାହିଁ, ପଇସା ହଅନ୍ତନ । ସକାଳୁ ପଖାଳ ଖାଇ ଗାଈ କାଢି ଆଣେ । ବେଲବୁଡ଼କୁ ଗାଈ ବାନ୍ଧେ । ଭାତ ଖାଏଁ । ବାଘ ଧାନକଟାବେଳେ ଘର ଯାଏ ।"

"ତତେ କଏ ଖାଇବାକୁ ଦିଏରେ ଗନ୍ଧଆ ?"

"ବୋଉ ଦିଏ, ନାନୀ ଦିଏ ।"

"କିଏ ଭଲ ଦିଏ ?"

"ନାନୀ, ନାନୀ ବାଢ଼ିଲେ ତରଣ ବେଶୀ ଦିଏ ।"

ଶଙ୍କର ଦେଖିଲା କିଏ ଜଣେ ପଥିକ ତରତର ହୋଇ ଏଇ ବାଟେ ଆସୁଛନ୍ତି ।

"ଷଡ଼ଙ୍ଗୀ ମାଷ୍ଟର କଟକ ଯାଇଥିଲେ—ଫେରିଲେ ।"

ଅନେଇ ଦେଖିଲା ଶଙ୍କର । ସଙ୍ଗାତମଉସା ସିମିତି ଅଛନ୍ତି । ବାଳଗୁଡା ଅଳ୍ପ ପାଚିଛି କପାଳ ଉପରକୁ । ସେଇ ଲମ୍ବା ଲମ୍ବା ଅବିନ୍ୟସ୍ତ ବାଳ । ଆଖିରେ କବି କବି ଭାବ । କାନ୍ଧରେ ଗୁଦର, ଗୋଡରେ ଚପଲ, ହାତରେ ଗୋଟାଏ ଥଳି । ଛାତି ପକେଟରେ ଝରକଲମ । ସେ ପାଖେଇ ଆସିଲାରୁ ସିଗ୍ରେଟଟା ଫିଙ୍ଗିଦେଇ ଠିଆ ହେଲା ଶଙ୍କର । ସାମନାସାମନି ହେଲାରୁ ହାତଯୋଡ଼ି ନମସ୍କାର କଲା ।

"ମୋତେ ଚିହ୍ନି ପାରୁଛନ୍ତି ମଉସା ? ମୁଁ ଶଙ୍କର ।"

ଥ ହୋଇ ଠିଆ ହୋଇଗଲେ ଷଡଙ୍ଗୀ । ଶଙ୍କର ! କେଉଁ ଶଙ୍କର ? ବାମଦେବ ଶତପଥୀଙ୍କ ପୁଅ ଶଙ୍କର ତ ଦଶବର୍ଷ ହେଲା ଫେରାର । ସେ କଣ ବଞ୍ଚିଛି ? ବିବ୍ରତ ହୋଇ ଅନେଇଲେ ସେ ଶଙ୍କର ଆଡ଼କୁ । ଶଙ୍କର ବୁଝି ପାରିଲା, ତାର ଗାଁକୁ ଫେରିବା ଖବର ସଙ୍ଗାତ ମଉସା ଜାଣନ୍ତି ନାହିଁ । ତା ଆଗରୁ ସେ କଟକ ଯାଇଥିଲେ ।

"ମୁଁ ଶଙ୍କର ଶତପଥୀ । ହେଡ଼ମାଷ୍ଟର ବାମଦେବ—"

ଆଉ କହିବାକୁ ହେଲାନାହିଁ । କୁଣ୍ଢେଇ ପକେଇଲେ ଷଡଙ୍ଗୀ ମଉସା ।

"ତୁମେ ଫେରି ଆସିଛ ଶଙ୍କର, କେବେ ?"

"ତନଦିନ ହେଲା ।"

"କୁଆଡେ ଥିଲ ଏତେଦିନ ?" କଥା କହି କହି ବୁଲିଲେ ଦି ଜଣ ।

"ଇଉରୋପରେ ଥିଲି ଛବର୍ଷ । ଏମେରିକାରେ ଚାରିବର୍ଷ ।"

Digitized by srujanika@gmail.com

"ସେଇ ଘୋର ଯୁଦ୍ଧ ବେଳେ ।"

"ହଁ ସେତେବେଳେ ମୁଁ ଯୁଇଡ଼େନରେ ।"

"ସତେ ? କଣ କରୁଥିଲ ?"

"ପଢ଼ୁଥିଲି । ଗ୍ୱକିରି ବି କରୁଥିଲି ଏମେରିକାରେ ।"

"କି କଥା ଦେଖ । ତୁମ ବାପା ବୋଉ ତ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । ବୋଉ ତୁମର କଣ ଗୋଟାଏ ବ୍ରତ କରୁଛନ୍ତି ତୁମ ପାଇଁ । ତୁମ ବାପା ପ୍ରତିବର୍ଷ ଶିବ ଚତୁର୍ଦ୍ଦଶୀ ଦିନ ସହସ୍ରକୁମ୍ଭ କରୁଛନ୍ତି । ବାଃ, କି ସୁନ୍ଦର ଚେହେରା ହୋଇଛି ତୁମର । କି ଖୁସି ଲାଗୁଛି ତୁମକୁ ଦେଖି । ଆସିବ ଆମ ଘରକୁ ।"

"ଚେଷ୍ଟା କରିବି ।"

"ନା ନା ଆସିବ । ଆଜି ସନ୍ଧ୍ୟାବେଳେ ଆସ । ତୁମକୁ ଦେଖିଲେ ତୁମ ମାଉସୀ ଖୁସି ହେବେ । ମାନି ଖୁସି ହବ ।"

"ଆସିବି ।"

ଷଡ଼ଙ୍ଗୀ ବାଟ ଭାଙ୍ଗିଗଲେ ତାଙ୍କ ଘର ଆଡ଼କୁ । ଘଡ଼ି ଦେଖିଲା ଶଙ୍କର, ବାରଟା । ଆଗେଇ ଗ୍ୱଲିଲା ନିଜ ଘର ଆଡ଼କୁ ।

ଦୁଆର ମୁହଁରେ ଦେଖା ରାଜା ସାଙ୍ଗରେ । ସେଇ ସୁନା ପଦକ ଝୁଲୁଛି ଛାତିରେ । ମାମୁକୁ ଦେଖି ପାଟି କରି ଉଠିଲା—"ସାହେବ ମାମୁ, ମେଁ, ମେଁ ।" ହସିଲା ରାଜା । ପାହାଚ ଚଢ଼ୁ ଚଢ଼ୁ ଶଙ୍କର ପଗ୍ୱରିଲା—"ମେଁ ମଁ କଣ ରାଜା ସାହେବ ?"

ରାଜା ଉତ୍ତର ଦେଲା—"ମିଃ, ମିଃ ।"

ରାଜାକୁ ଧରି ପଶିଲା ଶଙ୍କର ଘରେ । ବାପରେ—ଅଗଣାରେ ଜମା ହୋଇଛି ପରବା । ଦୁଇଟା ସ୍ତ୍ରୀଲୋକ ବସି ପାଛୁଡ଼ୁଥାନ୍ତି ସୁଗନ୍ଧୀ ଗ୍ୱଉଳ । କଖାରୁ, ଝୁଡ଼ୁଆଳୁ କଦଳୀ କାନ୍ଧି ଢେରି ହୋଇଛି ଠାକୁର ଘର କାନ୍ଥରେ । ଘର ଭିତରେ ଅନେକ ଲୋକଙ୍କର ହଟ୍ଟଗୋଳ । ତାକୁ ଦେଖି ଆଗେଇ ଆସିଲା ଉମା ।

"କଥା କଣ ଉମି ? ଏ ଆୟୋଜନ କଣ ପାଇଁ ?"

"ବାହାଘର ।" ଉମା ଆଖିରେ ଦୁଷ୍ଟାମି ।

"ବାହାଘର ? କାହାର ?"

"ଆଉ କାହାର ? ଘରର ବଡ଼ ପୁଅର ।" ହସ ଚକ୍‌ଚକ୍ କରୁଛି ଉମା ଆଖିରେ ।

Digitized by srujanika@gmail.com

"ପୁଅ ବାହାଘର ହବ ଯେ, କନ୍ୟା କାହିଁ ?"

"କନ୍ୟାର ପୁଣି ଅଭାବ । ଏଇଠି ତ ଖୋଜିଲେ ମିଳିବ ।"

"ଅଚ୍ଛା କରୁଛୁ ?"

"ଅଚ୍ଛା ନୁହେଁ । ତୁମର ଅଜ୍ଞାତବାସରୁ ପ୍ରତ୍ୟାବର୍ତ୍ତନ ପାଳନ କରାଯିବ କାଲି । କାଲି ପ୍ରଥମାଷ୍ଟମୀ । ତୁମେ ବଡ଼ ଭଣଜା । ମାମୁ ପଠେଇଛନ୍ତି ଏଇ ସବୁ ।"

ଏଇ ସମୟରେ ପହଞ୍ଚିଲା ଶମ୍ଭୁ । "ଭାଇନା ଟିକିଏ ଆସ ଏ ପଟେ ।" ବାଡ଼ିକୁ ଟାଣି ନେଇ ଗଲା ସେ । ଗୁହାଳରେ ଦୁଇଟି ଖାସି ବନ୍ଧା ହୋଇଛନ୍ତି ।

"ଏ ଦୁଇଟି ଜୀବକୁ କଉଠୁ ପାଇଲୁ ?"

"ମାମୁଁ ପଠେଇଛନ୍ତି ।"

"ମାମୁଁ କାହାନ୍ତି ?"

"ସେ ସନ୍ଧ୍ୟାବେଳକୁ ଆସିବେ, ଗୋଟାଏ ଗ୍ରେଷେଇଆକୁ ନେଇ ।"

ବାଡ଼ ପିଣ୍ଡାକୁ ଆଉଜି ଠିଆ ହେଲା ଶଙ୍କର । ଗୋଟିଏ ସିଗ୍ରେଟ କାଢ଼ି ଓଠରେ ଲଗେଇ ଦେଖିଲା ବାଉଁଶଝାଡ଼ କଡ଼ରୁ ତରତର ହୋଇ ଆସୁଛନ୍ତି ସଙ୍ଗାତ ମାଉସୀ ଓ ମାନ । ମାଉସୀଙ୍କ ହାତରେ ଗୋଟାଏ ଥାଳିଆ । ମାନ ଘରକୁ ଏ ବାଟେ ଯେ ଗୋଟାଏ ପାଖ ରାସ୍ତା ଅଛି ଶଙ୍କର ଜାଣି ନ ଥିଲା ।

ସିଗ୍ରେଟ ଧରେଇବ କି ନା ଭାବୁଛି, ଦେଖିଲା ମାନ ତା ଆଡ଼କୁ ଚାହିଁ ନମ୍ର କଣ୍ଠରେ ତା ବୋଉକୁ କଣ କହିଲା । ଦି ଜଣ ଯାକ ବାଡ଼ ଦୁଆର ବାଟେ ଘର ଭିତରକୁ ପଶିଲେ ।

ଘର ଭିତରୁ ଗୁଞ୍ଜନ ଉଠୁଥାଏ ବହୁ କଣ୍ଠରେ । ସେ ସିଗ୍ରେଟ ଲଗେଇ ଟାଣିବାକୁ ଲଗିଲା ଏବଂ ଧୂଆଁର କୁଣ୍ଡଳୀ ତିଆରି କରିବାକୁ ଲଗିଲା ।

ବଡ଼ବାପା ଆଉ ମାମୁଁ—କେତେ ତଫାତ । ଜଣେ ତାର ଫେରିବାଟାକୁ ଆନନ୍ଦପ୍ଲାବିତ କରିବାକୁ ସବୁ ରକମ ବ୍ୟବସ୍ଥା କଲାବେଳକୁ, ଆଉ ଜଣେ ତାକୁ ବ୍ୟର୍ଥ କରି ଦବାକୁ ଚାହୁଁଛନ୍ତି । ରାୟବାହାଦୂର ପଞ୍ଚାନନ ଶତପଥୀ । ବ୍ରିଟିଶ ସରକାରର ପଦଲେହନକାରୀ କର୍ମଚାରୀ । ପୁଅ ଗୁଡାକ ଅପଦାର୍ଥ । ବଡଟା ସ୍କୁଲ ପାରେଇ ପାରିଲା ନାହିଁ । ସାନଟା ବି.ଏ. ଫେଲ ହେଲା ଫାଇନେଲ ସପ୍ଲିମେଣ୍ଟାରି ମିଶେଇ ଆଠ ଥର । ଧରାଧରି କରି ସବରେଜିଷ୍ଟ୍ରାର କରି

Digitized by srujanika@gmail.com

ଦେଇଥିଲେ ତା ବାପା। ଏଇଷିଣି ସବ୍‌ଡେପୁଟି । ପୁଅମାନେ ବାପ ପାଖକୁ ଆସନ୍ତି ନାହିଁ । ନିହାତି ଦରକାର ନ ହେଲେ ଚିଠିପତ୍ର ଦିଅନ୍ତି ନାହିଁ ।

ସେ ଯେତେବେଳେ କଟକରୁ ପଳେଇଲା—ଏଇ ବଡବାପା ପ୍ରଚାର କରିଥିଲେ, ଗୋଟାଏ ଝିଅ ସାଙ୍ଗରେ· ଅସଦ୍‌ବ୍ୟବହାର କରିବା ହେତୁ ତାକୁ କଲେଜରୁ ବାହାର କରି ଦିଆଗଲା । ତାର ପଳାୟନରେ ପିତାମାତା ଯେତେ-ବେଳେ ଚୂଡ଼ାନ୍ତ ମର୍ମାହତ, ସେତେବେଳେ ଏଇ ବଡ଼ବାପା ତା ବିରୁଦ୍ଧରେ ଅବିଶ୍ରାନ୍ତ ଅପପ୍ରଚାର କରିଥିଲେ । ଆଜି ସେ ଜୀବନ ଯୁଦ୍ଧରେ ଜୟୀ ହୋଇ ଫେରିଛି । ତାଙ୍କର ସହ୍ୟ ହବ କେମିତି ?

“ବୁଢ଼ା ।” ଚିନ୍ତାର ଖିଅ ଛିଣ୍ଡିଗଲା । ବୋଉ ଡ଼ାକୁଛି । ସିଗ୍ରେଟ ପକେଇ ଦେଇ ଆଗେଇ ଗଲା ଶଙ୍କର ।

“ସଙ୍ଗାତମାଉସୀ କଣ ଆଣିଛି ତୋ ପାଇଁ । ଆସିବୁ ବାପା ?”

ବୋଉ ପଛେ ପଛେ ଶଙ୍କର ପଶିଲା ବାଡି ଦୁଆର ବାଟେ । ହାଣ୍ଡିଶାଳ ମେଲାରେ ସଙ୍ଗାତମାଉସୀ ଅପେକ୍ଷା କରୁଥିଲେ । ତାକୁ ଦେଖି ଆଗେଇ ଆସିଲେ । ହାତରେ ଟିକିଏ ପାଣି ନେଇ ତାର ମୁହଁ ଧୋଇଦେଲେ । ତା ପରେ ଜଗନ୍ନାଥଙ୍କ ଭୋଗ ତା ପାଟିରେ ଦେଲେ ।

“ଏ କଣ ମାଉସୀ ?”

“ମହାପ୍ରସାଦ । ତୁମ ମଉସା ପୁରୀ ଯାଇଥିଲେ ଯେ—”

ହଠାତ୍ ଶଙ୍ଖ ବାଜି ଉଠିଲା କେଉଁଠି । ଶଙ୍କର ଶୁଣିଛି, ମାନ ଦଗବଦଗ ଜନଶୂନ୍ୟ ହୋଇ ମେଲାରୁ ଦଉଡ଼ି ଦଉଡ଼ି ଦାଣ୍ଡବାଟେ ପଳେଇଲା । ତା ପଛରେ ଶୁଭିଲା ଉମାର ହସ ।

ଚଉଦ

ମଧ୍ୟାହ୍ନ ଭୋଜନ ପରେ ସମସ୍ତେ ଟିକିଏ ବିଶ୍ରାମ ନେଲେ । ଏଟା ଗାଁ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ । ଖଣ୍ଡେ ଓଡ଼ିଆ ମାସିକ ପତ୍ର ନେଇ ବସିଥିଲା ଶଙ୍କର । ଯାହା ପଢିବାର ପାଞ୍ଚ ମିନିଟ ଭିତରେ ସରିଗଲା । ପତ୍ରିକାଟାକୁ ଠେଲି ଦେଲା ଟେବୁଲ ଉପରକୁ । ବାଁ ହାତରେ ଆଖି ଢାଙ୍କି ଶୋଇ ପଡ଼ିଲା ସେ । ଆଜିକାର ଘଟଣାଗୁଡ଼ାକୁ ସେ ପୁଣି ଥରେ ଗୁନ୍ଥି ବସିଲା । ବୈଜ୍ଞାନିକ ମନ ତାର ଠିକ୍ ଠିକ୍ ସଜେଇଲା ଘଟଣା ସବୁକୁ । ସକାଳେ ମାନର ବ୍ୟବହାର

Digitized by srujanika@gmail.com

ସାଙ୍ଗରେ କଫି ଖାଇଲା ବେଳର ମୂର୍ଚ୍ଛାଟାକୁ ଯୋଡ଼ି ଅର୍ଥ କଲା—ଅନୁରାଗ-ଜନିତ ଦୁଃଖ । ଉମାର ଶଙ୍ଖ ଶବ୍ଦରେ ପଳାୟନର ଅର୍ଥ ଲଜ୍ଜା । ଉମା ତାର ମନର ଖବର ଜାଣିଲାଣି । ମନ୍ଦ କଣ ? ତାର ସହାୟତା ବିଶେଷ ପ୍ରୟୋଜନ । କିନ୍ତୁ ମାନିର ମନଟା ସେ ନିଜେ ବିଚାରିବ । ଏଇ ତାର ଇଚ୍ଛା । ସେମିତି ସୁଯୋଗ ମିଳୁଛି କେଉଁଠି ? ଗୋଟାଏ କଥା କିନ୍ତୁ ତାର ସନ୍ଦେହ ନାହିଁ । ମାନି ତାକୁ ଭଲ ପାଏ, ଅତ୍ୟନ୍ତ ଭଲ ପାଏ । ଏଇ ଦଶବର୍ଷ ସେ ଅପେକ୍ଷା କରିଛି ତାରି ପାଇଁ । ତାର ପ୍ରଥମ ବିବାହର ବାଳକବରର ମୁଖରେ ଶଙ୍ଖସିନ୍ଦୂର ଲିଭେଇବା ପଛରେ ନିଷ୍ଠୁରତର ସଙ୍କେତ ସୁସ୍ପଷ୍ଟ ।

ତାଛଡ଼ା ମାନିକୁ ତାର ଦରକାର । ସେ ଅନୁଭବ କଲା, ମାନିକୁ ନ ହେଲେ ତାର ଚଳିବନି । ସେଇ କବିତାଟା ଫେର୍ ଜିଭ ଆଗରେ ଆସି ଠିଆ ହେଲା—"ହେ ମୋର ସଖୀ, ତୁମକୁ ମୁଁ ଭଲ ପାଏ ନିଜ ସ୍ୱାର୍ଥରେ । ତୁମର ଦେହଲତା ମୋର ଦେହ ଯେ ବାରମ୍ବାର କାମନା କରେ—ତାର କାରଣ ତୁମେ ମୋତେ ଲୁବ୍‌ଧ କର ।"

ମାନି, ମାନସୀ । ତାର ମାନସପ୍ରିୟା । ଶଙ୍କର ମାନିକୁ ଶଯ୍ୟାସଙ୍ଗିନୀ ହିସାବରେ କଳ୍ପନା କଲା । ଦେହରେ ତାର ଅନୁଭବ କଲା ଏକ ଅଭୂତପୂର୍ବ ଶିହରଣ । କେତେବେଳେ ଆଖି ଲାଗିଯାଇଛି ତାର ପ୍ରିୟତମାର ସ୍ୱପ୍ନରେ । କଣ ଗୋଟାଏ ଶବ୍ଦରେ ଆଖି ଖୋଲି ଦେଖେ, ରାଜା ।

"ସାହେବ ମାମୁ ?"

"ରାଜା ସାହେବ ।"

"ଏଇଟା ନିଅ । ବାବା କହିଲେ ଏଟା ତୁମର ।"

"କଣ କହିଲେ ବାବା ?" ଉଠି ବସିଲା ଶଙ୍କର ବିଛଣାରେ ।

"ବାବା କହିଲେ, ମୁଁ ତୁମ ରକମ ପାଠ ପଢ଼ିଲେ ଇମିତି ମେଡେଲ୍ ପାଇବି ।" ମେଡେଲଟା ସେ ବିଛଣାରେ ରଖିଲା ।

"ରାଜା ସାହେବ ?"

"ହିଁ"

"ମା କାହିଁ ?"

"ଡାକି ଦେବି ?"

"ପାରିବ ?"

Digitized by srujanika@gmail.com

"ହୁଁ"—ଏକା ଦଉଡ଼ରେ ରାଜା ଅଦୃଶ୍ୟ ।

ଶଙ୍କର ଉଠି ତାର ବାକ୍ସ ଖୋଲି କାଗଜ ପତ୍ର ଗୁଡ଼ା କାଢ଼ିଲା । ତାର ଯେତେ ଡିଗ୍ରୀ, ଡିପ୍ଲୋମା, ପରିଚୟ ପତ୍ର । ଚାକିରିରେ ନିଯୁକ୍ତିପତ୍ର । ସଜେଇ ରଖିବ । ଖଟ ସାରା ଖେଳେଇ ଦେଲା କାଗଜଗୁଡ଼ା ।

ଉମା ପଶି ଆସିଲା ଘର ଭିତରକୁ ।

"କଣ ଭାଇନା ?"

"ବ୍ଲେକ କଫି ।" ତା ଆଡ଼କୁ ନ ଅନେଇ କହିଲା ଶଙ୍କର ।

"ସେଟା କଣ ?"

"କଫିରେ ଦୁଧ ଦବୁନାହିଁ । କାଗିଜିଲେମ୍ବୁ ଥିଲେ ଚପୁଲେ ପକେଇ ଦବୁ ବାସନା ପାଇଁ ।" ତା ଆଡକୁ ଅନେଇ ହସି ହସି କହିଲା ଶଙ୍କର ।

"ମାନେ ସ୍ୱାଙ୍କି କଫି ?"

"ହେଲା ଏବେ ।"

"ସେ ଗୁଡ଼ା କଣ ଭାଇନା ?"

"ଡିପ୍ଲୋମାଗୁଡ଼ା ସଜେଇ ରଖୁଛୁ ।"

"ଗୋଟାଏ ଡିପ୍ଲୋମା ଉଠାଇ ନେଲା ଉମା । ପଢ଼ି ପାରିଲା କେବଳ ତା ଭାଇନାର ନାମଟା । "ଏ କ ଭାଷା ?"

"ଜାରମେନ ।"

ଆଇଓଆର ଡିପ୍ଲୋମାଟା ବଢ଼େଇ ଦେଲା ଭଉଣୀ ହାତକୁ । ଉମା ପଢିଲା—ଶଙ୍କର ଶତପଥୀଙ୍କ ଗବେଷଣାରେ ସନ୍ତୁଷ୍ଟ ହୋଇ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟର ଅଫ୍ ଫିଲସଫି ଉପାଧିରେ ପ୍ରବେଶାଧିକାର ଦେଲେ । ତାରିଖଟା ୧୯୫୦ ସାଲ । ଆଉ ଗୋଟାଏ କାଗଜ ଉଠେଇ ନେଲା ଉମା । ଗୋଟାଏ କମ୍ପାନିର ପ୍ରେସିଡେଣ୍ଟ ଶଙ୍କରକୁ ଲେଖିଛି ଯେ କମ୍ପାନି ଭାରତର କଲିକତାରେ ଗୋଟିଏ ଶାଖା ଖୋଲୁ ଥିବାରୁ ଶଙ୍କର ଶତପଥୀ ନାମକ ସହକାରୀ କେମିକେଲ ଏନ୍‌ଜିନିୟରଙ୍କୁ ସେଇ ଶାଖାର ପରିଚାଳନା ଦାୟିତ୍ୱ ଦିଆଗଲା । ମାସକୁ ତାଙ୍କୁ ଖରଚ ବାରଚ ବାଦେ ଦେଢହଜାର ଡଲାର ଦରମା ମିଳିବ ଏବଂ ବର୍ଷକୁ ଶହେ ଡଲାର କରି ବଢି, ପାଞ୍ଚ ବର୍ଷରେ ସେ ମାସକୁ ଦୁଇହଜାର ଡଲାର ପାଇବେ । ଦେଢ଼ ହଜାର ଡଲାର । ସକାଳୁ ହିସାବ ଶିଖିଛି ଉମା । ପନ୍ଦର ପଞ୍ଚା ପଞ୍ଚସ୍ତର । ମାନେ ସାଢ଼େ ସାତ ହଜାର ଟଙ୍କା ଦରମା ପାଇବ ତାର ଭାଇନା, ମାସକୁ ।

Digitized by srujanika@gmail.com

ଖରଚ ବାରଚ ଛଡ଼ା । ତା ମାନେ ? ସବୁ ଗୋଳମାଳ ହୋଇଗଲା ଉମାର । ତୁଳନା କଲା ଚନ୍ଦ୍ରଶେଖର ସାଙ୍ଗରେ । ସେ ଏ ପର୍ଯ୍ୟନ୍ତ ହଜାରେ ଟଙ୍କା ପାଇ ନାହାନ୍ତି । କଥା କଣ ? ତା ଭାଇନା କଣ ଆଲ୍ଲାଉଦ୍ଦିନର ଦୀପ ଘଷିଛି ?

"କଣ ଭାବୁଛୁରେ ଉମି ?" କାଗଜ ଗୋଛାଉ ଖୋଛାଉ ପଚାରିଲା ଶଙ୍କର ।

"ଉଁ—ନା ଭାବିବି କଣ ?" ଟିକିଏ ସମୟ ନେଇ କହିଲା, "ତୁମେ କଣ ସତରେ ମାନକୁ ବାହାହେବ ଭାଇନା ?"

"ତା ମାନେ ?" ଶଙ୍କରର କଣ୍ଠରେ ଚୂଡ଼ାନ୍ତ ବିସ୍ମୟ ।

"କହୁନା । ଖାଲି ଏମିତି କହୁଥିଲି । ମୁଁ ଯାଏଁ । ତୁମର କଫି ତିଆରି କରେ ।" ଶଙ୍କର କିଛି ବୁଝି ନ ପାରି ତା ଆଡକୁ ବଲ ବଲ କରି ଚାହିଁ ରହିଥାଏ । ତାର ଅବସ୍ଥା ଦେଖି ଉମା ହସି ପକେଇଲା ।

"ସତରେ ଭାଇନା, ତୁମକୁ ସ୍ୱାମୀ ରୂପରେ ପାଇବାକୁ ଯେ କୌଣସି ଝିଅ ଦଶ ବର୍ଷ ତପସ୍ୟା କରିବ । ମାନ ତପସ୍ୟା କରିଛି । ଏ ବର ତାର ପ୍ରାପ୍ୟ ।"

ବାହାରିଗଲା ଉମା ଘର ଭିତରୁ । ପିଣ୍ଡାରେ ଚନ୍ଦ୍ରଶେଖରକୁ ଦେଖିଲା । ତାକୁ କହିଲା—"ଦେଖିବ ଯାଅ, ଭାଇନା ଡକାଏତି କରି ଟଙ୍କା ଆଣିଛନ୍ତି ନା ନିଜ ଯୋଗ୍ୟତା ବଳରେ ଆଣିଛନ୍ତି ।"

"କୁଆଡ଼େ ଯାଉଛ ?" ଚନ୍ଦ୍ରଶେଖରର କଣ୍ଠସ୍ୱର ।

"କଫି ଖାଇବ ? ପଠେଇ ଦେବି ?"

"ନା, ଥାଉ ।"

"ତୁମେ ଓଡ଼ିଆ, କଫି ଖାଇ ହଜମ କରି ପାରିବନି ।"

"ଜାଣି ନ ଥିଲି କି ?

"ଏଇ ବୁଢ଼ୀ", ବୋଉଙ୍କ କଣ୍ଠସ୍ୱର, "କଣ କହୁଛୁ ତୁ ?"

ଘର ଭିତରକୁ ପଶି ଆସିଲା ଚନ୍ଦ୍ରଶେଖର ।

"ବସ", ଡାକିଲା ଶଙ୍କର ।

"ସେ ଗୁଡ଼ା କଣ ?" ଚନ୍ଦ୍ରଶେଖର ପଚାରିଲା ।

"କାଗଜପତ୍ର ଗୁଡ଼ା ସଜାଡୁଥିଲି । ଗୋଟାଏ କେବ୍‌ଲ କରିବାକୁ ହେବ । ତୁମ ଠିକଣା ଦେବି ବୋଲି ଭାବୁଛି ।"

Digitized by srujanika@gmail.com

"ଆନନ୍ଦରେ" ଟାଣିନେଲା ଫାଇଲଟା ଚନ୍ଦ୍ରଶେଖର । "ଦେଖିପାରେ ?"

"ନିଶ୍ଚୟ ।"

ଉପର ଚିଠିଟା ସେଇ ନିଯୋଗ ପତ୍ର । ତା ତଳକୁ ଆଗର ନିଯୋଗ ପତ୍ର । ସେତେବେଳେ ଦରମା ଥିଲା ବାରଶହ ଡଲାର । ଘରଭଡରେ ତିନିଶ କଟିଛି । ତା ଛଡ଼ା ଖର୍ଚ୍ଚ ବାର୍ଚ୍ଚ ।

"ଏଟା କଣ ? ଖର୍ଚ୍ଚ ବାର୍ଚ୍ଚ ବାଦ ?"

"ଘର, ଗାଡ଼ି ଓ ଆତିଥ୍ୟ ।"

"ଗସ୍ତ ଖର୍ଚ୍ଚ ?"

"ସେ ଅଲଗା ।"

ଆଉ ଫାଇଲଟା ନେଲା ଚନ୍ଦ୍ରଶେଖର । ମେଟ୍ରିକୁଲେଶନ ପାଖରୁ ଯେତେ ପ୍ରମାଣ ପତ୍ର, ସବୁ ଗୁନ୍ଥା ହୋଇଛି ଏକାଠି । ଦୁଇଟା ଡକ୍ଟରେଟ । ହାଇଡେଲ-ବର୍ଗ ଆଉ ଆଇଓଆର । ଉଇସମାନ ଓ ବ୍ରାଉଣଙ୍କ ପରିଚୟ ପତ୍ର । ଆପସୋଲା ବିଶ୍ୱବିଦ୍ୟାଳୟର ବିଜ୍ଞାନ ଉପାଧି ।

"ତୁମର ଉପହାର ଗୁଡ଼ା ଯେ ବିସ୍ମୟକର ଭାବରେ ସୁପ୍ରଚୁର ସେ କଥା କହିବାକୁ ଆସିଥିଲି । କୃତଜ୍ଞତା ଜଣେଇବା ତୁମକୁ ଛୋଟ କରିବା ହବ ।"

ବିଛଣା ଉପରୁ ମେଡ଼େଲଟା ଉଠେଇଲା ଶଙ୍କର ।

"ତାହେଲେ ଏଟା ଘୁଷ ନୁହଁ ?"

"ନା, ନା, ସେଟା ଏକାଡେମିକ ଡ଼ିସଟିଙ୍କସନ୍—"

"ତାଠୁଁ ବଡ ଡିସଟିଙ୍କସନ ମୋତେ ଉପଢୌକନ କରିଛ ହେ ଚନ୍ଦ୍ରଶେଖର । ଏଟା ତୁମେ ନିଜେ ତାର ଶାର୍ଟରେ ପିନ୍ କରି ଦିଅ । ସେ ପୁଣି ଖୁସି ହବ । ମୋର ପ୍ରଥମ ଭଣଜାକୁ ମୋହର ଦେଇ ଦେଖି ପାରୁନି ବୋଲି ମେଡ଼େଲଟା ଦେଇଥିଲି । ମେଡ଼େଲଟା କିନ୍ତୁ ଚବିଶ କେରେଟ ସୁନାର ।"

"ଭଗବାନ, ଏଇ ଅର୍ଥ କଲ ତୁମେ ? ହଉ ।"

କଫି ପହଞ୍ଚିଗଲା । ଚନ୍ଦ୍ରଶେଖରର ସ୍ତ୍ରୀ । ତା ସାଙ୍ଗରେ ଦୁଇପ୍ଲେଟ ଫୁଲ କୋବିର ବଡ଼ା । ବେସନ ଦେଇ ଭଜିଛି । ପହିରିଆ ପରିଖ । ଉମାକୁ ଖୁସି କରିବାକୁ ଗୋଟାଏ ଉଠେଇ ନେଲା ଶଙ୍କର । ପାଟିରେ ଦେଇ କହିଲା, "ଅପୂର୍ବ । ଏକୁ ଭଜିଛ କିଏ ?"

Digitized by srujanika@gmail.com

"ମାନ ।" ଉଚ୍ଚାରଣ କରିଲା ଉମା ମାନ ନାଁ ।

ଭାଇ ଭଉଣୀର ସଂଗ୍ରାମ ଚାଲିଛି—କଥାରେ ।

"ତୁମେ ବିଶ୍ୱାସ କରୁଛ ଏନ୍‌ଜିନିୟର, ଏଭଳି ଏକ ସୁସ୍ୱାଦ ଖାଦ୍ୟ ମାନ କରିପାରେ ? ଭୁଲ୍, ତୁମେ ଭୁଲ୍, ତୁମ ଘରେ ହୁଏନି ଏ ବସ୍ତୁ ?"

ଚନ୍ଦ୍ରଶେଖର କିଛି କହିବା ପୂର୍ବରୁ ଉମା କହିଲା—"ଏଟାତ ତାଙ୍କର ସଉଖିନ ଜଳଖିଆ ।"

"ତା ହେଲେ । ମୂଳ ହେଲୁ ତୁ । କେଉଁ ଗଡ଼ଜାତର ଲୋକ, ଏ ଖାଦ୍ୟ ଜାଣିବେ କୁଆଡ଼ୁ ?" ହସିଲା ଶଙ୍କର । ସେଇ ସ୍ୱାର୍ଥି ହସ । ଆକାଶ ପରିଷ୍କାର ହୋଇଗଲା ।

"ରାଜା କାହିଁ ?" ଚନ୍ଦ୍ରଶେଖର ପଚାରିଲା ।

"ବୋଉ ପାଖରେ । ଖାଉଛି ।"

"ଖାଇ ସାରିଲେ ପଠେଇ ଦବୁ ।" ଶଙ୍କର କହିଲା ।

ରାଜା କାନ୍ଧୁ ଦୁଆର ମୁହଁରେ । ମାମୁଁର ହସ ଶୁଣି ଉଠି ଆସିଛି ଆଈ ପାଖରୁ । ସାହେବମାମୁଙ୍କର କାହିଁରକାଠି ଅଛି, ମାନମାଉସୀ କହୁଥିଲା ।

"ଏଇତ ରାଜା ସାହେବ, ଦ୍ୱାରଦେଶରେ ଦଣ୍ଡାୟମାନ । Come in Sonny Boy", ଡାକିଲା ତାକୁ ଶଙ୍କର ।

ଆଗେଇ ଆସିଲା ରାଜା । ବାପ ମା'କୁ ପାରେଇ ମାମୁ କୋଡ଼କୁ ଆଉଜି ଠିଆହେଲା ।

"ଚନ୍ଦ୍ରଶେଖର, here is your chance ।" ମନେ ପକେଇ ଦେଲା ଶଙ୍କର ।

ଚନ୍ଦ୍ରଶେଖର ନଇଁପଡ଼ି ସେଇ ମେଡ଼େଲଟାକୁ ଝୁଲେଇ ଦେଲା ରାଜା ଗଳାରେ । ରାଜା ବୁଝି ନ ପାରି ତା ବାପ ମୁହଁକୁ ଚାହିଁଲା, "ଏଟା ପରା ସାହେବ ମାମୁଙ୍କର ?"

"ନା ବାବା, ଏଟା ତୁମର । ମାମୁ କହିଲେ ଏଟା ସେ ତୁମ ପାଇଁ ଆଣିଛନ୍ତି ।"

ଆଉ ପାଏ କିଏ ରାଜାକୁ । ଦଉଡ଼ିଲା ପାଟି କରି କରି, "ଆଈ, ମାନ-ମାଉସୀ, ଏଟା ମୋର । ସାହେବମାମୁ ମୋ ପାଇଁ ଆଣିଥିଲେ ।"

Digitized by srujanika@gmail.com

ଉମା ସବୁ ଘଟଣା ଜାଣେ । ତାର ସ୍ୱାମୀଙ୍କୁ ସେ ମନା କରିଥିଲା, ରାଜା ହାତରେ ମେଡେଲ ଫେରେଇବାକୁ । ଆଖି ତାର ଛଳଛଳ ହୋଇଗଲା, କୃତଜ୍ଞତାରେ ।

"ଭାଇନା, କ'ଣ ମନ ହଉଛି ଜାଣ ?"

"କ'ଣ ? କହିଲେ ସିନା ଜାଣିବି ?"

"ତୁମେ ଏଡ଼େ ମହତ୍, ଏଡ଼େ ବଡ଼ ଯେ ଗୋଡ଼ତଳେ ପଡ଼ିଯିବାକୁ ମନ ହେଉଛି ।"

"ସେଟା ତ ମୋର ଜନ୍ମଗତ ଅଧିକାର । ମୁଁ ତୋର ଭାଇନା ।" ହସିଲା ଶଙ୍କର ।

ଉମା କାନଟାକୁ ବେକରେ ଗୁଡ଼େଇ ଆଣେଇ ପଡ଼ି ସାଷ୍ଟାଙ୍ଗ ପ୍ରଣିପାତ କଲା ଶଙ୍କରକୁ ।

ହସି ହସି ଶଙ୍କର ଆଶୀର୍ବାଦ କଲା—"ସାବିତ୍ରି ପରି ହ । ନା କ'ଣ ହେ ଚନ୍ଦ୍ରଶେଖର ? ଆରେ ତୁ ତ ଉମା । କ'ଣଟି ସେ ଶ୍ଳୋକଟା କୁମାର ସମ୍ଭବର ?" ହସି ଉଠିଲା ଶଙ୍କର । ଉମା ଉଠି ଠିଆ ହୋଇ ଆଖି ପୋଛି, କାହାଣ ଆଡକୁ ନ ଅନେଇ ଘରୁ ବାହାରି ଗଲା ।

ଚନ୍ଦ୍ରଶେଖର ସାଙ୍ଗରେ ସାନ୍ଧ୍ୟଭ୍ରମଣ ସାରି ଫେରିଲା ବେଳେ, ଶଙ୍କର ବାଟ ବଙ୍କି ଗଲା ସଙ୍ଗୀତମଉସାଙ୍କ ଘରକୁ । ମଉସା ତାକୁ ଅପେକ୍ଷା କରିଥିଲେ । ଆଦରକରି ଘର ଭିତରକୁ ନେଇଗଲେ । ଏଇ ଘରଟି ତାଙ୍କର ଶୋଇବା, ବସିବା ଓ ଲେଖାପଢ଼ା କରିବା ଘର । ଅନେକ ଗୁଡ଼ିଏ ବହି ରଖିଛନ୍ତି ମଉସା । ଅଧିକାଂଶ ଓଡ଼ିଆ । ବଙ୍ଗଳା ଓ ସଂସ୍କୃତ ବହି ମଧ୍ୟ କିଛି ଅଛି । ପଞ୍ଜିକା ସବୁ ବନ୍ଧା ହୋଇ ରହିଛି ।

"ବସ ବାପା । ତୁମ ମାଉସୀଙ୍କୁ ପଠେଇଛି ମାନକୁ ଡାକିବାକୁ । ସେତ ଦିନସାରା ତୁମଘରେ, ତା ମାଉସୀଙ୍କ ପାଖରେ ।"

ତାଙ୍କର ବ୍ୟବହାର ପାଇଁ ଖଣ୍ଡେ କେନଭାସର ଆରାମଚୌକି ଅଛି । ଶଙ୍କରକୁ ସେଥିରେ ବସିବାକୁ ଦେଇ ନିଜେ ଖଟରେ ବସିଲେ ।

"ତା ପରେ । ତୁମ କଥା କୁହ, ଶୁଣିବା ।"

ଯେତେ ସଂକ୍ଷିପ୍ତରେ ସାରିହୁଏ, ଶଙ୍କର କହିଲା ତାଙ୍କୁ ।

Digitized by srujanika@gmail.com

ସଙ୍ଗାତମାଉସୀ ଆସି ମଉସାଙ୍କୁ ଡାକଲେ । ଶଙ୍କରକୁ କହିଲେ, "ତୁମ ଗାଲରେ ଚୂନ ଲାଗିଗଲା ବାପା ? ଏଥର ବଡ଼ିଆ ପାନ ଦେବି ।"

"ହଉନ୍ତୁ । ଚୂନ ନ ଲଗିଲେ ହେଲା । ନ ହେଲେ ମାଛ ହାତରନ୍ଧା ତରକାରି ଖାଇ ପାରିବନି ।"

ଭିତରୁ ଖୁପା କଣ୍ଠରେ ଶୁଭିଲା, "ବୋଉ" । ବୋଉ ଚାଲିଗଲେ । ଫେରି ଆସିଲେ ସଡ଼ଙ୍ଗୀ । ଆଖି ତାଙ୍କର ବିସ୍ଫାରିତ ।

"ତୁମେ ଏତେ ବଡ ହୋଇଛ ଶଙ୍କର । ତୁମେ, ତୁମର ପଦଧୂଳି—" କୁଣ୍ଠିତ ଶଙ୍କର କହିଲା, "ଆପଣ କଣ ସବୁ ଶୁଣିଛନ୍ତି, ମୁଁ ଜାଣେନି । ମୁଁ କିନ୍ତୁ ଶଙ୍କର । ଆଉ ଆପଣ ମୋର ମଉସା ।"

"ସେ କଥା ତୁମ ମୁହଁରେ ସାଜେ ବାପା । ବାଃ ବାମ ଭାଇନାଙ୍କ କି ଭାଗ୍ୟ !"

ଚା ଆସିଲା ସକାଳ ଭଳି । ସେଇ କାପ୍, ସେଇ ସ୍ୱାଦ । କମ ଦାମୀ ହେଲେ ବି ଦରଦରେ ସୁମଧୁର ।

"ମୋର ପାନ କାହିଁ ସଙ୍ଗାତମାଉସୀ ?" ଘର ଭିତରୁ ଡାକଦେଲା ଶଙ୍କର । ବ୍ୟତିବ୍ୟସ୍ତ ହୋଇ ଖଟରୁ ଓହ୍ଲେଇ ପଡିଲେ ମଉସା ।

"ଆପଣ ବସନ୍ତୁ ମଉସା । ଗପ କରିବା । ଆସିଲା ପାଖରୁ ମୁଁ ପ୍ରାୟ ଘରେ ଅଛି । ବଡ଼ବାପାଙ୍କ ପାଖକୁ ଯାଇଥିଲି । ସେ ମୋତେ ଜବ୍ଦ କରିବେ ବୋଲି ଜିଦ୍ ଧରିଛନ୍ତି । କିନ୍ତୁ ସେ ପାରିବେନି । ମୋ କଥା ତ ଶୁଣିଲେ । ଆପଣଙ୍କ କଥା କହନ୍ତୁ ।"

ହଠା ପାନ ଆସିଲା । ଚୂନ ନାହିଁ । ଗୁଗୁଆ ଗୁଗୁଆ ସ୍ୱାଦ ।

"ମୋର ଆଉ କଥା କଣ ? ମାନର ଦୁର୍ଦ୍ଦଶା ମୋତେ ମାରି ଦେଉଛି ।"

"ମାନକୁ ବାହାକରି ଦଉନାହାନ୍ତି ? ଆଜକାଲି ତ ଆଉ ଅସୁବିଧା ନାହିଁ । ଏମିତି ବାହାଘର ବହୁତ ହଉଛି ।"

"ହଉଛି ଯେ । ସେ ରାଜି ନୁହେଁ ।"

"ଆପଣ ସତରେ ବିଶ୍ୱାସ କରୁଛନ୍ତି ଯେ ମାନ ବାହା ହବାକୁ ନାରାଜ ।" ବଡ଼ପାଟିରେ କହିଲା ଶଙ୍କର, "ନା, ଆପଣଙ୍କ ସମାଜଭୟ ସେଥିରେ ଅନ୍ତରାୟ ହଉଛି ?"

Digitized by srujanika@gmail.com

"ସେଟା ତ ଅଛୁ । ମାନେ—ମୁଁ ଠିକ୍ କହିପାରୁନ—"

"ତାହେଲେ ମାନର ବିବାହରେ ଆପଣଙ୍କର ଆପତ୍ତି ନାହିଁ ?"

"ନା, ମୋଟେ ନା । ସୁପାତ୍ର ପାଇଲେ—" ଅଟକିଗଲେ ମଉସା । ଆଖିରେ ତାଙ୍କର ବିହ୍ୱଳଭାବ ।

ପ୍ରସଙ୍ଗଟା ବଦଳେଇ ଦେଲା ଶଙ୍କର ।

"ଆପଣ ତ କବିତା ଲେଖୁଥିଲେ । ବହି ଛପି ନାହାନ୍ତି ?"

"ହଁ ଖଣ୍ଡିଏ । ସେ ବି ଭଲ ହୋଇନ । କବିତାର କଦର ଆମ ଦେଶରେ ନାହିଁ ।" ଉଠିଯାଇ ଥାକରୁ ଆଣିଲେ ଖଣ୍ଡିଏ ବହି । ବଢ଼େଇ ଦେଲେ ଶଙ୍କର ହାତକୁ ।

"ଅଳକନନ୍ଦା" । ଓଲଟେଇଲା ପନ୍ନଗୁଡ଼ା ଶଙ୍କର । ଅତି ମାମୁଲି ଛପା । କାଗଜ କମ୍‌ଦାମୀ । ମୂଲ୍ୟ ଏକ ଟଙ୍କା ଛପା ହୋଇଛି । ରବର ଷ୍ଟାମ୍ପ ବସିଛି, "ଅତିରିକ୍ତ ଆଠଅଣା" ।

"ମୁଁ ଏ ବହିଟା ପଢିବାକୁ ନେଇପାରେଁ ?"

"ତୁମେ କବିତା ପଢ଼ ? କଣ କହୁଛ ? ନିଅ ନିଅ ।" ଖଟିତଳୁ ଗ୍ରନ ଫାଉଣ୍ଟେନ କାଢ଼ିଲେ ଖଣ୍ଡିଏ । ଗୋଲ ଗୋଲ ଅକ୍ଷରରେ ଲେଖିଲେ,—

"ଶ୍ରୀମାନ ଶଙ୍କର ଶତପଥୀ, କଲ୍ୟାଣୀୟେଷୁ" ।

ବହିଟା ନେଇ ବାହାରି ଆସିଲା ଶଙ୍କର । ଆଜି ଏତିକିରେ ଥାଉ ।

ଦାଣ୍ଡରେ ଗୁହାଳ ପାଖରେ ଦେଖାହେଲା ମାନ ସାଙ୍ଗରେ ।

"ଶୁଣନ୍ତୁ" ଧୀପା କଣ୍ଠରେ ଡାକିଲା ମାନ । ଠିଆହେଲା ଶଙ୍କର ।

"ଆପଣଙ୍କର ଦୟାର ସୀମା ନାହିଁ । ଆପଣଙ୍କର ମହତ୍ତ୍ୱର ଉପମା ନାହିଁ । ଆପଣଙ୍କ ଯୋଗ୍ୟତାର ତୁଳନା ନାହିଁ···"

ହସି ଉଠିଲା ଶଙ୍କର,—"ବାଃ, ଚମତ୍କାର ତୁମର ଭାଷା ମାନ । ତାପରେ, କୁହ···?"

ଚୁପ୍ କରିଗଲା ମାନ ।

ପୁଣି ପଚାରିଲା ଶଙ୍କର, "କଣ କହୁଥିଲ କୁହ ?"

Digitized by srujanika@gmail.com

"ଆପଣ ମୋ ଉପରେ ଏମିତ ନିଷ୍ଠୁର ହେଉଛନ୍ତି କାହିଁକି ?

"ନିଷ୍ଠୁର ? ତୁମ ଉପରେ ? ମୁଁ ହେଉଛି ? ଠିକ୍ କହୁଛ ମାନି ?"

ଆଗେଇଗଲା ଶଙ୍କର । ତାର ସାମନା ସାମନି ଠିଆ ହେଲା । ମାନି କାନ୍ଧରେ ଗୋଟାଏ ହାତରଖି, ତା ମୁହଁକୁ ଅନେଇ ପଚାରିଲା, "ମନେଅଛି ମାନି ? ଥରେ ବରକନ୍ୟା ଖେଳକୁ ମୋତେ ଡାକିଥିଲ ? କଣ କହିଥିଲ ମନେଅଛି ।"

ଆଶାର ଆନନ୍ଦରେ ଉଚ୍ଛ୍ୱସିତ ହୋଇ ମାନି ବସିପଡ଼ି ଶଙ୍କରର ଆଣ୍ଠୁ ଦିଟାକୁ ଜାବୁଡ଼ିଧରି ରୁଦ୍ଧ କଣ୍ଠରେ କହିଲା, "ଅଛି । ତୁମେ ତାକୁ ମନେରଖିଛ ?"

"ଭାଗ୍ୟର ବିଡ଼ମ୍ବନା ଆମକୁ ତପସ୍ୟାରେ ନିୟୋଜିତ କରିଥିଲା ମାନି । ଦଶବର୍ଷ ଧରି ତୁମେ ତପସ୍ୟା କରିଛ ଏଠି । ମୁଁ କରିଛି ବିଦେଶରେ । ଉଠ, ଛି, କିଏ ଦେଖିବ ।"

ମାନିକୁ ଟାଣି ଠିଆକଲା ଶଙ୍କର । ମାନି ଆଖିରେ ଆନନ୍ଦାଶ୍ରୁର ସୁଅ ।

"ଆମ ଘରକୁ ଯିବନି ?"

"ଯିବି ।"

"ମୋ ସାଙ୍ଗରେ ଚାଲ ।"

"ନା," କୁଣ୍ଠିତ ହେଲା ମାନି ।

"ଭୟ କଣ ? ତୁମେ ବାଡ଼ବାଟେ ଯିବ । ମୁଁ ଯିବି ଦାଣ୍ଡବାଟେ । ଆସ ତୁମ ବୋଉକୁ କହିବା । ତୁମ ସାଙ୍ଗରେ ମୋର ଅନେକ କଥା ଅଛି ।"

ଆଗପଛ ହୋଇ ଘର ଭିତରକୁ ପଶିଲେ ଶଙ୍କର ଆଉ ମାନି ।

"ମାଉସୀ ।"

"କୁହ ବାପା ।"

"ମାନିକୁ ମୁଁ ନେଇ ଯାଉଛି ଆମ ଘରକୁ ।"

"ନେଇ ଯାଅ । ସେ ତ ଶମ୍ଭୁ ସାଙ୍ଗରେ ସବୁଦିନେ ଫେରେ ।"

ମାଉସୀ ସବୁ ଶୁଣିଛନ୍ତି, ଦେଖିଛନ୍ତି । ହାସ୍ୟ, ହାସ୍ୟ, ସ୍ଥିରଚିତ୍ତ ତାଙ୍କର । କେଉଁ ମା ଲୋଡ଼ିବନି ଝିଅର ଏ ସୌଭାଗ୍ୟ !

Digitized by srujanika@gmail.com

ଆଗେଇ ଗ୍ଲଲେ ଦୁ'ଜଣ ନିର୍ଜନ ପଥଦେଇ ।

"ମାନି ।"

"ହୁଁ" ପାଖେଇ ଆସିଲା ମାନି ।

"ତୁମକୁ ନ ହେଲେ ମୋର ଚଳିବନି ମାନି । ଅନେକ ଦିନ ଆଗେ ତୁମ ବୋଉଙ୍କୁ ମୋ ବୋଉ ଆମ ବିବାହର ଯେଉଁ ଇଙ୍ଗିତ ଦେଇଥିଲା, ଆମ ଜୀବନରେ ସେ ସତ ହୋଇ ଯାଇଛି । ତୁମେ ତ ସେଇଦିନୁ ମୋର ସ୍ତ୍ରୀ ।"

"ତୁମେ ଏକଥା ବିଶ୍ୱାସ କର ?" ଠିଆ ହୋଇଗଲା ମାନି ।

"ନ କରି ମୋର ଉପାୟ କଣ ? ସେଇଦିନୁ ମୁଁ ଅପେକ୍ଷା କରିଛି ଏଇ ସୁଯୋଗର । ମୋ ଜୀବନ ସାଙ୍ଗରେ ଅବିଚ୍ଛେଦ୍ୟ ହୋଇ ରହିଛ ତୁମେ ।"

ଟିକିଏ ସମୟ ନେଲା ଶଙ୍କର—

"ନାରୀର ଯେଉଁ କଲ୍ୟାଣୀ ମୂର୍ତ୍ତିଟି ମୋର ପିଲାବେଳେ ଦେଖିଥିଲି ଆମ ଦେଶରେ, ସେଇ ମୂର୍ତ୍ତି ମୁଁ ଖୋଜିଛି ଇଉରୋପର ନାନା ଦେଶରେ । ଏମେରିକାର ପୂର୍ବରୁ ପଶ୍ଚିମ ସୀମା ପର୍ଯ୍ୟନ୍ତ । କେଉଁଠି ପାଇନି ମୁଁ । ଏଇ ଉମା, ତୁମେ, ମୋ ବୋଉ, ସଙ୍ଗୀତମାଉସୀ—କାହିଁ ଏମିତି ଛବି ମୁଁ ଦଶବର୍ଷ ଭିତରେ ଦେଖିନି ତ ! ସେ ଦେଶର ଝିଅମାନେ ଆଜି ଦିଗଭ୍ରଷ୍ଟ । କଣ କରିବେ ବୁଝିପାରୁ ନାହାନ୍ତି । କେଉଁଠି ଅଟକିଲେ ସୁନ୍ଦର ଦିଶିବ ସେ ଜ୍ଞାନ ମଧ୍ୟ ସେମାନେ ହରେଇ ସାରିଲେଣି । ଇଉରୋପର ଅବସ୍ଥା ସାଂଘାତିକ । ଯୁଦ୍ଧ ଯୋଗୁ ସେଠିକା ସମାଜ ଜୀବନ ବିଧ୍ୱସ୍ତ । ଏମେରିକା, ଯାର ଐଶ୍ୱର୍ଯ୍ୟ ପୃଥିବୀର ସବୁ ଦେଶର ଈର୍ଷାର ବସ୍ତୁ, ସେଠି ବି ଆଜି ନାରୀ ତାର ହୃଦୟ ବଦଳରେ ଦେହକୁ ଦେଖଉଛି ପୁରୁଷର ମନ ପାଇବା ପାଇଁ ।"

ଗୋଟାଏ ସିଗ୍ରେଟ ଲଗାଇଲା ଶଙ୍କର ।

"ତୁମକୁ ଯେତେବେଳେ ପ୍ରଥମ ଦେଖିଲି, ତୁମ କଥା ଯେତେବେଳେ ଶୁଣିଲି ଉମା ପାଖରୁ, ମୋର ବିଶ୍ୱାସ ଫେରି ଆସିଲା । ଭାବିଲି, ଏଇଠି ତ ସେ— ଯାହାକୁ ଦଶବର୍ଷ ହେଲା ମୁଁ ଖୋଜି ବୁଲିଛି । କିନ୍ତୁ—" ରହିଗଲା ଶଙ୍କର । "ବେଶ ଶୀତ ପଡ଼ୁଛି ନା ? ଦେଖ ତ କି ସ୍ୱାର୍ଥପର ମୁଁ । ମୋ କଥା କହିବି ବୋଲି ତୁମକୁ ଏଇ ଥଣ୍ଡାରେ ଠିଆ କରି ରଖିଛି ।" ମାନିର ହାତ ଦୁ'ଟା ଧରିଲା ଶଙ୍କର । "ମୋର କଥାଗୁଡ଼ା ତୁମେ ବୁଝିଲ କି ନା ଜାଣେନି ମାନି । ମୁଁ କିନ୍ତୁ ଯାହା ଖୋଜୁଥିଲି, ଗଲା ଦଶବର୍ଷ ଧରି, ଯେଉଁ ସ୍ୱପ୍ନ ମୁଁ ଦେଖୁଥିଲି, ତାକୁ

Digitized by srujanika@gmail.com

ସଫଳ କରିବାକୁ ତୁମେ ମୋ ପାଖରେ ଆସି ଠିଆହବ, ଏଇ ଆଶା ମୁଁ କରୁଛି । ଆମେ ନୂଆକରି ଜୀବନ ଆରମ୍ଭ କରିବା । କଣ ହୋଇସାଇଛି, ସେ କଥା ଆଜି ଆମେ ବିଚାର କରିବା ନାହିଁ । କଣ ହେବ, ସେଇ ଆଶାରେ ଆମକୁ ଆଗେଇ ଯିବାକୁ ହବ । ତୁମେ ମୋର ସେଇ ଆଶାକୁ ସଫଳ କରିବନି ?"

ଲଗି ଆସିଲା ମାନି, ତା ଦେହକୁ । ମୁଣ୍ଡଟା ଶଙ୍କରର ଛାତି ଉପରେ ରଖି, ତା ହାତରେ ସ୍ୱୀକୃତିର ସ୍ପର୍ଶ ଦେଲା ମାନି ।

ଶୁକ୍ଳା ସପ୍ତମୀର ଜହ୍ନ, ଆକାଶରେ ଚନ୍ଦ୍ରିକାର ଜୁଆର ଆଣିଛି । ମାନିର ମୁହଁଟାକୁ ଦୁଇହାତରେ ଟେକି ଧରିଲା ଶଙ୍କର । ତା ପରେ ତାର ମୁଦ୍ରିତ ଆଖିପତାରେ ଆସ୍ତେ ଆସ୍ତେ ଦଓଟି ଚୁମ୍ବନର ଚିହ୍ନ ଆଙ୍କିଦେଲା । ମାନିର ଅଶ୍ରୁରେ ଓଦା ହୋଇଗଲା ତାର ଓଠ ।

"ଏଥର ତୁମେ ଯାଅ । ମୁଁ ଦାଣ୍ଡ ବାଟେ ଯାଉଛି ।"

ଦାଣ୍ଡଘରେ ବାପା ଓ ମାମୁ ବସି ଗପ କରୁଛନ୍ତି । କଣରି ପଦକ୍ଷେପରେ ସେ ଆସି ଠିଆହେଲା ଭିତର ଝିଣ୍ଡାରେ । ଗୋଟିଏ ପେଟ୍ରୋମାକ୍ସ ଜଳୁଛି । ଦି ତିନି ଜଣ ବାହାରର ଲୋକ ଧାନଘର ପିଣ୍ଡାରେ ବସି ପାନ ଖାଉଛନ୍ତି । ରାଜା ତାକୁ ଦେଖିଲା ଆଗ । "ସାହେବ ମାମୁ ?"

"ରାଜା ସାହେବ ।" ଡାକିଲା ଶଙ୍କର ତାକୁ । ଦଉଡ଼ି ଆସିଲା ରାଜା । ଉମା ଆସିଲା ତା ପଛରେ, ହସି ହସି ।

"ଆଜି ଭନର ଡେରି ହବ ଖାଇବା । ବେଶୀ ନା ଘଣ୍ଟାଏ ଖଣ୍ଡେ । ଏଇଖିଣି କ'ଣ ଖାଇବ ?"

"ତୋର ମିଷ୍ଟାର ?"

"ଡଜନଟା କେତେ ଟଙ୍କା, ହିସାବ କରୁଛନ୍ତି ।" ହସିଲା ଉମା ।

"ଆ ମୋ ସାଙ୍ଗରେ ।" ରାଜାର ହାତଧରି ପଶିଲା ଉମା ଶୋଇବା ଘରେ । ଖଟ ଉପରେ ଉଠି ବସିଲା ଚନ୍ଦ୍ରଶେଖର । "ଆରେ, ଆସ ।"

ଶଙ୍କର ବସିଲା ଚନ୍ଦ୍ରଶେଖର ପାଖରେ । ରାଜା ବସିଲା ତା ପାଖରେ । ଉମା କବାଟ ଧରି ଠିଆ ହେଲା ।

"ପୃଥିବୀରେ ସବୁଠୁ କଠିଣ କାମ କଉଟା କହିଲୁ ?" ଶଙ୍କର ପଚାରିଲା । ଉମା ଚୁପ୍‌କରି ଭାବିବାକୁ ଲାଗିଲା ।

Digitized by srujanika@gmail.com

"ନିଷ୍ପତ୍ତି କରିବା ।"

ବାଃ, ଏତେ ସହଜ ଉତ୍ତରଟା । ଉମା ଆଶ୍ଚର୍ଯ୍ୟ ହେଲା ।

"କଣ ନିଷ୍ପତ୍ତି କଲ ?" ଉମାର ପ୍ରଶ୍ନ ।

"ଦୁଇ ସଙ୍ଗାତ ଦୁଇ ସମୁଧୁଣୀ ହୁଅନ୍ତୁ ।"

ଟିକିଏ ରହିଗଲା ଉମା । ତା ପରେ ଖୁସି ହୋଇ ତାଳି ମାରିବାକୁ ଉଦ୍ୟତ ହେଲା ।

"ହେଉ ସାବଧାନ । ବାପା ବୋଉ । ଅନ୍ୟକେହି ନୁହନ୍ତି । ସ୍ନେହ ଅନ୍ଧ । ଅନ୍ତରରେ ମାନୁ ନଥିଲେ ବି ମୁହଁରେ ହଁ କରିଦେବେ । ସେଥିରେ ମୁଁ ରାଜି ନୁହେଁ । ମୁଁ ଚାହେଁ ସେମାନେ ଖୁସି ମନରେ ଏ ପ୍ରସ୍ତାବ ଗ୍ରହଣ କରନ୍ତୁ । ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ । ତୁ ଅନେକ କାମ କରି ପାରିବୁ । ଯାହା ଦରକାର-ସେଟା ହେଲା ଟେକ୍ଟ । ତାର ଓଜିଆ କଣ ମୁଁ ଜାଣେନି ।"

ଇତି ମଧ୍ୟରେ ରାଜା ତା କୋଟ ପକେଟରେ ବହିର ସନ୍ଧାନ କରି ସାରିଛି ।

"ସେଟା କଣ ସାହେବ ମାମୁ ?"

"ବହିରେ, ବାପା ।" କାଢ଼ିଲା ପକେଟରୁ 'ଅଳକନନ୍ଦା'ର ରାଜ ସଂସ୍କରଣ ।

"ଉପହାର ଦେଇଛନ୍ତି ଏ ଗାଁର ଏକମାତ୍ର ସାହିତ୍ୟସେବୀ ଲଡ଼ୁକେଣି ଷଡ଼ଙ୍ଗୀ, ଆଉ, ପଢ଼ିବା ବହିଟା ।"

"କଣ ଖାଇବା ହେ ଏନଜନିଅର ? ଡ଼ିନାର ତ ଡେରି ।"

"ମୁଁ ଆଣୁଛି ।" ରାଜାକୁ ନେଇ ଉମା ବାହାରି ଗଲା । ପାଞ୍ଚମିନିଟ ପରେ ଟ୍ରେ ଆସିଲା । ଦିଖଣ୍ଡ କରି ରୋହିମାଛର ଭଜା । ଶଙ୍କରର କଫି, ଚନ୍ଦ୍ରଶେଖରର ଚା ।

ମାଛରୁ ଖଣ୍ଡେ ପାଟିରେ ପକେଇ, ଆଖିବୁଜି ଚାକୁଲେଇଲା ଶଙ୍କର ।

"ଏ ସଉଖ କଉଠୁ ଶିଖିଲୁରେ ଉମି ?"

"ଗଡ଼ଜାତଅଙ୍କ ପାଖରୁ ।" ହସି କହିଲା ଉମା ।

"ଗଡ଼ଜାତଆଗୁଡ଼ା କନ୍ଦୁ ଭଲ ଖାନ୍ତି ।" ଶଙ୍କର ଉବାଚ ।

Digitized by srujanika@gmail.com

"ଶୁଣିଲ ?"

"ଉଁ ।" ମାଛଭଜା ଖାଉଛି ଶଙ୍କର । ଆଖି ଦିଟା ବନ୍ଦ, ଉପଭୋଗ କରୁଛି ସେ ।

"ସଙ୍ଗୀତମହୋତ୍ସବ ପରେ ମାନ ସାଙ୍ଗରେ ତୁମର ଦେଖା ହୋଇଥିଲା ଶୁଣିଲ ?"

ଆଖି ଖୋଲିଲା ଶଙ୍କର । ଚାହିଁଲା ଭଉଣୀ ମୁହଁକୁ ।

"ଯଦି କହେ ନା ।"

"ତାହେଲେ କହିବ ମିଛ କହୁଛ ।"

"ଯଦି ହଁ କହେ ।"

"ସେଇଆ ତ କହିବା କଥା ।"

"ତୁ ଯଦି ବୁଝିପାରୁଛୁ, ପଚାରିଲୁ କାହିଁକି ?"

"ଆମ ଘରେ, ବର୍ତ୍ତମାନ ଯେଉଁ ମାନ ରହୁଛି, ସେ ମାନକୁ କିଏ ବଦଳେଇ ଦେଇଛି ଏକାବେଳକେ । ସେ ତ ଆଉ ମାଟିରେ ନାହିଁ ଭାଇନା, ସେ ଆକାଶରେ ଉଡୁଛି । ତା ଆଖିରେ ଖୁସିର ଜୁଆର ଉଠୁଛି ।"

"ମାନେ ?" ଚନ୍ଦ୍ରଶେଖର ପଚାରିଲା । "କାହିଁର କାଠିର ସ୍ପର୍ଶ ।"

ହସିଲା ଶଙ୍କର । ସେଇ ସ୍ମାର୍ଟ ହସ । ଘର କମ୍ପମାନ ।

ପନ୍ଦର

ତହିଁ ଆରଦିନସାରା ଗୋଳମାଳରେ କଟିଲା । ଗାଁ ଯାକ ଲୋକ ନିମନ୍ତ୍ରିତ । ପୁଅର ପ୍ରତ୍ୟାବର୍ତ୍ତନରେ ଖୁସି ହୋଇ ଭୋଜି ଦେଉଛନ୍ତି ବାମଦେବ ଶତପଥୀ । ମାମୁ ସେପଟେ ରନ୍ଧାବଢ଼ା ଦେଖୁଛନ୍ତି । ଆମିଷ ପାଇଁ ଗୁହାଳରେ ଚୁଲି ଖୋଳା ହୋଇଛି । ନିରାମିଷ ଉଆସ ଜମା । ଖଳା ଲିପା ହୋଇଛି, ଖିଆପିଆ ସେଠି ହେବ । ଅତିଥି ଚର୍ଚ୍ଚାର ଭାର ଶଙ୍କର ଏବଂ ଚନ୍ଦ୍ରଶେଖର ଉପରେ । ଶମ୍ଭୁ ସେମାନଙ୍କୁ ସାହାଯ୍ୟ କରିବ ।

ଗୋଟାଏ ଚୌକିରେ ବସିଛି ରାଜା । ପୁରା କାଉବୟ । ସାହିସାରା ପିଲା ରୁଣ୍ଡ ତାଙ୍କ ଦୁଆରେ । ପିଲାମାନେ ଘେରିଥାନ୍ତି ରାଜାକୁ । ସେ ସେମାନଙ୍କୁ ଦେଖାଉଥାଏ ତାର ବେଶ ପୋଷାକ ।

Digitized by srujanika@gmail.com

ବଡ଼ବାପାଙ୍କ ପ୍ରଶ୍ନର ସଙ୍ଗେ ସଙ୍ଗେ ଆସ୍ତେ ଆସ୍ତେ ନିମନ୍ତ୍ରିତମାନେ ଆସିଲେ ।
ସମସ୍ତଙ୍କୁ ନମସ୍କାର କରି ବସେଇବାକୁ ପଡ଼ିଲା । ଆସିଲେନି ତାର ବଡ଼ବାପା ବା
ତାଙ୍କ ଘରୁ କେହି ।

ସମସ୍ତେ ଆନନ୍ଦରେ ଖାଇଲେ ଏବଂ ଶଙ୍କରକୁ ଆଶୀର୍ବାଦ କଲେ । ବଡ଼
ବାପାଙ୍କ ଘରକୁ ବୋଉ ଥାଳ ସଜେଇ ଆମିଷ ନିରାମିଷ ଭୋଜ୍ୟ ପଠେଇ
ଦେଲେ । ନେଇ ଯାଇଥିଲେ, ଉମା ଆଉ ମାନ । ମାନକୁ ଦେଖି ବଡ଼ମା
କହିଲେ, "କଲେ ମାନ ତୁ ଶୁଣ୍ଟା, ଧନସାଗର ଆସି ଧାନବୋହି ଘରେ ପଡ଼ିଛୁ
କାହିଁକି ? ମତଲବ କିଛି ଅଛି କିଲେ ?"

ମଣିଷ ଯେ ଏତେ ନିର୍ମମ ହୋଇପାରେ, ଉମା ଏଇ ପ୍ରଥମ ଦେଖିଲା ।
ମାନ ଗୋଟିଏ ମୁହୂର୍ତ୍ତ ପାଇଁ ବିବର୍ଣ୍ଣ ହୋଇଗଲା । ତାପରେ ଠିକ୍ ହୋଇଗଲା ।
ବାକ୍ୟବ୍ୟୟ ନ କରି ଦୁଇ ସଖୀ ଘରକୁ ଫେରିଲେ ।

ଖିଆଦିଆ ସରୁ ସରୁ ଦ୍ୱିପ୍ରହର ପାରେଇ ଗଲା । ଘରଦ୍ୱାର ସଫାସୁତୁରା
କରୁ କରୁ ବେଳ ବୁଡିଗଲା । ସଙ୍ଗାତମାଉସୀ ସନ୍ଧ୍ୟା ଆଗରୁ ଘରକୁ ଫେରିଲେ ।
ମାନକୁ ସାଙ୍ଗରେ ନେଇଗଲେ ।

ଧନସାଗର ପରିଭ୍ରମ ପରେ ଉମା ବସିଥିଲା ବାଡ଼ି ପିଣ୍ଡାରେ । ଆଜି
ରାତିରେ କାମଦାମ ବେଶୀ ନାହିଁ । ବାପା ଘରେ ନାହାନ୍ତି, ବଡେଇଙ୍କ ଘରେ
ପଶାଖେଳ ହେଉଛି, ସେଠିକି ଯାଇଛନ୍ତି । ଚନ୍ଦ୍ରଶେଖର ମାମୁକୁ ନେଇ ଯାଇଛି
ତାଙ୍କ ଗାଁକୁ । ଶମ୍ଭୁ ଏବଂ ରାଜା ଯାଇଛନ୍ତି ଗାଡ଼ିରେ । ଘରେ ଏକା ଭାଇନା ।

ମାନ ଘରକୁ ଯାଇଥିଲା, ଫେରିଲା । ଉମା ଡାକିଲା ତାକୁ—"ଆ,
ବସ ।" ମାନ ବସିଲା ଆସି ଉମା ପାଖରେ । ଦୁଇଜଣ ଚୁପଚାପ ।

"କଲେ, କଣ ଭାବୁଛୁ । ଭାଇନା କଥା ?" ଥଟ୍ଟା କଲା ଉମା ।

"ଯାଃ ।" ମାନ ତଳକୁ ମୁହଁ କଲା ।

"କାହିଁକି, ମିଛ କହିଲି ? ଭାଇନା ତ ସବୁବେଳେ ତନ୍ମୟ ତୋରି
ଚିନ୍ତାରେ । ଜାଣୁ, ଆଜି କଣ କହୁଥିଲେ ?"

ମାନ ମୁହଁ ଟେକି ଅନେଇଲା ଉମାକୁ ।

"ମୋତେ କଲିକତା ନେଇଯିବେ କିଛିଦିନ ପାଇଁ । ପ୍ରଥମ ପ୍ରଥମ ତୁ ସବୁ
ଠିକ୍ ପାରିବୁ ନ ପାରିବୁ ।"

Digitized by srujanika@gmail.com

"କେବେ ଯାଉଛ ତାହେଲେ ?" ମାନ ମୁଚକ ହସି ପଗ୍ଭରିଲା ।

"କିଏ ମୁଁ ?"

"ହଁ ।"

"ଆଗ ବାହାଘର ସରୁ ।"

ବାଡ଼ ପିଣ୍ଡାରୁ ଘର ଭିତରକୁ ଉଠିଲେ ଉମା ଆଉ ମାନ । ଅଗଣାରେ ପେଟ୍ରୋମାକ୍ସ ଜଳୁଛି । ଏମାନେ ଦେଖିଲେ ଏକ ବିଚିତ୍ର ଦୃଶ୍ୟ । ବୋଉ ଶୋଇଛନ୍ତି ପିଣ୍ଡା ଖଟରେ । ଶଙ୍କର ତାଙ୍କ ଗୋଡ ମୋଡି ଦଉଛି । ଏମାନେ ଚୁପଚାପ ହାଣ୍ଡିଶାଳ ମେଲାକୁ ଗ୍ଭଲିଗଲେ ।

"ବୁଝିଲୁନା ବୋଉ..." ଆରମ୍ଭ କଲା ଶଙ୍କର ।

"କଉ କଥା ବାପା ?"

"ଏଇମ, ଆମ ଗାଁ କଥା । ସମସ୍ତେ ଏଠି ଭଲ, କେବଳ ସେଇ ବଡ ବାପାଙ୍କ ଛଡା ।"

"କହ ନାହିଁ ବାପା ତାଙ୍କ କଥା ।"

"ସେଇ ସୁନାନାନୀଟାର ଅବସ୍ଥା କଣ ହୋଇଛି ?"

"ଆଉ କଣ ହବ । ଯେମିତି ଗୁଣ ? ଶଶୁର ଘରେ ଦଅରଙ୍କ ସାଙ୍ଗରେ ପଡ଼ିଲା ନାହିଁ । ପଳେଇ ଆସି ବାପଘରେ ପଶିଛି । ବାପ ତ ଶିଳପୁତା ଚପୁଡ଼ା । ଗଣ୍ଡେ ଖାଏ, ଖଣ୍ଡେ ପିନ୍ଧେ । ଘର କାମ କରେ ।"

"ଆଚ୍ଛା ବୋଉ । ଏମିତି ସବୁ ଅନ୍ୟାୟ ଆମ ସମାଜରେ ଅଛି । ମୋତେ ଭାରି ଖରାପ ଲାଗେ ।"

"ତୁ ଯେ ବହୁତ ପଢିଛୁ, ବହୁତ ଦେଖିଛୁ ବାପା । ତୋ ପରି ବିଦ୍ୱାନ ଏ ଖଣ୍ଡମଣ୍ଡଳରେ କିଏ ଅଛି ?"

"ଏଇ ଦେଖନା ଗୋଟାଏ କଥା । ଉମା ଆଉ ସଙ୍ଗାତମାଉସୀଙ୍କ ଝିଅ ମାନ, ଦୁହେଁ ଏକା ବୟସୀ, ନୁହେଁ ବୋଉ ?"

"ହଁ, ମାନଠୁ ଉମା ଦମାସର ବଡ ।"

ଉମା ଆଉ ମାନ ଉତ୍କର୍ଣ୍ଣ ହୋଇ ଶୁଣୁଥାନ୍ତି ।

"ଉମା ପାଖରେ ମାନକୁ ଦେଖିଲେ ମୋତେ ଭାରି ଖରାପ ଲାଗେ । ମୁଁ ବୁଝିପାରୁନି, କାହିଁକି ମାନକୁ ଗହଣା, ଶାଢି ପିନ୍ଧିବାକୁ ଦିଆଯାଉନି । ତାକୁ କାହିଁକି ଯୋର ଜବରଦସ୍ତି ଇମିତ—"

Digitized by srujanika@gmail.com

"ତାର ଅଦୃଷ୍ଟ ।"

"ଏଟା କଣ ଠିକ୍ କଥା ହେଲା ବୋଉ । କଏ ଗୋଟାଏ ପିଲା । ଯାହାକୁ ସେ ଜାଣିନ, ଶୁଣିନ—ତାକୁ ଦନେ ଆଣି ମାନ ସାଙ୍ଗରେ ବାହା କରଦେଲେ । ସେ ବାହାଘରର ଦାମ ବ କଣ ? ପନ୍ଦର ଷୋଳ ବର୍ଷ ପିଲା ସାଙ୍ଗରେ ବାର ତେର ବର୍ଷର ଝିଅର ।"

"ଆମ ଦେଶରେ ସେଇ ନିୟମ ଥିଲ ରେ । ଏବକାଳକୁ ବଦଳୁଛ ।"

"ସେଥିଲଗି ତ କହୁଛୁ । ତାପରେ ଦନେ ସେ ପିଲଟା ବୁଆଡ଼େ ଭାସିଗଲ ମହାନଦୀରେ । ମାନ ହାତରୁ କାଢ଼ି ନିଆଗଲ ଚୁଡ଼ିବଲା । କ ଅନ୍ୟାୟ । ସେ ବିଚରାର ଦୋଷ କଣ ? ସେ ପିଲଟା ଯେ କଏ ସେ ବ ଜାଣେନ ।"

"ସବୁ ବୁଝିଲି ଯେ । କନ୍ତୁ ନିୟମ ପାଳିବାକୁ ତ ହବ ।"

"ତୁ ଏ କଥା କହଲେ ହବନ ବୋଉ । ନିୟମ ମାନିଥିଲେ ମୋତେ ପ୍ରାୟଶ୍ଚିତ କରିବାକୁ ହୋଇଥାନ୍ତା । କନ୍ତୁ ମୁଁ ତ କଛି ପାପ କରନ ।"

"କଣ କହୁଛୁ ତୁ ?" ଉଠି ବସିଲେ ବୋଉ । "ଥାଉ ବାପା ମୋ ଗୋଡ଼ ତୁ କାହିଁକ ମୋଡ଼ୁ । ଆ ମୋ ପାଖକୁ ଆ ।"

ଶଙ୍କର ଘୁଞ୍ଚି ଆସି ବୋଉ କୋଡ଼ରେ ମୁଣ୍ଡ ରଖି ଶୋଇ ପଡ଼ିଲା । ବୋଉ ତା ମୁଣ୍ଡରେ ହାତ ବୁଲେଇ ଦବାକୁ ଲାଗିଲେ ।

"ମୁଁ କହୁଥିଲି କ ?" ପୁଣି ଆରମ୍ଭ କଲା ଶଙ୍କର । "ଇମିତ ସବୁ ଝିଅମାନଙ୍କୁ ଆଜକାଲି ବାହାକର ଦଉଛନ୍ତି । କଟକରେ ଜଣେ ଭଦ୍ରଲୋକ ଥିଲେ । ସେ ଇମିତ ଅନେକ ଝିଅଙ୍କୁ ବାହାକର ଦେଇଛନ୍ତି । ଏମାନଙ୍କୁ ସେ କହୁଥିଲେ—ବିଧବା ।"

"ତା ବାପ ମାନଙ୍କୁ ବାହା କରଦବ ବୋଲି ମନ କରଥିଲା ତ । ଝିଅଟା ରାଜି ହେଲାନ ।"

"କାହିଁକ ବୋଉ ?"

"ମୁଁ କମିତ ଜାଣିବ ବାପା ?"

"ବଡବାପାଙ୍କ କାରସାଦ କଛି ଥିବ ସେଥିରେ ?"

"ହୁଁ । ସେ ତ ଶୁଣି ଗର୍ଜନ କର ଉଠିଲେ ।"

"ତାହେଲେ ! କନ୍ତୁ ତୁ ଯାହା କହ ବୋଉ, ତାକୁ ଉମା ପାଖରେ ଦେଖିଲେ ଭାର ଖରାପ ଲାଗେ ।"

Digitized by srujanika@gmail.com

"ସେ କଥା ତୁ ମତେ କଣ କହୁଚୁ ବୁଢ଼ା । ତାକୁ ଦେଖିଲେ ମୋ ଗୁହରୁ ଦ୍ୱଲକ ଶୁଖିଯାଏ । ହତଭାଗୀ ଝିଅଟାର କ ବଢ଼ିଆଲ ଚେହେର । ତା ବୋଉ ତ ଖିଆପିଆ ଗୁଡ଼ୁଛୁ ତା ପାଇଁ ।"

ଉମା ଚମୁକିଲ ମାନକୁ । ଚମକ ପଡ଼ଲ ମାନ । ତା ପରେ ତଳକୁ ମୁହଁ କର ନଖରେ ମାଟି ଉପରେ ଗାର କାଣିବାକୁ ଲଗିଲ ।

"ଆଛା ବୋଉ । ମାନତ ମାଛ ଖାଉ ନ ଥିବ ?"

"କମିତ ଖାଇବ ?"

"ସେ ଏକାଦଶୀ କରେ ?"

"କେଜାଣି କରୁଥିବ । ତୁ ତା କଥା କହନ ବାପା ।" ବୋଉ ଆଖି ପୋଚୁଲେ ।

"ବୋଉ ।"

"କଣରେ ବୁଢ଼ା ।"

"ଏ ଅନ୍ୟାୟକୁ ତୁ ପ୍ରଶ୍ରୟ ଦବୁ ?"

"କଉ କଥା କହୁଚୁ ବାପା ?"

"ଏଇ ମାନକୁ ଜବରଦସ୍ତି ମାଛ ଖାଇବାକୁ ନ ଦେବା, ଏକାଦଶୀ କରେଇବା ।"

"ମୁଁ କଣ କରିବ କହ ।"

ବୋଉର ହାତଟା ଆଣି ନଜ ଗାଲ ଉପରେ ରଖିଲ ଶଙ୍କର ।

"ବଦଳେଇବାକୁ ହବ ବୋଉ, ଏଇ ସମାଜକୁ । ତୁ ତ ବୁଝୁଚୁ, ମାନପ୍ରତ ଏଗୁଡ଼ା ଅତ୍ୟାଚ୍ୟର । ତା ହେଲେ କାହିଁକ ପ୍ରତକାର କରିବୁନ ?"

"ମୁଁ କଏରେ ବୁଢ଼ା ? ମୁଁ କଣ କର ପାରିବ ?"

"ତୁ ଅନେକ କଛୁ କର ପାରବୁ । ତୁ ମୋତେ କହନା, ମାନର ଚୁଡ଼ିଗହଣା ପିନ୍ଧିବା ଉଚତ କ ନା ?"

ହସିଲେ ବୋଉ । କହୁଲେ—"ହେଲ ଏବେ ।"

"ସେ ମାଛ ଖାଇବ ଏବଂ ଏକାଦଶୀ କରିବନ ।"

"ହଉ ।"

Digitized by srujanika@gmail.com

"ତା ହେଲେ ବୁଝୁଛୁ ଏଗୁଡା ଅନ୍ୟାସ୍ତ । ଗୋଟିଏ ନିର୍ଦ୍ଦିଷ୍ଟ ଝିଅ ଉପରେ ଅତ୍ୟାଗ୍ଭର । ସତରେ କହ ବୋଉ, ମୋ ଦେହ ଛୁଇଁ ।"

"ପାଗଳୀ ।" ତା ମୁଣ୍ଡରେ ହାତ ରଖି ଆଶୀର୍ବାଦ କଲେ । "ହେଲା, ତୋ କଥାରେ ମୁଁ ରାଜି ।"

"ତାହେଲେ ତାକୁ ଶାଢ଼ି ଚୂଡ଼ି ପିନ୍ଧା ।"

"ମୁଁ ବ ଗ୍ଭବୁଥିଲରେ ବୁଢ଼ା । ତା ମୁହଁକୁ ଗ୍ଭହିଁଲେ କୋହ ଉଠେ । ବଡ ଭଲ ଝିଅଟା । ଏଇଠି, ମୋର ପାଖରେ ତ ଥାଏ । ତୁ ଆସିଲାଦନୁ କେବଳ ଶୋଇବାବେଳ ଛଡା ସବୁବେଳେ ତ ଏଠି । ଉମାକୁ ରନ୍ଧା ବଢ଼ାରେ ସାହାଯ୍ୟ କରୁଛ । କ ବଳ ତା ଦେହରେ । ଦଶସେର ଗ୍ଭଉଳର ଭାତହାଣ୍ଡି ଆଜି ଓହ୍ଲେଇ ଆଣିଲା ସେ । ଉମା ପାଖରେ ତାକୁ ଦେଖିଲେ ମନ କଣ ହୋଇଯାଏ । ମୋ ଝଗାଡଙ୍କ ଝିଅ । ଗ୍ଭବୁଥିଲି ଭଲ ଦନ ଦେଖି ତାକୁ ଶାଢ଼ି ଚୂଡ଼ି ପିନ୍ଧେଇ ଦେବ । ଯେ ଯା କହିବ କହୁଥାଉ । ତା ବୋଉକୁ ବ ରାଜି କରେଇଛୁ ।"

"ଆଜି ତାକୁ ପିନ୍ଧଉନୁ ବୋଉ । ଆଜି ତ ପ୍ରଥମାଷ୍ଟମୀ । ଭଲଦନ । ମୁଁ ଯେତେବେଳେ ନୂଆଲୁଗା ପିନ୍ଧି ଠାକୁରଘରେ ବସିଥାଏଁ, ସେ ବସ୍ତ୍ର ମୁହଁ ଶୁଖେଇ ଠିଆହୋଇ ଅନେଇଥାଏ ।"

କଥାଟା ଯେ ସମ୍ପୂର୍ଣ୍ଣ କପୋଳକଳ୍ପିତ, ଏକଥା କହିବା ନିଷ୍ପ୍ରୟୋଜନ । ଉମା ଓ ମାନି ମୁଁହ ଗ୍ଭହାଁଗ୍ଭହିଁ ହେଲେ ।

"କାହିଁକି, ତା ବୋଉ, ତା ପାଇଁ ନୂଆଲୁଗା କରନ ?"

"ମୁଁ ଜାଣିବ କମିତ ?"

"ବୁଢ଼ୀ, ବୁଢ଼ୀ ଅଛୁକଲେ ?" ଡାକଲେ ବୋଉ ।

ହାଣ୍ଡିଶାଳରୁ ଜବାବ ଦେଲା ଉମା—"ଯାଉଛ ବୋଉ" । ଆସି ଠିଆହେଲା ସେ ।

"ମାନି ଅଛନା ଗଲାଣି ?"

"ଅଛ ।"

"ଡାକିଲୁ ତାକୁ ।"

ମାନି ଆସି ଠିଆହେଲା ଉମା ପଛରେ ।

Digitized by srujanika@gmail.com

"ଏଠିକି ଆସିଲୁ ମା, ମୋ ପାଖକୁ ?" ମାନ ଠିଆହେଲା ବୋଉଙ୍କ ପାଖରେ । ବୋଉ ଦେଖିଲେ ତାର ପିନ୍ଧିଥିବା ଲୁଗାଟା । "ଦେଖିଲୁ ସଙ୍ଗାତର ଅକ୍‌କଲ । ଆଜି ପଞ୍ଚୁଆଁ ଅଷ୍ଟମୀ । ଏତେବଡ ଦିନଟାରେ ଗୋଟିଏ ବୋଲି ଝିଅ, ତାକୁ ଲୁଗାଖଣ୍ଡେ ବି ଦେଲାନି । ବୃନ୍ଦୀ, ଯାଲୁ ସେ ଶାଢ଼ିଟା ଆଣିଲୁ ।"

"କଉ ଶାଢ଼ିଟା ବୋଉ ?"

"ସେଇଟା ମ । ତୋ ଭଉଣୀ ଆଣିଛି ମାନ ପାଇଁ । ଆଉ ଶୁଣ, ସେଇ ଆଲମାରି ତଳ ଥାକରେ ଗୋଟାଏ କାଗଜ ବାକ୍‌ସରେ ଗୁଡ଼ାଏ କାଚ ଚୁଡ଼ି ଅଛି, ଆଣିବୁ ।"

ଶାଢ଼ି ଚୁଡ଼ି ଆସିଲା । ମାନକୁ ନିର୍ଦ୍ଦେଶ ଦେଲେ ବୋଉ, "ଯା ମା, ବୃନ୍ଦୀ ତୋତେ ପିନ୍ଧେଇ ଦେବ । ଖାଲିହାତ କରି ତୁ ମୋ ଆଗକୁ ଆସିବୁ ନାହିଁ, ଯା ।"

ଉମା ଶାଢ଼ି ଆଉ କାଚ ଧରି ମାନକୁ ଡାକି ନେଇଗଲା ଷ୍ଟୋର ଶାଳକୁ । ଶଙ୍କର ବସି ବସି ଦେଖୁଥାଏ ସବୁ । କିଛିକ୍ଷଣ ପରେ ଉମା ମାନକୁ ନେଇ ଫେରିଲା । ମାନ ପିନ୍ଧିଛି ସେଇ ସିଲ୍‌କର ଛିଟଟା । ଯୋଡ଼େଇ ହୋଇଛି ସ୍କାର୍ଫ । ଦୁଇ ହାତରେ ଗୋଛାଏ ଲେଖା କାଚଚୁଡ଼ି ପିନ୍ଧେଇଛି ତାକୁ ଉମା । ମାନ ଆସି ସାଷ୍ଟାଙ୍ଗ ପ୍ରଣାମ କଲା ତା ବୋଉକୁ । ଶଙ୍କର ସେଇ ଉଜ୍ଜ୍ୱଳ ଆଲୁଅରେ ଦେଖିଲା ମାନ ଆଖିରେ କୃତଜ୍ଞତାର ଅଶ୍ରୁ । ଉମା ଭଉଣୀକୁ ଚାହିଁ ହସୁଥାଏ । ତାପରେ ଦୁହେଁ ଫେରିଲେ ଷ୍ଟୋର ଶାଳକୁ ।

ପୁଣି ଆରମ୍ଭ କଲା ଶଙ୍କର ।

"ବୋଉ ।"

"କଣ ?"

"ମାନକୁ ବାହାକରି ଦେବାକୁ ହେବ । ମୁଁ ସେଇ କଟକର ଭଦ୍ରଲୋକଙ୍କୁ ଚିଠି ଲେଖିବି, ତା ପାଇଁ ଗୋଟିଏ ବର ଠିକ୍ କରି ଦେବେ ।"

"ଲେଖ୍ । ହେଲେ ତ ଭଲ କଥା । ଏଇ ନୂଆନ ଝିଅକୁ ଘରେ ରଖି, ତା ବାପମାଙ୍କ ଆଖିରେ ତ ନିଦ ନାହିଁ ।"

"କିନ୍ତୁ ସେମାନେ କିଛି କରି ପାରିବେନି ବୋଉ । ତୁ ଯଦି ଭରସା ଦଉ, ସବୁ ହେବ ।"

"ମୁଁ କଣ ମନା କରୁଛି ? ଶୁଣ କଥା ପୁଅର । ଜିରେ ଝିଅଟା ଘୁଞ୍ଚରେ ରହୁ, ଏକଥା ମୁଁ କଣ ଚାହୁଁନି ।"

Digitized by srujanika@gmail.com

"ତାହେଲେ ତୁ ରାଜା ?"

"କଉଥିରେ ?"

"ମାନର ବାହ୍ୱାଘର କଣଦବା ।"

"ହଉ ।" ବୋଉ ହସିଲେ ।

"ସତ କହୁଛୁ ବୋଉ ?" ଶଙ୍କର ଆଖିରେ ସନ୍ଦେହ ।

"ହଁରେ ବୁଢ଼ା, ତୁ ବର ଠିକ୍‌କର ।"

"ସେ ଭାର ମୁଁ ନେଲି । ଆଚ୍ଛା, ବାପା ରାଜି ହେବେ ତ ?"

"କାହଁକି ହେବେନି ? ସେ ତ ଆଉ ବଡ଼ବାପା ନୁହନ୍ତି ।"

"ତୁ ତାଙ୍କୁ ବୁଝେଇ ସୁଝେଇ ରାଜି କରେଇବୁ ।"

"ହଉ ହେଲା ।"

"ଆଚ୍ଛା, ଧର ବର ଠିକ୍ ହେଲା । ବାହ୍ୱାଘର ହବ କେମିତି ?"

"କାହିଁକି ଅସୁବିଧା କଣ ?"

"ଟଙ୍କା । ସଙ୍ଗାତମଉସା ତ ଭାରି ଗରିବ । ସେ କଣ ଖର୍ଚ୍ଚ କରି ପାରିବେ ?"

"ମୁଁ ଟଙ୍କା ଦେବି । ତୁ ତ ମୋର ଅଛୁ, ଭାବନା କଅଣ ?" ତା ଆଡ଼କୁ ଅନେଇ ହସିଲେ ବୋଉ ।

କୁଣ୍ଢେଇ ପକେଇଲା ଶଙ୍କର ବୋଉଙ୍କ ଗୋଡ଼ଦିଟା । "ମୋର ସବୁଠୁଁ ଗପର କଥା କଣ ଜାଣୁ ବୋଉ, ମୁଁ ତୋର ପୁଅ ।"

"ପାଗଳା ।" ହସି ହସି କହିଲେ ବୋଉ ।

ଠିଆହୋଇ ପଡ଼ିଲା ଶଙ୍କର । ତାର କାମ ସରିଗଲା । ପାଟିକରି ଡାକିଲା "ଉମି" ।

"ଇୟେସ ସାର ।"

"Black coffee with lemon"

ନିଜ ଘରକୁ ଆସି ବିଛଣାରେ ଚିତ୍ ହୋଇ ଶୋଇ ପଡ଼ିଲା ଶଙ୍କର । ଗୁଣ ଗୁଣ କରି ଗାଇଲା,......

Digitized by srujanika@gmail.com

"ତୁମ ଅଧରର ମଧୁ ମୋ ମନକୁ ମଦର କରୁଛି ସଖୀ, ତୁମ ବକ୍ଷର ପରଶ ମୋର ସ୍ନାୟୁକୁ ଅସାଡ଼ କରୁଛି । ତୁମର ପ୍ରେମ ଅଫିମ ପରି—ରକ୍ତ ସଞ୍ଚାଳନର ଗତିକୁ ସ୍ତିମିତ କରେ ।"

ଉମା ପାଣି ଆସିଲା କଫି ନେଇ । ତାପରେ ଓଠ ଲଗେଇଲା ଶଙ୍କର । ଦେଖିଲା ଉମା ତା ଆଡ଼କୁ ଅନେଇ ମୁଚକି ମୁଚକି ହସୁଛି । ତାକୁ ପଚାରିଲା— "ହସୁଛୁ ଯେ ଖୁବ !"

"ମାନି ସ୍ୱାକୁ କହୁଥିଲା, ତୁମ ସାହେବ ମାମୁଙ୍କର କାଉଁରୀ କାଠି ଅଛି । କଥାଟା ସତ । ମାନି ତୁମକୁ ମୋଠୁ ବେଶୀ ଚାହେଁ ।"

"ଯାଃ !"

"ହଁ ଖୁଇନା । ତୁମେ ମେଜିକ୍ ଜାଣ ।"

"ମେଜିକ୍ ଦରକାରରେ ଉମି । ବଞ୍ଚି ରହିବାରେ ବହୁତ ମେଜିକ୍ ଅଛି ।"

"ମାନିକୁ ନୂଆବୋହୂ ବୋଲି ଡାକିବ ତ ?"

"ଖବରଦାର । ଘୁଣାକ୍ଷରରେ ବାପା ବୋଉ ଜାଣିବେନି । ତାହେଲେ ସରିଗଲା ।"

"କଣ କେମିତି ହବ ତାହେଲେ ?"

"ଗୋଟାଏ ରାତି ମୋତେ ଭାବିବାକୁ ଦେ ।"

ଷୋହଳ

ଆଗଦିନରୁ ପ୍ରୋଗ୍ରାମ ହୋଇଛି, ପୁଅ, ଝିଅ, ବୋଉ, ମାମୁ ଘରକୁ ଯିବେ । ମାମୁଙ୍କ ଗାଁ ଟା ପାଖରେ-ତିନିମାଇଲ ବ୍ୟବଧାନ ମାତ୍ର । ପ୍ରାତଃରାଶ ପରେ, ବୋଉଙ୍କ ଗାଡ଼ିରେ ସେଠିକି ଯିବେ ସମସ୍ତେ । ସେମାନଙ୍କୁ ସେଠି ଛାଡ଼ି ବୋଉ ଯିବେ କଟକ । ଅଫିସ କାମସାରି ଫେରିବେ ସେଇ ମାମୁ ଘରକୁ । ସେଠି ମଧ୍ୟାହ୍ନ ଭୋଜନ । ତାପରେ ଉପରବେଳା ସମସ୍ତେ ଗାଁକୁ ଫେରିବେ ।

ସକାଳୁ ଉଠି ଚନ୍ଦ୍ରଶେଖର ଗଲେ ଗାଡ଼ିର ତଦାରଖରେ । ଗାଡ଼ିରେ କଣ ଟିକିଏ ଗୋଳମାଳ ହୋଇଛି । କାଲି ରାତିରେ ମାମୁଙ୍କୁ ଛାଡ଼ି ଫେରୁଥିବା ବେଳେ ସେ ଜାଣିଲେ । ସୁତରାଂ ଗାଡ଼ିଟାକୁ ଠିକ୍ କରିବା ଦରକାର । ସ୍ୱାଜା ଗଲେ ତା ସାଙ୍ଗରେ । ଶମ୍ଭୁକୁ ବୋଉ ପଠେଇଛନ୍ତି ସଙ୍ଗୀତ ମାଉସୀକୁ ଡାକିବାକୁ ।

Digitized by srujanika@gmail.com

ଉମା ହାଣ୍ଡିଶାଳରେ ପ୍ରାତଃଭୋଜ ତିଆରି କରିବାରେ ବ୍ୟସ୍ତ । ମାନି ଆଜି ଏପର୍ଯ୍ୟନ୍ତ ଆସିନି । ତାକୁ ଡାକି ପଠେଇବ କି ନା ଭାବୁଛି ସଙ୍ଗାତମାଉସୀ ଓ ତାଙ୍କ ପଛେ ପଛେ ମାନି ଆସି ପହଞ୍ଚିଲେ । ମାନିକୁ ଅନେଇଲା ଉମା— ସାଲଙ୍କୃତା ହୋଇ ଆସିଛି ସେ । କାଲି ରାତିର ଶାଢ଼ିଟା ଅବଶ୍ୟ ପିନ୍ଧିନି । ପିନ୍ଧିଛି ଖଣ୍ଡେ ସମ୍ବଲପୁରୀ ଶାଢ଼ୀ । ସ୍କାର୍ଫଟାକୁ ଘୋଡେଇ ହୋଇଛି ମୁଣ୍ଡ ପର୍ଯ୍ୟନ୍ତ । ଟିକିଏ ଲାଜ ଲାଜ ହୋଇ ଆସି ଉମା ହାତରୁ କାମ ଛଡେଇ ନେଲା । ସଙ୍ଗାତ-ମାଉସୀ ଗଲେ ବୋଉ ପାଖକୁ । ଉମା ଅନେଇ ରହିଲା ମାନି ମୁହଁକୁ । ଏ ଚେହେରା ତାର ସେ ଦେଖି ନଥିଲା । କି ଆଶ୍ଚର୍ଯ୍ୟ ସୁନ୍ଦର ଏ ଝିଅଟା । ଅଥଚ ଅନ୍ୟାୟ ବୈଧବ୍ୟର କଠୋର ନିୟମ ତାକୁ କୁତ୍ସିତ କରି ରଖିଥିଲା । କାମ କରୁ କରୁ ମାନି ଚାହିଁଲା ଉମାକୁ । ଦେଖିଲା ସେ ତା ମୁହଁକୁ ଅନେଇ ବସିଛି । ଲାଜରେ ତଳକୁ ମୁହଁ କରି ସ୍କାର୍ଫଟାକୁ ଟାଣି ଆଣିଲା ମୁହଁ ଉପରକୁ ।

"ଯେ କଣ ?"

"ଯାଃ ।"

"ସତରେ ମାନି । ତୁ କେତେ ସୁନ୍ଦର ତୁ ଜାଣୁନି । ଏ ଗାଁ ତ ଗାଁ କଟକରେ ତୋ ରକମ ଝିଅ ମୁଁ ଦେଖିନି । ଭାଇନାଙ୍କ ଭଳି ଲୋକ, ଲକ୍ଷ ଲକ୍ଷ ଝିଅ ଦେଖିଛନ୍ତି ସେ ଇଉରୋପରେ, ଆମେରିକାରେ— ସେ ଆସି ଧରା ଦେଲେ ତୋରି ପାଖରେ । ଆଉ ତୁ ସେ ସୁନ୍ଦର ମୁହଁଟା ଲୁଚଉଛୁ ।"

ଜୋର କରି ଖୋଲିଦେଲା ଉମା ମାନି ମୁହଁ ଉପରୁ ସବୁ ଆବରଣ । ଲାଜରେ ମାନିର ଆଖି ବୁଜିଗଲା । ସେ ଆଖି ଖୋଲି ଦେଖେ, ଉମା ମୁରୁକି ମୁରୁକି ହସୁଛି ତାରି ଆଗରେ ବସି, ଆଉ ଉମା ପଛରେ, ଅଳ୍ପ ଦୂରରେ ଠିଆ ହୋଇଛି ଶଙ୍କର । ମୁହଁ ତାର ଅନୁରାଗରେ ଲାଲ । ଦାଢ଼ି କାଟି ସାରି ଗାଧୋଇବାକୁ ଯାଉଛି ସେ । କାନ୍ଧରେ ତାର ତଉଲିଆ, କାନରେ ସାବୁନ ଫେଣ ।

ଲାଜରେ ମାଟିରେ ମିଶିଗଲା ମାନି । ଝରଝର ହୋଇ ହସି ଉଠିଲା ଉମା । ନମ୍ର କଣ୍ଠରେ କହିଲା—"ଦେଖିଲ ଭାଇନା ? ମନ ମାନିଲା ? ଇମିତି ଝିଅ ଦେଖିଥିଲ ଆଗରୁ ?"

କିଛି ଉତ୍ତର ନ ଦେଇ ଶଙ୍କର ଗାଧୁଆ ଘରକୁ ଚାଲିଗଲା ।

ଗାଧୋଇ ସାରି ଫେରିବା ବାଟରେ ବାପାଙ୍କ ଶୋଇବା ଘରୁ ଶୁଣିଲା ସେ, ବୋଉ କହୁଛି—"ମୁଁ ସବୁ ଜାଣେ ସଙ୍ଗାତ । ମୋତେ କିଛି ଅଜଣା ନାହିଁ ଯେ ।

Digitized by srujanika@gmail.com

ହେଲେ, ଏ ଜୁଆନ ଝିଅକୁ ସମ୍ଭାଳି ରଖି ପାରିବ ତ ? ଯଦି ସେ ଘରୁ ବାହାରିଗଲା । କୁଳରେ କାଳି ଦେଲା ସେତେବେଳେ କଣ କରିବ ?"

"ମୁଁ କଣ କରିବି କୁହ ?" ଅଶ୍ରୁସିକ୍ତ କଣ୍ଠ ସଙ୍ଗୀତମାଉସୀଙ୍କର ।

"ବାହା କରିଦିଅ । ଭଲ ପାତ୍ରଟିଏ ଦେଖି ଦେଇଦିଅ ଶୀଘ୍ର ।" ବାପା କହିଲେ ।

"ସଙ୍ଗୀତ କହୁଥିଲେ, କଟକରେ କିଏ ଅଛନ୍ତି । ସେ ବର ଠିକ୍ କରି ଦେବେ ।" ବୋଉ କହିଲା ।

"ହଁ ବୈରାଗୀ ମିଶ୍ରେ । ଲଗ୍ନ ଯାଉ, ବୁଝା ବୁଝି କରୁ ।" ବାପାଙ୍କ ଉକ୍ତି । "ହଁ ଆଉ ଶୁଣ । ମାନିର ବାହାଘର ଖର୍ଚ୍ଚ ମୁଁ ଦେବି । ସେ ଯିମିତି ପଳେଇ ନ ଯାନ୍ତୁ ।" ବୋଉର ଶେଷ ନିଷ୍ପତ୍ତି ।

ଚୁପ୍‌ଚାପ ସେ ସ୍ଥାନ ତ୍ୟାଗକଲା ଶଙ୍କର । ବୋଉ ତାର କଥା ରଖିଛି । ଖୁସି ହୋଇ ପାଟିକଲା—"ଉଉଉ ମିଇଇ" ।

"ଆସୁଛି ଭାଇନା"—ଜବାବ ଦେଲା ଉମା ହାଣ୍ଡିଶାଳରୁ ।

ଶଙ୍କର ଦେଖିଲା ଆଖି ପୋଛୁ ପୋଛୁ ସଙ୍ଗୀତ ମାଉସୀ ବାପାଙ୍କ ଶୋଇବା ଘରୁ ବାହାରି ଆସିଲେ । ହାଣ୍ଡିଶାଳ ମେଲରେ ଟିକିଏ ଠିଆ ହେଲେ । ତା ପରେ ଧୀରେ ଧୀରେ ବାଡ଼ି ଦୁଆର ଦେଇ ନିଷ୍କ୍ରାନ୍ତ ହେଲେ ।

ପୋଷାକ ପିନ୍ଧୁଥାଏ ଶଙ୍କର । ଖଟରେ ବସି ପେଣ୍ଟଟା ଗଳଉଥାଏ ଗୋଡ଼ରେ । ତା ଘରକୁ ପଶି ଆସିଲା ଉମା । ହାତରେ ପ୍ରାତରାଶ । ତା ପଛରେ ଆଉ ଗୋଟାଏ ଟ୍ରେ ହାତରେ ମାନି । କଥା କଣ । ଖୁସି ହୋଇ ଶଙ୍କର ଚାହିଁଲା ଉମା ମୁହଁକୁ । ଟୁଲଟାକୁ ଗୋଡ଼ରେ ଠେଲି ଶଙ୍କର ଆଗକୁ ରଖି ଉମା କହିଲା—"ରଖ୍ ଏଠି ।" ଶଙ୍କରର ନିର୍ବାକ ପ୍ରଶ୍ନର ଉତ୍ତର ଦେଲା, "ମୁଁ ତାଙ୍କୁ ଦେଇ ଆସେ । ଗାଡିର କଣ ଖୋଲିଛନ୍ତି ଯେ ଦାଣ୍ଡ ଘରେ ବସି ମରାମତି କରୁଛନ୍ତି । ସେଠି ଦେଇ ଆସିବି ।"

ବାହାରି ଯାଉଁ ଯାଉଁ ମାନିକୁ କହିଲା, "ବସିଥିବୁନି । ମୁଁ ଆସିଲେ ଦିଜଣ ଯିବା ।"

ଧୀରେ ଧୀରେ ନଇଁପଡ଼ି ଟ୍ରେଟା ଟୁଲ ଉପରେ ରଖିଲା ମାନି । ଉଠିଲା ବେଳକୁ ଦେଖିଲା ଶଙ୍କର ଚାହିଁଛି ତାକୁ—ମୁହଁରେ ଗୋଟାଏ ମିଠା ହସର ରେଖା । ପଳେଇ ଯିବ ବୋଲି ବାହାରୁଛି, ଧରି ପକେଇଲା ଶଙ୍କର ତା ହାତ ।

Digitized by srujanika@gmail.com

"ଉହୁଁ । ଠିଆ ହୁଅ ।"

ଠିଆହେଲା ମାନ । ଘୃଣଆଡ଼କୁ ଅନେଇଲା ।

ଶଙ୍କର ପଚାରିଲା—"ଡ଼ର ମାଡୁଛି ? କେହି ନାହିଁ ମୋ ଛଡ଼ା ।"

ଟ୍ରେକୁ ଅନେଇଲା ଶଙ୍କର, ଟାଇଟା ବାନ୍ଧୁ ବାନ୍ଧୁ । ପରଟ, ଟୋଷ୍ଟ, ଅଣ୍ଡାର ଫ୍ରାଇ, ବିସ୍କୁଟ, କଦଳୀ । ବଡ଼ ଗ୍ଲାସଟରେ ପରଟ ଉଠେଇ ମାନର ପାଟି ପାଖକୁ ନେଇଗଲା । ମୁହଁ ବୁଲେଇ ନେଲା ମାନ ଲାଜରେ ।

"ତୁମେ ନ ଖାଇଲେ, ମୁଁ ବି ଖାଇବିନି ।" ଠିଆ ହେଲା ଶଙ୍କର ।

ଡ଼ରଯାଇ, ମାନ ସ୍ଥିର ହୋଇ ଠିଆ ହେଲା । ପରଟର ଗ୍ଲାସଟା ପୁଣି ଉଠେଇଲା ଶଙ୍କର,—"ଆଁ କର ?"

ମାନ ଆଁ କଲା । ଗ୍ଲାସଟରୁ ଖାଦ୍ୟ ଢ଼ାଳି ଦେଲା ମାନ ପାଟିରେ । ପକେଟରୁ ରୁମାଲ କାଢ଼ି ପୋଛି ଦେଲା ମାନର ପାଟି । ତା ପରେ ବସିପଡ଼ି ପ୍ଲେଟରୁ ପରଟ ନେଇ ଖାଇବାକୁ ଗଲାରୁ ମାନ ଧରି ପକେଇଲା ତା ହାତ । ରୁଦ୍ଧ କଣ୍ଠରେ କହିଲା, "ଅଇଁଠା ଗ୍ଲାସଟା ।"

ହସିଲା ଶଙ୍କର । ବାଁ ହାତରେ ମାନର କଟିଦେଶ ଧରି ଟାଣି ତାକୁ ବସେଇଲା ପାଖରେ ଓ କ୍ଷିପ୍ର ହସ୍ତଚାଳନାରେ ପରଟ ପ୍ଲେଟଟା ସାରି ଦେଲା ।

ଉମାର ପଦଶବ୍ଦ ପାଇ ଠିଆ ହୋଇପଡ଼ି ଘୁଞ୍ଚିଗଲା ମାନ । ଉମା ପଶିଲା ।

"ଉମି ।"

"କଣ ଭାଇନା ?"

"ତୁ ତ ଜଳଖିଆ ଖାଇ ନଥିବୁ । ଆ ଖାଇବା । ଚେୟାରଟା ଟାଣିଆଣ ?"

"ନା ନା, ତୁମେ ଖାଅ । ମୁଁ କଣ ଏକୁ ଖାଏଁ ।"

"କାହିଁକି, ଏଗୁଡ଼ା କଣ ଅଖାଦ୍ୟ ?"

"ସେକଥା ନୁହେଁ । ଏକୁ କଣ ଖାଇ ପାରିବା ଆମେ ?"

"ହଉ ଆଜ ଦିନଟା ଖା ।"

ଉଠିପଡ଼ି ଚେୟାରଟା ଟାଣି ଆଣି ବସେଇଲା ଉମାକୁ । ମାନର ଅବସ୍ଥାକୁ ଲକ୍ଷ୍ୟ କରୁଥାଏ ଉମା । ଭାଇନାର କଣ ମତଲବ ? ଟୁଲ ଉପରୁ ଭେଲ୍‌ପେଟା ଉଠେଇ ସେଥିରେ ଶଙ୍କର ବସିଲା ନଜେ ।

Digitized by srujanika@gmail.com

"ତୁମେ ପଲଙ୍କରେ ବସ ଖାଇନା ।" ଉମା କୁଣ୍ଠିତ ହେଲା ।

"ଆମେ ତ ଘରଲୋକ । ପଲଙ୍କଟା ସମ୍ମାନିତ ଅତିଥି ପାଇଁ ।" ମାନ ଆଡ଼କୁ ଚାହିଁ ହସିଲା ଶଙ୍କର । ବାଧ୍ୟହୋଇ, ସଙ୍କୋଚରେ ବସିଲା ମାନ, ପଲଙ୍କରେ ।

ଅଣ୍ଡାର ଫ୍ରାଇଟାକୁ ଛୁରିରେ କାଟି ତିନିଖଣ୍ଡ କଲା ଶଙ୍କର । କଣ୍ଟାରେ ଉଠେଇ ଉମାକୁ କହିଲା "ଆଁ କର ?" ତା ପାଟିରେ ଦେଲା ଖଣ୍ଡେ । ଦ୍ୱିତୀୟ ଖଣ୍ଡକୁ କଣ୍ଟାରେ ଧରିଲାବେଳକୁ, ଠିଆହୋଇ ପଡ଼ିଲା ମାନ । ବାଁ ହାତରେ ତାର ହାତଟାକୁ ଧରି ଏମିତି ଚାପିଦେଲା ଯେ ମାନ ବସିପଡ଼ିଲା । ଶଙ୍କର କଣ୍ଟାଟାକୁ ନେଇଗଲା ମାନ ପାଖକୁ । ମାନ ଆଖି ବୁଜିଦେଲା । "ଆଁ କର ?" ଆଦେଶ ଅବହେଳିତ ହେଲା ।

"କେମିତି ଜିଦଖୋର ଦେଖୁଛୁ । ଓପାସ କରି କରି ଇମିତି ହେଉଛୁ । ଆଁ କର ମାନ ?" କହିଲା ଶଙ୍କର ଆଉଥରେ । ମାନ ଅନିଚ୍ଛାରେ ଆଁ କଲା । ଅଣ୍ଡାକୁ କଣ୍ଟାରୁ କାଢ଼ି ତା ପାଟିରେ ପୂରେଇ ଦେଲା ଶଙ୍କର । ତାପରେ ନିର୍ବିକାର ଚିତ୍ତରେ ଖାଇବାକୁ ଲାଗିଲା ।

କଫି ଖାଇବୁ ତୁମି ?"

"ମୋତେ ଭଲ ଲାଗେନି ।"

"ତୁ କଫିଖାଇ ଜାଣିନୁ । ଆଉ ଦିଟା ପାନି ଆଣ । ମୁଁ କଫିକରି ଦଉଛି, ଖା । ତାପରେ କହିବୁ ।"

ଉମା ଉଠିଲା କାପ୍ ଆଣିବାକୁ । ମାନ ବି ଉଠିଲା ।

"ଦିଜଣ ଯିବା ଦରକାର ପଡ଼ିବ, କାପ୍ ଆଣିବାକୁ ?"

"ନା, ମୁଁ ଯାଉଛି ନେଇ ଆସିବ । ମାନ ଥାଉ ।" ଉମା ବାହାରି ଗଲା ।

"ତୁମେ କଣ କରୁଛ", ମାନ ଆଖିରେ ମିନତି । "ଉମା କଣ ଭାବିବ ?"

ପାଉଁରୁଟିରେ ଲହୁଣି ଲଗେଇ ଖଣ୍ଡେ କାମୁଡ଼ିନେଇ ଚୋବେଇଲା ଶଙ୍କର ।

"କିଛି ଭାବିବ ନାହିଁ । ଆଉ ଯଦି କିଛି ଭାବେ—ଯାହା ସ୍ୱାଭାବିକ ସେଇଆ ଭାବିବ ।" ତଳକୁ ମୁହଁକରି ବସିଲା ମାନ । ଆଙ୍ଗୁଳିରେ ତା ଚିବୁକ ଟେକିଧରି ପଚାରିଲା ଶଙ୍କର—"ମୋ ଆଡ଼କୁ ଅନେଇବାକୁ ଖରାପ ଲାଗୁଛି ?"

ହସିଲା ମାନ । ତା କାନ୍ଧରେ ମୁହଁ ଲୁଚେଇଲା ।

Digitized by srujanika@gmail.com

"ଅନେଇଲ ମୋ ଆଡ଼କୁ ?"

ଏଥର ଅନେଇଲା ମାନି ଶଙ୍କରର ମୁହଁକୁ । ପୂର୍ଣ୍ଣ ଦୃଷ୍ଟିରେ । ସ୍ମିତ ହସୁଥାଏ ।

ଶଙ୍କର ମୁହଁର ଖୁବ ପାଖରେ ମାନିର ସେଇ ସୁନ୍ଦର ମୁହଁଟା । ବହୁକଷ୍ଟରେ ଶଙ୍କର ନିଜକୁ ସଂଯତ କଲା ।

ଉମା ଆସିଲା । ଓନିକାପ୍ କଫି କଲା ଶଙ୍କର । ସେମାନଙ୍କ କାପ୍‌ରେ ପ୍ରଚୁର ଦୁଧ ଓ ଚିନି ଦେଇ ଭଲକରି ଗୋଳେଇ ଦେଲା । ବଢ଼ାଇ ଦେଲା ସେମାନଙ୍କୁ ।

"ଖାଅ", ଶଙ୍କର କହିଲା, "ମାନି ଯେ ପୁଣି ଆମ ଭିତରକୁ ଫେରି ଆସିଲା ସେଇଟା ପାଳନ କରାଗଲା ଆଜି । ନା କଣରେ ଉମି ?"

କଫି ଖାଇସାରି ଉଠିଲା ଉମା । ମାନିକୁ କହିଲା, "ମୁଁ ଟ୍ରେଟା ସେଘରୁ ନେଇ ଆସେଁ, ସିବା", ବାହାରିଗଲା ସେ ।

ଶଙ୍କର ଗୋଟାଏ ସିଗ୍ରେଟ ଲଗେଇଲା । ମାନି ଟ୍ରେ ଏବଂ ଟୁଲକୁ ନେଇ କଣରେ ରଖିଲା । ଘୂରି ଦେଖିଲା ଶଙ୍କର ତାର ଖୁବ ପାଖରେ ଠିଆ ହୋଇଛି । ତାର ହାତଟାକୁ ଧରିଲା ଶଙ୍କର । ଅନେଇ ଦେଖିଲା ଆଙ୍ଗୁଳିଗୁଡ଼ା କି ସୁନ୍ଦର ମାନିର । କିନ୍ତୁ ନଖ ଖଣ୍ଡିଆ ହୋଇ ଯାଇଛି ବାସନ ମାଜି, ମସଲା ବାଟି । ଶଙ୍କର ତାର ଆଙ୍ଗୁଳିରେ ଆସ୍ତେ ଆସ୍ତେ ଘଷିଦେଲା । ମାନି ଥରି ଉଠୁଥାଏ—ମୁହଁଟା ତାର ଫଣଫଣ କରୁଛି । ହସିଲା ତା ଆଡ଼କୁ ଅନେଇ ଶଙ୍କର । ତାପରେ ନିଜ ଆଙ୍ଗୁଳିରୁ ମୁଦଟା କାଢ଼ି ତା ଆଙ୍ଗୁଳିରେ ପିନ୍ଧେଇ ଦେଲା ।

ବାହାରେ ଉମାର ପଦଶବ୍ଦ । ମାନି ଏ ଘରର ଟ୍ରେଟା ଉଠେଇଲା ବେଳକୁ ଉମା ଦୁଆର ମୁହଁରେ । ଦୁଇ ସଖୀ ଚାଲିଗଲେ ।

ସତର

ମାମୁଙ୍କ ଗାଁ ବଦଳା । ଠିକ୍ ନଅଟାବେଳକୁ ଗାଡ଼ି ଲଗେଇଲା ଚନ୍ଦ୍ରଶେଖର ମାମୁଙ୍କ ଡାକ୍ତରଖାନା ଆଗରେ । ଉଠି ଆସିଲେ ମାମୁ । "ଚାଲ ସବୁ ଭିତରକୁ ।" ଫାଟକ ଖୋଲି ଆଗେଇ ଗଲେ ସେ—ଏମାନେ ପଛରେ । ଗାଁ ମୁଣ୍ଡରେ

Digitized by srujanika@gmail.com

ମାମୁଙ୍କ ଘର । ନୂଆ କରିଛନ୍ତି । ଛବିଭଳି ବଙ୍ଗଳାଟିଏ । ଘରର ଅଳ୍ପଦୂରରେ ଡାକ୍ତରଖାନା । ତା ପାଇଁ ସ୍ୱତନ୍ତ୍ର ଘର । ରୋଗୀ ରହିବାର ବନ୍ଦୋବସ୍ତ ଅଛି ପାଞ୍ଚଟା । ଲେବରେଟର, ଅପାରେଶନ ଥିଏଟର ସବୁ ଅଛି । ଗ୍ରେଟ ବ୍ରିଟେନରେ ସବୁ ଅଛି । ଗ୍ରେଟ ରଂଜନରଶ୍ମିର ସେଟ୍‌ଟିଏ—ଦେଖିଲା ଶଙ୍କର, ଜାଇସ୍‌ର ।

ମାମୁ ଅନନ୍ତ ଆଗ୍ନେୟ ଲାଇସେନସିଏଟ ଡାକ୍ତର ଥିଲେ । ଯୁଦ୍ଧପରେ କନଡେନସଡ଼୍ କୋର୍ସରେ ଏମ୍.ବି.ବି.ଏସ. ହୋଇ ଆସିଛନ୍ତି କଟକରୁ । ବିପତ୍ନୀକ । ଦୁଇଟି ପୁଅ । ବଡଟି ସୈନ୍ୟବିଭାଗର ଡାକ୍ତର—ବାଙ୍ଗାଲୋରରେ ଥାଏ । ତାର ସ୍ତ୍ରୀ ଇଂରେଜ । ବିଲାତରେ ସେ ବାହା ହୋଇଥିଲା ଜେନ୍‌କୁ । ସାନ ପୁଅ ଜାପାନରୁ ଲେଦାର ଟେକୋନୋଲଜି ଶିଖି ଆସି କାମ କରେ କାନପୁରରେ । ତାର ସ୍ତ୍ରୀ ଓଡ଼ିଆ ଝିଅ । ବୋହୂବି କାମକରେ ସେଠି ଗୋଟାଏ ବନ୍ଧୁକ କାରଖାନାରେ । ପୁଅମାନେ ବର୍ଷକୁ ଥରେ ଆସନ୍ତି ପିଲାପିଲି ନେଇ । ମାସେ ଖଣ୍ଡେ ରହନ୍ତି । ବଡ ପୁଅ ମଝିରେ ମଝିରେ ଅପରେଶନ କରେ ତାଙ୍କ ଡାକ୍ତରଖାନାରେ । ତା ବୋହୂ ସେତେବେଳେ ହୁଏ ସହକାରୀ । ଜେନ୍‌ର, ନାର୍ସିରେ, ଲଣ୍ଡନ ବିଶ୍ୱବିଦ୍ୟାଳୟର ଡିଗ୍ରୀ ଅଛି ।

ଘର ଭିତରକୁ ପଶିଲେ ସମସ୍ତେ । ଡ୍ରଇଂ ରୁମ । ସଜା ହୋଇଛି କାଉଚ, ସୋଫା, ଡିଭାନ ସବୁ । ଫାୟରପ୍ଲେସଟିଏ । ତା ଉପରେ ରଖା ହୋଇଛି ନାନା ଆକାରର ଉଡା ଗ୍ଲେସିର ପ୍ଲେନ । ମନେ ହେଉଛି ଏଇ ଉଡିଯିବ । ତା ପଛକୁ ଡାଇନିଂ । ଫ୍ରିଜ୍ ବି ଅଛି । ଦୁଇପଟେ ଦୁଇଟାକରି ଶୋଇବା ଘର । ମାମୁଙ୍କ ଶୋଇବା ଘର ପାଖରେ ଗ୍ରେଟ ଲାଇବ୍ରେରୀଟିଏ ।

"କଣ ଖାଇବ ପିଲେ ?" ମାମୁ ପଚାରିଲେ ।

ଘଡ଼ି ଦେଖିଲା ଚନ୍ଦ୍ରଶେଖର । ତାକୁ କଟକ ଯିବାକୁ ହବ ।

"ଟିକିଏ କଛି ଖାଇଦେଇ ଯିବ ।" ମାମୁ ବୁଲିଗଲେ ।

ଖାଇବା ଘରକୁ ପଶିଲା ବେଳକୁ ଖାନସାମା ଟେବୁଲରେ ଆଇସକ୍ରୀମ ସଜଉଥିଲା ।"

ଉମା କହିଲା—"ଏଇ ଶୀତରେ ଆଇସକ୍ରୀମ ?"

"ଆଇସକ୍ରୀମ ଯେ କେବଳ ଗରମରେ ଖିଆଯାଏ, ତୋତେ କିଏ କହିଲାରେ ଉମି ?"

ଚେୟାର ଟାଣିନେଇ ଆଗ ବସିଲା ଶଙ୍କର । ଉମାକୁ ଟେକିନେଇ ବସେଇଲା ପାଖ ଚେୟାରରେ ।

Digitized by srujanika@gmail.com

"ରାଜା ସାହେବ ଖାଇବ ?" ଖମୁଚରେ ଟିକିଏ କ୍ରୀମ ନେଇ ରାଜା ପାଟିରେ ଦେଲି । ଅଣ୍ଡାରେ ଘୁ ଘୁ କଲି ରାଜା ।

"କମିତି ମଜା ? ଆଉ ଦେବି ?"

ମୁଣ୍ଡ ଟୁଙ୍ଗାରିଲା ରାଜା । କପ୍‌ଟାସାକ ଆଇସକ୍ରୀମ ଶଙ୍କର ଖୁଆଇଲା ରାଜାକୁ ।

"ଆଉ ?"

ଏଥର ମୁଣ୍ଡ ହଲାଇ ଅସମ୍ମତି ଜଣେଇଲା ରାଜା ।

ଏମାନେ ଖାଇ ବସିଲେ ।

"ଉମାଟାକୁ ସୁପାତ୍ରରେ ଦେଇ ନାହାନ୍ତି ମାମୁ ।" ଅନୁଯୋଗ କଲା ଶଙ୍କର, ହସି ହସି । "ମଫସଲ ମଫସଲ ରହିଯାଇଛି ସେ । ତାକୁ ମୁଁ ନେଇଯିବି କଲିକତା । She needs urbanisation ।"

"ତୁମେ ମୋତେ ଦୋଷ ଦେଉଛ । କୁଆଡ଼େ ନେବ କହିଲ ?" କୈଫିୟତ ଦେଲା ଚନ୍ଦ୍ରଶେଖର । "ସାତ ବର୍ଷ ଭିତରେ ଏକାଠି ସାତଦିନ ଛୁଟି ମିଳିନି ମୋତେ । ନେଇଯାଅ ତାକୁ । କିଛିଦିନ କଲିକତାରେ ରହିଆସୁ । ମୋର ବି ବେଳେ ବେଳେ ଅସୁବିଧା ହୁଏ ।"

"କଣ-ହେଲି ? ଅସୁବିଧା ହୁଏ !" ଉମାର ହୁଂକାର ।

ଚୌକି ଛାଡ଼ି ଠିଆ ହେଲି ଚନ୍ଦ୍ରଶେଖର । ସିଗାର ବାକସ ବଢ଼େଇ ଦେଲି ଖାନସାମା । ଶଙ୍କର ଦେଖିଲି ଏକାବେଳକେ ଜାତିଆ ଚିଜ । ହାଭାନାର । ଗୋଟାଏ ଉଠେଇ ନେଇ ଦାନ୍ତରେ ଛୁଇଁଲେଇଲା । ମାମୁ ବୋହେମିଆନ । ତାଙ୍କ ଆଗରେ ଧୂମ୍ରପାନ ଚଳିବ ।

ଖିଆପିଆ ପରେ ଶଙ୍କର, ଉମା ଓ ଚନ୍ଦ୍ରଶେଖର ମାମୁଙ୍କୁ ନେଇ ବସିଲେ ଗୋଟାଏ ଘରେ । ଶଙ୍କର କଥାଟା ଉଠେଇଲା, "ମାନ ନାମ୍ନୀ ଗୋଟିଏ ବାଳିକା ଅଛି ।"

"ଆରେ ସେତ ଆମ ଗାଁର କେନ୍ଦୁ ପଡ଼ର ନାରୁଣୀ । ମୁଁ ତାକୁ ଜାଣେ ବଡ଼ ଅଭାଗୀ ଝିଅଟା । ବାହାହବାର ଅଳ୍ପଦିନ ପରେ ବିଧବା ହୋଇଗଲା ।"

"ହଁ ତାର ବାହାଘର କରିବାକୁ ହବ ।" ଶଙ୍କର କହିଲା । ବର ଠିକ୍ ହୋଇଛି । ବାହାଘର ପାଇଁ ତା ବାପା ବୋଉ ରାଜି । କିନ୍ତୁ ଡରୁଛନ୍ତି ବଡ଼ବାପାଙ୍କୁ । ବାପା ତାଙ୍କୁ ଭରସା ଦେଇଛନ୍ତି । ବାହାଘର ପାଇଁ ଯାହା ଟଙ୍କା

Digitized by srujanika@gmail.com

ଦରକାର, ତାର ବ ବ୍ୟବସ୍ଥା ହୋଇଛି । ବର୍ତ୍ତମାନ ପ୍ରଶ୍ନ ହେଉଛି ବାହାଘରଟା କରିବ କିଏ ? ବାହାଘର ଗାଁରେ ଲକ୍ଷ୍ମୀକେଶ ଷଡ଼ଙ୍ଗୀଙ୍କ ଘରେ ହେବ । ମାମୁ ଯଦି ଭରସା ଦିଅନ୍ତେ, ଖୁବ ଭଲ ହୁଅନ୍ତା ।

"ଓ ଏଇ କଥା । କଣ କରିବାକୁ ହବ ?"

"ଧରନ୍ତୁ । ବାହାଘରର ସଜବାଜ । ବରଯାତ୍ରୀ ଆସିବେ କଟକରୁ ସେମାନଙ୍କ ଖିଆ ପିଆର ବ୍ୟବସ୍ଥା । ଟଙ୍କା ବୋଧ ହବ କହୁଛି । କିନ୍ତୁ ଗାଁରେ ଖୋଲାଖୋଲି ଭାବରେ କେହି ସାହାଯ୍ୟ କରିବାକୁ ବାହାରିବା ସମ୍ଭବ ନୁହେଁ ।"

"ମୁଁ ନଉଛି ଦାୟିତ୍ୱ । ଏଇ ଗାଁରୁ ଦଶବାରଟା ଟୋକା ଧରିନେଇ ଯିବ । ସବୁ କାମ ସେମାନେ ତୁଲେଇ ଦେବେ ।"

"ତାହେଲେ ଆପଣ ଭରସା ଦେଲେ ?" ଶଙ୍କର କହିଲା ହସି ହସି ।

"ହେଲା ଯେ, ବାହାଘର କେବେ ?"

"ସେ କଣ କିଛି ଠିକ ହେଲାଣି ।" ଶଙ୍କର କହିଲା, "ବାହାଘରର ଦୁଇଦିନ ଆଗରୁ ଆପଣ ଖବର ପାଇବେ । ଟଙ୍କାର ଭାବନା ନାହିଁ । ଗୋଟାଏ କଥା—ସବୁ ଯେମିତି ସୁରୁଖୁରୁରେ ହୋଇଯାଏ ।"

"ତୁ ନିଶ୍ଚିନ୍ତ ଥା, ସବୁ ଠିକ୍ ହବ ।"

ମାମୁଙ୍କ କଥାରେ ଶଙ୍କର ନିଶ୍ଚିନ୍ତ ହେଲା । ଚା ଖାଇ ସେମାନେ ଗାଁକୁ ଫେରିଲେ ସନ୍ଧ୍ୟା ଆଗରୁ ।

ଘରେ ପହଞ୍ଚି ଦେଖିଲେ ତାଙ୍କ ଗୁହାଳଟା ପୋଡ଼ିଯାଇଛି । ଆଶ୍ଚର୍ଯ୍ୟ ହେଲା ଶଙ୍କର । ଦିନବେଳେ କେମିତି ପୋଡ଼ିଗଲା । ଘରଭିତରକୁ ପଶୁ ପଶୁ ସିଂଘ ପାଙ୍ଗରେ ଦେଖାହେଲା । କଳା ହୋଇଯାଇଛି ସେ । ତା ଦେହରୁ ପୋଡ଼ା କୁଟାର ଗନ୍ଧ ବାହାରୁଛି ।

"ଗୁହାଳ କେମିତି ପୋଡ଼ିଲା ?" ଉମା ପଚାରିଲା ।

"କିଏ ନିଆଁ ଲଗେଇଦେଲା ।"

"ଏଇ ଦିନବେଳେ ?"

"ହଁ—ଏଇ ଘଡ଼ିଏ ଆଗରୁ । ତୁମେ ସବୁ ତ ନ ଥିଲ । ଘର ଖାଲି । କିଏ ଓର ଉଣ୍ଡି ଥିଲା । ମୁ ଭାତ ଖାଇ ବସିଛି । ଧୂଆଁ ଦିଶିଲା । ଦଉଡ଼ିଯାଇ ଦେଖିଲାବେଳକୁ ତିନି କୋଣରେ ନିଆଁ ଉଠୁଛି । କେତେ ସ୍ଥଳଟା ଯେ । ଅଧଘଣ୍ଟାକରେ ପୋଡ଼ିଗଲା । କପାଳ ଭଲ—ଗାଈ ବଳଦ ନ ଥିଲେ ।"

Digitized by srujanika@gmail.com

"ତାହେଲେ, ଗାଈ ବଳଦ ପୁଣି ରହିବେ କେମିତି ?"

"ଗୋଟାଏ ରାତି । ଖୁଣ୍ଟ କାଟି ସାରିଲଣି । ଗୁମୁଡ଼ିଆ ମାରିଦବା । ନଡ଼ା ବିଛେଇ ଦବା ତା ଉପରେ । ହେମାଳ ପଡ଼ିବ ନାହିଁ । କାଲି ସକାଳୁ ଦି ଘଣ୍ଟା ଲାଗିଲେ ଯାଉ ଗୁହାଳକୁ ସେଇ ଗୁହାଳ ।" ସେ ବାହାରିଗଲା ।

ଘରଭିତରକୁ ଗଲାରୁ ଦେଖାଗଲା ବାପା ବସିଛନ୍ତି ପିଣ୍ଡା ଖଟରେ, ଗମ୍ଭୀର ହୋଇ । ବୋଉ ତଳେ ଖମ୍ବକୁ ଆଉଜି ବସିଛି । ରଜା ଯାଇ ଆଈ କୋଡ଼ରେ ବସିଲା । ଉମା ପଚାରିଲା, "ନିଆଁ କେମିତି ଲାଗିଲା ବୋଉ ?"

"ମୁଁ ଜାଣିଛି ? ତୋ ବାପା ଖାଇସାରି ଶୋଇବାକୁ ଗଲେ । ସେଇ ଆଳରେ ମୁଁ ବସିଯାଇଛି । ମାନି ମୋତେ ବାଢ଼ି ଦଉଛି । ନିଆଁ ଉଠିଲା । ଖାଇବ କଣ ? ବାଡ଼ି ଦୁଆରକୁ ଗଲାବେଳକୁ ମଥାନ ଜଳୁଛି ।"

"ଛାଡ଼ ।" ବାପା କହିଲେ । "ଇଡ଼ିଗଲା ଦୁଧପାଇଁ ଅବଶୋଷ କରି ଲାଭ ନାହିଁ ।"

ଶଙ୍କର କହିଲା—"ଗୋଟାଏ ଅଦୃଶ୍ୟ ହାତ ଅଛି ବୋଧହୁଏ ?"

ବାପା କିଛି କହିଲେନି । ହସିଲେ ଟିକିଏ ।

"ମାନି କାହିଁକି ବୋଉ" ? ଉମା ପଚାରିଲା ।

"କହନି ସେ କଥା । ଝିଅଟା ଅଖିଆ, ଅପିଆ ଘରକୁ ଗଲା । ଖାଇବ ବା କେମିତି ସେ ? ଯାହା ହବାର ହେଲାଣି । ତୁମେ ସବୁ ଲୁଗାପଟା ଛାଡ଼ି ଶୁଅ ।"

ଶଙ୍କର ଓ ଚନ୍ଦ୍ରଶେଖର ଫେରିଲେ ନିଜ ନିଜ ଘରକୁ । ଶଙ୍କର ସିଧା ଯାଇ ଶୋଇପଡ଼ିଲା ଖଟରେ ।

ଅଠର

ସନ୍ଧ୍ୟା ହେବା ସାଙ୍ଗେ ସାଙ୍ଗେ ଶଙ୍କର ବାହାରିଗଲା ଘରୁ । ମାମୁଘରେ ଭୋଜନଟା ଭାରି ହୋଇଛି । ହଜମ କରିବାକୁ ହବ । ଅନେକ ସମୟ ଧରି ବୁଲିଲା ଥଣ୍ଡାରେ । ବୁଲିଗଲା ବଡ ସଡକଯାକେ, ଜହ୍ନ ଆଲୁଅରେ । ଫେରିଲା ବେଳକୁ ରାତି ବେଶ୍ ହେଲାଣି । ଇସ୍କୁଲଟା ବନ୍ଦ । ଜନମାନବଶୂନ୍ୟ ଜାଗାଟା ।

Digitized by srujanika@gmail.com

ଏଠି ସେଠି ଆମ୍ବଗଛଗୁଡ଼ା—ନିର୍ବାକ୍, ନିଶ୍ଚଳ । ଆଗେଇ ଗ୍ଲଲା ସେ ତାର ସ୍ୱାଭାବିକ ଗତିରେ । ଗାଁରେ ପହଞ୍ଚିଲାଣି ସେ । ଏଇତ ସଙ୍ଘାତମାଉସୀଙ୍କ ଘରେ ଆଲୁଅ । ମାନି କଣ କରୁଥିବ କେଜାଣି ? ଅଜାଣତରେ ତାର ଗୋଡ଼ ଗ୍ଲଲିଗଲା ତାଙ୍କ ଘର ଆଡ଼କୁ । ମାନି ଘର ସାମନାରେ ଗୋଟାଏ ଆମ୍ବଗଛର ଛାଇ ତଳେ ସେ ହଠାତ ଅନୁଭବ କଲା ଗୋଟାଏ ପ୍ରଚଣ୍ଡ ଆଘାତ ତା ମୁଣ୍ଡରେ ।

"କିଏରେ ?" ପାଟିକରି ଉଠିଲା ଶଙ୍କର । ଗୋଟାଏ ଲୋକ ଦଉଡ଼ି ପଳେଇଗଲା ।

ଶଙ୍କରର ମୁହଁରେ କଣଗୁଡ଼ାଏ ତରଳ ଧାର । ହାତରେ ନେଇ ଦେଖିଲା ରକ୍ତ । ବସି ପଡ଼ିଲା ସେ । ତାପରେ ଆଉ କିଛି ଜାଣେନି ।

ଲଡୁକେଶ ଷଢ଼ଙ୍ଗୀ ଦୋକାନରୁ ଫେରୁଥିଲେ । ଦୂରରୁ ଦେଖିଲେ କିଏ ଜଣେ ଦଉଡ଼ି ପଳେଇଲା ତାଙ୍କ ଘର ଆଗରୁ । ଦ୍ରୁତ ପଦରେ ପାଖକୁ ଆସି ଦେଖନ୍ତି ତାଙ୍କ ବାଡ଼କୁ ଆଉଜି ବସିଛି ଶଙ୍କର । ତାର ମୁହଁ ଦେହ ରକ୍ତାକ୍ତ ।

"ମାନିବୋଉ, ଦଉଡ଼ି ଆ, ଆଲୁଅ ଆଣିବୁ ।" ଚିତ୍କାର କରି ଉଠିଲେ ଷଢ଼ଙ୍ଗୀ । ଶଙ୍କରର ନାକ ପାଖରେ ଆଙ୍ଗୁଳି ଦେଇ ପରଖ କଲେ । ବେଶ୍ ଯୋରେ ଯୋରେ ନିଶ୍ୱାସ ପଡ଼ୁଛି । କଣ ହୋଇଛି ବୋଲି ସଙ୍ଘାତମାଉସୀ ଆଲୁଅ ଆଣି ଯାହା ଦେଖିଲେ—ତାଙ୍କର ବୁଦ୍ଧି ହଜିଗଲା । କାନ୍ଦି ଉଠିଲେ ସେ—"କିଏ କଲାରେ ଏ କାଣ୍ଡ ?"

ତାଙ୍କର ଆର୍ତ୍ତ ଚିତ୍କାର ଶୁଣି ଦଉଡ଼ି ଆସିଲା ମାନି । ସେ ଉମାଘରକୁ ଯିବ ବୋଲି ଲୁଗା ପିନ୍ଧୁଥିଲା ।

ଧରାଧରି କରି ଶଙ୍କରକୁ ନେଇଗଲେ ଘରକୁ । ପିଣ୍ଡାରେ ଗୋଟାଏ ବିଛଣା କରି ତାକୁ ଶୁଆଇଦେଇ ଲଡୁକେଶ ଦଉଡ଼ିଲେ ଖବର ଦବାକୁ । ମାନି ବାୟାଣୀ ପରି ହେଉଥାଏ । ଲୁଗା କାନିରେ ପୋଛି ପକଉଥାଏ ରକ୍ତକୁ । ଦୁଇ ଆଖିରେ ଅଶ୍ରୁର ବନ୍ୟା । ଅଣ୍ଡା ପାଣିରେ ମା ଝିଅ ମିଶି ପୋଛୁଛନ୍ତି ରକ୍ତ । ମୁଣ୍ଡର ଆଘାତ । ରକ୍ତସ୍ରାବର କାଗାଟା ବୁଝି ପଡ଼ୁନି । ମାନିର ମନେ-ପଡ଼ିଗଲା—ଚିନି । ପାଟିକରି ଉଠିଲା ସେ—"ବୋଉ ଚିନି ଆଣ ଜଲଦି । ବହୁତ ରକ୍ତ ଗଲାଣି । ଆଉ କଣ ବଞ୍ଚିବେ ?" ମେଞ୍ଚା ମେଞ୍ଚା ଚିନି ବୋଳିଦେଲା ମାନି, ଶଙ୍କର ମୁଣ୍ଡରେ । ଚିନିଗୁଡ଼ା ରକ୍ତରେ ଲାଲ ହୋଇ ଯାଉଥାଏ । ରକ୍ତ ବନ୍ଦ ହେଲା । ତା ବୋଉ କନା ବଢ଼େଇ ଦେଲେ । ମୁଣ୍ଡରେ ପଟି ବାନ୍ଧିଦେଲା ମାନି । ଶଙ୍କରର ମୁଣ୍ଡ ତା କୋଳରେ । ତାର ଲୁଗା, ହାତ, ସବୁ ରକ୍ତାକ୍ତ ।

Digitized by srujanika@gmail.com

ଏକା ମ ସରିଛି କ ନାହିଁ ଗାଡ଼ି ଆସି ଠିଆ ହେଲା ଦାଣ୍ଡରେ ।

ଦଉଡ଼ି ଆସିଲେ ଶଙ୍କର ବୋଉ ଅସଂବୃତ ବେଶରେ । ତାଙ୍କ ପଛରେ ଉମା, ରାଜା, ଶମ୍ଭୁ, ଚନ୍ଦ୍ରଶେଖର ଏବଂ ଶେଷରେ ବାମଦେବ । ଘେରିଗଲେ ଶଙ୍କରକୁ ସେମାନେ । ମାଜର ମୁଣ୍ଡର ଲୁଗାଟା ଠିକ୍ କରିଦେଲା ଉମା ।

"କିଏ ଏ ସର୍ବନାଶ କଲା ?" ବସି ପଡ଼ିଲେ ଶଙ୍କରର ବୋଉ ଶାୟିତ ପୁତ୍ରର ଶଯ୍ୟା ପାଖରେ । ଶଙ୍କର ଅଚେତନ । ସେ ଯେମିତି ଶୋଇଛି । ରକ୍ତର ଦାଗ ତାର ଲୁଗା ଲୁଣ୍ଠାରେ । ଚନ୍ଦ୍ରଶେଖର ନଇଁପଡ଼ି ତାର ଶାର୍ଟର ବୋତାମ ଖୋଲିଦେଲା । ତାର ନାଡ଼ି ଦେଖିଲା । ଉମା ବୋକାଙ୍କ ପରି ଦେଖୁଥାଏ ଆହତ, ରକ୍ତାକ୍ତ ଶଙ୍କରର ମଥା କୋଡ଼ରେ ଧରି ବସିଛି ମାଜ । ସେ ବି ରକ୍ତାକ୍ତ । ତାର ମୁଖମଣ୍ଡଳ ଅଶ୍ରୁପ୍ଲାବିତ । ଚନ୍ଦ୍ରଶେଖର କହିଲା—"ମୁଁ ମାମୁଙ୍କୁ ନେଇ ଆସେ ।" ସେ ବାହାରି ଗଲା ।

ପ୍ଲାଣୁପରି ବସିଛନ୍ତି ଶଙ୍କରର ବୋଉ । ଦୁଇଧାର ଲୁହ ବୋହି ଯାଉଛି । ଏଇ ପୁଅ ତାଙ୍କର ପ୍ରଥମ ସନ୍ତାନ । ଆଠବର୍ଷ ଶିବ ପୂଜା କରି ଏଇ ଶଙ୍କରକୁ ଗର୍ଭରେ ଧରିଥିଲେ । ସେଇ ପୁଅ ପୁଣି ରୁଷ୍ଟି ପଳେଇ ଥିଲା ତାଙ୍କୁ । ଦଶବର୍ଷ ଅଜ୍ଞାତବାସ ପରେ ଘରକୁ ଫେରିଲା । କେତେ ଖୁସିରେ ସେ ଆନନ୍ଦମୁଖର କରିଥିଲେ ଏ ଦିନ ଗୁଡ଼ାକୁ । ପୁଅ ପରି ପୁଅ । ଯୋଗ୍ୟତାରେ ତାର ସମକକ୍ଷ କାହିଁ କିଏ ଅଛି ଏ ଦେଶରେ ? କାହାର କଣ କ୍ଷତି କରିଛି ଯେ ଯେ ତାକୁ ସ୍ୱୈର ଡକେଇତଙ୍କ ପରି ମାଡ଼ ଦେଇ ମୁଣ୍ଡ ଫଟେଇ ଦିଆ ଯାଉଛି ।

ବାହାରେ କଥାବାର୍ତ୍ତା ଶୁଭିଲା । ଷଡ଼ଙ୍ଗୀ ବାହାରି ଯାଇଥିଲେ ଓ ଫେରିଲେ ଶିବ ଦଦେଇଙ୍କୁ ନେଇ । ଶଙ୍କରର ବୋଉ ମୁଣ୍ଡରେ ଲୁଗା ଟାଣି ଦେଲେ । ଦୁଇ ତିନ ମିନିଟ ଦେଖିଲେ ଶିବ ଶତପଥୀ । ପୁରୁଣା ଝାନୁ ପୁଲିସ କର୍ମଚାରୀ । ବୁଝି ପାରିଲେ ଅବସ୍ଥାଟା । ବାମଦେବଙ୍କ ଆଡ଼କୁ ଚାହିଁ କହିଲେ— "ଭୟ ନାହିଁ, ମୁଣ୍ଡରେ ଆଘାତ ଲାଗିଛି । ଶୋଇ ରହିବା ଶ୍ରେୟ । ମୁଁ ଦେଖେ ଆତତାୟୀ କିଏ ?" ବାହାରି ଗଲେ ସେ । ବାମଦେବ ସେଇ ଯେ ଖୁଣ୍ଟ ଆଉଜି ଠିଆ ହୋଇଛନ୍ତି ତ ହୋଇଛନ୍ତି ।

ଶଙ୍କର ହଲଚଲ ହେଲା । ଆଖି ଖୋଲିଲା ଆସ୍ତେ ଆସ୍ତେ । ପ୍ରଥମେ ନଜର ପଡ଼ିଲା ବୋଉ ଉପରେ ।

"ବୋଉ ମୁଁ କଉଠି ?"

Digitized by srujanika@gmail.com

ତା ଆଡ଼କୁ ନଇଁ ପଡ଼ିଲେ ବୋଉ, "ଏଇଠି ବାପା, ସଙ୍ଗାତମୋଉସୀ ଘରେ ।"

ଶଙ୍କର ଆଖି ବୁଜିଲା । "ଉଃ" । କଭକାଢ଼ି ଶୁଖିଲା ଓଠଟାକୁ ଓଦା କରିବାକୁ ଚେଷ୍ଟାକଲା । ପାଖରେ ଗିଲାସରେ ପାଣି ଥିଲା । ଗିଲାସଟା ବଢ଼େଇ ଦେଲା ମାନ ସଙ୍ଗାତମାଉସୀଙ୍କୁ । ଝଣ୍ଡେ ସଫାକନାକୁ ଓଦାକରି ଶଙ୍କରର ଓଠକୁ ଓଦାକଲେ ତା ବୋଉ ।

ପୁଣି ଆଖି ଖୋଲିଲା ଶଙ୍କର । ଗୃହିଁଲା ଉପରକୁ । ନନ୍ଦନରତା ମାନକୁ ଦେଖିଲା । "ମାନ, କଣ ହୋଇଛି ତୁମର ?"

ତା ପରେ ଘୃଣଆଡ଼କୁ ଗୃହିଁଲା—"ଆଃ ଉମି ।"

ପୁଣି ଆଖି ବୁଜିଲା ସେ ।

"କେତେବେଳୁ ବସିଛୁ ମା । ଅଣ୍ଟା ଲାଗି ଯିବଣି ।" ମାନକୁ କହିଲେ ଶଙ୍କରର ବୋଉ । ମୁଣ୍ଡ ହଲେଇ ମନାକଲା ମାନ ।

ବାଁ ହାତଟା ଆସ୍ତେ ଆସ୍ତେ ଉଠେଇଲା ଶଙ୍କର । ବଡ ବଡ କରି କଣ କହିଲା ।

କଣ କହୁଚ ପୁଅ ? ପୁଣି ନଇଁ ପଡଲେ ବୋଉ ତା ଆଡକୁ । ଆଖି ଖୋଲିଲା ଶଙ୍କର । ଗୃହିଁଲା—"ଉମା କାହିଁ, ଉମି ?"

"ଏଇ ଯେ ଭାଇନା ମୁଁ ଏଠି ।" ମାନ ଦେହକୁ ଲାଗି ବସି ପଡ଼ିଲା ଉମା । ଶଙ୍କରର ବାଁ ହାତଟା ନିଜମୁଠାରେ ନେଇ ତାର ଆଙ୍ଗୁଳିଗୁଡ଼ା ଆସ୍ତେ ଆସ୍ତେ ଚିପି ଦେଲା । ନଜର କଲା ମୁଦଟା ନାହିଁ । କୁଆଡେ ଗଲା ସେଇ ମୁଦଟା, ଶଙ୍କର କହୁଥିଲା, ଉଆଶିଂଟନରେ କିଣିଥିଲା । ହୀରକ ଖଚିତ ଶୁଭ୍ରସୁବର୍ଣ୍ଣର ମୁଦ୍ରିକା ।

"I have been hit on the head from behind. ସାମ୍ନାରେ ପାଇଥିଲେ ସେ ଲୋକଟା ଅକ୍ଷ ଜୀବନ ନେଇ ଫେରି ନଥାନ୍ତା । ଜାଣୁ ଉମା ?" ହସର ରେଖା ଫୁଟିଲା ତା ମୁହଁରେ । ତାପରେ ପଗ୍ଧରିଲା "ଏଟା ସଙ୍ଗାତମାଉସୀଙ୍କ ଘର ନା ?"

"ହଁ" ତା ବୋଉ କହିଲେ ।

"ମୋତେ ଏଠିକି କିଏ ଆଣିଲା ?"

"ତୋ ମଉସା, ମାଉସୀ, ମାନ ।"

Digitized by srujanika@gmail.com

"ମାନ, yes, ମୁଁ ଚେତନା ହରେଇବା ଆଗରୁ ତାର କାନ୍ଦ ଶବ୍ଦ ଶୁଣିଛି । But why ? I am not dead. I am only hurt." ପୁଣି ହସିଲା ଶଙ୍କର । ଆଖି ବୁଜିଲା ସେ ।

"ଜାଣୁ ଉମି, ମାନ କାଲି ମୋତେ ସୁପ୍ କରି ଦେଇଥିଲା । ଭାରି ସୁନ୍ଦର ସୁପ୍ ।"

କାନ୍ଦରେ ଥର ଉଠୁଥାଏ ମାନର ସର୍ବାଙ୍ଗ ।

ବୋଉ ପଚାରିଲେ—"ସୁପ୍ ଖାଇବୁ ?"

"କିଏ ଦବ ?" ଆଖି ଖୋଲିଲା ଶଙ୍କର । "କରେ ଉମି ପାରିବୁ ସୁପ୍ କରି ?"

"ଏଇ ଯେ ଆଣୁଛି ଭାଇନା ।"

ଶଙ୍କର ଆଖି ବୁଜିଲା ପୁଣି ।

ପାଞ୍ଚ ମିନିଟରେ ସୁପ୍ ହୋଇଗଲା । କାପ୍ ଏବଂ ସ୍ପୁନ ଧରି ଆସିଲା ଉମା ।

"ଭାଇନା ?"

"ଇୟାଃ"

"ସୁପ୍ ଖାଅ ।"

"ଦେ । କିନ୍ତୁ ଖାଇବି କିମିତି ?" ଉପରକୁ ଚାହିଁଲା ସେ ।

"ଏଇତ ମାନ । ସେତିକବେଳୁ ତୁମ କୋଡ଼ରେ ମୁଁ ଶୋଇଛି ?"

"କଣ ହେଲା ସେଠୁ ?" ଉମା କହିଲା । "ତୁମେ ଯେମିତି ଶୋଇଥାଅ, ମୁଁ ସ୍ପୁନରେ ଖୋଇ ଦଉଛି ।"

ଆଖି ବୁଜିଲା ଶଙ୍କର । ଉମା ତାକୁ ସୁପ୍ ଖୋଇଦେଲା । ଅଧକାପେ ସୁପ୍ ଖାଇଲା ସେ ।

"ଆଃ, ଥେଙ୍କ ଇଉ । As good as Mani. Uma and Mani Mani and Uma, I need them both".

ବାପା ଉଠିଗଲେ ବାହାରକୁ । ମଉସା ମଧ୍ୟ ।

"ଗୋଟାଏ ସିଗ୍ରେଟ ଦବୁରେ ଉମି ? ଡ୍ରାହାଣ ପକେଟରୁ ସିଗ୍ରେଟ ପେଡ଼ି କାଢ଼ିଲା ଶଙ୍କର । ଉମା ସିଗ୍ରେଟ ଲଗେଇ ଦେଲା ତା ଓଠରେ । ଦିଆସିଲି କାଠି ଜାଳି ଧରେଇ ଦେଲା ।

Digitized by srujanika@gmail.com

"Swell ! Thanks !"

ଶଙ୍କର ଆଖି ବୁଜି ଧୀରେ ଧୀରେ ସିଗ୍ରେଟ ଟାଣିଲା ! ତା ପରେ ସେଟାକୁ ଲିଭେଇ ଉମାକୁ ଧରେଇ ଦେଲା—"ଫିଙ୍ଗି ଦେ ।"

ବାହାରେ ଗାଡ଼ି ଠିଆହେଲା । ମାମୁ, ଚନ୍ଦ୍ରଶେଖର ଆଗେଇ ଆସିଲେ । ଟର୍ଚ୍ଚ ପକେଇ ଆଗ ଭଣଜାର ମୁହଁଟା ଦେଖିଲେ ମାମୁ । ଶଙ୍କର ବକ୍ରିତ କଲା ମୁହଁକୁ । ତାପରେ ଉମାକୁ ଉଠେଇ ଦେଇ ଶଙ୍କରକୁ ପରୀକ୍ଷା କଲେ ।

"ଜ୍ଞାନ ଫେରିଛି ?"

"ହଁ ।" ଶଙ୍କରର ବୋଉ କହିଲେ । "କଥାବାର୍ତ୍ତା କରୁଥିଲା । ଷ୍ଟ ଖାଇଛି ।"

ଆଖି ଖୋଲିଲା ଶଙ୍କର, "I am allright uncle. But my head is aweful. I have been hit from behind !"

ମାନି କୋଡ଼ରୁ ଶଙ୍କରର ମୁଣ୍ଡଟା ଉଠେଇ ନେଲେ ଡାକ୍ତର । "ତୁମେ ଉଠିଯାଅ ମା, ଲୁଗା ଖାଲିଟିବ । କି ଅବସ୍ଥା ହୋଇଛି ତୁମର ? ହାୟ, ହାୟ ।"

ଧୀରେ ଧୀରେ ପଟି ଖୋଲିଲେ ଡାକ୍ତର । ମୁଣ୍ଡଯାକ ଚନ୍ଦ ।

"ପଟି କିଏ ବାନ୍ଧିଥିଲା ?"

"ମାନି ।" ତା ବୋଉ କହିଲେ ।

ଗୁଡ୍ ୱାର୍କ ।"

ମେଞ୍ଚାଏ ତୁଳା ସ୍ପିରିଟରେ ଭିଜେଇ ଆସ୍ତେ ଆସ୍ତେ ପୋଛି ଦେଲେ ଶଙ୍କରର ମୁହଁ—ବେକ—ମୁଣ୍ଡ । ଚନ୍ଦଗୁଡ଼ା ବାହାର କରି ଦେଲେ ।

ଟିକିଏ ରକ୍ତ ଝରିଲା । ଟର୍ଚ୍ଚ ଆଲୁଅରେ ଦେଖିଲେ କ୍ଷତ ବେଶୀ ନୁହେଁ । ବାକ୍ସରୁ କଇଁଚ କାଢ଼ି ସେ ଜାଗାର ବାଳଗୁଡ଼ା କାଟି ଦେଲେ । ଷ୍ଟିଚ କରିବାକୁ ହବ ।

ଫୁଟାପାଣିରେ ଛୁଞ୍ଚି ଏବଂ ଗାଟକୁ ସିଝେଇ ନେଇ ଷ୍ଟିଚ କଲେ ମାମୁ । ବେଣ୍ଡେଜ ବାନ୍ଧିସାରି ଗୋଟାଏ ଗ୍ଲେଟ ଶିଶି କାଢ଼ି ଔଷଧଟା ଢାଳିଦେଲେ ଶଙ୍କର ପାଟିରେ । ଶଙ୍କରର ମୁହଁ ବକ୍ରିତ ହେଲା ।

"He is allright now !" ଠିଆ ହେଲେ ମାମୁ । "ତାକୁ ବେଶୀ ହଲଚଲ କରିବା ଠିକ ହବନି । ଗାଡ଼ିରେ ନେଇଯିବା ।"

Digitized by srujanika@gmail.com

"I think, I can walk the distance" ହାତ ଟେକିଲା ଶଙ୍କର । ଚନ୍ଦ୍ରଶେଖର ଓ ମାମୁଙ୍କ ସାହାଯ୍ୟରେ ସେ ଯାଇ ଗାଡ଼ିରେ ବସିଲା । ତା ଦୁଇପାଖରେ ବସିଲେ ବୋଉ ଏବଂ ଉମା । ରାଜା ଆଉ ମାମୁଁ ଆଗରେ ବସିଲେ । ଅନ୍ୟମାନେ ଚାଲିଲେ । ଧୀରେ ଧୀରେ ଗାଡ଼ି ଯେତେବେଳେ ଗାଁ ଦାଣ୍ଡରେ ଯାଉଛି, ସବୁଘରୁ ଲୋକ ବାହାରି ଏ ପ୍ରସେସନ ଦେଖିଲେ । କେବଳ ବଡ଼ବାପାଙ୍କ ଦାଣ୍ଡ ଦୁଆର ବନ୍ଦ ଥିଲା ।

ଊଣେଇଶ

ଲୁଗାପଟା ବଦଳେଇ ଶଙ୍କରକୁ ଶୋଇ ଦିଆଗଲା ତା ବିଛଣାରେ ।

ସାଇନାମ ଗେଲସିଆର କାମ ସେତେବେଳକୁ ଆରମ୍ଭ ହେଲାଣି ଶଙ୍କରର ମଗଜରେ ।

ସେ ଆରାମ କରି ଶୋଇବା ପରେ, ମାମୁ ପଚାରିଲେ—"ବଥା ଲାଗୁଛି ?"

"ନା" । ଶଙ୍କର ମନା କଲା । "ମୁଣ୍ଡଟା ଯାହା ଭାରି ଲାଗୁଛି ।" ଆଖି ବୁଜି ଶୋଇଥାଏ ଶଙ୍କର । ଉମା ତା ଗୋଡ଼ ଉପରଯାକେ କମ୍ବଳଟା ଘୋଡ଼ାଇ ଦେଲା ।

"ଏଥର ସେ ବିଶ୍ରାମ କରୁ । ଆମେ ବାହାରକୁ ଯିବା ।" ସବୁ ଅଗ୍ରେ ଅଗ୍ରେ ବାହାରି ଆସିଲେ ସମସ୍ତେ । ଉମା ସମସ୍ତଙ୍କ ପଛରେ ।

"ଉମି" ।

ଫେରିଗଲା ଉମା ବିଛଣା ପାଖକୁ ।

"ମାନ୍ନା କାହିଁରେ ?"

"ତାଙ୍କ ଘରେ ।"

"ଆସିବନି ?"

"ଆସିବ ହୁଏତ ।"

"କେତେବେଳେ ଆସିବ ?"

"ଆଚ୍ଛା ମୁଁ ତାକୁ ଡାକି ଆଣୁଛି ।"

"ଶୀଘ୍ର ଆସିବୁ ?"

Digitized by srujanika@gmail.com

ଚୂପଚାପ ଶୋଇ ଅନୁଶୀଳନ କଲା ସେ ଦୁର୍ଘଟଣାକୁ । ସେ ଫେରୁଥିଲା କ୍ଲବ ସାରି । ମାନି ଘର ଆଗରେ ପହଞ୍ଚିଛି—କଏ ଗୋଟାଏ ଲୋକ, ଗଛ ତଳର ଅନ୍ଧାରରେ ତାକୁ ଆଘାତ କଲା ଠେଙ୍ଗାରେ । ସେ ବସି ପଡ଼ିଲା । ତାପରେ ସେ ଦେଖିଲା, ଶୋଇଛି ମାନି କୋଡ଼ରେ । ମାନିର ସେଇ ସ୍ନିଗ୍ଧ ଲୁହରେ ଧୌତ, ବେଦନାରେ ଆପ୍ଲୁତ । ମୁଣ୍ଡର ବ୍ୟଥା ସତ୍ତ୍ୱେ ସେ ତା ଶ୍ୱାସ ଭିତରେ ଅନୁଭବ କଲା ଏକ ଶିହରଣ । ମାନି ଆଉ ଉମା, ଦୁଇ ସଖୀ । ଜଣେ ତାର ଭଗ୍ନୀ-ଆଉ ଜଣକ ପ୍ରିୟା । ଏମାନେ ତାର ଏଇ କେତୋଟି ଦିନର ଜୀବନକୁ ପରିପୂର୍ଣ୍ଣ କରି ରଖିଛନ୍ତି । ଦୁହେଁ ଅନ୍ୟୋନ୍ୟ । ଦୁହିଁଙ୍କର ସେବା ସେ ଦୁଇ ହାତରେ ନେଇଛି । ସେଥିଲାଗି ସେମାନଙ୍କ ପାଖରେ ସେ କୃତଜ୍ଞ ।

ବୋଉ ପଶି ଆସିଲେ । ହାତରେ ଦୁଧଗିନା । ପୁଚ୍ଛିଲା ଶଙ୍କର ।

"କଣ ବୋଉ ?"

"ଗରମ ଦୁଧ ଟିକିଏ ପିଇବୁ ବାପା ?"

"ଦେ ।"

ପାଞ୍ଚ ସାତ ଚୁମୁକ ଦୁଧ ଖାଇଲା ସେ ।

ଲୁଗା କାନିରେ ତାର ମୁହଁ ପୋଛିଦେଲେ ବୋଉ ।

"ତୋ ମାମୁଁ କହିଲା ଆଜି ତୁ ତରଳ ଖାଦ୍ୟ ଖାଇବୁ ?"

"ଉମା ଆସୁ, ସେ ବ୍ୟବସ୍ଥା କରିବନି । ତୁ କାହିଁକି ବ୍ୟସ୍ତ ହଉଛୁ ?"

"ବ୍ୟସ୍ତ କଣ ଖୁସିରେ ହଉଛି ? ସୁନାପୁଅ ପରି ପୁଅକୁ ମୋର ମୁଣ୍ଡା ଲଗେଇ ମାଡ଼ ଦଉଛନ୍ତି । ହଉ, ଠାକୁରେ ବୁଝିବେ ।"

ଉମା ଆସି ଠିଆ ହେଲା । ତା ପଛରେ ମାନି । ପିନ୍ଧିଛି କାଲିକାର ଶାଢ଼ି ଓ ସ୍କାର୍ଫ ।

"ଠାକୁରେ କଣ ବୁଝିବେ ବୋଉ ?"

"ଏଇ ବୁଢ଼ାକୁ ମାଇଲେ ଯିଏ···"

"ତାଙ୍କର ଜଯ୍ଯ ହଉ । ତୋ ହାତରେ କଣ ?"

"ଦୁଧ, ଗରମ କରି ଆଣିଥିଲି । ବୁଢ଼ା ଅଳ୍ପ ଖାଇଲା ।"

"ସଙ୍ଗାତମାଉସୀ ଆସିଛନ୍ତି । କ'ଣ ରନ୍ଧା ହବ ବରାଦ କର । ମାନି ଆଉ ମୁଁ, ଆମର ଡ୍ୟୁଟି ଏଠି । ପାଳିକରି ଜଗିବାକୁ ହବ ଭାଇନାଙ୍କୁ ରାତସାରା ।

Digitized by srujanika@gmail.com

ବାପା, ମାମୁଁ, କୋଉଁ, ପୁଅ, ନାତ ଏବଂ ଆମେ କେହ୍ବ ଯେମିତ ଓପାସ ନରହୁ ।"

"ନାଲୋ ଓପାସ କାହିଁକ ହେବ ? ମୁଁ ଯାଉଛୁ । ସଙ୍ଗାତ ଆଜ ମୁଁ ଦୁଇଜଣ ବସିଲେ ଘଣ୍ଟାକରେ ଶେଷେଇ ଶେଷ ।"

"ଗୋଟାଏ ଚୁଲ ଖାଲ ରଖିଥିବୁ ବୋଉ । ଦରକାର ହବ ।"

"ହଉ ।"

ବୋଉ ବାହାରଗଲେ । ଶଙ୍କର ପାଖକୁ ଆଗେଇ ଗଲେ ଏମାନେ ।

"ଭାଇନା" ଉମା ଡାକଲା ।

"ଉଁ", ଆଖି ବୁଜ ଶୋଇଛୁ ଶଙ୍କର ।

"ଭଲ ଲାଗୁଛ ?"

"ହୁଁ ଉଁ ଉଁ ।"

"ସିଗ୍ରେଟ ଦେବୁ ?

"ଦେ ।"

"କଦ ମାଡୁଛ କ ?"

"ନାଁ।"

"କ ଦୁର୍ଯୋଗ କୁହ ତ । ଭୁଲ ଯାଇଥିଲ ଶରୀରକୁ ସୁସ୍ଥ କରିବାକୁ । ଫେରିଲ ମୁଣ୍ଡ ଫଟେଇ ।"

"ଜାଣୁରେ ଉମି ?" ସେମିତ ଆଖି ବୁଜ ଶୋଇ କହିଲ ଶଙ୍କର, "ଖରାପ ଆଉ ଭଲ ଗୋଟାଏ ଜିନଷର ଦୁଇ ପାଖ । ତୁ ଖରାଟା ଦେଖୁଛୁ । ମୁଁ ଦେଖୁଛୁ ଲାଭଟା ।"

"ଏଥିରେ ଲାଭ କଣ ଅଛ ଭାଇନା ?"

"ଅଛରେ । ମାନ କୋଡରେ ମୁଣ୍ଡ ରଖି ଶୋଇଛୁ । ଅନେଇ ଦେଖେଁ ମାନର ସେଇ ବେଦନାର୍ତ୍ତ ମୁହଁ । କ ଅପୂର୍ବ, କ ସ୍ୱର୍ଗୀୟ । ତାର ଏ ଚେହେରାଟା ମୁଁ ଦେଖି ନଥିଲ ।"

ହସି ଉଠିଲ ଉମା, "ମାନ ଏଇଠି ଠିଆ ହୋଇଛ ଭାଇନା ?"

ଆଖି ଖୋଲିଲ ଶଙ୍କର । ଅନେଇଲ ଉମା ଆଉ ମାନକୁ । ହସିଲ ।

"କାହିଁ ସିଗ୍ରେଟ ଦେ ?"

Digitized by srujanika@gmail.com

ସିଗ୍ରେଟ ଦେଲା ଉମା । ଲାଇଟାର ଜାଳି ଧରେଇ ଦେଲା । ସିଗ୍ରେଟ କେଶ୍‌କୁ ଟେବୁଲ ପାଖରେ ରଖି ଉମା ପଚାରିଲା—"କଣ ଖାଇବ ଖାଇନା ?"

"ମାମୁଁ ଯାହା କହିବେ ? ମୁଁ ବର୍ତ୍ତମାନ ପେସେଣ୍ଟ ।"

"ସେ ତ କହିଲେ ଲିକୁଇଡ଼ । ସୁପ କରି ଦେବି ? ସୁରୁଆ ?"

"ତୋର ଖୁସି ।"

"ମାନି ତୁ ଥା । ମୁଁ ବ୍ୟବସ୍ଥା କରିଦେଇ ଆସେଁ ।"

ମାନି କିଛି କହିବା ପୂର୍ବରୁ ସେ ଚାଲିଗଲା ।

କିଛିକ୍ଷଣ ନିସ୍ତବ୍ଧ ଘରଟା । ମାନି ସିମିତ ଠିଆହୋଇ ଅନେଇ ଥାଏ ଶଙ୍କରକୁ ।

"ମାନି"

"ଉ"

"ପାଖକୁ ଆସ । ବସ ମୋ ପାଖରେ ।"

ମାନି ଯାଇ ତା ପାଦତଳେ ବସିଲା । ଶଙ୍କର ବୁଝିଲା, ମାନି ତା ଗୋଡରେ ହାତ ବୁଲଉଛି ।

"ମାନି ?"

"କୁହ ।"

"କିଛି ପଚାରିଲନି ମୋତେ ? କମିତି ଅଛି ମୁଁ ।"

ମାନି ନିରୁତ୍ତର । ଶଙ୍କର ଚାହିଁ ଦେଖିଲା । ସେ କାନ୍ଦୁଛି ।

"ଛି କାନ୍ଦନି । ଶ୍ରେୟ ପାଇବାକୁ ହେଲେ ବହୁତ ବାଧାବିଘ୍ନ ପାରେଇବାକୁ ହବ । କାନ୍ଦିଲେ ହାରିଯିବ । ଆହୁରି ଟାଣ ହବାକୁ ହେବ । ଯୁଦ୍ଧ ସଫଳ ।"

"କଣ କରିବ କୁହ ?" ଆଖି ପୋଛି ସେ ପଚାରିଲା ।

"କିଛିନା । ତୁମେ ଆଜି ରାତିଟା ମୋ ପାଖରେ ରହିଲେ ମୁଁ କାଲିକି ଭଲ ହୋଇଯିବି ।"

"ରହିବି ।"

"ଉମା ବି ରହିବ", ଶଙ୍କର ଆଶ୍ୱାସନା ଦେଲା ତାକୁ ।

ବାଁ ହାତଟା ବଢ଼େଇ ଦେଲା ଶଙ୍କର କମ୍ବଳ ଭିତରୁ ବାହାର କରି । ଇଚ୍ଛା,

Digitized by srujanika@gmail.com

ଆଙ୍ଗୁଳଗୁଡ଼ାକୁ ଟିପିଦଉ ମାନ । ମାନ ଆଗେଇ ବସିଲ, ମୁଣ୍ଡର ଲୁଗାଟାକୁ କପାଳ ଉପରକୁ ଟାଣିଦେଇ । ଆସ୍ତେ ଆସ୍ତେ ଶଙ୍କରର ହାତ ଟିପିଦେଲ କହୁଣି ପର୍ଯ୍ୟନ୍ତ ।

ଉମା ଅସିଲ ।

"ବାଃ ବେଶ ଜମିଛୁ ତ ?" ହସର ଝରଣା ଝରେଇଲ ସେ ।

ମାନ ହାତଟା ଗୁଡ଼ ଦବ କ ନା ଭାବୁଛୁ, ଶଙ୍କର ତାର ଦଟା ହାତକୁ ବାଁ ହାତରେ ଧର ରଖିଲ ।

"ମୁଁ ରୋଗୀ । ମୋର ସାତଖୁଣ ମାଫ ।"

"ସାତ କାହିଁକ ସତୁର ଖୁଣ ବ ମାଫ," ଉମା କହିଲ ହସ ଭିତରେ ।

ମାନ ହାତ ଟିପୁଛୁ । ଉମା ଦେଖିଲା ଭାଇନାର ସେଇ ସାଧ ମୁଦଟା ମାନର ଡାହାଣହାତ ମଝି ଆଙ୍ଗୁଳରେ । ଚେୟାରଟାକୁ ଟାଣି ଆଣି ବସିଲ ଉମା ଶଙ୍କରର ମୁଣ୍ଡ ଆଡ଼କୁ ।

"ଭାଇନା, ତୁମ ମୁଦ କାହିଁ ?

ଅଟକ ଗଲ ମାନର ହାତ ।

"ସେଇ ଲୋକଟା ନେଇଗଲ ।" ଶଙ୍କର ହସିଲା ।

"କଏ ?"

"ଯେ ମୁଣ୍ଡ ଫଟେଇଛୁ ।"

"ତୁମେ ଭାର ମିଛୁଆ ।"

"ମୁଁ ମିଛୁଆ ? ମାନକୁ ପଗ୍ଭରଲୁ, ସେ କଣ କହୁଛୁ ?"

ମାନ ନଜ ଆଙ୍ଗୁଳରୁ ଖୋଲୁଛୁ ମୁଦ । ଗର୍ଜି ଉଠିଲା ଉମା, "ମୁଦ କାଢୁଛୁ ଯେ ? ବେଶୀ ଅହଂକାର । ବହୁତ ପାଉଛୁ ନା ? ମୁ ପଗ୍ଭରଲ ଠାକୁର ଘରେ କଏ ? ନା, ମାନ କହୁଛୁ ମୁଁ କଦଳ ଖାଇନ ।"

ଯୋରେ ହସିବାକୁ ଯାଇ କଷ୍ଟରେ ରହିଗଲା ଶଙ୍କର । ଉମା ଡ଼ରଗଲା, ମାନ ବ ।

"କଷ୍ଟ ହଉଛୁ ଭାଇନା ?"

"ନାଁରେ । ମୁଣ୍ଡଟା ଭାର ଲାଗୁଛୁ, ଏଇ ଯା ।"

"ତୁମେ ଶୁଅ ତ ।" ଉମା କଂଠରେ ଆଶଙ୍କା ।

Digitized by srujanika@gmail.com

"ମୁଁ ଶୋଇଲେ, ତୁମେ ସବୁ ବୁଲିଯିବ, ଏଇ ମତଲବ ?" ହସିଲା ସେ ।

"ନା ସତରେ, ତୁମର ବିଶ୍ରାମ ଦରକାର । ତୁମେ ଶୁଅ" ଉମା କହିଲା । ମାନି ଉଠି ଠିଆହେଲା ।

"ତୁମେ ବୁଲିଗଲେ ମୁଁ ଷ୍ଟିଚ ଖୋଲିଦେବ । ରକ୍ତ ସବୁ ବୋହିଯିବ । ଆସିକି ଦେଖିବ, ମୁଁ ମରି ଯାଇଛୁ ।" ଶଙ୍କର ଧମକେଇଲା ହସି ହସି ।

"ନିଷ୍ଠୁର ! ତୁମେ ପୁରୁଷଗୁଡାକ ଭାରି ସ୍ୱାର୍ଥପର । ଖାଲି ଆଦାୟ କରି ଜାଣ ।" ଉମାର ଅଭିଯୋଗ ।

ବସି ପଡ଼ିଲା ମାନି ତା ପାଖରେ । ହାତଟା ପୁଣି ଟେକିନେଲା । ଧୀରେ ଧୀରେ ବୁଲିଲା ଶଙ୍କରର ଆଙ୍ଗୁଳିକୁ ନିଜ ଆଙ୍ଗୁଳିରେ ଗୁନ୍ଥି । କି ନରମ ମାନିର ଆଙ୍ଗୁଳି ଗୁଡ଼ା । ଶଙ୍କରର ଆଖି ବୁଜିଗଲା ।

"ଉମି ।"

"କଣ କହୁନା ?"

"ରାଜା ଶୋଇଲାଣି ?"

"ହଁ ତାକୁ ତା ବାବାଙ୍କ ପାଖରେ ଶୋଇ ଦେଇ ଆସିଛୁ ।"

"ସେ ବିଚରା ଡରିଯାଇଥିବ ?"

"ନା, ରାଗିଛି ସେ । କାଲି ପିସ୍ତଲ ଆଉ ଗ୍ରେନେଡ୍ ନେଇ ସେଇ ଲୋକଟାକୁ ମାରି ଦେବ କହୁଛି ।"

"ଗୁଡ୍ । ବିଣି ଅଛିନା ?"

"ସେ ମାମୁଙ୍କୁ ଛାଡ଼ିବାକୁ ଯାଇଛି ।"

"ବାପା କଣ କରୁଛନ୍ତି ?"

"ଶୋଇଛନ୍ତି । ମାମୁ କହିଲେ ରକ୍ତଚାପ ବଢ଼ିଛି ।"

ଶଙ୍କର ଚୁପ କରିଗଲା । ବାପାଙ୍କ ଦେହ ଏଠି ଭଲ ରହୁନି ସେ ଜାଣେ । ତାଙ୍କୁ କଲିକତା ନେଇ ଭଲ ଡାକ୍ତରଦ୍ୱାରା ପରୀକ୍ଷା କରେଇବାକୁ ହେବ । ସେ ଆଗେ ବସା ବାନ୍ଧୁ କଲିକତାରେ ।

"ଏଇକ୍ଷିଣି ଖାଇବ କହୁନା ?"

"ନା; ପରେ । ତୁମେ ଜଣେ ଜଣେ ଖାଇବାକୁ ଯିବ । ତୁ ଖାଇ ଆସିଲା ବେଳକୁ ସୁପ ନେଇ ଆସିବୁ ?"

Digitized by srujanika@gmail.com

"ତା ମାନେ ? କଏ ଆଗେ ଯିବ ? ମୁଁ ନା ମାନ ?" ହସି ପଗ୍ଚରିଲ ଉମା ।

"ମୁଁ କିଛି ଖାଇବିନି ଉମା ।" ମାନର ମିନତି ।

"ବହୁତ ରକ୍ତ ବୋହିଛି ଆଜି । ଉଃ ।" ଶିହରି ଉଠିଲ ଉମା ।

"ମୋର ବି ଖାଇବାକୁ ଇଚ୍ଛା ନାହିଁ ।"

ମାନ ଆଡ଼କୁ ଅନେଇ କହିଲ—"ଶୁଣ, ଏଠି ଗୋଟାଏ ବିଛଣା କରିବା । ପାଳିକରି ଶୋଇବା ।"

"ତୁମେ ଶୁଅ । ମୁଁ ଏଠି ବସିଛି ।"

"ଓ ଘରି ଦରଦ ଯେ । ନା ସେ କଥା ହବନି । ଦେହ ଖରାପ ହବ । କାଲି ପୁଣି···"

"କାଲିକି ଦରକାର ହବନିରେ ଉମି । ମୁଁ ଜବାବ ଦେଇଛି, ସେ ଆଜି ମୋ ପାଖରେ ରହିଲେ, କାଲିକି ମୁଁ ଭଲ ହୋଇଯିବି ।"

"ଓ, ଏତେ କଥା ଯ୍ବା ଭିତରେ । ହଉ । ମୁଁ କନ୍ନୁ ବାବା ଟିକଏ ଶୋଇବି । କାଲି ବହୁତ କାମ । ସ୍ନେ ବାହାରଲେଣି ଯିବେ ବୋଲି । ଦେଖାଯାଉ କଣ ହଉଛି । ମୁଁ ବିଛଣା ଆଣେ ।" ସେ ଗ୍ଚଲିଗଲ ।

"ମାନ ?"

"ଉଁ ।"

"ସେ ମୁହ ଖୋଲିବାର ଅଧିକାର ତ ମୁଁ ତୁମକୁ ଦେଇନି ।"

"ମୋର ଅପରାଧ ହୋଇଛି । ମୋତେ କ୍ଷମା କର ।"

"ଆମ୍ଭେ ତୁମ୍ଭକୁ କ୍ଷମା କଲୁ ।" ହସିଲ ଶଙ୍କର । ମାନର ଗୋଟାଏ ହାତକୁ ଧରି କହିଲ—"ମୁଁ କିଛି ଦିନ ପାଇଁ କଟକ ଯିବି ।"

ମାନ ନୀରବ ।

"ଉମା ବି ଏଠି ରହିବନି ।"

ତଥାପି ମାନ ନୀରବ ।

"ତୁମର କିଛି ଅସୁବିଧା ହବନି ତ ?"

"ନା ।"

Digitized by srujanika@gmail.com

ଶଙ୍କରର ମନେହେଲା ଏ ଝିଅଟାକୁ ଅନୁଗ୍ରହ ଦେଖେଇଲେ ସେ ଗ୍ରହଣ କରେ । ସିମିତ ସେଟା ତାର ପ୍ରାପ୍ୟ । ନ ଦେଖେଇଲେ କିଛି କହେନି । ଭବେ ସେଥିରେ ତାର ଅଧିକାର ନାହିଁ । ଉମା କିନ୍ତୁ ମାଳ ନୁହେଁ । ସେ ତାର ଭାଗ ଆଦାୟ କରିନବ । ମାଳର ବିଶେଷତ୍ୱ ତାର ତ୍ୟାଗରେ ।

ଆଖିବୁଜି ପଛକୁ ଢଳିଗଲା ଶଙ୍କର । ଏଇ ମାଳପରି ଗୋଟିଏ ଝିଅ ସେ ଦେଖିଥିଲା ହାଇଡେଲବାର୍ଗରେ । କେଥେରିନ ଗ୍ରସବାର୍ଗ । ଖୁବ ନିଗ୍ରହ, ଅଥଚ ନିଜ ବିଷୟରେ ସଚେତନ । ସେଇ ଝିଅଟା ଦିନେ ତାକୁ କେଣ୍ଟିନରେ କହିଥିଲା, ତୁମର ସାବିତ୍ରୀପରି ଚରିତ୍ର ପୃଥିବୀର କୌଣସି ସାହିତ୍ୟରେ ନାହିଁ । ଭାରତୀୟ ବ୍ରାହ୍ମଣମାନଙ୍କୁ ଖୁବ ଶ୍ରଦ୍ଧା କରୁଥିଲା । ଦିନେ ଗପ କରୁ କରୁ କହିଲା, ମୋତେ ଯଦି କେହି ବ୍ରାହ୍ମଣ କରି ଦିଅନ୍ତା, ମୁଁ ହୋଇଯାନ୍ତି । ଶଙ୍କର କହିଥିଲା, ବ୍ରାହ୍ମଣ ହୋଇ ଜନ୍ମ ନ ହେଲେ ହେବା ସମ୍ଭବ ନୁହେଁ, ଆଜିକାଲି । ସେ ଉତ୍ତର ଦେଇଥିଲା, ସର୍ବସ୍ୱ ତ୍ୟାଗ ଯେ କରିପାରେ, ସେହି କେବଳ ବ୍ରାହ୍ମଣ ପଦବାଚ୍ୟ । ପୃଥିବୀରେ ବର୍ତ୍ତମାନ ବ୍ରାହ୍ମଣ ଅଛନ୍ତି କି ନା ସନ୍ଦେହ ।

ହାଇଡେଲବାର୍ଗ ଛାଡ଼ିବା ପୂର୍ବରୁ ସେ ତାକୁ ଚା ଖାଇବାକୁ ଡାକିଥିଲା । ପେଟେ ଖୁଆଇଲା ତାକୁ । ବିଦାୟ ନେଲା ବେଳକୁ କଣ୍ଠଲଗ୍ନା ହୋଇ ପଚାରିଲା—ତୁମେ ମୋତେ ଗୋଟାଏ ଚୁମ୍ବ ଦବନାହିଁ ? ତା ପରେ ତାକୁ ଏତେ ଜୋରରେ ଜାକି ଧରିଲା ଯେ ଶଙ୍କର ପ୍ରାୟ ଦୁଇ ମିନିଟ ତାର ବାହୁ ବନ୍ଧନରେ କଟେଇଥିଲା । ଓଠଟା ଉଠେଇ ନେଇ ତା ଆଡ଼କୁ ଅନେଇ ଦେଖେ, ସେ ଚାହିଁଛି ଶଙ୍କର ମୁହଁକୁ, ଆଖିରେ ତାର ଅତୃପ୍ତି ।

ଉମାର କଣ୍ଠସ୍ୱର ।

"ଭାଇନା ଶୋଇଲେ କି ?" ଆସ୍ତେ ଆସ୍ତେ ପଚାରୁଛି ଉମା ।

ଚାହିଁଲା ଶଙ୍କର । ଉମା ବିଛଣାଟା ଗଡେଇ ଦେଲା ତଳେ, ଶଙ୍କରର ଗୋଡ ଆଡକୁ ।

"ଆମେ ଏଠି ଶୋଇବା ଭାଇନା ।"

"ବହୁବଚନରେ କହୁଛୁ ଯେ ?" ଶଙ୍କର ହସିଲା । ଉମା ମଧ୍ୟ ।

"ତାକୁ କିପରି ଛାଡ଼ିବନି ?"

"ମୁଁ ତ କାହାରିକି ଅଟକେଇନି ।"

"ତୁମେ କଣ ଅଟକେଇଛ । ଅଟକେଇଛି ତାର ନିୟତି । ସେ କି ଶୋଇବ କି ଭରସାରେ । ଯେ ଧମକ ଦେଇଛ ?"

Digitized by srujanika@gmail.com

"ଧମକ କଣ ଦେଲାରେ ?"

"ସ୍ବିଚ ଖୋଲିବାର ।"

ଏଥର ଯୋରେ ହସି ଉଠିଲା ଶଙ୍କର ।

"ଗୋଟାଏ ଝିଅ କଥା ଭାବୁଥିଲି ।"

"କିଏ ସେ ?" ବାଛଣା କରୁ କରୁ ପଚାରିଲା ଉମା ।

"ତା ନା, ଧର କେଥେରିନ । ମୋ ସାଙ୍ଗରେ ପଢ଼ୁଥିଲା ।"

"ବୟସ କେତେ ?"

"ଏଇ ମୋର ବୟସୀ । ବର୍ଷେ ଦିବର୍ଷ ଏପାଖ ସେପାଖ ହୋଇପାରେ । ଦିନେ ମୋତେ କଣ କହିଲା ଜାଣୁ ?"

"କଣ ?"

"କହିଲା, ମୋତେ ଯଦି କେହି ବ୍ରାହ୍ମଣ କର ଦିଅନ୍ତା ?..."

"ତାହେଲେ ତୁମକୁ ବରଣମାଳା ଦିଅନ୍ତା ।"

ହସି ଉଠିଲା ମାନ ।

"ସେ ଗୁଡା ଭାର ବଜ୍ଜାତ ଝିଅ । ମୁଁ ଜାଣେ ସେମାନଙ୍କ କଥା । ସେ ଦେଶର ଝିଅମାନେ ସ୍ୱାମୀ ଶିକାର କରନ୍ତି । ସ୍ୱେ ତ କହୁଥିଲେ, ସେଠି ସବୁ ସ୍କୁଲ ଅଛି, ଏ ବିଷୟରେ ଶିକ୍ଷା ଦିଆଯାଏ ।"

ହସିଲା ଶଙ୍କର ଉମା କଥାରେ ।

"ତୁ ଜାଣୁନି ବୋଲି ତ ମୁଁ କହୁନି । ମୋ କଥାଟା ଶୁଣି ସାରୁ ଆଗେ ?"

"କୁହ ।"

ଅନେଇଲା ଶଙ୍କର ମାନ ଆଡକୁ । ହସିଲା ଟିକଏ ।

"ସେଇ କେଥେରିନର ଭାରତ ଆସିବାର ଇଚ୍ଛା ନଥିଲା । ସମ୍ଭବ ବି ନଥିଲା । କିନ୍ତୁ ଭାରି ଭଲ ଝିଅଟା । ମୋର ଅନେକ ଛୁଣ୍ଡାମୋଜାକୁ ମରାମତି କରିଛି । ଖାଇବାକୁ ଡାକେ ଯେବେ ତେବେ । ଥରେ ଜରରେ ପଡ଼ିଲି ମୁଁ— "ଫ୍ଲୁ" । ଭାରି ଡରନ୍ତି ଏ ରୋଗକୁ ସେଠି । କେହି ମୋ ଦୁଆର ମାଡ଼ିଲେ ନାହିଁ । ସେଇ କେଥେରିନ କେବଳ ଆସିଲା ଏବଂ ସାତଦିନ କାଳ ମୋତେ ସେବାକରି ସୁସ୍ଥ କଲା । ଜର ଦେଖେ, ଔଷଧ ଦିଏ, ପଥ୍ୟ ରାନ୍ଧେ, ଡାକ୍ତର ଡାକେ, ସଫା କରେ । ବହୁତ କରିଛି ମୋର ସେ ।"

Digitized by srujanika@gmail.com

"ତାପରେ ?" ଉମା ପଚାରିଲା, "ବ୍ରାହ୍ମଣ ହେଲା ?"

"ନା" ହସି ଉତ୍ତର ଦେଲା ଶଙ୍କର ।

ହଠାତ୍ ପଚାରିଲା—"ମାନ କି ଜାତର ଝିଅ ଜାଣିନା ?"

"ଉମା କି ଦୃଷ୍ଟ ଦେଖୁଛ ମାନ ?" ମାନ ଲାଜରେ ତଳକୁ ମୁହଁ କଲା ।

"ଉତ୍ତର ତୁମେ ନ ଦିଅ । ସେ କଣ ମୁଁ ଜାଣେ ।"

"କଣ ସେ ?"

"ତୁମକୁ କାହିଁକି କହିବ ?"

"ନ କହ ।"

ମୁଁ ଦେଖେ ଚୁପ ହେଲା ନା ନାହିଁ । ଶୁଇଗଲା ଉମା ।

"ମାନ ।"

"ଗୋଡ ମୋଡ଼ିଦେବ ?"

"ନା ।"

"ଭଲ ଲାଗୁନ ?"

"ତୁମେ ମୋ ପାଖରେ ବସିଛ । ଏଇ ଉପଲବ୍‌ଧିଟା ମଧୁର । ଆଲୁଅଟା କମେଇ ଦିଅ ।"

ଆଲୁଅଟା କମେଇ ଦେଇ ମାନ ଯାଇ ବସିଲା ଖଟରେ ।

"ତୁମେ ଟିକିଏ କିଛି ଖାଇଆସ ମାନ ?"

"ମୁଁ ଖାଇବନି କିଛି ।"

"ଦେହ ଭଲ ଲାଗୁନ ?"

"ନା ମନ ହଉନି ।"

"ଖୁବ କଷ୍ଟଦେଲି ତୁମକୁ ।"

"ତୁମ କଷ୍ଟ ତୁଳନାରେ ସେ କିଛି ନୁହେଁ ।"

ବାଃ, ମାନ ତ ବେଶ କଥା କହିପାରେ । ଆଖି ବୁଜିଲା ଶଙ୍କର । ଶୋଇ ପଡ଼ିଲା ସେ ।

ଉମା ପଶିଲା ଚୈତ୍ର ଧର । ଗୋଟାଏ ପଥୁରିବାଟିରେ ଆଣିଛି ଗରମ ଗରମ ସୁରୁଆ, ଗୁଆ ଘିଅରେ ବଘାର । ବାସନାରେ ଘରଯାକ ମହକି ଉଠିଲି । ଚୈତ୍ରଟା

Digitized by srujanika@gmail.com

ଟେବୁଲ ଉପରେ ରଖିଲା । ମାନକୁ ପଚାରିଲା "ଶୋଇଛନ୍ତି ?" ମାନ ମୁଣ୍ଡ ହଲାଇ ହଁ କଲା ।

ନିଦ ଭାଙ୍ଗିଗଲା ଶଙ୍କରର । ବୁଝିଲା ସେ । ସେଇ ସ୍ୱଳ୍ପାଲୋକରେ ସେ ଉମାକୁ ଦେଖିପାରିଲା । ସୁରୁଆର ବାସ୍ନା ତାର କ୍ଷୁଧା ଉଦ୍ରେକ କଲା ।

"ଉମି, ସୁପ ଆଣିଛୁ ?"

"ହଁ ଭାଇନା । ଫୁଟୁଛି । ଟିକଏ ଅଣ୍ଡା ହଉ ଖାଇବ । ଆଳୁଅଟା ଡେଇଁ ଦେବ ?"

"ଦେ ।"

ଆଲୋକିତ ହେଲା ଘରଟା । ବୋଉ ଆସିଲେ । ଚନ୍ଦ୍ରଶେଖର ତାଙ୍କ ପଛେ ପଛେ । ମାନ ଯାଇ ଆଲମାରି କୋଣରେ ଆତ୍ମଗୋପନ କଲା । ବୋଉ ଝୁଙ୍କି ପଡ଼ିଲେ ଶଙ୍କରର ମୁଣ୍ଡ ପାଖରେ । ତାର ଗାଲରେ, ଗଳାରେ ହାତ ବୁଲେଇଲେ । ପଚାରିଲେ, "ଦେହ କେମିତି ଅଛୁ ବାପା ?"

"ଭଲ ବୋଉ ।"

ଚନ୍ଦ୍ରଶେଖର କହିଲା—"ମାମୁ ଗୋଟାଏ ଶୋଇବା ଔଷଧ ଦେଇ ଯାଇଛନ୍ତି । ଦରକାର ହେଲେ ଖାଇବ ।" ସେ ଔଷଧଟା ରଖିଲା ଟେବୁଲ ଉପରେ ।

"ଦରକାର ହବନି ।"

"ତାହେଲେ, ଏଇ ଝୋଳ ଟିକକ ଖାଇ ଶୋଇପଡ଼ ।" ବୋଉଙ୍କ ନିର୍ଦ୍ଦେଶ ।

"ବୁଢ଼ୀ ଆଉ ମାନ ତ ରହିଲେ ଏଠି । ବୁଢ଼ି, ପିଇବା ପାଣି ଆଣି ରଖିବୁ ।" ପୁଣି ଥରେ ସବୁ ଦେଖି ବାହାରିଗଲେ ବୋଉ । ଚନ୍ଦ୍ରଶେଖର ଯିବା ଆଗରୁ କହିଗଲା—"ଶୋଇପଡ଼ ଚୁପ୍‌ଚାପ୍, Tomorrow is a new day ।"

"ଆଇ ନୋ ।"

ଚନ୍ଦ୍ରଶେଖର ହସି ହସି ବାହାରିଗଲା । ଉମା ଦେଖିଲା ସୁପବାଟିରୁ ବାମ୍ପ ବାହାରିବା କମିଗଲାଣି । ବାଟିଟାକୁ ସ୍ପର୍ଶ କଲା । ଥଣ୍ଡାହୋଇ ଆସୁଛି । ଟୁଲ ଆଣି ଥୋଇଲା । ଟ୍ରେଟା ରଖି ଡାକିଲା ମାନକୁ ।

ଆଗେଇ ଆସିଲା ମାନ ।

Digitized by srujanika@gmail.com

"ନେ, ଏଇଠି ବସ୍ । ଗ୍ଲୁକୋଜରେ ଖୋଇଦେ ଖାଇବାକୁ ।" ଆଲଣାରୁ ଗୋଟିଏ ନରମ ତଉଲିଆ ଆଣି ଶଙ୍କର ବେକ ପାଖରେ ସୁନ୍ଦର କରି ଗୁଞ୍ଜିଦେଲା ଉମା । ପଡ଼ିଲେ ସେଇ ତଉଲିଆରେ ପଡ଼ିବ । "ପାଉରୁଟି ଖୋଇ ?"

ମାନି ମୁଣ୍ଡ ହଲେଇ ସମ୍ମତି ଦେଲି ।

"ବସ ତାହେଲେ ଏଠି ।"

ମାନି ଖଟରେ ବସିଲି, ଶଙ୍କରର ମୁଣ୍ଡ ପାଖକୁ । ଲୁଗାକାନିରେ ଗୋଟାଏ କୁଣ୍ଡଳୀ କରି ତା ଉପରେ ବାଟିଟାକୁ ରଖିଲି ନିଜ କୋଡ଼ରେ । ଗ୍ଲୁକୋଜରେ ଖୋଳି ଉଠେଇ ନେଇ ଶଙ୍କରର ପାଟିରେ ଢାଳିଦେଲି । ଶଙ୍କର ଶାନ୍ତ ପିଲାଟିପରି ଖାଇଲି ।

"ଅପୂର୍ବ ହୋଇଛିରେ ଉମି ।" ହସି ତାରିଫ କଲି ଶଙ୍କର ।

"ଆଉ ସେବାଟା ? ମାନିର କଣ କମ, ସେଇ ଜାଗମାନ ଝିଅଟା ତୁଳନାରେ ?"

ହସିଲି ଶଙ୍କର ।

"ଖାଇଦିଅ । ମୁଁ ବି ଖାଇଆସେ । ପିଇବା ପାଣି ଆଣିବାକୁ ହେବ ।"

ସେ ଗ୍ଲୁଲିଗଲି ।

ଆସ୍ତେ ଆସ୍ତେ ବାଙ୍ଗିକଯାକ ଖୋଳ ମାନି ଖୁଏଇଲା ଶଙ୍କରକୁ । ତାପରେ ସାବଧାନରେ ତଉଲିଆଟା ଉଠେଇ ନେଇ ଶଙ୍କରର ଓଠ ପୋଛିଦେଲା ।

"ସିଗ୍ରେଟ ଦେବି ?" ପଚାରିଲା ମାନି ।

"ଦିଅ ।"

ସିଗ୍ରେଟ ଲଗେଇ ଦେଲା ମାନି । ପଚାରିଲା, "ମୁଁ ଏଗୁଡ଼ା ରଖିଦେଇ ଆସେଁ । ଏଇକ୍ଷିଣି ଫେରି ଆସିବି । ଯିବି ?"

"ଯାଅ ।" ଶଙ୍କର ମୁହଁରେ ତୃପ୍ତି ।

ମାନି ଟ୍ରେଟା ଧରି ବାହାରିଗଲା ।

ଆସିଲା ଉମା ଗୋଟାଏ କାଚ ପାତ୍ରରେ ପାଣି ଓ ଗିଲାସ ଧରି । ପାତ୍ରଟାକୁ ଟେବୁଲରେ ରଖି କହିଲା—"ମାନି ଆସୁଛି ଖାଇନା ?"

"ତୁ ଖାଇଲୁ ତ ?"

"ହଁ, ଖାଇନେଲି ଅଳ୍ପ ଟିକିଏ ।"

Digitized by srujanika@gmail.com

"ସେ କଣ ଖାଇଲାରେ ଉମି ?"

"କହୁନା । ଭାରି ଜିଦଖୋର ହିଅଟା । ତୁମକୁ ଭାରି ଜଳେଇବ । ରହୁଥ ।"

"ତୁ ତା ଉପରେ ଚଢ଼ିଲାପରି ମନେ ହେଉଛୁ ।" ଶଙ୍କର ପଚାରିଲା ହସି ହସି ।

"ଦେଖନା ? ବୋଉ କହୁଛି, ମୁଁ ଡ଼ାକୁଛି । ଆ, ଖଣ୍ଡେ ପୁରି ଟିକଏ ତରକାରି ଖା । ମନାକଲା । ନଖାଉ କାହାର କଣ ଯିବ ?"

"ଆସୁଛି । ସେଇ ବାଟିଟା ମାଜିଲା । ତଉଲିଆଟାକୁ ଧୋଇ ଶୁଖେଇ ଆସିବ ।"

ଶଙ୍କର ନୀରବରେ ମାନକୁ ଅପେକ୍ଷା କଲା ।

ସେଇ ରାତିର ଶେଷ ଆଡ଼କୁ । ଶଙ୍କରର ନିଦ ଭାଙ୍ଗିଗଲା । ସେ ଆଖି ଖୋଲି ଦେଖିଲା, ମାନ ସେମିତି ବସିଛି ତା ମୁହଁକୁ ଚାହିଁ । ମୁଣ୍ଡର ବାଳଗୁଡ଼ା ଅବନ୍ୟସ୍ତ ହୋଇ କପାଳ ଓ ଗାଲରେ ପଡ଼ିଛି । ମୁଣ୍ଡରେ ଲୁଗା ନାହିଁ । ଉମା ନିଘୋଡ ନିଦରେ ଶୋଇଛି କମ୍ବଳ ଘୋଡ଼ାଇ । "ମାନ ?" ଧୀରେ ଡ଼ାକିଲା ଶଙ୍କର । ଚମକି ସିଧା ହୋଇ ବସିଲା ମାନ । ମୁଣ୍ଡର ଲୁଗାଟାକୁ ସଜାଡ଼ିବାକୁ ଯାଉଥିଲା । ଶଙ୍କର ତା ହାତଟାକୁ ଧରି ପକେଇଲା । "ଥାଉ ।" ବ ହାତରେ ମାନର ମୁଣ୍ଡବାଳରେ ଆଙ୍ଗୁଳି ସ୍ପର୍ଶକଲା ଶଙ୍କର । ମାନର ନିଦ୍ରାକାତର ଆଖିପତାଗୁଡ଼ା ବୁଜିଗଲା । ଧୀରେ ଧୀରେ ମୁଣ୍ଡଟା ତାର ଶଙ୍କରର ଛାତି ଉପରକୁ ନଇଁ ଆସି, ସେଠି ରହିଲା । ଶଙ୍କର ତା ମୁଣ୍ଡରେ ହାତ ବୁଲେଇ ଦଉଥାଏ, ଆଙ୍ଗୁଳି ସଞ୍ଚାଳନା କରୁଥାଏ ତାର କେଶଗୁଚ୍ଛରେ । ମାନର ଆନନ୍ଦରେ ପରିପୂର୍ଣ୍ଣ ତୃପ୍ତି । ଆଖିଦିଟା ନିମୀଳିତ । ସେ ଶୋଇ ପଡ଼ିଲା ସେମିତି । କଡ଼ ଲେଉଟେଇଲା ଉମା । ଚଟକରି ମୁଣ୍ଡଟାକୁ ଉଠେଇ ଆଣିଲା ମାନ ଶଙ୍କରର ଛାତି ଉପରୁ । ସିଧା ହୋଇ ବସିଲା ।

"କେତେଟା ବାଜିଲା ?" ଶଙ୍କର ପଚାରିଲା ।

ଟେବୁଲ ଉପରୁ ଘଡ଼ିଟା ଆଣିଦେଲା ମାନ ।

"ଝରକାଟା ଖୋଲି ପାରିବ ?"

ମାନ ଉଠିଯାଇ ଝରକାଟା ଖୋଲିଦେଲା । ଝଲକାଏ ଥଣ୍ଡା ପବନ ଆସି ମାନର ମୁହଁ ଦେହ ସ୍ପର୍ଶ କରିଗଲା ।

ଧଡ଼ପଡ଼ ହୋଇ ଉଠି ବସିଲା ଉମା । ଲୁଗାପଟା ସଜାଡ଼ି ନେଇ ଉଠି ଠିଆ ହେଲା ।

Digitized by srujanika@gmail.com

"ଦେଖିଲ, ସକାଳ ହେଲଣି ।"

ବଛଣାଟା ଗୁଡେଇ ନେଇ ସେ ବାହାରିଗଲା ।

କୋଡ଼ିଏ

ସେଦିନ ରବିବାର । ଚନ୍ଦ୍ରଶେଖରର ଅଫିସ ଯିବା ଦରକାର ନାହିଁ । ସେ ଆସି ଡାକ୍ତରଙ୍କୁ ଡାକିଗଲା । ମାମୁ ଆସିଲେ ସାତଟା ବେଳକୁ । ବେଣ୍ଡେଜ ଖୋଲି କ୍ଷତଟାକୁ ପରୀକ୍ଷା କଲେ ଆଉଥରେ । ବିଶେଷ କିଛି ନୁହେଁ; ସୁପରଫିସିଏଲ ଇଞ୍ଜୁରି । ବେଣ୍ଡେଜ କରିବା ଦରକାର ନାହିଁ । ମଲମ ଲଗେଇ, ପ୍ଲାଷ୍ଟର ଟେପ ଦେଇ ଡ୍ରେସିଂ କରିଦେଲେ । ତାପରେ ଖୁସି ଖୁସି ଗଳାରେ କହିଲେ, "ଆଉ କିଛି ଭାବିବାର ନାହିଁ । ଆ, ପଦାକୁ ଯିବା ।"

ପିଣ୍ଡାକୁ ଆସିଲେ ମାମୁ ଭଣଜା । କାଲି ଯେ ଏତେବଡ ଆଘାତଟା ତାକୁ ସହ୍ୟ କରିବାକୁ ହୋଇଥିଲା, ଆଜି ସକାଳୁ ଶଙ୍କରକୁ ଦେଖି କେହି ବିଶ୍ୱାସ କରିବ ନାହିଁ । ମୁହଁରେ ସେହି ହସ । ମାମୁ ଡାକିଲେ ତା ବୋଉକୁ, "ଦେଖିଲୁ ନାନୀ, ତୋ ପୁଅ ଠିକ୍ ଅଛି ତ ?" କୃତଜ୍ଞତାର ଅଶ୍ରୁ ପୋଛୁଲେ ନାନୀ, କହିଲେ, "ଭାଗ୍ୟ, ଜୋଉଁ ଥିଲେ ବୋଲି, ତତେ ନେଇ ଆସିଲେ ସାଙ୍ଗେ ସାଙ୍ଗେ । ଯେଉଁ ରକ୍ତ, ବାବାରେ ବାବା । ଆଉ ସେଇ ଝିଅଟା, ମାନ । ଧନ୍ୟ ବୁଦ୍ଧି ତାର ।"

"ହଁ । ସେଇତ ଚନ ଦେଇ ରକ୍ତ ବନ୍ଦ କରି ଦେଇଥିଲା । ନ ହେଲେ ବହୁତ ରକ୍ତ ଯାଇଥାନ୍ତା । ଖୁବ ବାହାଦୂର ଝିଅ । ଯେମିତି ସାହସୀ, ସେମିତି ବୁଦ୍ଧିମତୀ ।" ମାମୁ କହିଲେ ।

"ଆଉ କହିବାକୁ ଅଛି ? କାଲି ରାତସାରା ବୁଢ଼ୀ ବଛଣା ପାଖରେ ବସିଛି । ମୁଁ ତିନଥର ଯାଇଛି; ଦେଖେ, ସେ ସେଇ ଜାଗାରେ ବସିଛି । କେତେବେଳେ ଗୋଡ ଚିପୁଛି ତ କେତେବେଳେ ହାତ ଚିପୁଛି ।"

ଶଙ୍କରର ମୁହଁକୁ ଚାହିଁଲା ଉମା, ମୁରକି ହସି ।

ମାମୁ ତରତର ହୋଇ ବାହାରିଲେ ।

"ସେଇ ଝିଅଟିର ବାହାଘର କଣ ଠିକ୍ କରିଛ ପରା, କେବେ ?"

"ବର କଣ ଠିକ୍ ହେଲାଣି ।" ବୋଉ କହିଲେ ।

Digitized by srujanika@gmail.com

"ମୋତେ ଡାକିଲେ ଖବର ଦବ ।" ବାହାରି ଗଲେ ମାମୁ ।

ହଠାତ୍ ବାହାରେ ଗୋଳମାଳ ଶୁଣାଗଲା । ଶଙ୍କର, ଚନ୍ଦ୍ରଶେଖର ଆଉ ଉମା ଦାଣ୍ଡକୁ ଆସି ଦେଖିଲେ କିଏ ଗୋଟାଏ ଲୋକ ବାପାଙ୍କ ଗୋଡ ତଳେ ଲମ୍ବତମ୍ବ ହୋଇ ପଡ଼ିଛି । ଦଦେଇ ପାଟି କରୁଛନ୍ତି, "ଏଇ ବଦମାସ ଗ୍ରମା, ଛଟଙ୍କା ନେଇ ଏଇ କାମ କରିଛି ।"

"ଟଙ୍କା କିଏ ଦେଲା ତାକୁ ?" ଉମା ପଗ୍ଭରିଲା ।

ସେ ଲୋକଟା କଣ କହିଲା, ଶୁଭିଲା ନାହିଁ । ବାପା କହିଲେ—"ଯା ପଲା ଉଠିଯା ।"

ଠିଆ ହେଲା ଲୋକଟା । ମାମୁ ଚହ୍ନିଲେ । ଆରେ ଏଟାତ ଗ୍ରମ ତରେଇ । ଏଇ ମାରିଛି କାଲି ବୁଢ଼ାକୁ ?

"କିରେ ତୋ ପୁଅ କିମିତ ଅଛି ?"

"ମରିଗଲା ।"

"ମରିଗଲା ? ତାକୁ କଟକ ନେଇଥିଲୁ ?"

"ନା, ଏଇଠି ।"

"ତୁ ତାକୁ କଟକ ନେଲୁନି ?"

ଦଦେଇ କହିଲେ, "ତୁମେ ତାକୁ ଯେଉଁ ଟଙ୍କା ଦେଇଥିଲ, ସେଥିରେ ସେ ତାଡ଼ି ଖାଇଛି । ହତଭାଗା, ବଦମାସ, ଗୁଣ୍ଡା, ନକଲ ହିଁଆସେ ।"

ଗ୍ରେରଙ୍କ ପରି ପଳେଇଲା ଲୋକଟା ।

ମାନ ବସିଛି ପଖାଳ ଖାଇବାକୁ । ଗାଧୋଇ ଆସିଛି ସେ । ଗାଧୋଇଲା-ବେଳେ ଦେଖିଲା ତା ହାତରେ ରକ୍ତ ଲାଗିଛି, ଶଙ୍କରର ରକ୍ତ । ଶିହରି ଉଠିଲା ସେ । ପରିଷ୍କାର କରି ନଈରେ ବୁଡ଼ି ଗାଧୋଇଲା । ମୁଣ୍ଡ ଧୋଇଲା । ଆଖିଗୁଡ଼ା ତାର ବୁଜି ଯାଉଥାଏ ନଦରେ । ଗ୍ଭତସାରା ସେ ଶଙ୍କରକୁ ଜଗିଛି । ଶୋଇଲେ ଶଙ୍କରର ମୁହଁଟା କେଡ଼େ ଶାନ୍ତ, କେତେ କମନୀୟ ଦିଶେ । ତା ପ୍ରତି ସ୍ନେହ ଉଦ୍‌ବେଳ ହୋଇ ଉଠିଲା ତା ଛାତିରେ । କେଡ଼େ ବିଦ୍ୱାନ ସେ । ସାଢ଼େ ସାତ ହଜାର ଟଙ୍କା ଦରମା ପାଇବେ ମାସକୁ । ସାଢ଼େ ସାତ ହଜାର । ସେ ଯେ କେତେ ଟଙ୍କା କଳନା କରି ପାରିଲାନି ମାନ । କଞ୍ଚା ଲଙ୍କାଟାକୁ ଆମ୍ବୁଲ ପାଣିରେ ଚକଟି ଦେଲା ସେ । ତା ବୋଉ ଦେଖିଲେ ମାନ ଗୋଟାଏ ମୁଦି ପିନ୍ଧିଛି । ପଥର ବସା ରୁପା ମୁଦିଟାଏ ।

Digitized by srujanika@gmail.com

"ସେଟା କ ମୁଦ କଲୋ ?" ପଚାରିଲେ ବୋଉ ।

ମାନ ସାବଧାନ ହେଲା, "ଉମାର ମୁଦଟା ବୋଉ ।"

"ଏଇ ରୂପା ମୁଦଟା ଉମାର ? ସେ କଣ ଏଟା ନାଏ ?"

ଆସି ଠିଆ ହେଲା ଉମା । ମାନ ତାକୁ ଆଗ ଦେଖିଲା । ହସି ଡାକିଲା, "ଆସ" ।

ବୋଉ ମୁହଁ ବୁଲେଇ ଦେଖିଲେ ଉମା ଠିଆ ହୋଇଛୁ । ସେ ଆଗେଇଗଲେ ।

"ଆସ ମା, ତୁମ ଭାଇନା ଭଲ ଅଛନ୍ତ ତ ?"

"ହଁ, ସକାଳୁ ମାମୁ ଦେଖିଗଲେ । ଘା ଶୁଖି ଆସୁଛୁ । ସେ ଆସି ବସିଛନ୍ତ ବେମଳରେ । ଖିଅର ହଉଛନ୍ତ । ଆଜ ଆମେ ଯାଉଛୁ ମାଉସୀ ।"

"କୁଆଡ଼େ ?"

"କଟକ ଫେରଯିବା । ଭାଇନା ବ ଯିବେ ଆମ ସାଙ୍ଗରେ ।"

ଉମା ଦେଖିଲ, ମାନ କେତେବେଳୁ ଖାଇବା ବନ୍ଦ କର ଏମାନଙ୍କ କଥା ଶୁଣୁଛୁ । ଶେଷ କଥାଟା ଶୁଣି ତା ମୁହଁ ଶୁଖିଗଲ । ସେ ପଖାଳବେଲଟା ନେଇ ଗୋରୁହାଣ୍ଡିରେ ଢାଳ ଦେଲ ।

"କଲେ, କଛତ ଖାଇଲୁ ନାହିଁ" ତା ବୋଉ ଅନୁଯୋଗ କଲେ ।

"ଭୋକ ନାହିଁ ବୋଉ ।"

"ପଖାଳ ରୁଚୁ ନାହିଁ ଟିଅଲୁ । ସଙ୍ଗାତମାଉସୀ ଘରେ ଦୁଧ ପିଅ ଆସୁଛୁ ।" ହସିଲେ ମାନବୋଉ ।

"କାଲ ରାତରେ ମାନ କଛୁ ଖାଇନ ମାଉସୀ ।"

"ସେଇ କଥାତ କହୁଛୁ । ଏ ଘର ଭାତ ତାକୁ ରୁଚୁନ ।"

"କଣ କହୁଛୁମ ବୋଉ ?" ରାଗି ଉଠିଲ ମାନ । ତା ବୋଉ ଚୁପ କରଗଲେ ।

"ମାନକୁ ମୁଁ ନେଇ ଯାଉଛୁ ମାଉସୀ ।"

"ଯାଉ । ମୁଁ କଣ ମନା କରୁଛୁ ? ମୁଁ ବ ଯିବ । ସେ ଆସନ୍ତୁ ।"

ମାନ ଆଉ ଉମା ଘର ଭିତରକୁ ପଶିଲେ । ମାନ ଗୋଟାଏ ପେଟର ଖୋଲଲ । ଶାଢ଼ି ବ୍ଲାଉସ କାଢିଲ । ଫିକା ନୀଳରଙ୍ଗର ମାମୁଲି ଶାଢ଼ି । ସାଗୁଆ

Digitized by srujanika@gmail.com

କନାର ବ୍ଲାଉସ । ସେ ବ ମାମୁଲି । ବ୍ଲାଉସଟା ପାଉ ନ ଥାଏ ତା ସ୍ଫୀତକୁ । ତାର ଉଦ୍ଧତ ସ୍ତନ ଗୁଡ଼ାକୁ ଢାଙ୍କିବାକୁ ଶକ୍ତନାହିଁ ବସ୍ତ୍ରର । ଟାଣିବାକୁ ଯାଇ ଛିଣ୍ଡି ଗଲା । କାଢ଼ ପକାଇଲା ମାନ ଙ୍ଗର ଙ୍ଗର କର ।

"କଣ ପିନ୍ଧିବ ?"

"ଆଉ ବ୍ଲାଉସ ନାହିଁ ତୋର ?"

"ନା, ଗୋଟାଏ ଥିଲା, ତାକୁ ଧୋଇଛୁ ।"

ଉମା କହିଲା, "ତୁ ଥା ମୁଁ ଆସୁଛୁ । ଦଉଡ଼ିଲା ସେ ଘରକୁ । ତା ଲୁଗା ଟ୍ରାଙ୍କ ଖୋଲି କାଢ଼ିଲା ଦଟା ଶାଢ଼ି, ଦଟା ବ୍ଲାଉସ, ଦଟା ସାୟା । ବ୍ରେସିଆର ବି ନେଲା । ଖବରକାଗଜରେ ଗୁଡ଼େଇ କାନଭିତରେ ଲୁଚେଇ ପଳେଇ ଆସିଲା ବାଡ଼ବାଟେ ମାନ ଘରକୁ । ମାନ ସେମିତି ଖଟ ଉପରେ ବସିଛୁ । ତା ଆଖିରୁ ଲୁହ ବୋହିଯାଉଛୁ । ଛିଣ୍ଡା ବ୍ଲାଉସଟା ପଡ଼ିଛୁ ଖଟ ତଳେ ।

ଉମା ଘର ଭିତରକୁ ପଶି କବାଟଟା ଆଉଜେଇ ଦେଲା । ତାପରେ ଗୋଟି ଗୋଟି କରି ପିନ୍ଧେଇଲା ମାନକୁ ଲୁଗାପଟା । ଆଜି ସେ ଦେଖିଲା ମାନକୁ ଭଲକରି । ଅପୂର୍ବ ସ୍ୱାସ୍ଥ୍ୟ ଏ ଝିଅଟାର । ପ୍ରତ୍ୟେକଟି ଅଙ୍ଗ ଯେମିତି କୁନ୍ଦା ହୋଇଛୁ । ତାର ସ୍ତନଗୁଡ଼ା କ ଟାଣ । ଅଣ୍ଟାଟା ସରୁ । ନିତମ୍ବଟା ମାଂସଳ ଅଥଚ କି ସୁନ୍ଦର ଭାବରେ ଗୋଲ । ଗୋଡ଼ଦଟା ସିଧା ସିଧା । ପେଟଟା ଚେପ୍‌ଟା । ପାଦର ଆଙ୍ଗୁଳିଗୁଡ଼ା ଯେମିତି ଚମ୍ପା କଢ଼ି । କଏ ସଜେଇ ଦେଇଛୁ ।

ଶାଢ଼ିଟା ପିନ୍ଧେଇସାରି ଠିଆ ହେଲା ଉମା । ଖୁସିରେ ତାକୁ କୁଣ୍ଢେଇ ପକେଇ ତା ଗାଲରେ ଚୁମ ଖାଇଲା ।

"ତୁ କଣ ଲୋ ମାନ ? ତୁ ମଣିଷ ନା କନ୍ୟା ? ତୁଯେ ଏତେ ସୁନ୍ଦର, ମୁଁ ଜାଣି ନଥିଲି ।"

ଲାଜରେ ଲାଲ ହୋଇ ଉଠିଲା ମାନ ।

ବସିଲେ ଦିଜଣ ଖଟରେ । ମାନ ପାନବଟା କାଢ଼ିଲା ଖଟ ତଳୁ । ଦିଖଣ୍ଡ ପାନ ଭାଙ୍ଗିଲା । ଦିଜଣ ଖାଇଲେ ।

"ଜ୍ୱର ଜିଦ ମାଡ଼ୁଛୁ ।" ମାନ କହିଲା ।

"ମାଡ଼ିବ ତ ! ମୁଁ ସେଥିଲାଗି ତ କହୁଥିଲି, ଆ ଶୋଇବୁ ।"

Digitized by srujanika@gmail.com

"ସେ କଣ ଶୁଣୁଥାନ୍ତେ ।" ତଳକୁ ମୁହଁକଲା ମାନ । "ରାତସାରା ଗୋଟାଏ ହାତରେ ମୋର ଗୋଟାଏ ହାତ ଧରି ଶୋଇଛନ୍ତି । ମୁଁ ହାତ ଘୁଞ୍ଚେଇ ନେଲେ ଉଠି ପଡ଼ନ୍ତି ।"

"ସତେ ?" ଉତ୍‌ଫୁଲ୍ଲ ହୋଇ ଉଠିଲା ଉମା ।

"ଅପା ଉମା ?"

"କଣ ।"

"ଏ ମୁଦିଟା କଣ ରୁପାର ?"

"କିଏ କହିଲା ?"

"ବୋଉ ।"

"ନାହିଁଲୋ । ସେଟା ଧଳାସୁନାର । ପ୍ଲେଟିନମ ବୋଲି ଗୋଟାଏ ସୁନା ଅଛି । ତାର ଦାମ ସୁନା ଦାମର ଦଶଗୁଣ । ସେଥିରେ ହୀରା ବସିଛି । ସେ ମୁଦିଟା ବହୁତ ଦାମ—ପାଞ୍ଚ ଛ'ଶ ଟଙ୍କା ହେବ ।"

"ଏତେ ଟଙ୍କା ଏଇ ମୁଦିଟାର ଦାମ ?" ମାନ ଆଖିରେ ବିସ୍ମୟ ।

ହସିଲା ଉମା, "ଭାଇନାଟା ମୋର କଣ ସାନ ମଣିଷଟିଏ ?"

ନୀରବ ପ୍ରଶଂସମାନ ଦୃଷ୍ଟିରେ ଉମା ଆଡ଼କୁ ଚାହିଁଲା ମାନ ।

"ତୁ ଏଠି ବସି ଗପ କରିବୁ ନା ଯିବୁ । ଭାଇନା ଜଳଖିଆ ଖାଇ ନାହାନ୍ତି । ଉଠ୍ ।"

ଦୁଇଜଣ ଉଠି ବାହାରିଗଲେ । ମାନବୋଉ ଦେଖିଲେ ଝିଅର ନୂଆ ବେଶ । ବାବା ହେଲେ ।

ପ୍ରାତରାଶ ଖାଁଉ ଖାଉ ଠିକହେଲା, ସେମାନେ ଆଜ ସନ୍ଧ୍ୟାବେଳକୁ କଟକ ଯିବେ । କାଲି ସକାଳୁ ଚନ୍ଦ୍ରଶେଖରର କଣ କନଫାରେନ୍‌ସ ଅଛି, ଆଠଟା ବେଳକୁ । ଶଙ୍କରର ଲୁଗାପଟା ସଜାଡ଼ିବା ଦରକାର । ଉମା ଉପରେ ପଡ଼ିଲା ସେ କାମର ଭାର ।

ଏକୁଇଶି

ଚନ୍ଦ୍ରଶେଖର ବାହାରି ଗଲା ଗୋଟାଏ ଘାଇ ଦେଖିବାକୁ । ଶଙ୍କରକୁ ପରିଶ୍ରମ କରିବା ମନା । ସେ ଯାଇ ତା ଖଟରେ ଶୋଇଲା । ଚନ୍ଦ୍ରା ତାର ଚାଲିଗଲା ଆଇଓଆକୁ ।

Digitized by srujanika@gmail.com

ପିକ୍‌ନିକ କରିବାକୁ ଯାଇଛନ୍ତି ଗ୍ରାଣ୍ଡ କେନିୟନକୁ । ଦଳେ ପୁଅ ପିଲା, ଝିଅପିଲା । ସାଙ୍ଗରେ ଯାଇଛନ୍ତି ଅଧ୍ୟାପକ ହାଉଜାରମାନ । ଭାରି ଫୁର୍ତ୍ତିବାଜ ଲୋକ । ନାନା ପ୍ରକାରର ବାଦ୍ୟଯନ୍ତ୍ର ବଜେଇ ଜାଣନ୍ତି । ପିଆନୋରେ ବିଟୋଫେନଙ୍କ ନାଇନ୍‌ଥ୍ ସିମ୍ଫନି ଶୁଣି ଆଖିରୁ ଲୁହ ଝରିଥିଲା ଶଙ୍କରର । ବେଳେବେଳେ ତ ସେ ମେଜିକ କରନ୍ତି । ଅଧ୍ୟାପକ ଅବିବାହିତ । ନିଶା ସ୍ପର୍ଶ କରନ୍ତି ନାହିଁ । ଝିଅ ଗୁଡ଼ାକୁ ଚଢେଇ ଚଢେଇ ଅତିଷ୍ଠ କରନ୍ତି । ଅସାଧାରଣ କ୍ରେଣ୍ଟ ଲୋକୁଇଷ୍ଟ । ଯେ କୌଣସି ଶବ୍ଦକୁ ସାଙ୍ଗେ ସାଙ୍ଗେ ନକଲ କରିଦେବେ ।

ହଠାତ୍ ଏମାନେ ଶୁଣିଲେ ଲାଉଡ୍‌ସ୍ପିକରରେ ପ୍ରେସିଡେଣ୍ଟ ଆଇଜେନ-ହାଓଆରଙ୍କ କଣ୍ଠସ୍ୱର । ପ୍ରେସିଡେଣ୍ଟ କହୁଛନ୍ତି, ପିଲାମାନେ, ତୁମେ ସବୁ ଏଠି ପିକନିକ କରୁଛ ଦେଖି ଭାରି ଖୁସି ହେଲି । ହୁଏତ ଲାଞ୍ଚବେଳକୁ ମୁଁ ବି ଯାଇ ତୁମ ପାଖରେ ଗୋଟାଏ ଗଛ ମୂଳରେ ବସି ସେଥିରେ ଭାଗ ନେବି । କିନ୍ତୁ ମୋ ପାଇଁ ଅପେକ୍ଷା କରିବ ନାହିଁ । ଆଉ ଗୋଟାଏ କଥା । ଆଜି ପିକନିକରେ ଟୁଇଷ୍ଟ ନାଚରେ ଯେ ସବୁଠୁ ଭଲ ନାଚିବ—ତାର ପୁରସ୍କାର ଏକଶତ ଡଲାର । ଧନ୍ୟବାଦ ।” କହିବା ବାହୁଲ୍ୟ, ଏ କାମ ହାଉଜାରମାନଙ୍କର ।

ଧସ୍ତାଧସ୍ତି ଲାଗିଗଲା । ସମସ୍ତେ ଉଠିଲେ ନାଚିବାକୁ, ପୁଅ ଝିଅ ନିର୍ବିଶେଷରେ । ଶଙ୍କର ଏ ନାଚ ଜାଣେନି । ସେଇ ଏକା ଗଛତଳେ ଗୋଟାଏ କୁଶନରେ ମୁଣ୍ଡ ଦେଇ ଶୋଇ ଶୋଇ ପତ୍ରିକା ଓଲଟଉଥିଲା । ହଠାତ୍ ଦେଖିଲା, ତାର ହାତଟା ଧରି ଟାଣୁଛି ତାର ସଙ୍ଗିନୀ ସୁନ୍ଦରୀ, ଡରୋଥି । ଏଇ ଡରୋଥି କର୍ଡ଼ର ବାପ କୋଟିପତି । ତେଲ ଖଣି ଓ ଲୁହା କାରଖାନାର ମାଲିକ । ଦୁଇଲକ୍ଷ କର୍ମଚାରୀ ତାଙ୍କ ଅଧୀନରେ କାମ କରନ୍ତି । ଡ଼ରୋଥି କିନ୍ତୁ ଭାରି ଭଲ ଝିଅ । ରାମକୃଷ୍ଣ ମିଶନକୁ ଯାଏ । ଗୀତା ପଢିଛି ସେ । ଆସନ ଜାଣେ କେତେ ଗୁଡ଼ା ।

ତା ହାତଟା ଧରି ଟାଣି ଉଠେଇଲା, “ଉଠ । Get up you Hindu boy, let us dance !”

“ମୁଁ ଯେ ସେ ରସରେ ବଞ୍ଚିତ ସଖୀ”—ନିବେଦନ କଲା ଶଙ୍କର ।

“I will teach you ! Get up, will you ?”

ଉଠିଲା ଶଙ୍କର । କଣ ବା ଅଛି ଟୁଇଷ୍ଟ ନାଚରେ । ଦେହକୁ ଦୋହଲେଇ, ଦୋହଲେଇ, ନାଚିବା କଥା । ତାକୁ ଶିଖେଇ ଦେଲା ଡ଼ରୋଥି । ନାଚୁ ନାଚୁ ଟାଣି ନେଇଗଲା ଦଳ ଭିତରକୁ ।

Digitized by srujanika@gmail.com

ଉନ୍ମତ୍ତ ନୃତ୍ୟ ଏଇ ଟୁଇଷ୍ଟ । ଟେପ ରେକର୍ଡାର ଯୋଗାଉଛି ସଙ୍ଗୀତ, ଏମାନେ ନାଚୁଛନ୍ତି । ନାଚୁ ନାଚୁ କାହାର ବ୍ଲାଉଜ ଖୋଲ ଗଲାଣି ତ କାହାର ବୋତାମ ଛିଣ୍ଡି ଅଣ୍ଟାରୁ ପେଣ୍ଟ ଖସିଗଲାଣି । ନାଚ କିନ୍ତୁ ବନ୍ଦ ହେଉନ । ଶଙ୍କରର ନାଚ ଦେଖି ଉର୍ବଶୀର ଖୁସିର ସୀମା ନାହିଁ ।

ସଙ୍ଗୀତ ବନ୍ଦ ହେଲା—ନାଚ ସରିଲା । ଗଳଦଘର୍ମ ନର୍ତ୍ତକ ନର୍ତ୍ତକୀ ଶୋଇ ପଡ଼ିଲେ ଲମ୍ବା ଲମ୍ବା । ଉର୍ବଶୀ ଆସି ଶଙ୍କରର ଗାଲରେ ଗୋଟାଏ ପ୍ରଚଣ୍ଡ ଚୁମ୍ବନ ଦେଲା । ପାଞ୍ଚମିନିଟ ପରେ ପୁଣି ଘୋଷଣା, ସେଇ ପ୍ରେସିଡେଣ୍ଟଙ୍କ କଣ୍ଠସ୍ୱର । "ମୋର ପ୍ରିୟ ବନ୍ଧୁଗଣ । ଆଜିକାର ନୃତ୍ୟରେ ଯେଉଁ ଦୁଇଜଣ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି ସେମାନେ ହେଲେ, ଉର୍ବଶୀ କର୍ଡ ଏବଂ ଶ୍ୟାଙ୍କାର ଶାଟପାଡ଼ି ।" ହୋ ହୋ କରି ଉଠିଲେ ସମସ୍ତେ । ଉର୍ବଶୀ ଓ ଶଙ୍କରକୁ ଟେକିନେଲେ ଦୁଇଜଣ କାନ୍ଧ ଉପରକୁ । ଆଉ ସମସ୍ତେ ନାଚ ହେଲା ।

ଅଧ୍ୟାପକ କେଉଁଠି ଥିଲେ ଆସି ପହଞ୍ଚିଲେ । ଏ ଦୁଇଜଣଙ୍କୁ ଅଭିନନ୍ଦିତ କରି ପୁରସ୍କାର ଦେଲେ । ଶଙ୍କର ବାକ୍ସଟା ବଢ଼େଇ ଦେଲା ଉର୍ବଶୀକୁ, "ଏ ପ୍ରାପ୍ୟ ତୁମର । ତୁମେ ମୋ ଗୁରୁ । ଦକ୍ଷିଣା ଏଟା ।" ହସି ଉଠିଲେ ସମସ୍ତେ ।

ଏଇ ଉର୍ବଶୀ ତାକୁ ଧରିନେଇ ଯାଇଥିଲା ତାଙ୍କ ରେଞ୍ଚ୍‌କୁ । ବଡ଼ ଦିନଟା ସେଇଠି କଟେଇବ ଏଇ ଉଦ୍ଦେଶ୍ୟରେ । ରେଞ୍ଚ୍‌ରେ ପହଞ୍ଚି ଶଙ୍କର କଳନା କଲା କି ଐଶ୍ୱର୍ଯ୍ୟ ଉର୍ବଶୀର ବାପା, ରୋନାଲଡ୍ କର୍ଡଙ୍କର । ବାହାର ପର୍ଚ୍ଚରେ ବସିଥାନ୍ତି ରୋନାଲଡ କର୍ଡ଼ । ମୁଣ୍ଡର ବାଳ, ନିଶ ସବୁ ଧଳା । ବିରାଟ ଚେହେରା । ତାଙ୍କ ଚେୟାର ପାଖରେ ଦିଟା ବିରାଟ ବିରାଟ ଗ୍ରେଟ ଡେନ୍ କୁକୁରଜାତି ଧରିଥାନ୍ତି । ଉର୍ବଶୀ ନେଇଗଲା ତାକୁ ପରିଚୟ କରିଦବାକୁ । ଏଇ ପତଳା ଅଳବୟସ୍କ ହିନ୍ଦୁ ପିଲାଟା କେମେଷ୍ଟ୍ରିରେ ଡକ୍ଟରେଟ କରୁଛି ଶୁଣି ସେ ବିସ୍ମିତ ହେଲେ । ହାତ ବଢ଼େଇ ତାର ହାତଟା ଧରି ଅଭିନନ୍ଦିତ କରି କହିଲେ "ଭାରି ଖୁସି ହେଲି । ବଡ଼ ଦିନଟା ଏଠି ପାଳିବତ ? ଯାଅ ଫୁର୍ତ୍ତି କର ।"

ଖ୍ରୀସମାସଇଭ୍ ବଲ । ଡ଼ିନାର ପରେ ଉର୍ବଶୀ ଟାଣି ନେଇଗଲା ତାକୁ ନାଚକୁ । ପ୍ରକାଣ୍ଡ ହଲ । ସେଣ୍ଡେଲିଆରରୁ ଆଲୁଅ ରଶ୍ମି ବିଚ୍ଛୁରିତ ହୋଇ ପଡୁଛି ଚାରିଆଡେ । ଅନେକ ପୁରୁଷ, ଅନେକ ନାରୀ । କେତେଜଣଙ୍କ ସାଙ୍ଗରେ ପରିଚୟ କରେଇ ଦେଲା ଉର୍ବଶୀ । ସେମାନେର ସୁଅ ଛୁଟିଛି । ସେ ବସି ବସି ଦେଖୁଥିଲା ଏ ଉତ୍ସବ । ଉର୍ବଶୀ ଆସି ଟାଣିଲା ତାକୁ , ସେ ତା ସାଙ୍ଗରେ

Digitized by srujanika@gmail.com

ନାଚବ । ନାଚିଲା ଶଙ୍କର କିଛି ସମୟ । ଫେରି ଆସି ବସିଲା । ଏଇ ମାର୍କିନ ସମାଜ । ଏଇ ନରନାରୀର ଜୀବନ । କୌଣସି ତୁଳନା ହୁଏନି ଏମାନଙ୍କର ଅନ୍ୟମାନଙ୍କ ସାଙ୍ଗରେ । ଯୁଦ୍ଧୋତ୍ତର ଇଉରୋପର ଦାରିଦ୍ର୍ୟ ତାକୁ ବ୍ୟଥିତ କରିଥିଲା । ଏମାନଙ୍କର ଐଶ୍ୱର୍ଯ୍ୟ ତାକୁ ବିହ୍ୱଳ କରିଛି । ଜୀବନଟାକୁ ଏମାନେ ବଞ୍ଚି ଜାଣନ୍ତି । ଅଭାବକୁ ଏମାନେ ଭୀଷଣ ଘୃଣା କରନ୍ତି ।

ନାଚ ସରିଲା । ଶଙ୍କର ଘଡ଼ି ଦେଖିଲା ରାତି ବାରଟା । କେଉଁ ଗୋଟାଏ ଗୀର୍ଜାରୁ ଘଣ୍ଟା ବାଜିଲା—ଢଂଢ଼ଂଢ଼ଂ, ଢ଼ଂଢ଼ଂଢ଼ଂ । ଡରୋଥି ଆସିଲା ତା ପାଖକୁ । ଚେୟାର ଛାଡ଼ି ସେ ଉଠି ଠିଆହେଲା । ଡରୋଥି ହସିଲା, କହିଲା, "ବହୁତ ନାଚିଲିଣି । କ୍ଲାନ୍ତ ଲାଗୁଛି । ମୋତେ ନେଇଚାଲ ଶୋଇବା ଘରକୁ ।" ଡରୋଥିର ଗୋଟାଏ ବାହୁକୁ ଟାଣିନେଲା ଶଙ୍କର ନିଜ ବାହୁ ଭିତରକୁ । ଆଗେଇ ଚାଲିଲେ ଦୁଇଜଣ । ପ୍ରଚୁର ସେମ୍ପେନ ପିଇଛି ଡରୋଥି । ତଥାପି ଟା ତାର ମନ୍ଥର, ଗୋଡ଼ର ଷ୍ଟେପ କିନ୍ତୁ ଠିକ୍ ଅଛି । ତାର ଶୋଇବା ଘର ଦୁଆରମୁହଁରେ ତା ହାତ ଛାଡ଼ିଦେଇ ଠିଆ ହେଲା ଶଙ୍କର ତା ସାମନାରେ ।

"ତୁମେ ମୋତେ ବିଦାୟଚୁମ୍ବନ ଦେବନି ଶଙ୍କର ?" ଶଙ୍କର କାନ୍ଧରେ ହାତ ରଖିଲା ଡରୋଥି । ଶଙ୍କର ଅନେଇଲା ଡ଼ରୋଥିକୁ । ନାଚ ପୋଷାକରେ ସଜ୍ଜିତା ଏଇ ଶ୍ୱେତାଙ୍ଗନା । ତାର ବକ୍ଷଦେଶର ଉପରାର୍ଦ୍ଧ ଉନ୍ମୁକ୍ତ । ଗୋଟାଏ ମୁକ୍ତାର ହାର ତାର ଗଳାରୁ ଲମ୍ବିଆସି ସ୍ତନସନ୍ଧିରେ ଅଟକି ଯାଇଛି । ଟାଣିନେଲା ଡ଼ରୋଥିକୁ ଶଙ୍କର । ତାର ଓଷ୍ଠକୁ ନିଷ୍ପେଷଣ କଲା ।

"Oh I adore you darling" ଡରୋଥିର ସ୍ୱୀକାରୋକ୍ତି ।

"I love you dear. Good night" । ପଳେଇ ଆସିଲା ଶଙ୍କର ନିଜ ଘରକୁ ।

ରାତିବାସ ପିନ୍ଧି କମ୍ବଳଟାକୁ ଘୋଡ଼େଇ ହୋଇ ଶୋଇ ପଡ଼ିଲା ଶଙ୍କର । ଘୁଇନିଦ ଲାଗିଯାଇଛି । ଅନୁଭବ କଲା କିଏ ଜଣେ ତା ବିଛଣାରେ ବସି କମ୍ବଳ ଭିତରେ ହାତ ପୂରେଇ ତାକୁ ଛୁଇଁଲା । ଆଖି ଖୋଲି ଦେଖିଲା, ଡରୋଥି ତା ଆଡ଼କୁ ଚାହିଁ ହସୁଛି । ଦେହରେ ତାର ନେଗ୍ଲିଜି । ନଇଁ ପଡ଼ିଲା ଡରୋଥି ତା ଉପରକୁ । ନେଗ୍ଲିଜିଟା ଖସି ପଡ଼ିଲା ତା କାନ୍ଧରୁ । ତାପରେ କମ୍ବଳଟାକୁ ଟେକି, ତାର ପାଖରେ ଶୋଇପଡ଼ି, ଟାଣି ଆଣିଲା ଶଙ୍କରକୁ ତା ଆଡ଼କୁ ।

ଉମା କେତେବେଳେ ଯେ ଆସିଛି ଶଙ୍କର ଜାଣେନି । ଆଖି ଖୋଲି ଦେଖିଲି ସେ ବସି ପଡ଼ିଛି ତଳେ । ତାର ଲୁଗାଗୁଡ଼ା ଭାଙ୍ଗ କରୁଛି ।

Digitized by srujanika@gmail.com

"କରେ ଉମି କଣ ଖବର ?"

ହସିଲା ଉମା । କହିଲା—"ସଜାଡୁଛୁ ଲୁଗାପଟା । କେଉଁ ସୁଟକେଶଟା ନବ ଭାଇନା ?"

"ଯେଉଁଟା ହେଲେ ହେଲା ।"

ଟାଣି ଆଣିଲା ଉମା ସାଗୁଆଟା ।

"ମୁଁ ଏକା ପାରୁଚ଼ିନି । ମାନଟା ଯଦି ତୁମ ଲୁଗାପଟା ଗୁଡ଼ା ସଜାଡି ଦିଅନ୍ତା ? ରାଜାର ଲୁଗାପଟା ଏଣେ ପଡ଼ିଛି । ତାକୁ ଗୋଟେଇବାକୁ ହବ ।" ବାକ୍ସଟା ଝାଡୁ ଝାଡୁ କହିଲା ଉମା ।

"ତାକୁ ଡାକୁନୁ ?"

"ସେତ ସଉଠି ବସିଛି ଭୋଳଉଛି । ରାତସାରା ତାକୁ ଶୋଇବାକୁ ଦେଇନ ତୁମେ । ଆହା ବସ୍ତ୍ରୁରେ ମୁହଁଟା ଶୁଖି ଯାଇଛି ।"

ରାଜା ପହଞ୍ଚିଲା କେଉଁଠୁ । ତା ମା ତାକୁ କହିଲା, "ଗଲୁ ମାନ ମାଉସୀକୁ ଡାକ ଆଣିବୁ ।"

ସାଙ୍ଗେ ସାଙ୍ଗେ ଦଉଡ଼ିଲା ରାଜା । ଅଳ୍ପକ୍ଷଣ ପରେ ଦୁଆର ମୁହଁରେ ଠିଆ ହେଲା ମାନ । ଶଙ୍କର ବିସ୍ଫାରିତ ଦୃଷ୍ଟିରେ ଅନେଇଲା ତାକୁ । ସତରେ ମୁହଁଟା ଶୁଖି ଯାଇଛି, କିନ୍ତୁ କି ସୁନ୍ଦର ଦିଶୁଛି ତାକୁ । ମାନ ଶଙ୍କରର ଚାହାଣି ଦେଖି ତଳକୁ ମୁହଁ କଲା ।

ଉମା ଡାକିଲା ତାକୁ "ଏଇ, ଏଠିକି ଆ । ଏତେବଡ଼ ଲୋକର ଘର କରିବାକୁ ଯାଉଛୁ, ସଜା ତାଙ୍କ ଲୁଗାପଟା । କଣ ସେ ନେବେ କଣ ରହିବ । ଯଉଁଗୁଡ଼ା ଯିବ ତାକୁ ରଖିବୁ ଏଇଟାରେ । ଯଉଁଗୁଡ଼ା ରହିବ ତାକୁ ରଖିବୁ ସେଇଟାରେ, ବୁଝିଲୁ ।"

ମାନ ମୁଣ୍ଡ ଟୁଙ୍ଗାର ହଁ କଲା ।

"ଆ ଏଠି ବସ । ସଜେଇଲୁ ଦେଖିବା । ହଁ ସବାତଳେ ଗୋଟାଏ ତଉଲିଆ ରଖ । ତାପରେ ପେଣ୍ଟ, କୋଟ, ସୁଏଟାର, ଶାର୍ଟ, ଗୋଟି ଗୋଟି କର । ଭାଙ୍ଗ ନଷ୍ଟ କରିବୁନି । ମୁଁ ଯାଏଁ, ମୋର ଲୁଗାପଟା କିଛି ସଜଡ଼ା ହୋଇନି ।" ଚାଲିଗଲା ଉମା ।

ଶୋଇ ଶୋଇ ଗୋଟାଏ ସିଗ୍ରେଟ ଲଗେଇଲା ଶଙ୍କର । କିଛି ସମୟ ଟାଣିଲା । ତାପରେ ଅନେଇ ଦେଖିଲା, ମାନ ଚୁପଚାପ ବସିଛି ।

Digitized by srujanika@gmail.com

"ମାନ୍ତ ।"

ମୁହଁ ବୁଲେଇଁଲା ମାନ୍ତ ତା ଆଡ଼କୁ ।

"ଘର କଥା ମନେପଡ଼ୁଛି ନା ?"

ମୁଣ୍ଡ ହଲେଇ ମନା କଲା ।

"ତାହେଲେ ?"

"ଉମା କଣ କହିଲେ, ମୁଁ ବୁଝି ପାରିଲିନି ।"

ଉଠି ବସିଲା ଶଙ୍କର ବିଛଣା ଉପରେ । ଯେଉଁ ବାକ୍‌ସଟା ଥିବ, ଟାଣି-ନେଲା ସେଟାକୁ ତା ପାଖକୁ । ତା ପରେ ମାନ୍ତକୁ କହିଲା, ଏଟା ଦିଅ, ସେଟା ଦିଅ । ବାସ, ପାଞ୍ଚ ମିନିଟ ଭିତରେ ସଜଡ଼ା ହୋଇଗଲା । ତାପରେ ତାର ଭେଲସେଟାକୁ ଆଣିବାକୁ କହିଲା । ସେଥିରେ ଜିନିଷଗୁଡ଼ା ସେ ନିଜେ ସଜେଇ ନେଲା । ବାକି ଲୁଗାପଟାକୁ ଆର ବାକ୍‌ସରେ ରଖିବାକୁ ଦେଲା । ମାନ୍ତ ରଖି ସାରିଲାରୁ ତାକୁ ଶିଖେଇ ଦେଲା କେମିତି ବନ୍ଦ କରିବାକୁ ହୁଏ । ପନ୍ଦର ମିନିଟ ଭିତରେ କାମ ସାରି ମାନ୍ତ ଠିଆ ହେଲା ।

ଶଙ୍କର ଉଠି ଆସିଲା ଖଟରୁ । ମାନ୍ତର ସାମନା ସାମନି ଠିଆହୋଇ କହିଲା, "ମୁଁ ଆଜି କଟକ ଯାଉଛି । ଫେରିବାକୁ ଡେରି ହୋଇପାରେ । ପାଞ୍ଚ ସାତ ଦିନ, ଦଶ ଦିନ । ମୁଁ ନ ଆସିବା ଯାଏ କୁଆଡ଼େ ଯିବନି ମାନ୍ତ । ମୋ ପାଇଁ ଅପେକ୍ଷା କରିବ ତ ?"

"ହଁ ।"

"ନିଶ୍ଚୟ ?"

"ନିଶ୍ଚୟ ।"

"ବିପଦ ଆସିପାରେ । ମୁଁ ଜାଣେନି । ତଥାପି ସାବଧାନ କରି ଦେଉଛି । ତୁମେ କାହାରି କଥା ଶୁଣିବନି । ମୋ ପାଇଁ ଅପେକ୍ଷା କରିବ ?"

"ହଁ ।"

"ଠିକ୍ ?"

"ଠିକ୍ ।"

"ଥେଙ୍କ ଇଉ । ମୁଁ ନିଶ୍ଚିନ୍ତ ହୋଇ ଯାଉଛି ମାନସୀ ।"

"ତୁମ ଦେହର ଯତ୍ନ ନେବ," ମାନ୍ତ ନିବେଦନ କଲା ।

Digitized by srujanika@gmail.com

"ନେବ ।"

"ଯେତେ ଶୀଘ୍ର ହୁଏ ଫେରି ଆସିବ ?"

"ଆସିବ ।"

ଚୁପକରି ଗଲା ମାନ । ଆଉ କ କଥା ଅଛି ତାର ?

"ଆମେ ସନ୍ଧ୍ୟା ଆଗରୁ ଯିବା । ଅନେକ ସମୟ ଅଛି । ଆଉ କଛି କହିବ ?"

"ନା ।"

"ତମ ପାଇଁ କଛି ଆଣିବ ?"

"ମୋ ପାଇଁ ?" ହାତର ମୁଦଟାକୁ ଦେଖିଲା ମାନ, "ନା ।"

"ଗୋଟାଏ ଦନ ପୁଣି ତୁମକୁ ଛାଡ଼ିଯିବାକୁ ମୋର କଷ୍ଟ ହେଉଛି ମାନସୀ । କନ୍ତୁ ମୋତେ ଯିବାକୁ ହବ । ଆଫିସ୍‌ର ଅନେକ କାମ ବାକି ।"

ମାନ ଚାହିଁଲା ତା ମୁହଁକୁ । ଶଙ୍କର ଦେଖିଲା ଆଖିଗୁଡ଼ା ତାର ଲୁହରେ ଛଳ ଛଳ କରୁଛି । ହିତାହିତଜ୍ଞାନଶୂନ୍ୟ ହୋଇଗଲା ଶଙ୍କର । ଗୋଡ଼ରେ କବାଟକୁ ଆଉଜେଇ, ଦୁଇ ହାତରେ ଉଠାଇ ଆଣିଲା ମାନକୁ ନଜ ପାଖକୁ । ତାପରେ ଛାଡ଼ି ଦେଲା । "ଯାଅ, ମୁଁ ନଷ୍ଟ ।"

ଦେହସାରା ନଆଁ ଲାଗିଗଲା ମାନର । ଧୀରେ ଧୀରେ ସେ ବାହାରିଗଲା ଘରୁ । ଗୋଡ଼ ଯେମିତି ତଳେ ଲାଗୁନ ତାର । ଅନଦ୍ରାର କ୍ଳାନ୍ତି ଯେମିତି ଆଉ ନାହିଁ । ତାକୁ ଅନେଇ ଦେଇ ଉମା ବୁଝି ପାରିଲା କଣ ଗୋଟାଏ କରିଛି ଭାଇନା ।

"କିଲୋ ? ଗଡ଼ରେ ତ ଗୋଡ଼ ତଳେ ଲାଗୁନ ।" ଉମା କହିଲା, "କଣ ସଜେଇ ଦେଲୁ ଲୁଗାପଟା ?"

ମାନ କିଛି ଉତ୍ତର ନ ଦେଇ ଚୁପ କରି ଠିଆ ହେଲା ।

ଉମା ତାର ଖୁବ୍ ପାଖକୁ ଲାଗି ଆସିଲା । ତା ନାକରେ ବାଜିଲା ଭାଇନାର ସିଗ୍ରେଟର ଗନ୍ଧ । ଆଙ୍ଗୁଳି ଦେଇ ଉଠେଇ ଦେଲା ଉମା, ମାନର ମୁହଁକୁ । ଓଠଦଟା ଆଶ୍ଚର୍ଯ୍ୟ ରକମର ଲାଲ । କିଏ ଯେମିତି ରଙ୍ଗ କରି ଦେଇଛି । କୁଣ୍ଢେଇ ପକେଇଲା ସେ ମାନକୁ । ସେଇ ସିଗ୍ରେଟର ଗନ୍ଧ ଫେର ନାକରେ ବାଜିଲା । ବୁଝି ପାରିଲା ସେ ।

"ଚାଲ, ଶୋଇ ପଡ଼ିବୁ । ଖାଇବାକୁ ଡେରି ଅଛି ।"

Digitized by srujanika@gmail.com

"କଉଠି ?"

"ମୋ ଖଟରେ ।"

"ସେ ଘରେ ?" ମାନ୍ନ ଆଖିରେ ଆତଙ୍କ । "ତୁମର ପିଏ ?"

"ନାହାନ୍ତି । ଖାଇବା ଆଗରୁ ଆସୁ ନାହାନ୍ତି । "

ମାନକୁ ତା ବିଛଣାରେ ଶୋଇଦେଲା ଉମା । ଦେଖିଲା ମାନର ଲୁଗାପଟା ଠିକ ଅଛୁ, ହସିଲା ସେ । ତା ଉପରେ ଚାଦରଟା ଢାଙ୍କିଦେଲା । କବାଟଟା ଉମା ଆଉଜେଇଛି କି ନାହିଁ ମାନର ଆଖି ଲାଗିଗଲା । ଦେହଟା ତାର ଏତେ ହାଲୁକା ଲାଗୁଛି । ଏମିତି ସୁଖ ସେ କେବେ ଅନୁଭବ କରି ନଥିଲା, ନିଦର ଅତଳ ଗର୍ଭରେ ତାର ଚେତନା ବୁଡିଗଲା ।

ବାଇଶ

ଶଙ୍କରହେଶଜକା ଗଲେ ରବିବାର ସନ୍ଧ୍ୟାରେ । ମଙ୍ଗଳବାର ଦିନ ଗୋଟାଏ ଏକସପ୍ରେସ ଚିଠି ପାଇଲେ ଲଡୁକେଶ ଷଡ଼ଙ୍ଗୀ । ତାଙ୍କ ଝିଅପାଇଁ ବର ଠିକ କରି ଚିଠି ଲେଖିଛନ୍ତି ସେଇ ବିବାହବିବାହର ପ୍ରବର୍ତ୍ତକ । ପିଲାଟି କଲେଜ ଶିକ୍ଷକ । ସେ ଯେମିତି ଶୀଘ୍ର ଯାଇ ତାଙ୍କ ସାଙ୍ଗରେ ଦେଖା କରିବେ ।

ଚିଠି ନେଇ ଲଡୁଦେଶ ବାମଦେବଙ୍କ ପାଖକୁ ଗଲେ । ବାମଦେବ ସବୁ ଶୁଣିଲେ, ଚିଠି ପଢିଲେ । ସେଦିନ ସନ୍ଧ୍ୟାରେ କଟକ ଆସିଲେ ଲଡୁକେଶ । ବରର ନାମ ଗୋପାଳ ମିଶ୍ର, ଗୋତ୍ର କୌଶିକ । ପିଲାଟିକୁ ଦେଖିଲେ ସେ । ସୁନ୍ଦର ପିଲାଟିଏ । ଶ୍ୟାମଳ ବର୍ଣ୍ଣ । ବୟସ ପଚିଶ ଛବିଶ ହବ । ମାସକୁ ତିନିଶ ଟଙ୍କା ଦରମା ପାଏ । ଘରେ କେବଳ ତାର ବିଧବା ମାତା । ରାଜି ହୋଇଗଲେ ଷଡ଼ଙ୍ଗୀ । ଏ ବର ମିଳେ କଉଠୁ ?

ଗୋଟିଏ କଥା । ବିବାହ ଶୀଘ୍ର ଦବାକୁ ହବ । ଆଦର୍ଶ ବିବାହ । ଯୌତୁକର ପ୍ରଶ୍ନ ନାହିଁ । ଏକବସ୍ତ୍ରରେ କନ୍ୟାକୁ ବିଦା କରିବାକୁ ହବ । କୋଉଁ ପାଇଁ କିଛି ଦରକାର ନାହିଁ । ବରଣବେଳେ କୁଶମୁଦ୍ରିକା ବ୍ୟବହୃତ ହେବ । କିନ୍ତୁ ଏଇ ମାସ ଭିତରେ ବାହାଘର ହବା ଆବଶ୍ୟକ । ଆଉ ଆଠଦିନ ପରେ ପୁଷମାସ ପଡ଼ିବ । ଗୋଟିଏ ମାତ୍ର ତିଥି ଅଛି ରବିବାର ଦିନ ସନ୍ଧ୍ୟାରେ ଲଗ୍ନ । ଅତଏବ—ଶୁଭସ୍ୟ ଶୀଘ୍ରଂ ।

Digitized by srujanika@gmail.com

ଷୋଡଶୀ କୋଉଁ ଦେଖି ଫେରୁଥାନ୍ତି । ଦେଖା ହୋଇଗଲା ଶଙ୍କର ସାଙ୍ଗରେ, କଲେଜ ଛକରେ । ସେ ମାନର ବାହାଘର କଥା ଶୁଣି ଖୁସି ହେଲା । କହିଲା, ବାହାଘରକୁ ନିଶ୍ଚୟ ଯିବ । ଆହୁରି କହିଲା, ମାନ ବାହାଘର ପାଇଁ ଖର୍ଚ୍ଚ ତା ବୋଉ ଦବ କହିଛି । ମାମୁଙ୍କୁ କହିଲେ ସେ ସବୁ ବ୍ୟବସ୍ଥା କରିଦେବେ ।

ଲକ୍ଷ୍ମୀକେଶ ଗାଁକୁ ଫେରିଲେ । ବାମଦେବଙ୍କୁ ସବୁକଥା କହିଲେ । ଗାଁ ସାରା ସ୍ପଷ୍ଟ ହେଲା । ମାନ ପୁଣି ବାହା ହେଉଛି । କିଏ କଲେଜ ମାଷ୍ଟରକୁ । ରବିବାରଦିନ ସଞ୍ଜବେଳେ ବାହାଘର ।

ମାମୁଙ୍କୁ ଖବର ଦିଆଗଲା । ଶଙ୍କରର ବୋଉ ତାଙ୍କୁ ଟଙ୍କା ଦେଲେ ଖିଆପିଆର ବ୍ୟବସ୍ଥା କରିବାକୁ । ବରତରଫରୁ ଦିଆନିଆର କୌଣସି ପ୍ରଶ୍ନ ନାହିଁ । ଲକ୍ଷ୍ମୀକେଶ ମଧ୍ୟ ଖୁସି ।

ତହିଁ ଆରଦିନ ମାମୁ ଗୋଟାଏ ଚିଠି ପାଇଲେ ଚନ୍ଦ୍ରଶେଖର ପାଖରୁ । ମାନର ବାହାଘରକୁ ବରଯାତ୍ରୀ ପନ୍ଦରଜଣ ଖଣ୍ଡେ ଯିବାର ସମ୍ଭାବନା । ତା ଛଡ଼ା ବେଣ୍ଡପାର୍ଟି ଅଛି । ଖିଆପିଆ ଯିମିତି ଭଲ ହୁଏ ।

ଶନିବାର ଦିନ ଗୋଟାଏ ଜିପ୍ ଅସିଲା ବାମଦେବଙ୍କ ଘରକୁ । ଶଙ୍କର ଚିଠି ଦେଇଛି ବୋଉକୁ । ସେ ରବିବାର ଦିନ ଗାଁକୁ ଫେରିବ । ଜିପରୁ ଗୋଟାଏ ନୂଆ ସୁଟକେଶ ଆସିଲା । ଉମା ମାନ ପାଇଁ ଉପହାର ପଠେଇଛି । ଶାଢ଼ି, ବ୍ଲାଉଜ, ସାୟା—ଅଳତା ସିନ୍ଦୂର । ଆହୁରି କେତେ କଣ । ସୁଟକେଶଟାକୁ ମାନ ଘରକୁ ପଠେଇ ଦେଇ ତା ବୋଉ ପୁଅ ଚିଠିଟା ସ୍ୱାମୀଙ୍କୁ ଦେଲେ । ଶଙ୍କର ଲେଖିଛି—

ଶ୍ରୀଚରଣକମଳେଷୁ, ବୋଉ,

ତୋର ଏ ଅଧମ ପୁଅ ତୋତେ ଅନେକ ଦୁଃଖ ଦେଇଛି, ଆହୁରି ଗୋଟାଏ ଦୁଃଖ ହୁଏତ ଦବ । ଆଗ ଦୋଷଗୁଡ଼ା ଯେମିତି କ୍ଷମା କରିଛୁ, ଏଥର ମଧ୍ୟ କ୍ଷମା କରିବୁ ବୋଲି ମୋର ଆଶା ଓ ବିଶ୍ୱାସ ।

ମୁଁ ଭଲଅଛି । ମୁଣ୍ଡ ଘା ଶୁଖି ଗଲଣି । ମୁଁ ରବିବାର ଦିନ ଗାଁକୁ ଫେରିବ । ଆଶାକରେଁ ମାନର ବାହାଘର ଆୟୋଜନରେ ତ୍ରୁଟି ହେବନାହିଁ ।

ବାପାଙ୍କୁ ମୋର ପ୍ରଣାମ ଦେବୁ ଓ ତୁ ନବୁ ।

ତୋର ସ୍ନେହାକାଂକ୍ଷୀ, ବୁଢ଼ା ।

Digitized by srujanika@gmail.com

ବାପା ଚିଠି ପଢ଼ିସାରି ବୋଉଙ୍କୁ ଫେରେଇ ଦେଲେ । ଆଉ କଣ ଦୁଃଖ ଦବ ? ଯଉ ଦେଖାଯାଉ ।

ଏପଟେ ମାନର ଅବସ୍ଥା କହିଲେ ନ ସରେ । ସେ ବୁଝିପାରୁନି କଥା କଣ । ଗଲ୍‌ବେଳେ ଶଙ୍କର ତାକୁ କହିଯାଇଛି, ଅପେକ୍ଷା କରିବାକୁ । ଯେତେ ବିପଦ ଆସିଲେ ମଧ୍ୟ ସେ ତା ପାଇଁ ଅପେକ୍ଷା କରିବ । ଇଆଡ଼େ ବାପା ତାର ବାହାଘର ଠିକ କରିଛନ୍ତି କଏ ଗୋପାଳ ମିଶ୍ର ସାଙ୍ଗରେ । ଶଙ୍କର ସାଙ୍ଗରେ ଦେଖା ହେଲାରୁ ସେ ପରା କହିଛନ୍ତି, ବାହାଘର ଦିନ ସେ ଆସିବେ । ବାହାଘର ଯେମିତ ଭଲରେ ହୁଏ । ଉମା ତାକୁ ଲୁଗାପଟା ପଠେଇ ଯେଉଁ ଚିଠି ଦେଇଛି ସେଥିରେ ସେ ଲେଖିଛି, ଗୋପାଳ ମିଶ୍ର ପିଲାଟି ଭଲ । ତାକୁ ସେ ଦେଖିଛି ଏବଂ ତାର ମନ ମାନିଛି । ଉମା ଲେଖିଛି, ମାନ ବାହାଘରକୁ ସେ ଆସିବ, ଭାଇନା ସାଙ୍ଗରେ ।

ମାରବରେ କାନ୍ଦିବାକୁ ଲାଗିଲା ମାନ । କଣ କରିବ ସେ । ଶଙ୍କର କଣ ମିଛ ଆଶା ଦେଇଥିଲା । ତାର ଅସହାୟତାର ସୁଯୋଗ ନେଲା ? ନା । ବିଶ୍ୱାସ କଲାନି ମାନ । ସେ କଣ ସମ୍ଭବ ? ଏତେ ପାଠ ପଢ଼ିଛନ୍ତି ସେ, ଏଡ଼େ ବଡଲୋକ । ସେ ତାକୁ ଠକିବେ । ହେଇତ ତାଙ୍କର ସେଇ ସ୍ୱର୍ଣ୍ଣମୁଦ୍ରା ତା ହାତରେ । ତାହେଲେ ? ସବୁ ଗୋଳମାଳ ହୋଇ ଯାଉଛି । ସେ କିଛି ବୁଝି-ପାରୁନି । ତାଙ୍କ ଗାଁର ଜାଗ୍ରତ ଦେବତା ଲଙ୍ଗୁକେଶ ମହାଦେବ । ତାଙ୍କୁ ମନେ ମନେ ସହସ୍ର ପ୍ରଣାମ କଲା ସେ । "ହେ ଦେବତା, ମୋତେ କୁହ । ମୁଁ କଣ କରିବ ?"

ଝିଅର ଯେ ବାହାଘରରେ ମନ ନାହିଁ, ତା ବୋଉ ଏ କଥା ଜାଣନ୍ତି । ମାନର ମନ ଯେ କେଉଁଠି ବନ୍ଧା ପଡ଼ିଛି ସେ କଥା ତାଙ୍କୁ ଅଜଣା ନାହିଁ । ସେଥିଲାଗି ସେ ଯାଇ ଶେଷରେ ସ୍ୱାମୀଙ୍କୁ ପଚାରିଲେ, "ହଇହୋ, ତୁମେ ଠିକ୍ କହୁଚ ତ, ସେ ପିଲାଟି ନା ଗୋପାଳ ?"

"ମଲା !" ଷଡଙ୍ଗୀ କହିଲେ । "ମୁଁ ପରା ଦେଖିଛି ସେ ପିଲାକୁ । କଥା-ବାର୍ତ୍ତା କରିଛି ତା ସାଙ୍ଗରେ । ଗନ୍ତାୟତ ବୋଲି ଜଣେ ବଡ଼ ପ୍ରଫେସର ଅଛନ୍ତି । ତାଙ୍କରି ଘରେ ସବୁ କଥାବାର୍ତ୍ତା ହେଲା । ସେମାନେ କୌଶିକ ଗୋତ୍ର । ବାମଭଉଣୀଙ୍କ ଜୋଇଁ ଚନ୍ଦ୍ରଶେଖର ସେଠି ଥିଲେ । ମୁଁ କଣ ମିଛ କହୁଛି ?"

ମାନବୋଉ ଆଖି ଆଗରେ ଝିଅକୁ ରଖିଥାନ୍ତି । କିନ୍ତୁ ସେ କଣ କରିବେ । କାଲି ବାହାଘର । ବେଦି ତିଆରି ସରିଲଣି । ସଜାସଜ ହଉଛି । ଶଙ୍କରର ମାମୁ

Digitized by srujanika@gmail.com

ଲୋକ ଲଗେଇଛନ୍ତି । ତାଙ୍କ ସ୍ୱାମୀ ଗାଁ ସାରା ନିମନ୍ତ୍ରଣ କରି ସାରିଲେଣି । ସେ ନିଜେ ମଙ୍ଗଳହାଣ୍ଡି ବସେଇ ସାରିଲେଣି ।

ଶନିବାର ଦିନ ଉପରଓଳି ମାନି ପଳେଇ ଆସିଲା ସଙ୍ଗାତମାଉସୀଙ୍କ ଘରକୁ । ତା ଚେହେରା ଦେଖି ଡରିଗଲେ ମାଉସୀ । "କଣ ହୋଇଛି ମା ? ଏମିତି ଶୁଖି ଯାଇଛୁ କାହିଁକି ? କାଲି ତୋ ବାହାଘର । ଆ ତୋ ମୁଣ୍ଡ କୁଣ୍ଡେଇ ଦିଏଁ ।"

ତା ମୁଣ୍ଡ କୁଣ୍ଡଉ କୁଣ୍ଡଉ କହିଲେ, "ବୁଢ଼ା ଚିଠି ଦେଇଛି । ସେ ବାହାଘରକୁ ଆସୁଛି । କାଲିକି ଆସିବ ।"

"କେତେବେଳେ ?"

"ସେ କଥା ଲେଖିନି । ଦେଖିବୁ ତା ଚିଠି ?"

ଠଣାରୁ ଚିଠି ଆଣିଦେଲେ । ମାନି ତିନି ଚାରିଥର ପଢ଼ିଲା ଚିଠିଟା । କିଛି ବୁଝି ପାରିଲା ନାହିଁ । ଏତିକି ଭରସା ତାର, କାଲି ଶଙ୍କର ଆସୁଛି । ଆସିଲେ ସେ ପଚାରିବ—ତାକୁ ଏମିତି କଲବଲ କରି ମାରି କି ଲାଭ ପାଇଲେ ସେ । ତାଙ୍କରି ତ ସେ ଉତ୍ସର୍ଗ କରିଛି ତାର ଦେହ ମନ ସବୁ । ଅନ୍ୟକୁ ସେଗୁଡ଼ା ସେ ଦବ କେମିତି ? କୋହରେ ତାର ଗ୍ରୀବ ଭରିଗଲା ।

ତା ବୋଉ ଆସିଲେ । ସଙ୍ଗାତକୁ ଡାକିବାକୁ ଆସିଛନ୍ତି । କାଲି ମାନିର ବାହାଘର । ସେ ଯେମିତି ଟିକିଏ ସହଳ ସହଳ ଯାନ୍ତି । ବୋଉ ସାଙ୍ଗରେ ଘରକୁ ଫେରିଲା ସେ ।

ସ୍ତ୍ରୀଣୀ ଶାସନରେ ବିଧବାବିବାହ । ଏତେ ଅନାସ୍ଥାର ପଞ୍ଚାନନ ସହିବେ ? ଶିରୋମଣିଙ୍କୁ ଡକାଗଲା । ଗାଁରେ କାହାରି କାହାରିଠୁ ସମର୍ଥନ ପାଇଲେ ନାହିଁ ପଞ୍ଚାନନ । ଶଙ୍କରର ମୁଣ୍ଡଫଟା ଖବର ଶୁଣିବା ପରେ, ଗାଁବାଲା ବୁଝିଲେ ପଞ୍ଚାନନ କି ବଜ୍ରାତ ଲୋକ । ତାଛଡ଼ା ମାନିଟାର ଗୋଟାଏ ଉପାୟ ହେଲା । ଏଡ଼େବଡ଼ ଝିଅଟା ବୁଲୁଥିଲା ଗାଁରେ । ବୁଢ଼ାମାନେ ତ ପ୍ରମାଦ ଗଣୁଥିଲେ । କେତେବେଳେ କଣ ଯେ ହୋଇଯାଇପାରେ । ସୁବିଧା ହେଲା ନାହିଁ । ଶିରୋମଣି ହତାଶ ହେଲେ ।

ରବିବାର ସକାଳୁ ଖବର ଆସିଲା—ବରଯାତ୍ରୀ ସିଧା କଟକରୁ ଆସିବେ । ବର ପହଞ୍ଚିବା ମାତ୍ରେ ବାହାଘର ଆରମ୍ଭ ହେବ । ବାହାଘର ସରିଲେ, ଖିଆପିଆ ସାରି ବରକନ୍ୟାଙ୍କୁ ନେଇ ବରଯାତ୍ରୀ ଫେରିଯିବେ । ଜଳଖିଆର ଆବଶ୍ୟକତା ନାହିଁ । ଥରେ ଖାଇବେ ସେମାନେ । ମାମୁ ସେଇ ଅନୁସାରେ ବ୍ୟବସ୍ଥା କଲେ ।

Digitized by srujanika@gmail.com

ଦିନ ଦଶଟା ବେଳକୁ ଚନ୍ଦ୍ରଶେଖରର ଗାଡ଼ିଟା ଆସିଲା । ଉମା ଏକା ଆସିଛି । ସାଙ୍ଗରେ ଗୋଟାଏ ଲମ୍ବା ଟ୍ରାଙ୍କ । ଡ୍ରାଇଭର ସେଟା ଘରେ ରଖିଦେଇ ଗାଡି ନେଇ ଚାଲିଗଲା । ଉମାକୁ ଏକା ଦେଖି ତା ବୋଉ ଅବାକ ।

"କଲେ ତୁ କଣ ଏକା ଆସିଛୁ ? ବୁଢ଼ା କାହିଁ ?"

"ଆସିବେ । ବାପା କାହାନ୍ତି ବୋଉ ?"

"ଘରେ, ଖବରକାଗଜ ପଢୁଛନ୍ତି ।"

ମା ଝିଅ ପଶିଗଲେ ସେ ଘରକୁ ।

"ବାପା"

ଖବରକାଗଜ ରଖି ଉଠି ବସିଲେ ବାମଦେବ ।

"ତୁ ଏକା ଆସିଛୁ ମା ?"

"ହଁ ।"

"ଆଉ ରାଜା, ଚନ୍ଦ୍ରଶେଖର ?"

"ରାଜା ତ ମାର୍କଣ୍ଡି । ସେମାନେ ବରଯାତ୍ରୀ । ସଞ୍ଜବେଳକୁ ପହଞ୍ଚିବେ ।"

"ଓ । ଆଉ ବୁଢ଼ା ?"

"ସେ ତ ବର ।"

"ବୁଢ଼ା ବର ?!!" ବାପା ବୋଉ ଏକା ସାଙ୍ଗରେ ପାଟିକରି ଉଠିଲେ ।

"ହଁ" ଉମା କହିଲା । "ଭାଇନା ତ ବାହା ହେଉଛନ୍ତି ମାନକୁ । କାହିଁକି, ବୋଉତ ଜାଣେ ।"

"ମୁଁ କଣ ଜାଣେ ଲୋ ବୁଢ଼ୀ ?"

"ବାଃ, ତୁ ତ ଭାଇନାଙ୍କୁ ଜବାବ ଦେଲୁ ମାନ ବାହାଘର ପାଇଁ ସଙ୍ଗାତ-ମାଉସୀଙ୍କୁ କହିବୁ ବୋଲି । ବାହାଘର ଖର୍ଚ୍ଚ ଦବୁ ବୋଲି କହିଲୁ ।"

ବୋଉ ଚୁପ୍ ।

ଏତେବେଳେ ବୁଝାଗଲା ବୁଢ଼ା ଶଠିର ଅର୍ଥ । ବାମଦେବଙ୍କ ମନେ ପଡ଼ିଲା ଶଙ୍କରର କଥା—ମୁଣ୍ଡ ଫାଟିଥାଏ ଯେଉଁଦିନ । ଲଡ୍ଡୁକେଶ ଘର ପିଣ୍ଡାରେ ଶୋଇଥିବାବେଳେ ସେ କହିଥିଲା, "ଉମା ଆଉ ମାନ, ଦିଜଣଙ୍କୁ ମୋର ଦରକାର ।"

Digitized by srujanika@gmail.com

"ତା ହେଲେ ଗୋପାଳ ମିଶ୍ର କଏ ?" ବାପା ପଶ୍ୱରଲେ ।

"ସେଟା ଛଦ୍ମନାମ । କୌଶିକ ଗୋଷରୁ ବୁଝି ପାରଲ ନାହିଁ ?"

କାବା ହୋଇ ଠିଆ ହୋଇ ରହିଲେ ବାମଦେବ ।

"ବୁଢ଼ାଟା ସତରେ ଅଦ୍‌ଭୁତ । ସବୁ କାମ ତାର ଅସାଧାରଣ । ବାଃ" ହୋ ହୋ କର ହସିଲେ ବାମଦେବ ଖୁସିରେ ।

ତାଙ୍କ ମୁହଁରେ ଏମିତ ହସ, ଉମା ଆଉ ତା ବୋଉ ଅନେକ ଦନ ପରେ ଦେଖିଲେ ।

ଶମ୍ଭୁ ମାନଘରେ ଥିଲ । ମାମୁଙ୍କୁ ସାହାଯ୍ୟ କରୁଥିଲ । ଉମା ଆସିବା ଖବର ଶୁଣି ଦଉଡ଼ଲ ଘରକୁ । ତାକୁ ଦେଖି ତା ବୋଉ କହ ଉଠିଲେ— "ବୁଢ଼ାର ମୋର ବାହାଘର । ଜାଇ ରଗଡ଼ା ହୋଇନ, ମଙ୍ଗଳହାଣ୍ଡି ବସିନ । ଗଲୁ ତୋ ଜେଠେଇକୁ, ଖୁଡ଼ୀକୁ, ମାଇଁକୁ ଡାକ ଆଣିବୁ ।"

ଘଣ୍ଟାକ ଭିତରେ ସବୁ ଆୟୋଜନ ହୋଇଗଲ । ମଙ୍ଗଳହାଣ୍ଡି ବସିଲ । ଶଙ୍ଖ ହୁଳହୁଳରେ ପ୍ରକମ୍ପିତ ହେଲ ଗ୍ରାମାଶାସନ । ବୁଢ଼ା କେଉଁଠି ବାହା ହଉଛୁ, ବା ବାହାଘର କେବେ, ସେ କଥା ତା ବୋଉ ପାଖରୁ କେହି କାଢ଼ି ପାରଲେ ନାହିଁ । ଗୋଟିଏ କଥାରେ ତାଙ୍କ ଉତ୍ତର—"ସମସ୍ତ ହେଲେ ଜାଣିବ । ପୁଅ ଆସୁ ।"

"ପୁଅ କେବେ ଆସିବ ?"

"ଆଜ ।"

"କଲେ ଉମା କଥା କଣ ?"

"କଉ କଥା ଖୁଡ଼ୀ ?"

"ଏଇ ବୁଢ଼ା ବାହାଘର କଥା ।"

"ଶୁଣିଲତ । ଭାଇନା ନଜେ ଠିକ କରଛନ୍ତ । ସେ ଅସନ୍ତୁ ଜାଣିବ ।"

ଶମ୍ଭୁକୁ ମନାକର ଦେଲ ଉମା । ଖବରଦାର କୁଆଡ଼େ ଯିବୁନ । କାହାରକୁ କଛୁ କହବୁନ । କେହି ଯେମିତ ନ ଜାଣନ୍ତ । ସାବଧାନ ।"

ସେଇ ଟ୍ରାଙ୍କ ଖୋଲଲ ଉମା । ଦେଖେଇଲ ବାପା ବୋଉଙ୍କୁ । କନ୍ୟା ପାଇଁ ଗହଣା ଆଣିଛୁ । ବାକ୍ସ ପରେ ବାକ୍ସ । ଝଲମଲ କରୁଛୁ ।

"ଏ ଗହଣା କଣିଲ କଏ ?" ବୋଉ ପଶ୍ୱରଲେ ।

Digitized by srujanika@gmail.com

"ଆମେ ।"

"ବୁଢ଼ା ଦେଖିନ ?"

"ସେ କହିଲେ, ସେ ଏ ସବୁ କିଛି ବୁଝନ୍ତିନ ।"

ତାପରେ କାଢ଼ିଲି ଲୁଗା । ଗୋଟାଏ ଦାମୀ ଅଚ୍ଚରଙ୍ଗାବାଦୀ ପାଟ ଶାଢ଼ି ଆଣିଛି । ତାର ଯୋଡ଼ି ବ୍ଲାଉସ । ଆଖି ଝଲସି ଯିବ ।

"କେତେ ଦାମ ନେଲାରେ ବୁଢ଼ୀ ?"

"ଅଠାଅଶ ପଚ୍ଚିଶ ଟଙ୍କା ।"

ଆହୁରି ଅନେକ ଲୁଗାପଟା କାଢ଼ିଲା ଉମା ।

"ଟଙ୍କା କିଏ ଦେଲା ?" ବୋଉଙ୍କ ପ୍ରଶ୍ନ ।

"ଭାଇନା ।" ହସିଲା ଉମା । "ତାଙ୍କର ସେ ମୁଣିରେ ଆହୁରି ଅନେକ ଟଙ୍କା ଅଛି ବୋଉ । ସେ ଆସନ୍ତୁ ତୁ ଦେଖିବୁ ।"

ବାପା ଆଉ ପୁରୋହିତ ଦାଣ୍ଡଘରେ । ଶମ୍ଭୁ ଚଙ୍ଗଚଙ୍ଗ ହେଉଥାଏ ଘରେ । ନାନୀକୁ ପଚାରିଲା—"ଭାଇନା କେତେବେଳକୁ ଆସିବେ ?"

"ଠିକ ସଂଧ୍ୟା ବେଳକୁ ବରଯାତ୍ରୀ ଏଠି ପହଞ୍ଚିବେ ।"

ଗାଁରୁ କେତୋଟି ସ୍ତ୍ରୀ ଲୋକଙ୍କୁ ଡାକି ଆଣିଲା ସିଂଗ । ଶଙ୍ଖ ବଜେଇବେ, ହୁଳହୁଳି ଦେବେ—ବର ବାହାରିଲା ବେଳେ ।

ଠିକ ସଂଧ୍ୟାବେଳକୁ ଗୋଟାଏ ବଗ୍ଘଟ ଗାଡ଼ି ଆସି ଠିଆ ହେଲା ବାମଦେବଙ୍କ ଘର ଆଗରେ । ଫୁଲ ହାରରେ ସଜା ହୋଇଛି ଗାଡ଼ିଟା । ଡ୍ରାଇଭର ପିନ୍ଧିଛି ପୋଷାକ । ବାପା, ପୁରୋହିତ ଆଉ ଶମ୍ଭୁ ପଶିଗଲେ ଗାଡ଼ିରେ । ଶଙ୍କର ଆଉ ରାଜା ବସିଛନ୍ତି । ତା ପଛକୁ ଆସିଲା ଗାଡ଼ି ଉପରେ ଗାଡ଼ି, ପନ୍ଦର କୋଡ଼ିଏଟା । ଚନ୍ଦ୍ରଶେଖରର ଗାଡ଼ିରେ ଚଢ଼ିଲେ ଉମା ଆଉ ତା ବୋଉ । ସେଇ ଟ୍ରାଙ୍କଟା ରଖାଗଲା ଗାଡ଼ିରେ । ବେଣ୍ଡ ବାଜିଲା । ପ୍ରଶେସନ ଆରମ୍ଭ ହେଲା ସେଇଠୁ ।

କିଏ ଏ ଗୋପାଳ ମିଶ୍ର ? ଏତେ ଗାଡ଼ି କେଉଁଠୁ ପାଇଲା ସେ ? ବାମଦେବ ଶତପଥୀଙ୍କ ଘରୁ ପ୍ରଶେସନ ଆରମ୍ଭ ହେଲା କାହିଁକି ? ଗାଁ ସାରା ଲୋକ ଉଦଗ୍ରୀବ ହୋଇ ଚ୍ଚାହିଁଥାନ୍ତି ପ୍ରଶେସନକୁ । ଶେଷରେ କନ୍ୟାଘରେ ଗାଡ଼ି ରହିଲା । ବାଟବରଣ କରିବାକୁ ଆସି ଲଡୁକେଶ ଦେଖିଲେ, ବର ଆଉ କେହି

Digitized by srujanika@gmail.com

ନୁହେଁ, ଶଙ୍କର ନନେ । ଗାଡ଼ିରୁ ଓହ୍ଲାଉଛନ୍ତି ବାମଦେବ, ରାଜା, ଶମ୍ଭୁ ଏବଂ ପୁରୋହିତ ।

ବିଜୁଳି ଗତିରେ ସ୍ତବ୍ଧ ହୋଇଗଲା କଥାଟା । ଗାଁଯାକ ମରଦ ମାଇପେ ଆସି ଜମା ହୋଇଗଲେ ଲଡ୍ଡୁକେଶ ଷଡ଼ଙ୍ଗୀଙ୍କ ଘରେ । ମାନ ନିର୍ଜୀବ ପରି ଶୋଇ ଶୋଇ କାନ୍ଦୁଥିଲା ଘର ଭିତରେ । ଝିଅ ବେଶରେ ପଶି ଆସିଲେ ତା ବୋଉ ।

"ମାନ, ଉଠ, ଦେଖ୍ କିଏ ଅସିଛନ୍ତି ?"

ସେଇ ଅବିନ୍ୟସ୍ତ ବେଶେ ନେଇ ଉଠିଲା ସେ । ଚମକି ପଡ଼ିଲା । ସଙ୍ଗାତମାଉସୀ କହୁଛନ୍ତି, "ଉଠ ମା, ବୁଢ଼ା ମୋର ବେଦିକି ଗଲାଣି । ତୁ ସଜ ହୋଇନୁ ?"

ବିଶ୍ୱାସ କଲାନି ମାନ । ବଲ ବଲ କରି ଚାହିଁଲା ଉମାକୁ । ଦୁଇ ଅଖିରୁ ବୋହି ଯାଉଥାଏ ଲୁହ, ଅଜସ୍ରଧାରରେ । କେତେ ଲୁହ ଅଛି ଏ ଝିଅଟାର, ଆଶ୍ଚର୍ଯ୍ୟ ହେଲେ ସଙ୍ଗାତମାଉସୀ ।

"ହଉ । ଆଉ କାନ୍ଦନ୍ତୁନି ମା । ଲଗ୍ନ ଆଉ ଅଳ୍ପ ସମୟ ରହିଲା । ବୁଢ଼ୀ ତୁ ତାକୁ ଲୁଗାପଟା ପିନ୍ଧା । ସଜ କରଦେ । ସେମାନେ ଥାନ୍ତୁ । ଆଉ ସମସ୍ତେ ବାହାର ଆସ ଘରୁ ।" କବାଟ ଆଉଜେଇ ନେଇ ଗଲେ ମାଉସୀ ।

ଉମାକୁ ଜାକି ଧରିଲା ମାନ ତା ଛାତିରେ, "ତୁମେ, ତୁମେ ଏତେ ନିଷ୍ଠୁର ଉମା ।"

ସେମିତି ଭିଡ଼ି ଧରି ତା ମୁହଁରେ ଅଜସ୍ର ଚୁମ୍ବନ ଦେଲା ମାନ ।

"ବସ ନୂଆବୋହୂ ।" ଉମା କହିଲା "ମୁଁ ସଜେଇ ଦିଏଁ ।" ଆଉ ମାନ ନୁହେଁ କି ତୁ ନୁହେଁ ।

ଦ୍ୱିତୀୟ ବରଣ ପରେ ଗୋଟି ଗୋଟି କରି ସବୁ ଗହଣା ପିନ୍ଧେଇଲା ଉମା । ମୁଣ୍ଡରେ ଚନ୍ଦନ ଦେଇ ସଜେଇ ଦେଲେ ଉମା ଆଉ ଗାଁର ଗୋଟିଏ ଝିଅ । ତା ପରେ ଲୁଗା ପିନ୍ଧେଇ ସାରିଲା ବେଳକୁ, କବାଟ ଖୋଲି ପଶି ଆସିଲେ ଦୁଇଜଣ ଭଦ୍ର ମହିଳା । ଏମାନେ ବରଯାତ୍ରୀଙ୍କ ସାଙ୍ଗରେ ଆସିଛନ୍ତି । ବଡ଼ ଆଲୁଅଟା ଆସି ପଡ଼ିଲା ଘର ଭିତରେ । ଉମା ନିଜେ ଚମକି ପଡ଼ିଲା— ଏଇ କଣ ତାର ସେଇ ସାଙ୍ଗ ମାନ ?

"ବାଃ, ଶଙ୍କରବାବୁଙ୍କର ପସନ୍ଦ ଅଛି," କହିଲେ ଶ୍ରୀମତୀ ରଥ ।

Digitized by srujanika@gmail.com

"ଆଉ କହିବାକୁ ଅଛି ।" ଯୋଡ଼ିଲେ ଶ୍ରୀମତୀ ଗନ୍ତ୍ରାୟତ ।

ଗୋଟିଏ ଉଜ୍ଜ୍ୱଳ ଆଲୁଅ ଜଳିଏ ଆଣିଦେଲା ଏ ଘରକୁ । ସମସ୍ତେ ଦେଖିଲେ ଏଇ ଲଜ୍ଜାବତୀ ଗ୍ରାମ ବାଳିକାଟିକୁ, ଏଇ ଅପରୂପ ବେଶରେ । ତାରିଫ କଲେ ଶଙ୍କରର । ସେ ଜହ୍ଲୁରୀ । ସହରରୁ ବାହା ନ ହୋଇ ଶଙ୍କର ଭଲଆ ଉଚ୍ଚଶିକ୍ଷିତ ଓ ବଡ଼ଘରର ଗୃହିଣୀଆ, ଗାଁ ଝିଅକୁ କାହିଁକି ବାହାହେଲା । ଫେରିଗଲେ ବରଯାତ୍ରୀ ଯେଝା ଯାଗାକୁ ।

ତା ବୋଉ ଆସିଲେ ମାନ୍ଦିକ ବେଦୀକୁ ନେବାକୁ । ଉମା ମଧ୍ୟ ସେମାନଙ୍କ ସାଙ୍ଗରେ ବାହାରକୁ ଆସିଲା । ଘର ସାରା ଲୋକ । ତିଳଧାରଣର ଜାଗା ନାହିଁ । ଶଙ୍ଖ ହୁଳହୁଳିରେ କମ୍ପୁଛି ଗାଁ । ଉମା ଲକ୍ଷକଲା, ଜେଠେଇ, ଖୁଡ଼ି, ମାଉସୀ ସମସ୍ତେ ଆସିଛନ୍ତି । ବୋଉକୁ ଘେରି ଗପ କରୁଛନ୍ତି ସେମାନେ । ହସାହସି ହେଉଛନ୍ତି । ପୁରୁଷଙ୍କ ଭିତରେ ଉମା ନଜର କଲା ଦଦେଇଙ୍କୁ । ଡ଼ି.ଆଇ.ଜି. ଦାସ ସାହେବଙ୍କ ସାଙ୍ଗରେ ଗପ କରୁଛନ୍ତି ସେ, ସିଗ୍ରେଟ ଖାଉଛନ୍ତି । ଆଉ, ଆଉ ମୁରବ୍ବିମାନେ ଚୁପ୍‌ଚାପ ବସି ଦେଖୁଛନ୍ତି ।

ଏପଟେ ବରକର୍ତ୍ତା ବାମଦେବ । ସେ ପଟେ କନ୍ୟାକର୍ତ୍ତା ମାମୁ । ଲମ୍ବୁକେଶ ବେଦୀ କଡ଼ରେ ଚୁପଚାପ ବସିଛନ୍ତି । ଦଶଟା ଆଗରୁ ହୋମ ସରିଗଲା । ବରଯାତ୍ରୀଙ୍କୁ ଖାଇବାକୁ ବସେଇ ଦେଲେ ମାମୁ, ସ୍କୁଲଘରେ । ଟେବୁଲ ଚେୟାରଗୁଡ଼ା କାମରେ ଲଗିଲା । ଭୂରିଭୋଜନର ବ୍ୟବସ୍ଥା ମାମୁଙ୍କର । ଏତେ ଏତେ ସାହେବ ତାରିଫ କଲେ ରନ୍ଧା ବଢ଼ାର । କହିଗଲେ, ଚତୁର୍ଥୀ ଦିନ ପୁଣି ଆସିବେ ।

"ନିଶ୍ଚୟ ଆସିବେ । କି କଥା ଏ ? ମୋ ଭଣଜା ସାରା କଟକ ସହରକୁ ଖାଇବାକୁ ଦେବାର ତାକତ ରଖେ ।" ମାମୁ ଆଜି ଉତ୍ତେଜିତ । ସବାହୁଟା ସେ ବୁଢ଼ାର, ଏ କଥା ଜାଣିବା ପରେ, ତାଙ୍କ ମେଜାଜ ଏକାବେଳକେ ବଦଳି ଯାଇଛି ।

ବେଦିରୁ ବରକନ୍ୟାଙ୍କୁ ଉଠେଇ ନେଲେ ଶଙ୍କରର ବୋଉ । ହସି ସଙ୍ଗାତକୁ କହିଲେ, "ସମୁଦୁଣୀ, ସେଇଠି ଆମଘରେ ଏକାଠି କଉଡ଼ି ଖେଳ, ଶୀତଳଭୁଣ୍ଡି । ଏଠି ଯାଗା ନାହିଁ ।" ପୁଅ ବୋହୂଙ୍କୁ ନେଇ ଗାଡ଼ିରେ ବସିଲେ ଶଙ୍କରର ମାତା । ଆଗରେ ବସିଲେ ବାମଦେବ ଏବଂ ରାଜା ।

ରାଜା କହିଲା—"କହିଲ ଅଜା, ଏ ଗାଡ଼ିଟା କାହାର ?"

ନାତିକୁ କୋଡ଼କୁ ଟାଣି ବାମଦେବ କହିଲେ, "ମୁଁ କମିତ ଜାଣିବ ।"

Digitized by srujanika@gmail.com

"ସାହେବ ମାମୁଙ୍କର", ହସିଲା ରାଜା । "ଏମିତି ଗାଡ଼ି କଟକରେ କାହାର ନାହିଁ ଅଜା । ଏତେବଡ଼ ଗାଡ଼ି ।"

"ସତେ ?" ଅଜା ଖୁସିରେ କହିଲେ ।

"ଖୋକାବାବୁ ଠିକ୍ ବଲେଛନ୍ ସାର୍ । ଅରଜନାଲ ବୁଇକ୍ । ଏ ଗାଡ଼ି ଆର ଆସେନା ଏ ଦେଶେ । ସାହେବ ଏଟା ଏମେରିକା ଥେକେ ଏନେଛେନ୍ ।" ଗାଡ଼ିର ଡ୍ରାଇଭର ଜଣେଇ ଦେଲା ।

ପୁଣି ବେଣ୍ଡ ବାଜିଲା ରାଣୀଶାସନଙ୍କୁ ଜମ୍‌ମାନ କରି । ପ୍ରଶେସନ ଫେରିଲା ବର ଘରକୁ । ଚନ୍ଦ୍ରଶେଖର ରହିଲା ବରଯାତ୍ରୀଙ୍କୁ ବିଦାୟ ଦବାକୁ ।

ବେଣ୍ଡ ବାଦ୍ୟ ଓ ଶଙ୍ଖ ହୁଳହୁଳି ଭିତରେ ବରକନ୍ୟା ଗୃହ ପ୍ରବେଶ କଲେ ।

ତେଇଶ

ସୋମବାର ଦିନ ସକାଳ ନଟା । ଗାଧୋଇ ଆସି ଶଙ୍କର ଦେଖିଲା ପିନ୍ଧି-ବାକୁ କିଛି ନାହିଁ । ପାଟିକରି ଡାକିଲା, "ଉମି ।"

ଦଉଡ଼ି ଆସିଲା ଉମା ।

"କିରେ ପିନ୍ଧିବି କଣ ?"

ସତରେ ତ, ଭାଇନା ପିନ୍ଧିବେ କଣ ? ଶାନ୍ତିପୁରୀ ଯୋଡ଼ କଣା ହୋଇଛି । ଗଲା କୁଆଡ଼େ ସେ ଲୁଗା । ବୋଉକୁ ପଚାରିଲା । ସେ କହିଲେ, "କେଜାଣି ମା, ଦେଖିଲି ମୋ ଖଟତଳେ ଦିଟା ପେଟରା ଆଣି କିଏ ରଖି ଦେଇ ଯାଇଛି ।"

ଉମା ଦେଖି ଚହ୍ନିଲା, ସୁବି ର ତାରି ପାଖରେ । ଚଟପଟ ଲୁଗା କାଢ଼ି, ବାକ୍‌ସ ବନ୍ଦ କରି ଆସି ଭାଇନାକୁ ଲୁଗା ଦେଲା । ବାଁ ହାତରେ ତାର ହଳଦି ଗୁଣ୍ଡ ।

"ଆଜି ବ୍ରେକ୍‌ଫାଷ୍ଟ ନୁହେଁ ଭାଇନା । ଏଇ ସୁରଦିନ ଓଳିଆ ଖାନା । ରାଜି ?"

"କଫି ଦବୁଟି ?"

"ହୁଁ । କିନ୍ତୁ କଲାକଫି ଖାଇ ପାରିବନି ।" ଭାଇନାର ଲୁଗାକାନିରେ ହଳଦି ଲଗଉ ଲଗଉ କହିଲା ।

Digitized by srujanika@gmail.com

"ସେଗୁଡ଼ା କ'ଣ ଲଗଉଛୁ ?"

"ହଳଦ । ଶୁଭ । ତୁମେ ପଗ୍ ବର । ବର ମାନେ କଣ ଜାଣ ?"

"ନା । ବରଗଛ ଦେଖିଛୁ, ବରକୋଳି ବ ଖାଇଛୁ ।"

ହସି ଉଠିଲ ଉମା "ତୁମକୁ ପାରବ କିଏ ? ଦେଖାଯାଉ, ନୂଆବୋହୂ ଯଦ ପାରେ ? ବର ମାନେ ଶ୍ରେଷ୍ଠ । ବୁଝିଲ ? ସୁତରାଂ ତୁମକୁ ଏ କେତେଦନ ଆମ ହୁକୁମରେ ଚ୍ଚଲବୁଲ କରବାକୁ ହବ ।"

"ଏଇପଗ୍ ଶ୍ରେଷ୍ଠତ୍ୱର ପରଚୟ ?" ପଞ୍ଜାବୀଟା ପିନ୍ଧୁ ପିନ୍ଧୁ କହୁଲ ଶଙ୍କର ।

"ହଁ ।" ହସିଲ ଉମା ।

"କଫି ନ ହଉ, ଚ୍ଚ ପଠେଇ ପାରବୁ । ଆଉ ମୋ ସିଗ୍ରେଟ କେଶ, ଲଇଟାର । ସେ ଘରେ ସବୁ ଠିକ ଥିଲ । ଏଠି କଛୁ ପାଉନ । ଚନ୍ଦ୍ରଶେଖର ଖୁରରେ ସିଅର ହେଲ ।"

"ଗୃହିଣୀଟିକୁ ଡାକ । ସବୁ ଠିକ କରଦେବ ।" ହସି କହୁଲା ଉମା ।

"ଡାକଦେଇ ପାରବୁ ତାକୁ ?"

"ହଁ କଣ କରୁଛ କ ସେ । ବୋଉ ପାଖରେ ବସି ଗୁଆ କାଟୁଛୁ । ମୁଁ ଡାକ ଆଣୁଛୁ ।" ଚ୍ଚଲଗଲା ସେ ।

ଏଇଘରଟା ବେଶ ବଡ଼ ଘର । ଏ ପାଖର ଶେଷ ଘର ଏଟା । ତାପରେ ଧାନ ଘର ଓ ଠାକୁରଘର । ଅନ୍ୟ ଧାଡ଼ରେ । ଦଟା ବଡ ବଡ ଝରକା, ଗୋଟାଏ ଦୁଆର । ଆଗରୁ ଏ ଘରଟାରେ ଜିନଷପତ୍ର ରହୁଥିଲା । କାଲ ସିଙ୍ଗ ଏଦୁ ସଫା ସୁତଗ୍ କରଛୁ ଶଙ୍କରର ବ୍ୟବହାର ପାଇଁ । ଗୋଟାଏ ପୁରୁଣା କାଳିଆ ପଲଙ୍କ ପଡ଼ଛୁ ଘରର ଅଧେ ମାଡ଼ବସି । ତା ଉପରେ ବଛଣା ହୋଇଛୁ । ତକଆ ପଡ଼ଛୁ ଦଟା । ଏଇ ଘରଟା ଆଜଠୁଁ ତାର । ଜିନଷପତ୍ର ସବୁ ଏଠିକ ଅଣା ହୋଇଛୁ । ସବୁ କଳୁ ଅବନ୍ୟସ୍ତ । ତାକୁ ସଜାଡ଼ବା ଦରକାର ।

"ଏଇ ନୂଆବୋହୂ, ଉଠିଆସ ।" ମାନକୁ ଟାଣି ଠିଆ କଲା ଉମା । "ଆସ ମୋ ସାଙ୍ଗରେ ।" ନେଇଗଲା ତାକୁ ସେଇ ଘରକୁ । ଶଙ୍କର ବୋକାଙ୍କ ଭଳ ପଲଙ୍କ ଉପରେ ବସିଛୁ । ତାର ସିଗ୍ରେଟ ନାହିଁ ।

"ଏଇ ନଅ ଭଉନା । କୁହ କଣ କରବାକୁ ହବ । ମୁଁ ଯାଏ ଚ୍ଚ କରେଁ ।" ବାହାରଗଲ ସେ ।

Digitized by srujanika@gmail.com

ମାନ ଠିଆ ହୋଇଛ ତଳକୁ ମୁହଁ କରି । ଓଢ଼ଣା ଟାଣିଛି ଆଖି ପର୍ଯ୍ୟନ୍ତ ।

"ଦେଖିଲ ମୋ ସିଗ୍ରେଟ କେଉଁଠି ଅଛି ?"

ମାନ ଭେଲସେଟା ଖୋଲି ସିଗ୍ରେଟ ଆଉ ଲାଇଟର କାଢ଼ିଲି ।

"ଆରେ ତୁମେ ଏଠି ରଖିଥିଲ ?"

ମାନ ଚୁପ କରି ଠିଆ ହେଲି । ଗୋଟାଏ ସିଗ୍ରେଟ ଲଗେଇ ଧୂଆଁ ଛାଡ଼ିଲି ଶଙ୍କର ।

"ଏଇ ଘରଟା କମିତ କମିତ ଲାଗୁଛି ମୋତେ । ଜିନଷଗୁଡ଼ା ଠିକ୍ ରଖା ହୋଇନ । ଟିକଏ ସଜେଇ ଦଅନ୍ତ କ ?"

ମାନ ଲାଗି ପଡ଼ିଲି କାମରେ । ତାର ସ୍ୱାମୀର କଣ କଣ ଦରକାର କାଢ଼ି ସଜେଇ ରଖିଲି ।

ଟଙ୍କା ଥିବା ଭ୍ୟାଲେଟଟା କାଢ଼ିଲା ଶଙ୍କର । "ଏଟା ରଖ ।" ମାନକୁ ଦେଲା ।

ମାନ ଧରି ଠିଆହୋଇ ରହିଲା ।

"ଟଙ୍କା, ସେଥିରେ ଟଙ୍କା ଅଛି ।" ହସିଲା ଶଙ୍କର । "ତୁମେ ରଖ ।"

ବାପଘରୁ ଯେଉଁ ଟ୍ରାଙ୍କଟି ଆଣିଛି, ତାର ଚାବି ତା ପାଖରେ ଥିଲା । ସେଟା ଖୋଲି ସେଥିରେ ରଖିଲା ମାନ ଭ୍ୟାଲେଟଟା । ଉଠି ଆସି ଠିଆ ହେଲା ଶଙ୍କର ପାଖରେ । ହାତରେ ତାର ଘଡ଼ି ଓ କଲମ ।

"ଉମା ଦେଇଛନ୍ତି ।"

"ସେଗୁଡ଼ା ତୁମର । ତୁମ ପାଇଁ ମୁଁ ଆଣିଥିଲି ସେଗୁଡ଼ା ଏମେରିକାରୁ ।" ଘଡ଼ିଟା ନେଇ ଦମ ଦେଲା । ତା ଘଡ଼ି ସାଙ୍ଗରେ ମିଳେଇ ଦେଲା । ତାପରେ ସ୍ତ୍ରୀର ବାଁ ହାତଟା ଉଠେଇ ଧଇଲା ।

"ଥାଉ ।" ମୃଦୁ କଣ୍ଠରେ ମନାକଲା ମାନ ।

"ହଉ ଥାଉ ।" ହସି ଫେରେଇ ଦେଲା ଶଙ୍କର । ତାର ସେଇ ବାକ୍ସରେ ରଖିଦେଲା ମାନ । ଆସି ପଲଙ୍କ ବାଡ଼ ଧରି ଠିଆହେଲା ।

"ମାନସୀ ?"

"ଉଁ ।"

"କାଲି ମୋତେ ବେଦରେ ଦେଖି ଖୁବ୍ ଆଶ୍ଚର୍ଯ୍ୟ ହୋଇଥିଲ ନା ?" ପଚାରିଲି ଶଙ୍କର ।

Digitized by srujanika@gmail.com

"ନା ।"

"ନା ?"

"ନା । ମୁଁ ଜାଣିଥିଲି ତୁମେ ଆସିବ । ମୋର ଦେହମନ ସର୍ବସ୍ୱ ଦେଇ ମୁଁ ତୁମକୁ ଡାକିଥିଲି ।"

"ଗୋପାଳ ମିଶ୍ରର ଗପଟା ବିଶ୍ୱାସ କରି ନଥିଲ ?" ଶଙ୍କର ଆଖିରେ ବିସ୍ମୟ । ଜବାବ ଦେଲିନି ମାନି । ଆଖିରୁ ତାର ଲୁହ ଝରିଲା ।

"ଛି, କାନ୍ଦୁନି ଆଉ । ମୋର ଉପାୟ ନଥିଲା ମାନି । ବାଧ୍ୟ ହୋଇ ଏମିତି ଗୋଟାଏ ଗପ ତିଆରି କରିବାକୁ ହୋଇଥିଲା ।"

"ଜାଣେ ।"

"କେହି ଜାଣି ନଥିଲେ ପ୍ରକୃତ କଥା । ବାପା, ବୋଉ, ତୁମ ବାପା, ସଙ୍ଗାତମାଉସୀ, ମାମୁଁ, କେହିନା । ସେ କେତେଦିନ ଖୁବ୍ ଦୁଃଖରେ କଟିଛି ନା ?"

ମୁଣ୍ଡ ହଲେଇ ହଁ କଲା ମାନି ।

"ମୁଁ ବି ଖୁବ୍ କଷ୍ଟ ପାଇଛି । ଯା ହବାର ହେଲାଣି । ସବୁ ଭଲ ଯାହାର ଶେଷଟା ଭଲ ହୁଏ ।"

ମାନିର ହାତଟାକୁ ନିଜ ହାତରେ ନେଲା ଶଙ୍କର । ମାନି ଏଥର ସାହସ କରି ଚାହିଁଲା ତା ମୁହଁକୁ । ପଚାରିଲା—"ତୁମ ମୁଣ୍ଡ ବିଥା ?"

"ନାହିଁ, ଦେଖୁନ ।" ନୁଆଇଁ ଦେଲା ମୁଣ୍ଡ ଶଙ୍କର । ଦେଖିଲା ମାନି । ଘା ଶୁଖି ଯାଇଛି । ବାଳ ଉଠୁଛି । ଦୁଇ ହାତରେ ସ୍ୱାମୀର ମୁଣ୍ଡଟାକୁ ଟେକି ଧରିଲା ସେ । ତା କାନରେ ଆସ୍ତେ ଆସ୍ତେ କହିଲା । "ତୁମକୁ ଆଉ ମୁଁ ଛାଡ଼ିବିନି । କୁହ ତୁମେ ମୋତେ ଛାଡ଼ି କୁଆଡ଼େ ଯିବନି । ଓଃ କି କଷ୍ଟରେ କଟିଛି ସେ ସାତ ଦିନ । କିଛି ବୁଝି ପାରୁନଥାଏ । ତୁମେ କହି ଯାଇଥାଅ ଅପେକ୍ଷା କରିବାକୁ । ସ୍ୱାଡ଼େ ସବୁ ଓଲଟା କଥା । ଶେଷରେ ଠିକ୍ କଲି, ଯଦି ବାପା ମୋତେ ସେଇ ଗୋପାଳ ମିଶ୍ର ସାଙ୍ଗରେ ବାହାକରି ଦିଅନ୍ତି ତାହେଲେ କାଳମୁହିଁ ଗଣ୍ଡି ଅଛି ।"

ଚମକି ପଡ଼ିଲା ଶଙ୍କର । "ଚୁପ । ଆଜି ଆଉ ସେ କଥା କହନ୍ତୁନି ।" ଅସ୍ତେ କରି ମାନିର ଓଠରେ ଗୋଟାଏ ଚୁମା ଦେଲା ଶଙ୍କର । ମାନି ଅଲଗା ହୋଇଗଲା ସ୍ୱାମୀ ପାଖରୁ ।

Digitized by srujanika@gmail.com

ଉମା ପଶି ଆସିଲା ଗ୍ଲାସ୍ କପ ଧରି ।

"ବେଶ । ନୂଆବୋହୂ ଏଠି ଖୁସିଗପ କରିବ ଆଉ ମୁଁ କାମ କରି କରି ହଇରାଣ । ନା ସେ ହବନି । ନଣନ୍ଦ ପେଉଁଟାଏ ବି ମିଳିଲାନି ।"

"ତୁ କଣ ନଣନ୍ଦ ?" ଗ୍ଲାସ୍ କପଟା ନେଲା ଶଙ୍କର ତା ହାତରୁ ।

"ଆଉ ?"

"ତୁ ହେଲୁ କର୍ତ୍ତୀ । ତୁ ନ ଥିଲେ ଏ ବାହାଘର ସମ୍ଭବ ହୋଇଥାନ୍ତା ? ବସ ଏଠି ।"

"କାମ ପଡ଼ିଛି ଯେ ?" ହସିଲା ଉମା ।

"ପଡ଼ିଥାଉ, ଢେର ଲୋକ ଅଛନ୍ତି କରିବାକୁ ।"

ଉମା ହଠାତ୍ କାନରୁ ଗ୍ଲବଲେଟ୍ଟାଟା ଖୋଲି କହିଲା—"ନେଲ ଏ ଗ୍ଲବ, ଗୋଟାଏ ଗ୍ଲବ କାଢ଼ି ମାନ ଙ୍କେରେ ଗଳେଇ ଦେଲା । "ତୁମ ସୁଟକେଶ ଗ୍ଲବ କାହିଁ ?"

"ଉଆଲେଟରେ ।"

"କାହିଁ ସେଟା ?"

"ପଙ୍କର ତାକୁ ?"

ଉମା ମାଗିଲା, ମାନ ଉଆଲେଟଟା କାଟିଦେଲା ବାକ୍ସରୁ । ହାତକୁ ନେଇ କହିଲା ଉମା, "ଏଃ, ହାଲୁକା ହୋଇଯାଇଛି ।"

ଶଙ୍କର ହସିଲା ।

ଭଉଣୀ ହାତକୁ ବଢ଼େଇ ଦେଲା ସେଟା । "ଖୋଲ, ନୂଆବୋହୂକୁ ଗ୍ଲବଗୁଡ଼ା ଦିଅ ।"

"ତୁ ଦେ ।"

ମାନ ଗ୍ଲବ କାଢିବାକୁ ଯାଇ ଦେଖିଲା, ଭିତରେ ସୁନାଲି କାଳିରେ ଲେଖା ହୋଇଛି ତିନୋଟି ଅକ୍ଷର—"ମା ନ ସୀ ।" ମାନବ ଦେଖିଲା ତା ଆଡ଼ଟା । ଉମା ଥରେ ଭାଇନା ଓ ଥରେ ନୂଆବୋହୂ ମୁହଁକୁ ଚାହିଁଲା । ମୁରୁକି ହସିଲା । ଗ୍ଲବଗୁଡ଼ା ଶଙ୍କରେ ଗଳେଇ, ମାନର କାନରେ ବାନ୍ଧ ତା ଦେହକୁ ଲାଗି ପଲଙ୍କ ଉପରେ ବସି ପଡ଼ିଲା ।

'ଅଃ । ବାବାରେ ବାବା । ଗଲା କେତେଦିନ ହେଲା କଣ ଯେ ହେଲାଣି । ତୁମେତ ଶଙ୍କର—ଭୋଳାନାଥ । ବାପାଙ୍କ ତାର ପାଇ ସେଇ ଯେ

Digitized by srujanika@gmail.com

ଆମେ ଗୋଡ଼େଇଛୁ ବର ଆଶାରେ, ଶେଷରେ ଆସି ଏଇଠି ପହଞ୍ଚିଛୁ । ଚତୁର୍ଥୀ ସରିଲେ ଛୁଟି ।"

"ଛୁଟି କାହିଁରେ ଉମି ? ଚତୁର୍ଥୀ ସରିଲେ ପଞ୍ଚମୀ ଅଛି ।"

"ତା ମାନେ ?" ଉମା ପଗ୍ଭରିଲା ବୁଝି ନପାରି ।

"ମାନେ, କଲିକତା ଯିବାକୁ ହବ । ଆମକୁ ଅଇଥାନ କରି ସାରିଲେ ତୁ ଛୁଟି ପାଇଛୁ ।"

ବୋଉ ଡାକିଲେ, " ଢ଼ୀ, ବୋହୂକୁ ନେଇଆ ।"

ମାନକୁ ନେଇଗଲା ଉମା । ଗୋଟାଏ କଣ ଉତ୍ସବ । ବେଦୀ ଉପରେ ବସିଲା ମାନ । ଦଳେ ସ୍ତ୍ରୀଲୋକ ଶଙ୍ଖ ହୁଳହୁଳି ଦେଇ ମାନ ମୁଣ୍ଡରେ ଅରୁଆ ଗୁଣ୍ଡଚାଉଳ ପକଉଥାନ୍ତି । ଘର ଭିତରୁ ଦେଖିଲା ଶଙ୍କର ।

ଚବିଶ

ଚତୁର୍ଥୀ ଦିନର ସନ୍ଧ୍ୟା ।

ଶୋଇବା ଘରେ ଗହଣା ଶାଢ଼ି ପିନ୍ଧେଇ ବୋହୂକୁ ବସାଗଲା । ଏଇ ଗାଁ ମାଇପେ ଚହ୍ନି ପାରିଲେନି ଯେ ଏଇ ବୋହୂଟି ଷଡ଼ଙ୍ଗୀଘରର ମାନ । ତା ବୋଉ ଆସି କନ୍ୟାର ସୌଭାଗ୍ୟରେ ଆନନ୍ଦାଶ୍ରୁ ଗଡ଼େଇ ଗଲେ । କଟକରୁ ଏଥର ଅନେକ ସ୍ତ୍ରୀଲୋକ ଆସିଛନ୍ତି । ଉମା ସେମାନଙ୍କୁ ନେଇ ବ୍ୟସ୍ତ । ଅନେକଗୁଡ଼ାଏ ଅବିବାହିତା ଝିଅ ଅଛନ୍ତି । ସେମାନେ ଦଳ କରି ଆସି ପଶିଲେ ଏଇ ଘରେ । ତିନିଣ ବତିର ଆଲୁଅ ଜଳୁଥାଏ । ଝଲମଲ କରୁଥାଏ ମାନର ଶାଢ଼ି ଗହଣା । ସାରା ପରିବେଶଟାକୁ ମାନ ଯିମିତି ଉଦ୍‌ଭାସିତ କରୁଛି । ଗୋଟିଏ ଝିଅ କହିଲା, "A real beauty !"

"ଆଉ କଣ ଭାବି ଥିଲି କି ? Dr. Satpathy did not fall for a common village girl. See how lovely she is" ମାନ ମୁହଁଟାକୁ ଟେକିଦେଲା ସେ । ଆଉ ଜଣେ କହିଲା, "କି ସୁନ୍ଦର ତୁମ ଆଖିଗୁଡ଼ା ଭଉଣୀ । ତୁମକୁ ଦେଖିଲେ ଭଲ ପାଇବାକୁ ମନ ହବ ।" ସେ ନଇଁ ପଡ଼ି ମାନ ଗାଲରେ ଗୋଟାଏ ଚୁମ୍ବ ଦେଲା । ତାପରେ ଝିଅଙ୍କ ଭିତରେ ଧସ୍ତାଧସ୍ତି । ସମସ୍ତେ ତା ଗାଲରେ ଚୁମ୍ବ ଦେଲେ । ଲିପଷ୍ଟିକର ଦାଗରେ ତା ଗାଲଦିଟା ଚିତା କୁଟିଲା ଭଳି ଦିଶିଲା ।

Digitized by srujanika@gmail.com

କଣ କରିବ ଭାବି ନପାରି, ଜଣଙ୍କ ଅଣ୍ଟାରୁ ରୁମାଲ ଟାଣିଆଣି ଉମା ମାନର ଗାଲ ପୋଛି ପକେଇଲା । ମାନ ମୁହଁ ଲାଜରେ ଲାଲ ।

ବାହାରେ ଶୁଭିଲା, "We will see you and your bride together, come along !" ଦିଜଣ ଭଦ୍ରମହିଳା ଶଙ୍କରର ଦୁଇଟା ହାତଧରି ଟାଣି ଟାଣି ଆଣୁଥାନ୍ତି । ଶଙ୍କର ହସୁଥାଏ ।

"Hey girls, get away." ତାଙ୍କ ଭିତରୁ ଜଣେ ପାଟିକରି ଉଠିଲେ । ଝିଅଗୁଡ଼ାକ ତରତର ହୋଇ ବାହାରି ଆସିଲେ ପିଣ୍ଡାକୁ । ଏମାନଙ୍କ ଭିତରୁ ଜଣେ ପ୍ରସିଦ୍ଧ ଡାକ୍ତର, ଅନ୍ୟ ଜଣକ ଶିକ୍ଷା ବିଭାଗର ବଡ଼ ହାକିମ । ଦୁହେଁ ସାଙ୍ଗ ବଲାତ ଫେରନ୍ତା ।

ଉମାକୁ କହିଲେ, "କନ୍ୟାକୁ ଠିଆ କରାଅ ।" ମାନ ଠିଆ ହେଲାରୁ ଶଙ୍କରକୁ ନେଇ ତା ପାଖରେ ଠିଆ କରେଇ, ଦୁଇଜଣ ସାଙ୍ଗ ହୁଳହୁଳି ଦବାକୁ ଲାଗିଲେ । କିଏ ଗୋଟାଏ ଶଙ୍ଖ ବଜେଇଲା । ଉପହାର ଆଣିଥିଲେ, କନ୍ୟା ହାତରେ ଦେଲେ । ଶଙ୍କରକୁ ଚାହିଁ ଜଣେ କହିଲେ, "You are a lucky guy !" ଆଉ ଜଣକ ପ୍ରତିଧ୍ୱନି କଲେ, "A very lucky guy". ଶଙ୍କର ଏମାନଙ୍କ ସଙ୍ଗରେ ବାହାରି ଆସିଲା ।

କଣ୍ଟକବାଲାଙ୍କୁ ନ'ଟା ଭିତରେ ଖୋଇପେଇ ବିଦାକଲେ ମାମୁ । ଗୃହକରବାକରି ଖାଇସାରି ଉଠୁ ଉଠୁ ସାଢେ ଦଶଟା । ଚନ୍ଦ୍ରଶେଖର ଘରେ ବସି ସିଗ୍ରେଟ ଟାଣୁଥିଲା ଶଙ୍କର । ଉମା ଆସି କହିଲା । "ରାତି ହେଲାଣି, ତୁମେ ଶୋଇବ ଯାଅ ଭାଇନା ।"

ଶଙ୍କର ଆସିଲା ତା ଘରକୁ । ଏ କଣ ? ଘରର ଚେହେରା ଏକାବେଳକେ ବଦଳି ଯାଇଛି । ବିଛଣା ଯାକ ଫୁଲ । ପଲଙ୍କରୁ ଲମ୍ବି ଆସିଛି ଫୁଲହାର । ମଶୁରିବାଡ଼ାରେ ଝୁଲୁଛି ଫୁଲ । ଏତେ ଫୁଲ ଆସିଲା କଉଁଠୁ ? ଉମାର କାମ । ଅନେଇଲା ଶଙ୍କର । ଘର କାନ୍ଥରେ ଗୋଟାଏ ଲେମ୍ପ ଜଳୁଛି । ନୀଳ ଚମନରୁ ତାର ବିଚ୍ଛୁରିତ ହେଉଛି ମୋଲାଏମ ଆଲୁଅ । ମାନ ଠିଆ ହୋଇଛି ଘରର ସେ ପାଖରେ । ତଳକୁ ମୁହଁ କରି ।

ମାନକୁ ସଜେଇଛି ଉମା । ସେ ପିନ୍ଧିଛି ଅରଗେଣ୍ଡିର ଶାଢି ବ୍ଲାଉସ । ଓଢଣା ଭିତରୁ ଦିଶୁଛି, ଟିକିଲିରେ ଫୁଲ, ହାତରେ ଫୁଲ, ବାହୁରେ ଫୁଲ । ବକ୍ଷଦେଶରେ ଏକ ଫୁଲର ହାର । କାନରୁ ଝୁଲୁଛି ଚମ୍ପକକଳି । କପାଳରେ.

Digitized by srujanika@gmail.com

ଓଠ ତଳେ, ଚନ୍ଦନର ଚିତା । ଓଠଗୁଡ଼ା ରଞ୍ଜିତ । ଚକ୍ଷୁରେ କଜ୍ଜ୍ୱଳ । ସୀମନ୍ତରେ ସିନ୍ଦୂରରେଖା । ଘରସାରା ଆମୋଦିତ କରୁଛି ପୁଷ୍ପହାର ।

ନିଶ୍ଚଳହୋଇ ତଳକୁ ମୁହଁକରି ଠିଆ ହୋଇଛି ମାନି । ତା'ର ଅବସ୍ଥା ଟିକିଏ ମିନିଟିଏ ଖଣ୍ଡେ ଉପଭୋଗ କଲା ଶଙ୍କର । ତାପରେ ହସି ଡ଼ାକିଲା, "ଆସ" । ଅଧୀର ପଦକ୍ଷେପରେ ଆଗେଇ ଆସିଲା ମାନି । ଠିଆ ହେଲା ତା ସାମନାରେ । ମାନିର ହାତଦିଟା ଧରିଲା ଶଙ୍କର । ବୁଝିଲା, ମାନିର ଦେହଟା ଥର ଥର କମ୍ପୁଛି । ଆଉଜେଇ ଆଣିଲା ତାକୁ ନିଜ ଆଡ଼କୁ । ମୁହଁଟା ଟେକିଲା—ମାନି ଆଖି ବୁଜିଛି । "ଆଖି ଖୋଲ ମାନସୀ" ଆସ୍ତେ ଆସ୍ତେ କହିଲା ଶଙ୍କର । ଧୀରେ ଧୀରେ ଆଖି ଖୋଲି ଚାହିଁଲା ମାନି ।

"ଡ଼ର ମାଡୁଛି ?" ହସି ପଚାରିଲା ଶଙ୍କର । ମାନି ମୁଣ୍ଡ ହଲେଇ ମନା କଲା । ଏଥର ଶଙ୍କର ତାର କପାଳରେ ଭ୍ରୂରେ, ଆଖିରେ, ଗାଲରେ, ଓଠରେ ଦେଲା ଅସଂଖ୍ୟ ଚୁମ୍ବନ । ମାନି ତାର ଅଣ୍ଟାକୁ ଦୁଇହାତରେ ଭିଡ଼ି ଧରିଥାଏ ।

ଦୁଇ ହାତରେ ମାନିର ଦେହଟାକୁ ଟେକିନେଲା ଶଙ୍କର ତାର ଶଯ୍ୟା ପାଖକୁ । ଶଙ୍କରର ବେକରେ ମାନିର ଭୁଜବନ୍ଧନ । ଶଙ୍କର ତାକୁ ନେଇଗଲା ବିଛଣାକୁ । ଶୋଇଦେଲା ।

ପୌଷ ରାତ୍ରିର ନିଃଶବ୍ଦ ପ୍ରହରଗୁଡ଼ିକ କଟିଗଲା ଦୁଇଟି ଉନ୍ମୁଖ ଶରୀରର ମିଳନରେ ।

ମଙ୍ଗଳବାର
୧୫ । ୮ । ୬୭
କଟକ

●

ମାନସୀ-୨

Digitized by srujanika@gmail.com

Digitized by srujanika@gmail.com

ଏକ

ନୂଆ ଆଲିପୁରରେ ଘର ନେଲା ଶଙ୍କର । ଜଣେ ଓଡ଼ିଆ ରାଜାଙ୍କ ଘର । ପ୍ରାୟ ଅଧ ଏକର ଜମି ଉପରେ ଛବି ଭଳି ସୁନ୍ଦର ବଙ୍ଗଳାଟିଏ । ଉପର ତଳେ ମିଶି ଛ'ଟା ଶୋଇବାଘର । ବୈଠକଖାନା, ଖାଇବାଘର, ଅଫିସଘର, ଲାଇବ୍ରେରୀ, ଲାଉଞ୍ଜ, ସବୁ ଅଛି । ଘର ପଛକୁ ପରିଚାରକମାନଙ୍କର ରହିବାଘର, ରୋଷେଇଘର, ଗାରାଜ ଓ ଗାଈଗୁହାଳ । ଘର ସାମନାରେ ଲନ୍, ତା ଚାରିପାଖରେ ଫୁଟିଛି ନାନା ପ୍ରକାର ମୌସୁମୀ ଫୁଲ । ଦକ୍ଷିଣ ଆଡ଼କୁ, ପାଚେରି କଡ଼େ କଡ଼େ ଗୁଆଗଛର ଧାଡ଼ି । ପଶ୍ଚିମ ଆଡ଼କୁ ବାଗନଭିଲିଆ, ମାଲତୀ ଆଦି ହେନାର ଝାଡ଼ । ପ୍ରବେଶ ପଥର ଦୁଇ ପାଖରେ ମଲ୍ଲୀଗଛ ।

ଖୁସି ହୋଇଗଲା ଶଙ୍କର । ଯେଉଁ ରାଜା ଏ ଘର ତିଆରି କରିଥିଲେ, ସେ ମରିଯିବାରୁ, ତାଙ୍କ ପୁଅଙ୍କ ଭାଗ୍ୟ କମିଗଲା ବାପାଙ୍କ ପ୍ରିଭିପାର୍ସର ଅଧାକୁ । ଏତିକି ଟଙ୍କାରେ କଲିକତାରେ ରହି ଚଳିବା କଷ୍ଟକର ହେବ ବୋଲି, ରାଜପୁଅ ଘରକୁ ଭଡ଼ା ଲଗେଇ ଗଡ଼କୁ ଫେରିଲେ ଚାଷ କରିବାକୁ । ଭଡ଼ା ମଧ୍ୟ ବେଶି ଭଲ ଦେଲା ଶଙ୍କର ।

ଘର ସାଙ୍ଗରେ ସେ ରାଜପୁଅଙ୍କ ପାଖରୁ ପାଇଲା ଏକ ଆରାକାନ ନିବାସୀ ମଗ୍ ବବୁର୍ଚି ଏବଂ ମାଳି । ବବୁର୍ଚିଟି ବୃଦ୍ଧ; କିନ୍ତୁ ନାନା ପ୍ରକାର ସୁସ୍ୱାଦୁ ଖାଦ୍ୟ ରାନ୍ଧିବାରେ ଧୁରନ୍ଧର । ତିରିଶ ବର୍ଷରୁ ଅଧିକ କାଳ ସେ ଏହି ରାଜପରିବାରରେ ରହିଛି । ତାର ଗୋଟିଏ କନ୍ୟା-ସନ୍ତାନ ଥିଲା । ତାକୁ ସେ ତା ଦେଶରେ ବିବାହ ଦେଇଛି । ସ୍ୱାମୀ ସନ୍ତାନ ନେଇ ସେ କିଏଅଛି ଘର କରୁଛି ଆରାକାନର କେଉଁ ଅଜ୍ଞାତ ପଲ୍ଲୀରେ । ପନ୍ଦର ବର୍ଷ ହେଲା ବୃଦ୍ଧ ବବୁର୍ଚି କଲିକତା ଛାଡ଼ି କୁଆଡ଼େ ଯାଇନି । କେଉଁଠି ଆଉ ତାର ଆଶ୍ରୟ ନାହିଁ ।

ମାଳିଟି ଓଡ଼ିଆ । କଟକ ଜିଲ୍ଲାରେ ତା ଘର । ବୋଲହାକ କରିବାକୁ ସେ ଆଣି ଯୁଟେଇଲା ଏକ ବାଳକକୁ । ସମ୍ପର୍କରେ ତାର କେମିତି ଶଳା ହୁଏ । ଏଇ ବାଳକ ନନ୍ଦ ହେଲା ଶଙ୍କରର ଖାସ ଚାକର । ସକାଳୁ ତାକୁ ବିଛଣାରେ ଚା ଦିଏ ଏଇ ନନ୍ଦ । ତାର ପୋଷାକ ସଜେଇ ରଖେ, ଯୋତା ବ୍ରୁସ୍ କରେ, ବିଛଣା କରେ । ବୋଲହାକ କରେ । ମାଳୀର କାମ ବଗିଚା ସମ୍ଭାଳିବା ଏବଂ ଘରଦ୍ୱାର ସଫା ରଖିବା ।

Digitized by srujanika@gmail.com

ନୂଆଘରକୁ ଉଠି ଆସିବାର ଦୁଇଦିନ ପରେ ତାର କଲିକତା ମେନେଜାର ଲରେନ୍‌ସ ଷ୍ଟୁଆର୍ଟ ଓ ତା ସ୍ତ୍ରୀ ଗାରନେଟ ଆସିଲେ ଦେଖିବାକୁ, ଶଙ୍କର କେମିତି ବସା ବାନ୍ଧିଛି ? ଗାରନେଟ ଘରଆଡ଼ ଦେଖି ସାର ଟିପ୍‌ପଣୀ କାଟିଲା, 'ଏଥର ଘର ତ ହେଲା; ସ୍ତ୍ରୀକୁ ନେଇଆସ । ତୁମେ ପୁରୁଷଲୋକ କଣ ସବୁ ଦେଖି ପାରିବ ? ପର୍ଦା ଏବଂ ଢାଙ୍କୁଣି ଗୁଡ଼ା ପୁରୁଣାକାଳିଆ । ଆଜିକାଲି କେତେ ପ୍ରକାରର ଛିଟ ବାହାରିଲଣି । ଏଗୁଡ଼ା ବଦଳେଇବା ଦରକାର ।'

'ଦରକାର ତ ଠିକ୍' ଶଙ୍କର ତା କଥାରେ ରାଜି ହେଲା 'କିନ୍ତୁ ମୋ ସ୍ତ୍ରୀ ଏକାବେଳକେ ଗାଁର ଝିଅ । ସେ କେବେ ସହର ଦେଖିନି । ସହରିଆ ଜୀବନଯାତ୍ରା ବିଷୟରେ ତାର କୌଣସି ଧାରଣା ନାହିଁ, ବରଂ ତୁମେ ଯଦି ସାହାଯ୍ୟ କରନ୍ତ...?'

ଷ୍ଟୁଆର୍ଟଦମ୍ପତି ତତ୍‌କ୍ଷଣାତ୍ ରାଜି ହେଲେ ।

ପର୍ଦ୍ଦିମଭ୍ରମଣ ପ୍ରାୟ ସରିଲା, ପାଞ୍ଚଦିନ ପରେ ଶଙ୍କର କଲିକତା ଫେରି ଦେଖିଲା, ଘରର ଚେହେରା ଏକାବେଳକେ ବଦଳି ଯାଇଛି । ନନ୍ଦ ପାଖରୁ ଶୁଣିଲା ଗାରନେଟ ଦୁଇଦିନ, ସକାଳ ଉପରବେଳା ଆସି କାମର ତଦାରକ କରିଛି । କେଉଁଠି କଣ ଭଲ ଦିଶିବ, ତାକୁ ଲଗା କରେଇଛି । ବବୁର୍ଚି ପାଖରୁ ଜାଣିଲା, ରୋଷେଇଘରେ ଚୂଲିକୁ ବଦଳେଇ, ବକୁଳଫୁଲକଟ କୁକିଙ୍ଗ୍ ରେଞ୍ଜ୍ ଆଣି ବସେଇଛି । ବିଭିନ୍ନ ଆକାରର ପ୍ରେସାର କୁକାର କିଣି ଆଣି ବବୁର୍ଚିକୁ ରନ୍ଧାରନ୍ଧର ନୂଆପନ୍ଥା ଶିଖେଇଛି । ରାଜାଙ୍କ ଅମଳର ସ୍ଲେଟ ଫ୍ରିଜଟା ପାଖରେ ଗୋଟାଏ ପ୍ରକାଣ୍ଡ ଫ୍ରିଜ ବସେଇଛି । ହସ ହସ ମୁହଁରେ ବବୁର୍ଚି କହିଲା, 'ଏଥିରେ ଖାନା ଖୁବ୍ ଜଲଦି ହଉଛି, ହଜୁର ! ଅଳ୍ପ ସମୟ ମଧ୍ୟରେ ଅନେକ କିସମ ରାନ୍ଧି ଖୁଆଇ ହବ ।'

ଖୁସି ହୋଇ ଷ୍ଟୁଆର୍ଟ ଦମ୍ପତିଙ୍କୁ ରାତି ଭୋଜନକୁ ନିମନ୍ତ୍ରଣ କଲା ଶଙ୍କର । ତା' ବବୁର୍ଚି ସେଦିନ ଯେଉଁ ଢ଼ଙ୍ଗର ରାନ୍ଧି ଖୁଆଇଲା, ଖାଲି ଶଙ୍କର ନୁହେଁ, ଲେରି ଓ ଗାରନେଟ ମଧ୍ୟ ଆଶ୍ଚର୍ଯ୍ୟ ହେଲେ । ଶଙ୍କର ବୁଝିଲା—ଲୋକଟା ସତରେ ଗୁଣୀ ।

କଥା ଉଠେଇଲା ଗାରନେଟ, ଟେବୁଲରେ, 'ସ୍ତ୍ରୀକୁ କେବେ ଆଣୁଛ ?'

'ଏଇ ସପ୍ତାହରେ ତ ଆସିବାର କଥା । ଯେ କୌଣସି ଦିନ ଆସି ପାରନ୍ତି ।'

ଦୁଇ ଦିନ ପରେ ଚିଠି ପାଇଲା ଶଙ୍କର ଉମା ପାଖରୁ । ସେମାନେ ଖୁବ୍ ସମ୍ଭବ ଶନିବାର ବାହାରି, ରବିବାର ସକାଳେ କଲିକତାରେ ପହଞ୍ଚିବେ ।

Digitized by srujanika@gmail.com

ବାହାରିବା ଆଗରୁ ତାର ଆସିବ । ମାନସୀ ମଧ୍ୟ ଚିଠି ଲେଖିଛି । ପଚାରିଛି— କଲିକତାରେ, ହଜାରେ କାମ ଭିତରେ, ଗରିବ-ଦୁଃଖୀର କଥା କଣ ମନେ ପଡ଼ୁଥିବ ବଡ ସାହେବଙ୍କର ? ତା ପରେ ତାର ସ୍ୱାସ୍ଥ୍ୟ ବିଷୟରେ ପଚାରିଛି । ସେ, ପାଖରେ ରହି, ସେବା କରି ପାରୁନି ବୋଲି ଅବଶୋଷ କରିଛି । ଶେଷରେ ଲେଖିଛି, ହସିଲା ଶଙ୍କର, ପ୍ରତି ରାତିରେ ସେ ତାକୁ ସ୍ୱପ୍ନ ଦେଖୁଛି ।

ପଶି ଆସିଲା ତା ସେକ୍ରେଟେରୀ ଅରୁଣା ଗାଙ୍ଗୁଲି । ଅରୁଣା ଝିଅଟା ଖୁବ ଚଟପଟ, ଖୁବ ସପ୍ରତିଭ, ସ୍ମାର୍ଟ । ରେଫିଉଜି ଝିଅ, ବି.ଏ. ପାଶ କରିଛି । ଭଲ ଷ୍ଟେନୋଗ୍ରାଫାର । କାମଦାମ ତାର ନିର୍ଭୁଲ । ବେଶି କଥାବାର୍ତ୍ତା କରେ ନାହିଁ । ଶଙ୍କର ପ୍ରତି ତାର ଶ୍ରଦ୍ଧା ସୀମାହୀନ । ଝିଅଟା ଏତେ ବିଶ୍ୱାସୀ ଯେ ଶଙ୍କରର ବ୍ୟକ୍ତିଗତ ଟଙ୍କାପଇସାର ହିସାବ, ଚେକ୍ ବହି, ସବୁ ତା ପାଖରେ ।

ଶଙ୍କର ଦିନେ ପଚାରିଥିଲା ତାକୁ ତାର ପରିଚୟ । ସଂକ୍ଷେପରେ ସେ ଯେତିକ କହିଲା, ସେଥିରୁ ଶଙ୍କର ଜାଣିଲା, ଖୁବ୍ ଭଦ୍ରଘରର ଝିଅ ଏଇ ଅରୁଣା ଗାଙ୍ଗୁଲି । ତା ବାପ ଥିଲେ ସଂସ୍କୃତ ସାହିତ୍ୟର ଅଧ୍ୟାପକ, ବରିଶାଲର ଏକ କଲେଜରେ । ଦୁଇଟି ପୁଅ, ଏଇ ଅରୁଣା, ଏମିତି ତିନୋଟି ସନ୍ତାନ ଥିଲା ତାଙ୍କର । ଭାରତରୁ କାଟିନେଇ ପୂର୍ବବଙ୍ଗଳାକୁ ଯେତେବେଳେ ପାକିସ୍ଥାନ ଦଖଲ କଲା, ଭୀଷଣ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା ସେଠି । ସେଇ ଦଙ୍ଗାର ଶିକାର ହେଲେ ତାର ଭାଇ ଦିଓଟି । ତାର ପିତା ସ୍ତ୍ରୀ ଓ କନ୍ୟାକୁ ନେଇ ଭାରତକୁ ପଳେଇ ଆସୁଥିଲେ । ବାଟରେ ପାକିସ୍ଥାନୀ ପୁଲିସକୁ ଯଥେଷ୍ଟ ଲାଞ୍ଚ ଦେଇ ନ ପାରିବାରୁ ଭୀଷଣ ମାଡ଼ ଖାଇଲେ । ତାର ମା ସେମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇଲେ ନାହିଁ । ଅରୁଣାକୁ ସେତେବେଳେ ଚଉଦ ବର୍ଷ । ଫ୍ରକ୍ ପିନ୍ଧୁଥାଏ । କଣ ହେଲା କେଜାଣି, ତା ପ୍ରତି ପାକିସ୍ଥାନୀ ପୁଲିସ ସଦୟ ହେଲେ । ଦୁଇ ତିନିଟା ରିଫିଉଜି କେମ୍ପ ବୁଲି ଘୁରି ଶେଷରେ ସେମାନେ ଆସି କଲିକତାରେ ପହଞ୍ଚିଲେ । ବାପାଙ୍କର ସହାଧ୍ୟାୟୀ ଜଣେ ବନ୍ଧୁଙ୍କର ନଜରରେ ପଡିବା ଫଳରେ ସେମାନଙ୍କୁ ଆଶ୍ରୟ ମିଳିଲା । ତା ବାପା କେଉଁ ଗୋଟାଏ କଲେଜରେ ଚାକିରି ମଧ୍ୟ ପାଇଲେ । ତା ମା କିନ୍ତୁ ବେଶିଦିନ ବଞ୍ଚିଲେ ନାହିଁ । ପୁତ୍ରଶୋକ ଏବଂ ବାଟରେ ଯେଉଁ ଅତ୍ୟାଚାର ତାଙ୍କୁ ସହିବାକୁ ହୋଇଥିଲା, ତାରି ଫଳରେ ସେ ଶଯ୍ୟାଶାୟୀ ହୋଇ ପଡି ପଡ଼ି ଦୁଇମାସ ପରେ ମରିଗଲେ । ଅରୁଣା ବର୍ତ୍ତମାନ ବାପ ପାଖରେ ଥାଏ । ତା ବାପାଙ୍କର ସେଇ ବନ୍ଧୁଙ୍କର ପୁଅକୁ ସେ ବିବାହ କରିବ ବୋଲି ଠିକ୍ ହୋଇଛି । ପିଲାଟି ଖଡ଼ଗପୁରରେ, ଟେକ୍‌ନୋଲଜିରେ, ସ୍ନାତକୋତ୍ତର ଛାତ୍ର । ସେ ଚାକିରି କଲେ ଅରୁଣା ତାକୁ

Digitized by srujanika@gmail.com

ବାହାରିବ । ସେଇ ବିବାହରେ ବାପାଙ୍କୁ ସାହାଯ୍ୟ କରିବ ବୋଲି ସେ ସ୍ୱୀକାର କରୁଛି ।

ଚିଠି ଓ ଟେଲିଗ୍ରାମ ଗୁଡ଼ା ଦସ୍ତଖତ କରି ବଢ଼େଇଦେଲା ଶଙ୍କର ଅରୁଣା ହାତକୁ । ସେ ଚାଲିଗଲା । କାମରେ ଲାଗିଗଲା ଶଙ୍କର । ବମ୍ବେରେ ଶାଖା ଖୋଲି ଆସିଛି ସେ । ସ୍ୱା ପରେ ମାଡ୍ରାଜ ଯିବ । ଶଙ୍କର ଠିକ୍ କରିଛି, ପ୍ରତି ରାଜ୍ୟର ରାଜଧାନୀରେ ଶାଖା ଖୋଲିବ । ରସାୟନ ଯାହା କରିପାରେ, ସବୁ ତିଆରି କରେ ଇଉନିଅନ୍ କେମିକେଲ୍ସ । ରସାୟନ ହେଲା ମଣିଷର ସବୁଠୁଁ ବଡ଼ ବନ୍ଧୁ । ବିଜ୍ଞାନ ଓ ଶିଳ୍ପର ଆଉ କୌଣସି ବିଭାଗ ମଣିଷର ସହାୟତାରେ ଏତେ ଆସେ ନାହିଁ, ଯେତେ ଆସେ ରସାୟନ । ତା କମ୍ପାନୀ ନ କରେ କଣ ? ଆଲୁମିନିୟମ୍, ଫେରସ୍-ଏଲୟ୍, ଏଲେକ୍ଟ୍ରୋଡ୍, ରଙ୍ଗ, ପେଟ୍ରୋକେମିକେଲ, ସାର, ଔଷଧ ଓ କୃଷିଯନ୍ତ୍ରାନ୍ତ୍ରୀୟ ରସାୟନ, ସବୁ ଉତ୍ପାଦନ କରେ ଇଉନିଅନ କେମିକେଲ୍ସ । ଶଙ୍କର ଦେଖିଛି, ବଜାରରେ ଯେଉଁ ମାଲ ଚାଲୁଛି, ତାଠୁଁ ତା କମ୍ପାନୀର ମାଲ ଅନେକ ଉଚ୍ଚ ଦରର । ଭାରତରେ ତ ନୂଆକରି ଆରମ୍ଭ ହେଉଛି ଏ ଶିଳ୍ପ । ତାର ଏକମାତ୍ର ପ୍ରତିଯୋଗୀ ଜାପାନ । ଦାମରେ ସେ ପ୍ରତିଯୋଗିତା କରିବ ଜାପାନ ସାଙ୍ଗରେ । ତା ମାଲକୁ ପ୍ରଚୁର ପରିମାଣରେ ବଜାରକୁ ଛାଡ଼ିବ ସେ । ଲୋକଙ୍କୁ ଅଭ୍ୟସ୍ତ କରିବାକୁ ହେବ । ତା ପରେ ଯିବେ କୁଆଡ଼େ ? ବାଧ୍ୟ ହେବେ କିଣିବାକୁ ତା ଜିନିଷ ।

ଫୋନ ଉଠେଇଲା ସେ । ମାର୍କେଟିଂ ବିଭାଗର କର୍ତ୍ତାଙ୍କୁ ଡାକିଲା, 'ଦତ୍ତ, ମାଡ୍ରାଜରୁ ଯେଉଁ ଭଦ୍ରଲୋକ ଆସିଛନ୍ତି, କଣ ତାଙ୍କ ନାଁ ?'

'ଜୟସୁବ୍ରମଣି ସାର, ମିଷ୍ଟର ଭି. ଜୟସୁବ୍ରମଣି ।'

'ତାଙ୍କୁ ନେଇ ଆସି ପାରିବ ମୋ ପାଖକୁ ?'

'ଆସୁଛି ସାର, ବର୍ତ୍ତମାନ ।'

ଦୁଇ ମିନିଟ ଭିତରେ ଦତ୍ତ ଓ ଜୟସୁବ୍ରମଣି ଆସିଲେ । ଚାଲିଲା ସେମାନଙ୍କର ବ୍ୟବସାୟ ସମ୍ବନ୍ଧୀୟ କଥାବାର୍ତ୍ତା । କେଉଁଠି ଅଫିସ ହେବ, ଘରର ଚଟାଣର ମାପ କେତେ, ଆସବାବ କଣ କିଣିବାକୁ ହେବ, ଗୋଦାମ କେତୋଟା ଦରକାର ହେବ, କେତେ କର୍ମଚାରୀ ନିଯୁକ୍ତ ହେବେ, କେଉଁ କେଉଁ ଶିଳ୍ପ ତାଙ୍କର ମାଲ କିଣିବେ—ଏମିତି ନାନା କଥା । କାମ ସାରୁ ସାରୁ ଗୋଟାଏ ବାଜିଲା । ଦତ୍ତ ଓ ଜୟସୁବ୍ରମଣିଙ୍କୁ ବିଦା କରି, ଆଉ ଯାହା କାମ ଥିଲା ତାକୁ ସାରି ଉଠିବ ଉଠିବ ହେଉଛି ଶଙ୍କର, ଫୋନ ଆସିଲା କଟକରୁ । ଚନ୍ଦ୍ରଶେଖର କହୁଛି, ଆଗାମୀ କାଲି ଶନିବାର ସେମାନେ ପୁରୀ ଏକ୍ସପ୍ରେସରେ ବାହାରି ରବିବାର ସକାଳେ ହାଓଡା ପହଞ୍ଚିବେ । ମାନସୀ, ଉମା, ଶମ୍ଭୁ, ରାଜା ଆସୁଛନ୍ତି ।

Digitized by srujanika@gmail.com

ସେକ୍ରେଟେରୀଙ୍କୁ ବେଲ୍ ଦେଲା ଶଙ୍କର । ଅରୁଣା ଆସିଲାରୁ ତାକୁ ଖବରଟା କହିଲା । ବ୍ୟାଙ୍କରୁ ଟଙ୍କା ଉଠେଇବା ଦରକାର, ଚେକ୍ ଦେଲା । ଡ୍ରାଇଭରକୁ ଡାକ କହିଲା ରବିବାର ସକାଳୁ, ପୁରୀ ଏକ୍ସପ୍ରେସ ବେଳକୁ ସେ ଗୋଟାଏ ଜୀପ ନେଇ ହାଓଡା ଷ୍ଟେସନକୁ ଯେମିତି ଯାଏ । ତା ପରେ ଲଞ୍ଚକୁ ଆସିଲା । ବବୁର୍ଚିକୁ କହିଲା, ରବିବାର ସକାଳ ଓଳି ଦେଶୀ ଖାନା ରାନ୍ଧିବାକୁ । ମାଳୀକୁ ଡାକ କହିଲା ଶୋଇବା ଘର ଗୁଡା ଯେମିତି ସଫାସୁତୁରା ହୋଇଥାଏ ରବିବାର ସକାଳକୁ ।

ଦୁଇ

ଧୀରେ ଧୀରେ ଆସୁଛି ପୁରୀ ଏକ୍ସପ୍ରେସ । କଟକ-ବଗିଟା ତ ଶେଷରେ । ଦ୍ରୁତ ପଦକ୍ଷେପରେ ଆଗେଇ ଗଲା ଶଙ୍କର । ଗାଡ଼ି ଠିଆହେଲା । ପ୍ରଥମେ ଓହ୍ଲାଇଲା ଚନ୍ଦ୍ରଶେଖର, ତା ପରେ ଶମ୍ଭୁ, ରାଜା, ଉମା ଏବଂ ଶେଷରେ ମାନସୀ । ମାନସୀ ତା ଆଡ଼କୁ ଅନେଇ ଆଖି ତଳକୁ କଲା । ଚନ୍ଦ୍ରଶେଖର ଓ ଉମା ହସିଲେ । ରାଜା ପାଟି କଲା 'ହେଇ ସାହେବମାମୁଁ ଆସିଲେଣି' । ସେ ଆସି ଶଙ୍କରର ହାତ ଧରିଲା । ଶମ୍ଭୁ ମାଲପତ୍ର ବୁଝେଇ ଦେଲା ଡ୍ରାଇଭରକୁ, ଏମାନେ ଚାଲିଲେ ଶଙ୍କର ପଛେ ପଛେ । ରାଜା ଚାରି ଆଡକୁ ଚାହୁଁଥାଏ । ପଚାରିଲା, ସେ 'ଏଇଟା କଣ କଲିକତା ସାହେବମାମୁଁ ?'

'ନାଁ' ଶଙ୍କର କହିଲା 'ଏଟା ହାଓଡା ଷ୍ଟେସନ । ସ୍ୱା ଘରେ ଗୋଟାଏ ନଈ ଅଛି । ତାକୁ ପାର ହେଲେ ଯାଇ କଲିକତା ।'

ଉମା, ଶମ୍ଭୁ, ରାଜା, ମାନସୀ, ନବୀନ ବିସ୍ମୟରେ ଚାରିଆଡକୁ ଚାହୁଁଥାନ୍ତି । ହାଓଡା ପୋଲ ଉପରେ ପଡିଲା ଗାଡ଼ି । ଅସଂଖ୍ୟ ଯାନର ଗତିବେଗରେ ପୋଲଟା ଥର ଉଠୁଥାଏ । ମନ୍ଥର ଗତିରେ ଆଗେଇ ନଉଛି ଶଙ୍କର ତାର ବାଉଇକ୍କୁ । ଷ୍ଟ୍ରାଣ୍ଡ ରୋଡରେ ଯାଇ ସିଧା ରେଡ୍‌ରୋଡରେ ଉଠିଲା ସେ । ଜାନୁଆରୀର ସକାଳ । ବେଶ୍ ମିଠା ମିଠା ଥଣ୍ଡା । ମଇଦାନରେ ଭିଡ଼ଭାଡ଼ । ଖିଦିରପୁର ପୋଲଦେଇ ସେ ଚାଲି ଆସିଲା ନୂଆ ଆଲିପୁରକୁ ।

ଗାଡ଼ି ବାରଣ୍ଡାରେ ଆସି ଅଟକିଲା ଶଙ୍କର । ଉନୋଟିଯାକ ପରିଚାରକ ଆସି ସଲାମ୍ ଦେଲେ । ନନ୍ଦ ବୁଝି ପାରୁ ନ ଥାଏ, ଏଥି ଭିତରୁ ତା ସାହାବାଣୀ କିଏ ଆଉ ସାହେବର ଭଉଣୀ କିଏ ? ଗାଡ଼ିରୁ ସମସ୍ତେ ଓହ୍ଲେଇଲେ । ଜୀପ ଆସିଗଲା । ମାଳି ଓ ନନ୍ଦ ଗଲେ ସେଥିରୁ ଜିନିସପତ୍ର କାଢିବାକୁ । ଉମା

Digitized by srujanika@gmail.com

ଘରଆଡକୁ ଅନେଇ ପଚାରିଲା, 'ଏଇଟା ତୁମ ଘର ଭାଇନା ? ଏଇଠି ତୁମେ ରହୁଛ ?'

'ହଁ ରେ' ହସି ଉତ୍ତର ଦେଲା ଶଙ୍କର । ସମସ୍ତଙ୍କୁ ସାଙ୍ଗରେ ନେଇ ବୈଠକଖାନା ଭିତର ଦେଇ ସେ ଉଠିଲା ଉପରକୁ । ଲାଉଞ୍ଜରେ ଯାଇ ବସିଲେ ସମସ୍ତେ । ତଟକା ଫୁଲତୋଡା ଦେଇ ଯାଇଛି ମାଳି । ନାନା ଜାତର, ନାନା ବର୍ଣ୍ଣର ଫୁଲ । ମହକଉ ଥାଏ ପରିବେଶକୁ । ସମସ୍ତେ ବସିଲାରୁ ଚା, ବିସ୍କୁଟ, କଦଳୀ ଦେଇଗଲା ବାବୁର୍ଚ୍ଚି ।

ଉମା ଚୌକିରୁ ଉଠିପଡ଼ି କହିଲା, "ତୁମେ ସବୁ ଚା ଖାଅ । ଆମେ ଗାଧୋଇ ନଉଁ । ଆସ ନୂଆବୋହୂ ।" ତା ପରେ ପଚାରିଲା, "ଆମ ବାକ୍ସ ?"

ନନ୍ଦ କହିଲା, "ଏଇଠି ଅଛି । ଆପଣ କହି ଦଅନ୍ତୁ, କଉଁଟା କଉଁ ଘରକୁ ଯିବ । ମୁଁ ନେଇଯିବ ।"

ଶଙ୍କର ଉଠି ଆସିଲା । ଉମାର ନିର୍ଦ୍ଦେଶରେ ଜିନିଷପତ୍ର ବିଭିନ୍ନ ଘରେ ନେଇ ରଖିଲା ନନ୍ଦ । ଉମା ତା ଶୋଇବାଘରକୁ ପଶିଯାଇ ବିସ୍ମୟ ଭରା କଣ୍ଠରେ ଆଖିକୁ, 'ଏଇଟା ଆମ ପାଇଁ' ?

'ହଁ,' ଶଙ୍କର କହିଲା । 'ଏଟା ତୋ ଶୋଇବାଘର । ରାଜା ତୋ ପାଖରେ ଶୋଇବ ନା ଆଉ ଗୋଟାଏ ଖଟ ଦରକାର ?'

ଉମା ଦେଖିଲା, ପ୍ରକାଣ୍ଡ ବିଛଣା, ଯୋଡ଼ା ପଲଙ୍କରେ । ଚାରି ପାଞ୍ଚ ଜଣ ଶୋଇପାରିବେ । କହିଲା, 'ସେ ମୋ ପାଖରେ ଶୋଇବ ।'

ଘରଆଡକୁ ଚାହିଁଲା ଉମା । ଦାମୀ ଦାମୀ ଆସବାବ, ଚକ୍ ଚକ୍ କରୁଛି ସବୁ, ପଲଙ୍କ, ଆଲମାରି, ଦର୍ପଣ, ଟେବୁଲ, ଚୌକି । ମାନସୀ ଆଡକୁ ଅନେଇ ମୁରୁକି ହସିଲା । ଶଙ୍କରକୁ ପଚାରିଲା, 'ତୁମ ଶୋଇବା ଘର କଉଁଟା ?'

'ଆ, ଦେଖିବୁ ।' ପୁଣି ସେମାନେ ଅନୁସରଣ କଲେ ଶଙ୍କରକୁ ।

ଉମା ଦେଖିଲା, ଏଇ ଘରଟା ସେଇଭଳି ସୁସଜ୍ଜିତ । ଟିକିଏ ବଡ ହେବ ସେ ଘରଠୁ । ପୂର୍ବଆଡର ବଡ଼ ଝରକା ବାଟେ ଖରା ପଡ଼ୁଛି ଆସି ବିଛଣାରେ । ମଖମଲର ପର୍ଦ୍ଦା ଝୁଲୁଛି ଝରକା କବାଟରେ । ତଳେ, ମୋଟା ଗାଲିଚା ଉପରେ ବିରାଟ ଶଯ୍ୟା । ପ୍ରସାଧନୀ ଟେବୁଲରେ ତିନି ଖଣ୍ଡ ଦର୍ପଣ ଖଞ୍ଜା ହୋଇଛି । ଦୁଇ କଡର ଦର୍ପଣକୁ କବଜା ଦେଇ ମଝିର ବଡ଼ ଦର୍ପଣ ସାଙ୍ଗରେ ଯୋଡା ହୋଇଛି, ଫଳରେ ସେଗୁଡାକୁ ଏପାଖ ସେପାଖ ଟାଣି ହୁଏ । ଗୋଟାଏ ଲମ୍ବା ସୁଖାସନ । ବସି ପଡିଲାରୁ ଉମାକୁ ଉପରକୁ ଟେକି ଦେଲା ସ୍ପ୍ରିଙ୍ଗ୍ ।

Digitized by srujanika@gmail.com

ଆସନରୁ ଉଠିଆସି ଶଢ଼ଣାକୁ ହାତରେ ଅନୁଭବ କଲା ଉମା । କି ନରମ ଗଦି ! ଆବରଣ ଟେକି ଦେଖିଲା, ତଳେ ବଗପକ୍ଷୀ ଭଳି ଧଳା ଗଦିର । ସେ ଅନାଇଲା ମାନସୀକୁ । ବସ୍ତ୍ରଶ ରୂପସ୍ୱପ ଠିଆ ହୋଇ ତାକୁ ଆଡ଼କୁ ଚାହିଁଛି । ଶଙ୍କର ଗୋଟାଏ ସିଗାରେଟ ଲଗେଇଲା ।

'ସେ ଦୁଆରଟା କୁଆଡ଼କୁ ବାଟ ଭାଇନା ?'

'ସେଟା ଗାଧୁଆଘର ।' ଶଙ୍କର ଆଗେଇ ଯାଇ ଦୁଆର ଖୋଲିଦେଲା । ଗୋଟାଏ ମିଠା ବାସ୍ନା ସେମାନଙ୍କ ନାକରେ ବାଜିଲା । ଶଙ୍କର ପଛେ ପଛେ ଏମାନେ ପଶିଲେ ଗାଧୁଆଘରକୁ । ଟାବ୍‌, ଶାଓଆର, କମୋଡ୍‌, ବେସିନ୍‌, ଦର୍ପଣ, ସବୁ ଚକ୍ ଚକ୍ କରୁଛି । ଧାଡ଼ି ଧାଡ଼ି ସଜା ହୋଇଛି ସାବୁନ, ତେଲ, କ୍ରୀମ, ସାମ୍ପୁ । ଚକଚକିଆ ଆଲଣାରୁ ଝୁଲୁଛି ନାନା ରଙ୍ଗର ତଉଲିଆ । ଶଙ୍କର ଗୋଟି ଗୋଟି କରି ସରଞ୍ଜାମ ଗୁଡ଼ିକର ଉପଯୋଗିତା ଦେଖେଇ ଦେଲା । ଫେରି ଆସିଲେ ସମସ୍ତେ ଶୋଇବାଘରକୁ ।

'କେତେ ଭଡ଼ା ଦିଅ ଭାଇନା ?' ଉମାର ପ୍ରଶ୍ନ ।

'ବେଶି ଲୁହେଁରେ ଉମି । ଏ ଘର ଯାହାଙ୍କର, ଆସବାବ ପ୍ରାୟ ସବୁ ତାଙ୍କର । ସେ ଜଣେ ରାଜା ଥିଲେ ଗଡ଼ଜାତର । ଏଇ ଘର ସାଙ୍ଗରେ ବବୁର୍ଚି, ମାଳି, ସବୁ ଦେଇଛନ୍ତି ସେ । ମୁଁ ତ ତିନି ସପ୍ତାହ ହେଲା ଆସିଛି । ସେଥିରୁ ପାଞ୍ଚ ଦିନ ବମ୍ବେରେ ଥିଲି ।'

'ହଁ, ତୁମେ ବମ୍ବେ ଯାଇଥିଲ ।' କହିଲା ଉମା, 'ନୂଆବୋହୂ । ତୁମେ ଗାଧୋଇ ନିଅ । ମୁଁ ବି ଯାଏଁ ଗାଧୋଇ ପଡେଁ ।' ସେ ବାହାରି ଗଲା ଘରୁ ।

ଚୁଲପଡ଼ି ଚାହିଁଲା ଏଥର ଶଙ୍କର ସ୍ତ୍ରୀକୁ । ସ୍ୱାମୀ ଆଖିରେ ଆଖି ପଡ଼ିବାରୁ ମାନସୀ ତଳକୁ ମୁହଁ କଲା । ଶଙ୍କର ଆସି ଠିଆହେଲା ତା ଆଗରେ । ଦୁଇ ହାତରେ ତା ମୁହଁ ଟେକି ଧରି କହିଲା, "ଅନାଅ ।"

ଆଖି ଖୋଲିଲା ମାନସୀ । ହସିଲା ଟିକିଏ । ତା ପରେ ଲୀନ ହୋଇଗଲା ସ୍ୱାମୀର ବାହୁବନ୍ଧନରେ ।

ଶଙ୍କର ଯେତେବେଳେ ଓଠ ଉଠେଇ ନେଲା, ଦେଖିଲା ମାନସୀର ଆଖି ସଜଳ । 'କଣ ହେଲା ? ଲୁହ କାହିଁକି ?'

ଉଚ୍ଛ୍ୱାସରେ ଶିହରି ଉଠିଲା ମାନସୀ ସ୍ୱାମୀ କୋଳରେ । 'କିଛି ନା ।' ହସିଲା ଟିକିଏ । ମୁହଁ ଗୁଞ୍ଜିଲା ଶଙ୍କରର ଛାତିରେ । ପଚାରିଲା, 'ଏଇଟା ଆମ ଶୋଇବାଘର ?'

Digitized by srujanika@gmail.com

'ହୁଁ' । ତାକୁ ବାଁ ହାତରେ ଧରି ଡାହାଣ ହାତରେ ପକେଟରୁ ଷ୍ଟିଲ ଲେଙ୍ଥାଟା କାଢ଼ି ଦେଲା ।

ମାନସୀ ହାତକୁ ନେଇ ଅନେଇଲା ସ୍ୱାମୀ ମୁହଁକୁ । ଷ୍ଟିଲଗୁଡ଼ା ସ୍ତ୍ରୀ ହାତରୁ ନେଇ ଖୋଲି ଖୋଲି ଦେଖେଇଦେଲା, କେଉଁ ଷ୍ଟିଲଟା କାହାର । କେଉଁଠି କଣ ଲୁହେ ।

'ତୁମେ ଗାଧୋଇ ନଅ । ମୁଁ ତା ପରେ ଗାଧୋଇବି ।' କୋଟ ଖୋଲିଲା ଶଙ୍କର । ମାନସୀ ତା ଟ୍ରଙ୍କ ଖୋଲି, ଲୁଗାପଟା କାଢ଼ିନେଇ ଗ୍ଲଲିଗଲା ଗାଧୁଆଘରକୁ ।

ଶଙ୍କର ପୋଷାକ ଖୋଲି ପାଇଜାମା ଗାଉନରେ ଦେହ ଢାଙ୍କି, ଚଟିରେ ଗୋଡ଼ ଗଳେଇ ବାହାରକୁ ଆସିଲା । ଲାଉଞ୍ଜ ଖାଲି । ନନ୍ଦ ବାସନ ଉଠେଇ ଟ୍ରେରେ ରଖୁଛି । ତାକୁ ପଗ୍ଲରିଲା, 'କଫି ଅଛି ?'

ଗୋଟାଏ କାପ୍‌ରେ କଫି ଢାଳି ନନ୍ଦ ତା ଆଡ଼କୁ ବଢ଼େଇ ଦେଲା । ସେଇଠି, ସେମିତି ଠିଆହୋଇ, ଦୁଇ ଢୋକରେ କଫି ସାରି, କାପ୍‌ଟା ନନ୍ଦକୁ ଫେରେଇ ଦେଇ ପଗ୍ଲରିଲା, 'ଏମାନେ ସବୁ ?'

'ଗାଧୋଉଛନ୍ତି ।'

'ତୁ ତା'ହେଲେ ବ୍ରେକଫାଷ୍ଟ ଠିକ୍ କର । ମୁ ବି ଗାଧୋଇ ପଡ଼େଁ ।' ଖବରକାଗଜ ଧରି ଫେରିଆସିଲା ସେ ଶୋଇବାଘରକୁ ।

ଗାଧୁଆଘର ଦୁଆର ଖୋଲି ବାହାରି ଆସିଲା ମାନସୀ । ତାକୁ ଦେଖି ନବାକ୍ ହୋଇଗଲା ଶଙ୍କର । ସଦ୍ୟସ୍ନାତା ମାନସୀ ଆଜି ଏକ ନୂଆ ରୂପରେ ଦେଖାଗଲା ତାକୁ । ମନେହେଲା, ଇତମଧ୍ୟରେ ଆହୁରି ସୁନ୍ଦର ହୋଇଛି ସେ ।

ତାର ଗୁହାଣି ଆଗରେ କୁଣ୍ଠିତ ହେଲା ମାନସୀ । ମୃଦୁ କଣ୍ଠରେ କହିଲା, 'ଗରମପାଣିଟା ବନ୍ଦ ହଉନ କାହିଁକି ?'

ତାକୁ ସାଙ୍ଗରେ ନେଇ ଶଙ୍କର ପଶିଲା ଗାଧୁଆଘରକୁ । ଷ୍ଟିଲ ବନ୍ଦ କଲା ପାଣି ଧାରାର । ତା ପରେ ମାନସୀ ପୁଣି ଥରେ ଲାଭ କଲା ସ୍ୱାମୀର ଆଲିଙ୍ଗନ ।

ଗାଧୁଆଘରୁ ବାହାରି ଆସି ଶଙ୍କର ଦେଖିଲା, ମାନସୀ ପ୍ରସାଧନ କରୁଛି । ଫ୍ଲେନେଲର ପେଣ୍ଟଟା ଗଳେଇ ବୋତାମ ଲଗଉ ଲଗଉ ଯାଇ ଠିଆ ହେଲା ତା ପଛରେ । ଦର୍ପଣରେ ସ୍ୱାମୀର ଛାଇ ଦେଖି ହସିଲା ମାନସୀ । ଶଙ୍କର ନଜର କଲା, ଟେବୁଲ ଉପରେ ସଜା ହୋଇଛି ପ୍ରସାଧନ ସାମଗ୍ରୀ । କଛି ଖୋଲି ନାହିଁ ତା ସ୍ତ୍ରୀ । ଗାଁରୁ ଯେଉଁ ସିନ୍ଦୂର ଫରୁଆଟି ଆଣିଥିଲା, ସେଥିରୁ ସିନ୍ଦୂର ନେଇ

Digitized by srujanika@gmail.com

ପିଛନ୍ତି । ନଇଁପଡ଼ି ଗୋଟିକ ପରେ ଗୋଟିଏ ଡବା, ବୋତଲ, ଶିଶି ଖୋଲି ତାକୁ ଦେଖାଇଲା ଶଙ୍କର । ମାନସୀ ହସୁଥାଏ ।

'ମୁଁ ଏକୁ ଦେଖିନି କେବେ' ମାନସୀର ନିରହଙ୍କାର ଉତ୍ତର, 'ଏକୁ କଉଠି କଣ ଲଗେଇବାକୁ ହୁଏ ମୁଁ ଜାଣେନି' ।

'ଉମାକୁ ପଚ୍ଛରିବ ।'

'ଛି, ଲାଜ ମାଡ଼ିବ ।'

ହସିଲା ଶଙ୍କର । ସେ ବି କଣ ଜାଣେ ଏ ସବୁର ଉପଯୋଗିତା ? ତା ସେକ୍ରେଟାରୀ ଅରୁଣା ଗାଙ୍ଗୁଲିଙ୍କୁ ବନ୍ଦୋବସ୍ତ କରିଥିଲା ସେ । ସେଇ କିଣି ଆଣି ସଜେଇ ଦେଇ ଯାଇଛି । ଗୋଟାଏ ପାଉଡ଼ର ଡବା କାଢ଼ି ପାଫ୍‌ଟା ହାତରେ ନେଇ ଶଙ୍କର କହିଲା, 'ଦିଅ, ମୁଁ ପାଉଡ଼ର ଲଗେଇ ଦିଏଁ ?'

ସ୍ତ୍ରୀର ଗାଲରେ, କପାଳରେ, ବେକରେ ପାଉଡର ଦେଇସାରି କହିଲା, 'ବ୍ଲାଉଜ୍ ଖୋଲ, ମୁଁ ପାଉଡ଼ର ଦେଇଦିଏ ?'

ଲଜରେ ଲାଲ ପଡ଼ି ଠିଆହେଲା ମାନସୀ, 'କିଏ ଦେଖିବ' ।

'କିଏ ଦେଖିବ ? କେହି ନାହିଁ, ମୁଁ ନ ଡ଼ାକଲେ ଏ ଘରକୁ କେହି ଆସିବେ ନାହିଁ ।' ସେ ବାଁ ହାତରେ ମାନସୀର କାନ୍ଧରେ ଚାପ ଦେଇ ବସେଇ ଦେଲା ଆସନରେ । ତା ପରେ ତା ବ୍ଲାଉଜର ବୋତାମ ଖୋଲିବାକୁ ଗଲାରୁ, ମାନସୀ ହସି ଅନୁନୟ କଲା, 'ମୋତେ ଦିଅ, ମୁଁ ଲଗେଇ ନେବି ।'

'ନୋ ମାଡାମ୍ ! ମୁଁ ଲଗେଇ ଦେବି ।' ଶଙ୍କର ନାଛୋଡ଼ବନ୍ଦା । ବାଧ୍ୟହୋଇ ବ୍ଲାଉଜ୍‌ର ବୋତାମ ଖୋଲିଲା ମାନସୀ ଲାଜ ଲାଜ ହୋଇ । ଅସହିଷ୍ଣୁ ଶଙ୍କର ପୁଣି ହାତ ବଢ଼େଇଲା ବୋତାମ ଖୋଲିବାକୁ । ଖୋଲିଗଲା ବୋତାମ । ବିମୁଗ୍ଧ ପ୍ରେମିକର ଚୁମ୍ବନରେ ନନ୍ଦିତ ହେଲେ ସ୍ତନଯୁଗ୍ମ । ମାନସୀ ଦେହରେ ଅସହ୍ୟ ଆଲୋଡ଼ନ । ପୁଲକରେ ଆଖି ବୁଜିହୋଇଗଲା ତାର । ସେ ସ୍ୱାମୀ କୋଡ଼କୁ ଆଉଜିଗଲା ।

ପ୍ରାତରାଶ ଟେବୁଲରେ ହେଲା ଗୋଳମାଳ । ବହୁକଷ୍ଟରେ ମାନସୀ ଯଦବା ବସିଲା ଆସି ଉମା ପାଖରେ, ମୁହଁକୁ କରୁ ନେଲା ନି । ଉମା କାନରେ ଫୁସ୍‌ଫୁସ୍ କରି କହିଲା, 'ତୁମର ସିଏ ଅଛନ୍ତି । ସ୍ୱେ ଅଛନ୍ତି; ଏଠି କେମିତି ଖାଇବି ମ ମୁଁ ?'

ବିଶ୍ୱାସଘାତକ ଉମା କଥାଟା ପଦାରେ ପକେଇ ଦେଲା । ଚନ୍ଦ୍ରଶେଖର ଓ ଶଙ୍କର ହସି ଉଠିଲେ । ମାନସୀ କାନରେ ବାଜିଲା ପୁଣି ସେଇ ହସ । ସ୍ୱାମୀ ଶାସନରେ, ଘରେ, ଯାହା ଶୁଣିବାକୁ ସେ ଉତ୍କର୍ଣ୍ଣ ହୋଇ ରହୁଥିଲା ।

Digitized by srujanika@gmail.com

ଉମା ସାଙ୍ଗରେ ସେ ଉଠି ଆସିଲା ଟେବୁଲରୁ । ପେଣ୍ଟ୍ରିରେ ଠିଆ ଠିଆ ଖାଇନେଲେ ଦୁଇ ଜଣ ଜଳଖିଆ । ତା ପରେ ଓହ୍ଲେଇ ଗଲେ ତଳକୁ । ବୁଲି ବୁଲି ଦେଖିଲେ ।

ତୁଳସୀଗଛ ଖୋଜିଲେ ନନ୍ଦ ଖୁଡ଼ୀ । ମାଳି ନେଇ ଚଉରା ଦେଖେଇଦେଲା । ରାଣୀମା ଥିଲାବେଳେ ସଞ୍ଜ ଦେଉଥିଲେ ସେଠି । ସବୁଆଡ଼ ବୁଲିସାରି ଆସି ବୈଠକଖାନାରେ ପହଞ୍ଚିଲାବେଳକୁ, ଖାଇବା ଘରୁ ଏମାନେ ବାହାରି ଆସୁଛନ୍ତି ।

ବବୁର୍ଚି ଆସି ମେମସାହେବଙ୍କୁ ପଚାରିଲା, 'ଏ ବେଳା କଣ ରନ୍ଧା ହେବ ?' ମାନସୀ ତାକୁ ଦେଖି ଓଢ଼ଣା ଟାଣି ଆଣିଲା କପାଳ ଯାକେ । ଉମା କହିଲା, 'ଆମେ କଣ ଖାଉଁ ତୁମେ ତ ଜାଣ । ରଜାଘରେ ଥିଲ ପରା ! ତୁମେ ଏବେଲା ରାନ୍ଧି ଖୁଆଅ । ଉପରବେଳାକୁ ଦେଖିବା ।'

ମଗ୍ ହେଲେ ବି ତିରିଶ ବର୍ଷ ଓଡ଼ିଆଲୋକ ପରିବାରରେ ରହିଛି ବବୁର୍ଚି । ସବୁ ବୁଝେ । କୁହେ ମଧ୍ୟ ଯଥାସାଧ୍ୟ, ବଙ୍ଗଳା ଓ ହିନ୍ଦି ମିଶେଇ । ସେ ସଲାମ୍ କରି ଚାଲିଗଲା ।

ଏମାନେ ଦଳବାନ୍ଧି ଓହ୍ଲେଇଲେ ବଗିଚାକୁ । ଶମ୍ଭୁ କହିଲା, 'ଆମେ ଦୁଇଦିନ ରହିବା ଭଉଣୀ, ମୁଁ ଆଉ ଚନ୍ଦ୍ର-ଭଉଣୀ । ଆମକୁ କଲିକତା ଦେଖିବାର ବ୍ୟବସ୍ଥା କରିଦିଅ ।'

'ଦୁଇଦିନରେ ଯେତିକି ପାରିବ ଦେଖ । ଗୋଟାଏ ଗାଡ଼ି ତୁମ ଜିମା ରହିଲା । ଆଜି ତ ରବିବାର; ଦୋକାନ ବଜାର ବନ୍ଦ । ତଥାପି ବାହାରିବା ଉପରଓଳି ।' ମାଳୀ ଆଣି ଉପହାର ଦେଲା ଗୋଲାପଗୁଚ୍ଛ । ନାନା ବର୍ଣ୍ଣର ଗୋଲାପ, କି ମିଠା ତାର ବାସ୍ନା, କି ନରମ ତା ପାଖୁଡ଼ା !

ଉମା ଗୋଟାଏ ଗୁଚ୍ଛ ନେଇ ନୂଆବୋହୂର ଜୁଡ଼ାରେ ଖଞ୍ଜିଦେଲା । ମାନସୀ ବିବ୍ରତ । ସେ ବି ତା ଗୁଚ୍ଛଟା ନେଇ ଉମା ଜୁଡ଼ାରେ ଗୁଞ୍ଜିଦେଲା । ହସଖୁସିରେ ବୁଲିଲେ ସେମାନେ ବଗିଚାରେ ।

ରାଜା ଓ ଶମ୍ଭୁ ଫାଟକ ଖୋଲି ବାହାରକୁ ଆସିଲେ । ନନ୍ଦ ଆସିଲା ସେମାନଙ୍କ ସାଙ୍ଗରେ । ବେଶ ଚଉଡ଼ା ରାସ୍ତା । ଦୁଇ ପାଖରେ ବାସଗୃହ । ପ୍ରତ୍ୟେକ ଗୃହର ହତା ଭିତରେ ବଗିଚା । ଫୁଟପାଥ୍ ଦେଇ ଚାଲିଲେ ସେମାନେ ପୂର୍ବଆଡ଼କୁ । ଅଳ୍ପଦୂରରେ ଗୋଟାଏ ଛକ । ବାସ୍-ଟ୍ରାମ ଯିବା ଆସିବା କରୁଛି । ଦେଖି ଦେଖି ଯାଉଥାନ୍ତି ସେମାନେ । ଘର ଆଗରେ ଗୃହସ୍ୱାମୀର ନାମ ପଢ଼ି ପଢ଼ି ଯାଉଥାଏ ଶମ୍ଭୁ-ମଣ୍ଟଫୋର୍ଡ, ସ୍ଲୋଅନ୍, ମେହେଟା, ମେକ୍‌କେବ୍, ଦେଶାଇ,

Digitized by srujanika@gmail.com

ବୋଷ୍, ସ୍କଟ, ସାନ୍ୟାଲ୍, ଇଭାନ୍ସ—ଆହୁରି କେତେ କଣ ! ଛୋଟ ଛୋଟ ଶ୍ୱେତଚର୍ମର ଶିଶୁ ସବୁ ଖେଳୁଥାନ୍ତି ଘର ଆଗ ଲନ୍‌ରେ । ବେତ ଚଉକି ପକେଇ ବସିଥାନ୍ତି ସେମାନଙ୍କ ବାପ-ମା ଝରରେ । ଶମ୍ଭୁର ମନେ ହେଲା, ସେ ଯେମିତି ଏକ ସ୍ୱପ୍ନର ଦେଶକୁ ଆସିଛି । ରାଜା ନବାବ ହୋଇ ଚାରିଆଡ଼କୁ ଅନାଉଥାଏ । ବକ୍‌ବକ୍ କରୁଥାଏ କେବଳ ନନ୍ଦ । କେଉଁ ସାହେବର କେତେଟା ପିଲା, କେତେଟା ମଟରଗାଡ଼ି, କେତେଜଣ ଚାକର ।

ତିନି

ବୈଠକଖାନାରେ ବସି ଗପ କରୁଛନ୍ତି ଶଙ୍କର, ଚନ୍ଦ୍ରଶେଖର, ଉମା ଓ ମାନସୀ । ଗାଁର ଖବର, କଟକର ଖବର, ଓଡ଼ିଶାର ଖବର, ନାନା କଥାର ଅବତାରଣା, ଆଲୋଚନା ଚାଲିଥାଏ । ବାପା ବୋଉ ଭଲ ଅଛନ୍ତି । ଏମାନଙ୍କୁ ପୁରୀ ଏକ୍ସପ୍ରେସରେ ବସେଇ ଦେଇଗଲେ କାଲି କଟକ ଷ୍ଟେସନରେ । ଆଜି ସେମାନେ ଗାଁକୁ ଫେରିଥିବେ । ଚନ୍ଦ୍ରଶେଖର ଗୋଟିଏ ଦିନ ଛୁଟି ନେଇ ଆସିଛି । ସୋମବାର ଦିନଟା । ମଙ୍ଗଳବାର ଗଣରାଜ୍ୟ ଦିବସ ଉପଲକ୍ଷରେ ଛୁଟି ଅଛି । ବୁଧବାର ସକାଳୁ ତାର କଟକ ପହଞ୍ଚିବା ଦରକାର । ଶମ୍ଭୁ ମଧ୍ୟ ଫେରିଯିବ ତା ସାଙ୍ଗରେ । ତାର କଲେଜ ଅଛି । ପରୀକ୍ଷା ଦିବ ସେ ଫେବୃଆରୀରେ ।

ଶଙ୍କର ପଚାରିଲା ଉମାକୁ, 'କିରେ, ଘର ଦେଖି ମନ ମାନିଲା ତୋର ?'

ହସିଲା ଉମା, 'ତୁମେ ତ ରାଜବାଟୀରେ ରହୁଛ ଭାଇନା । ଏମିତି ଘର ମୁଁ ଦେଖି ନ ଥିଲି ।'

ଚନ୍ଦ୍ରଶେଖର ପଚାରିଲା ଏଥର, 'ନୂଆବୋହୂଙ୍କର ମନ ମାନୁଛି ତ ?'

ଉମା ମାନସୀ ମୁହଁକୁ ଅନେଇ କହିଲା, 'କେଜାଣି !'

ମାନସୀ ଉମା କାନ୍ଧରେ ମୁହଁ ଲୁଚେଇଲା ।

ଶଙ୍କର କହିଲା, 'ମାନୁଛି ବୋଧହୁଏ । ଖାଲି ଗରମପାଣିର ଟେପ୍‌ଟା ବନ୍ଦ ହେଉ ନ ଥିଲା; ଏଇ ଯା !'

ଚନ୍ଦ୍ରଶେଖର ଓ ଉମା ହସିଲେ ।

ଉମା ପଚାରିଲା, 'ଆଚ୍ଛା ଭାଇନା, ଏଇ ଯେ ପଟ ଘରେ ଗୋଟାଏ ବଡ଼ ଟେବୁଲ ପଡ଼ିଛି । ସାଗୁଆ ରଙ୍ଗର କନା ବିଛା ହୋଇଛି ସେଥିରେ । ସେଟା କଣ ?'

Digitized by srujanika@gmail.com

'ବିଲିଆର୍ଡ ଟେବୁଲ ।'

'ଓ, ବିଲିଆର୍ଡ୍ ରଖିଛ ?' ଚନ୍ଦ୍ରଶେଖରର ପ୍ରଶ୍ନ ।

'ମୁଁ କଣ ରଖିଛୁ ? ସେଇ ରଜାଙ୍କର । ଖେଳିବା ।'

'ମୁଁ ତ ଭେଟର ବନ୍ଦୁ ଖେଳି ନ । ହଉ ଖେଳ ।'

ଶଙ୍କର ଓ ଚନ୍ଦ୍ରଶେଖର ଉଠିଲେ । ତାଙ୍କ ସାଙ୍ଗରେ ଉମା ଓ ମାନସୀ ମଧ୍ୟ ଚାଲିଲେ ସେ ଘରକୁ ।

ଉମା ଓ ମାନସୀଙ୍କୁ ଉଞ୍ଚବେଞ୍ଚରେ ବସେଇ, ସୁଇଚଟାଣି ଆଲୁଅ ଜାଳିଲା ଶଙ୍କର । ତୀବ୍ର ଆଲୋକ ବିଚ୍ଛୁରିତ ହୋଇ ପଡ଼ିଲା ଟେବୁଲ ଉପରେ । ବଲ୍ କାଢ଼ି ସଜେଇଦେଲା । ଦୁଇ ଜଣ ଦୁଇଟା କ୍ୟୁ ଧରି ସେଥିରେ ଖଡ଼ି ଘଷି ନେଲେ । ଶଙ୍କର ଚନ୍ଦ୍ରଶେଖରଙ୍କୁ କହିଲା, 'ଆରମ୍ଭ କର ?'

ଖେଳ ଆରମ୍ଭ ହେଲା । ଚନ୍ଦ୍ରଶେଖର ଅପଟୁ । ଶଙ୍କର କିନ୍ତୁ ବେଶ୍ ଖେଳେ । ଗୋଟାଏ ବ୍ରେକରେ ସତେଇଶ କଲା ସେ । ମଝିଟେବୁଲରୁ ଉପର ପକେଟକୁ ଗୋଟାଏ ଅତି ସୁନ୍ଦର ରେଡ୍-ଇନ୍-ଅଫ୍ କଲା ସେ । ଧୀରେ ଧୀରେ ବଲଟା ଗଡ଼ିଗଲା ପକେଟକୁ । ଚନ୍ଦ୍ରଶେଖର ତାରିଫ କଲା ତା ଖେଳର । କ୍ଷୋଭରେ କହିଲା, 'ଇଟା, ବାଲି, ସିମେଣ୍ଟର ହିସାବ କରି ମୋର ଦିନ ଯାଏ । ଏ ରାଜକୀୟ ସଉକ ପାଇଁ ବେଳ କାହିଁ ମୋର ?'

ବାହାରେ ଗୋଟାଏ ଗାଡ଼ି ଠିଆ ହେଲା । ଶଙ୍କର ପର୍ଦାଟେକି ଅନେଇଲା, ଗୋଟିଏ ଯୁବକ ଗାଡ଼ିରୁ ଓହ୍ଲେଇ ପାହାଚଗୁଡ଼ାକୁ ଡେଇଁ ଡେଇଁ ପିଣ୍ଡା ଉପରକୁ ଉଠି ଆସିଲା । ଶଙ୍କର ବାହାରି ଆସିଲା ଘରୁ । ତାକୁ ଦେଖି ଠିଆ ହୋଇଗଲା ଯୁବକଟି । ଇଂରେଜୀରେ ପଚାରିଲା, 'ଅମୁକ ଟିକାଏତଙ୍କ ପାଖକୁ ଆସିଥିଲି । ସେ ଅଛନ୍ତି କି ?'

'ନାଁ, ଏ ଘର ମୁଁ ଭଡ଼ା ନେଇଛୁ ।' ଶଙ୍କର ଜବାବ ଦେଲା ।

ଦୁଃଖପ୍ରକାଶ କଲା ଯୁବକ । 'ମୁଁ ଏଠି ନ ଥିଲି ଦେଢ଼ ବର୍ଷ । ଏଇ ଦିନ ଚାରିଦିନ ହେଲା ଆସିଛୁ । ମୁଁ ଭାବିଥିଲି ଦାଦା ଥିବେ ବୋଲି ।'

'ଓଃ, ଆପଣ···?' ପରିଚୟ ମାଗିଲା ଶଙ୍କର ।

'ମୁଁ ରଜତଚନ୍ଦ୍ର ହରିଚନ୍ଦନ । ଟିକାଏତ ମୋର ପିଉସୀପୁଅ ଭାଇ ।'

'ଆରେ ଆସନ୍ତୁ । ମୁଁ ଶଙ୍କର ଶତପଥୀ ।'

ହାତମିଳେଇଲେ ଦୁଇଜଣ । ଶଙ୍କର ତାକୁ ନେଇଗଲା ବୈଠକଖାନାକୁ ।

Digitized by srujanika@gmail.com

ଚନ୍ଦ୍ରଶେଖର ଆସି ଯୋଗଦେଲା । ପରିଚୟ କରିଦେଲା ଶଙ୍କର । କଫି ଆସିଲା । ଉମା ଓ ମାନସୀ ପଛପଟ ସିଡ଼ି ଦେଇ ଉପରକୁ ଉଠିଗଲେ ।

ରଜତ ଚନ୍ଦ୍ର ସିହ୍ନଦେଓ ବିମାନ ବାହିନୀର ସ୍କ୍ୱାଡ୍ରନ ଲିଡ଼ର । ଅଠର ବର୍ଷ ବୟସରେ ପଶିଥିଲା । ତାର ଗୁରୁବଂଶ ସାତବର୍ଷ ହେଲା । ସେ ବାହା ହୋଇଛି ଏଇ ଅଳ୍ପଦିନ ହେଲା । ତା ସ୍ତ୍ରୀ ଏଠି ଅଛି ବେରେକପୁରରେ ।

ଶଙ୍କର ନିମନ୍ତ୍ରଣ କଲା, 'ଆସିବେ ଆପଣଙ୍କ ସ୍ତ୍ରୀଙ୍କୁ ନେଇ । ମୋର ସ୍ତ୍ରୀ ଆଉ ଭଉଣୀ ଆସିଛନ୍ତି, ପରିଚୟ ହେବ । ଆମେ ତ ନୂଆକରି କଲିକତାରେ ବସା ବାନ୍ଧିଛୁ । ତାଙ୍କର ପରିଚୟ ବିଶେଷ ହୋଇନି କାହାରି ସାଙ୍ଗରେ ।'

ରଜତ ରାଜି ହେଲା ।

ତାକୁ ବିଦାୟ ଦେଇ, ଶଙ୍କର ଓ ଚନ୍ଦ୍ରଶେଖର ଯେତେବେଳେ ଉପରକୁ ଆସିଲେ, ଦେଖିଲେ ଲାଉଞ୍ଜ ଖାଲି । ଚନ୍ଦ୍ରଶେଖର ତା ଶୋଇବାଘରକୁ ପଶି ଦେଖିଲା, ଉମା ଝରକା ପାଖରେ ଠିଆହୋଇ ବାହାରକୁ ଅନେଇଛି । ଚନ୍ଦ୍ରଶେଖର ଚୁପଚାପ ଯାଇ ତା ପଛରେ ଠିଆ ହେଲା । ପଚାରିଲା, 'କଣ ଦେଖୁଛ ?'

'ପଡ଼ିଶାଘର ବଗିଚାକୁ । ଏଠି ସମସ୍ତେ ବଡ଼ଲୋକ । ଘର, ବଗିଚା, ମୋଟର ସମସ୍ତଙ୍କର ଅଛି ।'

'ତା ଅଛି; ଏବଂ ତା ସାଙ୍ଗରେ ମୋଟା ଆୟର ବ୍ୟବସ୍ଥା ଅଛି । ତୁମ ଭାଇନାଙ୍କର ଏଇ ଘରର ଭଡ଼ା କେତେ ଜାଣ ?'

'ନା ।'

'ଅଢେଇ ହଜାର ଟଙ୍କା । ମାନେ, ମୋ ରକମ ଚାରିଟା ଏକ୍ସିକ୍ୟୁଟିଭ୍ ଏଞ୍ଜିନିୟରଙ୍କ ଦରମା'—ହସିଲା ଚନ୍ଦ୍ରଶେଖର । ଖଟ ଉପରେ ବସି ଉମାକୁ ଟାଣି ଆଣି ପାଖରେ ବସେଇଲା । ଉମା ଶୋଇପଡ଼ିଲା ସେଇ ନରମ ବିଛଣାରେ ସ୍ୱାମୀ କୋଡରେ ମୁଣ୍ଡ ରଖି ।

'ଏମାନଙ୍କ ତୁଳନାରେ ଆମର କିଛି ନାହିଁ ।' ହସିଲା ଉମା ।

'ଏମାନଙ୍କ ସାଙ୍ଗରେ ଆମର ତୁଳନା ହେବ ନି ଉମା । ଅଥଚ ଆମ ଦେଶରେ ଆମକୁ ବି ଲୋକେ ଇର୍ଷା କରନ୍ତି ।'

'କରନ୍ତୁ । ଆଚ୍ଛା ଶୁଣ, ତୁମେ ଯେଉଁ ଲଟାରି ଟିକଟ କିଣିଥିଲ, ତାର ତାରିଖ କେବେ ?'

ହସିଉଠିଲା ଚନ୍ଦ୍ରଶେଖର । 'ଲଟାରି ମିଳିଲେ ବି ଏମାନଙ୍କ ସାଙ୍ଗରେ

Digitized by srujanika@gmail.com

ସାଙ୍ଗହୋଇ ପାରିବନି ଉମା । ଏମାନେ ଏକାଧିକ ଲକ୍ଷର ମାଲିକ । ତୁମ ଭଉଣୀଙ୍କର ଆୟୁ ବର୍ମ୍ଭକୁ ପ୍ରାପ୍ୟ ଦେଢ଼ଲକ୍ଷ ଟଙ୍କା । ମନ ଖରାପ କରୁଛ କି ?'

'ନା' । ଅଳ୍ପଟିକିଏ ହସି ଉମା ଚନ୍ଦ୍ରଶେଖର କୋଳରେ ମୁହଁ ଗୁଞ୍ଜିଲା । ଚନ୍ଦ୍ରଶେଖର ସେଠି ଶୋଇପଡ଼ି ଉମାକୁ କୋଡ଼କୁ ଟାଣିନବାକୁ ଖୋଜିଲା । ଉମା ତା ଦେହକୁ ଲାଗିଆସି କହିଲା, 'ରାଜା ଆସିବ ।'

ନନ୍ଦ ସାଙ୍ଗରେ ଶମ୍ଭୁ ଏବଂ ରାଜା ଲାଇବ୍ରେରୀ ଘରେ ବସିଛନ୍ତି । ଶମ୍ଭୁ ଦେଖିଲା, ଧାଡ଼ ଧାଡ଼ ହୋଇ କାଚ ଆଲମାରି ବସିଛି । ସେଥିରେ ସଜା ହୋଇଛି ବହି । ନନ୍ଦ କହିଲା, 'ଏ ବହିସବୁ ସାହେବଙ୍କର । ତିନି ଦିନ କାଳ ଲାଗି ସାହେବ ଆଉ ମୁଁ ସଜେଇଛୁ ଆଲମାରିରେ ।'

ଶମ୍ଭୁ ଦେଖିଲା ରସାୟନ ଶାସ୍ତ୍ର ଉପରେ ବହି ବେଶୀ । ଇଂରେଜୀ, ଜାର୍ମାନ, ଫରାସୀ, ତିନି ଭାଷାର ବହି ଅଛି । ସେ ଖଣ୍ଡେ ଟାଣି ଆଣି ପତ୍ର ଓଲଟେଇଲା । ରାଜା ବସିଲା ପତ୍ରିକାରୁ ଛବି ଦେଖିବାକୁ । ଟେବୁଲ ଝାଡ଼ିଲା ନନ୍ଦ । ଶମ୍ଭୁ ଓ ରାଜା ଦେଖିଲେ, ଟେବୁଲଟାକୁ ସମ୍ପୂର୍ଣ୍ଣ ରୂପେ ଢାଙ୍କିଦେଲା ନନ୍ଦ କଣ ଗୋଟାଏ ଟାଣି ଦେଇ । ଉତ୍ସୁକ ହୋଇ ଦୁଇ ଜଣ ଟେବୁଲ ପାଖକୁ ଆସିଲେ । ରୋଲଡ଼୍‌ଟପ୍ ଟେବୁଲର ଖୋଲିବା ଓ ବନ୍ଦ କରିବାର ବ୍ୟବସ୍ଥା ଦେଖିଲେ ସେମାନେ ।

ସାତ

ଗୋଟାଏ ବେଳକୁ ମଧ୍ୟାହ୍ନ ଭୋଜନ ପାଇଁ ଓହ୍ଲେଇ ଆସିଲେ ସମସ୍ତେ । ପେଣ୍ଟ୍ରିରେ ସବୁ ସଜେଇ ରଖିଛି ବବୁର୍ଚ୍ଚି । ନନ୍ଦ ସଫା କରୁଛି ପ୍ଲେଟ, କଣ୍ଟା, ଚାମୁଚ, ଛୁରି । ଉମା ଆଉ ମାନସୀ ପଶିଗଲେ ସେଠିକି । ବବୁର୍ଚ୍ଚି ସନ୍ତର୍ପଣରେ ଟେବୁଲ ସେ ପଟକୁ ଯାଇ ଠିଆ ହେଲା । ଉମା ଢାଙ୍କୁଣି ଖୋଲି ଖୋଲି ଦେଖିଲା । ବବୁର୍ଚ୍ଚି କହିଲା, 'ଆପଣମାନେ ଟେବୁଲକୁ ଯାଆନ୍ତୁ । ମୁଁ ବାଢ଼ି ଦଉଛି ।'

ଉମା ମନା କଲା । ଭଉଜକୁ ଡ଼ାକିଲା, 'ଆମେ ବାଢ଼ିବା । କଣ କହୁଛ ?' ଦୁଇ ଜଣ ମିଶି ବାଢ଼ି ବସିଲେ । ପ୍ଲେଟ ପରେ ପ୍ଲେଟ । ଲମ୍ବା ଲମ୍ବା ଧଳା ଚାଉଳର ଭାତ, ହରଡ଼ ଡ଼ାଲି, ମୁଗ ଡ଼ାଲି, ବନ୍ଧାକୋବି, ମଟରଛୁଇଁର ଦମ୍, ଫୁଲକୋବି ଭଜା, ବୀନ-ଗାଜର-ବିଟ୍ ସିଝା । ଆମିଷ ହୋଇଛି, ଇଲିସି ମାଛର ବେସର, ରୋହିମାଛ-ଫୁଲକୋବି ମଟର ଛୁଇଁର ଝୋଲ, ମାଂସର କୋପ୍ତା, ସାଲଡ଼, ପାମ୍ପଡ଼ ଏବଂ ଶେଷରେ ସନ୍ଦେଶ ଓ ଦହି ।

Digitized by srujanika@gmail.com

ଟେବୁଲରେ ଶଙ୍କର, ଚନ୍ଦ୍ରଶେଖର, ଶମ୍ଭୁ, ରାଜା ବସି ଦେଖୁଥାନ୍ତି ଏମାନଙ୍କୁ । ଗୋଟାକ ପରେ ଗୋଟାଏ ପ୍ଲେଟ ଆଣି ରଖୁଥାଏ ଉମା । ଦୁଆର ମୁହଁରୁ ବଢ଼େଇ ଦଉଥାଏ ମାନସୀ ।

'ଖାଅ', ଉମା କହିଲା ରାଇନାକୁ ।

'ଖାଇବା ଯେ, ତୁମେ ସବୁ ଆସ ।'

'ଆମେ ପଛେ ଖାଇବୁ, ତୁମେ ଖାଇସାର ।'

ରାଜା ଇଲିସି ମାଛ ଖାଇପାରୁ ନ ଥାଏ । ତାକୁ ଖୋଇଦେବାକୁ ଉମା ଆସି ତା ପାଖରେ ବସିଲା । ଭଉଜକୁ କହିଲା, 'ନୂଆବୋହୂ, ମୁଁ ରାଜାକୁ ଖୋଇଦଉଛି । କାହାର କଣ ଦରକାର ହେବ ଦେବ ।'

ମାନସୀ ଆସି ଠିଆହେଲା ଟେବୁଲ ପାଖରେ, ମୁଣ୍ଡର ଲୁଗା କପାଳ ଯାକେ ଟାଣି । ଚନ୍ଦ୍ରଶେଖରକୁ ଆଉ ମାଛ ଆଣି ଦେଲା । ଚନ୍ଦ୍ରଶେଖର କହିଲା, 'ନୂଆବୋହୂଙ୍କର ମୋ ଉପରେ ଅନୁଗ୍ରହଟା ବେଶୀ ।'

'ତୁମର କପାଳ ଭଲ ।' ଶଙ୍କରର ଉକ୍ତି ।

ମାନସୀ ଶଙ୍କର ପାଇଁ ଆଣିଲା କୋପ୍ତା ତରକାରି ।

ଶଙ୍କର ହସି ଉଠି କହିଲା, 'ଅନୁଗ୍ରହଟା ମୋ ପ୍ରତି କିଛି କମ ନୁହେଁ ହେ ଏନଜିନିୟର ।'

ଚନ୍ଦ୍ରଶେଖରକୁ ମଧ୍ୟ କୋପ୍ତା ମିଳିଲା ।

ଉମା ରାଜାକୁ ମାଛ ଖୋଇସାରି, ହାତ ଧୋଇ ନେଇ, ଭଉଜକୁ ସାହାଯ୍ୟ କଲା । ଶମ୍ଭୁ ଆଉ ରାଜାକୁ ବେଶି କରି ସନ୍ଦେଶ ଖୋଇଲା ମାନସୀ । ସନ୍ଦେଶ ଖାଇବାକୁ ଯାଇ ତଣ୍ଟିରେ ଲାଗିଲା ରାଜାର । ତାକୁ ପାଣି ପିଏଇ, ତା ତାଳୁକୁ ପାପୁଲିରେ ଥାପୁଡ଼େଇ ଦେଲା ।

ଖିଆ ସାରି ସମସ୍ତେ ଉଠିଲେ । ଶଙ୍କର ଓ ଚନ୍ଦ୍ରଶେଖର ସିଗାରେଟ ଲଗେଇ ବୈଠକଖାନାକୁ ପଶିଲେ । ଶମ୍ଭୁ ଏବଂ ରାଜା ତାଙ୍କ ପଛେ ପଛେ ଗଲେ । ନନ୍ଦ ପାଞ୍ଚ ମିନିଟ ଭିତରେ ଟେବୁଲ ସଫାକରି ନୂଆ ଚଦର ବିଛେଇ ଦେଲା । ଉମା ପଚାରିଲା, 'ଘରେ ଆସନ କି ପୀଢ଼ା ନାହିଁ ? ମା କଣ ତଳେ ବସି ଖାଇବେ ?' ନନ୍ଦ ଦଉଡ଼ି ଯାଇ ଗୋଟାଏ ଗ୍ରେଟ ଗାଲିଚା ଆଣି ବିଛେଇ ଦେଲା । ଉମା ମାନସୀକୁ ଆସନରେ ବସେଇ ବାଢ଼ି ଆଣିଲା ଭାତ-ତରକାରି । ଦୁଇ ସଖୀ ଖାଇଲାରୁ ବୁଝିଲେ, ଖାଦ୍ୟ କେତେଦୂର ସୁସ୍ୱାଦୁ ହୋଇପାରେ । ଉମା ଏମିତ ଇଲିସି ରନ୍ଧା ଖାଇ ନ ଥିଲା । କଗମିଷ, ପ୍ରତ୍ୟେକଟି ବ୍ୟଞ୍ଜନ

Digitized by srujanika@gmail.com

ଅପୂର୍ବ ହୋଇଛି ।' ସେ ବବୁର୍ଚ୍ଚିର ପ୍ରଶଂସା କଲା । ତାଠୁଁ ରନ୍ଧା ଶିଖିବ ବୋଲି କହିବାରୁ ବବୁର୍ଚ୍ଚି କୃତକୃତ୍ୟ ହେଲା । ନନ୍ଦ କହିଲା, 'ମା ଆମ ଓଡ଼ିଆଘର ତରକାରି ଦିନେ ରାନ୍ଧିବେ ନାହିଁ ?'

ମାନସୀ ହସିଲା । ଏଇ ପିଲାଟା ପ୍ରତି ତାର କେମିତି ଗୋଟାଏ ମମତା ହେଲା । ବାର ତେର ବର୍ଷର ପିଲାଟା, ବିଦେଶରେ ଆସି ଚାକିରି କରୁଛି । ତା ସ୍ୱାମୀର ଖାସ ଚାକର ଏଇ ନନ୍ଦ । ସକାଳେ ମେମସାହେବ ବୋଲି ତାକୁ ଡାକୁଥିଲା । ମାନସୀ ତାକୁ କହିଲା, ମା ବୋଲି ଡାକିବାକୁ । ସେ ଖୁସି ହୋଇ ସାଙ୍ଗେ ସାଙ୍ଗେ ତାକୁ ମା ବୋଲି ଡାକିଲା । ଉମା କହିଲା, 'କାଲି ମୁଁ ଆମ ଦେଶୀ ତରକାରି ରାନ୍ଧିବି । ସମସ୍ତେ ଖାଇବ ।' ସେ ବନ୍ଦୋବସ୍ତ କଲା ସେଥିପାଇଁ ସ୍ୱତନ୍ତ୍ର ପରିବା । ବବୁର୍ଚ୍ଚିକୁ ପଚାରିଲା, 'ସାହେବ ରାତିରେ କଣ ଖାଇବେ ?' ବବୁର୍ଚ୍ଚି ଯାହା କହିଲା, ତାର ବିନ୍ଦୁ ବିସର୍ଗ ବୁଝିଲେ ନାହିଁ ଉମା କିମ୍ବା ମାନସୀ । ଉଭୟଙ୍କ ଆଡ଼କୁ ଅନେଇ ଉମା କହିଲା 'ସାହେବମାନେ ଯାହା ଖାଆନ୍ତୁ, ରାତିରେ ଆମ ପାଇଁ ଭାତ କରିବ । କିଛିମିଛି ଭଜାଭଜି କରିବ, ଆଉ ମାଛ । ନା କଣ କହୁଛ ନୂଆବୋହୂ ?'

ବବୁର୍ଚ୍ଚି କହିଲା, 'ଯେ ହୁକୁମ ହଜୁର ।'

ଖାଇସାରି ହାତ ମୁହଁ ଧୋଇ ଦୁଇ ସଖୀ ଉପରକୁ ଚାଲିଗଲେ । ଶୋଇବାଘରକୁ ପଶି ମାନସୀ ଦେଖିଲା, ଶଙ୍କର ଖବର କାଗଜ ପଢୁଛି, ଭିତରେ ଅର୍ଦ୍ଧଶାୟିତ ହୋଇ । ତା ମୁହଁରେ ପାଇପ୍ । ଏ ପଦାର୍ଥଟି ସେ ଦେଖି ନ ଥିଲା । ତାର ପଦଶବ୍ଦରେ ଅନେଇଲା ଶଙ୍କର । ଖବରକାଗଜ ରଖି ଦେଇ ଡାହାଣ ହାତରେ ଟାଣି ଆଣି ଖଟ ପାଖରେ ବସେଇଲା ତାକୁ ।

'ସେଟା କ'ଣ ?' ମାନସୀ ପଚାରିଲା ।

'ଏଟା ? ଏଟାକୁ କହନ୍ତି ପାଇପ ।' ମାନସୀ ମୁହଁ ପାଖରେ ପାଟିଏ ଧୂଆଁ ଛାଡ଼ି, ପାଉଁଶଦାନରେ ପାଇପଟାକୁ ଝାଡ଼ିଦେଲା ଶଙ୍କର । ଧୂଆଁରୁ ରକ୍ଷା ପାଇବାକୁ, ଲୁଗା କାନିରେ ମୁହଁ ଢାଙ୍କିଲା ମାନସୀ ।

'କାଲି ରାତିରେ ଗାଡ଼ିରେ ନିଦ ହୋଇଥିଲା ?' ପଚାରିଲା ଶଙ୍କର ।

ମୁଣ୍ଡ ହଲେଇ ମନାକଲା ମାନସୀ ।

'ନିଦ ମାଡୁଛି, ନା ?'

ଜବାବ ନ ଦେଇ ସ୍ୱାମୀ ଦେହରେ ଆଉଜିଲା ମାନସୀ । ବିଛଣାରୁ ଉଠି ଠିଆହୋଇ ସ୍ତ୍ରୀକୁ ଖଟ ପାଖକୁ ଟେକିନେଲା ଶଙ୍କର । ବିଛଣାରେ ଶୋଇ ଦେଇ ଆସି କବାଟ କିଳିଦେଲା ।

Digitized by srujanika@gmail.com

ମାନସୀ ଶୋଇଛି । ଶଙ୍କରର ଗୋଟାଏ ହାତ ତା ଉପରେ ପଡ଼ିଛି । ଶଙ୍କର ଶୋଇପଡ଼ିଛି ନିଦରେ । ତାର ନିଶ୍ୱାସର ପବନ ମାନସୀର ଗାଲରେ ବାଜୁଛି । ସେ ଅନୁଭବ କଲା ତା ଦେହରେ ଏକ ଅଭାବନୀୟ ଲଘୁତା । ଆଖିପତାଗୁଡ଼ା ଭାରି ହୋଇ ରହିଛି ନିଦରେ । କାଲି ରାତିସାରା ସେ ଶୋଇନି । ସେ କେବେ ରେଲଗାଡ଼ି ଚଢ଼ି ନ ଥିଲା । ମୋଟା ଗଦିରେ ଶୋଇ ଶୋଇ ରାତିସାରା ସେ ଭାବିଛି ଆକାଶପାତାଳ । ରାଣୀଶାସନରୁ ସେ ଯାଉଛି କଲିକତା । ସେଠି ତା ସ୍ୱାମୀ ଘର କରିଛି । ସେ ଘରେ ଗୃହିଣୀ ହେବ । ପାରିବ ତ ସେ ସବୁ ଠିକ୍ ଠିକ୍ କରି ? ତା ସ୍ୱାମୀର ମନମାଫିକ ? ଏଇ କଥାଟା ଗଲା କେତେଦିନ ଧରି ତାକୁ ବିବ୍ରତ କରିଛି । କେତେ ବା ଜାଣିଛି ସେ ତା ସ୍ୱାମୀକୁ ? ଅଷ୍ଟମଙ୍ଗଳା ବାଜି, ଶଙ୍କର ରାଣୀଶାସନରୁ ଚାଲିଆସିଲା । ସେଇ ଚାରି ପାଞ୍ଚ ଦିନର ସାହଚର୍ଯ୍ୟରୁ ସେ ବୁଝିଛି, ତାର ସ୍ୱାମୀ ତାକୁ କେତେ ଭଲପାଏ । ସେ ବି ପ୍ରାଣପଣ କରି ଖୁସି କରିଛି ସ୍ୱାମୀକୁ ।

ଅଷ୍ଟମଙ୍ଗଳା ରାତି ଶେଷରେ ସେ ପଚାରିଥିଲା, କଲିକତା ଗଲେ ତା କଥା ମନେ ରହିବ ତ ?

ଶଙ୍କର ତାକୁ ନିବିଡ଼ ଆଲିଙ୍ଗନରେ ବାନ୍ଧି କହିଥିଲା, 'ତୁମେ ମୋର ଦେହମନ ଆଚ୍ଛନ୍ନ କରି ରହିଛ ମାନସୀ । ତୁମ ପାଇଁ ଦଶ ବର୍ଷ ଅପେକ୍ଷା କରିଛି ମୁଁ । ତୁମକୁ ଭୁଲିଯିବି, ଏକଥା ତୁମେ ଭାବି ପାରିଲ ?' ତାର ଲୋତକାପ୍ଲୁତ ମୁଖମଣ୍ଡଳରେ ସେଦିନ ଶଙ୍କର ଅଜସ୍ର ଚୁମ୍ବନ ଦେଇଥିଲା ।

ରାଣୀଶାସନର ପରିସ୍ଥିତି କିଛି ଭିନ୍ନ । ସେଠି ଶାଶୁଶଶୁରଙ୍କ ସଂସାର । ଶଙ୍କର ସେଠି ବଡ଼ ପୁଅ । ସେ ଥିଲା ବୋହୂ । ଏଠି ଶଙ୍କର କର୍ତ୍ତା, ସାହେବ ଏବଂ ସେ ଏଠି ମେମସାହେବ । ମନେମନେ ହସିଲା ମାନସୀ । ତାର ଆଖି ବୁଜି ହୋଇଗଲା ।

ନିଦ ଯେତେବେଳେ ଭାଙ୍ଗିଲା, ଦେଖିଲା ଶଙ୍କର ପୋଷାକ ପିନ୍ଧୁଛି । ବାହାରେ ଶୁଭିଲା ଶମ୍ଭୁ ଓ ନନ୍ଦର କଣ୍ଠସ୍ୱର । ଧଡ଼ପଡ଼ ହୋଇ ଉଠିବସିଲା ସେ । ବସ୍ତ୍ର ବସନ ସଜେଇ ନେଇ ଖଟରୁ ଓହ୍ଲେଇ ଠିଆ ହେଲା । ଶଙ୍କର ପଚାରିଲା, 'ଚାଲିଯିବା ଯେ ? ଲୁଗା ପିନ୍ଧିନାଅ ।'

ନିଃଶବ୍ଦରେ ମାନସୀ ଗାଧୁଆଘରକୁ ଚାଲିଗଲା ।

ପାଞ୍ଚ

ସମସ୍ତଙ୍କୁ ଗାଡ଼ିରେ ବସେଇ, ବୁଲି ବୁଲି, ଶଙ୍କର ଯେତେବେଳେ ଲେକ୍‌ରେ ପହଞ୍ଚିଲା, ସେତେବେଳକୁ ସନ୍ଧ୍ୟା ହୋଇ ଆସୁଥାଏ । ଲେକ୍

Digitized by srujanika@gmail.com

ସ୍ୱଶପଟେ ଆଲୋକମାଳା ଜଳଉଠିଲ । ରବନ୍ଦ୍ର ସରୋବରକୁ ପ୍ରଦକ୍ଷିଣ କର ରାସବହାରୀ ଏଭନଉ ଦେଇ ସେ ଗ୍ଲଲଆସିଲ ଭବାନୀପୁର । ଚୌରଙ୍ଗୀରେ ପହଞ୍ଚିଲବେଲକୁ ବେଶ ଅନ୍ଧାର ହୋଇ ଗଲଣି । ନଅନ୍ ଆଲୁଅର ଶୋଭା ଦେଖି ଦେଖି ସେମାନେ ଆସିଲେ ଡେଲହାଉସି ସ୍କୋୟାର୍ । ଆଜ ରବବାର, ଭିଡ଼ ନାହିଁ । ଇଡେନ୍‌ଗାର୍ଡ଼େନ୍ କଡ ଦେଇ ଆସି ଉଠିଲ ଶଙ୍କର ରେଡ଼୍ ରୋଡ଼୍‌ରେ ।

ମାନସୀ, ଉମା, ଶମ୍ଭୁ, ରାଜା ଚୁପଚାପ ବସି ଦେଖୁଥାନ୍ତି ସନ୍ଧ୍ୟାର କଲକତାକୁ । ଏମିତ ଦୃଶ୍ୟ ସେମାନେ କେବେ ଦେଖି ନ ଥିଲେ । ଏତେ ଲୋକର ଯାତାୟାତ, ଏତେ ଗାଡ଼ି ଏବଂ ଏତେ ପ୍ରକାରର ଯାନ ଦେଖିବାର ସୁଯୋଗ ଓଡ଼ିଶାରେ ନାହିଁ ।

ରେଡ଼୍ ରୋଡ଼୍‌ର ଗୋଟିଏ ପ୍ରତମୂର୍ତ୍ତି ପାଖରେ ଗାଡ଼ି ରଖିଲ ଶଙ୍କର । ଚନ୍ଦ୍ରଶେଖର ଓ ସେ ସିଗ୍ରେଟ୍ ଲଗେଇଲେ । ରାଜା ଉସ୍‌ଖୁସ୍ କଲ ଓହ୍ଲେଇବାକୁ । ସମସ୍ତେ ଓହ୍ଲେଇଲେ ।

ଅଦୂରରେ ଗୋଟାଏ ଆଲୁଅ-ଖୁଣ୍ଟି ତଳେ ଫେରବାଲା ଡ଼ାଲବୃଟ ଓ ଚନାବାଦାମ ବକୁଛୁ । ରାଜା ଶମ୍ଭୁକୁ ଟାଣି ସେଇ ଆଡ଼କୁ ଆଗେଇଲା । ଉମା ଓ ମାନସୀ ଗଲେ ତାଙ୍କ ସାଙ୍ଗରେ । ଶଙ୍କର ଓ ଚନ୍ଦ୍ରଶେଖର ଗାଡ଼ିକୁ ଆଉଜ ଠିଆହୋଇ ସିଗାରେଟ୍ ଟାଣୁ ଟାଣୁ ଗପ କଲେ । ଶଙ୍କରର କାମଦାମ କଥା, ଏଠିକାର ସମାଜ ଜୀବନ କଥା ଆସିଲା । ଶଙ୍କର ତାର ଏଇ କେତେ ସପ୍ତାହର ଅନୁଭୂତ କଥା କହିଲା ।

ଫେର ଆସିଲେ ଏମାନେ । ସମସ୍ତଙ୍କ ହାତରେ କାଗଜର ପୁଡ଼ିଆ । ରାଜା ପାଟିକଲା, 'ସାହେବମାମୁ, ବାବା, ଡାଲବୃଟ ଖାଇବ ?'

'ତୁମେ ଖାଇଛ ତ ?' ଶଙ୍କର ପଗ୍ଭରିଲା ।

'ହଁ । ତୁମ ପାଇଁ ବ ଆସିଛୁ ।'

ଉମା ଯାଚଲ, 'ଡାଲବୃଟ ଦଟା ନଅ ?'

'ତୋର ମିଷ୍ଟରଟିକୁ ଦେ ।'

ଉମା ଗୋଟାଏ ପୁଡ଼ିଆ ଚନ୍ଦ୍ରଶେଖରକୁ ଦେଲା । ଶଙ୍କରକୁ କହିଲା 'ତୁମେ ନଅ । ନୂଆବୋହୂ, ଭାଇନାକୁ ଦଅ ।'

'କାହିଁ, କଏ ଦଉଛୁ ?' ଶଙ୍କର ଥଟ୍ଟା କଲା ।

'ନଉ ନ, ଏଇ ନଅ ।' ମୃଦୁକଣ୍ଠରେ କହିଲା ମାନସୀ ।

ଶଙ୍କର ନଇଁ ପଡ଼ିଲା ତା ଆଡ଼କୁ, ଆଁ କର । ତରତରରେ ପୁଡ଼ିଆ ଫିଟେଇ, ହାତରେ ଡାଳ, ଖୋଇଦେଲା ସ୍ୱାମୀକୁ ।

Digitized by srujanika@gmail.com

ଭୁଉ୍ ଭୁଉ୍ କଲା ଡାଲବ୍ରୁଟ ଶଙ୍କର ପାଖିରେ, 'ବାଃ, ବେଶ ହୋଇଛୁ ତ ?'

'ଆଉ ନଅ ?' ମାନସୀ ବଢେଇ ଦଉଥିଲା ପୁଡୁଆଟା । ଶଙ୍କର ପୁଣି ନଇଁ ପଡ଼ିଲା ତା ଆଡ଼କୁ । ପୁଣି ମାନସୀ ଖୋଇଦେଲା ତାକୁ ।

'ଆମେରିକାରେ ଏଗୁଡ଼ା ମିଳେ ଭାଇନା ?' ପଚାରିଲା ଉମା ।

'ମିଳୁଥିବ, ମୁଁ କନ୍ଦୁ ସେଠି ଥିଲାବେଳେ ବହୁତ ଖାଉଥିଲି ଚନାବାଦାମ । ତାକୁ ସେଠି ପି-ନାଟ୍ କହନ୍ତି । ଛୋପା ଛଡ଼ା ହୋଇ, ଲୁଣିଆ କରି ପେକେଟରେ, ଟିଣରେ, ବିକ୍ରୀ ହୁଏ ସେଠି । ସେଠିକା ଲୋକେ ବହୁତ ଖାନ୍ତି ତାକୁ ।' ଡାଲବ୍ରୁଟ ଖାଇ ଶୋଷରେ ଘୁ ଘୁ କଲା ରାଜା । ତାର ପାଣି ପିଇବା ଦରକାର । ସମସ୍ତଙ୍କୁ ପୁଣି ଗାଡ଼ିରେ ବସେଇ ଚୌରଙ୍ଗୀର ଏକ ସୋଡା ଫାଉଣ୍ଟେନ୍‌ରେ ପଶିଲା ଶଙ୍କର । ସମସ୍ତେ ସରବତ୍ ପିଇଲେ ।

ଗାଡ଼ିରେ ବସିଲାବେଳକୁ ପଚାରିଲା ଶଙ୍କର, 'ବୁଲା ଆଜି ଏତିକରେ ଥାଉ । ମୋଟାମୋଟି ଦକ୍ଷିଣ କଲିକତାଟା ବୁଲି ଦେଖିଲେଣି । ପଅରଦିନ ଫେର୍ ବୁଲିବା । ସେଦିନ ତ ଛୁଟି । ନା କ'ଣରେ ଶମ୍ଭୁ ?'

'କାଳୀଘାଟରେ ପୂଜା ଦବାକୁ ହବ ଭାଇନା । ସେଟା କଉଁଠି ?' ଉମା ପଚାରିଲା ।

'ଆମ ଘରକୁ ପାଖ । ଯିବୁ ଦିନେ ସେଠିକି ।'

'କାଲି ଯାଇ ହବ ନ ।'

'ହଁ, ଯାଇ ହବନି କାହିଁକି ? ସକାଳୁ ଯିବୁ ?'

'ଗୋଟାଏ ଭଲ ସିନେମା ଦେଖିବା ଭାଇନା ।' ଶମ୍ଭୁର ଆବ୍‌ଦାର ।

'ବେଶ ତ, କାଲି ଟିକଟ କରି ରଖିବି । ସନ୍ଧ୍ୟାବେଳକୁ ଯିବା ।'

'କଲିକତାରେ ଚଡ଼ିଆଖାନା ଅଛି, ନା ସାହେବମାମୁ ?'

'ନିଶ୍ଚୟ ଅଛି ରାଜା ସାହେବ । ତୁମେ ଦେଖିବାକୁ ଯିବ, ଏଇ କଥା ତ ? ହଉ ଯିବା । ତୁମେ ତ ରହିବ ଏଇମିତି କଲିକତାରେ କିଛିଦିନ । ତରତର କଣ ? ସୁବିଧା କରି ଛୁଟିଦିନ ଦେଖି ଯିବା ।'

'ଦେଖିଲ ମା', ଖୁସି ହୋଇ ପାଟି କଲା ରାଜା ଆଗସିଟ୍‌ରୁ । 'ସାହେବ-ମାମୁଙ୍କ ସାଙ୍ଗରେ ମୁଁ ଯିବି ।'

ଫେରି ଆସିଲେ ସେମାନେ ଘରକୁ । ସେତେବେଳକୁ ରାତି ଆଠଟା । ବବୁର୍ଚି ଆସି ପଚାରିଲା ଟେବୁଲ ସଜେଇବ କି ନା ?

Digitized by srujanika@gmail.com

ତଳକୁ ଓହ୍ଲେଇ ଆସିଲେ ସମସ୍ତେ । ଖାଇବାଘରକୁ ପଶି ଟେବୁଲକୁ ଅନେଇ ଠିଆ ହୋଇଗଲା ଉମା । ବାଃ, ଅପୂର୍ବ ଦିଶୁଛି । ଚନ୍ଦ୍ରଶେଖର ବୁଝିଲା, ଆଜି ଏ ଖାନା ଉତ୍ସବ ଦିନର । ଆଜି ଡ଼ିନାର ନୁହେଁ, ବେଙ୍କୁଏଟ୍ । ତାର ବ୍ୟବସ୍ଥା ହୋଇଛି । ଏମାନେ ବସିଲେ ଟେବୁଲରେ । ରୀତି ଅନୁସାରେ କଣ୍ଟା, ଚାମୁଚ, ଛୁରି ଦିଆ ହୋଇଛି । ଶଙ୍କର ଓ ଚନ୍ଦ୍ରଶେଖର ନେପକିନ୍ ଆଣି କୋଡ଼ରେ ପକେଇଲେ । ଶମ୍ଭୁକୁ ବତେଇଦେଲା ଶଙ୍କର । ରାଜାକୁ ସାହାଯ୍ୟ କଲା ତା ବାବା । ସୁପ୍ ଦେଇଗଲା ବବୁର୍ଚି ।

ମାନସୀ ଓ ଉମା ଦିଟା ଚୌକି ଟାଣିନେଇ ଗୋଟାଏ କଡ଼କୁ ବସିଲେ । ଶଙ୍କର ପଚାରିଲା, 'କିରେ ତୁମେ ଦିଜଣ ଅଲଗା ବସିଲ ଯେ ?'

ହସି ଜବାବ ଦେଲା ଉମା, 'ଆମେ ଦେଖଣାହାରୀ ।'

'ତା ମାନେ, ତୁମେ ଖାଇବ ନାହିଁ ?'

'ନା' ।

'କାହିଁକି, କଣ ହେଲା ? ଜାତି ଯିବ ?'

'ନା, ଜାତି ତୁମର ଯଦି ନ ଯାଏ, ଆମର ବି ଯିବ ନି ।'

'ତା ହେଲେ ?'

'ଆମ ଖାଦ୍ୟର ବ୍ୟବସ୍ଥା ଆମେ କରିଛୁ ?'

'କଣ, ପଖାଳ ?'

'ହଁ ।'

ହସି ଉଠିଲେ ସମସ୍ତେ ।

ସୁପ୍‌ପ୍ଲେଟ୍ ଉଠେଇ ନେଇ, ଖାଦ୍ୟ ଆଣିଲା ଏଥର ବବୁର୍ଚି । ନାନା ରଙ୍ଗର, ନାନା ସୁରଭିର, ନାନା ପ୍ରକାରର ଖାଦ୍ୟ । ଶମ୍ଭୁ, ଭାଇନା ଓ ଭଣେଇ ଆଡକୁ ଅନେଇ ତାଙ୍କର ଅନୁକରଣ କରୁଥାଏ । ରାଜାକୁ ବତେଇ ଦଉଥାଏ ଚନ୍ଦ୍ରଶେଖର । ଚନ୍ଦ୍ରଶେଖର ଦେଖିଲା, ବାଦଶାହୀ ଖାନାର ବ୍ୟବସ୍ଥା ହୋଇଛି ଆଜି । ବେଶ ଖାଇଲା ଶଙ୍କର ତୃପ୍ତିର ସହିତ । ଅନୁମାନ କଲା ଚନ୍ଦ୍ରଶେଖର, ଏମିତି ଖାଦ୍ୟ ଖାଇବାକୁ କେତେ ଖର୍ଚ୍ଚ ହୋଇଥିବ, ଏଇ ଆଠ କୋର୍ସର ଡ଼ିନାର ।

'କେମିତି ହୋଇଛି ହେ ଏନଜିନିୟର ?' ଶଙ୍କର ଖୁସି ଗଳାରେ ପଚାରିଲା ।

Digitized by srujanika@gmail.com

'କ ଉତ୍ତର ତୁମେ ମୋଠୁ ଆଶା କରୁଛ ?' ଚନ୍ଦ୍ରଶେଖର କହିଲ, 'ତୁମ ସୂପକାରଟି ନଳଙ୍କର ବଂଶଧର ବୋଧହୁଏ । ଏମିତି ଖାଦ୍ୟ ମୁଁ ଖାଇ ନ ଥିଲି ।'

ହସିଲି ଶଙ୍କର, 'ଲୋକଟା ସତରେ ଗୁଣୀ । ଅନେକ ରକମ ରାନ୍ଧି ଜାଣେ ।'

ମାନସୀ ଓ ଉମା ବସି ଦେଖୁଥାନ୍ତି ଏହି ଖେଳ । ମାନସୀ ଖୁସି ହେଲା ଶଙ୍କରର ଖିଆ ଦେଖି ।

ଘଣ୍ଟାଏ ପରେ ସେମାନେ ଟେବୁଲ୍‌ରୁ ଉଠିଲେ । ଶମ୍ଭୁ ଢକ୍‌କାର ଦେଲା ।

ଶଙ୍କର ପଚାରିଲା, 'କିରେ ପେଟ ପୂରିଛି ତ ତୋର ?'

'ଆଉ ପଚାରୁଛ ଭାଇନା ।'

ମେମସାହେବ ଆଉ ନାନୀସାହେବାଙ୍କ ପାଇଁ ଭଲେ ଜାଗା କଲା ନନ୍ଦ । ସେମାନେ ବସିଲାରୁ, ବବୁର୍ଚି ଆଣି ରଖିଦେଇ ଗଲା ଅନ୍ନବ୍ୟଞ୍ଜନ । ଷ୍ଟିଲର ବାସନ ସବୁ । ଥାଳିଆ, ଗିନା, ଗିଲାସ, ଥାଳି । ଡେରାଡୁନ ଚାଉଳର ଧଳା, ଲାଲ, ହଳଦିଆ ଭାତ । ନାନା ପ୍ରକାରର ଶବ୍‌ଜିର ଭଜା, ତରକାରି । ଚୁଙ୍ଗୁଡ଼ିମାଛର ମୋଦା । ଗରମ ଗରମ ମାଛ ଭଜା । ଧଣିଆପତ୍ର ଚଟଣି ।

'ଏ ବାସନ ସବୁ କଉଁଠୁ ଆସିଲା ?' ଉମା ପଚାରିଲା ।

'ଆଜ କଣା ହୋଇଛି' ବବୁର୍ଚି କହିଲା, 'ସାହେବଙ୍କୁ ମୁଁ ଯାଇ ଜଣେଇଲି, ମେମସାହେବ, ଦଦୀସାହେବା ଦେଶୀ ଖାନା ଖାଇବାକୁ ପସନ୍ଦ କରୁଛନ୍ତି, କିଛି ବାସନ କିଣିବା ଦରକାର । ସାହେବ ଟଙ୍କା ଦେଇଥିଲେ । ସେଥିରେ କଣା ହୋଇଛି । ଖାନା କେମିତି ହୋଇଛି ହଜୁର ?' ପଚାରିଲା ସେ ।

'ଚମତ୍କାର ।' ହସି କହିଲା ଉମା ।

'ମେମସାହେବଙ୍କୁ କେମିତି ଲାଗୁଛି ?'

ସଲଜ୍ଜ ହସ ହସି ମାନସୀ କହିଲା, 'ଖୁବ୍ ଭଲ ହୋଇଛି ।'

ଖୁସି ହେଲା ବବୁର୍ଚି, 'କାଲି ଭେଟକି ଆଣି ଦୋପିଆଜ କରିବ ।' ଖବର ଦେଲା ସେ ।

ଛଅ

ଶୋଇବା ଘରକୁ ଆସି ମାନସୀ ଦେଖିଲା ଶଙ୍କର ନାହିଁ । କୁଆଡେ ଗଲେ ସେ ? ଘରୁ ବାହାରି ଆସିଲା, ଲାଉଞ୍ଜରେ କେହି ନାହିଁ । ଉମା ଶୋଇବା ଘରୁ

Digitized by srujanika@gmail.com

କଥାବାର୍ତ୍ତା ଶୁଭୁଛି । ଶମ୍ଭୁ ଘରେ ଆଲୁଅ ଜଳୁଛି । ମାନସୀ ଦେଖିଲା, ନନ୍ଦ ଟ୍ରେ ଧରି ସିଡ଼ିରେ ଆସୁଛି । ତା ମୁହଁକୁ ଚାହିଁ ବୁଝି ପାରିଲା ନନ୍ଦ । କହିଲା, ସାହେବ ଲାଇବ୍ରେରୀରେ । ସେ କଫି ନେଇ ଯାଉଛି ସେଠିକି ।

ତା ପଛେ ପଛେ ମାନସୀ ପଶିଲା ଲାଇବ୍ରେରୀକୁ । ଶଙ୍କର ଟେବୁଲରେ ବସି କଣ ଲେଖୁଛି । ନନ୍ଦ ଟ୍ରେ ରଖି ଚାଲିଗଲା । ମାନସୀ ଯାଇ ଟେବୁଲ ପାଖରେ ଠିଆ ହେଲା । ମୁହଁ ଟେକି ଦେଖିଲା ତାକୁ ଶଙ୍କର । କଲମ ରଖି, ଚୌକିରେ ଆଉଜି ପଚାରିଲା, 'କି ହୁକୁମ ମେମ୍‌ସାହେବ ?'

'କଫି କରି ଦେବି ?'

ଶଙ୍କର ଉଠି ଗୋଟାଏ ହାଲୁକା ଚୌକି ଆଣି ପାଖରେ ପକେଇ କହିଲା, 'ବସ, କଫି କରିଦିଅ ।' ସେ ସ୍ତ୍ରୀକୁ ଟାଣିଆଣି ବସେଇଲା ।

ଟ୍ରେକୁ ଅନେଇଲା ମାନସୀ । କଫି ଆଧାର, ଚିନି ପାତ୍ର । ଦୁଓଟି କଫି କାପ୍, ସରୁ ସରୁ, ଗିଲାସ ଭଳି, କଳା ଷ୍ଟ୍ରେଟ । ଦୁଧ ନାହିଁ । ତା'ମାନେ କଳା କଫି । ବହୁତଥର କରି ଦେଇଛି ଏମିତି କଫି ସେ ତାର ସ୍ୱାମୀକୁ ରାଣୀଶାସନରେ, ବାହାଘର ଆଗରୁ ଓ ପରେ । କ୍ଷିପ୍ର ହାତ ଚଳେଇ, କଫି କରି ସ୍ୱାମୀକୁ ବଢେଇ ଦେଲା ମାନସୀ ଗୋଟାଏ କାପ୍ ।

'ମୋତେ ଏକା ଦେଲ ଯେ ? ତୁମ ପାଇଁ ବି ଆସିଛି ।'

'ମୁଁ ଖାଇବିନି ।' ଲାଜ କଲା ମାନସୀ ।

ଗୋଟାଏ ହାତରେ ମୁହଁଟେକି ସ୍ତ୍ରୀର ମୁଖଚୁମ୍ବନ କଲା ଶଙ୍କର । କହିଲା, 'ରାଣୀଶାସନର ଯେଉଁ ଝିଅଟିକୁ ମୁଁ ମୋର ଜୀବନ ସାଙ୍ଗରେ ଅବିଚ୍ଛେଦ୍ୟ କରି ବାନ୍ଧିଛି, ତାକୁ ମୋର ମନମୁତାବକ ହବାକୁ ହବ ମାନସୀ । ତୁମେ ଶଙ୍କର ଶତପଥୀର ସ୍ତ୍ରୀ । ସେଇ ପରିଚୟ ପାଇଁ ନିଜକୁ ତିଆରି କରିବାକୁ ହବ । ତିନି ମାସ ସମୟ ଦେଲି, ପାରିବନି ?'

'ଚେଷ୍ଟା କରିବି ।'

'ଗୁଡ୍ । ସେଇଆ ମୁଁ ଚାହେଁ । ସେଥିପାଇଁ ଯାହା ଦରକାର, ମୁଁ ବ୍ୟବସ୍ଥା କରୁଛି । ମୋର ବିଶ୍ୱାସ, ତୁମେ ସେ ସୁଯୋଗର ସଦ୍‌ବ୍ୟବହାର କରିବ । ମୁଁ ବସି ବସି ଖସଡ଼ା ତିଆରି କରୁଥିଲି । ଏକ ନମ୍ବର, ତୁମକୁ ଇଂରେଜୀ ଶିଖିବାକୁ ହବ ।'

'ଶିଖିବି ।' ହସି ଜବାବ ଦଉଥାଏ ମାନସୀ ।

'ସମାଜରେ ମିଶିବାକୁ ହବ, ଯଉଁ ସମାଜରେ ମୁଁ ଚଳପ୍ରଚଳ କରେଁ ।'

Digitized by srujanika@gmail.com

'ମିଶିବ ।'

'ଡ଼ିନାର, ଡାନ୍‌ସ, କାବାରେକୁ ଯିବାକୁ ହବ ।'

'ସେଗୁଡ଼ା କଣ ମୁଁ ଜାଣେନି । ତୁମେ ନେଇଗଲେ ଯିବ ।'

'ଗୁଡ୍ ଭେରିଗୁଡ୍ । ତୁମ ପାଇଁ ଜଣେ ମାଷ୍ଟରାଣୀ ଠିକ୍ ହଉଛି । ସାତଦିନ ଭିତରେ ସେ ଆସି ତୁମକୁ ଇଂରେଜୀ ଶିଖେଇବ । କଥାବାର୍ତ୍ତା ଚାଲିଚଳନ ଶିଖେଇବ । ମାନେ, କଲିକତାର ସମାଜ ପାଇଁ ସେ ତୁମକୁ ତିଆରି କରିବ । ରାଜି ତ ?'

ମୁଣ୍ଡ ହଲେଇ ସମ୍ମତି ଦେଲା ମାନସୀ ।

କଫି କାପ୍‌ରୁ ଶେଷ ଢୋକଟା ପିଇ ଶଙ୍କର କହିଲା, 'ଖାଇଦିଅ କଫି । ଥଣ୍ଡା କରି ଲାଭ କଣ ?'

ବାଧ୍ୟ ପିଲାଟି ଭଳି କଫି ଖାଇଲା ମାନସୀ । କେମିତି ପିତା ପିତା ସ୍ୱାଦ, ପୋଡ଼ା ପୋଡ଼ା ଗନ୍ଧ ।

'ଭଲ ଲାଗିବନି ପ୍ରଥମ ପ୍ରଥମ, କିନ୍ତୁ ଭଲ ଜିନିଷ । ଏଇ କଲା କଫି ଥିଲେ ମୁଁ ରାତିସାରା କାମ କରିଯିବ । ମୋତେ ନିଦ ମାଡ଼ିବ ନାହିଁ ।'

'ଆଜି କଣ ରାତିସାରା କାମ କରିବ ଏଠି ବସି ?' ବଡ଼ ବଡ଼ ଆଖି କରି ପଚାରିଲା ମାନସୀ ।

'ଆଜି ? ଆଜି ତୁମେ ଆସିଛ । ଏ ରାତିର କଳ୍ପନା ମୁଁ ଗଲା ତିନି ସପ୍ତାହ ଧରି କରିଛି । ଆଜି କାମ ନୁହେଁ । ରାତିଟା ତୁମର, ଏକାନ୍ତ ତୁମର ।' ସେ ଗୋଟାଏ ସିଗାରେଟ ଲଗେଇଲା ଓଠରେ । ମାନସୀ ଲାଇଟର୍ ଜଳେଇ ଧରେଇ ଦେଲା ।

ଧୀରେ ଧୀରେ ସିଗାରେଟ ଟାଣୁ ଟାଣୁ କହିଲା ଶଙ୍କର, 'ଅନେକ ସ୍ୱପ୍ନ ମୋର ଅଛି ମାନସୀ । ଆମେ ଏଠି ବସା ବାନ୍ଧିବା । ମୁଁ ଦିନସାରା କାମ କରି କ୍ଲାନ୍ତ ହୋଇ ଯେତେବେଳେ ଘରକୁ ଫେରିବି, ତୁମେ ଆସି ମୋ ପାଖରେ ଠିଆ ହବ । ତୁମକୁ ଦେଖିଲେ ମୋର ସବୁ ଅବସାଦ ଚାଲିଯିବ । ତୁମେ ଘର ସମ୍ଭାଳିବ, ଚାକର ବାକରଙ୍କୁ ଆୟତ୍ତ କରିବ, ଆଉ', ହସିଲା ଶଙ୍କର, 'ମୋର ସନ୍ତାନର ମା ହବ ।'

ଲାଜରେ, ଟେବୁଲ ଉପରେ ମୁଣ୍ଡ ରଖିଲା ମାନସୀ । ତା ମୁଣ୍ଡରେ ହାତ ବୁଲେଇ ଦେଉ ଦେଉ କହିଲା ଶଙ୍କର, 'ଅନେକ କାମ କରିବାକୁ ହବ ତୁମକୁ । ତୁମେ ତ ଜାଣ କେତେ ଦାୟିତ୍ୱ ମୋ ଉପରେ । ଘର କଥା ବୁଝିବାକୁ ମୁଁ

Digitized by srujanika@gmail.com

ମୋଟେ ସମୟ ପାଉନ । ତୁମ କଥା ବୁଝିବାକୁ ମୋର ସମୟ ହବ କି ନା ସନ୍ଦେହ । ମଝିରେ ମଝିରେ ମୋତେ ଏଠିକି ସେଠିକି ଯିବାକୁ ହବ । ଏ ଘର ତୁମର । ଏଠି ଯାହା ଅଛି ଏବଂ ମୁଁ, ଏ ସବୁର ହେପାଜାତର ଭାର ତୁମ ଉପରେ ।'

'ତୁମେ ବାହାରକୁ ଗଲେ, ମୋତେ କଣ ଏଠି ଏକା....'

'ସେ କଥା ବି ଭାବିଛି । ବର୍ତ୍ତମାନ ମାସେ ଦେଢମାସ ଉମା ରହିବ । ତାପରେ ବାପା ବୋଉ ଆସିବେ ।'

'ବାପା ବୋଉ ଆସିବେ ? ଏଠି ରହିବେ ?' ଖୁସିରେ ଉଜ୍ଜ୍ୱଳ ହୋଇ ପଚାରିଲା ମାନସୀ ।

'ହଁ । ବାପା ବୋଉ ତ ଏ ବ୍ୟବସ୍ଥା କରିଛନ୍ତି । ଧାନ ଅମଳ ସରିଲେ, ବୋଉକୁ ନେଇ ବାପା ବି ଆସିବେ ଏଠିକି । ତାଙ୍କର ଚିକିତ୍ସା ଦରକାର । ଯତ୍ନ ଦରକାର । ଜୀବନସାରା ସେ ଖଟିଛନ୍ତି, ବିଶ୍ରାମ ଦରକାର ।'

'ଗାଁରେ, ଘରେ କିଏ ରହିବ ତାହେଲେ ?'

'ସିଙ୍ଗ ରହିବ । ତୁମ ବାପା ବୋଉ ଦେଖାଶୁଣା କରିବେ । ହବନି ?'

'ହୁଁ । ଆଉ ଶମ୍ଭୁ ? ସେ ତ କଟକରେ....'

'ତାର ପରୀକ୍ଷା ଅଛି । ପରୀକ୍ଷା ସରିଲେ ସେ ବି ଆସିବ ବାପା ବୋଉଙ୍କ ସାଙ୍ଗରେ । କଲେଜ ଖୋଲିଲେ ପୁଣି ଫେରିଯିବ କଟକ ।'

'ଆଚ୍ଛା, ସେଇ ଯଉଁ ବବୁର୍ଚ୍ଚି, ସେ କ'ଣ ବ୍ରାହ୍ମଣ ?'

'ନା, ସେ ବୌଦ୍ଧ । ଆମକୁ ଏତେ ପ୍ରକାର ଆମିଷ ରାନ୍ଧି ଖୋଉଛି, ନିଜେ କିନ୍ତୁ ନିରାମିଷ ଖାଏ । ପ୍ରତିଦିନ ଦୁଇବେଳା ବୁଦ୍ଧଙ୍କୁ ପୂଜା କରେ । ତା ଘରେ ମୂର୍ତ୍ତି ରଖିଛି ।'

'ଆଉ ଏଇ ନନ୍ଦ, ସେ କି ଜାତି ?'

'ଗଉଡ଼ ।'

'ଆଉ ସେଇ ମାଳି ?'

'ସେ ନନ୍ଦର ଭଣେଇ । ଆମ ଗାଁରୁ ପନ୍ଦର କୋଡ଼ିଏ ମାଇଲ ତଳକୁ ମାଛଗାଁ ବୋଲି ଗୋଟାଏ ଜାଗା ଅଛି, ସେମାନେ ସେଠିକା ଲୋକ । ଅନେକ-ଦିନୁ ଆସି କଲିକତାରେ ରହିଲେଣି ଏ ମାଳି । ତା ନାଁ ନାରଣ ।'

'ଆଉ ସେ ବବୁର୍ଚ୍ଚି ନାଁ ?'

Digitized by srujanika@gmail.com

'ତୁମେ କଣ ଉଚ୍ଚାରଣ କରି ପାରିବ ? ତା ନାଁ ଲୁଁ ପେ ।'

ବାହାରେ ଚନ୍ଦ୍ରଶେଖରର ପାଟି ଶୁଭିଲା । ନନ୍ଦକୁ ପଚାରୁଛି ସେ, 'ତୁମ ସାହେବ କଣ ଶୋଇଲେଣି ?'

'ନାଁ । ଲାଇବ୍ରେରୀ ଘରେ ସାହେବ ମେମସାହେବ ଦୁଜଣ ଅଛନ୍ତି ।'

ପାଦ ଶବ୍ଦ ତାର ପାଖେଇ ଆସୁଛି । ମୁଣ୍ଡରେ ଲୁଗାଟାଣି ଠିଆହୋଇ ପଡ଼ିଲା ମାନସୀ ।

'ବସ । ତୁମେ ଉଠୁଛ କାହିଁକି ?' ତାକୁ ଟାଣି ବସେଇଦେଲା ଶଙ୍କର । ବାହାରେ ଖଟ ଖଟ ଶବ୍ଦ ହେଲା ।

'କାମ୍ଇନ୍,' ଶଙ୍କର ଆହ୍ୱାନ ଜଣେଇଲା । ପଶି ଆସିଲା ଚନ୍ଦ୍ରଶେଖର ।

'ବିଶ୍ରମ୍ଭାଳାପରେ ବ୍ୟାଘାତ ହେଲା, କ୍ଷମା ମାଗୁଛି ନୂଆବୋହୂ ।' ଗୋଟାଏ କାଉଚରେ ବସିଲା ସେ । ଘର ଆଡ଼କୁ ଅନେଇ ଦେଖିଲା । ଆଲମାରି ସବୁ ଭର୍ତ୍ତି ହୋଇଛି ବହିରେ । ପତ୍ରିକା ସଜା ହୋଇ ରଖା ହୋଇଛି ଥାକ ଥାକ ହୋଇ ।

'ଉମା କାହିଁ ? ଶୋଇ ପଡ଼ିଲା ?' ପଚାରିଲା ଶଙ୍କର ।

'ନା । ପିଲାଙ୍କୁ ଶୋଇ ପକେଇ ଆସୁଛି । ଏଇତ ସାଢ଼େ ନଟା । କଲିକତାର ରାତି ତ ଅତନ୍ଦ୍ର ।'

'ବାଃ, କବିତା କଲ ଯେ ଏକଜିକଲସ୍ ରେ । ଏ ଗୁଣଟା ତୁମର ଅଛି ତାହେଲେ ?'

'ନ ହେଲେ ତୁମ ଭଉଣୀକୁ ସମ୍ଭାଳିବ କେମିତି ? ନୂଆବୋହୂ ମୋ କଥାକୁ ନିଶ୍ଚୟ ସମର୍ଥନ କରିବେ । ଉମା ଚମତ୍କାର କବିତା ଲେଖେ ।'

ହସିଲା ମାନସୀ । ଶଙ୍କର ଆଖିରେ ବିସ୍ମୟ, 'ରିଏଲି ?'

'ହଁ, ସେ କବିତା ପଢ଼ି ତାର ସମାଲୋଚନା କରିବାକୁ ହୁଏ ମୋତେ । ଫଳରେ ଆଧୁନିକ କବିତା ସାଙ୍ଗରେ ପରିଚୟ ରଖିବାକୁ ପଡ଼ୁଛି ।'

'ତୁମେ କବିତା ଲେଖ ?'

'ନା ମୁଁ ସମାଲୋଚକ ।' ହସିଲା ଚନ୍ଦ୍ରଶେଖର ।

'କଣ ଗପ ଚାଲିଛି ?' ସ୍ଲିପର୍‌ଟା ଭଲ କରି ଡ଼ାଙ୍କି ହେଉ ହେଉ ପଶି ଆସିଲା ଉମା, ହସ ହସ ମୁହଁରେ ।

'ତୁ କବିତା ଲେଖୁ ଉମି ?' ପଚାରିଲା, ଶଙ୍କର ।

Digitized by srujanika@gmail.com

ସ୍ୱାମୀ ଓ ଝିଅଙ୍କ ମୁହଁକୁ ଚାହିଁଲା ଉମା, ପଚାରିଲା, 'ତୁମକୁ କିଏ କହିଲା ?'

'କିଏ ଜଣେ କହୁଛି ନିଶ୍ଚୟ । ନ ହେଲେ ମୁଁ ଜାଣିବି କେମିତି ?' ହସି ଉତ୍ତର ଦେଲା ଶଙ୍କର ।

'ନୂଆବୋହୂର କାଣ୍ଡ ନିଶ୍ଚୟ ।' ହସି ମାନସୀ ପାଖରେ ବସିପଡ଼ି ତାକୁ ଚିମୁଟିଲା ।

'ଆରେ ମୋତେ ଦଣ୍ଡ ଦଉଛ କାହିଁକି ? ମୁଁ କହିନି । ପଚାର ତୁମର ତାଙ୍କୁ ।'

'ତୋ କବିତା ଖାତା ଆଣିଛୁ ?' ଶଙ୍କର ପ୍ରଶ୍ନ କଲା ।

ହସି ମୁଣ୍ଡ ହଲେଇଲା ଉମା ।

'ତୋ କବିତା ବହି ମୁଁ ଛପିବି । ମୋତେ ଦେ । ବହିକୁ ଯେତେଦୂର ସମ୍ଭବ ସୁନ୍ଦର କରାଯାଇ ପାରେ, କରାଯିବ । ମୁଖବନ୍ଧ ଲେଖିବ ଚନ୍ଦ୍ରଶେଖର ।'

'ଉତ୍ସର୍ଗ କରିବି ତାଙ୍କୁ, ଯାହାଙ୍କ ମୋର ନୂଆବୋହୂ କରିବାକୁ ଭାଇନା ଅସାଧ୍ୟ ସାଧନ କରିଛନ୍ତି ।' ହସି ଉଠିଲା ଉମା ଓ ଝିଅଙ୍କୁ ଟାଣି ଆଣିଲା କୋଡ଼କୁ ।

'କାଲି ତୁମେ ଅଫିସକୁ କେତେବେଳେ ବାହାରିବ ଭାଇନା ? ପଚାରିଲା ଉମା ।'

'ନ'ଟା ବେଳକୁ ।'

'ଫେରିବ ?'

'ପ୍ରାୟ ଛ'ଟା ବାଜିଯାଏ ଫେରୁ ଫେରୁ । କାଲି ସିନେମାର ପ୍ରୋଗ୍ରାମ ଅଛି । ଟିକିଏ ଆଗରୁ ଆସିବି ।'

'ଆମେ କାଳୀଘାଟ କେତେବେଳେ ଯିବା ?'

'ସକାଳୁ ଯାଅ । ଗୋଟାଏ ଗାଡ଼ି ଓ ଡ୍ରାଇଭର ତୁମ ତତ୍ପରି କରିବ । ଯୂଆଡେ ଯିବା ଦରକାର, ତାକୁ କହିଲେ ନେଇ ଯିବ । ହେବତ ?'

'ଖୁବ୍ ହେବ । ତୁମେ ଲଞ୍ଚ ଖାଇବାକୁ ଘରକୁ ଆସ ତ ?'

'ଆସୁ ନ ଥିଲି । ଏଣିକି ତ ତୁ ଅଛୁ, ଘର ହେଲା । ଆସିବି ।'

'ମନେ ରଖ ନୂଆବୋହୂ ।' କହିଲା ଉମା ।

ମାନସୀ ଟିକିଏ ହସିଲା ।

Digitized by srujanika@gmail.com

ଉମା ଉଠିଗଲା ପତ୍ରିକା ଆଣିବା ପାଇଁ । ଗୋଟାଏ ମାର୍କିନ ପତ୍ରିକା ଆଣି ବସିଲା ସୋଫାରେ । ସ୍ୱାମୀଙ୍କୁ ପାଖକୁ ଡ଼ାକିଲା । ଦୁଇ ଜଣ ବସି ଛବି ଦେଖିଲେ । ଶଙ୍କର ତାଙ୍କ ପାଖର ଆଲୁଅଟା ଜାଳି ଦେଲା । ଚନ୍ଦ୍ରଶେଖର ପଚାରିଲା, 'ଭୁବନେଶ୍ୱରରେ ଅଫିସ କେବେ ଖୋଲୁଛ ?'

'ଦୁଇ ତିନି ମାସ ପରେ । ଆଗେ ବଡ଼ ବଡ଼ ସହର ସାରେଁ । ମାନ୍ଦ୍ରାଜ, ହାଇଦ୍ରାବାଦ ଆଉ ବାଙ୍ଗାଲୋରରେ ଖୋଲୁଛୁ ଆର ମାସ । ତା ପରେ ଦିଲ୍ଲୀ, ଲକ୍ଷ୍ନୌ, ଚଣ୍ଡୀଗଡ଼ । ତା ପରେ ଭୁବନେଶ୍ୱର, ଗୌହାଟି, ପାଟନା । ତା ପରେ ଆହମେଦାବାଦ, ଜୟପୁର ଆଉ ତ୍ରିଭେନଦ୍ରାମ୍ । ଫେଜ୍ କରି ଖୋଲିବାକୁ ହବ ।'

'ଭୁବନେଶ୍ୱର ଅଫିସ କଲେ, ତୁମ ସାଙ୍ଗରେ ଦେଖାହବ ମଝିରେ ମଝିରେ ।'

'ଖୁବ୍ ସମ୍ଭବ । ଦେଖାଯାଉ କଣ ହଉଛି । ଅନେକ କଳ୍ପନା ତ ଅଛି ।' ସିଗ୍ରେଟ ଲଗେଇଲେ ଦୁଇ ଜଣ ।

ହସ ଶୁଭିଲା ଦୁଇ ସଖୀଙ୍କର । ଏମାନେ ଦେଖିଲେ, ପତ୍ରିକାକୁ ଅନେଇ ଦୁଇ ଜଣ ହସାହସି ହେଉଛନ୍ତି ।

'କଣ ହେଲା ?' ପଚାରିଲା ଶଙ୍କର ।

ମାନସୀ ମୁହଁ ଢାଙ୍କିଲା ଲୁଗା କାନିରେ । ଉମା ବି ଲାଜ ଲାଜ ହୋଇ କହିଲା, 'ତୁମେ ଯାହା କୁହ ଭାଇନା, ଏଇ ମାର୍କିନ୍ ଝିଅଗୁଡ଼ା ଖୁବ ନିର୍ଲଜ୍ଜ ।'

'ଲଜ୍ଜାର ପ୍ରକାର ସବୁଠି ସମାନ ହବ ବୋଲି ତୁମକୁ କଏ କହିଲା ?' ଟିପ୍ପଣୀ ଚନ୍ଦ୍ରଶେଖରର ।

'ଓ, ଲାଜଟା ଦେଶ ଭେଦରେ କମ୍ ବେଶି ହୁଏ ପରା ?' ଉମା ଜବାବ ଦେଲା ତାକୁ ।

'ହୁଏ ରେ ଉମି,' ଶଙ୍କର ହସ୍ତକ୍ଷେପ କଲା । 'ଇଉରୋପର ନାରୀର ଲଜ୍ଜାବୋଧ ଆମଠୁଁ ଅନ୍ୟ ପ୍ରକାର । ଏମେରିକାରେ ଆଉ ଏକ ପ୍ରକାର । ଏଫ୍ରିକାରେ ଲଜ୍ଜା ନାରୀର ଭୂଷଣ ନ ହୋଇପାରେ ମଧ୍ୟ ।'

'ହଉ ବାବା, ତୁମ କଥା ଠିକ୍ । ଆମେ ତ ଆଉ ଇଉରୋପ, ଏମେରିକା ବୁଲି ନାହୁଁ । ଆମେ ଲାଜଲଜ୍ଜା କହିଲେ ଯାହା ବୁଝୁଁ, ସେଇଟା ଆମର ନିଜସ୍ୱ ।'

'ଏଥିରେ ସନ୍ଦେହ ନାହିଁ ।' ଶଙ୍କର ଭଉଣୀ ସାଙ୍ଗରେ ଏକମତ ହେଲା ।

Digitized by srujanika@gmail.com

ପତ୍ରିକା ନେଇ ଥାକରେ ରଖିଦେଲା ଉମା । ଶଙ୍କର ଆଡ଼କୁ ଅନେଇ କହିଲା, 'ଶୋଇବାକୁ ଯିବନି ଭାଇନା ? ନୂଆବୋହୂଙ୍କୁ ନିଦ ମାଡ଼ିଲାଣି ।'

'ଏଇ ଉମା !' ପ୍ରତିବାଦ କଲା ମାନସୀ ।

ଚନ୍ଦ୍ରଶେଖର ଘଣ୍ଟି ଦେଖି ଉଠି ଠିଆ ହେଲା, 'ଆମେ କ୍ଲାନ୍ତ । ଆଜି ଜଲଦି ଶୋଇପଡ଼ିବା ।' ଉମାକୁ ଠେଲିଲା ସେ, 'ଚାଲ ।' ଯାଉଁ ଯାଉଁ ମାନସୀକୁ କହିଲା, 'ସାହେବଙ୍କୁ ନେଇ ଶୋଇବାକୁ ଯାନ୍ତୁ ମେମ୍‌ସାହେବ । ଆଜି ରାତିଟା ସ୍ୱପ୍ନ ରଙ୍ଗିନ ମଧୁମୟ ହେଉ, ଏତିକି କାମନା କରୁଛି । ଗୁଡ୍ ନାଇଟ୍ ।' ହସି ହସି ଉମା କାନ୍ଧରେ ହାତ ରଖି ବାହାରିଗଲା ସେ ।

ଶଙ୍କର ମଧ୍ୟ ଉଠିଲା । ସ୍ୱପ୍ନ ରଙ୍ଗିନ ସୁମଧୁର କରିବାକୁ ହବ ଏ ରାତିକୁ, ଖନ୍ଦ୍ରଶେଖର ମେନ୍‌ଡ୍ରେଟ୍ ଦେଇଗଲା । ସ୍ତ୍ରୀ ଆଡ଼କୁ ଅନେଇ କହିଲା, 'ଆସ ।'

ସାତ

ସକାଳ ଛଟା ବେଳକୁ ଉଠି, ତରତର କରି ଗାଧୁଆ ପାଧୁଆ ସାରିନେଲା ମାନସୀ । ଉମା ଆଗ ରାତିରୁ କହିଛି ସାତଟା ବେଳକୁ କାଳୀମନ୍ଦିରରେ ପହଞ୍ଚିବା ଦରକାର । ବେଳ ବଢ଼ିଲେ ଭିଡ଼ ବଢ଼ିବ । ପୂଜା ଦବାକୁ ଡେରି ହବ । ଗାଧୁଆଘରୁ ଆସି ଲୁଗାପଟା ପିନ୍ଧିନେଲା ସେ । ଶଙ୍କର ଶୋଇଛି । ଆହା, ଶୋଇଥାନ୍ତୁ ସେ । ତାଙ୍କୁ ଉଠେଇବା ଦରକାର କଣ ? କାଲିଠୁଁ ତ ସବୁ ବ୍ୟବସ୍ଥା କରି ଦେଇଛନ୍ତି । ଲୁଗା ପିନ୍ଧିସାରି କାନରେ ଝୁମ୍‌କାଲେଖ୍ରାଟା ବାନ୍ଧିବାକୁ ସେ ବିଛଣା ପାଖକୁ ଆସି ଅତି ସନ୍ତର୍ପଣରେ ତା ତକିଆକୁ ଉଠେଇଲା । ଶଙ୍କର ଆଖି ଖୋଲି ଅନେଇଲା ଓ ଧରି ପକେଇଲା ତାର ହାତ ।

ହସିଲା ମାନସୀ, 'ନିଦ ଭାଙ୍ଗିଦେଲି କି ସାହେବଙ୍କର ?' ଶଙ୍କର ତା ହାତ ଧରି ମୁଣ୍ଡ ଉପରେ ଦେଇ ଘୁରେଇ ଆଣିଲା ସ୍ତ୍ରୀକୁ । ମାନସୀ ଆସି ବସିଲା ଶଯ୍ୟାପ୍ରାନ୍ତରେ, ସ୍ୱାମୀ ଦେହକୁ ଲଗି । ଶଙ୍କର ଧରିଥାଏ ତା ହାତ । ନମ୍ରକଣ୍ଠରେ ନିବେଦନ କଲା ସେ, 'ମୋତେ ଛାଡ଼, ଉମାମାନେ ବାହାରିଲେଣି ବୋଧହୁଏ ।' ଶଙ୍କର ତା ହାତ ଛାଡ଼ିଦେଲା ।

'ତୁମର ଚା ପଠେଇ ଦଉଛି ।' ଉଠି ଠିଆ ହେଲା ମାନସୀ । ସ୍କାର୍ଫ ଚାଙ୍କି ହେଲା । ଶଙ୍କର ଶୋଇ ଶୋଇ ଦେଖୁଥାଏ ତାକୁ । ଆଲମାରି ଖୋଲି ଟଙ୍କା ଆଣି ବଟୁଆରେ ରଖି, ଆସି ଠିଆ ହେଲା ସେ ସ୍ୱାମୀ ପାଖରେ । ଅନୁମତି ମାଗିଲା, 'ଯାଉଛି ମୁଁ' ଯେତେ ଜଲଦି ପାରେଁ ଫେରି ଆସିବି ।'

Digitized by srujanika@gmail.com

ହସି କହିଲା ଶଙ୍କର, 'ଯାଅ ।'

ମାନସୀ ନିଃଶବ୍ଦରେ ଘରୁ ବାହାରିଗଲା ।

ଗୋଟାଏ ତକିଆକୁ କୋଳକୁ ଟାଣି ଆଣି, କମ୍ବଳଟାକୁ ସଜାଡ଼ି ନେଇ ଶୋଇଲା ଶଙ୍କର । ମାନସୀ ଚଞ୍ଚଳ ଚାଲିଗଲା ସେ । କାଲି ରାତିରେ କହିଛି ସେ ତାକୁ ତା ମନ କଥା । ମାନସୀକୁ କେମିତି ବଦଳିବାକୁ ହେବ, ପରିବର୍ତ୍ତିତ ପରିବେଶକୁ ଖାପ ଖୁଆଇ । ତାକୁ ସମାଜରେ ମିଶିବାକୁ ହେବ, ପାର୍ଟି ଦେବାକୁ ହେବ, ଯିବାକୁ ହେବ ପାର୍ଟିକୁ । ଶଙ୍କରର କାରବାର ବେଶୀ ମାର୍କିନ୍ ସମାଜ ସାଙ୍ଗରେ ଏବଂ ମାର୍କିନ୍ ସମାଜର ଜୀବନଧାରଣର ଧାରା ଆଧୁନିକତାର ଶୀର୍ଷ ସ୍ଥାନରେ । ମାନସୀ ଭଳିଆ ଗୋଟିଏ ନିପଟ ମଫସଲ ଝିଅ, ଯେ କି କେବେ ଗାଁ ବାହାରକୁ ଯାଇ ନ ଥିଲା, ସହର ଦେଖି ନ ଥିଲା, ତାକୁ ଆଣି କଲିକତାର ଏଇ ଆଧୁନିକ ସମାଜରେ ଚଳେଇବା ଯେ କି ଅସାଧ୍ୟସାଧନ, ସେ କଥା ଆଉ କିଏ ଜାଣୁ ନ ଜାଣୁ, ଶଙ୍କର ଜାଣେ । କିନ୍ତୁ ତାକୁ ଏ ଅସାଧ୍ୟସାଧନ କରିବାକୁ ହେବ । ସେଥିପାଇଁ ସେ ମାନସୀକୁ ଆଜିଠୁଁ ପ୍ରସ୍ତୁତ କରିବ । ମାନସୀର ସେ ଆଡ଼ଷ୍ଟ ଭାବ ନାହିଁ । ଭୟ ଧୀରେ ଧୀରେ ଚାଲିଯାଉଛି । ବ୍ୟବହାର ସହଜ ଓ ସ୍ୱାଭାବିକ ହୋଇ ଆସୁଛି ତାର । କାଲି ଯେତେବେଳେ ସବୁ କଥା କହିଲା ତାକୁ, ସେ ଉତ୍ତର ଦେଇଥିଲା, 'ତୁମେ ମୋତେ ଯାହା ହୁକୁମ କରିବ, ମୁଁ ପ୍ରାଣପଣେ ତାକୁ ପାଳନ କରିବି ।'

ଭାରି ଲାଜକୁଳୀ ମାନସୀ । ଶଙ୍କରର ଉଦ୍ଦାମ କାମନା ପାଖରେ ସେ ଅବନତ ହୋଇ ଯାଉଛି ଠିକ୍; କିନ୍ତୁ ସେତିକି । ଶଙ୍କରର ଇଚ୍ଛା, ସେ ତାର ଭାଗ ନେଉ । ମାନସୀ ପାରୁନି ତାର ସଂସ୍କାରରୁ ନିଜକୁ ମୁକ୍ତ କରି । ଶଙ୍କର ଯେତେବେଳେ ସମ୍ଭୋଗର ଉଲ୍ଲାସରେ ଉନ୍ମତ୍ତ ହୋଇ ତାକୁ ଟାଣି ଉଠେଇଛି, ମାନସୀ ଉଠିଛି । କିନ୍ତୁ ସେଥିରେ ତାର ଯେମିତି ଖୁବ୍ ଉତ୍ସାହ ନାହିଁ । ଅଥଚ ଏ କଥା ବି ଶଙ୍କର ନିଃସନ୍ଦେହରେ ଜାଣେ, ମାନସୀ ତାର ସର୍ବସ୍ୱ ଦେଇ ସ୍ୱାମୀକୁ ଖୁସି କରିବାକୁ ସବୁବେଳେ ବ୍ୟଗ୍ର । ସେ ବ୍ୟଗ୍ରତାରେ ଫାଙ୍କି ନାହିଁ, କେଉଁଠି ହେଲେ ସନ୍ଦେହର ଅବକାଶ ନାହିଁ । ବିବାହ ପୂର୍ବରୁ ନିଷ୍ଠୁର ସମାଜର ଅସଂଖ୍ୟ ବିଧିନିଷେଧ ତାକୁ ମାନିବାକୁ ପଡୁଥିଲା । ତଥାପି ମାନସୀର ଦେହ ମନରେ କୌଣସି ବିକୃତି ନାହିଁ, ଜଟିଳତା ନାହିଁ । ତାର ଯୌବନ ଦୁର୍ଦ୍ଦାନ୍ତ । କାମନାର ଉତ୍ତାପ ତାର ଶିରାରେ ଶିରାରେ । ଏ କଥା ଶଙ୍କରଠୁଁ ଆଉ ବେଶୀ କିଏ ଜାଣେ ? ଶଙ୍କର ଦେଖିଛି, ସବୁଥିରେ ମାନସୀର ଆଗ୍ରହ ଗୋଟାଏ ସୂକ୍ଷ୍ମ ଏବଂ ଶ୍ଳୀଳ ସୀମା ଭିତରେ ଆବଦ୍ଧ । ଏଇଟା ବୋଧହୁଏ ଭାରତୀୟ

Digitized by srujanika@gmail.com

ନାରୀର ବୈଶିଷ୍ଟ୍ୟ । ଏଇଠି ସୂଚିତ ହୋଇଛି ଭାରତୀୟ ସଂସ୍କୃତିର ସ୍ୱାତନ୍ତ୍ର୍ୟ । ପ୍ରବୃତ୍ତି ଔଚିତ୍ୟବୋଧ, ପ୍ରବୃତ୍ତି ସଂଯମର ସଙ୍କେତ ।

କାଲି ରାତିର କଥା ମନେପଡ଼ି ଶିର୍ ଶିର୍ କଲା ଶଙ୍କରର ଦେହ । ଯାହା ସେ ଖୋଜିଛି, ସବୁ ତାକୁ ଦେଇଛି ମାନସୀ ଅକୃପଣ ହୋଇ । ତଥାପି ତାର ଭିତରେ ସେ ତାର ଦୂରତ୍ୱ ରଖିଛି । ସେ ଯେ ସ୍ୱାମୀ, ଏ ଜ୍ଞାନ ସେ କେତେବେଳେ ହରେଇନି । କେତେବେଳେ ତ୍ୟାଗ କରିନି ତାର ସ୍ୱଭାବସୁଲଭ ଲଜ୍ଜା । ଅଥଚ ଶଙ୍କର ତାର ବ୍ୟବହାରରେ ଅସନ୍ତୁଷ୍ଟ ହେବାର କୌଣସି ଅବକାଶ ପାଇନି । ରତିରୁ ବିରତ ହେବା ପରେ, ସେ ସ୍ତ୍ରୀର କର୍ତ୍ତବ୍ୟବୋଧରେ ପୂର୍ଣ୍ଣପ୍ରାଣରେ ସ୍ୱାମୀର ପରିଚର୍ଯ୍ୟା କରିଛି ।

ଶଙ୍କର ଶୁଣିଲା ଗାଡ଼ି ବାହାରି ଯିବାର ଶବ୍ଦ । ସେ କଡ଼ ଲେଉଟାଇ ତକିଆ ତଳୁ ସିଗ୍ରେଟ କାଢ଼ି ଲଗେଇଲା । ନନ୍ଦ ପଶିଆସିଲା ଟ୍ରେ ଧରି ।

ବିଛଣାରେ ଉଠି ବସି, କୋଡ ଉପରେ ଟ୍ରେ ରଖି, ଚା ଖାଇନେଲା ଶଙ୍କର । ନନ୍ଦ ଟ୍ରେ ନେଇ ଚାଲିଗଲା । ଖଟରୁ ଓହ୍ଲେଇ, ଦେହରେ ଗାଉନ ଗଳେଇ ନେଇ ଆସି ଠିଆ ହେଲା ବାରନ୍ଦାରେ । ତା ଘର ଆଗ ରାସ୍ତାରେ ଦଶଟା ଗାଡ଼ି ଚାଲିଗଲା । ଦୂରରୁ ଭାସି ଆସୁଥାଏ ଟ୍ରାମ୍‌ର ଢ଼ଂ ଢ଼ଂ ଶବ୍ଦ, ବାସ୍‌ର ଘନ ଘର୍ଘର । ଗୋଟାଏ ପ୍ଲେନ ଉଡ଼ାଜାହାଜ ଉଠି ଆସିଲା ଦମ୍‌ଦମ୍‌ ଏୟାରପୋର୍ଟ ପାଖରୁ । ସକାଳର ଶାନ୍ତ ପରିବେଶ ତାର ପ୍ରଚଣ୍ଡ ଶବ୍ଦରେ ବିପର୍ଯ୍ୟସ୍ତ ହେଲା । ସୂର୍ଯ୍ୟକିରଣରେ ଚକ୍ ଚକ୍ କରୁଛି ତାର ରଜତପକ୍ଷ ।

ମାଳି ଆସି ନମସ୍କାର କରି ତା ହାତରେ ଧରେଇ ଦେଲା ଏକ ପ୍ରସ୍ଫୁଟିତ ରକ୍ତଗୋଲାପର ସ୍ତବକ । ଶିଶିରରେ ଓଦା ଏଇ ଫୁଲକୁ ନାକ ପାଖକୁ ନେଲା ଶଙ୍କର । ମନ ଖୁସି ହେଲା । ମାଳି ତା ଶୋଇବା ଘରେ ଫୁଲ ଦେଇଗଲା । ଶଙ୍କର ଫେରିଲା ଘର ଭିତରକୁ । ପୁଣି ସୁଗନ୍ଧ ନାକରେ ବାଜିଲା ତାରି । ଅନେଇ ଦେଖିଲା, ପ୍ରସାଧନୀ ଟେବୁଲର ଦୁଇ ପାଖରେ ଦୁଇଟି ପୋରସିଲେନ୍‌ର ଥାଳିଆରେ ସଜା ହୋଇଛି ଫୁଲ ।

ଫୋନ୍ ବାଜିଉଠିଲା କଳନାଦ କରି । ଲାଉଞ୍ଜକୁ ଆସି ରିସିଭର ଉଠେଇଲା, ଶତପଥୀ କହୁଛି । ଓ ଗାରନେଟ୍ ! କି ଖବର ? ଏତେ ସକାଳୁ ଉଠିଛ ତୁମେ ? ଗୁଡ୍ । ଏଁ, ହଁ ଆସିଛନ୍ତି । ମୋ ସ୍ତ୍ରୀ ତ ଆସିଛନ୍ତି, ଆହୁରି ଆସିଛନ୍ତି ଭାଇ, ଭଉଣୀ, ଭଣେଇ ଓ ତାଙ୍କର ଗୋଟିଏ ପୁଅ । ହଁ ଘର ଭର୍ତ୍ତି । ତୁମେ ଆସିବ ? ବେଶ୍ ତ । ନା, ଆଜି ନା ପ୍ଲିଜ୍ । କାଲି ବି ନା । ମୁଁ ଦୁଇ ଦିନ ବ୍ୟସ୍ତ ରହିବି ଏମାନଙ୍କ ପାଇଁ । କାଲି ସନ୍ଧ୍ୟାରେ ମୋର ଭାଇ ଓ ଭଣେଇ

Digitized by srujanika@gmail.com

ଫେରଯିବେ କଟକ । ତା ପରେ ପ୍ରଚୁର ଅବସର ମିଳିବ । ମୁଁ କହିବ ତୁମକୁ । ତା ପରେ ଆଉ କଣ ଖବର ? ହଁ, ଟିକିଏ ଅଣ୍ଡା ପଡ଼ୁଛି ଦୁଇ ଦିନ ହେଲା । ହଁ, ଏଇଟା ଶେଷ କାମୁଡ଼ା । ଚାଆଣ୍ଡ଼ଓ ଡ଼ିଆର୍ସ, ବାଇ ।'

ଉଇସ୍କିର ରଖି ଆଉ ଗୋଟାଏ ସିଗ୍ରେଟ ଲଗେଇ ଶାଧୁଆ ଘରକୁ ପଶିଲା ଶଙ୍କର । ଧୀରେ ପୁଛେ ନିତ୍ୟକର୍ମ ସାରି ଆସି ପୋଷାକ ପିନ୍ଧୁଛି ନନ୍ଦର କାଶ ଶୁଭିଲା ପର୍ଦ୍ଦା ସେ ପାଖରୁ ।'କଣ କରେ ନନ୍ଦ ?' ପଚାରିଲା ସେ ।

ପଶି ଆସିଲା ନନ୍ଦ ଘର ଭିତରକୁ । ମୁଣ୍ଡ କୁଣ୍ଡେଇ କହିବାକୁ ଯାଉଥିଲା 'ମା' । ତା ପରେ କାଶିଉଠି କହିଲା, 'ମେମ୍‌ସାହେବ କହିଯାଇଛନ୍ତି, ଆପଣଙ୍କୁ ବ୍ରେକ୍‌ଫାଷ୍ଟ ଦବାକୁ । ତାଙ୍କର ଆସିବାକୁ ଡେ଼ରି ହବ ।' ଶାର୍ଟର ବୋତାମ ଲଗଉ ଲଗଉ ମନା କଲା ଶଙ୍କର, 'ନା, ସେମାନେ ଆସନ୍ତୁ । ତୁ ବରଂ କଫି ଦେଇ ଯା ।'

ନନ୍ଦ ବାହାର ଆସିଲା ଘରୁ । ତଳକୁ ଯାଇ ଯଥାଶୀଘ୍ର କଫି କରି ଟ୍ରେ ଦେଇ ଆସିଲା ସାହେବକୁ ।

ଡ୍ରଇଂରୁମରେ ବସି ଖବରକାଗଜ ପଢୁଛି ଶଙ୍କର । କଫି ଶୋଷୁଛି ଧୀରେ ଧୀରେ । ବାହାରେ ଗାଡ଼ିର ଶବ୍ଦ ହେଲା । ଝରକା ବାଟେ ଅନେଇ ଦେଖିଲା, ତାର ବଉଇକ୍‌ଟା ଆସୁଛି । ଗାଡ଼ି ଠିଆ ହେଲା । କୋଳାହଳ କରି ଓହ୍ଲେଇ ପଡ଼ିଲେ ସମସ୍ତେ । ସିଡ଼ିରେ ଶବ୍ଦ କରି ଉଠି ଆସିଲେ । ପର୍ଦ୍ଦାର ଫାଙ୍କ ଭିତରେ ଶଙ୍କର ଦେଖିଲା ମାନସୀ ଆସୁଛି । ପର୍ଦ୍ଦା ଠେଲି ଘରକୁ ପଶିଲା ସେ । ସ୍ୱାମୀକୁ ଦେଖି ଟିକିଏ ହସିଲା । ପାଖକୁ ଆସି କହିଲା, 'ଯୋଡ଼ା ଖୋଲ ।'

ଶଙ୍କର ଯୋଡ଼ା ଖୋଲିଦେବାରୁ, ଗୋଟାଏ ଷ୍ଟ୍ରେଟ ପୁଟୁଳିରୁ ମନ୍ଦାରଫୁଲ ଓ ବେଲପତ୍ର କାଢ଼ି ସ୍ୱାମୀର କପାଳରେ ସ୍ପର୍ଶ କରି ରଖିଲା । ତା ପରେ କଣ ଗୋଟାଏ ଜିନିଷ ପାଟି ପାଖକୁ ନେଇ କହିଲା, 'ଖାଅ ଭୋଗ ।' ଆଁ କଲା ଶଙ୍କର । ମାନସୀ ଖୋଇଦେଲା ତାକୁ ।

ଆଲମାରି ଖୋଲି ସେଇ ଫୁଲ, ବେଲପତ୍ର ଓ ତା ବଟୁଆ ଭିତରେ ରଖିଦେଲା ମାନସୀ । ନନ୍ଦ ଟ୍ରେ ନବାକୁ ଆସିଲାରୁ ପଚାରିଲା ସ୍ୱାମୀକୁ, 'ବ୍ରେକ୍‌ଫାଷ୍ଟ ଖାଇଛ ?'

'ନା ।'

'କାହିଁକି ? ମୁଁ ଗଲାବେଳେ ନନ୍ଦକୁ ଆଉ ବବୁର୍ଚ୍ଚିକୁ କହି ଯାଇଥିଲି ।' ବାହାର ଯାଉଁ ଯାଉଁ ଠିଆ ହେଲା ନନ୍ଦ । କୁଣ୍ଠିତ ହୋଇ କହିଲା, 'ସାହେବ ମନା କଲେ । କହିଲେ ସମସ୍ତେ ଫେରିଲେ···'

Digitized by srujanika@gmail.com

'ତା ହେଲେ ତୁମେ ଯାଅ, ଟେବୁଲ ସଜାଅ ।' ଆଦେଶ ଦେଲା ମାନସୀ । ନନ୍ଦ ବାହାରିଗଲା ।

ଶଙ୍କର ଦେଖିଲା, ମାନସୀ କେମିତ ଗୃହିଣୀ ହୋଇଗଲାଣି । ବ୍ରେକ୍‌ଫାଷ୍ଟ ବା ଟେବୁଲ ସଜେଇବା କଥାଟା ସେ ଅନାୟାସରେ କହିଲା । ହସୁଥାଏ ଶଙ୍କର ମୁରୁକି ମୁରୁକି ସ୍ତ୍ରୀ ଆଡକୁ ଅନେଇ ।

ଆଗେଇ ଆସି ଠିଆ ହେଲା ମାନସୀ ତା ଆଗରେ । ପଚାରିଲା, 'ହସୁଛ ଯେ ?'

'ମେମ୍‌ସାହେବଙ୍କର ଜୟ ହେଉ । ସତରେ ତୁମେ ଅସାମାନ୍ୟା ।' ଦୁଇ ହାତରେ ସ୍ତ୍ରୀକୁ ପାଖକୁ ଟାଣି ଆଣିଲା ।

ବାହାରେ ଉମାର କଣ୍ଠସ୍ୱର । ମାନସୀ ଦୂରେଇଗଲା ।

ଉମା ପଶିଆସିଲା ହସି ହସି । ତା ହାତରେ ଗୋଟାଏ ପତ୍ରରେ ଲାଲ ଲାଲ କଣଗୁଡ଼ାଏ । ସେ ଭାଇନା ଆଡକୁ କଟାକ୍ଷ କରି ଭାଉଜ ପାଖକୁ ଯାଇ, ତାର କପାଳରେ, ସୀମନ୍ତରେ ସିନ୍ଦୂର ଦେଲା । ମାନସୀ ମଧ୍ୟ ପ୍ରତିଦାନ ଦେଲା ।

ଶଙ୍କର ପଚାରିଲା, 'ସ୍ୱେ କଣ ରେ ଉମି ?'

'ଠାକୁରାଣୀଙ୍କ ସିନ୍ଦୂର ଭାଇନା । ନୂଆବୋହୂର କପାଳରେ ସେ ସିନ୍ଦୂର ଅକ୍ଷୟ ହୋଇ ରହୁ ।'

'ଆଇ ସୀ ।' ଶଙ୍କରର କୌତୁକ ଉକ୍ତି ।

ହସି ହସି ଘରୁ ବାହାରି ଆସିଲେ ଭାଇ ଭଉଣୀ । ପଛରେ ମାନସୀ । ସେ ପାଖରୁ ଚନ୍ଦ୍ରଶେଖର ବାହାରିଲା ତା ଶୋଇବା ଘରୁ । ତଳୁ ରାଜା ଆଉ ଶମ୍ଭୁର ପାଟି ଶୁଭୁଛି । ସମସ୍ତେ ଖାଇବା ଘରକୁ ଗଲେ । ଟେବୁଲରେ ବସିଗଲେ ଏମାନେ । ଉମା ଓ ମାନସୀ ସଦ୍ୟକ୍ରୀତ ମିଷ୍ଟାନ୍ନ ଆଣି ଏମାନଙ୍କୁ ଦେଲେ । ତା ପରେ ହାଣ୍ଡିଗୁଡ଼ାକୁ ଉମା ଫ୍ରିଜ୍‌ରେ ରଖିଦେଲା । ବବୁର୍ଚ୍ଚି ବାଢ଼ି ଦେଇଗଲା ପ୍ରାତରାଶ ।

ନଟା ବେଳକୁ ଶଙ୍କର କାମକୁ ବାହାରିଗଲା ସାନ ଗାଡଟା ନେଇ । ବଡ଼ ଗାଡ଼ି ଓ ଡ୍ରାଇଭର ଏମାନଙ୍କ ବ୍ୟବହାର ପାଇଁ ରହିଲେ ।

ଚନ୍ଦ୍ରଶେଖର ଉମାକୁ କହିଲା, 'ରାଜା ଆଉ ଶମ୍ଭୁକୁ ନେଇ ମୁଁ ଟିକିଏ ବୁଲି ଆସୁଛି । ଜଣେ ବନ୍ଧୁ ମୋର ଅଛି ଏଠି ଯାଦବପୁରରେ ।'

'କିଏ ସେ ?'

Digitized by srujanika@gmail.com

ହସିଲା ଚନ୍ଦ୍ରଶେଖର, 'ସମନ୍ତଙ୍କୁ କଣ ତୁମେ ଚହ୍ନ ? ଏ ଲୋକଟି ବାଲେଶ୍ୱରର । ଆମ ସାଙ୍ଗରେ ଏଞ୍ଜିନିୟରିଂ ପାଶ୍ କରି ଜାରମେନି ଯାଇଥିଲା । ସେଠୁ ଫେରି ଆସି ଅଧ୍ୟାପନା କରୁଛି ଯାଦବପୁର ବିଶ୍ୱବିଦ୍ୟାଳୟରେ ।'

'ଓ' କହି ହସିଲା ଉମା । 'ଯୁଆଡ଼େ ଯିବ ଯାଅ । ବାରଟା ବେଳକୁ ଫେରିଲେ ହେଲା । ସମସ୍ତେ ଏଠି ଲଞ୍ଚ୍ ଖାଇବେ । ଡେରି କରିବନି ।'

ଚନ୍ଦ୍ରଶେଖର, ରାଜା ଓ ଶମ୍ଭୁକୁ ନେଇ ଚାଲିଗଲେ ।

ଉମା ଭାଉଜକୁ ଡାକିଲେ, 'ଆସ ନୂଆବୋହୂ । ବବୁର୍ଚି ଯାହା କରୁଛି କରୁ, ତୁମେ ଆଉ ମୁଁ ଆମ ଦେଶୀ ତରକାରି ରାନ୍ଧିବା । ନନ୍ଦକୁ କହିଥିଲି, ସେ କଣ ପରିବା କିଣି ଆଣିଛି । ଷ୍ଟୋଭ୍ ଜାଳୁଛି ସେ । ଚାଲ ସେଠିକି ।'

ଦୁଇ ସଖୀ ତରକାରି ରାନ୍ଧିବାକୁ ଚାଲିଗଲେ ।

ଆଠ

ହାଓଡ଼ା ଷ୍ଟେସନରେ ଚନ୍ଦ୍ରଶେଖର ଆଉ ଶମ୍ଭୁକୁ ପୁରୀ ଏକ୍ସପ୍ରେସରେ ଚଢେଇ ଦେଇ, ଉମା, ରାଜା ଓ ମାନସୀକୁ ନେଇ ଆସି ଗାଡ଼ିରେ ବସିଲେ ଶଙ୍କର । ଏଥର ଲୋକ କମ । ଆଗ ସିଟ୍‌ରେ ସମନ୍ତଙ୍କୁ ଜାଗା ହବ । ଉମା ଇଚ୍ଛାକରି ଭାଉଜକୁ ଠେଲିଲା ଆଗ । ମାନସୀ ଯାଇ ଶଙ୍କରର ନିକଟତମ ସ୍ଥାନରେ ବସିଲେ । ଉମା ବସିଲେ ଝରକା ପାଖକୁ ରାଜାକୁ ନେଇ ।

ଗଲାବେଳେ ଏମାନେ ଦେଖି ଦେଖି ଯାଇଥିଲେ, ଛବିଶ ଜାନୁଆରୀର ଅଲୋକ ସଜ୍ଜା । ହାଓଡ଼ା ପୋଲକୁ ଆଲୋକମାଳାରେ ସଜା ହୋଇଛି । ଦୂରରୁ ମନେ ହେଉଛି କାର୍ନିଭାଲ୍ । ନଈ ପାରେଇ ଶଙ୍କର ଗାଡ଼ି ପୁରେଇଲା ବଡ଼ବଜାର ଭିତରେ । କି ଭିଡ଼ ରାସ୍ତାରେ । ଧୀରେ, ଧୀରେ, ସାବଧାନତାର ସହିତ, ଗାଡ଼ି ଚଲଉଥାଏ ଶଙ୍କର । ଏମାନେ ଦେଖୁଥାନ୍ତି ସାଜସଜ୍ଜା । ଜାତୀୟ ପତାକାର ମାଳ ଗୁନ୍ଥି ଝୁଲେଇ ଦିଆ ହୋଇଛି ରାସ୍ତାର ଏପାଖରୁ ସେ ପାଖ । ପ୍ରତି ଦ୍ୱାରରେ ଆଲୋକମାଳା, ନାନା ବର୍ଣ୍ଣର, ନାନା ପ୍ରକାରର ।

ଚିତ୍ତରଞ୍ଜନ ଏଭିନ୍ୟୁରେ ପହଞ୍ଚି ଗାଡ଼ିକୁ ଡାହାଣକୁ ମୋଡ଼ିଲା ଶଙ୍କର । ବେଶ୍ ଚଉଡ଼ା ରାସ୍ତା, ଗାଡ଼ିର ଅବିଶ୍ରାନ୍ତ ସ୍ରୋତ ଚାଲିଛି ।

'ବାବା, କେତେ ଗାଡ଼ି !' କହି ଉଠିଲା ରାଜା ।

'ଦେଖୁଛତ ରାଜାସାହେବ ।' କଲିକତା ସହର ।

Digitized by srujanika@gmail.com

ଗୋଟାଏ ଜାଗାରେ ଗାଡ଼ି ଅଟକି ଗଲା । ଛକ ଜାଗା, ଲାଲ ଦିଶୁଛି ଆଲୁଅ, ଆଗରେ । ପକେଟରୁ ସିଗାରେଟ୍ କାଢ଼ି ଲଗେଇଲା ଶଙ୍କର । ମୁହଁ ବୁଲେଇ ସ୍ତ୍ରୀ ଓ ଭଉଣୀକୁ ଦେଖିନେଲା । ପଚାରିଲା 'କିଛି ଅସୁବିଧା ହଉଛି ବସିବାରେ ?'

'ନା ଭାଇନା,' ହସିଲା ଉମା । ଆଉଜି ବସିଲା । 'ତୁମ ଭଉଣୀଙ୍କୁ ପଚାର, ଯଦି କିଛି ଅସୁବିଧା ହଉଥିବ ତାଙ୍କର ?'

'ନା, ମୋର କିଛି ଅସୁବିଧା ହଉନି ।' ମାନସୀ ଉତ୍ତର ଦେଲା ।

'ଆରେ, ତୁମେ ଏତେ ଯାଗା ଛାଡ଼ିଛ କାହିଁକି ? ଘୁଞ୍ଚିଆସ ମୋ ପାଖକୁ ।' ସ୍ତ୍ରୀର କଟିବେଷ୍ଟନ କଲା ଶଙ୍କର ଡାହାଣ ହାତରେ । ମାନସୀ ଘୁଞ୍ଚିଗଲା ତା ପାଖକୁ । ଲାଲ ଆଲୁଅଟା ହଳଦିଆ ହୋଇ ସାଗୁଆ ହୋଇଗଲା । ଗାଡ଼ିର ସ୍ରୋତ ପୁଣି ଚାଲିଲା । ଏସପ୍ଲେନେଡ୍‌ରେ ପୁଣି ଡାହାଣକୁ ବୁଲେଇଲା ଶଙ୍କର ଗାଡ଼ିକୁ । ରାଜଭବନ କଡ଼ ଦେଇ ଗଲାବେଳେ ଦେଖିଲେ ସେଠିକାର ଆଲୋକସଜ୍ଜା । ତା'ପରେ ନଈ କୂଳେ କୂଳେ ଯାଇ ଅଟକିଲା ଆଉଟରାମ ଘାଟରେ ।

ଗାଡ଼ିରୁ ଓହ୍ଲେଇ ପଡ଼ି ଡାକିଲା ଶଙ୍କର, 'ସମସ୍ତେ ଆସ, ନଦୀର ଶୋଭା ଦେଖାଯାଉ ।'

ସମସ୍ତେ ଓହ୍ଲେଇଲାରୁ, ଗାଡ଼ିର କାଚ ଉଠେଇ ଚାବି ବନ୍ଦ କରି ଅନେଇଲା ଶଙ୍କର ଚାରି ଆଡ଼କୁ । ଆଜି କଲିକତାର ରାତି ଝଲମଲ କରୁଛି । ନଦୀ ସେ ପାଖରେ, ହାଓଡ଼ାର ଶିଳ୍ପାଞ୍ଚଳର ଆଲୋକମାଳା । ଏ ପାଖରେ ଇଡ଼େନ୍ ବଗିଚା, ଚୌରଙ୍ଗୀ ।

ରାଜାର ହାତଧରି ଜେଟିକୁ ଓହ୍ଲେଇଲା ଶଙ୍କର । ଉମା ଓ ମାନସୀ ପଛେ ପଛେ ଆସୁଥାନ୍ତି । ଜେଟିରେ ଠିଆ ହେଲେ ସମସ୍ତେ । ତଳେ ହୁଗୁଳି ନଦୀ ବୋହି ଯାଉଛି । ଅଦୂରରେ ଗୋଟାକେତେ ଜାହାଜ ମଝି ନଈରେ ଅପେକ୍ଷା କରିଛନ୍ତି । ସେଠି ବି ଉତ୍ସବ ଚାଲିଛି ।

'ସେଗୁଡ଼ା କଣ ସାହେବ ମାମୁଁ ?' ରାଜା ପଚାରିଲା ।

'ଜାହାଜ, ରାଜାସାହେବ । ପାଣିରେ ଚାଲେ ସେଗୁଡ଼ା । ସାତ ସମୁଦ୍ର ତେର ନଈ ପାରି ହୋଇ ଆସିଛନ୍ତି ସେମାନେ ଆମ ଦେଶକୁ ବଣିଜ ନେଇ ।'

'ଆମେ ଚଢ଼ିପାରିବା ସେଥିରେ ?' ପୁଣି ପଚାରିଲା ରାଜା ।

Digitized by srujanika@gmail.com

'ହଁ । କନ୍ତୁ ଏଇକ୍ଷିଣି ଚଢ଼ିହବନ । ସେମାନେ ମହି ନଇରେ ଅଛନ୍ତି । କୂଳକୁ ଆସିଲେ ଚଢିବ ।'

'କୂଳକୁ କେବେ ଆସିବ ?'

'ଏଇ କାଲି ପହରଦନ ।'

'ସେତେବେଳେ ଆମେ ଚଢ଼ିପାରିବା ?'

'ହଁ, ମୁଁ ଭୁଝେଁ । ଦନେ ଆସିବା ଏଠିକ ଜାହାଜ ଚଢ଼ିବାକୁ ।'

'ତାପରେ ସେ ଜାହାଜ ସାତସମୁଦ୍ର ତେର ନଈ ପାରେଇ ଗ୍ଲଯିବ ତା ଦେଶକୁ ?'

'ଯିବାର ତ କଥା ।'

'ଆମେ ବି ଗ୍ଲଯିବା ସେଥିରେ ?'

ହସିଲା ଶଙ୍କର । ବୁଝିଲା ରଜା ଜାଣେ ତା ବାପର ଓ ମାମୁର ଜାହାଜରେ ବିଦେଶ ଯାତ୍ରାର ଗପ । କହିଲା, 'କଣ ଆଉ କରିବା ?'

ଉମା ଆଉ ମାନସୀ ଆଡ଼କୁ ବୁଲିଲା ଶଙ୍କର, 'ଏଇ ଆଉଟ୍‌ରାମ୍ ଘାଟରୁ ମୁଁ ୧୯୪୨ ସାଲରେ ଏମିତ ଏକ ଶୀତ ରାତରେ, ଗୋଟାଏ ବାର୍ଜ ଚଢି ପଳେଇଥିଲି ସୁଇଡ଼େନ୍‌କୁ । ୧୯୪୨ ରୁ ୧୯୫୩ ଏଗାର ବର୍ଷ ହେଲା । ରୁ ତ ସେ ଗପ ଶୁଣିଛୁ ଉମି ।'

'ହଁ ଭାଇନା,' ଶଙ୍କରର ପାଖକୁ ଆସିଲା ସେ ।

'ମାନସୀ କନ୍ତୁ ଶୁଣିନ ।'

'ତୁମେ ତାଙ୍କୁ କହିନ ? ମୁଁ ଭାବିଥିଲି……'

'ସମୟ କେତେବେଳେ ହେଲାରେ ? ଅଷ୍ଟମଙ୍ଗଳା ପରଦନ ତ ମୁଁ ଗ୍ଲଲ ଆସିଲି କଲିକତା । ତାକୁ ପାଇଛୁ କାହିଁ ଯେ କହିବ ।'

ଶଙ୍କର ଗୋଟାଏ ହାତ ଉମା କାନ୍ଧରେ ଓ ଅନ୍ୟ ହାତଟା ମାନସୀ କାନ୍ଧରେ ରଖି ଠିଆ ହେଲା । ଭାସି ଉଠିଲା ତା ଆଖି ଆଗରେ ଗ୍ରମଏକବଲ୍ ଚୌବେର ମୁହଁ । ତାର କପ୍ତାନ ସେଇ କେରଲୀ ଟମାସ୍‌ର ମୁହଁ, ଅନ୍ୟର ଅନେକଙ୍କର ମୁହଁ । ସମୟର ଶିହଲୀ ପଡ଼ ଆବଗ୍ଛ ହୋଇ ଗଲାଣି ସେଗୁଡ଼ା । ଚୁପ୍‌ଚାପ୍ ହୋଇ ଠିଆ ହୋଇ ରହିଲେ ସେମାନେ ସେଠି ଦୁଇ ତନ ମିନଟ୍ । ସେଇ ନୀରବତା ଭିତରେ ଶଙ୍କରର ମନେ ହେଲା, କଏ ଯିମିତ 'ଦ୍ୱମତଶତ ମାନସ' ପଢୁଛୁ । ଚଞ୍ଚଳ ହୋଇ ଉଠିଲା ସେ । ସ୍ତ୍ରୀ ଓ ଭଉଣୀ କାନ୍ଧରୁ ହାତ

Digitized by srujanika@gmail.com

ଟାଣି ନେଇ, ସେ ସେଇ ଶବ୍ଦ ଅନୁସରଣ କରି ଆସି ଠିଆହେଲା କେବିନ୍‌ର ଶେଷରେ । ତା ପଛେପଛେ ଏମାନେ ଆସୁଥାନ୍ତି । ଗୋଟାଏ ବିଣର ତଥାର ଗ୍ରେଟ ବଖରାରେ ଆଲୁଅ ଜଳୁଛି । ତଳେ ବସି ଯୁବକଟିଏ ତୁଳସୀଦାସ ପଢ଼ୁଛି । ଅଦୂରରେ ଦଉଡ଼ିଆ ଖଟ ଉପରେ ଅନ୍ୟ ଜଣେ ଘୋଡ଼ଘାଡ଼ ହୋଇ ଶୋଇଛି । ଶଙ୍କର ଓ ତା' ପଛରେ ମାନସୀ, ଉମା ଓ ରାଜାକୁ ଦେଖି, ପଢ଼ା ବନ୍ଦ କରି, ସେଇ ଯୁବକଟି ଅନେଇଲା ଏମାନଙ୍କୁ । ହିନ୍ଦିରେ ପଚାରିଲା, 'କାହାକୁ ଖୋଜୁଛନ୍ତି ?'

ସେମିତ ହିନ୍ଦିରେ ଜବାବ ଦେଲା ଶଙ୍କର, 'ବିଶେଷ ସେମିତ କାହାରିକୁ ନୁହେଁ । ତୁମ ନାଁ କଣ ?'

'ରାମେଶ୍ୱର ଚୌବେ ।'

ଚୌବେ ! ଚମକି ପଡ଼ିଲା ଶଙ୍କର । ପଚାରିଲା ତାକୁ, 'ତୁମେ ଆରା ଜିଲ୍ଲାର ଏ ରାମଏକବାଲ ଚୌବେଙ୍କୁ ଚିହ୍ନ ? ମେଟ୍ ଥିଲା ସେ, ପେନନ୍‌ସୁଲାର ଶିପିଂ କମ୍ପାନିରେ ?'

ଏଥର ଖଟରେ ଶୋଇଥିବା ଯୁବକଟି ଉଠି ବସିଲା । କହିଲା, 'ମେରେ ପିତାଜୀ ।'

ଉତ୍ସୁକ ଶଙ୍କର ଅନେଇଲା ତାକୁ ଭଲକରି, 'ତୁମେ ରାମଏକବାଲ ଚୌବେର ପୁଅ ?'

'ଜୀ ସରକାର ।'

'ଆଉ ଏ ?' ଦେଖେଇ ଦେଲା ଶଙ୍କର ବସିଥିବା ଯୁବକକୁ ।

'ମେରେ ଭାଇ । ଉନକା ଭାଇ ।'

'ଚୌବେଜୀ ବଞ୍ଚିଛନ୍ତି ?'

'ଜୀ ସରକାର ।'

'କେଉଁଠି ଅଛନ୍ତି ସେ ?'

'ଏଇ କଲିକତାରେ । ହାଁସପାତାଲ ମେଁ ।'

'କଣ ହୋଇଛି ତାଙ୍କର ?'

'ମାଲୁମ୍ ନେହିଁ ।' କହିଲା ଯୁବକଟି । ତା'ର ପିତା ଗଲା ଦୁଇ ମାସ ହେଲା ହାଁସପାତାଲରେ ଅଛନ୍ତି । ପିସାବ କଲାବେଳେ ତାଙ୍କର ଭାରି କଷ୍ଟ ହେଉଛି । ଡାକ୍ତର କହୁଛନ୍ତି, ଅସ୍ତ୍ରୋପଚାର କରିବାକୁ ହେବ । ଫି ପଡ଼ିବ, 'ଦୋଶୋ ରୁପିଆ ।' ପୁଅ କାମ କରୁଛି ଜେଟିରେ । ଯାହା ମଜୁରି ପାଏ, ଦୁଇଟି ପେଟ ପୋଷି, ଅତି ଅଳ୍ପ ଉଦ୍‌ବୃତ୍ତ ହୁଏ । ସେଥିରେ ତ ବାପର 'ଦବାଇ'ର

Digitized by srujanika@gmail.com

ଦାମ ଅଛି, ଫଲର ଦାମ ଅଛି । ତଥାପି ସେ 'ପଚିଶ ରୁପିଆ' ରଖିଛି । ଆଉ 'ଦେଢ଼ଶୋ ରୁପିଆ' ହେଲେ ବାପର ଅସ୍ତ୍ରୋପଚାର ହେବ ।

ଅସହାୟ ହୋଇ ପଚାରିଲା ଶଙ୍କର, କଉଁ ଡାକ୍ତରଖାନାରେ ତା ବାପ ଅଛି ? ସେ ପ୍ରେସକ୍ରିପସନ୍ ଆଣି ଦେଖେଇଲା । ଶଙ୍କର ବୁଝିଲା । ସ୍ତ୍ରୀକୁ ମାଗିଲା, 'ମୋତେ ଦୁଇଶ ଟଙ୍କା ଦେଅ ?'

ମାନସୀ ତା ବଟୁଆ ବଢ଼େଇ ଦେଲା ସ୍ୱାମୀ ହାତକୁ । ଦୁଇଖଣ୍ଡ ନୋଟ କାଢ଼ି ସେଇ ଯୁବକକୁ ଦେଲା ଶଙ୍କର, 'ଆଜି ଏତେ ରାତିରେ ତ ଯାଇ ପାରିବନି ଡାକ୍ତରଖାନା । କାଲି ସକାଳୁ ଯାଇ ଜମା କରିଦେବ ଟଙ୍କା । ଆଉ ଶୁଣ ?' ପକେଟରୁ ନିଜର କାର୍ଡ଼ କାଢ଼ି ଦେଲା ସେ ଯୁବକକୁ । ତାକୁ ନିର୍ଦ୍ଦେଶ ଦେଲା କାଲି ଘରଟାବେଳେ ସେ ଯେମିତି ତାକୁ ଦେଖାକରେ ସେଇ ଠିକଣାରେ । ମାନସୀ ଆଉ ଉମା ଦେଖିଲେ, ଶଙ୍କରର ଆଖିଦିଟା ଚକ୍ ଚକ୍ କରୁଛି ।

'କିଏ ଏ ଲୋକଟା ?' ଫେରିବା ପଥରେ ପଚାରିଲା ଉମା ।

'ଚୌଦ୍ୱାରରେ ଥିଲି, ସେ ମୋତେ ନେଇ ଯାଇଥିଲେ ଇଉରୋପକୁ । ମୋତେ ମାସ ମାସ ଧରି ହାତରେ ରାନ୍ଧି ଖୁଆଇଥିଲେ । ବାପ ପରି ସବୁ ବିପଦ ଆପଦରୁ ରକ୍ଷା କରିଥିଲେ ।'

'ସେ କାହିଁଛନ୍ତି ?'

'ହଁ, ଏଇଠି ଡାକ୍ତରଖାନାରେ ପଡ଼ିଛନ୍ତି । ଅପରେସନ୍ ହବ । ଦୁଇଶ ଟଙ୍କା ତାଙ୍କ ପୁଅ ଯୋଗାଡ଼ କରିବା ପାଇଁ ଅପେକ୍ଷା କରିଛନ୍ତି ।'

'ଓ, ସେଇଥିଲାଗି ତୁମେ ଟଙ୍କା ଦେଲ ?'

'ହଁ ।'

'ତାଙ୍କୁ ଦେଖିବାକୁ ଯିବନି ?'

'ନିଶ୍ଚୟ ଯିବ । କାଲି ସନ୍ଧ୍ୟାବେଳକୁ ଯିବ ।'

'ଆମକୁ ସାଙ୍ଗରେ ନେବନି ?'

ଠିଆ ହୋଇଗଲା ଶଙ୍କର । ପଛକୁ ବୁଲିପଡ଼ି ପଚାରିଲା, 'ତୁମେ ଯିବ ତାଙ୍କୁ ଦେଖିବାକୁ ?'

'ସେ ତୁମର ଏତେ କରିଛନ୍ତି ବୋଲି କହୁଛ । ମୋର ତ ତାଙ୍କୁ ଦେଖିବାକୁ ଭାରି ମନ ହେଉଛି । କଣ କହୁଛ ନୂଆବୋଉ ?'

'ଆମେ ବି ଯିବୁ କାଲି ତୁମ ସାଙ୍ଗରେ ।' ମାନସୀ କହିଲା ।

Digitized by srujanika@gmail.com

'ଘୁଏଲ୍ !' ଖୁସିରେ କହିଲା ଶଙ୍କର ।

ସ୍ଟବ ଖୋଲି ଗାଡ଼ିରେ ବସିଲେ ସମସ୍ତେ । ସେଇ ଯୁବକ ଦୁଇଟି କେତେବେଳେ ଆସି ଗାଡ଼ି ପାଖରେ ଠିଆ ହୋଇଛନ୍ତି, କାହାର ନଜର ପଡ଼ି ନ ଥିଲା । ଅନ୍ଧାରରେ ସେମାନଙ୍କୁ ଦେଖି ପଚାରିଲା ଶଙ୍କର, 'କୌନ ହେ ?'

'ମୈ ଦୀନଦୟାଲ ହଜୁର ।'

'କାଲ ମେରେ ସାଥ ମୁଲାକାତ କରୋ । ସ୍ଟର ବଜେ ।'

'ଜୀ ହଜୁର ।'

ଗାଡ଼ି ଷ୍ଟାର୍ଟ କଲା ଶଙ୍କର । ଯୁବକ ଦୁଇଟି ସଲାମ ଦେଲେ ।

ନଅ

ଠିକ୍ ସ୍ଟରଟାବେଳେ ଦୀନଦୟାଲ ପହଞ୍ଚିଲା ଇଣ୍ଡିଆନ୍ କେମିକେଲସର ଅଫିସରେ । ଦରୱାନକୁ ଶଙ୍କରର କାର୍ଡ଼ ଦେଲା । ଦରୱାନ ବିହାରୀ, କିନ୍ତୁ ସେ ବିଶ୍ୱାସ କଲାନି ତାର ବଡ଼ସାହେବ ସାଙ୍ଗରେ ଏ ଟୋକାର ପରିଚୟର ଗପଟା । ଅସମ୍ଭବ, 'ଶାଟପାଟି ସାବ କିଏ ରୁ ଜାଣୁ ?' ପଚାରିଲା ସେ କଇଥିରେ । ମନାକଲା ଦୀନଦୟାଲ । 'ଲେକେନ୍,' କହିଲା ସେ ତା ଭାଷାରେ, ତାଙ୍କ ସାଙ୍ଗରେ ଦୁଇଜଣ ସ୍ତ୍ରୀଲୋକ ଓ ଗୋଟିଏ ବାଳକ ଥିଲେ । ଆହୁରି କହିଲା ସେ, ଏଇ ବଡ଼ ଗାଡ଼ିଟାରେ ସେ ଚଢ଼ିଥିଲେ ।

ଶଙ୍କରର ଖାସ ଚପରାସି କ କାମରେ ତଳକୁ ଆସିଥିଲା । ତାକୁ ଡାକିଲା ଦରୱାନ । ସବୁକଥା ଶୁଣିଲା ସେ । କାର୍ଡ଼ ଦେଖି ଚହଲିଲା । ତା ପରେ ଦୀନଦୟାଲକୁ ନେଇ ଉଠିଲା ସେ ଉପରତାଲାକୁ । ତାକୁ ବାହାରେ ଠିଆ କରି, କବାଟର କାଚ ଭିତରେ ଦେଖିଲା ସାହେବ କଣ କରୁଛନ୍ତି ? ଆଉ କିଏ ଅଛି ଭିତରେ ? କେହି ନାହିଁ ।

ସନ୍ତର୍ପଣରେ କବାଟ ଖୋଲି ପଶିଲା ସେ ଭିତରକୁ । ଦୀନଦୟାଲ ଦେହରେ ବାଜିଲା ଝଲକାଏ ଥଣ୍ଡାପବନ । ସେ ବି କାଚ ଭିତର ଦେଇ ଅନେଇଲା । ବିରାଟ କୋଠରି, ତଳେ ଗାଲିଚ୍ଛ ବିଛା ହୋଇଛି । ଘର ମଝିରେ ଉଜ୍ଜ୍ୱଳ ଆଲୋକରେ ବସିଛି କାଲିକାର ସେଇ ସାହେବ । ମୁହଁ, କପାଳ ଚକଚକ କରୁଛି । ଚଉକିରେ ଆଉଜି ବସି କଣ କହି ଯାଉଛି । ଗୋଟାଏ ଝିଅ ବସି ଲେଖୁଛି । ସାହେବ କଥା ବନ୍ଦ କଲା । ଝିଅଟି ଉଠିଗଲା । ଏଇ ଅବସରରେ ଚପରାସି ଆଗେଇ ଯାଇ ଅବନତ ହୋଇ ବଢ଼େଇ ଦେଲା ସେଇ କାର୍ଡ଼ ।

Digitized by srujanika@gmail.com

ସାହେବ ଚପରାସିକୁ କଣ ପଚାରିଲେ । ଚପରାସି ମୁଣ୍ଡ ହଲେଇଲା । ତାପରେ ତରତର ହୋଇ ଦୁଆର ଆଡ଼କୁ ଆସିଲା ।

ଦୁଆର ଖୋଲି ଡାକିଲା ତାକୁ, 'ଅନ୍ଦର ଆଓ' ।

ଦୀନଦୟାଲ ପଶିଲା ଘର ଭିତରକୁ । ଶଙ୍କର ତାକୁ ପାଖକୁ ଡାକିଲା । ପଚାରିଲା, ଟଙ୍କା ଡାକ୍ତରଖାନାରେ ଜମା ହୋଇଛି କି ନାହିଁ ? ଦୀନଦୟାଲ ହଁ କଲା । କହିଲା, ତା ବାପ ଯେତେବେଳେ ସେଇ କାର୍ଡରୁ ସାହେବଙ୍କର ଖରଚରେ ପାଇଲା, କାନ୍ଦ କାଟି ଅସ୍ଥିର ହେଲା । 'ସେ ଆପଣଙ୍କୁ ଦେଖିବାକୁ ଖୋଜୁଛି ହଜୁର ।'

ଶଙ୍କର ତାକୁ ଆଶ୍ୱାସନା ଦେଇ କହିଲା ସେ ପାଞ୍ଚଟା ବେଳକୁ ଯିବ । ତାର ସେକ୍ରେଟାରୀକୁ କହିଲା ଦୀନଦୟାଲକୁ ଦଶଟା ଟଙ୍କା ଦବାକୁ ।

ଦୀନଦୟାଲ ଆଭୂମି ଅବନତ ହୋଇ ସଲାମ କରି ବାହାରି ଆସିଲା ଘରୁ । ପଚାରିଲା ସେ ଚପରାସିକୁ, ଏ ସାହେବ କିଏ ?

'ବଡ଼ା ସାବ ।'

'କିତନା ବଡ଼ା ?'

'ଦଶହଜାର ରୁପିଆ ତନଖା ।'

ସ୍ୱାପରେ ଆଉ କିଛି ପଚାରିବାର ନଥିଲା ଦୀନଦୟାଲର । ସେ ତଳକୁ ଆସି ଗୋଟାଏ ରିକ୍ସା ଡାକି ଚଢ଼ି ବସି ଡାକ୍ତରଖାନାର ଠିକଣା ଦେଲା ତାକୁ ।

ସାଢ଼େ ପାଞ୍ଚଟା ବେଳକୁ ବସପିଲ ଗଡରେ ପ୍ରବେଶ କଲା ଶଙ୍କରର ଗାଡ଼ି ଡାକ୍ତରଖାନା ହତା ଭିତରକୁ । ଦରଓ୍ୱାନକୁ ପଚାରିଲା ସର୍ଜିକେଲ ଓ୍ୱାର୍ଡ୍ କେଉଁପଟେ ? ସେଇ ଆଡ଼କୁ ନେଇଗଲା ଗାଡ଼ି । ଜଣେ ନାର୍ସକୁ ପଚାରିଲା ଚୌବେଙ୍କର ବେଡ୍ ନମ୍ବର । ସେ ବତେଇ ଦେଲା କେଉଁଠି ଖବର ମିଳିବ । ଓହ୍ଲେଇ ପଡ଼ିଲେ ସମସ୍ତେ ଗାଡ଼ିରୁ । ଦୀନଦୟାଲ ଆସି ସଲାମ ଦେଲା । ତାର ଅନୁସରଣ କଲେ ଏମାନେ ।

ଚୌବେଜୀ ଖଟରେ ବସିଛନ୍ତି । ଅସୁସ୍ଥତା ହେତୁ ରକ୍ତଶୂନ୍ୟ ଦିଶୁଛି ମୁହଁ । ନହେଲେ ସେମିତି ବଳିଷ୍ଠ ଚେହେରା । ମୁଣ୍ଡର ବାଳ ଗ୍ରେଟ ଗ୍ରେଟ କରି କଟା ହୋଇଛି । ଶଙ୍କରକୁ ଚିହ୍ନି ପାରିଲେନି । ଏମାନଙ୍କୁ ଦେଖି ଖଟରୁ ଓହ୍ଲେଇ ପଡ଼ି ଠିଆ ହେଲେ ।

ଶଙ୍କର କହିଲା, 'ମୋତେ ଚିହ୍ନି ପାରୁନ ଚୌବେଜୀ ? ମୁଁ ଶଙ୍କର ।' କୁଣ୍ଢେଇ ପକେଇଲେ ସେ ଶଙ୍କରକୁ, 'ମେରେ ବେଟା ମେରେ ଲାଲ ।' ଦୁଇ

Digitized by srujanika@gmail.com

ଆଖିରୁ ବୋହିଗଲା ଲୋତକ ଧାର । 'ତୁ ଏତ୍ତବଡ଼ା ହୋଗିଆ । ବଡ଼ଲାଟଠୁ ବେଶୀ ଦରମା ପାଉଛୁ ତୁ ?'

ହସିଲା ଶଙ୍କର । ପରିଚୟ କରିଦେଲି, 'ଏ ମୋର ସାନ ଭଉଣୀ ଉମା, ସେ ମୋର ସ୍ତ୍ରୀ ମାନସୀ, ଆଉ ଏ ମୋର ଉଡ଼ଜା ରଜା ।' ଉମା ଆଉ ମାନସୀ ନମସ୍କାର କଲେ । ବୃଢ଼ା ଆଶୀର୍ବାଦ କଲେ ଅଶ୍ରୁପୂର୍ଣ୍ଣ ଆଖିରେ । ଫଳ ଆଣିଥିଲେ ଏମାନେ, ମିଠା ଆଣିଥିଲେ, ଦେଲେ । ଘରଆଡ଼କୁ ଘୂରିଲା ଶଙ୍କର । ଭାରତୀୟ ସେବାସଦନ । ତୁଳନା କଲି ସେ ଜାରମେନି ଓ ଏମେରିକାର ସେବା-ସଦନ ସାଙ୍ଗରେ । ଅସ୍ତ୍ରୋପଚାର ହେବ । ଏଇ ଅପରିଷ୍କାର ପରିବେଶରେ ରହିବ ରୋଗୀ ? ସଂକ୍ରମଣର ସମ୍ଭାବନା ଘରଆଡ଼େ । ଏଠି ରଖିବା ମୋଟେ ନିରାପଦ ନୁହେଁ । ବେଡ୍‌ହେଡ୍ ଟିକଟ ଦେଖିଲି ଶଙ୍କର । ମୂତ୍ରାଶୟରେ ରୋଗ । ସନ୍ଦେହ କଲା କର୍କଟ ମଧ୍ୟ ହୋଇପାରେ । ଯାହା କରିବାକୁ ହବ ଶୀଘ୍ର । ସେ ଦୀନଦୟାଳକୁ ଡାକନେଲି ପିଣ୍ଡାକୁ । ତାକୁ ଡାକ୍ତର ପାଖକୁ ନେଇ ଯିବାକୁ କହିଲା । ମାନସୀ ଓ ଉମାକୁ ଅପେକ୍ଷା କରିବାକୁ କହି ସେ ଦୀନଦୟାଳ ସାଙ୍ଗରେ ଚାଲିଗଲି ।

ଜଣେ ଯୁବକ ଡାକ୍ତର ବସିଛି । ଶଙ୍କରକୁ ଦେଖି ଆସନ ଦେଲି । ଶଙ୍କର ପଚାରିଲା—'ଚୌବେର ରୋଗଟା କଣ ?' ଯୁବକଟି କେଶ୍ ହିଷ୍ଟ୍ରି ଦେଖି କହିଲା—'ମୂତ୍ରାଶୟରେ କର୍କଟ ରୋଗ ଆରମ୍ଭ ହୋଇଛି । ତାକୁ ପେଶ ଦିଆ ହୋଇଛି ଘରପଟୁ । ରୋଗକୁ ସଙ୍କୋଚନ କରାଯାଇଛି । ଆଜି ତା ପୁଅ ଟଙ୍କା ଜମା କରିଛି । ତିନି ଦିନ ପରେ ଅସ୍ତ୍ରୋପଚାର ହେବ ।'

'କିଏ କରିବେ ?'

'କଲେଜର ସହକାରୀ ଅଧ୍ୟାପକ ।'

'ଏଇଭଳି ଅପାରେସନ୍ ପାଇଁ ସେ କଲେଜର ସବୁଠୁଁ ଭଲ ସାର୍ଜନ କିଏ ?'—ପଚାରିଲା ଶଙ୍କର ।

'ପ୍ରଫେସର ମୈତ୍ର । ତାଙ୍କର ଫି କମ୍ସ ପାଞ୍ଚଶ ଟଙ୍କା ।'

ପକେଟରୁ ଭଆଲେଟ୍ କାଢ଼ିଲା ଶଙ୍କର । ଟଙ୍କା କାଢ଼ି ଟେବୁଲରେ ରଖିଲା । ଡାକ୍ତର କହିଲା—'ମୁଁ ଟଙ୍କା ନେଇ ପାରିବନି । ଆପଣ କାଉଣ୍ଟରରେ ଜମା ଦିଅନ୍ତୁ ।'

'ଚୌବେଙ୍କ ପାଇଁ କେବିନ୍ ବ୍ୟବସ୍ଥା କରିଦିଅ ।'

'କେବିନ୍ କଣ ପାଇବେ ? ସବୁ ତ ଭର୍ତ୍ତି । ସ୍ପେଶାଲ୍ କେବିନ୍ ମିଳି-ପାରେ । ଭଡ଼ା ସାଧାରଣ କେବିନ୍‌ର ଦୁଇ ଗୁଣ ।'

Digitized by srujanika@gmail.com

'ତୁମେ ମୋତେ ସାହାଯ୍ୟ କରିପାରିବ ? କେଉଁଠି କଣ ବ୍ୟବସ୍ଥା କରିବାକୁ ହେବ ।'

ଘଡ଼ି ଦେଖିଲା ଡାକ୍ତର । 'ମୋର କାମ ସରିଲାଣି । ଆପଣ ରୋଗୀ ପାଖରେ ଥାନ୍ତୁ, ମୁଁ ଦଶ ମିନଟ୍ ଭିତରେ ଆପଣଙ୍କ ସାଙ୍ଗରେ ଦେଖା କରିବି ।'

ଖୁସି ହୋଇ ଫେରି ଆସିଲା ଶଙ୍କର । ଚୌବେଜୀ ଗପୁଛନ୍ତି ଉମା ଓ ମାନସୀ ସାଙ୍ଗରେ । ତାର କଥା ସେମାନଙ୍କୁ କହୁଥାନ୍ତି । 'କେଡ଼େ ଲୋକର ପୁଅ । ସେ ଯେ ଘରୁ ପଳେଇ ଆସିଥିଲା, ମୁଁ ସନ୍ଦେହ କରିଥିଲି ।' ମାନସୀ ତାଙ୍କୁ କମଳା ଛଡ଼େଇ ଖାଇବାକୁ ଦେଉଛି । ଶଙ୍କରକୁ ଦେଖି ହସିଉଠି କହିଲେ ଚୌବେଜୀ, 'ଦେଖ ବେଟା, ଏ ଦୋ ମାଯ୍ଜୀ ମେରେ ଦିଲ୍‌କୁ ଖୁସ୍ କର୍‌ଦିଆ । ଉମା ଅଉର୍ ମାନସୀ, ଦୋନୋ ମେରି ମାତାଏଁ । କହ୍ନା ଆନନ୍ଦ ହୁଆ ଦେଖ୍‌କେ, ଶୁନ୍‌କେ ।'

ଶଙ୍କର କହିଲା, 'ତୁମକୁ ଏଠୁ ଉଠିବାକୁ ହବ ଚୌବେଜୀ ।'

'କାହାଁ ଯାଏଙ୍ଗେ ବେଟା ?'

'କେବିନ୍‌କୁ । ଏ ଗହଳରେ ରହିଲେ ଦେହ ଭଲ ହେବାକୁ ଡେରି ହେବ ।'

'କେବିନ୍ କୋନ୍‌ସା ?'

'ବ୍ୟବସ୍ଥା କରୁଛି ମୁଁ । ତୁମେ ସେଠି ରହିବ । ଦୀନଦୟାଲ ତୁମ ପାଖରେ ରହି ସେବା ଶୁଶ୍ରୂଷା କରିବ ।'

ଡାକ୍ତର ଆସିଲାରୁ ତାକୁ କହିଲା ଶଙ୍କର, 'ତୁମେ ରୋଗୀକୁ ପରୀକ୍ଷା କରି ଫି ପାଇବ ।'

ହସିଲା ଡାକ୍ତର । କହିଲା, ସେ ଷ୍ଟାଫ୍ ସାର୍ଜନ ।

'ଠିକ୍ ଅଛି । ତଥାପି ତୁମେ ତାଙ୍କୁ ଦେଖ ଥରେ ।'

ପରୀକ୍ଷା କଲା ଡାକ୍ତର । ହୃଦ୍‌ଯନ୍ତ୍ରରେ କିଛି ଗୋଳମାଳ ନାହିଁ । ଶଙ୍କରକୁ ନେଇଗଲା ସେ ଅଫିସକୁ । କେବିନ୍ ବ୍ୟବସ୍ଥା ହେଲା, ନାର୍ସ ଠିକ୍ ହେଲା, ଶଲ୍ୟାଗୃହଙ୍କ ପାରିଶ୍ରମିକ ଜମା ହେଲା । ଡାକ୍ତରକୁ ଧନ୍ୟବାଦ ଦେଲା ଶଙ୍କର । କହିଲା—ଏ ରୋଗୀ ଥିବାଯାକେ ସେ ତା ପାଖକୁ ପ୍ରତ୍ୟହ ରିପୋର୍ଟ ପଠେଇବ । ପ୍ରତିଦିନ ପାଇବ ଗୋଟାଏ ଫି । ଦଶ ଦିନର ଫି ଅଗ୍ରୀମ ଦେଲା ଶଙ୍କର । ଅଧଘଣ୍ଟାକ ଭିତରେ ଚୌବେଜୀକୁ କେବିନ୍‌ର ନରମ ବିଛଣାରେ ଶୋଇ, ନାର୍ସକୁ ସବୁ ଦାୟିତ୍ୱ ଦେଇ ଯେତେବେଳେ ବିଦାୟ ମାଗିଲା ଶଙ୍କର, ଚୌବେଜୀ କାନ୍ଦିଲେ । ଶଙ୍କର ଆଶ୍ୱାସ ଦେଲା, ମଝିରେ ମଝିରେ ଆସିବ ସେ ।

Digitized by srujanika@gmail.com

ଉମା ଓ ମାନସୀ ମଧ୍ୟ ଆସିବେ । ଗାଡ଼ି ପାଖକୁ ଆସି ପାନଦୋକାନକୁ ନିର୍ଦ୍ଦେଶ ଦେଲା ଶଙ୍କର, ସେ ଯେମିତି ବାପ ପାଖ ଗୁଡ଼ି କୁଆଡ଼େ ନ ଯାଏ । ତାର ଖର୍ଚ୍ଚ ବାବଦକୁ ମାନସୀ ଟଙ୍କା ଦେଲା । ତା ପରେ ସମସ୍ତେ ଘରକୁ ଫେରିଲେ ।

ଦଶ

ଶଙ୍କର ଧମକେଇଛି, ଉମା ଆଉ ମାନସୀ ଯଦି ଟେବୁଲରେ ତା ସାଙ୍ଗରେ ଏକାଠି ବସି ନ ଖାନ୍ତି, ସେ ଲଞ୍ଚ୍ ଖାଇବାକୁ ଘରକୁ ଆସିବ ନାହିଁ । ମାନସୀ ମହାଅଡୁଆରେ ପଡ଼ିଲା । କାମକୁ ଗଲାବେଳେ ଶଙ୍କର ସ୍ତ୍ରୀକୁ କହିଦେଇ ଯାଇଛି, ସେ ଯଦି ବାରଟା ପୁଚ୍ଛା ତାକୁ ଖାଇବାକୁ ଡ଼ାକେ ସେ ଆସିବ, ନ ହେଲେ ହୋଟେଲକୁ ଯିବ ।

ସାଢେ ଏଗାରଟା ବେଳକୁ ମାନସୀ ଆସି ପଶିଲା ଉମା ଘରେ । ସେ ଖଣ୍ଡେ ପତ୍ରିକା ପଢୁଥାଏ ଖଟରେ ଶୋଇ । ମାନସୀ ଯାଇ ବସିଲା ତା ପାଖରେ । ଭାଉଜକୁ ଦେଖି ପତ୍ରିକା ରଖିଦେଇ ଉଠିବସିଲା ଉମା । ହସି ପଚାରିଲା, 'କଣ କହୁଛ ନୂଆବୋହୂ ?'

ମାନସୀ କହିଲା, 'ତୁମ ଭାଇନା ଭାରି ଦୁଷ୍ଟ । ମୋତେ ଜବ୍ଦ କରିବେ, ଏଇ କଥା ତ ? ମୁଁ କଣ ପାରିବି ତାଙ୍କ ସାଙ୍ଗରେ ?'

'ତା ହେଲେ ଫୋନ୍ କର ।'

'ତୁମେ ଡାକ ।' ଉମାକୁ ଅନୁରୋଧ କଲା ସେ ।

ଲାଉଞ୍ଜ୍‌କୁ ଉଠିଆସିଲେ ଦୁ'ଜଣ । ଉମା ଡ଼ାଏଲ୍ କଲା ଶଙ୍କରର ଅଫିସକୁ । ଅରୁଣା ଧରିଲା । ଉମାର ପରିଚୟ ଜାଣି ଶଙ୍କରକୁ ଦେଲା ।

'କଣ ରେ ଉମି ?' ସେ ପାଖରୁ ପଚାରିଲା ଶଙ୍କର ।

'ନୂଆବୋହୂ କଣ କହିବେ ।'

'କାହିଁ ସେ ?'

'ଏଇ ଦେଲି ।' ଭାଉଜ ହାତକୁ ବଢ଼େଇ ଦେଲା ଉମା ରିସିଭର ।

'ମୁଁ ମାନ କହୁଛି ।'

'କ ହୁକୁମ ମେମ୍ ସାହେବଙ୍କର ?'

'ଖାଇବାକୁ କେତେବେଳେ ଆସୁଛ ?'

'ତୁମେ କେତେବେଳେ ଯିବାକୁ କହୁଛ ?'

Digitized by srujanika@gmail.com

'ସବୁଦିନେ ଯେମିତି ଆସ ।'

'ଠିକ୍ ତ ? ଗୋଳମାଳ କରୁ ନାହିଁ ?'

'ନା, ତୁମେ ଆସ ।'

କଥାବାର୍ତ୍ତା ସରିଗଲା । ରିସିଭର୍ ଯଥାସ୍ଥାନରେ ରଖି ମାନସୀ ଅନେଇଲା ଉମାକୁ ।

'କଣ କହୁଛେ ଝିଅନା ?'

'ଆସୁଛନ୍ତି ।'

ଦୁଇ ସଖୀ ଚାଲି ଆସିଲେ ଶଙ୍କରର ଶୋଇବା ଘରକୁ । ରାଜା ଲାଉଞ୍ଜରେ ବସି ବାଗାଟେଲ୍ ଖେଳୁଛି ନନ୍ଦ ସାଙ୍ଗରେ । ଦୁଇ ଜଣଙ୍କ ପ୍ରତିଯୋଗିତା ଚାଲିଛି, କିଏ ବେଶି କରିପାରେ ।

ଉମା ଟ୍ରାନ୍‌ସିଷ୍ଟର୍ ପ୍ରଜ୍ୱଳିତ କଲା । ଗିଟାର୍‌ରେ ଗୋଟାଏ ମିଠାସ୍ୱର ଭାସି ଆସିଲା । ନରମ ଗଦିର ବିଛଣାରେ ଗଡ଼ିଲେ । ମନେ ପକେଇଲେ ରାଣୀ ଶାସନର ବାଉଁଶ ବଣକୁ, ନଈ ତୁଠକୁ, ବାପା ବୋଉଙ୍କୁ, ଜେଜେଇ, ଖୁଡ଼ୀ, ମାଉସୀ, ମାଈଁଙ୍କୁ । ବାପାଙ୍କ ପାଖରୁ ଚିଠି ପାଇଛି ମାନସୀ । ତାଙ୍କ ବଉଳା ଗାଈ କଅଁଳେଇଛି । ସୋଦରା ନାମର ସେଇ ରୋଗଣା ଝିଅଟା ମରିଗଲା । ଏ ଥର ଧାନ ଅମଳ ଭଲ ହୋଇଛି ।

ଉମା କହିଲା, 'ବାପା, ବୋଉ ଆସିଲେ ଯାଇ ତୁମେ ନିଶ୍ଚିନ୍ତ ହବ ।' ମାନସୀ ସମ୍ମତିସୂଚକ ହୁଁ କଲା । ସେ ପ୍ରାଣରେ ଡ଼ରେ ଶଙ୍କରକୁ । ବାପା ବୋଉ ଥିଲେ ସେ ନିର୍ଭୟ । ଶଙ୍କରକୁ ସମ୍ଭାଳି ପାରିବାର ଶକ୍ତି ନାହିଁ ତାର । ସେ କଥା ସେ ଜାଣେ । ଶଙ୍କରର ମନର ବିସ୍ତୃତିର ସୀମାରେଖା ଜାଣିବାର କ୍ଷମତା ନାହିଁ ବିଶ୍ୱାସର । ସେ କେବଳ ଏତିକି ଜାଣେ, ଯେତେ ସାହେବ ହେଲେ ମଧ୍ୟ ଶଙ୍କର ତାକୁ ପ୍ରାଣଦେଇ ଭଲ ପାଏ । ସେ ଦୁଃଖ ପାଇବ, ଏମିତି କାମ ଶଙ୍କର କରିବ ନାହିଁ । ଏ ବିଶ୍ୱାସ ତାର ଅଛି । ଶଙ୍କର କିନ୍ତୁ ଭାରି ଜିଦ୍‌ଖୋର, ଏ କଥା ବି ସେ ଜାଣେ ।

'ଯାହା ଧରିଥିବେ ସେଇୟା । ଏଇ ଦେଖନା ଆଜିକା କଥା ।'

'ତୁମେ କାହିଁକି ରାଜି ହଉନ ଟେବୁଲରେ ଏକାଠି ବସି ଖାଇବାକୁ ?'

'ଭାରି ଲାଜ ମାଡ଼ିବ ମୋତେ ।'

'ଦିନେ ଦି' ଦିନ ମାଡ଼ିବ । ତା ପରେ ଠିକ୍ ହୋଇଯିବ ।' ଉମା ଭରସା ଦେଲା ।

Digitized by srujanika@gmail.com

'ବାପା ବୋଉ ଆସିଲେ ?'

'ଆସିଲେ କଣ ହବ ? କହୁ ନା ।'

'ତା ନୁହଁ ଆଉ କଣ ?' କରୁ କରୁ ହୋଇ ହସିଲା ମାନସୀ । 'ବୋଉଙ୍କ ଆଗରେ ମୁଁ ଏକା ସାଙ୍ଗରେ ବସି ଟେବୁଲରେ ଖାଇବ । ମେମ୍‌ସାହେବ !'

'ତୁମେ ମିଛରେ ଡ଼ରୁଛ । ଟେବୁଲରେ ବସି ଖାଇବାରେ କଛୁ ଅନ୍ୟାୟ ନାହିଁ । ଆଉ ସ୍ୱାମୀ ସାଙ୍ଗରେ ବସି ଖାଇବାରେ ଲଜ କଣ ?'

'ତୁମେ ଖାଅ ରଜାବାବାଙ୍କ ସାଙ୍ଗରେ ଟେବୁଲରେ ଏକାଠି ବସି ?'

'ବରାବର ଖାଏଁ' କହିଲା ଉମା । 'ତୁମେ ଭୁଲଯାଅ, ତୁମେ ରାଣୀ ଶାସନର ମାନ । ତୁମର ନୂଆ ପରିଚୟ ହେଲ, ତୁମେ ମିସେସ୍ ଶତପଥୀ । ଭାଇନା ଯଦ ସାହେବ, ତୁମେ ମେମ୍ ସାହେବ । ବୋଉ ଏଥିରେ ମନ ଦୁଃଖ କରିବନ, ବାପା ବ କରିବେନ । ଆଉ ଭାଇନାଙ୍କୁ ଅସନ୍ତୁଷ୍ଟ କରି ତୁମେ ଯଦ ମଫସଲଆ ହୋଇ ରହ୍ନ, ନଜର ଅନଷ୍ଟ କରିବ ।'

ଚମକ ପଡ଼ିଲା ମାନସୀ, 'ଅନଷ୍ଟ !'

'ହଁ । ଭାଇନା ଯେମିତ ଖୋଜିବେ, ତୁମକୁ ସେମିତ ହବାକୁ ହବ । ତାଙ୍କ ଧର୍ମ, ତୁମ ଧର୍ମ । ତାଙ୍କ ଚାଲଚଲନ ତୁମର ବ । ତୁମେ ଗୋଟିଏ କଥା ସବୁବେଳେ ମନେ ରଖିବ ନୂଆବୋହୂ, ଭାଇନାଙ୍କ ପରି ସ୍ୱାମୀ ଆମ ଦେଶରେ ନାହାନ୍ତି । ତୁମର ସୌଭାଗ୍ୟର ତୁଳନା ହୁଏନ କାହାର ସାଙ୍ଗରେ । ତୁମ ଆଗରେ ମୁଁ କଛୁ ନୁହେଁ ।' କୃତଜ୍ଞତାରେ ମାନସୀ ଉମାକୁ କୁଣ୍ଢେଇ ପକେଇଲା ।

ଠିକ୍ ଗୋଟାଏ ବେଳକୁ ଶଙ୍କରର ଗାଡ଼ି ଆସି ଠିଆ ହେଲା ପର୍ଟିକୋରେ । ଗାଡ଼ିରୁ ଓହ୍ଲେଇ ପଡ଼ି ଦ୍ରୁତ ପଦକ୍ଷେପରେ ପାହାଚଗୁଡ଼ା ଅତକ୍ରମ କରି ଶଙ୍କର ପଶିଲା ବୈଠକଖାନାରେ । ଦେଖିଲା ଉମା ଆଉ ମାନସୀ ହସ ହସ ମୁହଁରେ ଓହ୍ଲେଇ ଆସୁଛନ୍ତି ଉପରୁ । ସେ ତଳେ ଠିଆ ହୋଇ ଅପେକ୍ଷା କଲା ସେମାନଙ୍କୁ । ଭାଉଜକୁ ଆଗରେ ରଖି ଆସି ଠିଆ ହେଲା ଉମା, ତଳେ ଭାଇନା ପାଖରେ । ମୁହଁରେ ତାର ମୁଚୁକି ହସ ।

'କରେ, ହସୁଛୁ କାହିଁକ ?' ଶଙ୍କର ପଚାରିଲା ।

'ଗୋଟାଏ ପିଲାଙ୍କ ଗୀତ ମନେପଡ଼ିଲା ଭାଇନା । କଟକରେ ସାନ ସାନ ଝିଅମାନେ ବୋଲନ୍ତି ଗୀତଟା ।'

'କ ଗୀତ ?' ଶଙ୍କରର ପ୍ରଶ୍ନ ।

Digitized by srujanika@gmail.com

'ସବୁ କହିବା ଦରକାର ନାହିଁ । ଶେଷ ଦ'ପଦ ହଉଛି—'ମେମ୍ ଖାଏ ବିସକୁଟ୍, ସାହେବ ବୋଲେ ଭେରି ଗୁଡ୍' ।'

ପ୍ରଚଣ୍ଡ ହସରେ ଭାଇ ଭଉଣୀ କମ୍ପେଇଲେ ଘରକୁ । ମାନସୀ ଲାଜରେ ହସି ପକେଇଲା । ସିଡ଼ି ଉପରେ ଆସି ଠିଆ ହେଲା ରାଜା ।

ଉମା ଡାକିଲା, 'ତଳକୁ ଆ, ଖାଇବୁନି ?'

ଦଉଡ଼ି ଦଉଡ଼ି ଓହ୍ଲେଇ ଆସିଲା ରାଜା । ସମସ୍ତେ ପଶିଗଲେ ଖାଇବା ଘରକୁ ।

ବବୁର୍ଚ୍ଚି ଟେବୁଲ ସଜଉଛି । ନନ୍ଦ ତାକୁ ସାହାଯ୍ୟ କରୁଛି । ଶଙ୍କର ଯାଇ ବସିଲା । ଉମା ଆଉ ରାଜା ବସିଲେ । ମାନସୀ ତଳକୁ ମୁହଁ କରି ଠିଆ ହୋଇ ରହିଛି । ହସିଲା ଶଙ୍କର ତାକୁ ଅନେଇ । ଡାକିଲା, 'ଆସ ମେମ୍‌ସାହେବ ।'

ଅତି ସଙ୍କୋଚରେ ମାନସୀ ଆସି ବସିଲା । ନେପ୍‌କିନ୍ ବିଛେଇଲା ଶଙ୍କର ତା କୋଡରେ । ଉମା ସ୍ୱାଇନାର ଅନୁକରଣ କଲା । ମାନସୀ ଚୁପ୍‌ଚାପ୍ ବସିରହିଛି । ଶଙ୍କର ନର୍ଭଁପଣ୍ଡ ସ୍ତ୍ରୀ କୋଣ୍ଡରେ ନେପ୍‌କିନ୍ ବିଛେଇ ଦେଲା । ଖାନା ଆଣିଲା ବବୁର୍ଚ୍ଚି । ଆଗ ସୁପ୍ । ଗରମ ଗରମ, ବାମ୍ଫ ବାହାରୁଛି ପ୍ଲେଟ୍‌ରୁ । ଗୋଲମରିଚ ଗୁଣ୍ଡ ଓ ଲୁଣ ବୁଣିଦେଲା ଶଙ୍କର ନିଜ ପ୍ଲେଟ୍‌ରେ । କଣେଇକି ଦେଖିଲା, ମାନସୀ ଚୁପ୍‌ଚାପ୍ ବସିଛି । ହସି କହିଲା, 'ଜବାବ ଦେଇ କଥା ନ ରଖିଲେ କଣ ହୁଏରେ ଉମି ?' ହସିଲା ଉମା, 'ସେ ବିଲ୍କୁଲ ଜାଣିନାହାନ୍ତି । ତୁମେ ଶିଖେଇ ଦିଅ ତାଙ୍କୁ ।' 'ଠିକ୍ କହୁଛୁ । ଏସ୍ତୁ, ଦେଖ ମୁଁ କେମିତି ଖାଉଛି । ବଡ଼ ଚାମୁଚଟା ଧର । ବାସ୍ ଏଇ ତ ଠିକ୍ ହେଉଛି । ଚାଲୁ ।'

ହସ ଖୁସି ଭିତରେ ଖାଇଲେ ସମସ୍ତେ । ବବୁର୍ଚ୍ଚି ଆଣି ଦେଇଯାଉଛି ଖାଦ୍ୟ, ନେଇଯାଉଛି ଖାଲି ପ୍ଲେଟ୍ । ଛୁରି କଣ୍ଟାର ବ୍ୟବହାର ଶିଖେଇଲା ସ୍ତ୍ରୀକୁ । ଇଉରୋପ ଆଉ ଏମେରିକାର ଖାଦ୍ୟ ବିଷୟରେ ନାନା କୌତୁକପୂର୍ଣ୍ଣ ଗପ କହିଲା । ହସି ହସି ବ୍ୟତିବ୍ୟସ୍ତ ହେଲେ ଦି'ଜଣ ।

ଖାଇସାରି ଉଠି ଆସିଲେ ସମସ୍ତେ ବୈଠକଖାନାକୁ । ରାଜା ପଳେଇଲା ଉପରକୁ । ଖେଳ ଗୁଡ଼ା ଆସିଛି ସେ । ଶଙ୍କର ପାଇପ୍ ଲଗେଇଲା । ନନ୍ଦ ଆସି ଖଣ୍ଡେ ସ୍ଲିପ୍ ଦେଲା ।

ଶଙ୍କର ଡାକି ପଠେଇଲା ସେଠିକି । ପଶି ଆସିଲା ବର୍ଷ ପଚିଶର ଯୁବତୀଟିଏ । ଭାରି ଫିଟ୍‌ଫାଟ୍ । ଓଠରେ, ଗାଲରେ ରଙ୍ଗ । ଭ୍ରୂଲତା ବିଲମ୍ବିତ । ଶାଢ଼ୀଟାକୁ ଏମିତି ପିନ୍ଧିଛି ଯେ ଦେହର ପ୍ରତ୍ୟେକଟି କୋଣ ଓ ବୃତ୍ତ ଫୁଟିଉଠିଛି । ଦୁଇ ହାତ ଯୋଡ଼ି ନମସ୍କାର କଲା ସେ ।

Digitized by srujanika@gmail.com

ଓଡ଼ିଆରେ କହିଲା ଶଙ୍କର, 'ଆସନ୍ତୁ ମିସେସ୍ ପାଣ୍ଡ, ବସନ୍ତୁ ।' ପରିଚୟ କରିଦେଲା, 'ଏ ମୋର ଭଉଣୀ ମିସେସ୍ ହୋତା । ସେ ମୋ ସ୍ତ୍ରୀ । ତାଙ୍କ ପାଇଁ ଆପଣଙ୍କୁ ଡ଼ାକିଛୁ ।'

ସ୍ତ୍ରୀକୁ କହିଲା, 'ମିସେସ୍ ପାଣ୍ଡଙ୍କ ପାଖରେ ତୁମେ ପଢ଼ିବ । ସେ କଟକର ଝିଅ । ଏଠି ଗୋଟାଏ ସ୍କୁଲରେ ପାଠ ପଢାନ୍ତି । ତୁମକୁ ସେ ଇଂରେଜୀ ପଢ଼େଇବେ, ଇଂରେଜୀରେ କଥାବାର୍ତ୍ତା କହିବା ଶିଖେଇବେ । ଆଉ ଯାହା ଯାହା ଦରକାର ତାଙ୍କଠୁଁ ଶିଖିବ । କେବେଠୁଁ ଆସିବେ ଆପଣ ମିସେସ୍ ପାଣ୍ଡ ?'

'କାଲଠୁଁ ଆସିବି । ବୃହସ୍ପତିବାର ଗୁରୁ ଶ୍ରେଷ୍ଠ ନା କଣ କହନ୍ତି ?' ହସିଲା ସେ । 'କାଲି ଗୁରୁବାର ।'

'ବେଶ୍ ।' ଶଙ୍କର ରାଜି ହେଲା । ସ୍ତ୍ରୀ ଆଡକୁ ଅନେଇ କହିଲା 'ତୁମେ ମିସେସ୍ ପାଣ୍ଡଙ୍କ ସାଙ୍ଗରେ କଥାବାର୍ତ୍ତା କରିନଅ । ମୁଁ ଚାଲିଲି ।' ଗାଡ଼ି ନେଇ ଚାଲିଗଲା ସେ ଅଫିସକୁ ।

ଶଙ୍କର ଗଲାରୁ ସହଜ ହୋଇ ବସିଲେ ତିନି ଜଣ । ଉମା ପଚାରିଲା, 'ଆପଣଙ୍କ ଘର କଟକରେ କହିଲେ ଭାଇନା । କଉଠି ?'

ମିସେସ୍ ପାଣ୍ଡ ଠିକଣା ଦେଲି ।

'କେତେ ଦିନ ହେଲି କଲିକତା ଆସିଲେଣି ?'

'ଆଠ ମାସ ହେଲା । ମିଷ୍ଟର ପାଣ୍ଡ କଟକରେ କାମ କରୁଥିଲେ ଆକାଶ-ବାଣୀରେ । ସେ ବଦଳି ହେଲେ କଲିକତା । ମୋତେ ବି ଆସିବାକୁ ହେଲି ।' ତା ପରେ କହିଲି, ଶଙ୍କର ଖବର କାଗଜରେ ବିଜ୍ଞାପନ ଦେଇଥିଲେ, ଜଣେ ଶିକ୍ଷୟିତ୍ରୀ ଦରକାର, ଗୋଟିଏ ଓଡ଼ିଆ ବଧୂକୁ ଇଂରାଜୀରେ ତାଲିମ ଦବାକୁ । ଓଡ଼ିଆରେ କାମଚଳା ଜ୍ଞାନ ଥିବା ଦରକାର । ଅନ୍ୟମାନଙ୍କ ସଙ୍ଗରେ ସେ ବି ଦରଖାସ୍ତ କରିଥିଲି । 'ମିଷ୍ଟର ଶତପଥୀ କିନ୍ତୁ ମୋତେ ବାଛିଲେ ।'

ଉମା ସଂଶୋଧନ କଲି ତାକୁ, 'ଭାଇନା ମୋର ଡକ୍ଟର ଶତପଥୀ । କେମିଷ୍ଟ୍ରୀରେ ଦୁଇଟା ଡକ୍ଟରେଟ୍ ଅଛି ତାଙ୍କର । ଗୋଟାଏ ଜାରମେନିର, ଆଉଟା ଏମେରିକାର ।'

'ଓ, ସତେ ! ମୁଁ ଜାଣି ନଥିଲି ।' ଲଜ୍ଜିତ ହସ ମିସେସ୍ ପାଣ୍ଡର । ପୁଣି କହିଲା ସେ—କଥା ହୋଇଛି, ସପ୍ତାହରେ ତିନି ଦିନ ସେ ଆସିବ । ତାର ସ୍କୁଲ ବାରଟା ବେଳକୁ ସରିଯାଏ । ତିନିଟାରୁ ପାଞ୍ଚଟା ସେ ଆସି ଇଂରେଜୀ ଶିଖେଇବ ମିସେସ୍ ଶତପଥୀଙ୍କୁ ।

Digitized by srujanika@gmail.com

ମାନସୀକୁ ପଗ୍ଭରିଲା ସେ, 'ମିସେସ୍ ଶତପଥୀ କଣ ମୋଟେ ଇଂରେଜୀ ଜାଣନ୍ତି ନାହିଁ ।'

ସଲଜ୍ଜ ହସ ଭିତରେ ମାନସୀ ଉତ୍ତର ଦେଲା, 'ନା, ମୁଁ କିଛୁ ଜାଣେନା ।'

ଉମା କହିଲା, 'ସେ ଫାଷ୍ଟବୁକ୍ ପଢିଛନ୍ତି । କିନ୍ତୁ ସେତକ ବଦ୍ୟାରେ କାମ ଚଳିବନି । ସେଥିଲାଗି ଏ ବ୍ୟବସ୍ଥା । ଆପଣ କଣ ପାଶ୍ କରିଛନ୍ତି, ମିସେସ୍ ପାଣ୍ଡ ?'

'ମୁଁ ଏମ୍.ଏ., ବି. ଏଡ୍. ।'

'କଲିକତା ଆସିବା ଆଗରୁ କେଉଁଠି ଶିକ୍ଷକତା କରୁଥିଲେ କି ?'

'ହଁ, କଟକରେ ଗୋଟାଏ ବାଳିକା ସ୍କୁଲରେ ଥିଲି । ବାହାଘର ପରେ ଶିକ୍ଷକତା ଛାଡ଼ିଦେଲି ।'

'ପୁଣି ଏଠି କରୁଛନ୍ତି ଯେ !' ଉମା ତାକୁ ଜେରା କରୁଛି ।

ହସିଲି ମିସେସ୍ ପାଣ୍ଡ । 'ଏଠି ବହୁତ ଖର୍ଚ୍ଚ । ଦୁଇଟି ବଖରାର ଗୋଟେ ଫ୍ଲେଟ୍ଟିଏ ନେଇଛୁ । ଭଡ଼ା ମାସକୁ ଦୁଇଶ ପଚାଶ ଟଙ୍କା । ତା ଛଡ଼ା ବଡ ଖର୍ଚ୍ଚ ହେଲି ଯିବା ଆସିବାର ଗାଡିଭଡ଼ା । ମୋର ସ୍ୱାମୀ ଭଲ ଦରମା ପାନ୍ତି । ଦୁଇ ଜଣଙ୍କର ଆୟ ମିଶିବାରୁ ଆଉ ଅଭାବ ହୁଏନି ।'

'ପିଲାପିଲି କଣ ଆପଣଙ୍କର ?'

'ହୋଇନି ।'

ମାନସୀ ଆଡ଼କୁ ଏ ଥର ମନ ଦେଲି ସେ । 'ମୁଁ କାଲି ଆସିଲାବେଳେ ଆପଣଙ୍କ ପାଇଁ ବହି ନେଇ ଆସିବ ।'

'ହଁ, ଆଉ ଖଣ୍ଡେ ପ୍ଲେଟ୍' ହସି କହିଲି ଉମା, 'ନୂଆବୋହୂଙ୍କର କାଲି ଖଡିଛୁଆଁ ହବ ।'

ହସିଲେ ସମସ୍ତେ ।

ମିସେସ୍ ପାଣ୍ଡ ଉଠିଲି । ତାକୁ ବିଦାୟ ଦବାକୁ ବାରଣ୍ଡାକୁ ଉଠି ଆସିଲେ ନଣନ୍ଦ ଭାଉଜ ।

ସେ ଚାଲିଗଲାରୁ ଉମା କହିଲା, 'ସ୍ୱାଗ ଏକା ଯୌବନ ଅଛି ନା ଆଉ କାହାର ଅଛି ମ ?'

ମାନସୀ ହସିଲା ତା କଥାରେ । ଦୁଇ ଜଣ ଉପରକୁ ଉଠିଗଲେ ।

Digitized by srujanika@gmail.com

ଏଗାର

ବ୍ୟବସାୟର ହିସାବ ନେଇ ବସିଛି ଶଙ୍କର, ତାର ଚିଫ୍ ଆକାଉଣ୍ଟେଣ୍ଟ ସାଙ୍ଗରେ । କଲିକତା ମେନେଜର ଲେଡ୍ ଷ୍ଟୁଆର୍ଟ ମଧ୍ୟ ଅଛି । ଦୁଇ ମାସ ହେଲି କଲିକତା ଶାଖା ଖୋଲା ହୋଇଛି । ବୋମ୍ବେ ଶାଖା ଖୋଲିଛି ଦେଢ଼ ମାସ ହେଲା । କଲିକତାର ହିସାବ ଫର୍ଦ୍ଦକୁ ନିରୀକ୍ଷା କଲା ଶଙ୍କର । କୋଟିଏ ସତାନବେ ଲକ୍ଷ ଟଙ୍କାର ମାଲ ବିକିଛି ସେ । ହାତରେ ବଗିଦ ଅଛି ଦେଢ଼ କୋଟିରୁ ବେଶି ଟଙ୍କାର । ବୋମ୍ବେର ହିସାବ କାଗଜଟା ବଢେଇ ଦେଲି ଆୟାର । ଏକ କୋଟି ଛ ଲକ୍ଷ ଟଙ୍କାର ମାଲ ବିକ୍ରୟ ହୋଇଛି । ବଗିତ ଅଛି ସତୁରି ଲକ୍ଷ ଟଙ୍କାର । ମନ୍ଦ କଣ ? ପୁଚ୍ଛିଲି ସେ ଲେଡ଼ ଓ ଆୟାରକୁ ।

'ବେଶ୍ ଭଲ ହୋଇଛି, ନା କଣ ?'

'ଆହୁରି ବଢ଼ିବ' ଲେଡ଼ କହିଲି । 'ଆମର ସଂଗଠନ ଆହୁରି ବ୍ୟାପକ ହବା ଦରକାର । ପୂର୍ବାଞ୍ଚଳ ପାଇଁ ଆହୁରି କେତେଗୁଡ଼ିଏ ଶାଖା ଦରକାର । ବିଜ୍ଞାପନ ଓ ପ୍ରଚାର ବଢ଼ିବା ଆବଶ୍ୟକ । ମୁଁ ଭାବୁଥିଲି....'

'ଗୁଡ୍ ।' ଶଙ୍କର ତାକୁ ଉତ୍ସାହ ଦେଲି । 'ଦାୟିତ୍ୱ ତ ମୁଳତଃ ତୁମର । କେଉଁଠି ଶାଖା ଖୋଲିବ ଆଗ ?'

'ଗୌହାଟି, ତା ପରେ ପାଟନା ଓ ଭୁବନେଶ୍ୱର ।'

'ବେଶ୍, ମୁଁ ରାଜି । ତୁମେ ଯାଇ ବୁଲିଆସ ଜାଗାଗୁଡ଼ା ।'

ବୋମ୍ବେରୁ କଲ୍ ଆସିଲା । 'ହେନ୍‌ରି, ମୁଁ ଶତପଥୀ କହୁଛି । ହଁ, ତୁମର ରିପୋର୍ଟ ପାଇଲି ଆଜି । ତୁମର ବ୍ୟବସାୟ ଖୁବ୍ ଉତ୍ସାହଜନକ । ଧନ୍ୟବାଦ । ···ମୁଁ ଯିବ ? ମୋତେ ଡ଼ାକୁଛ ? ବେଶ୍, କେବେ ଗଲେ ହବ···ପର ସପ୍ତାହରେ ? ବେଶ୍, ମୁଁ ଆଠ ତାରିଖରେ ପହଞ୍ଚିବ । ମୁଁ ଗଲେ ନିଷ୍ପତ୍ତି କରିବା । ବାଇ ।'

ଲେଡ଼କୁ କହିଲା, 'ହେନ୍‌ରି ଡାକୁଛି ମୋତେ । ମୁଁ ବୋମ୍ବେ ବୁଲି ଆସେଁ । ତା ପରେ ତୁମେ ଯିବ ଗୌହାଟି ।' ଲେଡ଼ ରାଜି ହେଲା ।

ଆୟାରକୁ କହିଲା, 'ତୁମେ ହିସାବ ଠିକ୍‌ଠାକ୍ କର ଆୟାର । ଆଜି ମୁଁ ପଠେଇଦବାକୁ ଚାହେଁ ରିପୋର୍ଟ ନାଉସୁର୍କକୁ । ଲେଡ଼, ତୁମେ ଶୁଣି ଖୁସି ହବ, ମାନ୍ଦ୍ରାଜ ଶାଖା ପାଇଁ ମେକ୍‌ସ୍ ଏଣ୍ଡ୍ରାରସନ୍ ଆସୁଛି । ତୁମେ ଦୁ'ଜଣ ତ ଏକାଠି ଥିଲ ସିକାଗୋରେ ।'

ହସିଲା ଲେଡ଼, 'ଦ ଓଲ୍ଡ ସିନାର୍ !' ଉଠିଲା ସେ ।

Digitized by srujanika@gmail.com

ଆସ୍ଥାର କହିଲ, ସେ ଘଣ୍ଟାକ ଭିତରେ ହିସାବ ପଠେଇଦବ ।

ଦୁଇ ଜଣ ବାହାରିଗଲେ ।

ଗୋଟାଏ ଅସୁବିଧା ହେଉଛି ଶଙ୍କର ଟେରିଫ୍ ବା ଆମଦାନି ଶୁଲ୍କ ଯୋଗୁଁ । ଭାରତ ସରକାର ତା ଜିନିଷ ଉପରେ ପୁରା ଶୁଲ୍କ ନେଉଛନ୍ତି । ଜାପାନ ସରକାର ଧରାଧରି କରି କୋଡ଼ିଏ ଶତାଂଶ କମେଇ ନଉଛି ବୋଲି ସେ ଖବର ପାଇଛି । ଫୋନ୍‌ରେ ମାଗିଲ ସେ କନ୍‌ସଲଙ୍କୁ 'ମିଷ୍ଟାର ରବାର୍ଟସନ୍, ମୁଁ ଶତପଥୀ କହୁଛି । ଗୋଟାଏ ଖବର ପାଇଲି, ଜାପାନ ତାର ରାସାୟନିକ ଶିଳ୍ପଦ୍ରବ୍ୟ ଉପରେ ଆମଦାନି ଶୁଲ୍କ କମେଇ ନେଲ । ତୁମେ କଣ କରୁଛ ?'

'ନାଁ ନାଁ, ଏ ପର୍ଯ୍ୟନ୍ତ ପକ୍କା ଖବର ପାଇନି । ମୁଁ ଭାବିଥିଲି ତୁମେ ଜାଣିଥିବ ବୋଲି । କଥାଟା ସତ ନୁହେଁ ? କିନ୍ତୁ ଗୋଟାଏ କିଛି କରିବାକୁ ହେବ ଏ ଦିଗରେ । ଟେରିଫ୍ ପ୍ରେଫାରେନ୍‌ସ ଆଦାୟ କରିବାକୁ ହେବ ଭାରତ ସରକାରଙ୍କ ପାଖରୁ । ଆମର ଆମଦାନି ତ ମୌଳିକ ପଦାର୍ଥ । ଏ ଦେଶରେ ସେ ସବୁ ଜିନିଷ ତିଆରି ହୁଏନି । ସୁତରାଂ ଶୁଲ୍କ କମ୍ ହେଲେ ଦାମ୍ କମିବ । ଏ ଦେଶର ଶିଳ୍ପ ଲାଭବାନ ହେବ । ସେହି ଲାଭ ଉପରେ କର ନେଉ ସରକାର ।'

'ତୁମ ଉପଦେଶ ପାଇଁ ଧନ୍ୟବାଦ । ମୁଁ ଦିଲ୍ଲୀ ଯିବି ଶୀଘ୍ର । ସେଠି ଯାହା ଦରକାର କରିବି । କିନ୍ତୁ ତୁମ ତରଫରୁ କଥାଟା ଉଠିଲେ କାମ ସହଜ ହୁଅନ୍ତା । ମୁଁ ଦିଲ୍ଲୀ ଯିବା ଆଗରୁ ତୁମ ସାଙ୍ଗରେ କଥାବାର୍ତ୍ତା କରିବି । ଆସ ଦିନେ ଲଞ୍ଚ୍‌କୁ । ଠିକ୍ ଅଛି । ଧନ୍ୟବାଦ ।'

ସେକ୍ରେଟେରୀକୁ ଘଣ୍ଟା ଦେଲ ଶଙ୍କର । ଅରୁଣା ଆସିଲାରୁ ଚିଠି ଦେଲ ସେ ବୋମ୍ବେ ମେନେଜାରକୁ । ଖୁବ୍ ଟେକାଟେକି କରି ଲେଖିଲ ତାକୁ । ଆଠ ତାରିଖ ଦିନ ସନ୍ଧ୍ୟାରେ 'ତାଜ'ରେ ଏକାଠି ବସି ଡିନର୍ ଖାଇବ ବୋଲି ଜଣେଇଲ ।

ଆଉ ଗୋଟାଏ ଚିଠି ଦେଲ ଦିଲ୍ଲୀକୁ, ମାର୍କିନ୍ ଏମ୍ବେସୀର ବାଣିଜ୍ୟ ବିଭାଗର ମୁଖ୍ୟ ସାମୁଏଲ୍ ବାର୍ଟନ୍‌କୁ । ବ୍ୟକ୍ତିଗତ ଚିଠି । ତାର ବ୍ୟବସାୟ ସମ୍ବନ୍ଧୀୟ ଅନେକ କଥା ଲେଖିଲ ତାକୁ । ତାର ସାହାଯ୍ୟ ଲୋଡ଼ିଲ ଶୁଲ୍କ ରିହାତି ପାଇଁ । ଏହି ସାମୁଏଲ୍ ବାର୍ଟନଙ୍କୁ ସେ ଜାଣିଥିଲ ଏମେରିକାରେ । ସାମ୍ ଆଇଓଆର ଗ୍ରାଜ । ବଡ ଘରର ପିଲା । ତା ବାପା ସେନେଟର୍, ଜଣେ କକା ସୁପ୍ରିମ୍ କୋର୍ଟର ଜଜ୍ । ଆଉ ଦୁଇ ଜଣ ପ୍ରସିଦ୍ଧ ଶିଳ୍ପପତି । ଆଇଓଆର ସବୁଠୁଁ ସୌଖିନ୍ ପିଲା ଥିଲା ଏଇ ସାମ୍ । ରୋଲ୍‌ସ ଚଢ଼ି ବୁଲୁଥିଲା କେମ୍ପାସ୍‌ରେ ।

Digitized by srujanika@gmail.com

ଆସ୍ଥାଗରର ହିସାବ ଫର୍ଦ୍ଦ ଆସି ପହଞ୍ଚିଲା । ସେ ବସିଲା ରିପୋର୍ଟ ଲେଖିବାକୁ । କାମ ସାରି ଘଡି ଦେଖିଲା, ଚ୍ଚରଟା ବାଜି ପାଞ୍ଚ ମିନଟ୍ । ଅରୁଣାକୁ ପଚ୍ଚରିଲା ସାଢ଼େ ପାଞ୍ଚଟା ସୁଦ୍ଧା ସାରିପାରିବ କି ନା ? ତା ହେଲେ ଆଜି ଡାକରେ ଚ୍ଚଲିଯାନ୍ତା ।

ଅରୁଣା କହିଲା, ଚେଷ୍ଟା କରିବ ।

ପ୍ରସ୍ଟର ବିଭାଗର ବୋଷ ଆସିଲା ତା ପାଖକୁ । ତାକୁ ନିର୍ଦ୍ଦେଶ ଦେଲା ଶଙ୍କର । ଖବର କାଗଜ ପାଇଁ ଉଦ୍ଦିଷ୍ଟ ବିଜ୍ଞାପନଗୁଡ଼ା ଦେଖିଲା । ମାନ୍ଦ୍ରାଜ ଅଞ୍ଚଳ ପାଇଁ କେଉଁ କେଉଁ କାଗଜରେ ବିଜ୍ଞାପନ ଦିଆଯିବ, ତାର ଏକ ତାଲିକା ପ୍ରସ୍ତୁତ କରିଦେଲା ।

ପାଞ୍ଚଟା ପରେ ପରେ ଚିଠି, ରିପୋର୍ଟ, ଟାଇପ କରି ନେଇ ଆସିଲା ଅରୁଣା । ଶଙ୍କର ପଢ଼ିସାରି ଦସ୍ତଖତ କରିଦେଲା । ହିସାବ ଫର୍ଦ୍ଦଟା ରିପୋର୍ଟ ସାଙ୍ଗରେ ଯିବା ହିବ ।

କାମ ସାରି ଯେତେବେଳେ ଉଠିଲା ଶଙ୍କର, ଛ'ଟା ବାଜିବାକୁ ବେଶି ଡେ଼ରି ନାହିଁ । ଇଣ୍ଡିଆ ଆଇଆରନର ମେନେଜିଂ ଡ଼ାଇରେକ୍ଟରଙ୍କୁ ଡିନର୍‌କୁ ଡ଼ାକିଛି ଆଜି । ଲେରି ମଧ୍ଯ ଆସିବ । ସିଧା ଚ୍ଚଲିଗଲା ସେ ଲିଫ୍‌ଟକୁ ।

ଗାଡିରେ ବସିଲା ଆରାମ କରି । ସାମାନ୍ୟ କ୍ଲାନ୍ତି ବୋଧ କରୁଛି ସେ । ଦିନସାରା ଅବିଶ୍ରାନ୍ତ ଖଟିଛି । ଆହୁରି ଅନେକ କାମ ବାକି । ସଂଗଠନକୁ ଆହୁରି ବ୍ୟାପକ କରିବାକୁ ହିବ । ଆହୁରି ସୁଦୃଢ଼ କରିବାକୁ ହିବ । ସବୁ ଦାୟିତ୍ୱ ତ ତାର । ଏଇ ତ ଆରମ୍ଭ କରିଛି ସେ । ଶହେ କୋଟି ଟଙ୍କାର କାରବାର ନ କଲେ, କଣ କଲା ସେ । ଗୋଟାଏ ସିଗ୍ରେଟ ଲଗେଇଲା ।

ଗାଡ଼ିରୁ ଓହ୍ଲେଇ ଡ୍ରାଇଭରକୁ କହିଲା, ଡିନର୍‌କୁ ଯିବ ସେ ଆଠଟା ବେଳକୁ ।

ବୈଠକଖାନାରେ ଦେଖା ହେଲା ତାର ସ୍ତ୍ରୀ ସାଙ୍ଗରେ ।

'କି ଖବର ମେମ୍ ସାହେବ ?' ହସି ପଚ୍ଚରିଲା ସେ ।

'ସାହେବଙ୍କର ଆଜି ଡେ଼ରି ହେଲା ।'

'ହେଲା ଟିକିଏ ଡେ଼ରି । ବହୁତ କାମ ଯେ ମୋର, ବହୁତ ଦାୟିତ୍ୱ । ତୁମେ କଣ ଜାଣନା ?'

ସିଢ଼ିରେ ଚଢ଼ୁ ଚଢ଼ୁ ହାତ ବଢ଼େଇ ଟାଣି ଆଣିଲା ତାକୁ ପାଖକୁ । ମାନସୀ ଚ୍ଚଲିଥାଏ ତା ଦେହକୁ ଆଉଜି ।

Digitized by srujanika@gmail.com

'ଘଣ୍ଟାଏ ପରେ ମୋତେ ବାହାରିବାକୁ ହେବ । ଡିନାର୍ ଅଛି । ଶୀଘ୍ର କଫି ବନ୍ଦୋବସ୍ତ କର ।'

ଠିକ୍ ଶେଷରେ ପହଞ୍ଚିଛନ୍ତି ଏମାନେ, ଉମା ବାହାରି ଆସିଲା ତା ଶୋଇବା ଘରୁ । ଭଉଣୀ ନୂଆବୋହୂର ଯୁଗଳ ମୂର୍ତ୍ତି ଦେଖିଲା । ଉମାକୁ ଦେଖି ମାନସୀ ଶଙ୍କର ହାତରୁ ଖସିଯାଇ ଅଲଗା ଠିଆ ହେଲା ।

'ବାଃ, ବେଶ୍ ଦିଶୁଥିଲା କିନ୍ତୁ···' ଉମା କହିଲା ।

ହସିଲା ଶଙ୍କର । ପଚାରିଲା, 'ଆଉ ତୋର ଖବର କଣ ?'

'ମୋ ଖବରରେ କଣ ଯାଏ ଆସେ ? ନୂଆବୋହୂର ଖବର ତ ଅସଲ ଖବର ।'

'ତାର ପୁଣି କି ଖବର ?' ଗୋଟାଏ ଚୌକିରେ ଆରାମ କରି ବସିଲା ଶଙ୍କର । 'ପଢ଼ାପଢ଼ି କେମିତି ଚାଲିଛି ?'

'ସେହି କଥା ତ କହୁଥିଲି । ସରୋଜିନୀ ପାଇନ ଆଜି ମୋତେ କହୁଥିଲା, ଭଉଣୀ, ଏମିତି ବୁଦ୍ଧିମତୀ ଆଉ ପରିଶ୍ରମୀ ଛାତ୍ରୀ ସେ ଦେଖି ନ ଥିଲା । ତାର ସବୁ ପ୍ରଶ୍ନର ନିର୍ଭୁଲ ଉତ୍ତର ସେ ପାଇଛି ।'

'ଗୁଡ୍, ଭେରି ଗୁଡ୍ । ତା ହେଲେ ଲାଉଞ୍ଜକୁ କଫି ମଗାଅ । ମୁଁ ଦଶ ମିନିଟ ଭିତରେ ଆସୁଛି ।' ସେ ଚାଲିଗଲା ତା ଶୋଇବା ଘରକୁ । ମାନସୀ ନନ୍ଦକୁ ଡାକି କଫି ଓ ଜଳଖିଆ ଶୀଘ୍ର ଆଣିବାକୁ ବରାଦ କରି ଉମାକୁ କହିଲା, 'ସେ ବାହାରେ ଖାଇବେ । ମୁଁ ତାଙ୍କ ପୋଷାକ ସଜେଇ ଦେଇ ଆସେ ।'

ମାନସୀ ଚାଲିଗଲାରୁ ଉମା ପଶିଲା ତା ଶୋଇବା ଘରକୁ । ରାଜାକୁ ପଢ଼ା ଦେଇଛି ସେ । କଲା କି ନାହିଁ ।

ଦଶ ମିନିଟ ପରେ ସମସ୍ତେ ଯୁଟିଲେ ଲାଉଞ୍ଜରେ । ଉମା ଆଉ ମାନସୀ ଘରେ ଜଳଖିଆ କରିଛନ୍ତି । ଗୋଟାଏ ଗଜା ଚୋବାଉ ଚୋବାଉ ଶଙ୍କର କହିଲା, 'କାଲି ଶନିବାର । ପାଞ୍ଚଟା ବେଳେ ପାର୍ଟି । ମନେ ଅଛି ତ ?'

'ହଁ, ମନେ ଅଛି ।'

'ତୁମେସବୁ ନେଲନି ଯେ ?' ଭଉଣୀ ଆଡକୁ ବଢେଇ ଦେଲା ପ୍ଲେଟ୍ ।

ଉମା ଗୋଟାଏ ମିଠା ଉଠେଇ ନେଲା । ମାନସୀ କଫି ତିଆରି କରୁଥାଏ । ସ୍ତ୍ରୀ ହାତରୁ କଫି କାପ୍ ନେଇ ଶୋଷି ଶୋଷି କହିଲା ଶଙ୍କର, 'ମୁଁ ଟିକିଏ ବାହାରକୁ ଯିବି ଦୁଇ ତିନି ଦିନ ପାଇଁ । ତୁମର ଅସୁବିଧା ହେବନି ତ ।'

Digitized by srujanika@gmail.com

'ବୁଝନ୍ତେ ଯିବ କି ଭାଇନା ?'

'ବୋମ୍ବେ । ଫେରିବା ବାଟରେ ଡଲ୍ଲୀ । ଖୁବ୍ ବେଶି ହେଲେ ଚାରି ଦିନ । ମୁଁ ଅରୁଣାକୁ କହିଯିବି, ସେ ତୁମର ଖବର ନେବ । ଡ୍ରାଇଭର ରହିବ ଏଠି ଦିନ ରାତି । ହେବ ତ ?'

'ଖୁବ୍ ହେବ । ତୁମର ବ୍ୟବସ୍ଥା ଏମିତି ସୁନ୍ଦର ଯେ ସେଥିରେ ଅସୁବିଧା ହେବାର ସମ୍ଭାବନା ନ ଥାଏ ।' ଉମା କହିଲା ।

ଖାଇ ସାରି ଫୋନ୍ କଲା ଶଙ୍କର ଦୁଇ ଜାଗାକୁ । ତା ପରେ ସ୍ତ୍ରୀକୁ କହିଲା, 'ମୁଁ ଫେରୁ ଫେରୁ ରାତି ଦଶଟା ବାଜି ଯାଇପାରେ । ମୋ ପାଇଁ ଅପେକ୍ଷା କରିବନି ।'

ହସିଲା ଉମା, 'କାହାକୁ କହୁଛ ତୁମେ ଭାଇନା ! ନୂଆବୋଉ କଣ ଶୋଇପଡ଼ିବ ନା ମୁଁ ଶୋଇପଡ଼ିବି ? ତୁମେ ଯାଅ । ଆମ ଜୀବନର ସବୁଠୁଁ ବଡ଼ କାମ ହେଲା ତୁମ ପାଇଁ ଅପେକ୍ଷା କରିବା । ତୁମେ କହିଲେ କଣ ଆମେ ନିଶ୍ଚିନ୍ତ ହୋଇପାରିବା, ତୁମେ ନ ଆସିବା ଯାକେ ?'

'ବେଶ୍, ତୁମ ଇଚ୍ଛା । ମୁଁ ଚାଲିଲି ।' ଓହ୍ଲେଇ ଗଲା ସେ ସିଡ଼ିରେ । କିଛିକ୍ଷଣ ପରେ ତା ବଡ଼ ଗାଡ଼ିଟା ବାହାରିଗଲା ।

ବାର

ଶଙ୍କର ଚା ଖାଇବାକୁ ଡ଼ାକିଛି ତାର ସହକର୍ମୀମାନଙ୍କୁ, ସସ୍ତ୍ରୀକ । ଷ୍ଟୁଆର୍ଟ, ଦତ୍ତ, ନେପାଲକର, ବୋଷ, ମଜୁମଦାର ଏବଂ ଆପ୍ଟାର । ଏମାନଙ୍କ ସାଙ୍ଗରେ ସେ ତାର ସେକ୍ରେଟେରି ଅରୁଣା ଗାଙ୍ଗୁଲୀକୁ ମଧ୍ୟ ଡ଼ାକିଛି । ଅରୁଣା କହିଛି, ସେ ମିସେସ୍ ଶତପଥୀଙ୍କୁ ପାର୍ଟି ପାଇଁ ଲୁଗାପଟା ପିନ୍ଧେଇବ । ମାନସୀ ଯେ ଗାଁର ଝିଅ ଏବଂ ସହର ଜୀବନ ବିଷୟରେ ତାର କୌଣସି ଜ୍ଞାନ ନାହିଁ, ଏ କଥା ଅରୁଣା ଜାଣିଛି ଡ୍ରାଇଭର ପାଖରୁ । ସେ ଯାଇଥିଲା ଗାଡ଼ି ନେଇ କଟକ, ବାହାଘରକୁ ।

ଗାରନେଟ୍ ଫୋନ୍ କଲା ଅଫିସକୁ, 'ତୁମେ ତ ମହାତ୍ମା ଗାନ୍ଧୀ । ପାର୍ଟିରେ କଣ ପିଇବାକୁ ଦେବ ? ପାଣି ?'

'ନା' । ଶଙ୍କର ଜବାବ ଦେଲା, 'ଚା ଦେବି, କଫି ଦେବି, କୋଲ୍ଡ଼ ଡ୍ରିଙ୍କ୍ର ବ୍ୟବସ୍ଥା ଅଛି । ଆମର ଭାରତୀୟ ସରବତ ଯଦି ପିଇବ, ତା ବି ମିଳିବ । କିନ୍ତୁ ମାଇଁ ଡ଼ିଅର୍ ଗାରନେଟ୍, ମୋର ପାର୍ଟି ଶୁଖିଲା । ହେବ ତ ?'

'କେଉଁ ମୋତେ କଣ କହୁଛ ଜାଣ ?'

Digitized by srujanika@gmail.com

'ନା ।'

'ସେ ଟେଙ୍କ୍ ଫୁଲ କରି ଆସିବ ପାର୍ଟିକୁ ।'

'ତୁମେ ତ ଥିବ ସାଙ୍ଗରେ, ଭାବନା କଣ ? କାଲି ମୋ ଘରଚରେ ଲୋକ ବହୁତ ପିଇଛନ୍ତି ।'

'ସେଥିଲାଗି ତ କହୁଛି ଏ କଥା । ତୁମେ ଟିକେ କଠିନ ହୁଅ ଶଙ୍କର । ତାର ଲିଭରର ଅବସ୍ଥା ଭଲ ନୁହେଁ ।'

'ତୁମେ ତାର ସ୍ତ୍ରୀ । ମୋତେ କହୁଛ କଠିନ ହବାକୁ ?'

'ଅସନ୍ତୁଷ୍ଟ ହେଲ କି ?'

'ନା । ଆସୁଛ ତ ପାଞ୍ଚଟା ବେଳକୁ । ଗପ କରିବା ।'

ଅରୁଣା ଖବର ଦେଲା ପେଷ୍ଟ୍ରି, କେକ୍, ସଫ୍ଟ ଡ୍ରିଙ୍କ୍ର ବ୍ୟବସ୍ଥା କରିଛି । ଦେଶୀ ମିଠା କରାଇ କରାହୋଇଛି । ଛଅଟା ବେଳକୁ ଜିପ୍‌ରେ ସବୁ ଜିନିଷ ନେଇ ସେ ଯିବ । ତାକୁ ଧନ୍ୟବାଦ ଦେଲା ଶଙ୍କର । ଘରେ ବବୁର୍ଚି କରିଛି ଆମିଷ, ନିରାମିଷ, ନାନା ପ୍ରକାର ଖାଦ୍ୟର ଆୟୋଜନ । ବହୁତ ପାର୍ଟିର ଅଭିଜ୍ଞତା ଅଛି ତାର । ତାକୁ କିଛି କହିବା ଦରକାର ନାହିଁ । ଖାଲି ତାଲିକା ଦେଖି ଟିକ୍ ମାରିବା କଥା, କଣ କଣ ଦରକାର ।

ଲଞ୍ଚ୍ ଖାଉଁ ଖାଉଁ ଉମାକୁ କହିଲା ଶଙ୍କର, 'ତୋ ନୂଆବୋହୂର ଅବସ୍ଥା ତୁ ତ ଜାଣୁ । ସୁତରାଂ ଆଜି ପାର୍ଟିର ହୋଷ୍ଟେସ୍ ହବୁ ତୁ । ସେ ବି ଥିବ ତୋ ପାଖେ ପାଖେ । କିନ୍ତୁ ସମ୍ଭାଳିବା ଦାୟିତ୍ୱ ତୋର ।' ଉମା ହସି ରାଜି ହେଲା ।

ନିଜ ଘରକୁ ଆସି ସେମିତି ଅଫିସ ପୋଷାକରେ ବିଛଣାରେ ଶୋଇପଡ଼ିଲା ଶଙ୍କର । ମାନସୀ ଆସି ତା ପାଖରେ ବସିଲାରୁ କହିଲା, 'ମୁଁ ଅରୁଣାକୁ କହିଛି, ସେ ଆଜି ତୁମକୁ ସଜେଇବ ।'

ଲାଜରେ ହସିଲା ମାନସୀ, 'ମୋତେ ସଜେଇବ କଣ ? ମୁଁ କଣ ଯାଣ୍ଡା କରିବ ?'

'ହଁ, ତୁମେ ହବ ଏ ନାଟିକାର ନାୟିକା । ବୁଝିଲ, ମୁଁ ଆଜି ଦେଖେଇବାକୁ ଚାହେଁ ଏମିତି ଗୋଟାଏ ଝିଅକୁ ମୁଁ ସ୍ତ୍ରୀ ଭାବରେ ବାଛିଚି, ଯେ ପୃଥିବୀର ଯେ କୌଣସି ସମାଜକୁ ଉଜ୍ଜ୍ୱଳ କରିବ ।'

'ଛି, ଛି, କଣ କହୁଛ ମ ତୁମେ ?' ସେ ମୁହଁ ଲୁଚେଇଲା ସ୍ୱାମୀ ଛାତିରେ । ଶଙ୍କରର ହାତ ଦ'ଟା ସେତେବେଳକୁ ବ୍ୟସ୍ତ ହେଲାଣି ତାକୁ ଅନାବୃତ କରିବାକୁ ।

Digitized by srujanika@gmail.com

'ଏସ୍, କଣ ଦେଖିବ ।' ଚମକ ଠିଆ ହୋଇପଡ଼ିଲା ମାନସୀ । ଶଙ୍କର ଉଠି ବସିଲା ବିଛଣାରେ । ମାନସୀର ଶକ୍ତ କାନ୍ଧି, ଶଙ୍କରକୁ ରୋକ ପାରିବ ? ଧକ୍କା ଦେଲା ସେ ।

ସାଢେ ଚାରିଟା ବେଳକୁ ଜିପ୍‌ରେ ମାଲ୍ ଲଦ ଆସି ପହଞ୍ଚିଲା ଅରୁଣା । ଖାଦ୍ୟ, ପାନୀୟ ସେ ବବୁର୍ଚ୍ଚି ଜିମା କରିଦେଲା ।

ଶଙ୍କରକୁ ପଚାରିଲା, 'କାହିଁ ସାର୍, ମୋତେ କଣ କରିବାକୁ ହବ କହି ଦିଅନ୍ତୁ ।'

'ତୁମେ ଆସ ମୋ ସାଙ୍ଗରେ ।' ତାକୁ ଡାକ ନେଇ ଉପରକୁ ଉଠିଲା ଶଙ୍କର । ଉମାକୁ ତା ସାଙ୍ଗରେ ପରିଚୟ କରିଦେଲା । ସ୍ତ୍ରୀକୁ କହିଲା, 'ଏ ହେଉଛନ୍ତି ମିସ୍ ଗାଙ୍ଗୁଲୀ, ମୋର ସେକ୍ରେଟେରୀ । ସେ ଆଣିଛନ୍ତି ପ୍ରସାଧନ ଦ୍ରବ୍ୟ । ନିଅ, ତାଙ୍କଠାରୁ ବୁଝି ନିଅ କାହାର କଣ ଉପଯୋଗିତା ।'

ସେ ଓହ୍ଲେଇଗଲା ତଳକୁ ।

ମାଳି, ନନ୍ଦ, ବବୁର୍ଚ୍ଚି ଓ ଡ୍ରାଇଭର ମିଶି ଲନ୍‌ରେ ବସିବାର ବ୍ୟବସ୍ଥା କରୁଛନ୍ତି । ଛୋଟ ଛୋଟ ଟେବୁଲ ପଡ଼ିଲା, ଚାରି ଜଣ କରି ବସିବେ ଗୋଟାଏ ଟେବୁଲରେ । ଚୌକି ସଜେଇ ଦିଆଗଲା ସେହି ଅନୁସାରେ । ପ୍ରତ୍ୟେକ ଟେବୁଲରେ ଫୁଲତୋଡ଼ା ଦେଇଗଲା ମାଳି । ପ୍ରତ୍ୟେକ ଅତିଥିଙ୍କ ପାଇଁ ବୋକେ ତିଆରି କରି ରଖିଛି ସେ । ଶଙ୍କର ସବୁ ବ୍ୟବସ୍ଥା ତଦାରଖ କରି ପୋଷାକ ପିନ୍ଧିବାକୁ ଉଠିଲା ଉପରକୁ । ଘଡ଼ି ଦେଖିଲା, ସାଢ଼େ ଚାରିଟା ।

ଲାଉଞ୍ଜରେ ଦେଖା ହେଲା ରାଜା ସାଙ୍ଗରେ । ସେ ସାହେବୀ ପୋଷାକରେ ସଜ୍ଜିତ ହୋଇ ଠିଆ ହୋଇ ତା ଆଡକୁ ଅନେଇ ହସୁଛି ।

'ମୁଁ କେମିତି ଦିଶୁଛି ସାହେବ ମାମୁଁ ?'

ତାର ବୋ-ଟାଇକୁ ଠିକ୍ କରି ଦେଇ କହିଲା ଶଙ୍କର, 'ତୁମକୁ ଚହ୍ନି ହଉନି ରାଜା ସାହେବ ।'

ଉମା ବାହାରି ଆସିଲା ଘର ଭିତରୁ ହସି ହସି । ତା ଆଡ଼କୁ ବିସ୍ମାରିତ ଦୃଷ୍ଟିରେ ଅନେଇଲା ଶଙ୍କର । ଉମା ଲଜ୍ଜିତ ହେଲା ଭାଇନାର ଚାହାଣୀ ଦେଖି । କୈଫିୟତ ଦେଲା 'ତୁମର ସେହି ସେକ୍ରେଟେରୀର କାମ ।'

ତା ଶୋଇବା ଘର ଆଡ଼କୁ ଆଗେଇଲା ଶଙ୍କର । ଉମା ତା ପଛେ ପଛେ ପର୍ଦ୍ଦା ଆଡ଼େଇ ପଶିଯାଇ ଦେଖିଲା, ମାନସୀ ଦୁଆର ଆଡ଼କୁ ପଛ କରି ଲୁଗା ପିନ୍ଧୁଛି । ଅରୁଣା ତାକୁ ଦେଖି କହିଲା, 'ଦେଖନ୍ତୁ ସାର୍, କେମିତି ହୋଇଛି '?

Digitized by srujanika@gmail.com

ତା କଥାରେ ଚମକି ମାନସୀ ଶାଢ଼ୀଟାକୁ ଦେହ ମୁଣ୍ଡରେ ଗୁଡ଼େଇ ପକେଇଲା । ଶଙ୍କର ମାନସୀ ମୁହଁରୁ ଦୃଷ୍ଟି ଫେରେଇ ପାରିଲା ନାହିଁ । ଆଶ୍ଚର୍ଯ୍ୟ ଶିଳ୍ପୀ ତାର ଏ ସେକେଟେରୀଟି । ମାନସୀକୁ କଣ କରିଛି ସେ ! ସ୍ୱାମୀର ମୁଗ୍ଧ ଦୃଷ୍ଟି ଆଗରେ ମାନସୀ ଅବନତମସ୍ତକ ହେଲା । 'ମୋର କାମ ସରିଗଲା ସାର୍, ମୁଁ ଏଥର ଯାଏଁ ହାତ ଧୋଇ ଲୁଗା ପିନ୍ଧିନେବି ।' ଯିବା ଆଗରୁ ମାନସୀଠୁଁ ଅନୁମତି ମାଗିଲା ସେ । ତା ପଛେ ପଛେ ଉମା ମଧ୍ୟ ବାହାରି ଆସିଲା ଘରୁ । ଶଙ୍କର ଯାଇ ଠିଆ ହେଲା ସ୍ତ୍ରୀ ସାମନାରେ । 'ମୁହଁ ଟେକ ମାନସୀ ।' ମାନସୀ ଅନେଇଲା ତା ମୁହଁକୁ । ଏକ ମୁହୂର୍ତ୍ତ ପାଇଁ କେମିତି ହୋଇଗଲା ଶଙ୍କର । ତା ପରେ କହିଲା, 'ଯାଚିଁ ସରୁ ।' ସେ ପୋଷାକ ପିନ୍ଧିବାକୁ ପାଖ ଘରକୁ ଚାଲିଗଲା ।

ଅତିଥିମାନେ ଆସିବା ଆଗରୁ ଅରୁଣାକୁ କହିଲା ଶଙ୍କର, 'ମିସ୍ ଗାଙ୍ଗୁଲି, ତୁମେ ତ ଜାଣ ମୋର ସ୍ତ୍ରୀ ବା ଭଉଣୀ ଓଡ଼ିଶାର ଝିଅ । ଭଉଣୀର ଯଦି ବା ଢ଼ଙ୍ଗ ଅଧିକେ ପାର୍ଟି ବିଷୟରେ ଜ୍ଞାନ ଅଛି, ମୋ ସ୍ତ୍ରୀର କୌଣସି ଧାରଣା ନାହିଁ । ତା ଛଡ଼ା ଓଡ଼ିଆ ଛଡ଼ା ଅନ୍ୟ ଭାଷା ସେ ଜାଣେନା । ତାକୁ ଠିକ୍ ଚଲେଇ ନବାର ଦାୟିତ୍ୱ ମୁଁ ତୁମକୁ ଦେଲି ।'

'ଠିକ୍ ଅଛି ସାର୍, ଆପଣ ନିଶ୍ଚିନ୍ତ ହୁଅନ୍ତୁ ।' ଅରୁଣା ତାକୁ ଭରସା ଦେଲା ।

ପାଞ୍ଚଟା ବେଳକୁ ଅତିଥିମାନେ ଯୋଡ଼ା ଯୋଡ଼ା ହୋଇ ଆସିଗଲେ । ଶଙ୍କର ସେମାନଙ୍କୁ ସ୍ୱାଗତ କଲା । ସ୍ତ୍ରୀ ଓ ଭଉଣୀ ସାଙ୍ଗରେ ପରିଚୟ କରିଦେଲା । ମାନସୀ ଓ ଉମା ହସ ହସ ମୁହଁରେ ହାତ ଯୋଡ଼ି ସମସ୍ତଙ୍କୁ ନମସ୍କାର କଲେ । ମାନସୀ ପାଇଁ ମହିଳାମାନେ ଉପହାର ଆଣିଥିଲେ, ତା ହାତରେ ଦେଲେ । ଧନ୍ୟବାଦ ଦେଇ ଉପହାରଗୁଡ଼ା ଗ୍ରହଣ କରି ଗୋଟି ଗୋଟି କରି ଅରୁଣା ହାତକୁ ବଢ଼େଇ ଦେଲା ।

ଲନ୍‌କୁ ଓହ୍ଲେଇଲେ ଅତିଥି ଦଳ । ପୁରୁଷମାନଙ୍କର ନେତୃତ୍ୱ କରୁଥାଏ ଶଙ୍କର, ଆଗେ ଆଗେ ଚାଲି । ମାନସୀ ଓ ଉମା ନାରୀଦଳକୁ ନେଇ ଆସିଲେ ଏମାନଙ୍କ ପଛେ ପଛେ । ଗାରନେଟ୍ ଆଗେଇ ଯାଇ ଶଙ୍କରକୁ କହିଲା, 'କହଁଠୁ ପାଇଲ ତୁମର ସ୍ତ୍ରୀଙ୍କୁ ଶଙ୍କର ? What a beauty !' ପ୍ରଶଂସମାନ ଦୃଷ୍ଟିରେ ଅନେଇଲା ସେ ନାରୀଦଳ ଆଡ଼କୁ । ଶଙ୍କର ହସିଲା । ଅନ୍ୟମାନେ ଚକିତ ହୋଇ ଅନେଇଲେ । ମାନସୀ ଆସୁଛି ମହିଳାମାନଙ୍କ ସାଙ୍ଗରେ । ସାରା ପରିବେଶଟାକୁ ଉଦ୍ଭାସିତ କରୁଛି ସେ । ସେ ଯେମିତି ରାଜକନ୍ୟା, ଅନ୍ୟମାନେ

Digitized by srujanika@gmail.com

ତା ସହଚର୍ଯ୍ୟ । କି ସୁମଧୁର ସ୍ବହାଣୀ ଏହି ହରଣୀନୟନାର ! ଓଠରେ ତାର କି ବଚନ ହସ ! ସ୍ବଳବାର ଠାଣି କି ମନୋହର ! ଅନେଇ ରହିଲେ ପୁରୁଷ ଦଳ । ମନେ ମନେ ଈର୍ଷା କଲେ ଶଙ୍କରଙ୍କୁ ।

ମାଳ ଆଣି ପ୍ରତ୍ୟେକ ଅତିଥିଙ୍କୁ ବୋକେ ଦେଇଗଲା । ଶ୍ରୀମନ୍ତ ବୋଷ ମାଳକୁ ପଚାରିଲା, 'ହାର ଗୁନ୍ଥିଛି ନ ?'

'ଅଛି ହଜୁର ।' ଦଉଡ଼ି ଯାଇ ସେ ପାଛୁଆରୁ ନେଇ ଆସିଲା ପୁଷ୍ପମାଳ । ବଳକା ଫୁଲରେ ସେ ଗୁନ୍ଥିଥିଲା ଏ ହାର, କାଳେ କଣ ଦରକାର ହେବ । ଶ୍ରୀମନ୍ତ ବୋଷ ହାରଟା ତା ହାତରୁ ନେଇ ମାନସୀ ଗଳାରେ ପିନ୍ଧେଇ ଦେଲା । ଅତିଥିମାନେ ତାଳି ଦେଲେ । ମାନସୀ ଲାଜରେ ଲାଲ ହୋଇ ଶଙ୍କର ଆଡ଼କୁ ଗୋଟାଏ ଚକିତ ଦୃଷ୍ଟି ପକେଇଲା ।

ଗାରନେଟ୍ ମାନସୀକୁ ନେଇ ବସିଲା ଶଙ୍କରର ଟେବୁଲରେ । ଲୋପାଲକରଙ୍କୁ ଡାକିଲା ସେ ଟେବୁଲକୁ । ଉମା ଓ ଶ୍ରୀମନ୍ତ ବୋଷ ସାଙ୍ଗରେ ବସିଲେ ଲେଶ ଷ୍ଟୁଆର୍ଟ ଆଉ ଆସ୍ଥାର । ଦୁଇ ଜଣ ପୁରୁଷ, ଦୁଇ ଜଣ ନାରୀ, ଏହି ନିୟମରେ ବସିଲେ ସମସ୍ତେ ।

ବର୍ବୁଚି ଆଣି ଖାଦ୍ୟ ଦେଇଗଲା । ନନ୍ଦ ତାକୁ ସାହାଯ୍ୟ କରୁଥାଏ । ଅରୁଣା ଗାଙ୍ଗୁଲୀ ଦେଖାଶୁଣା କରୁଥାଏ ଟେବୁଲ ଟେବୁଲ ବୁଲି । ଇଂରେଜୀ, ହିନ୍ଦୀ, ବଙ୍ଗଳା ତିନିଟା ଭାଷାରେ ଚାଲିଥାଏ କଥାବାର୍ତ୍ତା । ଗାରନେଟ୍ ବକର ବକର କରୁଥାଏ । ନାନା ପ୍ରକାର ମାର୍କିନ ଥଟ୍ଟା କରି ଶଙ୍କରଙ୍କୁ ହସଉଥାଏ । ମାନସୀ ଗୋଟାଏ ବୁଦ୍ଧି କଲା, ଶଙ୍କର ହସିଲେ ସେ ହସୁଥାଏ । ଗାରନେଟର ପ୍ରଶ୍ନର ଉତ୍ତର ହଁ, ନାଁରେ ସାରୁଥାଏ । ଶଙ୍କର ନଜର ରଖିଥାଏ ସ୍ତ୍ରୀ ଉପରେ । ସେ ଜାଣେ ତାର ଅସୁବିଧା ହଉଚି । ଚଳେଇ ନଉଥାଏ ଦରକାର ବେଳେ ।

ପାଖ ଟେବୁଲରେ ଶ୍ରୀମନ୍ତ ବୋଷ ଓ ଉମା ବସି ଗପ କରୁଥାନ୍ତି । ପ୍ରାୟ ସମବୟସୀ ଦି'ଜଣ । ଉମା ଭଲ ବଙ୍ଗଳା ଜାଣେ । ଲେଶ ଲଗେଇଥାଏ ରାଜା ସାଙ୍ଗରେ । ତା ଶାର୍ଟ ଟାଣି ଦେଉଥାଏ । ତା ପ୍ଲେଟ୍‌ରୁ ମିଠା ଉଠେଇ ନେଇ ଖାଇ ଦଉଥାଏ । ଆସ୍ଥାର ହସୁଥାଏ ଲେଶର କାଣ୍ଡ ଦେଖି । ମଝିରେ ମଝିରେ ଗାରନେଟ, ଶଙ୍କର ଓ ମାନସୀ ସମ୍ବନ୍ଧରେ ଟିପ୍‌ପଣୀ କରୁଥାଏ । ସମସ୍ତେ ଉପଭୋଗ କରୁଥାନ୍ତି ଗାରନେଟର ପ୍ରଗଳ୍‌ଭତା ।

ପାର୍ଟି ସରିଲା ଛ'ଟା ବେଳକୁ । ସେତେବେଳକୁ ଅନ୍ଧାର ହୋଇ ଆସିଲାଣି । ଲନ୍‌ରୁ ସମସ୍ତେ ଉଠି ଆସି ବୈଠକଖାନାରେ ବସିଲେ । କଫି ଓ ସିଗ୍ରେଟ ସାଙ୍ଗରେ ଗପ ଚାଲିଲା ପନ୍ଦର କୋଡ଼ିଏ ମିନଟ । ତା ପରେ ବିଦାୟ ।

Digitized by srujanika@gmail.com

ବାରନ୍ଦାକୁ ଆସି ଜଣ ଜଣ କରି ସମସ୍ତଙ୍କୁ ବିଦାୟ ଦେଲେ ଶଙ୍କର ଓ ମାନସୀ । ମହିଳାମାନେ ଆସି ମାନସୀର ହାତ ଧରି ତାକୁ ନିମନ୍ତ୍ରଣ କଲେ ତାଙ୍କ ଘରକୁ । ପରିଷ୍କାର ଇଂରେଜୀରେ ସେମାନଙ୍କୁ ସେ ଧନ୍ୟବାଦ ଦେଲି ଓ ତାଙ୍କ ଘରକୁ ଯିବ ବୋଲି କହିଲା ।

ଅତିଥମାନେ ଯିବା ପରେ ମାନସୀ ପଶିଲା ଖାଇବା ଘରକୁ । ଅରୁଣାକୁ ଡାକି, ଟେବୁଲରେ ବସେଇ ତାକୁ ନିଜେ ବାଢ଼ିଦେଲା । ପେଟେ ଖୋଇଲା ତାକୁ । ବବୁର୍ଚ୍ଚିକୁ କହି ଡ୍ରାଇଭର, ମାଳି, ନନ୍ଦ ସମସ୍ତଙ୍କୁ ଜଳଖିଆ ଦିଆ କରେଇଲା । ଅରୁଣା ସାଙ୍ଗରେ ଗୁଡ଼ାଏ ମିଠା ଦେଇ, ଡ୍ରାଇଭରକୁ ଡାକି ଗାଡ଼ିରେ ତାକୁ ପଠେଇଦେଲା ତା ଘରକୁ ।

କାମ ସାରି ସେ ଯେତେବେଳେ ଉପରକୁ ଉଠିଲା, ସେତେବେଳକୁ ଘଡ଼ିରେ ସାତଟା । ଉମା ଘରକୁ ପଶି ଶୁଣିଲା ତା ଗାଧୁଆଘରେ ପାଣି ବୋହିବାର ଶବ୍ଦ । ଗାଧୋଉଛି ଉମା । ଗୁଜା ଲୁଗା ବଦଳେଇ ଲାଉଞ୍ଜରେ ବାଗାଟେଲ୍ ଖେଳୁଛି । ନନ୍ଦ ଅଛି ତା ପାଖରେ । ନିଜ ଶୋଇବା ଘରକୁ ପଶି ଦେଖିଲା, ଶଙ୍କର ଗୃହିବାସ ପିନ୍ଧି ଝରକା ପାଖରେ ଠିଆ ହୋଇ ସିଗ୍ରେଟ ଟାଣୁଛି । ମାନସୀ ଯାଇ ଠିଆ ହେଲା ସ୍ୱାମୀ ପାଖରେ । ଶଙ୍କର ଦେଖିଲା ତାକୁ ମିନିଟିଏ ଖଣ୍ଡେ ।

ମୁରୁକି ହସି ମାନସୀ ପଚାରିଲା, 'କଣ ହେଲା, କଥା କହୁନ ଯେ ?' ସିଗ୍ରେଟଟା ଝରକା ବାହାରକୁ ଫିଙ୍ଗି ଦେଇ, ଦୁଇ ହାତରେ ସ୍ତ୍ରୀକୁ ଧରି କହିଲା, 'ମେରୁନଫିସେଣ୍ଟ ! ତୁମକୁ ନେଇ କଣ କରିବି ମୁଁ ?' ମାନସୀର ଦେହଟା ନିଷ୍ପେଷିତ ହେଲା । ଶଙ୍କରର ମନ ଯେମିତି ମାନୁନି । ମାନସୀର କଣ ମାନୁଛି ? ସେ ବି ଆପ୍ରାଣ ଭିଡ଼ି ଧରିଛି ସ୍ୱାମୀକୁ ।

ତେର

ଇତି ମଧ୍ୟରେ ବ୍ୟରି ଦିନ ପାଇଁ ଯାଇଁ ବୋମ୍ବେ ଓ ଦିଲ୍ଲୀ ବୁଲି ଆସିଛି ଶଙ୍କର ।

ରାମଏକବାଲ ଚୌବେର ଘା ଶୁଖିଗଲାଣି । ଶଙ୍କର ସ୍ତ୍ରୀ ଓ ଭଉଣୀକୁ ନେଇ ଦେଖି ଆସିଛି ଦୁଇ ଥର । ଡାକ୍ତରଖାନାରୁ ଯେଉଁଦିନ ଚୌବେଜୀ ଡ଼ିସ୍‌ଚାର୍ଜ ହେଲା, ଶଙ୍କର ନେଇଗଲା ତାକୁ ଘରକୁ । ଦିନସାରା ବୁଢ଼ାକୁ ଖାତିର ଯତ୍ନ କଲେ ମାନସୀ ଓ ଉମା । ଶଙ୍କର ତା ପୁଅ ଦୀନଦୟାଲକୁ ଚାକିରି ଦେଲା ।

Digitized by srujanika@gmail.com

ଗାଡ଼ିଭଡ଼ା ଛଡ଼ା ଲୁଗାପଟା ଓ ଟଙ୍କା ଦେଲା ତାକୁ ମାନସୀ । ସନ୍ଧ୍ୟାବେଳେ ତାକୁ ନେଇ ଗାଡ଼ିରେ ବସେଇ ଦେଇ ଆସିଲେ ସମନ୍ତେ ।

ମାନସୀର ପାଠପଢ଼ା ଦ୍ରୁତ ଗତିରେ ଚାଲିଛି । ଉମା ମଧ୍ୟ ଯୋଗ ଦେଉଥାଏ । ମିସେସ୍ ପାଟ ଖୁବ୍ ଭଲ ମାଷ୍ଟ୍ରାଣୀ । ଏଭଳି ମନୋଯୋଗୀ ଛାତ୍ରୀ ପାଇ ତାର କାମ ସହଜ ହେଲା । ଲେଖାପଢ଼ା ସାଙ୍ଗରେ କଥା କହିବା ବରାବର ଅଭ୍ୟାସ କରାଉଥାଏ ମିସେସ୍ ପାଟ । ମାନସୀ ସାଙ୍ଗରେ ମୋଟେ ଓଡ଼ିଆରେ କଥା କହୁ ନ ଥାଏ । ଛୋଟ ଛୋଟ ଗପ ବହି, କବିତା ବହି ଦେଉଥାଏ ପଢ଼ିବାକୁ । ଦେଢ଼ ମାସ ପରେ ମାନସୀ ଓ ଉମାର ବିଦ୍ୟାପରୀକ୍ଷା କଲା ଶଙ୍କର ଦିନେ ସନ୍ଧ୍ୟାବେଳେ ଲାଇବ୍ରେରୀରେ । ଦେଖି ଆଶ୍ଚର୍ଯ୍ୟ ହେଲା ଉତ୍ତରସବୁ ନିର୍ଭୁଲ । ମୌଖିକ କଥାବାର୍ତ୍ତା ଅତି ଉତ୍ସାହଜନକ । ତହିଁ ଆରଦିନ ଗୋଟାଏ ଗପ ବହି ଆଣିଲା ଶଙ୍କର । ଦି'ଟା ବହି ଦି'ଜଣଙ୍କୁ ପଢ଼ିବାକୁ ଦେଲା । ସମୟ ବାନ୍ଧିଦେଲା ତିନି ଦିନ । ଦେଖିଲା ତାର ଆଦେଶ ପାଳିତ ହୋଇଛି । ବାକି ବହିଗୁଡ଼ା ଦି' ଭାଗ କରିଦେଲା । ଖବର ନେଇ ବୁଝିଲା, ଏମାନେ ପଢୁଛନ୍ତି ଓ ମଜା ପାଇଲେଣି । ସେ ଆହୁରି ବହି ଆଣିଲା ।

କଣ ଗୋଟାଏ ଛବି ଆସିଥାଏ । ସର୍ବେଜାମୀ ପାଟ କହିଲା ଏମାନଙ୍କୁ ଯାଇ ଦେଖି ଆସିବାକୁ । ଭୀଷଣ ଭିଡ଼ ହେଉଛି । ତଥାପି ଶତପଥୀ ସାହେବ ଚେଷ୍ଟା କଲେ ଟିକେଟ ମିଳିବ । ସେ ବି ଦେଖିନି ଛବିଟା ।

ଡିନାର୍ ଟେବୁଲରେ କଥା ଉଠେଇଲା ଉମା, 'ଭାଇନା, କଣ ଗୋଟାଏ ଛବି ଆସିଛି କଲିକତାକୁ । ସହରଯାକ ଲୋକ ଦେଖି ସାରିଲେଣି, ଆମେ ଦେଖନ୍ତୁ ।'

'ଛବି ! କି ଛବିରେ ? କାହିଁ, ମୁଁ ତ ଜାଣେନି !' ସମୟ କାହିଁ ଶଙ୍କରର ଛବି ଦେଖି ଯିବାକୁ । ଭୀଷଣ କାମ ପଡ଼ିଛି ବର୍ତ୍ତମାନ । ମାଦ୍ରାଜ ଶାଖା ଖୋଲିଯିବ । ବାଙ୍ଗାଲୋର ଓ ହାଇଦ୍ରାବାଦରେ ତା ପରେ । ଅଫିସରେ ଟିକିଏ ବୋଲି ଫୁରୁସତ୍ ନାହିଁ । ନିଉୟର୍କରୁ ନିର୍ଦ୍ଦେଶ ଆସିଛି ବ୍ୟବସାୟ ବଢ଼ାଅ । ଶାଖା ଖୋଲିଯାଅ । ଲାଭ କଥା ଏଇକ୍ଷଣି ବଡ଼ ନୁହେଁ । ବଡ କଥା ହେଉଛି ଭାରତରେ ଇଉନିଅନ କେମିକେଲ୍‌ସର ମାଲ ଯେମିତି ଅପରିହାର୍ଯ୍ୟ ହୋଇଉଠେ । ଦିଲ୍ଲୀରୁ ଖବର ଆସିଛି, ଭାରତ ସରକାର ତା କମ୍ପାନୀର ମାଲକୁ ଶୁଳ୍କ ରିହାତି ଦବା କଥା ବିଚାର କରୁଛନ୍ତି । ତାକୁ ପୁଣି ଯିବାକୁ ହବ ଦିଲ୍ଲୀ । ପାର୍ଟି ଦବାକୁ ହବ ଅଶୋକାରେ । ସେକ୍ରେଟେରୀମାନଙ୍କୁ ଖୁସି କରିବାକୁ ହବ ।

ରାଜାକୁ ଶୋଇପକେଇ ଉମା ଭାଉଜକୁ ଡାକିନେଇ ପଶିଲା ଲାଇବ୍ରେରୀରେ । ଶଙ୍କର କଣ ଗୋଟାଏ ପଢୁଥାଏ । ଏମାନଙ୍କୁ ଦେଖି କହିଲା,

Digitized by srujanika@gmail.com

'ଆସ' । ଉମା ଆଗେଇ ଯାଇ ହାତର ଖବର କାଗଜଟା ବଢ଼େଇ ଦେଲା । ଦେଖାଇ ଦେଲା ବିଜ୍ଞାପନଟା । ଶଙ୍କର ଦେଖିଲା, ଟେନେସି ଉଇଲିଅମ୍ସର 'ଏ ଷ୍ଟ୍ରିଟ୍ କାର୍ ନେମ୍ଡ଼ ଡିଜାୟାର୍' । ଭିଭିଏନ୍ ଲେହ୍‌ର ଛବି । ଏ ବହିଟା ସେ ଦେଖିଥିଲା ବ୍ରଡ୍‌ୱେର ଏକ ପ୍ରଖ୍ୟାତ ମଞ୍ଚରେ । ଯୌନ ଆବେଦନର ଏକ ନୂଆ ଦିଗ ଦିଆଯାଇଛି ଏ ନାଟକରେ । ହସିଲା ସେ । ମନ୍ଦ କଣ ? ମାନସୀକୁ ଦେଖେଇବ ସେ ଏ ଛବି ପାଖରେ ବସେଇ ।

ଖବର କାଗଜ ଫେରେଇ ଦେଲା ଉମାକୁ, 'ହଉ, ଯିବା । ମୁଁ ଆଗ ଟିକେଟ ଆଣେ । ମନେ କରେଇ ଦବୁ କାଲି ଅଫିସରେ ଥିଲାବେଳେ ।'

'ଗୋଟାଏ ବଳକା କିଣିଥିବ ଭାଇନା । ମିସେସ୍ ପାଣ୍ଡ ଯିବ କହୁଛି । ସେ ଦେଖିନି ଏ ଛବି, ଟିକଟ ପାଉନି ।'

'ପଚାରିଲୁ ତୋ ନୂଆବୋହୂକୁ, ମାଷ୍ଟ୍ରାଣୀକୁ ସାଙ୍ଗରେ ନବ ତ ?'

'ମଲା !' ମାନସୀ କହିଲା, 'ତାଙ୍କୁ କଣ ମୁଁ ବୋହିକି ନେବି କି ? ତାର ମିଷ୍ଟାରଟିର ଦିନ ରାତି ଡ୍ୟୁଟି । ବିଚାରୀ ସମୟ ପାଏନି । ସେଥିଲାଗି ଆମକୁ କହୁଛି ।'

'ବେଶ୍, ମାଷ୍ଟ୍ରାଣୀ ଅନ୍ତର୍ଭୁକ୍ତ ହେଲେ । କଉଦିନ ଟିକଟ ମିଳୁଛି ଦେଖାଯାଉ ।'

ତହିଁ ଆରଦିନ ଅରୁଣାକୁ କହିଲାରୁ ଘଣ୍ଟାକ ଭିତରେ ସେ ଯୋଗାଡ଼ କରିଦେଲା ଚାରିଟା ଟିକେଟ, ରବିବାର ରାତି ନ'ଟା ଶୋ'ର । ଟିକେଟଗୁଡ଼ା ନେଇ ଶଙ୍କର ପଚାରିଲା, 'ତୁମେ ଦେଖିଲଣି ଏ ଛବି, ମିସ୍ ଗାଙ୍ଗୁଲି ?'

'ନା ସାର୍, ମୁଁ ସମୟ କରି ପାରେନି ଛବି ଦେଖିବାକୁ । ଘରେ ବାବା ଏକା । ରନ୍ଧାବଢ଼ା ହାତରେ କରିବାକୁ ହୁଏ । ତେବେ ମଝିରେ ମଝିରେ ଯାଏଁ ଦେଖିବାକୁ ମାଟିନି ଶୋ, ରଞ୍ଜନ ଏଠି ଥିଲେ ।' ରଞ୍ଜନ ତାର ଭବିଷ୍ୟତ ସ୍ୱାମୀ ।

ଶଙ୍କର ଦେଖିଲା, ରାତି ନ'ଟାରେ ଶୋ' । ବାହାରେ ଡିନାର୍ ଖାଇ ଛବି ଦେଖି ହବ । ମାନସୀ ଓ ଉମା ବାହାରେ କେବେ ଖାଇ ନାହାନ୍ତି । ଏ ଗୋଟାଏ ମଉକା ସେମାନଙ୍କୁ ଗୋଟାଏ ନୂଆ ଅଭିଜ୍ଞତା ଦବାକୁ । ଅରୁଣାକୁ କହିଲା ସେ, ଗୋଟାଏ ପ୍ରସିଦ୍ଧ ଭୋଜନାଳୟରେ ଟେବୁଲ ରିଜର୍ଭ କରିବାକୁ, ରବିବାର ସନ୍ଧ୍ୟାରେ ।

ଲାଞ୍ଚ୍ ପାଇଁ ଘରକୁ ଫେରି ସ୍ତ୍ରୀକୁ ଟିକେଟଗୁଡ଼ା ଦେଇ କହିଲା, 'ସେଦିନ ବାହାରେ ଡ଼ିନାର୍ ଖାଇ, ଛବି ଦେଖିସାରି ଘରକୁ ଫେରିବା । ଠିକ ?' କୁଣ୍ଠିତା

Digitized by srujanika@gmail.com

ହୋଇ ମାନସୀ ପଚାରିଲା, 'କଉଠି ଖାଇବା ବାହାରେ ? କଣ ଖାଇବାକୁ ଦିବ ? କି ଜାତିର ଲୋକ ସେ ?'

ହୋ ହୋ କରି ହସିଲା ଶଙ୍କର । ତା ହସ ଶୁଣି ଉମା ଆସି ଠିଆ ହେଲା, 'କଣ ହେଲା, ଭାଇନା ?'

କଥାଟା କହିଲା ଶଙ୍କର ତାକୁ, 'ତୋ ନୂଆବୋହୂର ଜାତି ଏତେ ପତଳା ଯେ, ବାହାରେ କଉଠି ଖାଇଲେ ସେ ଜାତି କାଳେ ତା ଦେହରୁ ଛୁଟିଯିବ, ଏହି ଆଶଙ୍କା ତାର ସବୁବେଳେ ।' ସ୍ତ୍ରୀ ଆଡ଼କୁ ଚାହିଁ କହିଲା, 'ଯଉଠି ଖାଇବା ଆମେ, ସେଠି ଯେ ପାଚକ, ତା ଘର କେନ୍ଦ୍ରାପଡ଼ା । ଶ୍ରୋତ୍ରିୟ ବ୍ରାହ୍ମଣ । ନିରୋଳ ଅରୁଆ ଚାଉଳର ଅନ୍ନ, ଆମିଷର ଗନ୍ଧ ବାସନା ନାହିଁ । ବ୍ୟଞ୍ଜନ ହେଲା ଡାଲମା ଆଉ ଓଉଖୋଲ । ହବ ତ ?' ପୁଣି ହସିଲା ଶଙ୍କର ।

ରବିବାର ଦିନ ଛ'ଟା ବେଳକୁ ଆସି ପହଞ୍ଚିଲା ସରୋଜିନୀ ପାଣି । ବେଶବାସ ଏକାବେଳକେ ଆଧୁନିକ । ମୁହଁରେ ନାନା ପ୍ରକାର ରଙ୍ଗ । ଶାଢ଼ୀଟା ମଧ୍ୟ ହରେକ ରଙ୍ଗର । ବ୍ଲାଉଜ୍‌ଟା ନିଉକାଟ୍‌ର । ସେ କାଟ୍ ଏତେ ନୂଆ ଯେ, ଦେହ ନ ଢାଙ୍କିବାର ଗୋଟାଏ ଇଚ୍ଛାକୃତ ପ୍ରଚେଷ୍ଟା ହୋଇଛି ସେଥିରେ । ବୈଠକଖାନାରେ ବସି ଖବର ଦେଲା ସେ । ମାନସୀ ସିଡ଼ି ଉପରୁ ତାକୁ ଦେଖି କହିଲା, 'ଟିକିଏ ବସନ୍ତୁ, ମୁଁ ଆସୁଛି ।' ନନ୍ଦକୁ ମିସେସ୍ ପାଣିଙ୍କୁ ଚା ଦିବାକୁ କହି ସେ ଗଲା ଉମା ପାଖକୁ । ଦି' ଜଣ ସିଡ଼ି ଉପରୁ ଦେଖିଲେ ତାକୁ । ହସି ହସି ଲୁଗା ପିନ୍ଧିବାକୁ ଚାଲିଗଲେ ।

ରାଜା ରହିଲା ଘରେ । ସେ ନନ୍ଦ ସାଙ୍ଗରେ 'ମନୋପଲି' ଖେଳୁଛି । ଆଠଟା ବେଳକୁ ଖାଇନେଇ ଶୋଇପଡ଼ିବ ।

ଶଙ୍କର ସ୍ତ୍ରୀ ଓ ଭଉଣୀକୁ ନେଇ ଓହ୍ଲାଇ ଆସିଲା ତଳକୁ । ସରୋଜିନୀ ପାଣି ନମସ୍କାର କଲା । ଶଙ୍କର ତାକୁ ଧନ୍ୟବାଦ ଦେଲା, ତାର ଛୁଟୀମାନଙ୍କର ଯତ୍ନ ନେଉଛି ବୋଲି । ସମସ୍ତେ ଯାଇ ଗାଡ଼ିରେ ବସିଲେ ।

ପ୍ରାୟ ଆଠଟା ବେଳକୁ ଏମାନଙ୍କୁ ନେଇ ଶଙ୍କର ପଶିଲା ରେସ୍ତୋରାଁରେ । ଅଳ୍ପ ଅଳ୍ପ ଲୋକ ଆସିଲେଣି । ଶଙ୍କରର କାର୍ଡ଼ ଦେଖି ତାକୁ ଟେବୁଲକୁ ପାଛୋଟି ନେଲା ରିସେପ୍‌ସନିଷ୍ଟ । ତିନୋଟି ନାରୀଙ୍କୁ ନିଜ ପାଖରେ ବସେଇଲା ଶଙ୍କର । ପାନୀୟର ତାଲିକା ଦେଇଗଲା ଖାନସାମା । ତାକୁ ଦେଖି ଫେରେଇ ଦେଇ, ଖାଦ୍ୟ ତାଲିକା ଉଠେଇ ନେଇ ପଚାରିଲା, 'କଣ ଖାଇବୁରେ ଉମି ?' ଉମା ଏଭଳି ଭୋଜନାଳୟ ଦେଖି ନ ଥିଲା । ଏଠିକା କାଣ୍ଡ କାରଖାନା ବିଷୟରେ କୌଣସି ଜ୍ଞାନ ନାହିଁ ତାର । ଭାଉଜ ଆଡ଼କୁ ଅନେଇ ହସି କହିଲା,

Digitized by srujanika@gmail.com

'ତୁମେ ତ ଜାଣ ଆମର ରୁଚି, ସେଇ ଅନୁସାରେ ବନ୍ଦୋବସ୍ତ କର ।' ସର୍ଭେଣ୍ଟକୁ ପାଣ୍ଡେଙ୍କୁ ପଚାରିଲା ଶଙ୍କର, 'ମିସେସ୍ ପାଣ୍ଡେ ! ଆପଣଙ୍କ ରୁଚି ସାଙ୍ଗରେ ମୋର ପରିଚୟ ନାହିଁ । କଣ ଖାଇବେ କହନ୍ତୁ ?' 'ଯାହା ସମସ୍ତଙ୍କ ପାଇଁ ହବ, ମୋର ସେଥିରେ ରାଜି ।' ଉତ୍ତର ଦେଲା ସେ । ବନ୍ଦୋବସ୍ତ କଲା ଶଙ୍କର, ମାଛର ନାନାପ୍ରକାର ଖାଦ୍ୟ । ତା ସାଙ୍ଗରେ ସବ୍ଜି, ପୁଡ଼ିଂ ଓ ଫଳ ।

ଧୀରେ ଧୀରେ ଆରମ୍ଭ ହେଲା ଅର୍କେଷ୍ଟ୍ରା । ମାନସୀ ସ୍ୱରଆଡ଼କୁ ଅନେଇଲା । ମୋଲାଏମ୍ ଅଲୁଅ ସାଙ୍ଗକୁ ଏହି ବାଦ୍ୟ, ଖାଦ୍ୟାର୍ଥୀ ନରନାରୀ ଦଳ । ଦେହ ତାର ଶିର ଶିର କଲା । ଆସ୍ତେ ଆସ୍ତେ ଭର୍ତ୍ତି ହୋଇଗଲା ଭୋଜନାଳୟ । ନାନା ଜାତିର ନରନାରୀ, ନାନା ପ୍ରକାରର, ନାନା ରଙ୍ଗର ପରିଧେୟ । ଖାଦ୍ୟ, ସୁରା, ସିଗ୍ରେଟର ଗନ୍ଧରେ ଭାରାକ୍ରାନ୍ତ ହେଲା ଭୋଜନାଳୟର ବାତାବରଣ । ଅଦୂରରେ ଷ୍ଟେଜ୍ ମଞ୍ଚଟିଏ । ତାର ସାମନାରେ ବସିଛନ୍ତି ବାଦ୍ୟକାର । ପର୍ଦ୍ଦା ଘୁଞ୍ଚିଗଲା, ଆରମ୍ଭ ହେଲା ନୃତ୍ୟ । ଦୁଇଟି ନର୍ତ୍ତକୀ, ଆଇନର ବାଧା ନିଷେଧକୁ ଯେତେ କମ୍‌ରେ ମାନିହୁଏ, ସେତିକ ରଖି ନିଜକୁ ସଜେଇଛନ୍ତି ସେମାନେ । ଦେହର ମଧ୍ୟମାଙ୍ଗର ଅଧିକାଂଶ ଉନ୍ମୁକ୍ତ । ନାଭିଗହ୍ୱର ଦଶ୍ୟୁଛି । ନାନା ଭାବ ଭଙ୍ଗୀରେ ଚାଲିଛି ନୃତ୍ୟ, 'ଇଜିପ୍‌ସିଆନ୍ ବେଲି ଡାନ୍‌ସ' । ସଙ୍ଗୀତର ଗତି ବଢ଼ିଲା । ନୃତ୍ୟ କ୍ରମଶଃ ଉଦ୍ଦାମ ହେଲା । ନାଚୁ ନାଚୁ ଚାଲିଆସିଲେ ନର୍ତ୍ତକୀ ଭୋଜନରତ ଗ୍ରାହକମାନଙ୍କ ପାଖକୁ । ଟେବୁଲ୍ କଡେ କଡେ ନାଚ ଚାଲିଲେ ସେମାନେ ନାନା ଭଙ୍ଗୀରେ । ଜଣେ ଆସି ଶଙ୍କରର କାନ୍ଧରେ ହାତ ରଖିଲା । ଶଙ୍କର ତାକୁ ଅନେଇ ହସିଲା ଟିକିଏ । ତାକୁ ଛାଡ଼ି ସେ ଯାଇ ମାନସୀର ଗାଲରେ ଅଙ୍ଗୁଳି ସ୍ପର୍ଶ କରି କହିଲା, 'ହୁଆଟ୍ ଏ ଯୁଇଟ୍ ଗାର୍ଲ୍' । ମାନସୀ ତାର ସ୍ପର୍ଶରୁ ରକ୍ଷା ପାଇବାକୁ ମୁହଁ ବୁଲେଇ ନେଲା । ନର୍ତ୍ତକୀମାନେ ପୁଣି ମଞ୍ଚକୁ ଫେରି ତାଙ୍କର ଶେଷ ନୃତ୍ୟ ଦେଖାଇଲେ । ପର୍ଦ୍ଦା ପଡ଼ିଲା ।

ଖିଆ ସରିଲାରୁ ଉଠିଲେ ଏମାନେ । ବାହାରର ଥଣ୍ଡା ପବନରେ ସମସ୍ତେ ସ୍ୱାଭାବିକ ହେଲେ ପୁଣି । ଘଡ଼ି ଦେଖିଲା ଶଙ୍କର, ନ'ଟା ବାଜିବାକୁ କୋଡ଼ିଏ ମିନିଟ୍ ବାକି । ସମସ୍ତଙ୍କୁ ଗାଡ଼ିରେ ବସେଇ ସେ ନେଇ ଠିଆ କଲା ଗୋଟାଏ ପ୍ରସିଦ୍ଧ ଚଳଚ୍ଚିତ୍ରଗୃହରେ । ଏମାନଙ୍କୁ ଗାଡ଼ିରୁ ଓହ୍ଲେଇ ଦେଇ ଶଙ୍କର ଗାଡ଼ିନେଇଗଲା ଆଗକୁ, ପାର୍କ କରିବାକୁ । ସେ ଫେରିଲାରୁ ସମସ୍ତେ ପଶିଲେ ପ୍ରେକ୍ଷାଗୃହକୁ । ସଙ୍ଗୀତ ଆରମ୍ଭ ହେଲାଣି । ବସିବାକୁ ଯାଇ ଶଙ୍କର ସ୍ତ୍ରୀର ହାତ ଧରି ଆକର୍ଷଣ କଲା ତାକୁ ନିଜ ପାଖକୁ । ଶଙ୍କର ପାଖରେ ବସିଲା ମାନସୀ, ତା ପରେ ଉମା ଓ ଶେଷରେ ମିସେସ୍ ପାଣ୍ଡେ ।

Digitized by srujanika@gmail.com

ଏମାନେ ବସି ସାରିବାର ପାଞ୍ଚ ମିନିଟ ପରେ ଆରମ୍ଭ ହେଲ ଚିତ୍ର । ଆଗ ଟପିକେଲ ବାଜେଟ୍, ତା ପରେ ଲରେଲ ହାର୍ଡିର ଗୋଟିଏ ବ୍ୟଙ୍ଗ ଚିତ୍ର । ହସି ହସି ବେଦମ ହେଲେ ମାନସୀ ଓ ଉମା । ତା ପରେ ବିଶ୍ରାମ । ନରମ ଆଲୁଅ ଜଳିଉଠିଲା । ଶଙ୍କର କିଣିଲା ଲୁଣିଆ ବାଦାମ । ସମସ୍ତେ ଖାଇଲେ । ତା ପରେ ଆଲୁଅ କମିଯାଇ ଲିଭିଗଲା । ଆରମ୍ଭ ହେଲ ଛବି 'ଏ ଷ୍ଟ୍ରିଟ୍ କାର ନେମଡ଼ ଡିଜାୟାର୍' । ଶେଷଆଡ଼କୁ ଗୋଟାଏ ଜାଗାରେ ଶଙ୍କର ଅନୁଭବ କଲା ତା କୋଳରେ ମାନସୀର ହାତ । ସେ ଧରିଲାରୁ ମାନସୀ ଚୁପ ଦେଲା । ତା ମୁଣ୍ଡଟା ଶଙ୍କର ଆଡ଼କୁ ଗଡ଼ି ଆସିଲା । ଶଙ୍କରର ନାକରେ ବାଜିଲା ମାନସୀର କେଶର ସୁଗନ୍ଧ । ଶଙ୍କରର ଡାହାଣ ଗୋଡ଼ଟା ଛନ୍ଦି ହେଲା ମାନସୀର ବାଁ ଗୋଡ଼ରେ । ମାନସୀର ପାଟିରୁ ବାହାରି ଆସିଲା ଅତି ଆସ୍ତେ ଗୋଟାଏ 'ଉଃ' ।

ଛବି ସରିଗଲା । ବାହାରକୁ ଆସିଲେ ସମସ୍ତେ । ସେଇଠି ଦେଖା ହେଲା ରଜତ ସିଂଦେଓ ସାଙ୍ଗରେ । ସେ ତା ସ୍ତ୍ରୀକୁ ନେଇ ଆସିଛି । 'ଡକ୍ଟର ଶତପଥୀ !' ଆଗେଇ ଆସି ଶଙ୍କର ସାଙ୍ଗରେ ହାତ ମିଳେଇଲା ସିଂଦେଓ । 'ମୋ ସ୍ତ୍ରୀ', ପରିଚୟ କରିଦେଲା ସେ । ପରିଚିତ ହେଲା । ସିଂଦେଓର ସ୍ତ୍ରୀ, ବର୍ଷ ଅଠର ଉଣେଇଶର ଝିଅଟିଏ । ରାଜକନ୍ୟା ସେ, ଅପୂର୍ବ ସୁନ୍ଦରୀ । ଭାରି ସପ୍ରତିଭ । ଗପ କରି କରି ପଦାକୁ ଆସିଲେ ସମସ୍ତେ । ମାନସୀକୁ ଭାରି ଭଲ ଲାଗିଲା ଏଇ ରାଜକନ୍ୟାଟି । ବିଦାୟ ପୂର୍ବରୁ ସେ ତାକୁ ନିମନ୍ତ୍ରଣ କଲା । ଉମା ଚାଲିଯିବ ଶୀଘ୍ର, ତା ଆଗରୁ ତାକୁ ଆସିବାକୁ କହିଲା । ଶଙ୍କର ଡାକିଲା, 'ଆସନ୍ତା ରବିବାର ଦିନ ଆସନ୍ତୁ ।' ସିଂଦେଓ ରାଜି ହେଲା ।

ଫେରିବା ପଥରେ ଶଙ୍କର ପଚାରିଲା, 'ମିସେସ୍ ପାଣି, ଆପଣ କେଉଁଠି ରହୁଛନ୍ତି ?' ମିସେସ୍ ପାଣି ବାଲିଗଞ୍ଜରେ ରହେ, ତାର ଠିକଣା ଦେଲା ସେ । ଆଗ ଘରକୁ ଆସି ସ୍ତ୍ରୀ ଓ ଭଉଣୀଙ୍କୁ ଓହ୍ଲେଇ ଦେଇ ଶଙ୍କର ମିସେସ୍ ପାଣିକୁ ନେଇଗଲା ତା ବସାକୁ ।

ମିସେସ୍ ପାଣି ଗାଡ଼ିରୁ ଓହ୍ଲେଇ ଡାକିଲା ତାକୁ, 'ଟିକିଏ ଆସିବେ ନାହିଁ ?'

ଶଙ୍କର ମନା କଲା, 'ବହୁତ ରାତି ହେଲାଣି, ଆଉ ଦିନେ । ଗୁଡ୍ ନାଇଟ୍ ।'

ମଧ୍ୟ ରାତିର କଲିକତା । ରାସ୍ତା ପ୍ରାୟ ଜନଶୂନ୍ୟ । ଫାଁ ଫାଁ ଗୋଟାଏ ଅଧେ ଗାଡ଼ି ଚାଲିଛି । ଜୋରରେ ଛୁଟାଇଲା ତା ଗାଡ଼ିକୁ ଶଙ୍କର । ଘରକୁ ଫେରି ଉପରକୁ ଉଠି, ଦେଖିଲା ମାନସୀ ଓ ଉମା ଲୁଗାପଟା ବଦଳେଇ ବସି ଗପ

Digitized by srujanika@gmail.com

କରୁଛନ୍ତି ତା ଶୋଇବା ଘରେ । ତାକୁ ଦେଖି ଦୁ' ଜଣଯାକ ଉଠି ଠିଆ ହେଲେ ।

ଉମା ପଚାରିଲା, 'ଗ୍ରାଣ୍ଡ୍‌ଦେଇ ଆସିଲ ଭାଇନା, ସେଭେନ୍‌ଥ୍ ପାରାଡ୍କୁ ?'

ପୋଷାକ ଖୋଲୁ ଖୋଲୁ ହୁଁ କହି ପଶିଗଲା ସେ ପାଖ ଘରକୁ ଲୁଗା ବଦଳେଇବାକୁ । ଫେରି ଆସି ଦେଖିଲା, ମାନସୀ ଏକା, ଉମା ନାହିଁ ।

'ଉମି କୁଆଡ଼େ ଗଲା ?'

'ଶୋଇବାକୁ ଗଲେ । ତୁମେ କଫି ଖାଇବ ?'

'ନା । ବହୁତ ରାତି ହେଲାଣି, ଶୋଇବା ।' ଖଟରେ ବସିପଡ଼ି ସ୍ତ୍ରୀକୁ ଟାଣି ଆଣି ପାଖରେ ବସେଇଲା ।

'କେମିତି ଉପଭୋଗ କଲ ଆଜି ସନ୍ଧ୍ୟାଟା, କୁହ ?' ସିଗ୍ରେଟଟା ଦଳି ଦେଇ ସେ ଲମ୍ବା ହୋଇ ଶୋଇପଡ଼ିଲା ବିଛଣାରେ । ମାନସୀକୁ ଆଉଜେଇ ଆଣିଲା ଛାତି ଉପରକୁ ।

'ଏମାନେ ଏମିତି ନାଚନ୍ତି, ଲାଜ ମାଡ଼େ ନାହିଁ ?' ମାନସୀ ପଚାରିଲା ।

ଶଙ୍କର ତା ମୁହଁକୁ ଚାହିଁଲା, 'ନା, ସେମାନଙ୍କର ବ୍ୟବସାୟ ନାଚ । ଲାଜ ମାଡ଼ିଲେ ପେଟ ଚଳିବ କେମିତି ?'

'ଏମିତି ଯେ ଛବି ନେଉଛନ୍ତି, ଏକାଠି ଶୋଇ ?'

'ସେ ବି ବ୍ୟବସାୟ ।' ଗୋଡ଼ରେ ଘୋଡ଼େଇ ହବା ଚାଦରଟା ଟାଣିବାକୁ ଚେଷ୍ଟା କଲା ଶଙ୍କର ।

ମାନସୀ ଉଠିଯାଇ ଚାଦରଟା ତା ଦେହରେ ଘୋଡ଼େଇ ଦେଇ ତାରି ପାଖରେ ଶୋଇପଡ଼ିଲା । ଶଙ୍କର ତାକୁ ଟାଣିନେଲା ଚାଦର ଭିତରକୁ । ତା ପରେ ତାକୁ କହିଲା, ଇଉରୋପର ନୃତ୍ୟଶାଳାମାନଙ୍କର ଗପ, ହଲିଉଡ୍‌ର ନରନାରୀଙ୍କ ଯୌନଜୀବନ ସମ୍ପର୍କରେ । ମାନସୀ କାବା ହୋଇ ଶୁଣୁଥାଏ ।

ଚଉଦ

ସକାଳୁ ଉଠି ମାମୁଁ ଭଣଜା ବେଡ଼୍‌ମିନ୍‌ଟନ୍ ଖେଳୁଛନ୍ତି ଲନ୍‌ରେ । ଛ' ବର୍ଷର ରାଜା ସାଙ୍ଗରେ ଶଙ୍କର । ରାଜାକୁ ଶିଖାଉଥାଏ କେମିତି ମାରିବାକୁ ହେବ । ଉମା ଆସି ଠିଆ ହେଲା । ରାଜା ହାତରୁ ରେକେଟ୍ ନେଇ ଖେଳିଲା ଟିକିଏ । ଖାରକୁଦରେ ଚନ୍ଦ୍ରଶେଖର ଥିଲାବେଳେ ଝିଅମାନଙ୍କର ଗୋଟାଏ କ୍ଲବ୍ ହୋଇଥିଲା । ରାଜା ଜନ୍ମ ହବା ଆଗର ଘଟଣା । ବକୁଲ ଶନ୍ତ ମୋଫତ୍

Digitized by srujanika@gmail.com

ମିଳୁଥାଏ । ଗୋଟାଏ ବଡ଼ ସିମେଣ୍ଟ ଗୋଦାମକୁ ସଫା କରି ମହିଳାମାନଙ୍କ ପାଇଁ କ୍ଲାବ୍ ହୋଇଥିଲା । ସେଠି ଉମା ଖେଳୁଥିଲା ବେଡ୍‌ମିଣ୍ଟନ୍ । ତା ପରେ ରାଜା ଜନ୍ମ ହେଲା ଏବଂ ଚନ୍ଦ୍ରଶେଖର ସାଙ୍ଗରେ ସେ ବି ଭୁଲିଲା ବଦଳାରେ ।

ଶଙ୍କର ମଧ୍ୟ ଖୁବ୍ ପଟୁ ନୁହେଁ । ତଥାପି ଉମା ତୁଳନାରେ ଢେର ଭଲ । ଗୋଡରୁ ଚଟି ଖୋଲି କୋର୍ଟ ବାହାରକୁ ଫିଙ୍ଗିଦେଲା ଶଙ୍କର । ଉମା ଆଉ ସେ ଖେଳିଲେ । ରାଜାକୁ ପଏଣ୍ଟ ଗଣିବାର କୌଶଳ ଶିଖାଉଥାଏ ଶଙ୍କର । ଥ୍ରୀ ଲଭ୍, ଫାଇଭ୍ ଟୁ, ଇଲେଭେନ୍ ଟୁ । ଗେମ୍ ସରିଗଲା । ଉମା କପାଳରେ ବିନ୍ଦୁ ବିନ୍ଦୁ ଝାଳ । ଶଙ୍କର କହିଲା, 'କୋର୍ଟ ବଦଳା, ଆଉ ଗୋଟାଏ ଗେମ୍ ଖେଳିବା ।'

ପୁଣି ଖେଳିଲେ । ଏ ଥର ଦୁ' ଜଣଙ୍କର ଖେଳ ଭଲ ହେଲା; କିନ୍ତୁ ଶେଷ ପର୍ଯ୍ୟନ୍ତ ଉମା ପାରିଲା ନାହିଁ । ଥକିଗଲା ସେ । ମାନସୀ ଏଥି ଭିତରେ କେତେବେଳେ ଆସି ଠିଆ ହୋଇଛି, ଦୁ'ଜଣ ସାରୁ ଦେଖି ନ ଥିଲେ । 'ହେଲୋ ମେମ୍ ସାବ୍, ଗୁଡ୍ ମର୍ଣ୍ଣିଂ' ଶଙ୍କର କହିଲା ଚଟିରେ ଗୋଡ଼ ଗଳଉ ଗଳଉ । ଗେଞ୍ଜି ଉପରୁ ପଡିଲା ପୁଏଟାରଟା ଖୋଲି ସ୍ତ୍ରୀ ଉପରକୁ ଫିଙ୍ଗିଦେଲା ସେ । ମାନସୀ ଧରିନେଲା । ଉମା ଆସି ଭଉଜ କାନ୍ଧରେ ଭର ଦେଇ ଠିଆ ହେଲା ।

ଗୋଡ ହାତ ଛୁଟି, ଦେହରୁ ଜଡ଼ତା ନାଶ କରୁ କରୁ ଶଙ୍କର ଆସି ଠିଆ ହେଲା ଏମାନଙ୍କ ପାଖରେ । ନନ୍ଦ ଆସି ଖେଳ ସରଞ୍ଜାମ ନେଇଗଲା । ସାହେବଙ୍କୁ ପଚାରିଲା, କଫି ଏଇଠିକି ଦେବ ?'

'ଏଁ ଏଠି ଦବୁ ? ହୁଆଇ ନଟ୍ ! ଯା, ନେଇଆ ଏଠିକି ।'

ମାଳି ଓ ନନ୍ଦ ଚଟାପଟ ହାଲୁକା ଚଉକି ଆଣି ପକେଇଲେ ଲନ୍‌ରେ । ମଝିରେ ଗୋଟିଏ ଅଳ୍ପ ଉଚ୍ଚର ଟିପଏ ପକେଇ ଟ୍ରେ ରଖିଲା ନନ୍ଦ । ତା ପରେ ଦଉଡ଼ି ଯାଇ ସାହେବର ସିଗ୍ରେଟ ପେକ୍ଟ ଓ ଲାଇଟାର୍ ନେଇ ଆସିଲା ।

ରାଜାକୁ ଉମା କହିଲା, 'ଯା, ନନ୍ଦ ତୋତେ ଗାଧୋଇ ଦେଇ ଲୁଗା ପିନ୍ଧେଇ ଦବ ।' ରାଜାକୁ ନେଇ ନନ୍ଦ ଚାଲିଗଲା ।

'ମୋର କଲିକତାରେ ରହିବା ସରିଆସିଲା ଭାଇନା, ଆଉ କୁଆଡେ ବୁଲିଯିବା ?' ପଚାରିଲା ଉମା ।

'କୁଆଡେ ଯିବୁ କହ ? ସବୁ ତ ପ୍ରାୟ ଦେଖିଲୁଣି ରୁ । ଆଚ୍ଛା ଶୁଣ, ଆଜି ଗୋଟାଏ ନୂଆ ଜାଗାକୁ ଯିବା । ମୁଁ ବି କେବେ ଯାଇନି ସେଠିକି ।'

'କୁଆଡ଼େ ଯିବ ମନ କରିଛ ?' ମାନସୀ ପଚାରିଲା ।

Digitized by srujanika@gmail.com

"ବେଲୁଡ଼ ଓ ତା ପରେ ଦକ୍ଷିଣେଶ୍ୱର । ରାମକୃଷ୍ଣ ପରମହଂସଙ୍କ ଜାଗା । ଶୁଣିଛି ଭାରି ନିର୍ଜନ, ଭାରି ଶାନ୍ତ ପରିବେଶ । ଯିବ ?"

"ନିଶ୍ଚୟ ଯିବା ଏବଂ ପୂଜା ଦଆଯିବ ।" ଉମା କହିଲା ମାନସୀ ମୁହଁକୁ ଚାହିଁ ।

"ପୂଜା କଣ ଦଆଯିବ ?" ପଚାରିଲା ଶଙ୍କର !

"ସକାଳୁ ଗୋଟାଏ ଭଲ ଖବର ଦେବି । କଣ ଖୋଇବ କୁହ ।"

"ତୁ ଯାହା କହିବୁ । ତା ଆଗରୁ ଭଲ ଖବରଟା କଣ ଶୁଣେ ?"

ଭାଉଜ ଆଡ଼କୁ ଚାହିଁଲା ଉମା । ଶଙ୍କର ଦେଖିଲା ମାନସୀ ମୁହଁଟା ରକ୍ତିମ ହେଉଛି ।

"ତୁମେ ବାପା ହବାକୁ ଯାଉଛ ।"

ମାନସୀ ଲଜରେ ପଳେଇଲା ସେଠୁ । ଶଙ୍କର ସ୍ଥିର ଗଭୀପଥକୁ ଚାହିଁ ରହିଲା ମିନିଟିଏ ଖଣ୍ଡେ । ତାପରେ ଉମାକୁ ପଚାରିଲା, "ତୁ କେମିତି ଜାଣିଲୁ ?"

"ବାନ୍ତି କରୁଛି ନୂଆବୋହୂ ଯେତେବେଳେ ସେତେବେଳେ ।"

"ଅଇ ସି ।"

"ତୁମର କିଛି ଚିନ୍ତାର କାରଣ ନାହିଁ ଭାଇନା, ବାପା ବୋଉ ଆସୁଛନ୍ତି । ଯାହା କରିବାର ସେମାନେ କରିବେ ।"

ନିଜ ଚିନ୍ତାରେ ବିଭୋର ଶଙ୍କର କହିଲା, "ତା କରିବେ ।" ଉଠି ଠିଆ ହେଲା ସେ । ଉମାକୁ ପଚାରିଲା, "ତୁ କ'ଣ ଖାଇବୁ କହୁଥିଲୁ ?"

ହସିଲା ଉମା, "କିଛି ନା । ଭଲ ଖବର ଦେଲି, ମିଠେଇ ଦବା କଥା ।"

"ଆଚ୍ଛା, ମିଠେଇ ପାଇବୁ ।" ଭଉଣୀ ସାଙ୍ଗରେ ଶଙ୍କର ଫେରିଲା ଘର ଭିତରକୁ ।

ବୈଠକଖାନାରେ ମାଳି ଖବର ଦେଲା, ମେକ୍‌କେବ୍ ସାହେବ ବଦଳି ହୋଇ ଯାଉଛି । ତାର ଗୋଟିଏ ଭଲ ଗାଈ ଅଛି, ବଳଦ ଗାଈ । ବାଛୁରୀ ଦବ ଦଶ ପନ୍ଦର ଦିନରେ । ଗାଈଟା ଶସ୍ତାରେ ମିଳିବ । ସାହେବ ହୁକୁମ ଦେଲେ ଗାଈଟା କଣାଯାନ୍ତା ।

"କେତେ ଦୁଧ ଦବ ବୋଲି ତୁମର ଅନୁମାନ ?"

"ଏଟା ଦୁଇଥ ଗର୍ଭ । ଗୋଟାଏ ମାଈ ବାଛୁରୀ ଅଛି । ଏ ବେଳା ସେ ବେଳା ମିଶେଇ ପନ୍ଦର ସେର ଯାଏ ଦୁଧ ଦବ ।"

Digitized by srujanika@gmail.com

"ଦାମ୍ କେତେ ?"

"ଗୋଟାଏ ଗୋଆଲ ସ୍ଵର୍ଣ୍ଣ ପର୍ସ୍ଵଣ କହୁଛ ଗାଈ ବାଛୁରୀକୁ ।"

"ତୁମେ କେତେ ଦଅନ୍ତ ?"

"ଆଉ ପର୍ସ୍ଵଣ ଶହେ ଦେଲେ କ୍ଷତ ନାହିଁ । ଗାଈଟା ଭାରିଆ ।"

"ଦେଖି ହବ ଗାଈ ?"

'ହଜୁର ହଁ ।"

"ଖବର ଦଅ, ଆମେ ଦେଖିବା । ଦର ପଟିଲେ କଣିବା, ନା କଣଭେ ଭୂମି ? ଗାଈ ଗୋଟାଏ ଥିବା ଦରକାର ।"

"ତୁମର ସ୍ତ୍ରୀ ଭାଗ୍ୟ ଭଲ ଭାଇନା । ଗୋରୁ ବ ଭଲ ହବ ।"

"ସ୍ତ୍ରୀ ଭାଙ୍ଗରେ ଗୋରୁର ସମ୍ପର୍କ କଣ ?" ହସିଲା ଶଙ୍କର ।

"ଆମ ଦେଶର କଥା, ଭାଗ୍ୟ ଯେନ ଗୋ, ଭୂମି, ସ୍ତ୍ରୀ ମିଳେ ।"

"ଆଚ୍ଛା, ତା ହେଲେ ଯିବା । ତୋ ନୂଆବୋହୂକୁ ଡ଼ାକ ।"

ଉପରକୁ ଉଠି ମାନସୀକୁ ଦେଖିଲା ଶଙ୍କର ଶୋଇବା ଘର ଦୁଆର ମୁହଁରେ । ତାକୁ ଟାଣିନେଇ ଘର ଭିତରକୁ ପଶିଲା । ତା ଆଗରେ ଠିଆ ହୋଇ କହିଲା, "ତୁମେ ମୋତେ ଲୁଚେଇଲ କାହିଁକି ?"

"କଣ ତ ଲୁଚେଇନ ମୁଁ !" ଆଶ୍ଚର୍ଯ୍ୟ ହୋଇ ଚାହିଁଲା ତାକୁ ମାନସୀ ।

"ଉମା ଯେ କହିଲା···"

"ହଁ, ମୋତେ ବ କହିଲେ ସେ ଆଜ ସକାଳୁ । ମୁଁ ବୁଝିପାର ନ ଥିଲି । ସେ ବ···" ହସିଲା ମାନସୀ ।

"ମାନେ ?"

"ରଜାର ଗୋଟାଏ ଭାଇ ହବ ।" ମୁରୁକ ହସି କହିଲା ମାନସୀ ।

ହୋ ହୋ କର ହସିଉଠିଲା ଶଙ୍କର । "ଆରେ ଏ ଯେ ଡବଲ ସୁଖବର ।"

ଚଟାପଟ୍ ପୋଷାକ ବଦଳେଇ ନେଲା ଶଙ୍କର । ଉମା ଆସିଲରୁ ସ୍ତ୍ରୀକୁ ଡାକିଲା, "ଆସ ।"

"କୁଆଡ଼େ ଯିବ ?"

"ଗୋଧନ ସନ୍ଧାନରେ ।"

Digitized by srujanika@gmail.com

ଉମା କହିଲା ମାନସୀକୁ ଗାଈ କିଣିବା କଥା । ତିନି ଜଣ ଓହ୍ଲେଇ ଆସିଲେ । ମାଳି ଆଗରୁ ଯାଇଛି ମେକ୍‌କେବ୍‌ ଘରକୁ । ନନ୍ଦ ଆଗେ ଆଗେ ଚାଲିଲା । ମେକ୍‌କେବ୍‌ର ଫାଟକ ଖୋଲି ପଶିଲେ ଏମାନେ ।

ଗାଈକୁ ଦେଖି ବୁଝିଲା ଶଙ୍କର ଅଷ୍ଟ୍ରେଲିଆନ୍‌ ଜାତି । ବେଶ ବଡ଼ ଗାଈ । ପେଟ ଗୋଲ ହୋଇ ରହିଛି । ମେକ୍‌କେବ୍‌ ବୁଢ଼ୀ କହିଲା ଏଇ ପାଞ୍ଚ ସାତ ଦିନରେ ଜନ୍ମ କରିବ । ସେମାନେ ହଠାତ୍‌ ମଧ୍ୟପ୍ରାଚ୍ୟକୁ ବଦଳି ହୋଇ ଯାଉଛନ୍ତି । ଏଭଳି ଅବସ୍ଥାରେ ଗାଈକୁ ନେବା ସମ୍ଭବ ନୁହେଁ । ବାଧ୍ୟ ହୋଇ ବିକୁଛନ୍ତି । ପ୍ରଥମ ବିଆ ପରେ ଗାଈ ଦୁଇ ଓଳିରେ ଷୋଳ ଲିଟର ଦୁଧ ଦେଉଥିଲା । ବର୍ଷେ ଦୁଧ ଦେବା ପରେ ଗର୍ଭ ହେଲା ।

ମାନସୀ ଓ ଉମା ଗାଈ ବାଛୁରି ଦେଖି ଖୁସି ହୋଇଗଲେ । ଦର ଛିଡ଼ିଲା ଛ' ଶହ ଟଙ୍କାରେ । ଶଙ୍କର କହିଲା, ସେ ଟଙ୍କା ପଠେଇ ଦେବ ମାଳି ହାତରେ । ଗାଈ କିଣିବ ସେ ।

ଫେରିବା ବେଳେ ମେକ୍‌କେବ୍‌ ବୁଢ଼ୀ କହିଲା, ଗୋଆଳକୁ ଗାଈ ସେ ବିକି ନଥାନ୍ତା । ଶଙ୍କର ନେଲା ବୋଲି ସେ ଖୁସି । ଗାଈର ଯତ୍ନ ହେବ ।

ମାନସୀ ଘରକୁ ଫେରି ମାଳିକୁ ଡାକି ଟଙ୍କା ପଠେଇ ଦେଲା । ଶଙ୍କର ଗାଧୋଇବା'କୁ ଚାଲିଗଲା ।

ପ୍ରାତରାଶ ଖାଇ ଉଠୁଛନ୍ତି ଏମାନେ । ଗାଈ ବାଛୁରି ନେଇ ନନ୍ଦ ଓ ମାଳି ଆସି ଫାଟକ ଖୋଲି ପଶିଲେ । ମେକ୍‌କେବ୍‌ ବୁଢ଼ୀ ଗାଈ ସାଙ୍ଗରେ ତା ଫାଟକପାଖେ ଆସିଥିଲା । ତାପରେ ଆଖିପୋଛି ଫେରିଗଲା ତା ବଙ୍ଗଳାକୁ ।

ଗାଈ ସାଙ୍ଗରେ ଏମାନେ ମଧ୍ୟ ଗୁହାଳକୁ ଆସିଲେ । ଇତି ମଧ୍ୟରେ ପରିଷ୍କାର କରାଯାଇଛି ଗୁହାଳ । ତଟକା-କଟା ଘାସ ରଖାଯାଇଛି । ମାଳି ଗାଈକୁ ଆଣି ପଦାରେ ବାନ୍ଧିଲା । ମାନସୀ ଓ ଉମା ଘରୁ ହଳଦୀ ସିନ୍ଦୂର ଆଣି ଗାଈ ବାଛୁରିର ଶିଙ୍ଗରେ, କପାଳରେ ଲଗେଇ ଦେଲେ । ହଜା ଘାସ ଆଣି ବାଛୁରିକୁ ଖାଇବାକୁ ଦେଲା । ମାଳିକୁ ମାନସୀ ଟଙ୍କା ଦେଲା ଦାନା, କୁଣ୍ଡା ପ୍ରଭୃତି କିଣିବାକୁ । ନନ୍ଦର ଖୁସିର ସୀମା ନାହିଁ । ଗୋପାଳ ବାଳକ ସେ । ପିଲାଦିନେ ଗାଈ ବାଛୁରି ସାଙ୍ଗରେ ସେ ବଢ଼ିଛି । ସିମେଣ୍ଟର ଦୁଇ ତିନିଟା ଧମା ଥିଲା । ତାକୁ ଆଣି ଧୋଇବାକୁ ଲାଗିଗଲା ସେ । ନାମ ବାଛିଲା ଉମା । ଗାଈ ହେଲା 'ସୁରଭି', ବାଛୁରି ହେଲା 'ନନ୍ଦିନୀ ।'

ଦଶଟା ବେଳକୁ ଗୋଟାଏ ଗାଡ଼ି ପଶିଲା ତା ହତାରେ । ଶଙ୍କର ଦେଖିଲା ରଜତ ସିଂଦେଓ ଓ ତା ସ୍ତ୍ରୀ । ବାହାରକୁ ଆସି ସମ୍ବର୍ଦ୍ଧନା ଜଣେଇଲା । ସାଙ୍ଗରେ ଆଣି ବୈଠକଖାନାରେ ବସେଇଲା ।

Digitized by srujanika@gmail.com

ମାନସୀ ଓ ଉମା ଆସିଲେ । ମାନସୀ ଆଜି ଭଲ କରି ଦେଖିଲା ରଜତ ସିଂଦେଓର ସ୍ତ୍ରୀକୁ । ବର୍ଷ ଅଠରର ଅତି ସୁନ୍ଦର ଝିଅ । ରାଜକନ୍ୟା, ଅଥଚ ବେଶଭୂଷା ଅତି ସରଳ । କଥାବାର୍ତ୍ତାରେ ନମ୍ର । ଏମାନଙ୍କ ସାଙ୍ଗରେ ମିଶିଗଲା ସେ । ଓଡ଼ିଆ ଝିଅ, ବେରେହମ୍ପୁରରେ ତା ସ୍ୱାମୀ ଗୋଟାଏ ବଙ୍ଗଳା ନେଇ ଥାଏ । ସେଠି ସମସ୍ତେ ଅନ୍ୟ ଭାଷାଭାଷୀ । ଓଡ଼ିଆରେ କଥା କହିବାକୁ ପାଇ ବର୍ତ୍ତିଗଲା ସେ ।

ଜଳଖିଆ ଆସିଲା । ମାନସୀ ଲାଗିଗଲା ଅତିଥିଚର୍ଚ୍ଚାରେ । ଉମା ବସି ବସି ଦେଖିଲା ମାନସୀ କେମିତି ସବୁ କାମ ହାତକୁ ନେଇ ନେଉଛି । ଖାଇ ସାରି ବୁଲି ବୁଲି ଘରଦ୍ୱାର ଦେଖିଲେ ସିଂଦେଓ ଦମ୍ପତି । ଲାଇବ୍ରେରୀରେ ଅଟକିଗଲା ସିଂଦେଓ । ଏମାନେ ଗଲେ ଅସିଲେ ଲାଇବ୍ରେରୀକୁ । ସିଂଦେଓ ଗପ କରି କରି ଶଙ୍କରର ପୂର୍ଣ୍ଣ ପରିଚୟ ଜାଣିଲା । ତାର ନିଜର ପରିଚୟ ଦେଲା । ଶଙ୍କର ଯାହାଙ୍କ ଘର ଭଡ଼ା ନେଇଛି ସେହି ରାଜବଂଶର ପରିଚୟ ଦେଲା ।

ମାନସୀ ଉମା ଏବଂ ମନ୍ତ୍ରୀ ଗପ ଜମେଇଛନ୍ତି ଲାଇବ୍ରେରୀରେ ବସି । ମନ୍ତ୍ରୀ ଏମାନଙ୍କୁ ପାଇ ଗପରେ ମସଗୁଲ ହୋଇ ରହିଛି । ଭାରି ଗପୁଡ଼ି ସେ । ତା ବାପଘର ଶଶୁରଘର ଖବର ସବୁ କହିଲା । ଉମା ବାରିପଦାରେ ବାହା ହୋଇଛି ଶୁଣି କହିଲା "ମୋ ମାମୁଁଘର ସେଠି । ମୁଁ ଯାଇଛି ସେଠିକି ତିନି ଚାରି ଥର ।" ସେଠିକା ଛଉନାଚ ରଥଯାତ୍ରା କଥା ଗପ କଲା । ପୁରୁଣା ଦିନର ରାଜକୀୟ ଐଶ୍ୱର୍ଯ୍ୟର ଗପ କହିଲା ।

ବାରଟା ବେଳକୁ ବାହାରିଲା ସିଂଦେଓ । ଶଙ୍କରକୁ କହିଲା "ଆସନ୍ତା ରବିବାର ଦିନ ଆମର ସେଠି ଲ୍ଞ୍'ର ନିମନ୍ତ୍ରଣ ରହିଲା । ମୁଁ ମନେ ପକେଇ ଦେବ ।"

ମନ୍ତ୍ରୀ ଉମା ଓ ମାନସୀକୁ ନାନୀ ବୋଲି ଡାକିଲା । ରାଜାକୁ କହିଲା, "ଆମ ଘରକୁ ଯିବ ରାଜା ସାହେବ ।" ସେ ଶୁଣିଛି ଶଙ୍କରର ଡାକ 'ରାଜା ସାହେବ' ।

ସେମାନଙ୍କୁ ବିଦାୟ ଦେଇ ମାନସୀ ଫେରିଲା ପୁଣି ଗୁହାଳକୁ । ମାଲି ସେତେବେଳେ ଗାଈକୁ ନେଇ ଗୁହାଳରେ ବାନ୍ଧିଲାଣି । ଭୂଷି, କୁଣ୍ଡା, କରି ଓ ଅନ୍ୟାନ୍ୟ ଗୋ-ଖାଦ୍ୟ ଆଣି ଜମା କରିଛି ଗୋଟାଏ ଘରେ । ମାଲି କହିଲା, ଏ ଗାଈକୁ ଖୁବ୍ ଯତ୍ନରେ ରଖିବାକୁ ହବ । ସାହେବ ପାଖରୁ ସେ ଗାଈ ଦୁହାଁ କଳ ଆଣିଛି । କଳରେ ଗାଈ ଦୁହିଁବା ସହଜ । ଏତେ ଦୁଧ ହାତରେ ଦୁହିଁଲେ ଗାଈକୁ କଷ୍ଟ ହବ ।

Digitized by srujanika@gmail.com

ଶଙ୍କର ଆଉ ଉମା ଆସିଲେ । ମେକ୍‌କେବ୍‌ ଗାଈର ସବୁ ସରଞ୍ଜାମ ପଠେଇ ଦେଇଛି । ଶଙ୍କର ଗାଈଦୁହାଁ କଳଟା ଦେଖିଲା । ବିଜୁଳିଶକ୍ତି ଚାଳିତ ଯନ୍ତ୍ରଟାକୁ ପରୀକ୍ଷା କରିନେଲା । ସେଟାକୁ ଧୋଇଧାଇ, ବାକ୍‌ସରେ ବନ୍ଦ କରି, ଚାବି ଦେଇ, କାଠିଆ ମାଳୀକୁ ଦେଲା । ଏଟାକୁ ଯେମିତି କେହି ନଷ୍ଟ ନ କରେ । ଗାଈ ଛୁଆ ଦେଉ, ତାପରେ ତ ତାର ବ୍ୟବହାର !

ମଧ୍ୟାହ୍ନ ଭୋଜନ ପାଇଁ ଘରକୁ ଫେରିଲେ ସମସ୍ତେ । ଶଙ୍କର କହିଲା, "ଦୁଇଟା ଅଢେଇଟା ବେଳକୁ ବାହାରିବା ଦକ୍ଷିଣେଶ୍ୱର । ମନେ ଥାଏ ଯେମିତି ।"

ପନ୍ଦର

ଦକ୍ଷିଣେଶ୍ୱରର ପରିବେଶ ଶଙ୍କରକୁ ଖୁବ ଭଲ ଲାଗିଲା । ବୁଲି ବୁଲି ଦେଖିଲେ ସେମାନେ କାଳୀ ମନ୍ଦିର । ରାମକୃଷ୍ଣ ପରମହଂସ କେଉଁଠି ବସି ପୂଜା କରୁଥିଲେ । ମନ୍ଦିରରେ ପୂଜା ଦେଲେ ମାନସୀ ଆଉ ଉମା ଆଡ଼ମ୍ବରରେ । ଫେରିଲା ପଥରେ ବେଲୁଡ଼ ମଠକୁ ଆସିଲା ଶଙ୍କର । ଏଠି ବୁଲିଲେ ଘଣ୍ଟାଏ ଖଣ୍ଡେ ସବୁଆଡ଼ ଦେଖି ଦେଖି । ଗାଡ଼ିରେ କହିଲା ଶଙ୍କର ରାମକୃଷ୍ଣ ଓ ବିବେକାନନ୍ଦଙ୍କ କଥା । ରାମକୃଷ୍ଣ ମିଶନର ମହତ୍‌କାର୍ଯ୍ୟର ତାଲିକା ଦେଲା । ମାନସୀକୁ ସବୁ ଆଶ୍ଚର୍ଯ୍ୟ ଲାଗୁଥାଏ । ଉମା ରାମକୃଷ୍ଣ ଓ ବିବେକାନନ୍ଦଙ୍କ ନା ଶୁଣିଥିଲା । ସେମାନେ ଯେ ସନ୍ନ୍ୟାସୀ ଏକଥା ଜାଣିଥିଲା । କିନ୍ତୁ ସେମାନେ ଯେ ଏତେ ବଡ଼ ବଡ଼ ଅନୁଷ୍ଠାନ ସବୁ ଗଢ଼ିଥିଲେ, ସେ କଥା ସେ ଜାଣି ନଥିଲା, ଦେଖି ନଥିଲା ।

ଘରକୁ ଫେରି ଶଙ୍କର ଦେଖିଲା, ତିନୋଟି ତାରବାର୍ତ୍ତା ଆସି ଜମା ହୋଇଛି । କେବ୍‌ଲ କରିଛି ମେକ୍‌ସ ଏଣ୍ଡାରସନ୍‌, ମଙ୍ଗଳବାର ସେ ମାନ୍ଦ୍ରାଜ ପହଞ୍ଚୁଛି ସକାଳ ପ୍ଲେନରେ । ଜୟରାମନ ଟେଲିଗ୍ରାମ କରିଛି, ବୁଧବାର ଦିନ ଶାଖା ଖୋଲିବାର ସବୁ ବ୍ୟବସ୍ଥା ହୋଇ ସାରିଛି । ତୃତୀୟ ତାରବାର୍ତ୍ତା ଚନ୍ଦ୍ରଶେଖର ପାଖରୁ । ସେ ଶନିବାର କଲିକତାରେ ପହଞ୍ଚୁଛି ବାପା, ବୋଉ ଓ ଶମ୍ଭୁକୁ ନେଇ । ରବିବାର ଦିନ ଉମାକୁ ନେଇ ସେ ଫେରିବ । ତାର ବଦଳି ହେଉଛି ସୁନ୍ଦରଗଡ଼କୁ ।

ଶେଷ ଟେଲିଗ୍ରାମ୍‌ଟା ଉମା ଆଉ ମାନସୀ ପଢ଼ିଲେ । ଉମା ଖୁସି ହୋଇ କହିଲା, "ବାପା ବୋଉ ଆସୁଛନ୍ତି ତା ହେଲେ ।"

Digitized by srujanika@gmail.com

ଶଙ୍କରକୁ ପଚାରିଲା, "ତୁମର ସେ ତାରଗୁଡ଼ା କଣ ଥିଲା ? ଭଲ ଖବର ତ ?"

ହସିଲା ଶଙ୍କର, "ହଁ ଭଲ ଖବର । ମୁଁ ମଙ୍ଗଳବାର ଠାରୁ ରବିବାର ଯାଏ ଏଠୁ ଅନୁପସ୍ଥିତ ରହିବି । ମୋତେ ମାଡ୍ରାଜ ଯିବାକୁ ହେବ । ତୁମର କଣ ଅସୁବିଧା ହେବ କୁହ ?"

"ଅସୁବିଧା ଆଉ କଣ ?" ଉମା କହିଲା "ବାପା, ବୋଉ ଶନିବାର ପହଞ୍ଚିବେ । ତୁମେ ଫେରିବ ରବିବାର, ଏଇ ଯା ।"

"ବ୍ୟବସ୍ଥା କରିଯିବି ମୁଁ ।" ଶଙ୍କର ଚାଲିଗଲା ଲୁଗା ବଦଳେଇବାକୁ । ସ୍ତ୍ରୀକୁ କହିଦେଇ ଗଲା, କଫି ପଠେଇଦବାକୁ ଲାଇବ୍ରେରୀକୁ ।

ମାନସୀ କଫିର ବ୍ୟବସ୍ଥା କରି ଯେତେବେଳେ ଉପରକୁ ଉଠିଲା, ଶଙ୍କର ସେତେବେଳେ ଲାଇବ୍ରେରୀରେ । ସେ ଯାଇ ଗାଧୋଇ ନେଲା । ଉମା ଘରକୁ ଆସି ଦେଖିଲା, ସେ ଖଜାକୁ ପଢ଼ଉଛି । ତାକୁ ବିରକ୍ତ ନ କରି ଚୁପ୍‌ଚାପ୍ ଯାଇ ପଶିଲା ଲାଇବ୍ରେରୀରେ । ଶଙ୍କର ଟେଲିଫୋନରେ କଥାବାର୍ତ୍ତା କରିବାରେ ବ୍ୟସ୍ତ । ସେ ସ୍ତ୍ରୀକୁ ଦେଖିପାରିଲାନି । କଥାବାର୍ତ୍ତା ସାରି ପୁଣି ଆଉ ଗୋଟାଏ ନମ୍ବର ଡାଏଲ କଲା ସେ । ମାନସୀ ତା କଥାରୁ ଏତିକ ବୁଝିଲା, କାଲି ଭିତରେ ସବୁ କାଗଜପତ୍ର ଯେମିତ ଠିକ୍ ହୋଇଯାଏ । ସେ ପରଦିନ ସକାଳ ପ୍ଲେନ୍‌ରେ ମାଡ୍ରାଜ ଯିବ ।

କଫି କାପ୍‌ରେ ମୁହଁ ଦେବାକୁ ଯାଇ ନଜର ପଡ଼ିଲା ସ୍ତ୍ରୀ ଉପରେ । ସେ ଠିଆ ହୋଇଛି ତା ପଛପଟେ ।

"ଅରେ, ତୁମେ କେତେବେଳେ ଆସିଲ ?"

"ଏଇ ଅଳ୍ପ ସମୟ ହେଲା । କଫି ଥଣ୍ଡା ହୋଇଯିବଣି । ମୁଁ ଆଉ କଫି ଆଣେ ।" ସେ ଫେରି ଉଠେଇବ ବୋଲି ନଇଁପଡ଼ିଲା । ଶଙ୍କର ତାକୁ ଟାଣିନେଲା କୋଡ଼କୁ ।

"ସେଠି ବୋତାମ ଅଛି ଟିପ, ନନ୍ଦ ଆସିବ ।"

ସେମିତି ସ୍ୱାମୀ କୋଡ଼ରେ ବସି କହିଲା ମାନସୀ, "ନନ୍ଦ ଆସି ଦେଖିବ ଏ ଦୃଶ୍ୟ ?"

ଶଙ୍କର ଛାଡ଼ିଦେଲା ତାକୁ । ସେ ବୋତାମ ଟିପିଲା । ତା ପରେ ଯାଇ ଗୋଟାଏ କାଉଚରେ ବସି ଶଙ୍କରକୁ ପାଖକୁ ଡାକିଲା । ଶଙ୍କର ଯାଇ ସୋଫାରେ ବସିଲା । ନନ୍ଦ ଆସିଲାରୁ ତାକୁ କଫି ଆଣିବାକୁ କହି ମାନସୀ

Digitized by srujanika@gmail.com

ପଚ୍ଚରିଲ ସ୍ୱାମୀକୁ, "ବାପା ବୋଉ ଆସୁଛନ୍ତି, ଶ୍ରୀକାବାବା ଆସୁଛନ୍ତି । ତୁମେ ରହିବନି, କଣ କରିବ ମୁଁ କହିଦିଅ ।"

"ଯାହା ଦରକାର କରିବ । ବାପା ବୋଉଙ୍କୁ ତୁମେ ପିଲାଦିନୁ ଜାଣ । ଚନ୍ଦ୍ରଶେଖରଙ୍କୁ ଏଥି ଭିତରେ ଯଥେଷ୍ଟ ଜାଣିଲଣି । ତମା ଅଛୁ, ଅଉ କଣ ?"

"ବାପା ବୋଉ କେଉଁ ଘରେ ରହିବେ ?"

"ସେ କଥା ସେମାନେ ଠିକ୍ କରିବେ । ତମା ସ୍କୁଲଗଲେ ସେ ଘର ଖାଲି ହୋଇଯିବ । ତଳେ ତନୋଟା ଶୋଇବା ଘର ଅଛି । ସେମାନଙ୍କୁ ରୁଚିବ, କେଉଁଟା ତାଙ୍କୁ ସୁବିଧା ହବ ।"

"ସେମାନଙ୍କୁ ସେହନ ଷ୍ଟେସନରୁ..."

"ଯାଇ ନେଇ ଆସିବ ! ମୁଁ ଅରୁଣାକୁ କହିବ, ସେ ମଧ୍ୟ ତୁମ ସାଙ୍ଗରେ ଥିବ ।"

"ଅରୁଣା ଯିବା ଦରକାର ନାହିଁ । ଡ୍ରାଇଭର ତ ଥିବ ସାଙ୍ଗରେ ।"

"ଆଉ କଣ କୁହ ?"

କଫି ଆସିଲା । କ୍ରେ ଦେଇ ସ୍କୁଲଗଲା ନନ୍ଦ । ଏ ଥର ଦୁଧ ଆସିଛି । ମେମ୍‌ସାହେବର କଫିରେ ଦୁଧ ଦରକାର, ଏ କଥା ସମସ୍ତେ ଜାଣନ୍ତି । ଦୁଇ କାପ୍ କଫି କଲା ମାନସୀ । ସ୍ୱାମୀକୁ ଦେଇ କହିଲା ହସି ହସି, "ମେମ୍‌ସାହେବ କେତେଦୂର ହୋଇଛି ଜାଣେନି, କଫି ଅଭ୍ୟାସ କିନ୍ତୁ ହୋଇଗଲଣି ।"

"ଆଉ କଣ ଅଭ୍ୟାସ ହୋଇଛି ମେମ୍‌ସାହେବଙ୍କର ?" ଶଙ୍କର ଆଖିରେ କୌତୁକ ।

"କେଜାଣି, ସାହେବ ଜାଣିଥିବେ ?" ମୁରୁକି ହସିଲା ମାନସୀ ।

କଫି ଖାଇସାରି ସିଗ୍ରେଟ ଲଗାଇ ଲଗାଇ କହିଲା ଶଙ୍କର, "ବାପା ବୋଉ ଆସିଲେ ଯାନର ବ୍ୟବସ୍ଥା କରିବାକୁ ହବ ।"

"ହଁ ।"

"ଗାଡ଼ି ତୁମର ପସନ୍ଦ ହୋଇଛି ?" ପଚ୍ଚରିଲା ଶଙ୍କର ।

"ଖୁବ୍ । ଏମିତି ଗାଡ଼ି ମୁଁ ଦେଖି ନ ଥିଲି ।"

"ଏ ଆମ ଦେଶୀ ଗାଡ଼ି ନୁହେଁ ।"

"ନା, ଅଷ୍ଟ୍ରେଲିଆର ଗାଡ଼ି । ମେକ୍‌କେବ୍ ବୁଢ଼ୀ ମୋତେ ସବୁ କହିଛି ।"

Digitized by srujanika@gmail.com

"କେତେବେଳେ ? ତୁମେ ଯାଇଥିଲ ତା ପାଖକୁ ?".

ନା, ସେ ଆସିଥିଲେ ଦୁଇଟା ବେଳେ । ତୁମେ ଶୋଇଥିଲ । ସେ ଅସି ଦେଖିଲେ ସବୁ ବ୍ୟବସ୍ଥା । ଗାଈ ବାଛୁରୀକୁ କେମିତି ରଖିବାକୁ ହେବ, କଣ ଖାଇବାକୁ ଦିଆଯିବ, ସବୁ ମୋତେ ବୁଝେଇ ଦେଇ ଯାଇଛନ୍ତି । ସେ ଟଙ୍କା ନେଇ ନଥିଲେ । ଏଠୁ ଫେରି ଟଙ୍କା ନେଲା, ରସିଦ ଦେଲା । ବୁଢ଼ୀ ଘାଈକୁ ଭରି ଜଳପାଏ । ମୋତେ ଲେଖିଦେଇ ଯାଇଛନ୍ତି ଗାଈ ରୋଗର ଔଷଧ । ଅଣ୍ଡା ଲାଗିଲେ, ହଜମ ଗୋଳମାଳ ହେଲେ କଣ ଦବାକୁ ହେବ ।"

ଆଚ୍ଛା ! ଶଙ୍କର ବିସ୍ମିତ ହେଲା । ଏତେ ସବୁ ଜାଣନ୍ତି ଏମାନେ ଗାଈଗୋରୁର ? ଯେଉଁ ଦୁଧଦୁହାଁ ଯନ୍ତ୍ରଟା ଦେଇଛନ୍ତି, ଭାରତରେ ତାର ଦାମ୍ ଦୁଇ ଶହ ଟଙ୍କା ହେବ । ତା ଛଡ଼ା ବଡ଼ ବଡ଼ ଝିଙ୍କିଭିକ କଡ଼ା ବେକରେ ବାନ୍ଧିବାକୁ ଫେଲ୍‌ଟର ବକଲସ୍ ଦେଇଯାଇଛନ୍ତି ।

"ତୁମେ ନଥିଲାବେଳେ ଯଦି କିଛି ହୁଏ ?" ମାନସୀ ପଚାରିଲା ।

"ନାରଣ ଅଛି । ଦରକାର ହେଲେ ଡାକ୍ତର ଡାକିବ । ଏଇ ପାଖରେ ଜଣେ ପଶୁଡାକ୍ତର ଥାଆନ୍ତି । ନାରଣ ଜାଣେ ।"

"ତୁମ ପାଇଁ କଣ ଜିନିଷ ଯିବ ?"

ପାଞ୍ଚ ଛ'ଦିନ ବାହାରେ ରହିବ ଶଙ୍କର । ସେଇ ଅନୁଯାୟୀ ଲୁଗାପଟା ନବ । କଣ ଦରକାର ହବ ସେ କହିଲା ।

"ଠିକ୍ ରବିବାର ଫେରିବ ତ ?" ହସି ପଚାରିଲା ମାନସୀ ।

"ହଁ । ଶନିବାର ଉପରଓଳି ଫେରିବାକୁ ଚେଷ୍ଟା କରିବ ।"

"ଉମା ଫେରିଯିବେ ରାଜାବାବାଙ୍କ ସାଙ୍ଗରେ । ତାଙ୍କ ପାଇଁ… ?"

"କଣ ଦବ ? କିଣି ଆଣିବ ଯାଇ ।"

"କଣ କିଣିବ ?"

"ଯାହା ଭଲ ଦିଶିବ ।"

"ମୁଁ ଭାବୁଛି ଗୋଟାଏ କିଛି ଗହଣା ଦେଲେ ଭଲ ହୁଅନ୍ତା । ଲୁଗାପଟା ତ ଦେବ ।

"ତୁମ ଇଚ୍ଛା ।"

"ଆଉ ରାଜା ପାଇଁ ?"

"କଣ ଦବ ଭାବୁଛ ତାକୁ ?" ଶଙ୍କର ପଚାରିଲା ।

Digitized by srujanika@gmail.com

"ତୁମର କଣ ହୁକୁମ ?"

"ତାକୁ ପୋଷାକ କିଣିଦିଅ ଦୁଇ ତିନି ସେଟ୍ । ଅଉ କିଛି ଖେଳନା । ଆଚ୍ଛା, ତା ପାଇଁ ଖେଳନା ମୁଁ କିଣି ଆଣିବି । ତୁମେ ପୋଷାକ କିଣିଦିଅ ।"

"ବେଶ୍ ।"

"ଆଉ କଣ ? ଟଙ୍କା ଦରକାର ?"

ହସିଲା ମାନସୀ ।

"କାଲି ଲଞ୍ଚ୍‌କୁ ଆସିଲାବେଳେ ଆଣି ଦେବି । ଗୋଟାଏ କଥା, ବାପା ବୋଉ ବବୁର୍ଚ୍ଚି ହାତରେ ନଖାଇ ପାରନ୍ତି ।"

"ମୁଁ ରାନ୍ଧିବି ! ତୁମେ ତ ଆସୁଛ ସେଦିନ ଉପରଓଳି ।"

ହସିଲା ଶଙ୍କର । "ତୁମେ ରାନ୍ଧିବ ? ଅଚ୍ଛା, ଓଳିଏ ରାନ୍ଧି ଖୁଆଅ ଶାଶୁ ଶଶୁରଙ୍କୁ । ବୋଉ ନିଶ୍ଚୟ ଖୁସି ହବ ।"

"ଶଙ୍କର ଉଠି ଠିଆ ହେଲ, ଉମି କାହିଁ, ଉମି ?" ପାଟିକଲା ସେ ।

ଉମା ଆସିଲା ।

"କରେ, କଣ କରୁଥିଲୁ ତୁ ?"

"ରାଜାକୁ ପଢ଼ଉଥିଲି । ତାକୁ ଅଙ୍କ ଦେଇ ଆସିଛି ।" ଉମା ଯାଇ ରେଡ଼ିଓଗ୍ରାମ୍ ଜଲେଇଲା । ବାଜି ଉଠିଲା ପପ୍ ସଙ୍ଗୀତ, "ହାଉସ୍ ଅଭ୍ ବେମବ୍ ।"

ଶଙ୍କର କହିଲା, "ଏଇ ଗୀତ ଆଜିକାଲି ପୃଥିବୀର ସବୁ ଦେଶରେ ପ୍ରଚାର ପାଉଛି । ଗୁଡ଼ାଏ ବିଭିନ୍ନଧର୍ମୀ ଶବ୍ଦତରଙ୍ଗର ସମନ୍ୱୟ ! କିନ୍ତୁ ମୁଁ ତ ଭୁଲିଯାଇଛି, ତୋ କବିତା ବହି କାହିଁ ।"

"କଣ କରିବ ?" ହସିଲା ଉମା ।

"ଛପିବ ।"

"ସେ ଛପାଯୋଗ୍ୟ କି ନା କି ଦେଖି ?"

"ଚନ୍ଦ୍ରଶେଖର ଲେଖିବ ତାର ମୁଖବନ୍ଧ, ସେ ଜାଷ୍ଟିଫାଏ କରିବ ତୋ କବିତାକୁ । ମୁଁ ତାକୁ ପଠେଇବି । କି କବିତା ଲେଖିଛୁ ତୁ ? ମୋତେ ଦେ ତାର ପାଣ୍ଡୁଲିପି ।"

"କଟକ ଫେରିଲେ ପଠେଇ ଦେବି ।" କହିଲା ଉମା ।

Digitized by srujanika@gmail.com

“ଗୁଡ୍, ଭେରି ଗୁଡ୍ । ଆରେ ତୁମି ତୁ ଜାଣୁ, ଆମ ଦେଶରେ ଅଛୁ ସାହିତ୍ୟ ସାଧନାର ଧାରା । କେତେ ସଂସ୍କୃତରେ କାବ୍ୟ ଲେଖିଥିଲେ ।”

“ହଁ, ସ୍ୱର୍ଣ୍ଣାଦ୍ରି ଶିଖରମ୍ । ମୋ ପାଖରେ ଦୁଇ ଖଣ୍ଡ ଅଛୁ । ତୁମ ପାଇଁ ଖଣ୍ଡେ ପଠେଇଦେବ । ଆଉ ମିତ୍ରନ ସେ ବହି । ଜଣେ ପଣ୍ଡିତ କହୁଥିଲେ କାଳିଦାସଙ୍କ ସମକକ୍ଷ ଥିଲେ କେଜେ ।”

ସ୍ତ୍ରୀ ଆଡ଼କୁ ଅନେଇଲା ଶଙ୍କର “ତୁମ ବାପାଙ୍କ, ଅଲକନନ୍ଦା’ ଗାଁରେ ରହିଗଲା ।”

“ସେ ବହି ମିଳୁଛି । ପଠେଇ ଦେବି ମୁଁ” ଉମା କହିଲା । “ତୁମ ଅନୁଗ୍ରହରୁ ମୁଁ ଇଂରେଜୀ କବିତା ପଢ଼ିଲି ଭଇନା । ସରୋଜିନୀ ପାଇ ଆମକୁ ଅନେକ କବିତା ପଢ଼େଇଛି ଏହି ଦୁଇ ମାସରେ । ନୂଆବୋହୂକୁ କହି ଯାଉଛି, ମାଷ୍ଟ୍ରାଣୀଟିକୁ ଅଉ କିଛିଦିନ ରଖିବ । ଏଣିକି କ୍ରମେ ତୁମେ ଅସଜ ହୋଇଯିବ । ଟାଣୁଆ କାମଦାମ କରିପାରିବ ନାହିଁ । ସେତେବେଳେ ଶୋଇ ଶୋଇ ବହି ପଢ଼ିବ । ବହୁତ ପଢ଼େ ସରୋଜିନୀ ପାଇ । ତାକୁ କହିବ, ବହି ବାଛିଦେବ ତୁମ ପାଇଁ । ଭଇନା ବି ଆଣିଦେବେ ।”

“ବାପା ବୋଉଙ୍କ ଆଗରେ ଆହୁରି ପାଠ ପଢ଼ିବାକୁ ହେବ ?” କରୁଣ ହସ ମାନସୀର ।

“ଫେର ଭୁଲ କରୁଛ ନୂଆବୋହୂ । ଫେର ଥରେ ତୁମକୁ ମନେ ପକେଇ ଦଉଛି...”

“ଚୁପ୍ ।” ଉମାର ପାଟିକୁ ଦୁଇ ହାତରେ ବନ୍ଦ କଲା ମାନସୀ । ଶଙ୍କର ହସୁଥାଏ ।

ଷୋଳ

ମଙ୍ଗଳବାର ସକାଳୁ ଶଙ୍କର ଚାଲିଗଲା ମାଦ୍ରାଜ ।

ଦଶଟା ବେଳକୁ ଗୋଟାଏ ଗାଡ଼ି ଆସି ଠିଆ ହେଲା ତାଙ୍କ ଫାଟକ ଆଗରେ । ଜଣେ ଲୋକ ଗୋଟାଏ କାଠ ବାକ୍ସ ଆଣି ଦେଇଗଲା । ରସିଦ ମାଗିଲା । ନନ୍ଦ ଆଣି ମେମ୍ ସାହେବଙ୍କୁ ଦେଖେଇଲା ଚିଠି, ‘ଟମ୍ସ ହାଉସ୍’ ପଠେଇଛି କେତେଗୁଡ଼ାଏ ଖେଳ ଜିନିଷ । ମାନସୀ ବୁଝିଲା, ରାଜା ପାଇଁ ବରାଦ ହୋଇଥିଲା । ସେ ରସିଦ ସହି କରିଦେଲା ।

ଉମା ପଚାରିଲା, “କଣ କି ନୂଆବୋହୂ ?”

Digitized by srujanika@gmail.com

"ରଜା ପାଇଁ ଖେଳ ଜିନିଷ ତା ମାମୁଁ ବହୁତ କିଣିଥିଲେ ସେ ଦେଇଗଲା ।"

ନନ୍ଦ ବାକ୍ସ ଖୋଲିବ ବୋଲି ମନ କରୁଥିଲା । ଉମା ମନା କଲା, "ନା ଥାଉ, ଭାଇନା ଆସନ୍ତୁ ।"

ଭାତ ଖାଇସାରି ଟିକିଏ ଗଡ଼ପଡ ହୋଇନେଇ ଉମାକୁ ଡାକିଲା ମାନସୀ, "ଚାଲ ଟିକିଏ ବଜାରକୁ ଯିବା ।"

"କଣ କିଣିବ ?"

"ଏଣୁ ତେଣୁ । ଦେଖିବା, ଚାଲ ଆଗ ।"

ମାନସୀ ରଜାକୁ ପୋଷାକ ପିନ୍ଧାଇ ପିନ୍ଧାଇ ଉମା ଲୁଗା ପିନ୍ଧିନେଲା । ଗାଡ଼ିରେ ବସି ମାନସୀ ହୁକୁମ ଦେଲା, "ନିଉ ମାର୍କେଟ ।"

ଦୁଇ ସଖୀ ବୁଲି ବୁଲି ଜିନିଷ ବାଛିଲେ । ଉମା ପାଇଁ ଦୁ'ଖଣ୍ଡ ଭଲ ଶାଢ଼ୀ କିଣିଲା ମାନସୀ । ତା ସାଙ୍ଗରେ ଗୁଡ଼ାଏ ଅନ୍ତର୍ବାସ । ଉମା ହସୁଥାଏ । ଶାଶୂ ଶଶୁର ଆସୁଛନ୍ତି । ସେମାନଙ୍କ ପାଇଁ ଲୁଗାପଟା କିଣାଗଲା । ରଜା ପାଇଁ କିଣିଲା ମାନସୀ ନାନା ପ୍ରକାର ପୋଷାକ, ଜୋତା, ମୋଜା, ଟୋପି ।

"କଥା କଣ ନୂଆବୋହୂ ! ଏତେ ପୋଷାକ କଣ ହେବ ରଜାର ?"

"ପିନ୍ଧିବ ।"

"ଛ' ମାସ ପରେ ସାନ ହୋଇଯିବ । ଦେଖୁଛ ତ କେମିତି ବଢ଼ୁଛି ସେ ?" ପୁଅକୁ ଟାଣି ଆଣିଲା ସେ ତା ପାଖକୁ । ରଜା କିନ୍ତୁ ମାଈଁ ପାଖରେ ରହିବାକୁ ଖୋଜୁଛି । ମାଈଁ କିଣୁଛନ୍ତି ତା ପାଇଁ ଏତେ ଜିନିଷ ।

"ସାନ ହେଲେ ତା ସାନଭାଇ ପିନ୍ଧିବ ।" ଦାନ୍ତ ଚିପି ଚିପି କହିଲା ମାନସୀ । ଉମା ଚିମୁଟିଲା ତାକୁ । ହସିଲେ ଦୁ' ଜଣ ।

ଗୋଟାଏ ଗହଣା ଦୋକାନରେ ପଶିଲେ ସେମାନେ । ଝଲମଲ କରୁଛି ଚାରିପଟ । ଅନେକ ବଛାବଛି ପରେ ଯୋଡ଼େ 'ବାହୁଟି' ପସନ୍ଦ କଲା ମାନସୀ । ଉମା ହାତରେ ପିନ୍ଧେଇ ଦେଖିଲା ଠିକ୍ ହେଉଛି । ଉମା ବୁଝିଲା, ତା ପାଇଁ କିଣା ହେଉଛି ଅଳଙ୍କାର ।

"କଣ ପାଇଁ କରୁଛ ଏତେଗୁଡ଼ାଏ ଟଙ୍କା ଖର୍ଚ୍ଚ କରି ? ମୋର ଯେତିକି ଗହଣା ଅଛି, ତାକୁ ପିନ୍ଧିବାକୁ ବେଳ ପାଏନି ।"

"ତୁମ ଭାଇନାଙ୍କ ହୁକୁମ ।" ମୁରୁକି ହସି କହିଲା ମାନସୀ ।

Digitized by srujanika@gmail.com

ଶୁକ୍ରବାର ଦିନ ଅଫିସ ଫେରନ୍ତା ଆସିଲା ଅରୁଣା ଗାଙ୍ଗୁଲି । କହିଲା, ସାହେବ କହିଯାଇଛନ୍ତି ତାଙ୍କୁ କାଲି ସକାଳେ ହାବଡ଼ା ଷ୍ଟେସନ ଯିବାକୁ । ସେ ବୁଝିବାକୁ ଆସିଛି ସେ କଥା ।

ମାନସୀ ମନା କଲା, "କାହିଁକି ସକାଳୁ ଅସୁବିଧାରେ ପଡ଼ିବ, ଆମେ ଯାଇ ନେଇ ଆସିବା ।"

ନେଇ ଆସିଲେ ମାନସୀ ଓ ଉମା, ବାପା, ବୋଉ, ଚନ୍ଦ୍ରଶେଖର ଓ ଶମ୍ଭୁକୁ । ଗାଡ଼ିରୁ ଓହ୍ଲେଇ ଦାଣ୍ଡ ପିଣ୍ଡାରେ ଠିଆ ହୋଇ ବୋଉ ଚାହିଁଲେ ଚାରିଆଡ଼କୁ । ତାପରେ ଘରକୁ ପଶିଲେ ।

ଚନ୍ଦ୍ରଶେଖରକୁ ନେଇ ଉମା ଉଠିଗଲା ଉପରକୁ । ଶମ୍ଭୁ ଗଲା ତାଙ୍କ ସାଙ୍ଗରେ । ମାନସୀ ଆସି ଠିଆ ହେଲା ଶାଶୁଙ୍କ ପାଖରେ ।

ଶଶୁର ପଚାରିଲେ, "କଣ ମା ! କହିବ କଣ ?"

ମାନସୀ ପଚାରିଲା, "ଶୋଇବା ପାଇଁ କେଉଁ ଘରଟା ସୁବିଧା ହେବ, ଉପରେ ନା ତଳେ ?"

"ଚାଲ, ଦେଖାଯାଉ ଆଗ ଘରଗୁଡ଼ା ।" ସେ ଉଠିଲେ । ଶଙ୍କରର ମାତା ମଧ୍ୟ ଆସିଲେ । ଉପର ଘରସବୁ ଦେଖିଲେ ଶାଶୁ ଶଶୁର । ତା ପରେ ତଳକୁ ଆସିଲେ । ପୂର୍ବ ଆଡର ବଡ ଶୋଇବା ଘରଟା ପସନ୍ଦ କଲେ ବାମଦେବ ଶତପଥୀ । ଠିକ୍ ଶଙ୍କରର ଶୋଇବା ଘରର ତଳଟା, ସେହିଭଳି ସୁସଜ୍ଜିତ ।

"ଏଇ ଘରେ ରହିବା ଆମେ ବୁଢ଼ା ବୋଉ, ନା କଣ କହୁଛ ? ସିଢ଼ି ଚଢ଼ି ଉପର ତଳ ହୋଇ ପାରିବିନି ମୁଁ । ଏଇ ଘରଟି ବେଶ୍ ବଡ, ଖରା ପଡ଼ୁଛି, ପବନ ଆସୁଛି ।" ସେ ବସିପଡ଼ିଲେ ଡ଼ିଭାନରେ ।

ଶଙ୍କରର ମାତା ବିଛଣାରେ ବସିଲେ । ଏ ଚାକଚକ୍ୟ ତାଙ୍କ ଧାରଣାର ବାହାରେ । ଗୃହୀର ଝିଅ, ସ୍କୁଲ ମାଷ୍ଟରର ସ୍ତ୍ରୀ । ଆସିଲା ବେଳୁ ସେ ପୁଅର ଐଶ୍ୱର୍ଯ୍ୟ ଦେଖୁଛନ୍ତି । କି ପୁଅ, କେଡ଼େ ବଡ ପୁଅ ତାଙ୍କର ! ଗୁବ କୁଣ୍ଢେମୋଟ ହୋଇଗଲା । ଶମ୍ଭୁ ପାଖରୁ, କୋଉଁଙ୍କ ପାଖରୁ ଶୁଣିଥିଲେ ସେ କଲିକତା ଘର କଥା । ଆଜ ଆଖି କାନର ବିବାଦ ମେଣ୍ଟିଲା ।

ମାନସୀ ଆସି ଶାଶୁଙ୍କୁ କହିଲା, "ତୁମେ ଗାଧୋଇ ନିଅ ବୋଉ । ବାପା ବି ଗାଧୋଇ ନିଅନ୍ତୁ । ମୁଁ ଜଳଖିଆ ଆଣୁଛି ।"

Digitized by srujanika@gmail.com

ବୋହୂକୁ ଟାଣି ଆଣି ପାଖରେ ବସେଇଲେ ସେ, "ତୁ ଅଗ ମୋତେ କହନ, ବୁଢ଼ା ମୋର କେତେବେଳେ ଆସିବ ?"

"ଆଜ ଆସି ପାରନ୍ତ ଉପରବେଳା, ନ ହେଲେ କାଲି ସକାଳୁ ।"

"ଏ ଘରେ ଆଗରୁ କଏ ଶୋଉଥିଲ ?"

"କେହି ନା । ବନ୍ଦ ଥିଲା ଘର । ଦୁଇ ତିନ ଦିନ ହେଲା ଝଡ଼ାଝୁଡ଼ି ହୋଇ ସଜା ହୋଇଛି ।"

"କଉଠି ଗାଧୋଇବା ଲୋ ବୋହୂ ?"

ମାନସୀ ଯାଇ ଗାଧୁଆଘର କବାଟ ଖୋଲିଦେଲା । ବାମଦେବ ମଧ୍ୟ ଆସିଲେ । ଗାଧୁଆଘର ଯେ ଏମିତ ହୋଇପାରେ, ଏ ଧାରଣା ତାଙ୍କର ନ ଥିଲା । ମାନସୀ ଗୋଟି ଗୋଟି କରି ଆବଶ୍ୟକୀୟ କଳଗୁଡ଼ିକର ବ୍ୟବହାର ଦେଖେଇ ଦେଲା । ବାମଦେବ ବୁଝିଲେ, ସ୍ତ୍ରୀଙ୍କର ଅସୁବିଧା ହବ ପ୍ରଥମ ପ୍ରଥମ । ସେ ବା କଣ ଏଭଳି ବ୍ୟବସ୍ଥାରେ ଅଭ୍ୟସ୍ତ ?

ଶାଶୁଙ୍କୁ ଗାଧୁଆଘରେ ଛାଡ଼ି ବାହାରକୁ ଆସିଲେ ଶଶୁର ଓ ପୁତ୍ରବଧୂ । ମାନସୀ ଶାଶୁ ଶଶୁରଙ୍କ ଜିନିଷ ଆଣି ସଜେଇଦେଲା ଆଲମାରୀରେ । ନୂଆ କିଣା ହୋଇଥିବା ଶାଢ଼ୀ ଓ ଧୋତି ମଧ୍ୟ ରହିଲା ।

ଉମା ଆସି ବୋଉଙ୍କ ପରିଚର୍ଯ୍ୟାର ଭାର ନେଲା ହାତକୁ । ବାହାରୁ ବୋଉକୁ ଡାକି, ଗାଧୁଆଘର ଖୋଲା କରେଇ ପଶିଲା । ବୋଉକୁ ଗାଧୋଇ, ଶାଢ଼ୀ, ଶାୟା, ବ୍ଲାଉଜ୍ ପିନ୍ଧେଇ ପଦାକୁ ଆଣିଲା । ଗୃହିଣୀଙ୍କ ନବକଳେବର ଦେଖି ବାମଦେବ ହସିଲେ ।

ବୋଉ କହିଲେ, "ଦେଖୁଛ ବୁଢ଼ୀକୁ, ମୋତେ କଣ କରିଛ ସେ ?"

ଦର୍ପଣ ପାଖକୁ ନେଇଗଲା ଉମା ତାଙ୍କୁ । ମୁଣ୍ଡବାଳ ତଉଲିଆରେ ଭଲ କରି ପୋଛି, ମୁଣ୍ଡ କୁଣ୍ଡେଇ, ସିନ୍ଦୂର ପିନ୍ଧେଇ ଯାଇ କହିଲା, "ଚାଲ ଏଥର ଜଳଖିଆ ଖାଇବୁ ।"

"ବୋହୂ କାହିଁ ।"

"ସେ ରନ୍ଧାବଢ଼ାର ବ୍ୟବସ୍ଥା କରୁଛି ଆସିବ ।"

"କାହିଁକ, ପୂଜାରୀ ରଖିନ ବୁଢ଼ା ?"

"ହଁ ଅଛି । ତୁ ସବୁ ଦେଖିବୁ । ଆଗ କାମ ସାର ।"

ମାନସୀ ଆସି ପହଞ୍ଚିଲା ଗୋଟାଏ ଲୋଟା ଧରି ।

Digitized by srujanika@gmail.com

"କଣ ଅଛୁ ସେଥିରେ ?" ବୋଉ ପଚାରିଲେ ।

"ଗଙ୍ଗା ଜଳ । ତୁଳସୀ ଢଢ଼ୁରି ଏଇ ଭିତରପଟେ ।"

ଶାଶୁ ବୋଉ, ତୁଳସୀମୂଳକୁ ଗଲେ ।

ବାପା ପଶିଲେ ଗାଧୁଆଘରକୁ । ଉମା ତାଙ୍କ ପାଇଁ ଲୁଗାପଟା ସଜେଇ-ଦେଇ ଗଲା ଜଳଖିଆ ତଦାରଖରେ ।

ତୁଳସୀ ଚଢ଼ୁରୁ ଫେରି ରନ୍ଧାଘରେ ପଶିଲେ ଶାଶୁ ବୋଉ । ବବୁର୍ଚ୍ଚି ରାନ୍ଧୁଛି । ସାହେବର ମାକୁ ସଲାମ ଦେଲା ସେ ।

ଶହରର ମାତା ଦେଖିଲେ ବ୍ୟବସ୍ଥା । ଡ୍ରେସାର କୁକାର ବସିଛୁ ଦ'ଟା । ଗୋଟାଏ ତାଓଆ ଭଳି ପାତ୍ରରେ ଅଣ୍ଡା ଭାଜୁଛି ବବୁର୍ଚ୍ଚି । ଅଦୂରରେ ଗୋଟାଏ ଟେବୁଲ ଉପରେ ଜମା ହୋଇଛି ପରିବା, ମାଛ, ମାଂସ, ଅଣ୍ଡା । ଅନୁମାନ କଲେ ସେ । କଟକ ଦାମ୍‌ରେ ତିରିଶ ଚାଳିଶ ଟଙ୍କାର ଜିନିଷ । ବଧୂ ଓ କନ୍ୟାର ମୁହଁକୁ ଚାହିଁଲେ, ତା ପରେ ଆସି ଠିଆ ହେଲେ ଖାଇବା ଘରେ ।

ଉମା କହିଲା, "ବାପା ପୂଜାରେ ବସିଛନ୍ତି, ତୁ କିଛିଏ ଜଳଖିଆ ଖାଇ ନେ ବୋଉ ।" ଫ୍ରିଜ୍ ଖୋଲି ବାହାର କଲା ସେ ଗୋଟାଏ ପ୍ଲେଟ୍ । ବୋଉ ଦେଖିଲେ ଚାରିଟା ବଡ଼ ବଡ଼ ଆଳୁଅରେ ସଜା ହୋଇଛି ନାନା ପ୍ରକାର ମିଷ୍ଟାନ୍ନ । ଅନେକଗୁଡ଼ାଏ ବୋତଲରେ ନାନା ରଙ୍ଗର ପାନୀୟ ରହିଛି ।

"ସେଗୁଡ଼ା କଣ କଲେ ବୁଢ଼ୀ ?"

"ସରବତ୍ । ଖାଇବୁ ? କାଢ଼ିବି ।"

"ନା ଥାଉ ।"

ମାନସୀ କହିଲା, "ଗୋଟାଏ ଆଣ, ବାପା ଖାଇବେ ।"

ଉମା କାଢ଼ିଲା ଗୋଟାଏ ସବୁଜ ରଙ୍ଗର ବୋତଲ ।

ବୈଠକଖାନା ପାଖ ସାନ ଘରଟାକୁ ଆସିଲେ ସେମାନେ । ଶାଶୁଙ୍କୁ ନେଇ ଆସନରେ ବସାଇଲା ମାନସୀ । ଦୁଇଟା ଷ୍ଟୋଭ୍ ଜଳୁଛି । ସେଥିରେ ବସିଛି ଦୁଇଟି ପାତ୍ର ।

"ଏଠି କଣ ରନ୍ଧା ହେଉଛି ପୁଣି ?" ବୋଉଙ୍କ ପ୍ରଶ୍ନ ।

"ତୋ ପାଇଁ, ବାପାଙ୍କ ପାଇଁ" ଉମା କହିଲା । ଭାତ ଡ଼ାଲି ବସିଛି । ବବୁର୍ଚ୍ଚି ରନ୍ଧା ଖାଇବୁ ନ ଖାଇବୁ ସେଥିଲାଗି ।

Digitized by srujanika@gmail.com

"କି ଜାତି ଲୋକ ସେ ?"

"ଜାଏ ବବୁର୍ଚ୍ଚି ? ସେ ବୌଦ୍ଧ ।"

"ସେଟା କି ଜାତି ଲୋ ?"

"ଗୋଟାଏ ଜାତି । ମାଛ ମାଂସ ଖାଏନି ସେ ବୁଢ଼ା; କିନ୍ତୁ ସବୁ ରାନ୍ଧେ । ଏମିତି ରାନ୍ଧେ ଯେ ତୁ ଥରେ ଖାଇଲେ ପାଟିରୁ ଛାଡ଼ିବୁ ନାହିଁ ।"

"ନା ଛାଡ଼ୁ । ମୋର ଦରକାର ନାହିଁ । ତୁମେ ତୁମର ଖାଅ ।"

ମାନସୀ ଆସି ଦେଖିଲା, ଶଶୁର ପଲଙ୍କାରୁ ଉଠିଲେଣି । ସେ ପଚାରିଲା, "ଟିକିଏ ଜଳଖିଆ ଆଣେ ବାପା ?"

"ତୁମ ବୋଉ ?"

"ସେ ଏଇଠି ବସିଛନ୍ତି, ଏଇ ପାଖ ଘରେ ।"

ଶଶୁରଙ୍କୁ ନେଇ ସେ ଘରକୁ ଆସିଲା ମାନସୀ ।

"ଟିକିଏ ଜଳଖିଆ ଖାଅ ।" ବୋଉ କହିଲେ । "କାଲି ରାତିରେ ତ ଖାଇଲନି କିଛି ରାତି ଅନିଦ୍ରା ହବ ବୋଲି । ଶୋଇଲ ତ ବେଶ୍ ଗାଢ଼ରେ ।" ହସିଲେ ସେ । "ହଁ ନିଦ ହୋଇଗଲା ମୋର ।" ସେ ବସିଲେ ସ୍ତ୍ରୀଙ୍କ ପାଖକୁ ଆଉ ଗୋଟାଏ ଆସନରେ । ନନ୍ଦ ଦୁଇ ଗିଲାସ ପାଣି ଦେଇଗଲା ।

"ଏ ଟୋକା ନାଁ କଣ ?" ଶାଶୁଙ୍କ ପ୍ରଶ୍ନ ।

"ନନ୍ଦ ।"

"କି ଜାତି ?"

"ଆମେ ଗୋପାଳ ଆଜ୍ଞା ।" ନନ୍ଦ କହିଲା ।

ଉମା ଦ'ପ୍ଲେଟ ମିଠା ଆଣି ରଖିଲା ବାପା ବୋଉଙ୍କ ଆଗରେ ।

"ଇସ୍ତେ କଣ ଲୋ ବୁଢ଼ୀ ! ସ୍ୱାକୁ ଖାଇବ କିଏ ?"

"ତୁ ଖା ସେତିକି ପାରିବୁ । ବଳିଲେ ଆମେ ଖାଇଦବା ନାହିଁ ?"

ବାପା ମିଠା ପାଟିକି ନେଇ କହିଲେ, "ଖାଇଦିଅ ବୁଢ଼ୀବୋଉ, ଏ ପଦାର୍ଥ ଆମ ଦେଶରେ ମିଳେନି ।"

ନନ୍ଦ ଆସି ମାନସୀକୁ କଣ କହିଲା ଫୁସ୍ ଫୁସ୍ କରି । ମାନସୀ ଉମାକୁ କହିଲା, "ତୁମେ ବାପାଙ୍କୁ ଖୁଆଇଦିଅ, ମୁଁ ଟିକିଏ ଆସୁଛି ।" ତରତର ହୋଇ ବାହାରିଗଲା ସେ ।

Digitized by srujanika@gmail.com

ଢମା ଗ୍ଳ କରଦେଲ । ବାମଦେବ ଢ଼ୋକେ ପିଇ ବୁଝିଲେ କେଉଁ ଦରର ଜିନଷ । ବୁଢ଼ାର ସବୁ ବ୍ୟବସ୍ଥା ଅସାଧାରଣ ।

ଗ୍ଳ ଖାଇ ସାରଲ ବେଳକୁ ଗୋଟାଏ ଗ୍ରେଟ ସୁଟ୍‌କେଶ ନେଇ ପଶି ଆସିଲ ମାନସୀ । ଶାଶୁଙ୍କ ପାଖରେ ତାକୁ ରଖି କହଲ, "ଗାଈ କଅଁ ଲେଇଲ । ମାଈ ବାଛୁରିଟିଏ ହୋଇଛୁ ।"

"ଗାଈ କଣିଛୁ କ ବୁଢା ?" ବୋଉ ପଚ୍ଚରଲେ ।

ବାପା ପଚ୍ଚରଲେ, "କ ଗାଈ ? କେଉଁଠା ?"

"ଅଷ୍ଟ୍ରେଲିଆର ଗାଈ ବାପା । ଛ'ଶ ଟଙ୍କା ଦେଇ କଣିଛନ୍ତ ଭାଇନା, ଗାଈ ବାଛୁରୀ । ଗୋଟାଏ ସାହେବ ଥଲ ଏଠି । ସେ ବଦଳ ହୋଇଗଲ ଡେହେରାଦୂନ୍ । ଗାଈ ବକ ଦେଇଗଲ ।"

ବୋଉ ସୁଟ୍‌କେଶ ଖୋଲ ଦେଖିଲେ, ପାନସଜରେ ଭର୍ତ୍ତି ହୋଇଛୁ । "ଏକୁ ବ କଣିଛୁ ?" ହସି ପଚ୍ଚରଲେ ସେ ପୁତ୍ରବଧୂଙ୍କୁ । ପାନ ଭାଙ୍ଗି ସ୍ୱାମୀଙ୍କୁ ଦେଲେ, ନିଜେ ଖାଇଲେ । ଝିଅ ବୋହୂଙ୍କୁ ଖଣ୍ଡେ ଖଣ୍ଡେ ଦେଲେ । ତା ପରେ ଉଠିଲେ, "ଗ୍ଳ ଗାଈ ଦେଖିବା ।

ଗାଈ ଦେଖି ଖୁସି ହୋଇଗଲେ ବାମଦେବ ଶତପଥୀ ଓ ତାଙ୍କ ସ୍ତ୍ରୀ । ମା ଭଳିଆ ଛେବଛେବଲିଆ ହୋଇଛୁ ବାଛୁରି । ଶୋଇଥାଏ, ମା ତା ଦେହରୁ ଲାଳ ଗୃଟି ସଫା କରୁଥାଏ ।

"ଫୁଲ ପଡ଼ିଲଣି ?" ପଚ୍ଚରଲେ ମାତା ।

ନାରଣ ହଁ କଲ ।

ବୋଉ ଦେଖିଲେ ଗୋଟାଏ ଟିଣରେ କୁଣ୍ଡ ସିଝା ହେଉଛୁ । ଗରମ ଗରମ କୁଣ୍ଡ ଖାଇବ ଗାଈ । ଗୋଟାଏ ବୋତଲରେ କଣ ଗୁଡ଼ାଏ ରଖା ହୋଇଛୁ ।

"ଏ ବୋତଲରେ କଣ ଅଛୁ ?"

"ଔଷଧ । ଗାଈକୁ ପେଇବାକୁ ହବ । ତା ପୁରୁଣା ମାଲକ ଦେଇ ଯାଇଛୁ ।" ଢମା ବୋଉଙ୍କୁ କହଲ, "ନାରଣ ଜଣେଇଛୁ ଏ ଗାଈକୁ । ସେ ଜାଣେ ତା କଥା । ଯାହା ଦରକାର କରବ । ତୁ ଗ୍ଳ ଘରକୁ ।"

ବାପା ବୋଉଙ୍କୁ ନେଇ ମାନସୀ ଓ ଢମା ପଶିଲେ ଖାଇବା ଘରେ । ଚନ୍ଦ୍ରଶେଖର, ଶମ୍ଭୁ ଓ ରଜା ବସି ପ୍ରାତରାଶ ଖାଉଛନ୍ତ । ବବୁର୍ଚ୍ଚି ବାଢି ଦେଉଛୁ ।

Digitized by srujanika@gmail.com

ରାଜା ଡ଼ାକିଲା, "ଅଜା, ଆଇ, ଆସ ଖାଇବ ।"

ଅଜା କହିଲେ, "ତୁ ଖା, ଅମେ ଖାଇ ସାରିଲୁଣି ।"

ବୋଉ ଦେଖିଲେ, ଅନେକ ପ୍ରକାର ଜଳଖିଆ ଦିଆ ହୋଇଛି । ସମସ୍ତେ ତୃପ୍ତିର ସହିତ ଖାଉଛନ୍ତି ।

ଏମାନେ ଆସିଲେ ବୈଠକଖାନାକୁ । ଉମା ରହିଗଲା ଖାଇବା ଘରେ । ଶଶୁର ବୋହୂକୁ ପଚାରିଲେ, "ଏ ଗାଈ ଆଉ ଥର କେତେ ଦୁଧ ଦଉଥିଲା ?"

"ପନ୍ଦର ଷୋଳ ସେର ।"

କାବା ହୋଇଗଲେ ଶଙ୍କରର ମାତା, "କେତେ ଦୁଧ ଦୁହିଁବ କିଏ ? ମାଳି !"

"ନା, ଦୁଧ ଦୁହିଁବା କଳ ଅଛି ।" ମାନସୀ କହିଲା ।

ବାମଦେବ ବୁଝେଇଦେଲେ ସ୍ତ୍ରୀଙ୍କୁ ।

ସିଡ଼ି ଚଢ଼ି ଉପରକୁ ଆସିଲେ ସମସ୍ତେ । ବାପା ଯାଇ ଲାଉଞ୍ଜରେ ବସିଲେ । ଖବର କାଗଜ ସଜା ହୋଇଛି ଗୋଟାଏ ଟେବୁଲରେ । ଅନେକଗୁଡ଼ାଏ କାଗଜ କଣେ ବୁଡା । ସେ ଗୋଟାଏ କାଗଜ ଉଠେଇ ନେଇ ପଢ଼ି ବସିଲେ ।

ମାନସୀ ଶାଶୁଙ୍କୁ ନେଇଗଲା ତା ଶୋଇବା ଘରକୁ । ଆଲମାରୀ ଖୋଲି କାଳୀ ମନ୍ଦିରରୁ ଆଣିଥିବା ସିନ୍ଦୂର ଶାଶୁଙ୍କ ମୁଣ୍ଡରେ ଦେଇ ସାଷ୍ଟାଙ୍ଗ ପ୍ରଣାମ କଲା । ତା ପରେ ଗୋଛାଏ ନୋଟ ଆଣି ତାଙ୍କୁ ଦେଲା ।

"କଣ ହବ ଏ ଟଙ୍କା ?"

"ସେ କହିଯାଇଛନ୍ତି ତୁମକୁ ଦବାକୁ ।"

"ଥାଉ, ତୁ ରଖିଥା । ମୋ ପାଖରେ ଟଙ୍କା ଅଛି । ଦରକାର ହେଲେ କହିବ ।"

ମାନସୀ ଅନିଚ୍ଛାରେ ନେଇ ଆଲମାରୀରେ ରଖିଲା । ଆଲମାରୀ ଦି'ଟା ଦେଖିଲେ ବୋଉ, ଗୋଟାଏ ପୁଅର ପୋଷାକରେ ଏବଂ ଆଉଟା ବୋହୂର ଲୁଗାପଟାରେ ଭର୍ତ୍ତି ।

ଉମା ଅସି ବୋଉଙ୍କ ପାଖରେ ବସି ଫୁସ୍ ଫୁସ୍ କରି କହିଲା କଣ । ମାନସୀକୁ ଅନେଇଲେ ତା ଶାଶୁ । ଖୁସିରେ ଉଜ୍ଜ୍ୱଳ ହେଲା ତାଙ୍କ ମୁହଁ । "ଦି'ମାସ ହେଲା ?" ପଚାରିଲେ ସେ ।

Digitized by srujanika@gmail.com

ମାନସୀ ଲଜ୍ଜିତ ହେଲା । "ନିଜ କଥା କହୁନ କାହିଁକି ? ତୁମର ବି ତ ଦୁଇ ମାସ ।"

ଝିଅ ଆଡ଼କୁ ଚାହିଁଲେ ମା'ତା । ତା ପରେ ଉଠିପଡ଼ି କହିଲେ, "ଯାଏଁ, ତୋ ବାପାଙ୍କୁ ଖବରଟା ଦିଏଁ ।"

ବାରଟା ଭିତରେ ବାପା, ବୋଉଙ୍କୁ ଖୋଇଦେଲା ମାନସୀ । ତା ପରେ ସେ ସେଠି ବସିପଡ଼ିଲା ଖାଇବାକୁ । ଉମା କହିଲା, "ସ୍ୱେ କଣ ? ତୁମେ ସ୍ୱାର୍ଥପର ପରି ଖାଇନବ ଏଠି । ଆଉ ମୁଁ ?"

"ତୁମେ ବସିବ ସମସ୍ତଙ୍କ ସାଙ୍ଗରେ । ସୁନଟା ପରି, ବୋଉଙ୍କ ଆଗରେ ମୁଁ ଟେବୁଲରେ ବସି ଖାଇ ପାରିବନି ।"

ମଧ୍ୟାହ୍ନ ଭୋଜନ ବେଳେ ବୋଉ ଆସି ବସିଲେ ଖାଇବା ଘରେ । ଝିଅ, ଜୋଇଁ, ପୁଅ, ନାତି ବସି ଖାଉଛନ୍ତି । ମାନସୀ ତଦାରଖ କରୁଥାଏ । ବୋଉ ଦେଖୁଥାନ୍ତି ଏ ଖାଦ୍ୟକୁ, ପାଚକକୁ ଏବଂ ଖାଇବା ଲୋକଙ୍କୁ ।

ଉମା କହିଲା, "ବୋଉ ତୁ ତ ସବୁ ଦେଖିଲୁ, ଶୁଣିଲୁ । ଭାଇନା ନାହାନ୍ତି । ଥିଲେ ଅଦ୍ଭୁତ କଣ ସବୁ ହୋଇଥାନ୍ତା । ଏଠି ଆମେ ଏଇ ରକମ ରହୁଛୁଁ । ତୋର କିଛି ଅସୁବିଧା ହବ ?"

"କି ଅସୁବିଧା ଲୋ ? ମୋ ପୁଅର ଘର, ମୋ ଘର ନୁହେଁ । ବୁଢ଼ୀ ମୋର ଅସୁବିଧା କରିବାକୁ ଦବ କି ?"

"ତା ଦେବେନି । କିନ୍ତୁ ଭଉନା ଏଠି ବଡ଼ ସାହେବ । ସେ ଏମିତି ଚଳନ୍ତି ।"

"ଚଳନ୍ତୁ । କଣ ହେଲା ସେଠୁ ?"

"ନାଇଁ, ଏଇ ଖାଇବା କଥା । ଏକାଠି ବସି ସମସ୍ତେ ଏଠି ଖାନ୍ତି ।"

"ଖାଅନ୍ତେ ନାହିଁ କି ?"

"ଟେବୁଲରେ ।"

"ହଉ ।"

"ନୂଆବୋଉ, ଭାଇନା ଏକାଠି ବସି ଖାନ୍ତି । ଆଜି ତୋ ଡରରେ ନୂଆବୋଉ ବସିଲେନି ଆମ ସାଙ୍ଗରେ ।"

"ଉମା !" ପାଟି କରି ଉଠିଲା ମାନସୀ । ଚିମୁଟିଲା ନଣନ୍ଦକୁ ।

"ଆଃ, ମୋତେ ଚିମୁଟୁଛ କାହିଁକି ?"

Digitized by srujanika@gmail.com

ହସିଲେ ବୋଉ, "ଆଲୋ ବୁଢ଼ୀ, ଅନନ୍ତର ବଡ଼ ପୁଅ ଅଶୋକ ତା ମେମ୍ ବୋହୂକୁ ନେଇ ଏକା ଟେବୁଲରେ ବସି ଆମ ଘରେ ଖାଇଛି ପାଞ୍ଚ ଛ'ଥର । ମୁଁ ନିଜେ ବାଢ଼ିଛି ତାଙ୍କୁ । ଆଜି ମୋ ପୁଅ ବୋହୂ ଘରେ ଏକାଠି ବସି ଟେବୁଲରେ ଖାଇବେ, ମୁଁ ମନା କରିବି ?"

"ତା ହେଲେ ନୂଆବୋହୂ ଆସ ଏଠିକି, ବସ ଆମ ପାଖରେ ।" ଶମ୍ଭୁ ଯାଇ ମାନସୀକୁ ଧରି ଆଣି ବସେଇଲା ତା ପାଖରେ । ବବୁର୍ଚ୍ଚିକୁ କହିଲା, "ନୂଆବୋହୂଙ୍କ ପାଇଁ ଆଣ ।"

" ମୁଁ ଖାଇ ସାରିଛି", ଆପତ୍ତି କଲା ମାନସୀ ।

କିଏ ଶୁଣେ ତାର ଆପତ୍ତି ? ଖାଇବାକୁ ହେଲା ତାକୁ । ଶାଶୁଙ୍କ ଥାଳରେ ଭାତ ବାଢ଼ି ନେଇ ସେ ଯେତେବେଳେ ଖାଇଥିଲା, ତାର ମନେ ହେଲା, ପେଟ ପୂରିନି ।

ଦୁଇଟା ବେଳକୁ ଗୋଟାଏ ଟେକ୍ସି ଆସି ଠିଆ ହେଲା । ସେଥିରୁ ଓହ୍ଲେଇଲା ଶଙ୍କର । ତାକୁ ଆଗ ଦେଖିଲେ ରାଜା ଆଉ ଶମ୍ଭୁ । ସେମାନେ ବେଡ଼୍ମିଣ୍ଟନ ଖେଳିବେ ବୋଲି ବାହାରୁଥିଲେ । ସାହେବଙ୍କୁ ଦେଖି ନିଜ ଖେଳ ଜିନିଷ ପକେଇ ଦଉଡ଼ିଲେ ଟେକ୍ସି ପାଖକୁ । ମାଲପତ୍ର ଧରି ଉପରକୁ ଗଲା । ଘରୁ ବାହାରି ଆସିଲେ ମାନସୀ, ଉମା, ଚନ୍ଦ୍ରଶେଖର, ଓ ତା ବୋଉ । ବୈଠକଖାନାରେ ବସି ଗପ କରୁଥିଲେ ସେମାନେ ।

ବୋଉକୁ ପ୍ରଣାମ କଲା ଶଙ୍କର । ପଚାରିଲା, "ବାପା ?"

"ଘରେ । ଗଡ଼ପଡ଼ ହେଉଛନ୍ତି ।" ବୋଉ କହିଲେ ।

ବାହାରି ଆସିଲେ ବାମଦେବ । ଶଙ୍କର ପ୍ରଣାମ କରି ପଚାରିଲା, "ରାସ୍ତାରେ କିଛି ଅସୁବିଧା ହୋଇନି ତ ?"

"ନା, କିଛି ଅସୁବିଧା ହୋଇନି ।"

ସମସ୍ତେ ପଶିଲେ ବୈଠକଖାନାକୁ । ବାପା, ବୋଉ, ଚନ୍ଦ୍ରଶେଖର ସାଙ୍ଗରେ ଦଶ ମିନିଟ କଥାବାର୍ତ୍ତା କଲା ଶଙ୍କର । ତା ପରେ କହିଲା, "ଦେଢ଼ ହଜାର ମାଇଲ ଉଡ଼ି ଆସିଛି ମୁଁ । କ୍ଳାନ୍ତ ଲାଗୁଛି । ମୁଁ ଗାଧୋଇ ପଡ଼େଁ ।"

ସେ ଉଠିଗଲା ଉପରକୁ ।

ଗାଧୋଇ ଆସି ଦେଖିଲା, ମାନସୀ ତା'ର ଲୁଗାପଟା ସଜେଇ ରଖିଛି ।

"ଟେକ୍ସିରେ ଆସିଲ କାହିଁକି ? ଫୋନ୍ କଲନି ଗାଡ଼ି ଯାଇଥାନ୍ତା ।"

Digitized by srujanika@gmail.com

"ତା ହେଲେ ଆଉ ଘଣ୍ଟାଏ ଦେଢଘଣ୍ଟା ଭିତରେ ପହଞ୍ଚିଥାନ୍ତ ।"

"ଟେଲିଗ୍ରାମ୍ କଲନ ?"

"ଆରେ ବାବା, ଭୁବନେଶ୍ୱରରେ କାମଟା ଯେ ଏମିତ ସୁରୁଖୁରରେ ହୋଇଯିବ, ମୁଁ କଣ ଜାଣିଥିଲି ? କାମ ସରିବାରୁ ଆସିଲି ।"

"ଭୁବନେଶ୍ୱର ଯାଇଥିଲ ?"

"ହ, ସକାଳୁ ମାନ୍ଦ୍ରାଜ ଛାଡ଼ିଲି । ଲଞ୍ଚ୍ ଖାଇଲି ହାଇଦ୍ରାବାଦରେ । ତା ପରେ ଭୁବନେଶ୍ୱର ହୋଇ କଲିକତା ।"

"ଗାଈ ଗୋଟିଏ ମାଈ ବାଛୁରି ଦେଇଛି ।"

"ଗୁଡ୍, ଭେରି ଗୁଡ୍ । କେବେ ?"

"ଆଜ ସକାଳୁ । ବାପା, ବୋଉ ଆସିବା ପରେ ପରେ ।"

"ବାପା, ବୋଉ କଣ ଖାଇଲେ, କଉଠି ରହିଲେ, କଣ ଚର୍ଚ୍ଚା କଲ କୁହ ।"

ପୋଷାକ ପିନ୍ଧୁ ପିନ୍ଧୁ ସବୁ ଶୁଣିଲି ସେ ସ୍ତ୍ରୀ ପାଟରୁ । ଉମା ଓ ରଜା ପାଇଁ କଣ କଣିଛି, ରଜା ପାଇଁ ଦୋକାନୀ ଗୋଟାଏ କାଠ ବାକସ ପଠେଇ ଦେଇଛି—ସବୁ କଥା କହିଲି ମାନସୀ ।

ପୋଷାକ ପିନ୍ଧିସାରି ଆସି ସେ ଠିଆ ହେଲି ସ୍ତ୍ରୀ ଆଗରେ । ମାନସୀ ତା ମୁହଁକୁ ଚାହିଁଲି ଟିକଏ, ତା ପରେ ସମର୍ପଣ କଲି ନିଜକୁ । ତାକୁ ମିନଟ ଦୁଇ ଅଟକେଇ ଦେଲି ଶଙ୍କର । ତା ପରେ ଦୁଇ ଜଣ ତଳକୁ ଓହ୍ଲେଇ ଆସିଲେ ମନ ଖୁସିରେ ।

ସତର

ଅଗଷ୍ଟ ମାସର ମଝାମଝି । ବହୁତ ପାଣି ବୋହିଗଲଣି ଇତମଧ୍ୟରେ ଭାଗୀରଥୀରେ ।

ଉମା ଆଉ ରଜାକୁ ନେଇ ଚନ୍ଦ୍ରଶେଖର ଏଇକ୍ଷିଣି ସୁନ୍ଦରଗଡ଼ରେ । ଶମ୍ଭୁ ବି· ଏସ୍-ସି. ପଢ଼ୁଛି ରେଭେନ୍‌ଶ'ରେ । ବାପା ବୋଉ କଲିକତାରେ ପୁରୁଣା ହୋଇଗଲେଣି । ବାପାଙ୍କ ଦେହକୁ ସବୁ ପ୍ରକାର ପରୀକ୍ଷା କରାଯାଇଛି । କୌଣସି ରୋଗ ନାହିଁ ତାଙ୍କର, ରକ୍ତଚାପ ଛଡ଼ା । ତାକୁ ଅନ୍ତଅାର କରିବାକୁ ସେ ଔଷଧ ଖାଉଛନ୍ତି । ବୋଉ ଏଇ କେତେ ମାସରେ

Digitized by srujanika@gmail.com

ମୋଟା ହୋଇ ଯାଇଛନ୍ତି । ସଙ୍ଗୀତ-ମାଧୁରୀ ବା ଶଙ୍କରର ଶାଶୂ ଆସିଛନ୍ତି ଅନ୍ତଃସତ୍ତ୍ୱା କନ୍ୟାର ପରିଚର୍ଯ୍ୟା ପାଇଁ ।

ମାନସୀର ପେଟ ବେଶ୍ ବଡ଼ ହୋଇଛି । ସେ ବସ୍ତୁବା କଛି କାମଦାମ କରିପାରୁ ନାହିଁ । ଲେଡ଼ି ଡ଼ାକ୍ତର ମିସେସ୍ ହାଲଦାର କହୁଛି, ଯାଆଁଳା ପିଲା ପେଟରେ ଅଛନ୍ତି । ସେଥିଲାଗି ପ୍ରସୂତି ଓ ଅନାଗତ ସନ୍ତାନମାନଙ୍କର ସ୍ୱାସ୍ଥ୍ୟରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ପ୍ରତି ସପ୍ତାହରେ ମାନସୀକୁ ପରୀକ୍ଷା କରାଯାଉଛି । ବିଭିନ୍ନ ଭିଟାମିନ୍‌ର ବଟିକା ଓ ଔଷଧ ଖାଇ ଖାଇ ସେ ହାଇରାଣ ।

ବାପା ବୋଉ ଶଙ୍କରର ଜୀବନଯାତ୍ରାରେ କୌଣସି ପରିବର୍ତ୍ତନ କରିବାକୁ ଦେଇ ନାହାନ୍ତି । ପ୍ରଥମେ ପ୍ରଥମେ ବୋହୂକୁ ପୁଅ ସାଙ୍ଗରେ ପଠଉଥିଲେ ତା ବୋଉ, ପାର୍ଟିକୁ, ଥିଏଟର ସିନେମାକୁ, ବନ୍ଧୁବାନ୍ଧବ ଘରକୁ । ତାଙ୍କ ଘରେ ମଧ୍ୟ ଦୁଇ ତିନି ଥର ଖିଆପିଆ ହୋଇଛି । ଦଳ ଦଳ ସାହେବ ମେମ୍ ଆସିଛନ୍ତି । କୌଣସି ଅସୁବିଧା ହୋଇନି । ବାପା ବୋଉ ଏହି ଉତ୍ସବମାନଙ୍କରେ ସମ୍ମାନର ସହିତ ଯେତିକି ଯୋଗ ଦେବା କଥା, ଦେଇଛନ୍ତି । ଅରୁଣାର ବାହାଘର ପୁଅ ବୋହୂ ସାଙ୍ଗରେ ଯାଇ ଯୋଗ ଦେଇ ଆସିଛନ୍ତି । ଅରୁଣାର ବାବା ବେଣିମାଧବ ଗାଙ୍ଗୁଲି, ବାମଦେବଙ୍କ ସାଙ୍ଗରେ ବନ୍ଧୁତା କରିଛନ୍ତି । ଥରେ ଦୁ'ଥର ନନ୍ଦ ଅଲପୁର ଆସିଛନ୍ତି । ବାପା ମଧ୍ୟ ତାଙ୍କ ଘରକୁ ବୁଲି ଯାଇଛନ୍ତି ।

ବାହାଘର ପରେ ଅରୁଣା ଚାକିରି ଛାଡ଼ି ଦେଉଥିଲା । ଶଙ୍କର ତା ସ୍ୱାମୀ ରଞ୍ଜନ ସାଙ୍ଗରେ ପରାମର୍ଶ କରି ତାକୁ ଅନ୍ୟ ଗୋଟାଏ ହାଲୁକା କାମରେ ନିଯୁକ୍ତି ଦେଇଛି । ତାର ବ୍ୟକ୍ତିଗତ ଟଙ୍କା ପଇସାର ହିସାବ ପୂର୍ବଭଳି ଅରୁଣା ପାଖରେ ରହୁଛି । ମେରି ଫ୍ରାନସେସ୍ ନାମକ ଜଣେ ଇଙ୍ଗ୍-ଭାରତୀୟକୁ ଅରୁଣା ଜାଗାରେ ରଖିଛି । ମେରି ଟିକିଏ ବୟସ୍କା, ତିରିଶ ବତିଶ ବର୍ଷ ବୟସ ହେବ । ଦୁଇଟି ସନ୍ତାନର ଜନନୀ । ଚେହେରା କିନ୍ତୁ ଠିକ୍ ଅଛି । ବେଶ୍ ଲମ୍ବା, ଗୋରା, ସୁବକ୍ଷା, ସୁନିତମ୍ବା । ମେରିର ଗୋଟିଏ ଭଲ ଗୁଣ, ସେ ସୁବାସୀ ନୁହେଁ । ତା ଦେହରୁ ଶସ୍ତା ହୁଇସ୍କିର ଦୁର୍ଗନ୍ଧ ପାଉନି ଶଙ୍କର ।

ଭାରତର ସବୁ ପ୍ରାଦେଶିକ ରାଜଧାନୀରେ ଇଣ୍ଡିଅନ କେମିକେଲ୍‌ସର ଶାଖା ଖୋଲା ହୋଇଛି । ତା ମାଲ ଉପରେ ଆଂଶିକ ଶୁଳ୍କ ରିହାତି କରେଇ ନେଇଛି ଶଙ୍କର । ଗୋଟାଏ ସାର କାରଖାନା ଓ ଗୋଟାଏ

Digitized by srujanika@gmail.com

ପେଟ୍ରୋକେମିକେଲ କାରଖାନା ବସେଇବ ବୋଲି ଯୋଜନା କରୁଛି । ତାର ବ୍ୟବସାୟ ଆଶାନୁରୂପ ବୃଦ୍ଧି ପାଉଛି ।

ବାପାଙ୍କ ପାଇଁ ପ୍ରଚୁର ବହି କିଣି ଆଣି ଦେଉଛି ଶଙ୍କର, ଧର୍ମ-ଦର୍ଶନ ଉପରେ । ଅଧ୍ୟାପକ ଗାଙ୍ଗୁଲିଙ୍କ ଛଡ଼ା ରାମକୃଷ୍ଣ ମିଶନର ଜଣେ ସନ୍ନ୍ୟାସୀ ମଝିରେ ମଝିରେ ଆସି ଆଲୋଚନା କରନ୍ତି ବାପାଙ୍କ ସାଙ୍ଗରେ । ଏହି ପଣ୍ଡିତଟି ଆଗ କଟକରେ ଶିକ୍ଷକତା କରୁଥିଲେ । ବାପାଙ୍କ ସାଙ୍ଗରେ ପରିଚୟ ଥିଲା ।

ବାପା, ବୋଉ ଓ ଶାଶୁଙ୍କ ପାଇଁ ସ୍ୱତନ୍ତ୍ର ବ୍ରାହ୍ମଣ ପାଚକ ନିଯୁକ୍ତ ହୋଇଛି । ବାପା କିନ୍ତୁ ପ୍ରାତରାଶ ଓ ମଧ୍ୟାହ୍ନ ଭୋଜନ ପୁଅ ବୋହୂଙ୍କ ସାଙ୍ଗରେ ବସି ଖାନ୍ତି । ବୋହୂର ଖାଦ୍ୟ ଯଥେଷ୍ଟ ହେଉଛି କି ନା, ସେ ଦିଗରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି । ବେଶି କରି ମାଛ ଖୁଆନ୍ତି ସେ ବୋହୂକୁ । ଜୈବିକ ପ୍ରୋଟିନ୍‌ର ଉପାଦେୟତା ବିଷୟରେ ଉପଦେଶ ଦିଅନ୍ତି । ସ୍ତ୍ରୀଙ୍କୁ କହନ୍ତି, "ତୁମ ବେସର ମହୁରଠୁଁ ଏ ଖାଦ୍ୟ ଢେର ବେଶି ସ୍ୱାଦୁ ଓ ପୁଷ୍ଟିକର ।"

ବୋଉଙ୍କ କାମ ହେଲା ଠାକୁର ପୂଜା, ଘରର ତତ୍ତ୍ୱାବଧାନ ଓ ବାପାଙ୍କ ସେବା । ଶାଶୁଙ୍କର ଏକମାତ୍ର କାମ ହୋଇଛି ଝିଅର ଯତ୍ନ । ସେ ସବୁବେଳେ ଝିଅ ପାଖରେ ରହୁଛନ୍ତି । ଇତିମଧ୍ୟରେ ପୁତ୍ରବଧୂର 'ସାଧଭକ୍ଷଣ' ଉତ୍ସବ କରିଥିଲେ ଶଙ୍କରର ମାତା । ଦୁଇ ସମୁଦୁଣୀ ମିଶି ଏତେ ପ୍ରକାର ପିଠା, ମିଷ୍ଟାନ୍ନ ଓ ବ୍ୟଞ୍ଜନ ତିଆରି କରିଥିଲେ ଯେ, ବବୁର୍ଚ୍ଚି ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । ଝିଅ ପାଇଁ ସଙ୍ଗୀତମାଧୁରୀ ପରିସକଠାରେ ଯେଉଁ ତରକାରି କରିଥିଲେ, ତାକୁ ଖାଇ ବବୁର୍ଚ୍ଚି ଖୁସି ହୋଇ ସଲାମ କରିଥିଲା ।

ମିସେସ୍ ପାଣ୍ଡେଙ୍କୁ ଏଇ ମାସରୁ ବିଦା କରିଛି ମାନସୀ, ଗୋଟାଏ ସେଟ୍ ଲୁଗାପଟା ଓ ମାସକର ପାରିଶ୍ରମିକ ଅଗତୁର୍ ଦେଇ ।

ଗୋଟା ଗରମଟା ଶଙ୍କର ତା ଶୋଇବାଘରର ଆଗ ଅଳିନ୍ଦରେ କଟେଇଛି ଫିତା ଖଟରେ ଶୋଇ । ଘର ଭିତରେ ମାନସୀ ଏକା ଶୋଉଥିଲା । ବୋଉ ଆସିଲା ଦିନୁ ଝିଅ ପାଖରେ ଶୋଉଛନ୍ତି । ଶଙ୍କର ଆଜିକାଲି ବିଶେଷ କୁଆଡ଼େ ବାହାରେ ନାହିଁ ରାତିରେ । ସନ୍ଧ୍ୟାବେଳେ ଘଣ୍ଟା ଦୁଇ ସ୍ତ୍ରୀ ପାଖରେ ରହେ । ତା ପରେ ଲାଇବ୍ରେରୀରେ ବସି କାମ କରେ ।

ଶୋଇବା ଆଗରୁ ମାନସୀ ଆସି ତା ବିଛଣାରେ ବସେ । ଶଙ୍କର ସାଙ୍ଗରେ ଗପ କରେ । ସ୍ୱପ୍ନ ଦେଖନ୍ତି ଦୁଇ ଜଣ ଭବିଷ୍ୟତର । ଅନାଗତ

Digitized by srujanika@gmail.com

ସନ୍ତାନ ଦୁଇଟି ପୁଅ ହେବେ କି ଝିଅ ହେବେ, ଏ କଥା ନେଇ କଳି ଲାଗନ୍ତି । ପୁଅ ହେଲେ ବା ଝିଅ ହେଲେ କଣ କରାଯିବ, ସେ ବିଷୟରେ ନାନା ଯୋଜନା ତିଆରି କରନ୍ତି । ତାପରେ ଶଙ୍କରକୁ ନିଦ ମାଡ଼ିଲେ ତାକୁ ଶୋଇ ପକେଇ ମାନସୀ ଆସେ ଘର ଭିତରକୁ, ତା ବିଛଣାକୁ ।

ଗଲା କେତେ ମାସ ଭିତରେ ମାନସୀ ଅନେକ ଗପ ବହି ପଢ଼ିଛି । ଟଲଷ୍ଟୟଙ୍କ 'ଆନାକାରେନିନା'ର ସଂକ୍ଷିପ୍ତସାର ପଢ଼ିଛି । ମ'ହମ୍ ପଢ଼ିଛି । ସିନ୍‌କ୍ଲେୟାର ଲୁଇ, ହେମିଂୱେ, ଷ୍ଟେଇନବେକ୍, ହେରଲ୍ଡ଼ ରବିନ୍‌ସର ବହି ପଢ଼ିଛି । 'କାରପେଟବେଗାର୍ସ' ପଢ଼ି ସାରି ମାନସୀ କହିଥିଲା, "ବାବା, କି ବହି !"

ଶଙ୍କର ମାନସୀକୁ ଗୋଟାଏ ଅଦ୍ଭୁତ ରୁଚି ସାଙ୍ଗରେ ପରିଚିତ କରିଛି । କେବଳ ଇଂରେଜୀ ସାହିତ୍ୟ ନୁହେଁ, ଜାର୍ମାନ୍ ସାହିତ୍ୟ ସାଙ୍ଗରେ ମଧ୍ୟ ମାନସୀର ପରିଚୟ କରେଇଛି ଶଙ୍କର । ବର୍ଷଣମୁଖର ସନ୍ଧ୍ୟା ପ୍ରହରଗୁଡ଼ିକ କଟିଛି ଶଙ୍କରର ପ୍ରସିଦ୍ଧ ଜାର୍ମାନ ଲେଖକଙ୍କ ବହିକୁ ଅନୁବାଦ କରି ସ୍ତ୍ରୀକୁ ଶୁଣାଇବାରେ । ଗେଟେଙ୍କ ସାହିତ୍ୟ ବିଷୟରେ ମାନସୀର ଜଣାଶୁଣା ଅଛି । ଟମାସ୍ ମାନ୍, ହାରମେନ୍ ହେସ୍, ଫ୍ରାନ୍‌ଜ କାଫକା, ଷ୍ଟିଫାନ୍ ଜର୍ଜ, ଅନେକ ନାମଜାଦା ଜାର୍ମାନ୍ ସାହିତ୍ୟିକଙ୍କୁ ସେ ଚିହ୍ନେ ଓ ତାଙ୍କ ରଚନା ବିଷୟରେ ଜାଣେ ସେ । ଖାଲି ଇଂରେଜୀ ବା ଜାର୍ମାନ୍ ନୁହେଁ, ଅନେକ ବଙ୍ଗଳା ବହି ସେ ଇତିମଧ୍ୟରେ ପଢ଼ିଛି । ଅଧୁନା ତାକୁ ଆଣି ଦେଉଛି ରବୀନ୍ଦ୍ରନାଥଙ୍କ ବହି, ଶରତ ଚଟାର୍ଜୀଙ୍କ ବହି ଏବଂ ଏବକାର ଲେଖକଙ୍କ ବହି । ଓଡ଼ିଆ ବହି ଓ ପତ୍ରପତ୍ରିକା ସେ ତ ପ୍ରତି ମାସ କିଣେ ।

ଆଉ ଗୋଟାଏ ବଡ଼ ଖବର, ଉମାର କବିତାଗୁଚ୍ଛ "ନୀଳାକମଳ" ଛପା ହୋଇଛି । ମୁଖବନ୍ଧ ଚନ୍ଦ୍ରଶେଖର ଲେଖିଛି, ଉତ୍ସର୍ଗ କରିଛି ସେ ମାନସୀକୁ । ବହିର ସାଜସଜ୍ଜାରେ ତିନି ହଜାର ଟଙ୍କା ଖରଚ କରିଛି ଶଙ୍କର । ଜଣେ ଆଦେଶଧର୍ମୀ ଶିଳ୍ପୀଙ୍କୁ ଦେଇ ଦଶଟା ଛବି ଦେଇଛି ସେଥିରେ । ଓଡ଼ିଆ କବିତା କ୍ଷେତ୍ରରେ ଚହଳ ପକେଇଛି ଉମାର "ନୀଳାକମଳ" ।

ତନ୍ଦ୍ରା ଭାଙ୍ଗିଗଲା ଶଙ୍କରର । ମାନସୀର ଦୀର୍ଘନିଶ୍ୱାସ ସାଙ୍ଗରେ ସେ ଶୁଣିଲା "ଉଃ, ଆଃ" । ଉଠି ବସିଲା ଖଟରେ । ତା ବୋଉ ଆସି କହିଲେ, "ଡାକ୍ତରାଣୀକୁ ଖବର ଦେ ବାପା, ବେଳ ହେଲା ।"

କୋଡ଼ିଏ ମିନିଟ ଭିତରେ ମିସେସ୍ ହାଲଦାର ଆସିଗଲା । ମାନସୀକୁ ପରୀକ୍ଷା କରି ଆସି ଶଙ୍କରକୁ କହିଲା, "ନାର୍ସିଂ ହୋମକୁ ନେଇଯିବା । ପ୍ରଥମ

Digitized by srujanika@gmail.com

ପ୍ରସବ, ସେଥିରେ ଯମଜ ସନ୍ତାନ, ଡାକ୍ତରଖାନାରେ ସୁବିଧା ହବ ।" ଘଣ୍ଟାକ ଭିତରେ ସ୍ତ୍ରୀ, ମାତା ଏବଂ ଶାଶୁଙ୍କୁ ନାର୍ସିଂହୋମରେ ଛାଡ଼ିଦେଇ ଆସି ବିଛଣାରେ ଗଡ଼ିଲା ଶଙ୍କର । କେମିତି ଅସ୍ଥିର ଲାଗୁଥାଏ ତାକୁ । କଷ୍ଟରେ କୁଞ୍ଚିତ ମାନସୀର ମୁହଁଟା ଭାସି ଉଠୁଥାଏ ତା ଆଖି ଆଗରେ । ସନ୍ତାନ ଜନ୍ମର ଜଣା ଅଜଣା ନାନା ବିପଦ କଥା ଭାବି ଆଶଙ୍କିତ ହେଉଥିଲା ସେ । ଡାକ୍ତରାଣୀ କହୁଛି, ସବୁ ସ୍ୱାଭାବିକ ଅଛି, ଚିନ୍ତାର କାରଣ କିଛି ନାହିଁ । ତଥାପି ଶଙ୍କରର ମନ ମାନୁନଥାଏ । କେତେବେଳେ କି କାରଣରୁ, କି ବିପଦ ଆସିପାରେ । ମାନସୀର ପେଟରେ ଯାଆଁଳା ପିଲା ।

କେତେବେଳେ ଆଖି ଲାଗି ଯାଇଥିଲା ଶଙ୍କରର । ଫୋନ୍ ଘଣ୍ଟାର ଶବ୍ଦରେ ନିଦ ଭାଙ୍ଗିଗଲା । ନିଦ ନିଦ ଆଖିରେ ରସିଭର ଟେକି ଶୁଣିଲା ମିସେସ୍ ହାଲଦାରର ଗଳା । ସେ କହୁଛି, "ଦଶ ମିନଟ ଆଗରୁ, ସକାଳ ଚ୍ଛଟା ବାର ମିନଟରେ ଗୋଟିଏ କନ୍ୟା ଓ ଚ୍ଛଟା ପନ୍ଦର ମିନଟରେ ଗୋଟିଏ ପୁତ୍ରସନ୍ତାନ ଜନ୍ମ କରିଛନ୍ତି ମିସେସ୍ ଶତପଥୀ । ମା ଓ ପିଲାମାନେ ଭଲ ଅଛନ୍ତି । ପିଲା ଦିଓଟିରୁ ଝିଅଟି ହୋଇଛି ଛ ପାଉଣ୍ଡ ଓ ପୁଅଟି ପାଞ୍ଚ ପାଉଣ୍ଡ ।" ସେ ଶଙ୍କରକୁ ଶୁଭେଚ୍ଛା ଜଣେଇଲା ।

"ଧନ୍ୟବାଦ" କହି ଉଠି ବସିଲା ଶଙ୍କର ଖଟ ଉପରେ । ବାପା ଠିଆ ହୋଇଛନ୍ତି ତା ଆଗରେ ।

"କଣ କିଛି ଖବର ପାଇଲୁ ?" ବାପା ପଚାରିଲେ ।

କହିଗଲା ଶଙ୍କର ଯାହା ଶୁଣିଥିଲା ଡାକ୍ତରାଣୀ ପାଖରୁ । ବାପା ଖୁସି ହୋଇ ହସିଲେ । "ବାଃ, ଯମଜ ପୁଣି ପୁଅ ଝିଅ । ଏମିତି ସମନ୍ୱୟ କମ୍ ଦେଖାଯାଏ ।" ସେ ପୁଣି ଥରେ ସମୟଟା ବୁଝିନେଲେ । କୋଷ୍ଠି କରିବାକୁ ହବ ।

ବିଛଣା ଛାଡ଼ି ଠିଆ ହେଲା ଶଙ୍କର, "ଆପଣଙ୍କୁ କଫି ଦେଇଛି ?"

"ନା, ଏବେ ସଦାକୁ କେହି ଉଠିନାହାନ୍ତି ।"

ବୋତାମ ଟିପିଲା ଶଙ୍କର । ନନ୍ଦ ଆସିଲା ଆଖି ମଳି ମଳି । ତାକୁ କଫି ଆଣିବାକୁ କହିଲା । ବାପାଙ୍କ ପାଖରେ ଆସି ଲାଉଞ୍ଜରେ ବସିଲା ।

ନନ୍ଦ କଫି ଆଣିଲା । ବାପ, ପୁଅ ପିଇଲେ । ଦୁହେଁ ନିଜ ନିଜ ଚିନ୍ତାରେ ମଗ୍ନ । ଶେଷରେ ବାପା ପଚାରିଲେ, "ନାର୍ସିଂହୋମ୍‌ରେ କିଛି ବାଧା ନିଷେଧ ନ ଥିବ । ସବୁବେଳେ ଯାଇହବ ?"

"ହଁ । କେତେବେଳେ ଯିବେ ଆପଣ ?"

Digitized by srujanika@gmail.com

"ରୁ ଗାଧିଆ ପାଧୁଆ ସାର, ଖାଇ ନେ । ଯିବା ।"

ତଳକୁ ଓହ୍ଲେଇ ବରୁଚିଙ୍କୁ 'ବ୍ରାନଚ' ବରାଦ କଲା ଶଙ୍କର । ଆଜି ଘରେ ଅସୁବିଧା । ନନ୍ଦ ପାଖରୁ ଶୁଣିଲା, କାଲି ରାତପାରୁ ବାପା ଶୋଇ ନାହାନ୍ତି । ଘର ବାହାର କରୁଛନ୍ତି ।

ନାର୍ସିଂହୋମ୍‌ରେ ସାଢ଼େ ସାତଟା ବେଳକୁ ପହଞ୍ଚିଲା ଶଙ୍କର ବାପାଙ୍କୁ ନେଇ । ପ୍ରବେଶ ପଥରେ ଦେଖା ହେଲା ମିସେସ୍ ହାଲଦାର ସାଙ୍ଗରେ । ସେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣେଇଲା । ତା ପରେ ଏମାନଙ୍କୁ ନେଇ ମାନସୀର କେବିନ୍‌ରେ ପଶିଲା । ଶଙ୍କର ଦୁଆର ମୁହଁରେ ଠିଆ ହୋଇ ଦେଖିଲା, ବେଶ୍ ବଡ଼ ଘର । ପରିଚ୍ଛନ୍ନତାରେ ଚକ୍ ଚକ୍ କରୁଛି । ଘର ମଝିରେ ଗୋଟିଏ ଶଯ୍ୟା । ସେଥିରେ ମାନସୀ ଶୋଇଛି ଗୋଟାଏ ଧଳା ଚଦରରେ ଦେହ ଢାଙ୍କି । ତା ବିଛଣା ପାଖରେ ଦଉଛି କ୍ଲୀବ୍ । ମିସେସ୍ ହାଲଦାର ବାମଦେବଙ୍କୁ ନେଇ ଆଗେଇ ଗଲା ଶଯ୍ୟା ପାଖକୁ । ଶଶୁରଙ୍କୁ ଦେଖି ଆଖି ବୁଜିଲା ମାନସୀ, ତା ମୁଣ୍ଡରେ ଲୁଗା ନାହିଁ ।

ଶଙ୍କରର ମାତା ଓ ଶାଶୁ ପାଖଘରୁ ଆସିଲେ । ସ୍ତ୍ରୀ, ସମ୍ବନ୍ଧୁଣୀ ଓ ଡାକ୍ତରାଣୀ ସାଙ୍ଗରେ ବାମଦେବ ବୁଲି ବୁଲି ଦେଖିଲେ ପିଲମାନଙ୍କୁ । ମିସେସ୍ ହାଲଦାର ପାଖରୁ ଶୁଣିଲେ, ପ୍ରସବ ସୁରୁଖୁରରେ ହୋଇଛି । ବୋହୂର ସ୍ୱାସ୍ଥ୍ୟ ବିଷୟରେ ପଚ୍ଚରି ବୁଝିଲେ, ସବୁ ସ୍ୱାଭାବିକ, ଚିନ୍ତାର କାରଣ କିଛି ନାହିଁ । ମିସେସ୍ ହାଲଦାର ବୁଲିପଡ଼ି ଦେଖିଲା, ଶଙ୍କର ଦୁଆର ମୁହଁରେ ଠିଆ ହୋଇଛି, ଘରକୁ ପଶି ନାହିଁ । ସେ ଡାକିଲା. "ଆରେ, ଆପଣ ବାହାରେ କାହିଁକି ଠିଆ ହୋଇଛନ୍ତି ଡକ୍ଟର ଶତପଥୀ ! ଭିତରକୁ ଆସନ୍ତୁ ।"

ମାନସୀ ଶଙ୍କରକୁ ଦେଖି ନ ଥିଲା । ଡାକ୍ତରାଣୀର ଡାକରେ ଚକିତ ହୋଇ ମୁହଁ ବୁଲେଇ ଅନେଇଲା ସେ ଦୁଆର ଆଡ଼କୁ । ଶଙ୍କର ହସ ହସ ମୁହଁରେ ପଶୁଛି ।

ବାପା, ବୋଉ ଓ ଶାଶୁ ଗପ କରି କରି ପାଖ ଘରକୁ ଗଲେ । ଶଙ୍କର ଆସି ଠିଆ ହେଲା ବିଛଣା ପାଖରେ । ମାନସୀ ହସିଲା । ଶଙ୍କର ଦେଖିଲା କେଡ଼େ କରୁଣ ହସ ମାନସୀର । ଶେତା ଦିଶୁଛି ତା ମୁହଁ । ଗୋଟାଏ ଦୁଃସାଧ୍ୟ ରୋଗ ଭୋଗରୁ ଉଠିଛି ଯେମିତ ସେ ।

ପଚାରିଲା, "କେମିତି ଅଛ ?"

"ଭଲ" ହସି କହିଲା ମାନସୀ ।

"ଓ, ଶୀ ଇଜ୍ ଅଲ୍ ରାଇଟ୍ ।" ଟିପ୍‌ପଣୀ ମିସେସ୍ ହାଲଦାରର ।

Digitized by srujanika@gmail.com

"ତୁମେ କେତେ ସମୟ ରହିବ ?" ମାନସୀ ପଚାରିଲା ।

"ଲଞ୍ଚ୍ ବେଳେ ଆସିବି ।" ଶଙ୍କର ତାକୁ ଆଶ୍ୱାସ ଦେଲା ।

ମିସେସ୍ ହାଲଦାର ସାଙ୍ଗରେ ଯାଇ ପିଲାଙ୍କୁ ଦେଖିଲା । ଗୋଟିଏ ମାଂସପିଣ୍ଡରେ କେତେ ଜାଗାରେ ତୁଳି ବୁଲେଇଛନ୍ତି ଶିଳ୍ପୀ । କ୍ରମେ ସେଗୁଡ଼ିକ ଆଖି, ନାକ, ପାଟି ହୋଇ ଦିଶିବ । ଗୋଟାଏ ପିଲା ପାଟି କଲା । କି ଗଭୀର ସ୍ୱର ! ନର୍ସ ଆସି ଲୁଗା ବଦଳେଇ ଦେଲା । ଶଙ୍କର ଦେଖିଲା, ସେଟି କନ୍ୟା । ତା ହେଲେ ଏଇଟି ପୁଅ । ହଁ, ଏଟା ଶ୍ରେଷ୍ଠ ହୋଇଛି । ଅଳସୁଆ, ଶୋଇପଡ଼େ ସେ ଜରାୟୁର ଉଷ୍ଣତାରେ । ଟାଣିପାରେନା ଯଥେଷ୍ଟ ପୁଷ୍ଟି ତା ମା ପାଖରୁ । ଗୋଟାଏ ପାଉଣ୍ଡ ଓ ଦଶ ମିନିଟ ପଛେଇ ଯାଇଛି ସେ ସେଥିଲାଗି ।

ମିସେସ୍ ହାଲଦାର ପିଲାଙ୍କୁ ଟେକି ଟେକି ଦେଖେଇଲା । ଅଟ୍ଟା କଲା, "ମିସେସ୍ ଶତପଥୀ ଭାରି ଲକି, ଏକା ଥରେ ପୁଅ ଝିଅଙ୍କ ମା ହେଲେ ।"

ମାନସୀ ପାଖକୁ ଆସିଲା ଶଙ୍କର । ସେ ହସୁଥାଏ । ଶଙ୍କର ଦେଖିଲା ସ୍ତ୍ରୀର ସେହି ସୁନ୍ଦର ଆଖିକୁ । ଖୁସିରେ ଉଜ୍ଜ୍ୱଳ । ନଇଁପଡ଼ି ସ୍ତ୍ରୀ ଆଖିରେ ଆଖି ରଖି ନମ୍ରକଣ୍ଠରେ କହିଲା, ଲଞ୍ଚ୍ ବେଳେ ଆସିଲେ କଥାବାର୍ତ୍ତା ।"

ମାନସୀ ମୁଣ୍ଡ ହଲେଇ ହଁ କଲା ।

ବାପା, ବୋଉ ଓ ଶାଶୁ ଆସିଲେ । ବୋଉ ଏଇଖିଣି ରହିବ ମାନସୀ ପାଖରେ । ଶାଶୁ ଗାଧୋଇ ସାରି ଫେରିବେ ନାର୍ସିଂହୋମକୁ, ବୋଉ ଯିବ ଘରକୁ । ଏହି ବ୍ୟବସ୍ଥା ହେଲା । ଘରେ ବାପାଙ୍କ ପାଖରେ ଜଣେ ରହିବା ଦରକାର ।

ମିସେସ୍ ହାଲଦାରକୁ ଧନ୍ୟବାଦ ଦେଇ, ବାପା ଓ ଶାଶୁଙ୍କୁ ନେଇ ଗାଡ଼ିରେ ବସିଲା ଶଙ୍କର ।

ଘରକୁ ଫେରି ଚାକରବାକରଙ୍କୁ ଡାକି ବକ୍ସିସ୍ ଦେଲେ ବାମଦେବ ନାତି ନାତୁଣୀଙ୍କ ଜନ୍ମ ଉପଲକ୍ଷରେ ।

'ବ୍ରାନଚ' ଖାଇ, ସାନ ଗାଡ଼ିଟା ନେଇ ଶଙ୍କର ଚାଲି ଆସିଲା ଅଫିସକୁ । ସାଢ଼େ ନ'ଟା, କର୍ମଚାରୀମାନେ ଅଫିସକୁ ଆସି ନାହାନ୍ତି । ସେ ଯାଇ ବସିଲା ତା କୋଠରୀରେ । ଚନ୍ଦ୍ରଶେଖର, ଶମ୍ଭୁ, ଶଶୁର ଓ ମାମୁଁଙ୍କ ପାଖକୁ ଫୋନୋଗ୍ରାମ୍ କଲା ସନ୍ତାନ ଜନ୍ମର ଖବର ଦେଇ । ତା ସେକ୍ରେଟେରୀ ଆସି ଶୁଣିଲା ଫୋନ୍ ବାର୍ତ୍ତା । ପଶି ଆସିଲା ସେ ଘର ଭିତରକୁ । ଅଭିବାଦନ ଜଣେଇ ପଚାରିଲା, "ଗୋଟାଏ ଶୁଭ ଖବର ଶୁଣିଲି ସାର୍, ସତ କି ସ୍ୱପ୍ନ ।"

Digitized by srujanika@gmail.com

ହସିଲା ଶଙ୍କର, "ହଁ, ସତ।"

ଅଫିସ ସାରା ରଷ୍ଟ ହୋଇଚାଲା ଖବର। ଦଶଟା ବେଳକୁ ଜମା ହୋଇଗଲେ ସମସ୍ତେ। ଶୁଭେଚ୍ଛା ଜଣେଇଲେ। ମିଠେଇ ମାଗିଲେ। ଅରୁଣା ଶହେ ଟଙ୍କାର ମିଠା ଆଣି ବାଣ୍ଟିଲା ଅଫିସ ସାରା, ଶଙ୍କରର ଖର୍ଚ୍ଚରେ।

ଗୋଟାଏ ବେଳକୁ ଶଙ୍କର ପହଞ୍ଚିଲା ନାର୍ସିଂହୋମ୍‌ରେ। ବାଟରୁ ଗୋଛାଏ ଫୁଲ କିଣିଥାଏ। ତାକୁ ପଛରେ ଜାକ ସେ ପଶିଲା ମାନସୀର କେବିନ୍‌କୁ। ସେମିତ ଶୋଇଛି ମାନସୀ। ତାକୁ ପ୍ରତୀକ୍ଷା କରୁଥିଲା ସେ। ତା ବୋଉ ଜୋଇଁକୁ ଦେଖି ପାଖ ଘରକୁ ଚାଲିଗଲେ। ଶଙ୍କର ଯାଇ ସ୍ତ୍ରୀର ବିଛଣାରେ ଜମା କରିଦେଲା ଶତଦଳର ଗୁଚ୍ଛ। ଚଦର ଭିତରୁ ହାତ କାଢ଼ି ଫୁଲକୁ ଟେକିନେଲା ମାନସୀ ପେଟ ଉପରକୁ। ନାକ ପାଖକୁ ନେଇ ଘ୍ରାଣ ନେଲା। ଶଙ୍କରକୁ ଅନେଇ କହିଲା, "ଥେଙ୍କ୍‌ସ୍।"

ନାର୍ସ ପିଲାଙ୍କ କଟ୍‌ ପାଖରେ ଠିଆ ହୋଇଥିଲା। ଶଙ୍କରର ଚାହାଣୀ ଦେଖି ପିଣ୍ଡାକୁ ଚାଲିଗଲା।

ବିଛଣାରେ ଅଡ଼େଇ ସ୍ତ୍ରୀର ମୁଖମଣ୍ଡଳରେ ଓଠ ଛୁଇଁ ଛୁଇଁ କହିଲା ଶଙ୍କର, "ତୁମେ ଅସାମାନ୍ୟା ମାନସୀ।"

ମାନସୀର ଦୁଇ ଆଖିରୁ ଦୁଇ ଧାର ଲୁହ ବୋହିଗଲା।

ଶଙ୍କର ତା ଛାତିରେ ମୁହଁ ଗୁଞ୍ଜି କହିଲା, "ଜୀବନରେ ଏ ଏକ ନୂଆ ଅଭିଜ୍ଞତା, ନୂଆ ଗୌରବ, ସନ୍ତାନର ବାପ ହେବା। ସେ ଗୌରବ ତୁମେ ମୋତେ ଦେଇଛ। ସେଥିଲାଗି ମୁଁ ତୁମ ପାଖରେ କୃତଜ୍ଞ।"

ମାନସୀ ଦୁଇ ହାତରେ ସ୍ୱାମୀର ମୁହଁ ଟେକି ତା ଆଖିକୁ ଅନେଇ ହସିଲା।

"ଖୁବ୍‌ କଷ୍ଟ ହୋଇଥିଲା ନା?" ପଚାରିଲା ଶଙ୍କର।

ମୁରୁକି ହସି ମୁଣ୍ଡ ହଲେଇଲା ମାନସୀ।

"ଏଇଖିଣି କିଛି କଷ୍ଟ ଲାଗୁଛି?"

"ନା, ଖାଲି ଦୁର୍ବଳ ଲାଗୁଛି।"

ସିଧା ହୋଇ ଠିଆ ହୋଇ ସ୍ତ୍ରୀର ମୁଣ୍ଡରେ ହାତ ବୁଲେଇ ଦେଲା ଶଙ୍କର।

"ତୁମେ ଲଞ୍ଚ୍‌କୁ କେତେବେଳେ ଯିବ?"

Digitized by srujanika@gmail.com

"ଆଜି ଟିକିଏ । ଖାଇ ନେଇଛି ମୁଁ ।"

"କଣ ଖାଇଲ, କୋଉଠି ? ହୋଟେଲରେ ?"

"ନା । ଘରେ ଖାଇ ନେଇଛି ମୁଁ ବ୍ରେକ୍‌ଫାଷ୍ଟ ବେଶି କରି ।" ସ୍ତ୍ରୀର ଗୋଟାଏ ହାତ ଧରି ତାର ଚୂଡ଼ିଗୁଡ଼ା ବୁଲେଇ ଦଉଥାଏ ଶଙ୍କର ।

"ପିଲାଙ୍କୁ ଦେଖିଲ ?" ପଚାରିଲା ମାନସୀ ।

ଶଙ୍କର ତା ହାତ ଛାଡ଼ିଦେଇ ଆଗେଇ ଗଲା । ପିଲାଙ୍କୁ ଦେଖି ଫେରି ଆସିଲା । ବିଦାୟ ମାଗିଲା ।

"ପୁଣି କେତେବେଳେ ଆସିବ ?"।

"ପାଞ୍ଚଟା ବେଳକୁ, ଅଫିସ ଫେରନ୍ତା । ତୁମ ପାଇଁ କିଛି ଆଣିବ ?"

"ନା । ବାପାଙ୍କୁ, ଭଉମାଙ୍କୁ ଖବର ଦେଇଛ ?"

"ହଁ ।"

ନଇଁପଡ଼ି ସ୍ତ୍ରୀର ଓଠରେ ହାଲୁକା କରି ଗୋଟାଏ ଚୁମ ଦେଇ ଘରୁ ବାହାରିଗଲା ଶଙ୍କର ।

ପାଞ୍ଚ ଦିନ ପରେ ମାନସୀ ପିଲାଙ୍କୁ ନେଇ ଘରକୁ ଫେରିଲା । ଇତି ମଧ୍ୟରେ ଖବର ଆସିଛି, ଉମାର ଗୋଟିଏ ପୁଅ ହୋଇଛି ଗଡ଼ିରକେଲାର ଇସ୍ପାତ ଡ଼ାକ୍ତରଖାନାରେ । ଶଙ୍କରର ବୋଉ ଷଷ୍ଠୀପୂଜା କଲେ ନାତି ନାତୁଣୀଙ୍କର । ଶଙ୍ଖନାଦ ଓ ହୁଳହୁଳି ଶୁଣି ପ୍ରତିବେଶୀମାନେ ଝରକା ଖୋଲି ଅନେଇଲେ ଶଙ୍କରର ବଙ୍ଗଳା ଆଡ଼କୁ । ତେଲ, ହଳଦୀ ଲଗେଇ ଉଷୁମ ପାଣିରେ ଗାଧୋଇଲେ ପ୍ରସୂତି ଓ ସନ୍ତାନ ଦିଓଟି ।

ଲେଡ଼ି ଡାକ୍ତର ମିସେସ୍ ହାଲଦାର ଆସନ୍ତି ମଝିରେ ମଝିରେ । ସେ ଗୋଟିଏ ଧାଈର ବ୍ୟବସ୍ଥା କରି ଦେଇ ଯାଇଛନ୍ତି । ନେପାଳୀ ଧାଈ । କାମଦାମରେ ଏମିତି ଧୁରନ୍ଧର ଯେ, ଶଙ୍କରର ବୋଉ ଓ ଶାଶୂ ବାବା ହୋଇଗଲେ । ଡ଼ାକ୍ତରାଣୀଙ୍କ ନିର୍ଦ୍ଦେଶ ଅନୁସାରେ ପୁଆତିର ପରିଚର୍ଯ୍ୟା ହେଲା । ଘରେ ମା, ଝିଅ ଶୋଇଲେ । ତଳେ ବିଛଣା ପକେଇ ଶୋଇଲା ଧାଈ । ରାତିରେ ପିଲା କାନ୍ଦିଲେ ଉଠି ପିଲାଙ୍କୁ ଧରେ । କନ୍ଥା ବଦଳେଇ ଦିଏ । ମାକୁ ଉଠେଇ ପିଲାଙ୍କୁ ଖୋଇବାକୁ ଦିଏ । ମାନସୀ ଅଳ୍ପଦିନ ହୋଇ ଲାଳନ କରୁଛି ଦୁଇଟି ସନ୍ତାନକୁ ।

ଅଫିସରୁ ଫେରି ଶଙ୍କର ଘର ଭିତରକୁ ପଶିଯାଇ ଦେଖିଲା, ଉନ୍ମୁକ୍ତବକ୍ଷା ମାନସୀ ଦୁଇଟି ସନ୍ତାନଙ୍କୁ ଏକାଠି ଖୋଉଛି । ଧାଈ ତାର

Digitized by srujanika@gmail.com

ମୁଣ୍ଡ କୁଣ୍ଡେଇ ଦେଉଛି । ସ୍ୱାମୀଙ୍କୁ ଦେଖି ଦ୍ରୁତରେ ଲୁଗା ଟାଣିଦେଲା ମାନସୀ । ଶଙ୍କର ରହିବ କି ନା ଭାବି ପଛେଇ ଯାଉଥିଲା । ମାନସୀ ହସି ଡାକିଲା, “ଆସ, କୁଆଡେ ଯାଉଛ ?” ଶଙ୍କର ବିଛଣା ପାଖକୁ ଆଗେଇ ଯାଇ ଝିଅକୁ ଟେକିନେଲା ମା କୋଳରୁ । ଚିତ୍କାର କଲା ପିଲାଟା । ତାକୁ ମାକୁ ଫେରେଇ ଦେଇ ପୁଅକୁ ଉଠେଇ ନେଲା । ପିଲାଟା ତା କୋଳରେ ଶୋଇପଡ଼ିଲା । ମାନସୀ କହିଲା, “ସେ ଆଗରୁ ଖାଇଛି, ତା ପେଟ ଗ୍ରେଟ ।”

ଏକୋଇଶିଆ କଲେ ବାମଦେବ ନାତି ନାତୁଣୀଙ୍କର । ଶଙ୍କରର ପରିଚିତ, ସହକର୍ମୀ ଦମ୍ପତ୍ତିଙ୍କୁ ନିମନ୍ତ୍ରଣ କରାଗଲା । ଅରୁଣା ଓ ରଞ୍ଜନ ଆସି ଆୟୋଜନ କଲେ । ରାମକୃଷ୍ଣ ମିଶନକୁ ପାଞ୍ଚ ଶହ ଟଙ୍କା ଦାନ କଲେ ବାମଦେବ । ସେହି ସନ୍ନ୍ୟାସୀ ନାମକରଣ କଲେ । ଝିଅ ହେଲା “ସୁଜାତା”, ପୁଅ “ସତ୍ୟବାନ” ।

ଅଠର

ଦୁଇଟା ଦୋଳିରେ ଶୋଇଛନ୍ତି ପିଲା । ଦୁଇ ସମୁଦୁଣୀ ସେମାନଙ୍କୁ ନେଇ ବ୍ୟସ୍ତ । ଝିଅଟି ଆଈର ଗେହ୍ଲା । ପୁଅଟି ଜେଜେମା'ର ଅଳିଅଳି । ଡାକ୍ତରାଣୀ ଆସି ବ୍ୟବସ୍ଥା ଦେଇ ଯାଇଛନ୍ତି, ଦୁଇଟିଯାକ ପିଲା ଯଦି ଏକାନ୍ତ ମାତୃସ୍ତନ୍ୟ ଉପରେ ନିର୍ଭର କରିବେ, ମା'ର ସ୍ୱାସ୍ଥ୍ୟ ଖରାପ ହେବ । କଥା ହେଲା, ସକାଳୁ ରାତି ଦଶଟା ଭିତରେ ଚାରି ଥର ଖୋଇବ ମାନସୀ । ବାକି ଖାଦ୍ୟ ପାଇଁ ଗାଈ ଦୁଧକୁ ପତଳା କରି ବ୍ୟବହାର କରାଯିବ । ପ୍ରଚୁର ଦୁଧ ମା'ର ହେଉଛି । ଦୁଇଟା ପିଲା ଖାଇ ସାରି ପାରୁନାହାନ୍ତି । ତଥାପି ମିସେସ୍ ହାଲଦାର କହିଲା, “ସବୁବେଳେ ସେମାନେ ଆପଣଙ୍କ ପାଖରୁ ଖାଇଲେ ଫିଗାର୍ ଖରାପ ହେବ । ଡକ୍ଟର ଶତପଥୀ ଅସନ୍ତୁଷ୍ଟ ହେବେ ମୋ ଉପରେ ।” ମାନସୀ ହସିଲା । ଡାକ୍ତରାଣୀର ନିର୍ଦ୍ଦେଶ ଅନୁସାରେ ସ୍ତନ୍ୟଦାନ କଲା ପିଲାଙ୍କୁ । ତା ଦେହ ଭଲ ହୋଇଗଲାଣି । ଶାଶୂ ତାକୁ ଅଲଗା ରାନ୍ଧି ଖୁଆଉଥିଲେ ଏକୋଇଶିଆ ଯାଏ । ସନ୍ତାନସମ୍ଭବା କନ୍ୟା ପାଇଁ ଗୁଆଁଘିଅ ଓ ପୁରୁଣା ଚାଉଳ ଆଣିଥିଲେ ଲଡ଼ୁକେଶ ଷଡ଼ଙ୍ଗୀ ଗାରୁ । ଗୁଆଁଘିଅରେ ଚପଚପ କରୁଥାଏ ଭାତ, ଆଳୁ-ବାଇଗଣ-ପୋଟଳ-ସୁଜୁନା ଛୁଇଁର ଝୋଳ । ଏହି ଥିଲା ତାର ସକାଳ ଓଳିର ଖାଦ୍ୟ । ରାତିରେ ଖାଉଥିଲା ଦେଢ଼ ପୁରି । ତାର ଅରୁଚି ପାଟିକୁ ଭଲ ଲାଗୁଥାଏ ଏ ଖାଦ୍ୟ ।

Digitized by srujanika@gmail.com

ଶଙ୍କର ବୁଲୁଛି ବାହାରେ । ଉତ୍ତର ଭାରତର ନାନା ସ୍ଥାନ ଘୂରି ଦଶ ପରେ କଲିକତା ଫେରିଲା ସେ । ଲଡ଼ୁକେଶ ଝଡ଼ଙ୍ଗୀ ଗାଁକୁ ଫେରିବେ, ମାଜବୋଉ ମଧ୍ୟ ଫେରିବେ । ନାତିକୁ କୋଡ଼ରେ ଧରି ବୋଉ ଆସି ପୁଅକୁ କହିଲେ, "ତୋ ଶାଶୂ ଶ୍ୱଶୁର ଗାଁକୁ ବାହାରିଲେଣିରେ ବୁଢ଼ା !"

"କେବେ ଯିବେ ?" ପୁଅ ଗାଲରେ ହାତ ମାରି ଆଦର କଲା ଶଙ୍କର ।

ଜେଜେମା କୋଡ଼ରେ ହସିଲା ପିଲାଟା । ଉଠେଇ ନେଲା ସେ ଶିଶୁକୁ, "ଆରେ, ଏ କଣ ହସିଲାଣି ?"

"ତୁ ଦେଖି ନ ଥିଲୁ ପରା ! ଝିଅଟା ତ ଅସୁର ପାଜି ହୋଇଛି ।" ଡାକିଲେ ସେ, "ବୋହୂ, ଝିଅକୁ ଆଣିଲୁ ଏଠିକି ।"

ମାନସୀ ଖୋଉଥିଲା ଝିଅକୁ । ଖୋଇ ସାରି, ତା ବେକ, ମୁହଁ ପୋଛି, ପାଉଡ଼ର ଲଗେଇ ଆଣି ଶୋଇଦେଲା ବାପ କୋଡ଼ରେ । ଦୁଇଟା ପିଲାଙ୍କୁ କୋଡ଼ରେ ନେଇ ବଛଣାରେ ବସିଲା ଶଙ୍କର । ତା ବୋଉ ଆଉ ମାନସୀ ଠିଆ ହୋଇ ମଜା ଦେଖୁଥାନ୍ତି । ପୁଅ ମୁତିଲା, ପିଚକାରୀ ଭଳି ଉଠି ଶଙ୍କରର ଗ୍ରୁଢ, ପେଟ ଭିଜେଇ ଦେଲା ।

"କି ବଦମାସ ଦେଖୁଛୁ ବୋଉ ?

ପୁଅକୁ ଉଠେଇ ନେଲା ମାନସୀ । ତାର କୁର୍ତ୍ତା ବଦଳେଇ, ପାଉଡ଼ର ଲଗେଇ ଶାଶୂଙ୍କୁ ଫେରେଇ ଦେଲା । ଝିଅକୁ ଆସି ନେଇଗଲା ଧାଈ । ତେଲ ଲଗେଇବେ ପିଲାଏ, ବୋଉ ବାହାରିଗଲେ ।

ଶଙ୍କରକୁ କହିଲା ମାନସୀ, "ଶାର୍ଟଟା ଖୋଲିଦିଅ ।" ସେ ଆଉ ଗୋଟାଏ ଶାର୍ଟ ଆଣି ଦେଲା ।

ଶାର୍ଟ ପିନ୍ଧୁ ପିନ୍ଧୁ ଶଙ୍କର କହିଲା, "ତୁମ ବାପା, ବୋଉ କଣ ଗାଁକୁ ବାହାରିଲେଣି ?"

"ହଁ । ଘରେ କେହି ନାହିଁ ।"

"କେବେ ଯିବେ କିଛି କହୁଥିଲେ ?"

"ତୁମେ ଠିକ୍ କଲେ ଯାଇ ।"

"ବୋଉ ଚାଲିଗଲେ ତୁମର କିଛି ଅସୁବିଧା ହେବନି ତ ?"

"ନା, ଅସୁବିଧା କଣ ?" ହସିଲା ମାନସୀ ।

"ଦେହ ଭଲ ହୋଇଗଲାଣି ତୁମର ? ସମ୍ପୂର୍ଣ୍ଣ ?"

"ଏଁ ?" ଟିକିଏ ରହିଯାଇ, ହସି ଜବାବ ଦେଲା ମାନସୀ, "ହଁ ।"

Digitized by srujanika@gmail.com

ପାଲଟା ଶାର୍ଟଟା ନେଇ ମଇଳା ଲୁଗା ଝୁଡ଼ିରେ ରଖିଦେଲା ମାନସୀ । ଶଙ୍କର ଅନେଇ ରହିଥାଏ ସ୍ତ୍ରୀ ଆଡ଼କୁ । ଟିକିଏ ମୋଟା ହୋଇଛି, ମୁହଁଟା ଆହୁରି ସୁନ୍ଦର ହୋଇଛି ତାର । ଆଖିର ଦୃଷ୍ଟି ଆହୁରି କମନୀୟ ଦିଶିଲା ତାକୁ, ସନ୍ତାନ ସ୍ନେହର ତୃପ୍ତି ସେଥିରେ । ବକ୍ଷଟା ପ୍ରଚୁର, ପଶ୍ଚାଦ୍ଭାଗ ମଧ୍ୟ ପୃଥୁଳ ହୋଇଛି । ସ୍ତ୍ରୀ ପ୍ରତି ତାର ନୂଆ ଲୋଭ ହେଲା । ତାକୁ ଅନେଇ ରହିଥାଏ ସେ ।

କାମ ଭିତରେ ମାନସୀ ନଜର କଲା, ଶଙ୍କର ଠିଆ ହୋଇ ଚାହିଁ ରହିଛି ତା ଆଡ଼କୁ । ସ୍ୱାମୀର ଦୃଷ୍ଟିର ଅର୍ଥ ବୁଝିପାରିଲା ସେ । ପାଖକୁ ଆସି, ହସି ପଚାରିଲା, "କଣ ଦେଖୁଛ ?"

"ତୁମକୁ ।"

"କାହିଁକି, ମୋତେ କଣ ଦେଖି ନ ଥିଲ ?"

"ନା ! ତୁମେ, ତୁମେ ଏକାବେଳକେ ନୂଆ ହୋଇ ଯାଇଛ ମାନସୀ । ତୁମର ଏ ରୂପ ମୁଁ ଦେଖି ନ ଥିଲି ।" ଶଙ୍କରର ମୁହଁ ଲାଲ ଦିଶୁଛି । ମାନସୀ ଘୁଞ୍ଚିଗଲା ସ୍ୱାମୀର ଖୁବ୍ ପାଖକୁ । ଶଙ୍କର ତାର କଟି ବେଷ୍ଟନ କରି ତା ବକ୍ଷରେ ମୁହଁ ଲୁଚେଇଲା । ତା ପରେ ମାନସୀ ମୁହଁକୁ ଚାହିଁ ପଚାରିଲା, "ରଣୀଶାସନର ଯଉଁ ଝିଅଟିକୁ ମୁଁ ଆଣିଥିଲି, ସେ କଣ ତୁମେ ?"

"ନା ।" ସ୍ୱାମୀର ବାହୁଭିଡ଼ାରେ ରହି କହିଲା ମାନସୀ, "ସେ ବଦଳିଯାଇ ତୁମ ଆଗରେ ଯେ ଠିଆ ହୋଇଛି, ସେ ତୁମରି ହାତ ତିଆରି ମାନସୀ ଶତପଥୀ ।"

"ଗୁଡ୍, ଭେରି ଗୁଡ୍" ସେ ସ୍ତ୍ରୀର ମୁହଁ ଚୁମ୍ବନ କଲା । ତା ପରେ ତାକୁ ଛାଡ଼ିଦେଇ ସିଗ୍ରେଟ ଲଗେଇ, ଶୋଇବା ଘରକୁ ଚାଲିଗଲା ।

ତଳକୁ ଆସି ପ୍ରାତରାଶ ଖାଇ ବସିଲା ଶଙ୍କର । ମାନସୀକୁ ଡାକିଲା ଟେବୁଲକୁ । ଗୋଟାଏ କଦଳୀର ଚୋପା ଛଡ଼େଇ ଧରେଇ ଦେଲା ତାକୁ । ଆଉ ଗୋଟାଏ ନିଜେ ନେଲା । ବାବୁର୍ଚ୍ଚି ଆଣି ଖାଦ୍ୟ ଦେଇଗଲା । ସ୍ତ୍ରୀକୁ ବଳେଇ ବଳେଇ ଖୋଇଲା ଶଙ୍କର । "ଦୁଇଟା ମଣିଷର ଖାଦ୍ୟ ତୁମର ଖାଇବା ଦରକାର, ବୁଝିଲ ?"

"କାହିଁକି, ମୁଁ କଣ ରାକ୍ଷସ ?"

ତିନି ମାସରୁ ବେଶି ହେବ, ସେ ଏମିତି ସ୍ୱାମୀ ପାଖରେ ବସି ପ୍ରାତରାଶ ଖାଇ ନ ଥିଲା । ତା ବୋଉ ଶୋଇବାଘର ପର୍ଦ୍ଦା ଅନ୍ତରାଳରୁ ଦେଖିଲେ

Digitized by srujanika@gmail.com

ଏ ଦୃଶ୍ୟ । ସ୍ୱାମୀଙ୍କୁ ଡ଼ାକି ଦେଖେଇଲେ । ପର୍ଦ୍ଦା ସେପାଖକୁ ଲଡ଼ୁକେଶ ଦେଖିଲେ, ଝିଅ ଜୋଇଁ ବସି ଖାଉଛନ୍ତି । ହସ ଖୁସିରେ ଗପ କରୁଛନ୍ତି । ଜଣେ ଗୋଟାଏ ଖାଦ୍ୟର ଟୁକୁର୍ କଣ୍ଟାରେ ଉଠେଇ ମାନସୀକୁ ଖୋଇଦେଲା ଶଙ୍କର । ସତକଥ ମାନସୀ ଚାହିଁଲା ଚାରିଆଡ଼କୁ । କେହି ନାହିଁ । ସେ ନମ୍ରକଣ୍ଠରେ କଣ କହିଲା ସ୍ୱାମୀକୁ । ଜୋରରେ ହସି ଉଠିଲା ଶଙ୍କର । କାନ ଡେରି ଶୁଣିଲେ ଲଡ଼ୁକେଶ, ମାନସୀ କଥାବାର୍ତ୍ତାରେ ଇଂରେଜୀ କହୁଛି ବେଳେ ବେଳେ । କଣ୍ଟା, ଚାମୁଚ, ଛୁରୀ ଅନାୟାସରେ ବ୍ୟବହାର କରୁଛି । ଷଡଙ୍ଗୀ ଦମ୍ପତି ଦେଖୁଥାନ୍ତି, ମାନସୀ ଦୁ' କାପ୍ କଫି କଲା । ଶଙ୍କରକୁ ଗୋଟାଏ ଦେଇ ଅନ୍ୟଟା ନିଜେ ଖାଇଲା ।

କଫି ଖାଉଁ ଖାଉଁ ଶଙ୍କର ପଚାରିଲା, ‘‘ଗାଈ ଦୁଧ ଦଉଛି ?’’

‘‘ହୁଁ ।’’

‘‘କେତେ ଦଉଛି ?’’

‘‘ଦୁ’ ଓଳି ମିଶି ଦଶ ଲିଟର୍ ଯାଏ ହବ ।

‘‘ଦାମ୍ ଉଠିଗଲା ତା ହେଲେ ?’’

‘‘ଅନେକ ଦିନୁ ଉଠିଲାଣି ।’’ ମନେ ମନେ ହିସାବ କଲା ମାନସୀ, ‘‘ନ’ ମାସ ହେଲା ଦୁଧ ଦଉଛି । ଷୋଳ ଲିଟରରୁ କମି ଦଶ ଲିଟର ହୋଇଛି । ନାରଣ କହୁଥିଲା, ଅଧିକ ତିନି ଚାରି ମାସ ଦବ । କମିଯିବ ଅବଶ୍ୟ କ୍ରମଶଃ । ବାଛୁରୀଟା ଭାରି ସୁନ୍ଦର ହୋଇଛି ।’’

ଚେୟାର ପଛକୁ ଠେଲି ଉଠିପଡ଼ିଲା ଶଙ୍କର, ‘‘ଚାଲ ଦେଖିବା ଗାଈ ବାଛୁରୀ ।’’

ଗୁହାଳକୁ ଆସି ଦେଖିଲେ, ଦୁହାଁ ହବା ପରେ ଗାଈ ବାହାରେ ବନ୍ଧା ହୋଇଛି । ଗୁହାଳକୁ ଧୋଉଛି ମାଳି । ସାହେବ, ମେମ୍ ସାହେବକୁ ଦେଖି କାମ ବନ୍ଦ କରି ଆସି ଠିଆ ହେଲା ନାରଣ ।

‘‘ଗାଈ ଦୁଧ କମିଯାଉଛି ?’’ ପଚାରିଲା ଶଙ୍କର ।

‘‘ହଁ କମିଛି । ଏଣିକି ଆହୁରି କମିଯିବ ।’’

‘‘ଖାଇବା ପୁରା ଦଉଛ ତ ?’’

‘‘ହଁ, ସାହେବ ଯେମିତି କହିଥିଲ ।’’

ନୂଆ ବାଛୁରୀ ଦେହରେ ହାତ ବୁଲେଇଲା ଶଙ୍କର । ଛଡ଼ାକୁ ଘାସ ଦଉଥାଏ ମାନସୀ ।

Digitized by srujanika@gmail.com

"ଦୁଇ ବର୍ଷ ହେଲା ଛଡାକୁ ?"

"ହଁ । ଛଅ ବର୍ଷ ହେଲେ ଯାଇ ଫଳ ଦିବ ।"

"ଯନ୍ତ୍ରଟା ଠିକ୍ କାମ କରୁଛି ତ ?"

"ହଁ ।"

"ତାକୁ କେଶନରେ ବରାବର ଧୋଉଛ ତ ?

"ହଜୁର ହଁ ।"

କାମ ସରିଗଲା ଘଣ୍ଟାକରେ । ଶଙ୍କର ମାନସୀକୁ ଡାକିଲା । ଦୁହେଁ ଘରକୁ ଫେରିଲେ । ଶଙ୍କର ଗଲା ବାପାଙ୍କ ପାଖକୁ । ମାନସୀ ଗଲା ତା ବାପାଙ୍କ ପାଖକୁ । ବାପା ବଛଣାରେ ବସି ଖବର କାଗଜ ଓଲଟଉଥାନ୍ତି । ଶଙ୍କର ଯାଇ ଡ୍ରଇଂରୁମରେ ବସିଲା ।

"ଦେହ ଭଲ ରହୁଛି ତ ବାପା ?"

"ହଁ, ମୁଁ ବେଶ୍ ଭଲ ଅଛି । ମୋଟା ହୋଇଗଲିଣି ।" ହସିଲେ ସେ ।

ଶଙ୍କର ଦେଖିଲା, ବାପା ଆଗ ଅପେକ୍ଷା ଅନେକ ଭଲ ଦିଶୁଛନ୍ତି । ବୋଉ କଉଠି ଥିଲା, ଆସି ବସିଲା ।

"ସମୁଦ ସମୁଦୁଣୀ ଗାଁକୁ ବାହାରିଲେଣି ।"

"ହଁ, ତୁମ ସଙ୍ଗାତ ତ ଚାରି ମାସ ହେଲା ଆସିଲେଣି । ଲଡୁର ଆସିବା ବି ଦ'ମାସ ହେଲା ।"

"ତାଙ୍କ ଯିବା ପାଇଁ ବ୍ୟବସ୍ଥା କରିଦବୁ ବାପା ।" ବୋଉ ଶଙ୍କରକୁ କହିଲେ ।

"ହଉ । ଆଉ ପାଞ୍ଚ ଛ ଦିନ ରହନ୍ତୁ । ଦଶହରା ପରେ ଯିବେ ।।"

"ହଁ" ବାମଦେବ କହିଲେ, କଲିକତାର ପୂଜା ଦେଖିଯାଉ । ଆଉ କେବେ ଦେଖି ପାରିବ, ନ ପାରିବ ।"

ଲଡୁକେଶ ଆସିଲେ । ବୋଉ ସାଙ୍ଗରେ ମାନସୀ ମଧ୍ୟ ଆସିଲା ।

"କୁଆ କୁଆଡ଼େ ଗଲେ ଲୋ ବୋହୂ ?" ଶାଶୂ ପଚାରିଲେ ।

"ସେମାନଙ୍କୁ ତେଲ ଲଗେଇ, ଧୋଇ ଶୋଇ ପକେଇବ ଧାଈ ।" ମାନସୀ ଆସି ଶାଶୂଙ୍କ ପାଖରେ ଠିଆ ହେଲା । ନାନା କଥା ପଡ଼ିଲା । ଗାଁ କଥା, କଲିକତା କଥା, ପିଲାଙ୍କ କଥା । ଶଙ୍କରର ବୋଉ କହିଲେ ପୁଅକୁ, "ହିଅ ହୋଇଛୁ ଅବିକଳ ତୋରି ପରି । ସେମିତ ଧଳା ଗୋରା ।

Digitized by srujanika@gmail.com

ତୋର ପରି ଆଖି, ନାକ, ପାଟି ଚଗୁକ । ତୋର ପରି କଅଁଶିଆ ବାଳ ମୁଣ୍ଡରେ । ଆଉ ପୁଅ ହୋଇଛି ତା ବୋଉ ଭଳି । ସେମିତି ହଳଦିଆ ଗୋରା । ତା ବୋଉ ପରି ଆଖି, ନାକ, କପାଳ ।"

ଶଙ୍କର ହସିଲା ତା ବୋଉ କଥା ଶୁଣି ।

ପାନ ଭାଙ୍ଗି ବସିଲେ ବୋଉ । ମାନସୀ ତାଙ୍କୁ ସାହାଯ୍ୟ କଲା । ବାମଦେବ ଦେଖିଲେ, ବୋଉ ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇଛି । ମାନସୀ ତାଙ୍କ ଆଖିରେ ଖୁବ ସୁନ୍ଦର ଦିଶିଲା ! ମାତୃତ୍ୱ ଆହୁରି ସୁନ୍ଦର କରିଛି ଏହି ଅତି ସୁନ୍ଦର ପୁତ୍ରବଧୂଟିକୁ ।

ବଟାରେ ପାନ ସଜେଇ ଶଶୁର ଓ ବାପାଙ୍କୁ ଦେଲା ମାନସୀ । ଶଙ୍କର ମାଗିଲା, "ମୋତେ ଖଣ୍ଡେ ପାନ ଦେ ବୋଉ !"

ମାନସୀ ତାକୁ ଅନେଇ ହସିଲା । ବୋଉ ଦି'ଖଣ୍ଡ ପାନ ଦେଲେ ପୁଅକୁ । ଥାଳିଆରେ ଗୋଟାଏ ପାନକୁ ଆଙ୍ଗୁଳିରେ ଚିପି ଧରି ମାନସୀ ଖଣ୍ଡିଏ ପାନ ଦେଲା ସ୍ୱାମୀକୁ । "ହି'ଟା ଖାଇଲେ ଜିଭରେ ଚୂନ ଲାଗିଯିବ । ଭମା ନାହାନ୍ତି ଏଠି ।"

ହସିଲେ ସମସ୍ତେ । ଶଙ୍କରର ପାନଖିଆର ଏହି ହାସ୍ୟକର କାହାଣୀ ସମସ୍ତଙ୍କୁ ଜଣା । ତା ଶାଶୂ ଲଜ୍ଜିତ ହୋଇ ହସିଲେ । ପୁତ୍ରବଧୂକୁ ମଧ ଖଣ୍ଡେ ମସଲାଦିଆ ପାନ ଦେଲେ ଶାଶୂ, "ତୋ ପାଟିକୁ ଅରୁଚ ଲାଗୁ ନ ଥିବ, ନେ ଖଣ୍ଡେ ପାନ ଖା ।"

ଶଙ୍କର ଦେଖିଲା, ତା ବୋଉର ପାନ ପୁଟୁଳେଇରେ ଅନେକ ଶିଶି, ଅନେକ ଡବା । ଡ୍ରଇଂରୁ ଉଠି ଆସି ସେ ବୋଉ ପାଖରେ ବସି ପଡ଼ିଲା ସ୍ତ୍ରୀ ଦେହକୁ ଲାଗି । ଉଠେଇ ଉଠେଇ ଦେଖିଲା, ଅନେକ ମସଲା ରଖିଛି ବୋଉ । ମେନ୍ଥଲ କ୍ରିଷ୍ଟେଲ୍ ଅଛି ଶିଶିଏ । ସେଥିରୁ ଟିକିଏ ନେଇ ସେ ପାଟିରେ ଦେଲା ଏବଂ ବାପାଙ୍କ ଅଲକ୍ଷିତରେ ମାନସୀ ଆଖିରେ ଲଗେଇ ଦେଲା । ନୀରବରେ ଯୋଡ଼ାଟା ସହ୍ୟ କଲା ମାନସୀ । ଆଖିରୁ ପାଣି ବୋହିଗଲା ଝରଝର । ହସୁଥାଏ ସେ । ବୋଉ କହିଲେ, "ଚଗଲା ।"

ଶଙ୍କର ଅନ୍ୟ ପାନଟା ପାଟିରେ ପୂରେଇ ଆସି ଠିଆ ହେଲା ଶଶୁରଙ୍କ ପାଖରେ, "ମୁଁ ଟିକେଟ ଆଣେ । ଦଶହରା ଏଠି ଦେଖି ଯିବେ ତ ? କଲିକତାର ଦୁର୍ଗାପୂଜା ଭାରତବିଖ୍ୟାତ । ଆମ ଅଫିସ କାଲିଠୁ

ଛୁଟି ସ୍ବର ଦନ ପାଇଁ ; ବୁଲି ବୁଲି ଦେଖିବା ପୂଜା । ତା ପରେ ଗାଁକୁ ଫେରିବେ ।"

ଷଡ଼ଙ୍ଗୀ ହସି କହିଲେ, "ହଉ ।"

ଶଙ୍କର ଗ୍ଲଲ ଆସିଲା ଉପରକୁ । ଅଫିସ ବେଳ ହେଲା ତାର । ମାନସୀ ତା ପଛେ ପଛେ ଉପରକୁ ଆସିଲା ।

"ତୁମ ବାପା ବୋଉଙ୍କ ପାଇଁ ଲୁଗାପଟା କିଣିଛ କହୁ ?" ଶଙ୍କର ପଗ୍ଭରିଲା !

"ନା । ମୁଁ ତ ଅନ୍ଧାରରେ । ସ୍ବର ମାସ ହେଲା ଯାଇନି ବୁଆବୋଉଙ୍କୁ ନାସିଂହୋମ୍ ଛଡ଼ା ।" ହସିଲା ସେ ।

ପିଲା ଦ'ଟା କଥୋଡ଼ କଦରେ ଶୋଇଛନ୍ତି ଦୋଳରେ । ଧୀରେ ଧୀରେ ହଲେଇ ଦେଲା ଶଙ୍କର ଦୋଳକୁ । ତା ପରେ ଆସି ପୋଷାକ ପିନ୍ଧିନେଲା । "ମୁଁ ଟିକେଟ ଅଣେଇ ନେବ । ତୁମେ ଅରୁଣା ସାଙ୍ଗରେ ଯାଇପାରିବ ଲୁଗାପଟା କିଣିବାକୁ ? ତାକୁ ପଠେଇ ଦେବ ଏଠିକି ? ନା, ସେ କିଣି ଆଣିବ ?"

ଟିକଏ ଭାବିଲା ମାନସୀ, "ମୁଁ ଯାଇ ପାରିବ ନ ପାରିବ, ସେ କିଣି ଆଣୁ ।"

"ବେଶ୍, ସେ କିଣି ଆଣି ତୁମକୁ ଦେଖେଇବ । ଯାହା ପସନ୍ଦ ହେବ ରଖିବ । ହେବ ତ ?"

ମୁଣ୍ଡ ହଲେଇ ସମ୍ମତ ଦେଲା ମାନସୀ ।

ଅଫିସକୁ ବାହାରିବା ଆଗରୁ ମାନସୀ ଆସି ଠିଆ ହେଲା । ଏଟା ସନ୍ତାନ ଜନ୍ମ ହବାର ଆଗର ସଉକ ଶଙ୍କରର । ଅଫିସ ଯିବା ପୂର୍ବରୁ ସେ ତାର ସ୍ତ୍ରୀର ମୁହଁ ଚୁମ୍ବନ କରୁଥିଲା । ମାନସୀର ଯେତେ କାମ ଥାଉ, ଏତେବେଳେ ସେ ଶଙ୍କର ପାଖକୁ ଆସୁଥିଲା । ମଝିରେ ସେ ଅଭ୍ୟାସ ବଦଳି ଯାଇଥିଲା । ହସିଲା ଶଙ୍କର ସ୍ତ୍ରୀକୁ ଚାହିଁ । ତା ପରେ ଟାଣିନେଲା ତାକୁ ।

ଅନେକ ଦିନ ପରେ ମାନସୀ ବକ୍ଷରେ ଏକ ନୂଆ ଉଷ୍ଣତା ଦେଲା ଶଙ୍କରର ଦେହର ସ୍ପର୍ଶ । ସେ କେତେ ସେକେଣ୍ଡ ପାଇଁ ଲାଗିରହିଲା ସ୍ବାମୀ ଦେହରେ । ତା ପରେ ଅଲଗା ହୋଇଗଲା ।

Digitized by srujanika@gmail.com

ଉଣେଇଶ

ଛଅଟା ବେଳକୁ ଶଙ୍କରର ସାନ ଗାଡ଼ିଟା ଆସିଲା । ଓହ୍ଲାଇଲେ ଅରୁଣା ଗାଙ୍ଗୁଲି । ଗୁଡ଼ାଏ କାଗଜ ବାକ୍ସରେ କଣ ଆଣିଛି । ବୈଠକ-ଖାନାରେ ନନ୍ଦକୁ ପାଇ ଖବର ପଠେଇଲେ ଉପରକୁ । ମାନସୀ ତାକୁ ଡାକି ପଠେଇଲା ଶୋଇବା ଘରକୁ ।

ଅରୁଣା ଘର ଭିତରକୁ ପଶିଯାଇ ଠିଆ ହୋଇଗଲା । ମାନସୀ ବିଛଣାରେ ବସିଛି । ଦୁଇଟି ସୁନ୍ଦର ସ୍ୱାସ୍ଥ୍ୟବାନ ଶିଶୁ ଖେଳୁଛନ୍ତି ବିଛଣାରେ । ବାକ୍ସଗୁଡ଼ା ଡିଭାନ ଉପରେ ଜମା କରି ସେ ଯାଇ ମାନସୀ ପାଖରେ ଠିଆ ହେଲା ।

"କି ସୁନ୍ଦର ହୋଇଛନ୍ତି ଆପଣଙ୍କ ପିଲାମାନେ !" ପୁଅକୁ ସେ ଉଠେଇ ନେଲା କୋଳକୁ ।

ମାନସୀ ହସିଲା । ଅରୁଣା ବସିଲା ବିଛଣାରେ । ଦୁଇଟା ପିଲାକୁ କୋଳକୁ ଟେକିନେଲା । ତା କୋଳ ଭର୍ତ୍ତି କରି ଶିଶୁ ଦୁଇଟି ଖେଳୁଥାନ୍ତି ହାତ ଗୋଡ଼ ହଲେଇ । ପିଲାଙ୍କୁ ଆଦର କଲା, ଚୁମା ଦେଲା, ତା ପରେ ଜଣ ଜଣ କରି ବିଛଣାରେ ଶୋଇଦେଲା । ଝିଅଟା କଡ଼େଇବାକୁ ଚେଷ୍ଟା କରୁଛି । ସେ ସାହାଯ୍ୟ କଲା । ଓଲଟି ପଡ଼ିଲା ପିଲାଟା । ମୁଣ୍ଡ ଟେକିବାକୁ ଚେଷ୍ଟା କଲା, ନ ପାରି କାନ୍ଦିଲା । ପୁଣି ତାକୁ ଚିତ୍ କରି ଶୋଇଦେଲା ଅରୁଣା । ଫେର ପିଲାଟା କଡ଼େଇବାକୁ ଚେଷ୍ଟା କଲା । ଅରୁଣା ବସି ବସି ଟିକିଏ ଖେଳିଲା ପିଲାଙ୍କ ସାଙ୍ଗରେ । ମାନସୀ କହିଲା, "ତାଙ୍କ ସାଙ୍ଗରେ ଖେଳିଲେ ଦିନ ସରିବ ନାହିଁ ।"

"କି ସୁନ୍ଦର ହୋଇଛନ୍ତି !" ଅରୁଣା ଉଠି ଠିଆ ହେଲା । ମାନସୀକୁ ଅନେଇଲା ସେ । ଏମିତି ତ ଅତି ସୁନ୍ଦର ମିସେସ୍ ଶତପଥୀ, ଅହୁରି ସୁନ୍ଦର ହୋଇଛନ୍ତି ସେ ।

"କଣ ଦେଖୁଛ ଅରୁଣା ?" ମାନସୀ ପଚାରିଲା ।

"ନା । କଣ ଦେଖୁଥିଲି କି, ଆପଣ ଆଉ ଶତପଥୀ ସାହେବଙ୍କ ପିଲା ଏମାନେ । ସୁନ୍ଦର ହେବେ ତ ।"

ମାନସୀ ବୁଝିଲା, ଅରୁଣାର ଅନ୍ତରର କଥା ସେ । ତଥାପି ଲଜ୍ଜିତ ହେଲା । କଥା ଘୂରେଇ ଦବାକୁ ପଚାରିଲା, "କଣ ଆଣିଛ ସବୁ ?"

Digitized by srujanika@gmail.com

ଅରୁଣା ଉଠି ଆସିଲା ଡ୍ରଇଂରୁମକୁ । ମାନସୀ ପିଲାକୁ ଦୋଳିରେ ଶୋଇ ଦେଇ ଆସି ତା ପାଖରେ ବସିଲା । ଲୁଗାପଟା ଦେଖେଇଲା ଅରୁଣା । ବାପାଙ୍କ ପାଇଁ ଶାଲ, ପତଳା ଚନ୍ଦ୍ରକୁଣା ଧୋତି, ପଞ୍ଜାବୀ ପାଇଁ କନା; ବୋଉ ପାଇଁ ସ୍କାର୍ଫ, ବଡ଼ଘରର ଗୃହିଣୀ ଯୋଗ୍ୟ ଶାଢ଼ୀ, ଶାଶୁ ବ୍ଲାଉଜ ପାଇଁ କନା; ଅନେକଗୁଡ଼ାଏ ଆଣିଛି ସେ । ମାନସୀ ପସନ୍ଦ କରି ସାରିଲେ ବାକିଗୁଡ଼ା ସେ ଫେରେଇ ଦବ ।

ମାନସୀ ଯାଇ ତା ଶାଶୁଙ୍କୁ ଡାକି ଆଣିଲା । ବଛାବଛି ପରେ, ବାକି ଲୁଗାପଟା ବାକ୍ସରେ ନେଇ ଚାଲିଗଲା ଅରୁଣା । ମାନସୀ ତାକୁ ଗ୍ଲ ଜଳଖିଆ ଖୋଇ ବିଦା କରି, ଯାଇ ତା ବୋଉକୁ ଡାକିଲା । ମା ଫେରି ଉପରକୁ ଆସିଲାରୁ ଲୁଗାପଟା ତାଙ୍କ ଜିମା କରିଦେଲା । ବୋଉ ତ କାବା, "ଆମ ପାଇଁ ଏତେ ଲୁଗାପଟା କାହିଁକି ଆଣିଲୁ ଲୋ ? ଏକୁ ପିନ୍ଧିବ କିଏ ଲୋ, ଗାଁରେ ?"

ଦୁଇ ସଙ୍ଗାତ ହସାହସି ହେଲେ ।

ମାନସୀ କହିଲା, "ତୁ ନେଇ ଯା ବୋଉ, ନ ହେଲେ ସେ ଆସି ଚିଡ଼ିବେ ।"

ଲୁଗା ବାକ୍ସକୁ ଧରି ଚାଲିଗଲେ ଦୁଇ ସମୁଦୁଣୀ । ବାମଦେବ ଓ ଲକ୍ଷ୍ମୀକେଶ ବସି ଗପ କରୁଥାନ୍ତି । ସ୍ୱାମୀ ଓ ସମୁଦଙ୍କୁ ଦେଖେଇ ସଙ୍ଗାତଙ୍କୁ ବଢ଼େଇ ଦେଲେ ଶଙ୍କରର ମାତା ।

ସାତଟା ବେଳକୁ ଫେରିଲା ଶଙ୍କର । କାଲି ଦିନ ଅଫିସ ବନ୍ଦ ରହିବ । ଅନେକ କାମ ସାରିବାକୁ ହୋଇଛି ତାକୁ ଅଫିସରେ । ସେ ଅସି ଯେମିତି ଅଫିସ ପୋଷାକରେ ଶୋଇପଡ଼ିଲା ଡ୍ରଇଂରୁମରେ । ଜନ୍ଦ ଜୋତା ଖୋଲି ନେଇଗଲା । ମାନସୀ ଆସି ଠିଆ ହେଲା ।

"ଦେହ ଭଲ ଲାଗୁନି ?"

ତା ହାତ ଟାଣି ତାକୁ ପାଖରେ ବସେଇଲା ଶଙ୍କର, "ଦେହ ମନ ସବୁ ଭଲ ଅଛି । ଟିକିଏ କ୍ଳାନ୍ତ ଲାଗୁଛି । ତୁମମାନେ କାହାନ୍ତି ?"

"ତଳେ, ବୋଉ ପାଖରେ ।"

"କାହା ବୋଉ ? ତୁମର ନା ମୋର ?"

"ଅନୁମାନ କର ।"

ବାହାରେ ପାଟି ଶୁଭିଲା, "ତୋ ପୁଅ କେମିତି ଦୁଷ୍ଟ ହେଲାଣି ଦେଖୁଛୁ ?"

Digitized by srujanika@gmail.com

ମାନସୀ ଉଠିଗଲା ଝଟ ପାଖକୁ । ଶାଶୂ ପଶି ଅସିଲେ । ତାଙ୍କ ମୁଣ୍ଡରୁ ମେଞ୍ଚାଏ ଧରିପାରିଲା ବାଳ ଧରି ଟାଣୁଛି ତା ପୁଅ । ବୋଉ ପାଟି କରୁଥାନ୍ତି, "ଦୁଷ୍ଟ ପାଜି, ଗୁଣ୍ଡା !" କିନ୍ତୁ ତା ହାତରୁ ବାଳଗୁଡ଼ା ଛଡ଼େଇ ପାରୁ ନ ଥାନ୍ତି । ମାନସୀ ସାବଧାନତାର ସହିତ ପୁଅ ହାତରୁ ବାଳକୁ ଝଡେଇ ପୁଅକୁ କୋଳକୁ ନେଲା । ବାପ ଆଡ଼କୁ ଅନେଇ ହସିଲା ପିଲାଟା । ଶଙ୍କର ଉଠି ବସିଲା । ପୁଅକୁ କୋଳକୁ ନେଲାରୁ ସେ ମୁହଁ ଗାଲକୁ ଭିଡେଇ ଦେଲା ।

ବୋଉ ନାତିକୁ ପୁଅ କୋଳରୁ ଟେକି ନେଇ କହିଲେ, "କାମରୁ ଆସିଛୁ, ଲୁଗାପଟା ବଦଳା । ଖା ଟିକିଏ କିଛି ।"

"ହଁ, ମୁଁ ଯାଏଁ ।" ଶଙ୍କର ଉଠି ଚାଲିଗଲା ପାଖ ଘରକୁ । ଏହି ଘରେ ସେ ଶୋଉଛି । ଛୋଟ କୋଠରୀଟି, ଲୁଗାପଟା ପିନ୍ଧିବାକୁ ବ୍ୟବହାର କରାଯାଉଥିଲା । ଗୋଟାଏ ଛୋଟ ପଲଙ୍କ ପକେଇ ଶୋଉଛି ସେ ଏଠି । ତା ଶୋଇବା ଘର ପିଲାଙ୍କ ଦଖଲରେ ।

ମାନସୀ ଆସିଲା ତା ପଛେ ପଛେ । ତା ଶାର୍ଟର ବୋତାମ ଖୋଲି ଦେଲା । ଘରପିନ୍ଧା ପୋଷାକ ଦେଲା ପିନ୍ଧିବାକୁ । ତା ପରେ ଡ଼ାକିଲା, "ଚାଲ, ଲନ୍‌ରେ ବସି କଫି ଖାଇବ । ବୋଉ ଛେନା ମାଲପୁଆ ଆଉ ରସାବଳୀ କରିଛନ୍ତି ତୁମ ପାଇଁ । ତୁମେ ପରା ଭାରି ଭଲପାଅ ଏ ଜଳଖିଆ ?"

"ଭଲ ପାଉଥିଲି । ତା ପରେ ଯଉଁଦିନୁ ତୁମକୁ ଭଲ ପାଇଲି, ଏ ସବୁ ନିରର୍ଥକ ହୋଇଗଲା । ଚାଲ, ତୁମେ ଯଦି ଦବ ଖାଇବ । କିନ୍ତୁ..."

"କୁହ, କଣ କିନ୍ତୁ ?"

"ଅନେକ ଦିନର ଉପବାସୀ ମୁଁ । ରସାବଳୀରେ କଣ ମନ ମାନିବ ?"

"ଯଉଁଥିରେ ମନ ମାନିବ, ତା ବି ପାଇବ ।" ହସି କହିଲା ମାନସୀ ।

"ପାଇବ ?" ଉତ୍ସାହରେ ଠିଆ ହୋଇପଡ଼ିଲା ଶଙ୍କର ।

"ତୁମେ ଯେତେବେଳେ ଯାହା ଖୋଜିଛ, ସବୁ ପାଇଛ । କାଢ଼ି ନେଇଛ ତୁମେ ତୁମର ଭାଗ । କୌଣସି ବାଧା ମାନିବା ଲୋକ ତୁମେ ନୁହଁ । ତୁମକୁ ଅଟକେଇବ, ଏମିତି ଶକ୍ତି କାହାର ଅଛି ?"

"ୱଣ୍ଡାର୍‌ଫୁଲ୍, ଲଭ୍‌ଲି, ସ୍ପେଲେନ୍‌ଡିଡ୍ ।" ଖୁସିରେ କହିଲା ଶଙ୍କର, "ପ୍ରତିଦିନ ମୁଁ ତୁମକୁ ଦେଖୁଛି, ଆଉ ଆଶ୍ଚର୍ଯ୍ୟ ହେଉଛି । ଚାଲ ।"

Digitized by srujanika@gmail.com

ଉନାର ଖାଇ ଶଙ୍କର ଚୂଲିଗଲା ଲାଇବ୍ରେରୀକୁ । ଗୁଡ଼ାଏ ଚିଠି ଲେଖିବାକୁ ହବ ।

ମାନସୀ ଆଜି ଆସି ଡିନାର୍ ଖାଇଛୁ ତା ସାଙ୍ଗରେ । କହୁଛୁ, ଆଜି ସେ ତା ପାଖକୁ ଆସିବ । ନୂଆ ପ୍ରତୀକ୍ଷାର ଆନନ୍ଦ ଅନୁଭବ କଲା ସେ ଦେହରେ । ଖୁସି ଖୁସି ମନରେ ଟାଇପ୍‌ରାଇଟର ଖୋଲି ଚିଠି ଲେଖିଲା ଗୋଟାକ ପରେ ଗୋଟାଏ ।

ରାଲଫ୍‌କୁ ଚିଠି ଲେଖିଲା । କୁଆଡ଼େ ବୁଲୁଛୁ ସେ ଉତ୍ତର କାନାଡାର ଜଙ୍ଗଲରେ ଶିକାର ଉଦ୍ଦେଶ୍ୟରେ । ପେଟ୍ରୋକେମିକେଲ୍ କାରଖାନା ପାଇଁ କେତେଗୁଡ଼ାଏ ଆବଶ୍ୟକୀୟ ତଥ୍ୟ ଦରକାର । ତା ସାଙ୍ଗ ବବ୍ ହଲ୍ ଏଇଖିଣି ଆଇଓଆ ବିଶ୍ୱବିଦ୍ୟାଳୟର ରସାୟନ ଗବେଷଣା ବିଭାଗର ସହକାରୀ ଅଧ୍ୟକ୍ଷ । ତାକୁ ଚିଠି ଦେଲା । ଚନ୍ଦ୍ରଶେଖରକୁ ଚିଠି ଦେଲା, ଶମ୍ଭୁକୁ ଦେଲା ।

ନନ୍ଦ ଆସିଲା କଫି ନେଇ । ଟ୍ରେ ରଖି କହିଲା, "ମେମ୍‌ସାହେବ ଆସୁଛନ୍ତି ।"

ପାଞ୍ଚ ମିନିଟ ପରେ ପଶିଲା ମାନସୀ । ଠିଆ ହେଲା ସେ ଦୁଆର ମୁହଁରେ । ହାଲୁକା ଶାଗୁଆ ରଙ୍ଗର ଶାଢ଼ୀ ପିନ୍ଧିଛୁ, ବେକରେ ପଡ଼ିଛୁ ଗୋଟାଏ ଚନ୍ଦ୍ରହାର । କାନରେ ଝୁମୁକା ଆଉ ନାକର ଫୁଲରେ ହୀରକଜ୍ୟୋତି ଝଲମଲ କରୁଛୁ । ମୁହଁରେ ହସର ଗୋଟାଏ ସରୁ ରେଖା । ଆଖିରେ ବଜ୍ରୁଳ ଖେଳୁଛୁ । ଶଙ୍କରର ମନେ ହେଲା, ମାନସୀ ସାଜିଛୁ । ବେକରେ ପାଉଡ଼ରର ହାଲୁକା ପ୍ରଲେପ । ଗାଲରେ ରକ୍ତାଭା । ଭ୍ରୂଯୁଗଳ ଚିଲମ୍ବିତ ।

ସ୍ୱାମୀର ଲୋଲୁପ ଦୃଷ୍ଟି ଆଗରେ ସିଧା ହୋଇ ଠିଆ ହୋଇଛୁ ମାନସୀ. ଇଚ୍ଛା କରି । ସେ ଆସିଛୁ ସ୍ୱାମୀକୁ ଲୁବ୍‌ଧ କରିବାକୁ । ସେମିତି ଦୁଆର ମୁହଁରୁ ପଚାରିଲା, "କାମ ସରିଲା ବଡ଼ ସାହେବଙ୍କର ? କଫି କରି ଦେବି ?" ଆଗେଇ ଆସିଲା ସେ । ଶଙ୍କରର ନାକରେ ବାଜିଲା ଦେହ ମନକୁ ବିମୋହିତ କଲା ଭଳି ଏକ ମିଠା ବାସ୍ନା ।

ମାନସୀର ହାତ ଦି'ଟା ଟାଣିଲା ସେ । କହିଲା, "ଆମ ଦେଶରେ ଉପେନ୍ଦ୍ର ଭଞ୍ଜ ବୋଲି ଜଣେ କବି ଥିଲେ । ଅନେକ କାବ୍ୟ ଲେଖିଛନ୍ତି ସେ । ସେଥିରେ ସେ ଯଉଁ ନାୟିକାମାନଙ୍କର କଳ୍ପନା କରିଛନ୍ତି, ତାର ପରି ତୁଳନା ନାହିଁ । ସେ ଆଜି ତୁମକୁ ଏହି ବେଶରେ ଦେଖିଥିଲେ, ଗୋଟାଏ ନୂଆ କାବ୍ୟ ଲେଖିଥାନ୍ତେ ଆଉ ମୋତେ ଈର୍ଷା କରିଥାନ୍ତେ ।"

Digitized by srujanika@gmail.com

ମାନସୀ ହସିଲା । ସ୍ୱାମୀର ଆଖିରେ ଆଖି ରଖି କହିଲା, "ଉପେନ୍ଦ୍ର ଭଞ୍ଜଙ୍କ ନାୟିକା, ତୁମ ରକମ ନାୟକ ପାଇଥିଲେ କଣ କରିଥାନ୍ତା ମୁଁ ଜାଣେନି । ମୁଁ କିନ୍ତୁ ତୁମ ପାଖରେ ସବୁ ନିବେଦନ କରି ସାରି ଦେଇଛି, ମୋର ଦେହ ମନ ପୂରି ରହିଛି । ମୋର ଭୟ ହୁଏ ବେଳେ ବେଳେ···"

"କାହିଁକି ମାନସୀ ?"

"ଏତେ ସୁଖ କଣ ମୁଁ ସହିପାରିବି ? ଆଖିରୁ ପାଣି ବୋହିଗଲା ତାର ଦୁଇ ଧାର । ପକେଟରୁ ରୁମାଲ କାଢି ଶଙ୍କର ତା ଆଖି ପୋଛି ଦେଲା ।

ହସିଲା ମାନସୀ, "ଛାଡ଼, ମୁଁ କଫି କରିଦିଏଁ ।" ହାତ ଛଡ଼େଇ ନବାର ସାମାନ୍ୟତମ ପ୍ରୟାସ କଲା ନାହିଁ ସେ । ଶଙ୍କର ଅନେଇଥାଏ ତାକୁ ମନ୍ତ୍ରମୁଗ୍ଧ ହୋଇ । ଟିକିଏ ହଲଚଲ ହେଲା ମାନସୀ । କମ୍ପି କଣ୍ଠରେ କହିଲା ପୁଣି, "ଛାଡ଼ ।" ନିଶ୍ଚଳ ଶଙ୍କର ବସିଥାଏ ସେମିତି ତା ଆଡ଼କୁ ଅନେଇ । କିଛି ସମୟ ଗଲା । ସେମିତି ଠିଆ ହୋଇଛି ମାନସୀ । ଶଙ୍କରର ଆଖି ଆଗରେ ତାର ଉନ୍ନତ ବକ୍ଷଦେଶଟା । ଆଖି ବୁଜିଲା ଶଙ୍କର । ଖୋଲିଲା । ଫେର ସେହି ପୟୋଧରର ଔଦ୍ଧତ୍ୟ । ବିଚଳିତ ହୋଇ ଠିଆ ହୋଇପଡ଼ିଲା ସେ । ମାନସୀ ଯୋଡ଼ି ହୋଇଗଲା ତା ଦେହରେ । ଶଙ୍କରର ପୌରୁଷର ସମସ୍ତ କାଠିନ୍ୟ ମାନସୀର କୋମଳତାରେ ବିଲୀନ ହୋଇଗଲା । ଶଙ୍କର କାବା ହେଲା, କି ଦୁର୍ନିବାର ଆକର୍ଷଣ ! କି ଅଭିନବ ରୂପ ମାନସୀର ସାନ୍ନିଧ୍ୟର !

"କଫିଟା ଖାଇଦିଅ, ଥଣ୍ଡା କରିବ କାହିଁକି ? ରାତି ଅନେକ ଅଛି ।"

"ତା ଅଛି । ମୋର ସ୍ୱପ୍ନ ବି ଅନେକ ।"

ମାନସୀ ବସି କଫି କରି ଦେଲା । ଦୁ' ଜଣ ଖାଇଲେ ।

"ପିଲାମାନେ ?" ପଚାରିଲା ଶଙ୍କର ।

"ଶୋଇଛନ୍ତି ।"

"ରହିବ ତ ମୋ ପାଖରେ ଏଇକ୍ଷଣି ?"

"ଦରକାର ଅଛି ?"

"ଦରକାର ଆଉ କଣ ?"

"ତା ହେଲେ ?"

Digitized by srujanika@gmail.com

"ବସ, ଗପ କରିବା ।" ଧୀର ଗୋଟାଏ ହାତ ଉଠେଇ ନେଲା ଶଙ୍କର ।

"ପୂଜା ଦେଖିବାକୁ ଯିବ ନାହିଁ ?"

"ତୁମେ ନେଇଗଲେ ଯିବ ।"

"ଅସୁବିଧା ହବନି ତ ପିଲାଙ୍କର ?"

"ନା, ବ୍ୟବସ୍ଥା କରିଯିବ ।"

ମାନସୀର ମନେହେଲା ପିଲା କାନ୍ଦୁଛି । କାନ ଡେରିଲା ସେ । ତା ପରେ ଠିଆ ହୋଇପଡ଼ି କହିଲା, "ମୁଁ ଯାଏଁ, ପିଲା ଉଠିବେ କାଳେ । ଖାଇ ନାହାନ୍ତି ।"

ହସିଲା ଶଙ୍କର । ମାନସୀ ଆଜି ମାତା । ସନ୍ତାନର ଦାବୀ ଆଗ ।

"ତୁମେ ଆସ ।" ଡାକିଲା ସେ ସ୍ୱାମୀକୁ ।

"ତୁମେ ଚାଲ । ମୁଁ କାମ ସାରି ଯାଉଛି ।"

ମାନସୀ ଚାଲି ଆସିଲା ସେଠୁ । ହଁ, ପିଲା ଉଠିଛି । ସେ ଶୁଣିପାରୁଛି ଲାଇବ୍ରେରୀ ଘରୁ କାନ୍ଦ । ଦ୍ରୁତ ପଦକ୍ଷେପରେ ପଶିଲା ସେ ଶୋଇବା ଘରକୁ । ଧାଇ ଧରିଛି ପୁଅକୁ ।

ଝିଅକୁ ଖୋଉଥାଏ, ଶୁଣିଲା ପାଖ ଘରେ ଶଙ୍କରର ଚଲାଚଲର ଶବ୍ଦ । ଖୋଇ ସାରି ପିଲାକୁ କ୍ରିବ୍‌ରେ ଶୋଇ ଦେଇ ଗାଧୁଆ ଘରକୁ ଗଲା ସେ । ସେଠୁ ବାହାରି ପାଖ ଘରକୁ ଚାଲିଗଲା ।

ବିଛଣା ପାଖରେ ଟେବୁଲ ଲେମ୍ପ ଜଳୁଛି । ଶଙ୍କର ଖଟରେ ବସି ସିଗ୍ରେଟ ଟାଣୁଛି ।

"ନିଦ ମାଡୁନି ?" ପଚାରିଲା ମାନସୀ ।

ସେହି ସ୍ୱଳ୍ପାଲୋକରେ ଦେଖିଲା ଶଙ୍କର, ଧଳା ଶାଢ଼ୀର ଅନ୍ତରାଳରୁ ମାନସୀର ଶରୀରର ଶୁଭ୍ରତା ଫୁଟି ଉଠୁଛି । ସିଗ୍ରେଟର ଧୂଆଁ ଭିତର ଦେଇ ଅନେଇଲା ସେ ସ୍ତ୍ରୀକୁ । ମନେହେଲା ତାର, ଗୋଟାଏ ଅଶରୀରୀ କମନୀୟତା, ଗୋଟାଏ ଅତି ପ୍ରେୟସ୍ସ ଅନୁଭବ ।

ଆଗେଇ ଆସିଲା ମାନସୀ । ସ୍ୱାମୀର ଦୁଇ କାନ୍ଧରେ ହାତ ରଖି ପାଖକୁ ଟାଣିନେଲା ତାକୁ । ଶଙ୍କରର ନାକରେ ବାଜିଲା ପୁଣି ସେହି ଉନ୍ମାଦକର ବାସ୍ନା । ସେ ମୁଣ୍ଡ ଗୁଞ୍ଜିଲା ମାନସୀର ବକ୍ଷରେ । ହସି, ପରିଷ୍କାର ଉଚ୍ଚାରଣରେ, ଧୀରେ ଧୀରେ ଆବୃତ୍ତି କଲା ମାନସୀ ଜେମ୍‌ସ ଜଏସ୍‌ର ପଦାବଳୀ :

Digitized by srujanika@gmail.com

...And then I asked him with my eyes
To ask him again yes
And then he asked me would I yes
And first I put my arms around him yes
And drew him down to me
So he could feel my breasts all perfume, yes
And his heart was going like mad
And yes I said yes I will yes....

ଗୋଟାଏ ଅସହ୍ୟନୀୟ କାମନାର ଉତ୍ତାପ ଶଙ୍କରକୁ କ୍ଷିପ୍ତ କଲା । ସିଗ୍ରେଟ୍‌ଟା ପାଉଁଶଦାନୀରେ ଦଳି ଦେଇ ସ୍ତ୍ରୀକୁ ଭିଡ଼ିନେଲା ସେ କୋଳକୁ ।

"ଆଲୁଅଟା ଲିଭେଇ ଦିଅ" ଫିସ୍‌ଫିସ୍ କରି କହିଲା ମାନସୀ । ବାଁ ହାତରେ ବୋତାମ ଟିପି ଆଲୋକ ନିର୍ବାପିତ କଲା ଶଙ୍କର ।

ଶଯ୍ୟାର କୋମଳ ଅନ୍ଧକାରରେ, ମାନସୀ ଦେହର ଉଷ୍ମ ଉପତ୍ୟକାରେ ନିଜକୁ ହଜେଇ ଦେଲା ଶଙ୍କର । ବିସ୍ମୃତପ୍ରାୟ ଅନୁଭୂତିଗୁଡ଼ା ତାର ଉଦ୍ଦାମ ହେଲା, ନିତମ୍ବର ସଞ୍ଚାଳନରେ, ବାହୁବନ୍ଧର ନିପୀଡ଼ନରେ, ଜଘନର ବନ୍ଧନରେ । ଶଙ୍କର ଉଡ଼ିଲା ଆକାଶରେ, ଉପରୁ ଆହୁରି ଉପରକୁ । ତା ପରେ ? ଖସିଲା ଏକ ଅତଳସ୍ପର୍ଶୀ, ଆନନ୍ଦଘନ, ଉଲ୍ଲସିତ ମୁହୂର୍ତ୍ତକୁ ।

ସ୍ତ୍ରୀର ସୁକୋମଳ ଦେହକୁ ଗୋଟାଏ ହାତରେ ଜାକି ଧରି କୃତଜ୍ଞ ଚିତ୍ତରେ ନିବିଡ଼ ନିଦ୍ରାରେ ଶୋଇପଡ଼ିଲା ସେ ।

ମଧ୍ୟରାତ୍ରରେ ନିଦ ଭାଙ୍ଗିଗଲା ତାର । ପୁଣି ଅନୁଭବ କଲା ସେ ସେହି ଆଦିମ ଓ ଅକୃତ୍ରିମ ଉତ୍ତେଜନା । ମାନସୀ ନାହିଁ । ବିଛଣାଟା ଉଷ୍ମ ଅଛି ତାର ଦେହର ଉତ୍ତାପରେ । ତକିଆରେ ଗୁଡ଼ିଯାଇଛି ସେ ତାର କେଶର ସୁରଭି । ଶଙ୍କର ପୁଣି ଲେଉଡ଼ିଲା ତାକୁ ପାଖରେ, ଖ୍ୟାପଣ ଭାବରେ । ଏ କଣ ହେଲା ତାର ! ଗତ ପାଞ୍ଚ ମାସ ତ ବେଶ ଥିଲା ସେ ଚୁପଚାପ୍ ।

ଉଠି ଠିଆ ହେଲା ସେ । ଶୋଇବା ଘରେ ଆଲୁଅ ଜଳୁଛି । ସେ ଆସି ଠିଆ ହେଲା ଦୁଆର ମୁହଁରେ । ମାନସୀ ଶୋଇଛି । ପିଲା ଶୋଇଛନ୍ତି ମା ପାଖରେ । ନିଶ୍ଚଳ ହୋଇ ରହିଛି ମାନସୀର ଦେହ । ନିଃଶବ୍ଦରେ ଆସି ସେ ଶୋଇପଡ଼ିଲା ସ୍ତ୍ରୀ ପାଖରେ । ସନ୍ତାନବତୀ ମାତାର ନିଦ ଭାଙ୍ଗିଗଲା । ସେ ଘୂରି ଅନେଇଲା, ହସିଲା ଏବଂ ସ୍ୱାମୀର ଗୋଟାଏ ହାତକୁ ନିଜ ଉପରକୁ ଟାଣି ଆଣି ତା ଆଡ଼କୁ ଜାକି ହୋଇ ଶୋଇପଡ଼ିଲା ।

Digitized by srujanika@gmail.com

ଭୋର ସକାଳୁ ନିଦ ଭାଙ୍ଗିଲାରୁ ଧାଇଁ ଦେଖିଲା, ସାହେବ କେତେବେଳେ ଆସି ମେମ୍ ସାହେବ ପାଖରେ ଶୋଇଛନ୍ତି । ଜିଭ କାମୁଡ଼ି, ବିଛଣା ନେଇ ପକେଇ ଆସିଲା ସେ ପିଣ୍ଡାକୁ ।

କୋଡ଼ଏ

ଦୁର୍ଗାପୂଜା ଉପଲକ୍ଷରେ ଯେଉଁ ଦଶ ଦିନ ଛୁଟି ଥିଲା, ବାପା, ବୋଉ, ଶାଶୂ, ଶ୍ୱଶୁରଙ୍କୁ ନେଇ ବୁଲେଇ ବୁଲେଇ ଦେଖେଇଲା ଶଙ୍କର । କଲିକତାର ଆକାଶରେ ନୂଆ ରଙ୍ଗ । ନଗରବାସୀଙ୍କ ମନରେ ଉତ୍ସବର ଆନନ୍ଦ । ଏମାନେ ମଧ୍ୟ ସେ ଉତ୍ସବରେ ଯୋଗ ଦେଲେ, ସେ ଆନନ୍ଦରେ ଭାଗ ନେଲେ ।

ମହାଷ୍ଟମୀର ଉପବାସ କଲେ ଦୁଇ ସମୁଦୁଣୀ । ପୂଜା ହେବ, ହୋମ ହେବ । ଲାଡ଼ୁକେଶ ହେଲେ ପୁରୋହିତ । ମାନସୀ ଆୟୋଜନ କଲା । ଆଠ ରକମର ଫୁଲ, ଆଠ ରକମର ଫଳ ଦରକାର, ଆସିଲା । ଆହୁ ଆସିଲା ନୈବେଦ୍ୟ, ଧୂପ, ଘଣ୍ଟା, ଗୁଗ୍ଗୁଳ । ନନ୍ଦ ସକାଳୁ ଗାଧୋଇ ପଡ଼ି କାମରେ ଲାଗିଲେ । ଦୁଇ ସମୁଦୁଣୀ ନୂଆ ଲୁଗା ପିନ୍ଧି ପୂଜା ଆୟୋଜନ କଲେ ।

ମାନସୀ ମଧ୍ୟ ଭୋରୁ ଗାଧୋଇ, ପାଟ ପିନ୍ଧି, ଆସି ଠିଆ ହେଲା ବିଛଣା ପାଖରେ । ପିଲାଙ୍କୁ ଉଠେଇ ନେଇ ଯାଇଛି ଧାଈ । ଏକା ଶୋଇଛି ଶଙ୍କର ଗୋଟାଏ ତକିଆକୁ କୋଡ଼ରେ ଜାକି । ମାନସୀ ଆସି ଠିଆ ହେଲାରୁ ଅନେଇଲା ତାକୁ, ହସିଲା ।

"ଚା ପଠେଇ ଦେବି ?" ପଚାରିଲା ମାନସୀ ।

"ବସ ।" ବିଛଣାରେ ଉଠି ବସି ଅନେଇଲା ଶଙ୍କର ସଦ୍ୟସ୍ନାତା ସ୍ତ୍ରୀକୁ । ପୂର୍ବ ରାତିର ସ୍ମୃତି ତା ମନରେ ସଞ୍ଚାରିତ କଲା ଏକ ନୂଆ ଅନୁରାଗ । ବଡ଼ ବଡ଼ ତକିଆ ଦି'ଟା ଆଣି, ଗୋଟାକ ଉପରେ ଆଉ ଗୋଟାଏ ରଖି, ଠେସ ଦେଇ ବସିଲା ଶଙ୍କର ଗୋଡ଼ ଲମ୍ବେଇ ।

"ଶୁଣ", ମାନସୀ ନିବେଦନ କରୁଛି ଯେମିତି, "ଦୁଇ ସମୁଦୁଣୀ ପୂଜାରେ ବସିଲେଣି । ତୁମେ ଯଦି ଅନୁମତି ଦେବ, ମୁଁ ଉପାସ କରିବ ।"

"ଉପାସ କରିବ ? କାହିଁକି ?"

ଲାଜ ଲାଜ ହୋଇ କହିଲା ମାନସୀ, "ତୁମର ଆଉ ପିଲାମାନଙ୍କର ମଙ୍ଗଳ ମନାସି ।"

Digitized by srujanika@gmail.com

ଅନେଇ ରହିଲା ଶଙ୍କର ତାଙ୍କୁ । ଉଣ୍ଡାଳିଲା ତା ସିଗ୍ରେଟ ପେକ୍ଟ, ନାହିଁ । ମାନସୀ ଯାଇ ନେଇ ଆସିଲା ଆର ଘରୁ । ସିଗ୍ରେଟ୍ ଲଗେଇ ପଚ୍ଚାରିଲା ଶଙ୍କର, "ତୁମକୁ ଉପାସ କରିବାକୁ କହିଲା ବୋଉ ?"

"ନା । ସେ ମନା କଲେ ।"

"ତା ହେଲେ କିଏ କହିଲା ? ତୁମ ବୋଉ ?"

"ନା । ସେ କହିଲା ସାନପିଲା ମୋର ଉପାସ କରିବା ଠିକ୍ ହବନି ।"

"ତା ହେଲେ ? ତୁମେ କାହିଁକି ଉପାସ କରିବ ? ପିଲାଙ୍କ ମଙ୍ଗଳ ହେଲା, ତାଙ୍କୁ ଖୋଇ ପେଇ ସୁସ୍ଥ ସବଳ କରିବା । ସେଥିପାଇଁ ସେମାନେ ତୁମ ଉପରେ ନିର୍ଭର କରୁଛନ୍ତି ।"

"ଗୋଟାଏ ଦିନ ଉପାସ କଲେ କଣ ଛନ୍ନ ହବ ?"

ଚା ଦେଇଗଲା ନନ୍ଦ । ଖଟରେ ବସି ସ୍ୱାମୀଙ୍କୁ ଚା ଢାଳି ଦେଲା ମାନସୀ ।

"ତୁମେ ନେଲନି ଯେ ?" ଶଙ୍କର କହିଲା ।

ହସିଲା ମାନସୀ । ବୁଝିପାରିଲା ଶଙ୍କର । ଉପାସ କରୁଛି ସେ । କିନ୍ତୁ କାହିଁକି ?

"ବହୁତ ଉପାସ କରିଛ ତୁମେ ମାନସୀ, ଆଉ ନା ।" ଚା କପ୍ଟା ସ୍ତ୍ରୀ ହାତକୁ ବଢ଼େଇ ଦେଇ ଉଠିପଡ଼ିଲା ସେ । ଚଟିରେ ଗୋଡ ପୂରେଇ ଚାଲିଗଲା ଗାଧୁଆ ଘରକୁ ।

ପ୍ରାତରାଶ ଟେବୁଲରେ ମାନସୀ ନାହିଁ । ନନ୍ଦ ପୂଜାଘରେ ବ୍ୟସ୍ତ । ବବୁର୍ଚ୍ଚି ବାଢ଼ି ଦେଇଗଲା । ଗମ୍ଭୀର ଗଳାରେ ଶଙ୍କର କହିଲା, "ମେମ୍ ସାହେବଙ୍କୁ ବୁଲା ଦୋ ।"

ପୂଜାଘରେ ଠିଆ ହୋଇ ଆୟୋଜନ ଦେଖୁଥିଲା ମାନସୀ । ସ୍ୱାମୀର କଣ୍ଠଶବ୍ଦରେ ଚକିତ ହୋଇ ପଶିଆସିଲା ଖାଇବା ଘରକୁ । ଟେବୁଲରେ ବଢ଼ା ହୋଇଛି ବ୍ରେକ୍‌ଫାଷ୍ଟ । ଶଙ୍କର କିଛି ଛୁଇଁନି । ମୁହଁ ଶୁଖେଇ ବସିଛି । ହସି, ଆଗେଇ ଆସି, ପାଖ ଚୌକିରେ ବସିପଡ଼ି ଅନେଇଲା ସ୍ୱାମୀ ମୁହଁକୁ, "କଣ ହେଲା, ରାଗିଛ ମୋ ଉପରେ ?"

"ନା ।" ପରିଷ୍କାର ସ୍ୱରରେ ମନ୍ତବ୍ୟ ଦେଲା ଶଙ୍କର ।

ପାଉଁରୁଟିରେ ଲହୁଣି ଲଗେଇ ଯତ୍ନରେ ଦେଲା ମାନସୀ ତା ପାଇଁ ।

ଅଣ୍ଡା ପୋଚ୍‌ର ପ୍ଲେଟ୍‌ଟା ତା ଆଗରେ ରଖି ଶଙ୍କର କହିଲା, "ଖାଅ ।"

ହସିଲା ମାନସୀ, "ଆଜି ମୋର ନିରାମିଷ ।"

"ନା । ତୁମକୁ ମିସେସ୍ ହାଲଦାର ଯାହା ଯେମିତି ଖାଇବାକୁ କହିଛି, ତାକୁ ଖାଇବାକୁ ହବ ।"

ତା ବୋଉ ପଶି ଆସିଲେ ଖାଇବା ଘରକୁ । ଶଙ୍କର କହିଲା, "ମାନସୀକୁ ଉପାସ କରିବାକୁ ଡାକ୍ତର ମନା କରିଛି ବୋଉ । ସେ କାହିଁକି ଉପାସ କରିବ ?"

"ନା । କଅଁଳା ଦୁଆତି, ଯାଆଁଳା ପିଲା । ଉପାସ କଲେ ତାଙ୍କୁ ଖୋଇବ କଣ ? ତୋ ବାପା ମନା କରିଛନ୍ତି ତାକୁ ଉପାସ କରିବାକୁ ।" ସେ ଗୋଟାଏ ଚେୟାର ଟାଣିନେଇ ବସିଲେ ।

"ଉପାସ କରିବ ବୋଲି ସକାଳୁ ଲଗେଇଛି ମୋ ପାଖରେ । ପିଲାଙ୍କ ମଙ୍ଗଳ ମନାସି ଉପାସ କରିବ ।" ହସିଲା ଶଙ୍କର ।

"ସେ କଣ ପିଲାଙ୍କ ମଙ୍ଗଳ ମନାସିବ ରେ ବୁଢ଼ା ! ଉପାସ ତ ମୁଁ କରୁଛି, ତା ବାପା ବୋଉ କରୁଛନ୍ତି । ପିଲା ତ ମୋର, ସେ କିଏ ?"

ହୋ ହୋ କରି ହସିଲା ଶଙ୍କର । ମାନସୀ ଲାଜରେ ମୁହଁ ତଳକୁ କଲା । "ବୋଉର ରାୟ ତ ଶୁଣିଲ । ଏଥର ଖାଅ, ନା ଖୋଇ ଦବାକୁ ହବ ?"

ଓଠହାଣି ଦେଇ ଶାସନ କଲା ସେ ସ୍ୱାମୀକୁ । ତା ପରେ ଛୁରୀରେ କାଟି, କଣ୍ଟାରେ ଉଠେଇ ପାଟିକୁ ନେଲା ଅଣ୍ଡାଭଜା । ଫ୍ରେଞ୍ଚଟୋଷ୍ଟର ପ୍ଲେଟ୍‌ଟା ତା ଆଡ଼କୁ ବଢ଼େଇ ଦେଲା ଶଙ୍କର । ମାନସୀ ଉଠେଇନେଲା ଗୋଟିଏ ।

"ଆଉ ନିଅ ।"

ମୁଣ୍ଡ ହଲେଇ ମନା କଲା ମାନସୀ ।

ବୋଉ ବସି ଦେଖୁଥାନ୍ତି ପୁଅ ବୋହୂଙ୍କ ପ୍ରାତରାଶ । ଗରମ ଗରମ ଦୁଧ ଦୁଇ କାପ୍ ଆଣି ରଖିଲା ବବୁର୍ଚ୍ଚି । ସ୍ତ୍ରୀ କାପ୍‌ରେ ଦୁଇ ଚାମୁଚ ସେନାଟୋଜେନ୍ ଦେଇ ଗୋଳେଇ ଦେଲା ଶଙ୍କର । ଦୁଇ ଜଣ ବସି ଦୁଧ ପିଇଲେ ।

"ତୁ ଏ ବେଳା କୁଆଡେ ବୁଲିଯିବୁ ବୋଉ ?"

"ନା, ପୂଜା ସରିଲେ ଯାଇ, ସଞ୍ଜବେଳକୁ ଗଲେ ଯିବା ।"

Digitized by srujanika@gmail.com

"ମୁଁ ତା ହେଲେ ମାନସୀକୁ ନେଇ ଟିକିଏ ବାହାରିବ । ଗୋଟାଏ ନିମନ୍ତ୍ରଣ ଅଛି ।"

"ଯାଉନ୍ତୁ । ପିଲାଙ୍କୁ ଖୋଇ ଦେଇ ବୋହୂ ଯାଉ । ଧାଈ ଅଛି, ଆମେ ଦି'ଜଣ ଅଛୁ । ସେ ବୁଲିଆସୁ ଟିକିଏ ।" ସେ ଉଠିଗଲେ ତାଙ୍କ ଶୋଇବା ଘରକୁ ।

ଶଙ୍କର ସ୍ତ୍ରୀ ଆଡ଼କୁ ଗୋଟାଏ ସନ୍ଦେହ ଦୃଷ୍ଟି ପକେଇ ଚାଲି ଆସିଲା ବୈଠକଖାନାକୁ । ତା ପରେ ସିଡ଼ି ଚଢ଼ି ଉପରକୁ ଚାଲିଗଲା । ଲାଉଞ୍ଜରେ ଦୁଇଟା ଦୋଳିରେ ଶୋଇଛନ୍ତି ପିଲାମାନେ । ଧାଈ ହଲେଇ ଦଉଛି ଦୋଳି ।

ଶଙ୍କର ପଚାରିଲା, "ପିଲାଏ ଖାଇଲେଣି ?"

"ମା'ଜୀସେ ଖାଏଁ ନେହିଁ । ମା'ଜୀ ଜଚେ ହେଁ । ଅନେସେ ଖାଏଙ୍ଗେ ।"

ଶଙ୍କର ପାଖକୁ ଯାଇ ଦେଖିଲା ପିଲାଙ୍କୁ । ଖେଳୁଛନ୍ତି ସେମାନେ । ଝିଅଟା ତାକୁ ଦେଖି ହସିଲା । ପୁଅ ହାତ ଗୋଡ଼ ହଲେଇ ଖେଳୁଥାଏ । ପାଞ୍ଚ ମିନିଟ ଠିଆ ହୋଇ ସେ ପିଲାଙ୍କ ଖେଳ ଦେଖିଲା ।

ମାନସୀ ଉଠି ଆସିଲା । ସେମିତି ପାଟ ପିନ୍ଧିଛି । ମୁଣ୍ଡର ବାଳ ଉନ୍ମୁକ୍ତ, ଆର୍ଦ୍ର । ମୁହଁ ଶୁଖେଇଛି ସେ । ଆଖିରେ ତାର ଅଦ୍ଭୁତ ଚାହାଣୀ । ଶଙ୍କର ବୁଝିଲା ଅଭିମାନ କରିଛି ସେ । କିଛି ନ କହି ଚାଲି ଆସିଲା ସେ ତା ଶୋଇବା ଘରକୁ । ଦଶ ମିନିଟ ପରେ ଉଙ୍କିମାରି ଦେଖିଲା, ମାନସୀ ଗୋଟିଏ ସନ୍ତାନକୁ ଖୋଉଛି । ଆରଟି ଖାଇସାରି ଶୋଇଲାଣି । ପାଟି କରି ଡାକିଲା ସେ, "ପିଲାଙ୍କ କାମ ସାରି ଆସିବ ଟିକିଏ ।"

ପାଞ୍ଚ ମିନିଟ ପରେ ମାନସୀ ଆସିଲା ଏ ଘରକୁ । ଝରକା ପାଖରେ ଠିଆ ହୋଇଛି ଶଙ୍କର ବାହାରକୁ ଅନେଇ । ଦେହରେ ତାର ସାହେବୀ ପୋଷାକ । ମାନସୀର ପଦଶବ୍ଦରେ ପଛକୁ ଚାହିଁ ଦେଖିଲା ତାକୁ । ପାଖକୁ ଆସି ତା କାନ୍ଧରେ ହାତ ରଖି କହିଲା, "ମୋ ଉପରେ ରାଗିଛ ? ରାଗ, ମୋର ଆପତ୍ତି ନାହିଁ । କିନ୍ତୁ ଡାକ୍ତରର ଅନୁମତି ବିନା ତୁମକୁ ଉପାସ କରିବାକୁ ମୁଁ ଦେବିନି ।"

"ମୁଁ ତ ଉପାସ କରିନି । ଖାଇଲି ତ ତୁମ ସାଙ୍ଗରେ, ଦେଖିଲ ।"

ହସିଲା ଶଙ୍କର । ମାନସୀକୁ ଚୌକିରେ ବସେଇ ଫୋନ୍‌ରେ ଡାକିଲା ମିସେସ୍ ହାଲଦାରକୁ, "ଶୁଣନ୍ତୁ, ମୁଁ ଶଙ୍କର ଶତପଥୀ କହୁଛି । ଆଜି କଣ ଅଷ୍ଟମୀ । ମିସେସ୍ ଶତପଥୀ ଉପାସ କରିବେ ବୋଲି ଜିଦ୍ ଧରିଛନ୍ତି ।

Digitized by srujanika@gmail.com

ମୁଁ ମନା କଲେ ଶୁଣୁନାହାନ୍ତି । ସିଲଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଁ ମନା କରୁଛି । ହଁ, ସେ ଏଠି ଅଛନ୍ତି । ଆପଣ ତାଙ୍କୁ ଟିକିଏ ବୁଝେଇ ଦିଅନ୍ତୁ । ଏଇ ଦେଲି ।" ରିସିଭର ବଢ଼େଇ ଦେଲା ସେ ସ୍ୱାମୀ ହାତକୁ ।

ମିସେସ୍ ହାଲଦାର କଣ ପଚାରିଲେ । ମାନସୀ କହିଲା ତାଙ୍କୁ, ସେ ଓପାସ କରନ୍ତି । କରିବ ବୋଲି ମନ କରିଥିଲେ । ନା, ସେ ଓପାସ କରୁନି । ବହୁତ ଖାଉଛି ସେ । "ହଁ ଯଥେଷ୍ଟ ଦୁଧ ହଉଛି । ପିଲାଏ ଖାଇ ପାରୁନାହାନ୍ତି ।"

ଫୋନ୍ କରି ସାରି ଅନେଇଲେ ସେ ସ୍ୱାମୀକୁ । ଚୌକିରୁ ଉଠି ଠିଆ ହେଲେ ।

ଶଙ୍କର କହିଲେ, "ଶୁଣିଲ ତ ଡାକ୍ତରଣୀର ମତ କଣ ? ତୁମେ ଅଉ ସ୍ୱାଧୀନ ନୁହଁ ମାନସୀ । ନିଜ ଦେହ ପାଖରେ ତୁମେ ବନ୍ଧା ହୋଇ ଯାଇଛ । ସେହି ଦେହରୁ ଯାହାଙ୍କୁ ଜୀବନଦାନ କରିଛ, ସେମାନଙ୍କର ମଙ୍ଗଳ ହବ, ଖୋଇ ପେଇ ପରିପୁଷ୍ଟ କଲେ । ମୋ ଉପରେ ମିଛରେ ରାଗୁଛ ତୁମେ ।"

"ତୁମ ଉପରେ ରାଗିଛି ମୁଁ ? ନା ତ ।"

"ରାଗିନ ? ଅଭିମାନ କରି ମୁହଁ ଶୁଖେଇଛ ।"

ହସିଲା ମାନସୀ, "ତୁମେ ଭାରି ଦୁଷ୍ଟ । ତୁମକୁ କେହି ପାରନି । ମୁଁ ଜଣେ ପାରିବ ?" ମୁହଁ ଟେକି ଧରିଲେ ସେ । ଶଙ୍କର ଏ ସୁଯୋଗର ପୂର୍ଣ୍ଣ ସଦ୍‌ବ୍ୟବହାର କଲେ । ସ୍ତ୍ରୀ ଗାଲରେ ଗାଲ ଘଷି ତା କାନରେ କହିଲେ, "ଅରୁଣା ଡାକୁଛି । ତା ଘରକୁ ଯିବନି ?"

"ହଁ । ତୁମେ ନେଇଗଲେ ଯିବି ।"

"ତା ହେଲେ ଚାଲ ।"

"ଏଇ ବେଶରେ ? ନା ।"

"ଆଉ କି ବେଶରେ ଯିବ ?" ବୁଝି ନ ପାରି ଅନେଇଲେ ତାକୁ ଶଙ୍କର ।

ମାନସୀ ତା ଶୋଇବା ଘରକୁ ଫେରି, ଆଲମାରୀ ଖୋଲି ବାହାର କଲା ଜରି ଧଡ଼ିର ଧୋତି । ମାଳିକୁ ଦେଇ କୁଞ୍ଚେଇ ନେଇଛି ସେ ଲୁଗାକୁ । ସିଲ୍କର ପଞ୍ଜାବୀ କାଢ଼ିଲା । ନିଜ ପାଇଁ ଝଟ୍ଟେ ଦକ୍ଷିଣୀ ପାଟ ବାଛିଲା । ଧୋତି ପଞ୍ଜାବୀ ଶଙ୍କରଙ୍କୁ ଦେଇ କହିଲା, "ପିନ୍ଧ ପକାଅ, ମୁଁ ଆସୁଛି ।" ଶଙ୍କର ଲୁଗା ପିନ୍ଧି ସାରିଲା ବେଳକୁ ମାନସୀ ଫେରି ଆସିଲା । ହାତରେ ତାର ଗ୍ରେଟ ଷିଣିଟିଏ, ଅତରର । ସ୍ୱାମୀର ରୁମାଲରେ, ପଞ୍ଜାବୀରେ

Digitized by srujanika@gmail.com

ଲଗେଇ ଦେଲ । ଶଙ୍କର ହସୁଥାଏ । ଏହି ଅତରର ବାସ୍ନା ଚାଲି ମାନସୀ ଦେହରେ ପାଉଥିଲ ସେ । ସ୍ତ୍ରୀ ହାତରୁ ଶିଶି ନେଇ ଦେଖିଲ, ପାଶପ୍‌ର ଏକ ସୁପ୍ରସିଦ୍ଧ ପୁଷ୍ପସାର । ଏମେରିକାରେ ବହୁଳ ବ୍ୟବହାର ହୁଏ ।

"ଏକୁ କେଉଠୁ ପାଇଲ ?"

"ତୁମକୁ କାହିଁକି କହିବ ?" ହସିଲ ମାନସୀ ।

"ଆମ ଦେଶରେ ଏ ଜିନିଷ ମିଳୁଛି ?"

"ନ ହେଲେ ମୁଁ ପାନ୍ତି କେମିତି ?"

"କିଏ ଆଣି ଦେଇଛି ?"

"ଅରୁଣା ।"

"ଆଇ ସୀ । ଆଚ୍ଛା ଚଳ ।"

ଶୋଇବା ଘରକୁ ଆସିଲେ ଦୁ ଜଣ । ଅତର ଶିଶି ପ୍ରସାଧନୀ ଟେବୁଲର ଡ୍ରୟାରରେ ରଖି ତାର ବଟୁଆ କାଢ଼ିଲ ମାନସୀ । ଆଲମାରୀ ଖୋଲି କିଛି ଟଙ୍କା ନେଇ ସ୍ୱାମୀ ସାଙ୍ଗରେ ଚାଲିଲୁ ଅସିଲ । ବାପା ଦାଣ୍ଡ ବାରନ୍ଦାରେ ବସି ଖବର କାଗଜ ପଢ଼ୁଥିଲେ । ଶଙ୍କର ଆଗେଇ ଯାଇ କହିଲ, "ଗୋଟାଏ ନିମନ୍ତ୍ରଣ ଅଛି । ମୁଁ ଟିକିଏ ବୁଲି ଆସୁଛି ।"

"ଯା । କେତେବେଳେ ଫେରିବୁ ?"

"ଆପଣ କୁଆଡ଼େ ବାହାରିବେ ?"

"ନା, ମୁଁ କୁଆଡ଼େ ଯିବନି । ବୋହୂକୁ ନେଇ ଯାଉଛୁ । ବେଶି ଡେରି କରିବୁନି ।"

ମାନସୀ ବୁଝିଲ, ତା ବାପସ୍ୱରେ ସମସ୍ତଙ୍କର ଗୋଟାଏ ସଚେତନ ଦତର୍କତା । ସେ ପିଲାର ମା । ପିଲାଙ୍କ ପାଇଁ ତାର ଘରେ ରହିବା ଦରକାର ।

ବଡ଼ ଗାଡ଼ିରେ ସ୍ତ୍ରୀକୁ ନେଇ ଶଙ୍କର ବାହାରିଗଲ । ବୁଲି ବୁଲି ଅନେକଗୁଡ଼ାଏ ମେଳା ଦେଖି ଯାଇ ପହଞ୍ଚିଲେ ସେମାନେ ସୁକିଆ ଷ୍ଟ୍ରୀଟ୍‌ରେ ଅରୁଣା ଘରେ ।

ଅରୁଣା ଏ ବର୍ଷ ପୂଜା କରୁଛି ନୂଆ କରି । ଗ୍ରେଟ ମେଢ଼ଟିଏ । ବେଶ୍ ସୁନ୍ଦର କରି ସଜା ହୋଇଛି । ଅରୁଣାର ବାବା ଗରଦର ଯୋଡ଼ ପିନ୍ଧି ପୌରୋହିତ୍ୟ କରୁଛନ୍ତି । ଅଳତି ଚାଲିଛି । ଗାଡ଼ିରୁ ଓହ୍ଲେଇ ଶଙ୍କର ଓ ମାନସୀ ଯାଇ ଠିଆ ହେଲେ । ଅରୁଣା ବ୍ୟସ୍ତ ଥିଲ ଭିତରେ । ରଞ୍ଜନ ଏମାନଙ୍କୁ ଦେଖି ଅରୁଣାକୁ ଖବର ଦେଲ । ଦଉଡ଼ି ବାହାରି ଆସିଲ ଅରୁଣା ।

Digitized by srujanika@gmail.com

"ଆସନ୍ତୁ, ଆସନ୍ତୁ । କି ସୌଭାଗ୍ୟ ! ମୁଁ ଭାବୁଥିଲି ..." ହସି ନମସ୍କାର କରି ଡାକି ନେଇଗଲା ସେ ଘର ଭିତରକୁ ।

"ତୁମେ ଭାବୁଥିଲ ଆସିବୁ ନାହିଁ, ନା କଣ ? ମାନସୀ ଥଟ୍ଟା କଲା ।

ବସିବା ପାଇଁ ଗୋଟାଏ ଘରେ ଗାଲିଚା ବିଛେଇଛୁ ଅରୁଣା । କେତେ ଜଣ ଭଦ୍ରବ୍ୟକ୍ତି ଓ ମହିଳା ବସିଛନ୍ତି । ଏମାନେ ଯାଇ ସେଠି ବସିଲେ । ପାନ ସିଗ୍ରେଟ ଯାଚିଲା ଅରୁଣା । ମାନସୀକୁ ଙ୍ଗେଇ ପାଇ ଖୋଇଲା । "ଆମେ ଗରିବ ଲୋକ । ମୁଁ ତ ରେଫିଉଜୀ" କୈଫିୟତ ଦେଲା ଅରୁଣା, "ବାବା କହନ୍ତି, ବହୁତ ଦୁଃଖ କଷ୍ଟ ପାଇ ଆମେ ବଞ୍ଚିଛୁ ଏଇ କେତେ ବର୍ଷ । ଆନନ୍ଦମୟୀ ଦୁର୍ଗାଙ୍କ ପୂଜା ଗଲା କେତେ ବର୍ଷ ହେଲା ହୋଇ ନ ଥିଲା ଆମ ଘରେ । ସେ ବ୍ୟବସ୍ଥା କଲେ ।" ରଞ୍ଜନକୁ ଅନେଇଲା ସେ । "ବାବାଙ୍କର କି ଉତ୍ସାହ ! କାଲି ରାତସାରା ଅନିଦ୍ରା ହୋଇ ଚଣ୍ଡୀପାଠ କରିଛନ୍ତି । ସହସ୍ର ନାମ ଜପିଛନ୍ତି । କାଲି ରାତରୁ ଅଷ୍ଟମୀ ପଡ଼ିଲାଣି ।"

ତା ପରେ ରଞ୍ଜନକୁ ପଚାରିଲା, "ତୁମର ଆୟୋଜନ କେତେ ଦୂର୍ ?"

"ସବୁ ରେଡ଼ି । ଆସନ୍ତୁ ସାର୍ ।" ଶଙ୍କରକୁ ଡ଼ାକିଲା ରଞ୍ଜନ । ଅତିଥିମାନେ ଉଠିଲେ । ଅରୁଣା ମାନସୀର ହାତ ଧରି ନେଇଗଲା ଆଉ ଗୋଟାଏ ଘରକୁ । ଟେବୁଲ ଚୌକି ପକେଇଛୁ । ଅତିଥିମାନେ ବସିଲେ । ମିଠା ଆଣି ଦେଲେ ଅରୁଣା ଆଉ ରଞ୍ଜନ, ସମସ୍ତଙ୍କୁ ।

ଖାଉଁ ଖାଉଁ ମାନସୀ ଓ ଶଙ୍କର ଶୁଣିଲେ କିଏ ଜଣେ ଭଦ୍ରମହିଳା ପଚାରୁଛନ୍ତି ଅରୁଣାକୁ, "ଏମାନେ କିଏ ?"

ଅରୁଣା କହିଲା, ତାର ବଡ ସାହେବ, ଡକ୍ଟର ଶତପଥୀ ଓ ତାଙ୍କ ସ୍ତ୍ରୀ ।

"ଶତପଥୀ । ଏମାନେ କଣ ବଙ୍ଗାଳୀ ?"

"ନା, ଓଡ଼ିଆ ।"

ବିଶ୍ୱାସ କଲେନି ଭଦ୍ରମହିଳା । କହିଲେ, "ଯାଃ ।"

"ହଁ । ତାଙ୍କ ଘର କଟକରେ ।"

ଭଦ୍ରମହିଳା ଅନେଇ ରହିଥାନ୍ତି ମାନସୀ ଓ ଶଙ୍କରକୁ । ଏମାନେ ଓଡ଼ିଆ ? ଏତେ ସୁନ୍ଦର ଓଡ଼ିଆ ଅଛନ୍ତି ? କଲିକତା ଅହଂକାର ନେଇ ସେ ଦେଖିଲେ ଏମାନଙ୍କୁ ।

Digitized by srujanika@gmail.com

ଖାଇସାରି ଉଠିଲେ ସମସ୍ତେ । ମାନସୀ ଯାଇ ଦେବୀଙ୍କୁ ପ୍ରଣାମ କଲା । ଅରୁଣାର ବାପା ଦେଖିଲେ, ଖଣ୍ଡେ ନୋଟ୍ ଥାଳିରେ ରଖିଲା ସେ । ଫୁଲ, ବେଲପତ୍ର ଦେଲେ ଅଧ୍ୟାପକ, ଆଶୀର୍ବାଦ କଲେ ଶଙ୍କର ଓ ମାନସୀକୁ । କହିଲେ, "ଏତେ ଟଙ୍କା ଦେଲେ ଯେ ମା ?"

ମାନସୀ କହିଲା, "ଦକ୍ଷିଣା ।" ଅରୁଣା ହସୁଥାଏ ।

ସେହି ଭଦ୍ରମହିଳା ଆଗେଇ ଆସି ମାନସୀ ପାଖରେ ଠିଆ ହେଲେ । ବଙ୍ଗଳାରେ କହିଲେ, "ନମସ୍କାର, ମୁଁ ଅଳକା ଭଟ୍ଟାଚାର୍ଯ୍ୟ । ଆପଣଙ୍କ ସାଙ୍ଗରେ ପରିଚିତ ହେବାକୁ ମନ କରୁଛି ।"

ଶଙ୍କର ଏଥର ଭଲ କରି ଦେଖିଲା ତାଙ୍କୁ । ବର୍ଷ ତ୍ରିଶ ହେବ, ବେଶ୍ ଫିଟ୍‌ଫାଟ୍ ଭଦ୍ରମହିଳା । ମୁଣ୍ଡରେ ସିନ୍ଦୂର ନାହିଁ । ହୁଏ କୁମାରୀ ନ ହେଲେ ବିଧବା ହୋଇଥିବେ ।

"ମୋର ପିସିମା" ଅରୁଣା କହିଲା । ପରିଚୟ ଦେଲା, କେଉଁ ଏକ ମହିଳା କଲେଜରେ ବଙ୍ଗଳା ସାହିତ୍ୟ ପଢ଼ାନ୍ତି ।

ଶଙ୍କରକୁ ନମସ୍କାର କଲେ ଅଳକା ଭଟ୍ଟାଚାର୍ଯ୍ୟ । ପ୍ରତିନମସ୍କାର କଲା ଶଙ୍କର । ବଙ୍ଗଳାରେ କହିଲା, "ଖୁସି ହେଲି ।"

"ଓ, ଆପଣ ବଙ୍ଗଳା ଜାଣନ୍ତି ?"

"ଅଳ୍ପ ଅଳ୍ପ । କାମ ଚଳେଇବା ମାନ । ଶିଖୁଛି ।" ଶଙ୍କରର ଉତ୍ତର ।

"ଆପଣମାନେ···?"

"ମୁଁ ଶଙ୍କର ଶତପଥୀ । ଏ ମୋର ସ୍ତ୍ରୀ ମାନସୀ ।"

"ଆପଣମାନେ ଓଡ଼ିଶାର ଅଧିବାସୀ ?"

"ଆଜ୍ଞା ହଁ । କଟକ ଜିଲ୍ଲାର ଗୋଟାଏ ଗାଁରେ ମୋ ଘର ।"

"ଓ, ଆଚ୍ଛା ।" ହସିଲେ ଭଦ୍ରମହିଳା । "ଆପଣଙ୍କ ସାଙ୍ଗରେ ପରିଚିତ ହେବାରୁ ଭାରି ଖୁସି ହେଲି ।"

ଶଙ୍କର ଯିବା ପୂର୍ବରୁ ଅରୁଣା, ରଞ୍ଜନ ଓ ଅରୁଣାର ବାବାଙ୍କୁ ନିମନ୍ତ୍ରଣ କଲା ଦଶହରା ଦିନକୁ । ଅଳକା ଭଟ୍ଟାଚାର୍ଯ୍ୟଙ୍କୁ ମଧ୍ୟ ଡାକିଲା, "ଆସିବେ, ଏମାନେ ତ ଆସୁଛନ୍ତି ।"

Digitized by srujanika@gmail.com

"ଆସିବ, ନିଶ୍ଚୟ ଆସିବ ।" ନିମନ୍ତ୍ରଣରେ ଖୁସି ହୋଇ କହିଲା ଅଳକା ଭଟ୍ଟାଚାର୍ଯ୍ୟ । ବିଦାୟ ନେଇ ଗାଡ଼ିରେ ବସିଲେ ସ୍ୱାମୀ ସ୍ତ୍ରୀ । ଅଳକା ବଡ଼ ବଡ଼ ଆଖି କରି ଅନେଇଥାଏ ଏମାନଙ୍କୁ ।

ଫେରିବା ପଥରେ ବଡ଼ବଜାର ଭିତର ଦେଇ କଲେଜ ଷ୍ଟ୍ରିଟ୍‌ରେ ପଶିଲା ଶଙ୍କର । କହିଲା, "ଆଜି ଆମ ଘରେ ପୂଜା, ମିଠା ନବନି ? ବୋଉ କଣ କହିବ ? ତୁମ ବାପା ବୋଉ କଣ ଭାବିବେ ? କୋଉଁଠି ଆମକୁ ଏମିତି ଗ୍ରେଟଲେକ ଯେ, ଏତେ ଦିନଟାରେ ମିଠା ଦ' ଟଙ୍କାର ବି ଆଣି ଦେଲା ନାହିଁ । ଏ ଅପବାଦରେ ମତେ ଭାଗୀ କରିବ କାହିଁକି ?"

ଲାଜ କର ହୋଇ ହସିଲା ମାନସୀ । ପଚାରିଲା, "ଆଉ କଏ କଣ କହିବେ ?"

"କହିବାକୁ କଣ ଲୋକ ନାହାନ୍ତି ?" ଗମ୍ଭୀର ହୋଇ କହୁଥାଏ ଶଙ୍କର, "ଏଇ ଧର ମେମ୍ ସାହେବ ନିଜେ ବି କହିବେ, ଲୋକଟା ଭାରି କୃପଣ । ପୂଜା କଲେ କାଳେ ଖର୍ଚ୍ଚ ହବ ବୋଲି ମୋତେ ଓପାସ କରିବାକୁ ଦେଲାନି ।"

ହସି ହସି ଗଦରେ ଆଉଜି ପଡ଼ିଲା ମାନସୀ ।

ଗୋଟାଏ ନାମଜାଦା ମିଷ୍ଟାନ୍ନ ଦୋକାନ ଆଗରେ ଗାଡ଼ି ଠିଆ କଲା ଶଙ୍କର । ଦୁଇ ଜଣ ଓହ୍ଲାଇ ଦୋକାନରେ ପଶିଲେ । ଏମାନଙ୍କୁ ଦେଖି ଦୋକାନୀ ଉଠି ଆସି କହିଲା, "ଆସନ୍ତୁ ।"

ଶଙ୍କର କହିଲା, "ମିଠା କିଣିବାକୁ ଆସିଛୁ ।"

"ଆସନ୍ତୁ । ଦେଖନ୍ତୁ କଣ ନେବେ ।"

କଲିକତା ମିଠାର ନାନା ପ୍ରକାରଭେଦ ଦେଖିଲା ମାନସୀ । ମିଠା ଚଖେଇଲା ଦୋକାନୀ ।

ଶଙ୍କର କହିଲା, "କଣ ନବ ବାଛିଲ କର ।"

"ତୁମେ କର । ମୁଁ ଜାଣେନି କଣ ଦାମ୍ ।"

"ଦାମ୍ ଯା ହଉ, ଆଗ ବାଛ କାହାକୁ ନବ ?"

କେବଳ ଛେନା ଓ ଖୁଆର ଜଳଖିଆରୁ ଗୋଟାଏ କିଲୋଗ୍ରାମ୍ କରି ଦବାକୁ କହିଲା ମାନସୀ । ଦଶ ବରାଦ କଲା ।

ମିଷ୍ଟାନ୍ନ ଓଜନ କରି ବାକ୍ସରେ ଓ ହାଣ୍ଡିରେ ବାନ୍ଧଦେଲା ଦୋକାନୀ । ଦୋକାନର କର୍ମଚାରୀ ଆଣି ଗାଡ଼ିରେ ରଖିଦେଇ ଗଲା । ଦାମ୍ ଦବାକୁ ଯାଇ ମାନସୀ ଦେଖିଲା, ଗୋଟାଏ ନୋଟ୍ ଅଣ୍ଟିଲାନି ।

Digitized by srujanika@gmail.com

ଗାଡ଼ିରେ ବସି ପଚାରିଲା, "ଏତେ ଦାମ୍ ଏଗୁଡ଼ା ?"

"ବେଶି କଣ ? ଭଲ ଜିନିଷର ଦାମ୍ ବେଶି ହବ ତ !"

ଧୂପବାସୀ ସମୃଦ୍ଧଣୀଦ୍ରସ୍ତ ଏ ଆୟୋଜନ ଦେଖି ଗାଲରେ ହାତ ଦେଲେ ।

ଏକୋଇଶ

ଶଙ୍କର ବୁଲୁଛି ସାରା ଭାରତବର୍ଷ । ବ୍ୟବସାୟ ବଢ଼ିଛି ଏବଂ ବଢ଼ୁଛି । ବାଙ୍ଗାଲୋରରେ ଗୋଟାଏ 'ଇଲେକ୍‌ଟ୍ରୋଡ଼୍'ର କାରଖାନା ବସୁଛି । ଅନ୍ୟ କାରଖାନା ପାଇଁ ଯୁଦ୍ଧ ଚାଲିଛି । ଶଙ୍କର ମଧ୍ୟ ସମସ୍ତ ନେଉଛି । ନିଜସ୍ୱ ଫର୍ମକୁ ଟଠି ଦେଇଛି, ଜଣେ ଡ଼ିରେକ୍ଟରର ପଠାଅ, ଦେଖିଯାଉ ବ୍ୟବସ୍ଥା ।

ଜାନୁଆରୀ ଦୁଇ ତାରିଖ ଦିନ ଶଙ୍କର ଫେରିଲା ଦିଲ୍ଲୀରୁ ଏଗାର ଦିନ ପରେ । ପ୍ଲେନ୍‌ରୁ ଓହ୍ଲାଇ ଅନୁଭବ କଲା ଦୁଇ ସହରର ପାର୍ଥକ୍ୟ । କଲିକତାର ଶୀତ ବେଶ ଭଦ୍ରଲୋକ । ଦିଲ୍ଲୀ ପରି ହାଡ଼ କମ୍ପାଏ ନାହିଁ । ଘରକୁ ଫେରି ଆଗ ବାପାଙ୍କ ପାଖକୁ ଗଲା । ବୋଉ ପାଖରୁ ଶୁଣିଲା, ବାପାଙ୍କର ନିଦ ଭଲ ହଉନି । ଖାଇବା ମଧ୍ୟ କମିଛି ।

ବୋଉ ସାଙ୍ଗରେ ଉପରକୁ ଉଠିଲା ସେ । ଲଉଞ୍ଜ ଖାଲି । ଶୋଇବା ଘରେ ପିଲାଏ ଖେଳୁଛନ୍ତି । ଝିଅଟା ଘୁସୁରି ଘୁସୁରି ଚାଲିଯାଉଛି । ପୁଅ ଓଲଟୁଛି । ମାନସୀ ଖଟ ପାଖରେ ଠିଆ ହୋଇଛି । ଶଙ୍କର ଅନେଇଲା ତାକୁ । ଆହୁରି ସୁନ୍ଦର ଦିଶୁଛି ତା ସ୍ତ୍ରୀ । ଆଖିଗୁଡ଼ା ସନ୍ତାନ ସ୍ନେହରେ ଢଳ ଢଳ କରୁଛି । ବୋଉ ବିଛଣା ଉପରେ ନଇଁପଡ଼ି ପିଲା ଦି'ଟାକୁ ଉଠେଇ ଆଣିଲେ ଛାତି ଉପରକୁ, "ମୁଁ ନେଇଯାଏଁ ଏ ଦି'ଟାଙ୍କୁ ତଳକୁ । ତୋ ବାପା ଖୋଜୁଥିଲେ ।" ଧାଈ ଚାଲିଲା ତାଙ୍କ ପଛେ ପଛେ । ଏତେ ଦିନ ପରେ ପୁଅ ଫେରିଛି ଘରକୁ । ଗାଧୋଉ, ଖାଉ, ବୋହୂ ସାଙ୍ଗରେ ଗପ କରୁ । ପିଲାଗୁଡ଼ା ଗୋଳମାଳ କରିବେ ।

ଟୋପି ଓ କୋଟ୍ ଧରେଇ ଦେଲା ଶଙ୍କର ସ୍ତ୍ରୀକୁ, "ଜଲଦି ବରାଦ କର କଫି ।"

ସେ ବସିଲା ଡ଼ିଭାନରେ । ମାନସୀ ଘଣ୍ଟି ଦେଲା । ନନ୍ଦ ପାଖରେ ଥିଲା । ଦଉଡ଼ି ଆସି ଜୋତା ଖୋଲି ଦେଲା । ତା ପରେ ଚାଲିଗଲା କଫି ପାଇଁ । ବନ୍ଧବାସ ଖୋଲିଦେଇ ଗାଉନ୍ ପିନ୍ଧିଲା ଶଙ୍କର । ଗୋଟାଏ ସିଗ୍ରେଟ୍ ଲଗେଇ ପଚାରିଲା, "ଆଜି କଣ ଖବର ମେମ୍ ସାହେବଙ୍କର ?"

Digitized by srujanika@gmail.com

"ଭଲ ।" ହସି କହିଲା ମାନସୀ । "ଗାଈ ଆଉ ବେଶି ଦୁଧ ଦଉନି । ଦୁଇ ଲିଟରକୁ କମିଗଲାଣି ।"

"ହୁଁ, ଏଟା ଦୁଃସମ୍ବାଦ । ଦୁଧର କଣ ବ୍ୟବସ୍ଥା କରିଛ ?"

"ନାରଣ କରିଛି । ଗୋଟାଏ ଗୋଆଳା ଆସି ଦୁଧ ଦୁହିଁ ଦେଇ ଯାଉଛି ସକାଳୁ ଆଉ ଉପରଓଳି । ପାଞ୍ଚ ଲିଟର ନେଉଛି, ବାପା, ବୋଉ, ଅଧେ ଘର ଖରଚ ପାଇଁ । ଆମ ଗାଈ ଦୁଧ ପିଲା ଖାଉଛନ୍ତି ।"

"ଗୁଡ୍, ଭେରି ଗୁଡ୍ । ତା ପରେ ?"

"ବାପା ଖାଇବା କମେଇଛନ୍ତି ।"

"କାହିଁକି ?"

"ଭଲ ହଜମ ହଉନି ବୋଲି କହୁଛନ୍ତି ।"

"ଡାକ୍ତରଙ୍କୁ ବୁଝିଥିଲ ?"

"ହଁ । ସେ ଆସି ଦେଖି ଔଷଧ ଦେଇ ଯାଇଛନ୍ତି ।"

"ହୁଁ, ତା ପରେ ?"

"ପିଲାମାନେ ଟୀକା ନେଇ ସାରିଛନ୍ତି । ପୂଜାଙ୍କର ପେଟ ଦିନେ ଗୋଳମାଳ ହୋଇଥିଲା । ବୋଉ ଅଳୋଇ ଦୋଉ ଖୋଇଦେଲେ । ଭଲ ହୋଇଗଲା ।"

ହସିଲା ଶଙ୍କର । ଅଳେଇ ! ଗାଁରେ ପ୍ରତି ମାତାର ଫାଷ୍ଟଏଡ୍ ବାକ୍ସ ଥିଲା ଏଇ ଅଳେଇ ପେଡ଼ି ।

"ଆଉ ତୁମେ, ତୁମେ କେମିତି ଅଛ ?" ପଚାରିଲା ସେ ସ୍ତ୍ରୀକୁ ।

"ମୁଁ ଭଲ ଅଛି । ମୋଟା ହଉଛି ।" ହସି କହିଲା ମାନସୀ ।

ଅନେଇଲା ତାକୁ ଶଙ୍କର, "ହୁଅ ଟିକିଏ ମୋଟା । ତୁମେ ମା । ସ୍ତନରୁ ରକ୍ତ ଦେଇ ବଞ୍ଚଉଛ ଦି'ଟା ମଣିଷଙ୍କୁ । ଯଥେଷ୍ଟ ଥିଲେ ଯିନା ହବ ? ଆଗ ତୁମେ । ତୁମେ ନଥିଲେ କିଛି ନାହିଁ ।"

କଫି ଆସିଗଲା । ଖାଇନେଇ ସେ ଚାଲିଗଲା ସ୍ନାନାଗାରକୁ ।

ଦେହ ମନରେ ସଦ୍ୟସ୍ନାନର ପରିଚ୍ଛନ୍ନତା ନେଇ ଆସି ଠିଆ ହେଲା ଶଙ୍କର । ମାନସୀ ବଢ଼େଇ ଦେଲା ପୋଷାକ । ପିନ୍ଧିନେଇ ସେ ଫୋନ୍ କଲା ଅଫିସକୁ, "ମୁଁ ଶଙ୍କର କହୁଛି କେଶ । ଏଇ ଏଗାରଟା ବେଳେ ଆସି ପହଞ୍ଚିଲି । ହଁ, ପ୍ଲେନ୍ ଲେଟ୍ ଥିଲା । ଦିଲ୍ଲୀରେ ସକାଳୁ ଭରା କୁହୁଡ଼ି । ଶୁଣ,

Digitized by srujanika@gmail.com

ମୁଁ ଲଞ୍ଚ୍ ପରେ ଅଫିସ ଯିବି । ଆଉ ଗାରନେଟ୍ କେମିତି ଅଛି ? ମୋତେ ଖାଇବାକୁ ଡାକିବ ? ଗୁଡ୍, ଭେରି ଗୁଡ୍ । ଆଚ୍ଛା, ସୋ ଲଙ୍ଗ୍ ।”

ଶୋଇବା ଘରକୁ ଫେରିଲା ଶଙ୍କର । ସ୍ତ୍ରୀ ପାଖରେ ଆସି ଠିଆ ହେଲା । ପକେଟରୁ ବାହାର କଲା ଗୋଟାଏ ଛୋଟ୍ଟ ବାକ୍ସ । ନୂଆ ବର୍ଷରେ ଉପହାର ଆଣିଛି ସେ ମାନସୀ ପାଇଁ । ବାକ୍ସ ଖୋଲି ବାହାର କଲା ଦି'ଟା କାନଫୁଲ । ଅଲଭ୍ ପଥରେ ଖଞ୍ଜା ହୋଇଛି ହୀରା ଚାରି ଧାରରେ ଚକଟା କରି ।

“ସେ କାନଫୁଲଗୁଡ଼ା ଖୋଲ । ଏଇକୁ ପିନ୍ଧ । ମୁଁ ଦେଖିସାରେଁ ଯିବ ।”

ମନେ ମନେ ହର୍ଷିତ ହେଲା ମାନସୀ । ମୁହଁରେ କହିଲା, “କଣ ହବ ? ଅଠ ଦଶ ଯୋଡ଼ା ହେଲାଣି । କାହିଁକି କିଣିଲ ?”

ଅପ୍ରହୃଷ୍ଟ ଶଙ୍କର ଜବାବ ଦେଲା ନାହିଁ ।

ତା ମୁହଁକୁ ଅନେଇ, ତରତର କରି ପିନ୍ଧିଥିବା ଫୁଲକୁ ଖୋଲି ନୂଆ ଫୁଲ ପିନ୍ଧିଲା ମାନସୀ । ତାକୁ ଧରି ନେଇଗଲା ଶଙ୍କର ପ୍ରସାଧନୀ ଟେବୁଲ ପାଖକୁ । ଦର୍ପଣ ଆଗରେ ଠିଆ କରେଇ ଆଗକୁ ଯାଇ ଦେଖିଲା ସେ ସ୍ତ୍ରୀକୁ । ମାନସୀକୁ ଲଜ୍ଜା ମାଡ଼ିଲା । ସେ କାନି ଟାଣି ଆଣି ମୁହଁ ଢାଙ୍କିଲା ।

“ସେ କଣ ?” ଶଙ୍କର ଟାଣି ଖସେଇ ଦେଲା ଲୁଗା ତା ମୁହଁରୁ । “ଦେଖ, ମଣିଷର ହୃଦୟରେ ଭଲ ପାଇବା ପାଇଁ ଜାଗା ଅଳ୍ପ । ସେଠି ଜୋର ଜବରଦସ୍ତି ଚଳେ ନାହିଁ । ତୁମକୁ ମୁଁ ଭଲ ପାଏଁ ମାନସୀ । ଭଲ ପାଇବା ମାନେ ଦବା । ଜାଣ ତ ? ସେ ଦାନ ଗୃହୀତ ହେଲେ ମନ ଖୁସି ହୁଏ । ପ୍ରତିଦାନ ମିଳେ ।”

ମାନସୀ ମୁରୁକି ମୁରୁକି ହସିଲା ତା କଥାରେ ।

ଠିକଣା ବେଳକୁ ଅଫିସରେ ପହଞ୍ଚିଲା ଶଙ୍କର । ଆଗ କେବୁଲଗୁଡ଼ା ଦେଖିଗଲା । ହେଡ୍ ଅଫିସ ଡିରେକ୍ଟର ପଠଉଛନ୍ତି । ରାଲଫ୍ ହଡସନ୍ ସସ୍ତ୍ରୀକ ଆସୁଛନ୍ତି ବାର ତାରିଖ ଦିନ । ପନ୍ଦର ଦିନର ପ୍ରୋଗ୍ରାମ କରିଛି ସେ । ଗୋଟା ଭାରତବର୍ଷ ବୁଲି ଦେଖିବେ ସେମାନେ । ଶଙ୍କର ଯେମିତି ତା ପାଇଁ ଠିକାର ବ୍ୟବସ୍ଥା କରେ ।

ଆରେ ! ରାଲଫ୍ ଏଥି ଭିତରେ ଡିରେକ୍ଟର ହୋଇ ଯାଇଛି । ତା ପରେ ବଡ଼ ଖବର ହେଉଛି, ସେ ବାହା ହୋଇଛି । କାହିଁ, ତାକୁ ତ କିଛି ଖବର ଦେଇନି ସେ ? ଆସିଛି ତ, ଦେଖାଯାଉ ।

ନାନା ଝଞ୍ଝଟରେ ବୁଡ଼ିଗଲା ଶଙ୍କର । ଚିଫ୍ ଏକାଉଣ୍ଟେଣ୍ଟକୁ ଡାକି ପଠେଇଲା ସେ । ଇଣ୍ଡିଅନ୍ କେମିକେଲ୍ସର ଏ ଦେଶରେ ବ୍ୟବସାୟ

Digitized by srujanika@gmail.com

ବର୍ଷେ ହୋଇଗଲା । ଆସ୍ଥାରଙ୍କୁ ପଚାରିଲା, ବାର୍ଷିକ ହିସାବ କେତେଦୂର ହେଲା ? ଲଭକ୍ଷତିର ପରିମାଣ କେତେ ? ଅସ୍ଥାର କହିଲା, ହିସାବ ସବୁ ନାହିଁ, ଅଳ୍ପ ଦିନ ଖୁବ ଦିନ ଲାଗିବ । ଅଡ଼ିଟରମାନଙ୍କ ସପ୍ତାହକ ପରେ ଆସିବାକୁ ସେ ଜଣେଇ ଦେଇଛୁ । ପକେଟରୁ ଖଣ୍ଡେ ସ୍ଲିପ କାଢ଼ିଲା ଅସ୍ଥାର । ମୋଟା ମୋଟି ଲଭ କଣ ହବ ତାର ହିସାବ ହୋଇଛି ସେଥିରେ । ଶଙ୍କର ଦେଖି ଖୁସି ହୋଇଗଲା । ସେ ଅଳ୍ପ କମ୍ ହବ ବୋଲି ଭାବିଥିଲା । ହସି ଅନେଇଲା ସେ ଆସ୍ଥାରଙ୍କୁ, "ଗୁଡ୍, ଭେରି ଗୁଡ୍ ।"

ଲେଇ ଷ୍ଟୁଆର୍ଟ ଆସିଲା । ରାଲଫ୍‌ର କେବ୍‌ଲ ପାଇ, ସେ ସେମାନଙ୍କ ରହିବା ପାଇଁ ଗୋଟାଏ ସୁଇଟ୍ ବ୍ୟବସ୍ଥା କରିଛି ଏକ ପ୍ରସିଦ୍ଧ ହୋଟେଲରେ । ସେ କଥା ଜଣେଇ ସେ ଉତ୍ତର ଦେଇଛି ରାଲଫ୍ ପାଖକୁ । ବାକି ପ୍ରୋଗ୍ରାମ୍ ଶଙ୍କର ଫେରିଲେ ଠିକ୍ ହବ ବୋଲି ଜଣେଇ ଦେଇଛି । ଗପ କରୁ କରୁ ଗାରନେଟ୍‌ର କଥା ମଧ୍ୟ ଆସିଲା । ସେ ଗୋଟାଏ ଘରୁଆ ଭୋଜିର ବ୍ୟବସ୍ଥା କରୁଛି ଶୀଘ୍ର । ଉପଲକ୍ଷ—ସେମାନଙ୍କ ବିବାହର ବର୍ଷ-ପୂର୍ତ୍ତି ଉତ୍ସବ ।

"କାହାକୁ କାହାକୁ ଡାକୁଛି ?" ପଚାରିଲା ଶଙ୍କର ।

"ବେଶି ନୁହେଁ, ତୁମେ ଦୁଇ ଜଣ । କନ୍‌ସୁଲେଟର ଡ଼ଗଲାସ୍ ଫ୍ରିମେନ୍ ଓ ତା ସ୍ତ୍ରୀ । ନେଶନାଲ ସିଟି ବେଙ୍କର ମେନେଜର ହେରଲ୍ଡ ମେସ୍ଥାର ଓ ତା ସ୍ତ୍ରୀ । ବାସ୍ ଏତିକି । ଘରୁଆ ଭୋଜି ।" ହସିଲା ଲେଇ ।

"ରାଲଫ୍‌ର ସ୍ତ୍ରୀ ବିଷୟରେ ତୁମେ କିଛି ଜାଣ ଲେଇ ? ହଠାତ୍ ସେ କେବେ ବାହା ହୋଇପଡ଼ିଲା, ମୁଁ ଜାଣିପାରିଲିନି ।"

"ମୁଁ ବି ଜାଣେନି । ରାଲଫ୍ ହାଡ଼ସନ୍ ତ ବହୁବର୍ଷ ନିଉୟର୍କରେ । ମୁଁ ତାକୁ ଦେଖିନି କେବେ ।"

କାମ ସାରି ଚାଲିଗଲା ଲେଇ । ତା ସେକ୍ରେଟେରୀଙ୍କୁ ଡ଼ାକିଲା ଶଙ୍କର । ଭୁବନେଶ୍ୱରକୁ ଚିଠି ଦେଲା ସେ ଜଣେ ବନ୍ଧୁ ପାଖକୁ, ଶିକାର ବ୍ୟବସ୍ଥା ବିଷୟରେ । ଭୁବନେଶ୍ୱରରେ ନେଇ କୁଟିଠି ରଖିବ ସେ ରାଲଫ୍ ଓ ତା ସ୍ତ୍ରୀକୁ । ନା, ସେମାନଙ୍କୁ ସିଧା ନେଇଯିବ । ରେଲୱେ ହୋଟେଲକୁ ଚିଠି ଦେଲା ଗୋଟାଏ ଭଲ ସୁଇଟ୍ ପାଇଁ । ଜଣେ କର୍ମଚାରୀଙ୍କୁ ଚିଠି ଓ ଟଙ୍କା ଦେଇ ପଠେଇଦେଲା ଓଡ଼ିଶାକୁ ।

ମାନସୀ ଫୋନ କଲା, "ସାଢ଼େ ଛ'ଟା ବାଜିଲାଣି । ଆସିବାକୁ କେତେ ଡେରି ହବ ?"

"ଏଇ ସେ ସରିଗଲା ଡ଼ାର୍ଲିଂ । ଦଶ ମିନିଟ ଭିତରେ ବାହାରୁଛି ।"

Digitized by srujanika@gmail.com

ମାନସୀ ହସିଲ 'ଡ଼ାର୍ଲିଂ' ଡାକରେ । ବୁଝିଲ ସ୍ୱାମୀ ଖୁସମେଜାଜରେ ଅଛି ।

ଗାଡ଼ିରେ ଆପୁ ଆପୁ ହିସାବ କଲ ଶଙ୍କର ମନେ ମନେ । ଲଭ ଯାହା ହୋଇଛି, ଭଲ ବୋନସ ପାଇବେ ତା କର୍ମଚାରୀମାନେ । ସେ ମଧ୍ୟ ପାଇବ । ଘରକୁ ଫେରିଲ ହସ ହସ ମୁହଁରେ । ମାନସୀ ତାକୁ ଦେଖି ବୁଝିଲ, ନିଶ୍ଚୟ କିଛି ଭଲ ଖବର ଅଛି । ସ୍ୱାମୀ ତାର ଉତ୍ଫୁଲ୍ଲ । ଶୋଇବା ଘରକୁ ପଶିଲ ଶଙ୍କର । ପୋଷାକ ବଦଳେଇ କଫି ଖାଉଥିଲ ବେଳେ ମାନସୀକୁ କହିଲ ଖବରଟା । ତା କମ୍ପାନୀର ଜଣେ ଡ଼ିରେକ୍ଟର ସସ୍ତ୍ରୀକ ଆସୁଛନ୍ତି କଲିକତା । ସେମାନଙ୍କର ରହିବା ପାଇଁ ହୋଟେଲରେ ବ୍ୟବସ୍ଥା ହୋଇଛି । ରାଲଫ୍ ହାଡ଼ସନ୍ କିନ୍ତୁ ତାର ଅନ୍ତରଙ୍ଗ ବନ୍ଧୁ । ଏକା ସାଙ୍ଗରେ କାମ କରୁଥିଲେ ନିଉୟର୍କରେ । ସେମାନଙ୍କୁ ସେ ଘରକୁ ଡ଼ାକିବ । ଦିନେ ଦୁଇ ଦିନ ହୁଏତ ରହିବେ ସେମାନେ । ସେ ପାଇଁ ଶୋଇବା ଘର ଦି'ଟା ସଜେଇ ଦେବା ଦରକାର । ସେମାନଙ୍କ ପାଇଁ ନୂଆ ଖାନସାମା ସେ ଆଣିବ । ବାବୁର୍ଚ୍ଚି ସବୁ ରକମ ରାନ୍ଧି ଜାଣେ, ଅସୁବିଧା ହବନି । ମାନସୀ କିନ୍ତୁ ସେମାନଙ୍କର ପରିଚର୍ଯ୍ୟାର ଦାୟିତ୍ୱ ନବ । କୌଣସି ତ୍ରୁଟି ଯେମିତି ନ ହୁଏ । ମାର୍କିନ୍ ଦମ୍ପତି । ଖୁବ୍ ବଡ଼ଲୋକ ସେମାନେ । ରାଲଫ୍ କିନ୍ତୁ ସାଦାସିଧା ମଣିଷ । ତା ସ୍ତ୍ରୀ କଥା ଅବଶ୍ୟ ଶଙ୍କର ଜାଣେନି ।

"ସେମାନଙ୍କ ଖିଆପିଆ ?" ମାନସୀ ପଚାରିଲ, ଆମ ଖାଦ୍ୟ କଣ ସେମାନେ ଖାଇବେ ?"

"ନା, ସେମାନଙ୍କ ଖାଇବା ଭଲ ରାନ୍ଧିବାକୁ ହବ । ସେ କଥା ବାବୁର୍ଚ୍ଚି ସାଙ୍ଗରେ ଠିକ କରିବାକୁ ହବ ।"

"ଏଣୁ ତେଣୁ ଖାଇବା ଜିନିଷ ଆଣିବନି ତ ? ବାପା ବୋଉ ଅଛନ୍ତି । ଠାକୁର ଅଛନ୍ତି ଘରେ ।"

ହସିଲ ଶଙ୍କର । ସ୍ତ୍ରୀକୁ ଟାଣି ଆଣିଲ ପାଖକୁ । "ତୁମର ଡ଼ରିବାର କିଛି ନାହିଁ । ଆମେ ଯାହା ଖାଉଁ, ତାକୁଇ ଦେବା । ଖାଲି ସେମାନଙ୍କ ଖାଇବା ଭଲ ସଜେଇ ଦେବାକୁ ହବ । ହେଲ ?"

ତା ଦେହରେ ସେମିତି ଆଉଜି ମାନସୀ କହିଲ "ମୋତେ କଣ କରିବାକୁ ହବ, କହିଦବ ।"

"ହଁ ମ । କିଛି ଅସୁବିଧା ହବନି । ଆଉ ଶୁଣ, ରବିବାର ଦିନ, ଗାରନେଟ ଗୋଟାଏ ଭୋଜି ଦେଉଛି । ତା ବାହାଘରର ତିନି ବର୍ଷ ପୂରିଗଲ ସେଇ ଉପଲକ୍ଷରେ । ତୁମକୁ ଡାକିବ ।"

Digitized by srujanika@gmail.com

"ତୁମେ ଗଲେ ମୁଁ ଯିବ ।" ହସି କହିଲା ମାନସୀ ।

"ଖିଆପିଆ ତ ଅଛି । ନାଚ ଗୀତର ବ୍ୟବସ୍ଥା କରୁଛି ବୋଲି ଶୁଣିଲି ।"

"ନାଚ ଗୀତ ମୋତେ ତ ଆସେନା ।"

"ଶିଖିବ ।"

"ତା ନୁହେଁ କଣ ? ପିଲାଙ୍କୁ ଏଠି ଛାଡ଼ିଦେଇ ମୁଁ ଯାଇ ନାଚିବି ସେଠି ଅଣ୍ଡିରିଚଣ୍ଡୀଙ୍କ ସାଙ୍ଗରେ । ଛି ।"

ହୋ ହୋ ହୋଇ ହସିଲା ଶଙ୍କର । ଉଠିଯାଇ କବାଟ କିଳିଦେଲା । ତା ପରେ ରେଡ଼ିଓଗ୍ରାମ୍‌ରେ ଗୋଟାଏ ରେକର୍ଡ଼ ଦେଲା । ବାଜିଉଠିଲା ବାଦ୍ୟ । ସ୍ତ୍ରୀକୁ ଟାଣି ଠିଆ କରି, ଡାହାଣ ହାତରେ ତାର ଗୋଟାଏ ହାତ ଟେକି ଧଇଲା ଶଙ୍କର । ବାଁ ହାତରେ ତାର କଟିବେଷ୍ଟନ କରି ଧୀରେ ଧୀରେ ତାକୁ ଧରି ନାଚିଲା । ମାନସୀ ହସି ହସି ଅଥୟ । ତଥାପି ସେ ବାଧା ଦେଲା ନାହିଁ । ଶଙ୍କରର ମନ ଆଜି କାହିଁକି ଭାରି ଖୁସି । ତାକୁ ସେ ନିରାଶ କରିବ ନାହିଁ ।

"ଦେଖ", ଶଙ୍କର କହିଲା, "ନାଚଟା ଗୋଟାଏ ଉଚ୍ଚକୋଟୀର କଳା ।"

"କଳା କି ଗୋରା ମୁଁ ଜାଣେନା । ମୋତେ ଆସେନା ।"

"ଶିଖ । ଶିଖିବାକୁ ଆପତ୍ତି କାହିଁକି ?"

"ହଁ, ଦି'ଟା ପିଲାର ମା ମୁଁ । ଯାଇ ନାଚିବି ଏ ବୁଢ଼ା ବୟସରେ ।"

"ବୁଢ଼ା ବୟସ !" ହସିଲା ପୁଣି ଶଙ୍କର ଘର କମ୍ପେଇ । "ଓ ସବ୍ ନେହିଁ ହୋଗା । ନାଚନା ? ଦେଖିବ ଭାରି ସହଜ ଏ ନାଚ । ଧର ମୋତେ, ହଁ, ସେମିତ କଡ଼େଇକି ଠିଆ ହୁଅ । ବାସ୍ ରେଡ଼ି, ଓ୍ୱାନ୍, ଟୁ, ଥ୍ରୀ ।" ଟାଣି ନେଇଗଲା ତାକୁ ଶଙ୍କର ପଲଙ୍କ କଡ଼ ଦେଇ ଧୀରେ ଧୀରେ । ମାନସୀ ହସୁଥାଏ ।

"ସାତ ଦିନ ଭିତରେ ତୁମକୁ ମୁଁ ନାଚ ଶିଖେଇ ଦେବି ।" କହିଲା ଶଙ୍କର ।

"ଧନ୍ୟବାଦ ।" ହସିଲା ମାନସୀ, "କିନ୍ତୁ ନାଚିବି କେତେବେଳେ ? ପିଲାଙ୍କୁ ଦେଖିବ କିଏ ମୁଁ ନାଚିବାକୁ ଗଲେ ?"

"ତାର ବ୍ୟବସ୍ଥା ହେବ ।" ତୁମେ ମୋ ପାଖରେ ଥିଲେ ଅସାଧ୍ୟ ସାଧନ କରିବି ମୁଁ ।" ସ୍ତ୍ରୀର ମୁହଁ ଚୁମ୍ବନ କଲା ସେ ।

Digitized by srujanika@gmail.com

ବାଇଶ

ଗାରନେଟ୍‌ର ଉନାର ଆଠଟା ବେଳକୁ । ସାତଟା ବାଜିଗଲା, ମାନସୀର ଦେଖା ନାହିଁ । ଉପର ଘରଗୁଡ଼ା ଖୋଜି ଚାଲିଆସିଲା ଶଙ୍କର । ବୋଉ ପାଖରେ ଶୋଇ ପିଲା ଦ'ଟା ଖେଳୁଛନ୍ତି । ମାନସୀ ବୋଉର ଗୋଡ଼ ମୋଡ଼ି ଦେଉଛି ।

ଶଙ୍କର ଗୋଟାଏ ଚୌକି ଟାଣି ଆଣି ବୋଉ ପାଖରେ ବସିଲା । ବାପା ଯାଇଛନ୍ତି ଦକ୍ଷିଣେଶ୍ୱର । କଣ ଗୋଟାଏ ସଭା ହେଉଛି ସେଠି । ବାପାଙ୍କୁ ନିମନ୍ତ୍ରଣ କରାଯାଇଛି । ସେ କାଲି ଫେରିବେ ।

ପିଲାଙ୍କ ସାଙ୍ଗରେ ଖେଳୁ ଖେଳୁ ମାନସୀକୁ ପଚାରିଲା ଶଙ୍କର, "ଯିବ ଯେ ? ଆଠଟା ବେଳକୁ ଡ଼ାକିଛି । ସାତଟା ବାଜିଲାଣି ।"

"ମୁଁ ଯିବିନି, ତୁମେ ଯାଅ ।"

"କୁଆଡ଼େ ଯିବୁ କି ବୁଢ଼ା ?"

"ଉନାର ଅଛି ବୋଉ ।"

"ବୋହୂ ବି ଯିବ ?"

"ହଁ ।"

ତା ହେଲେ ଯା ମା, ଲୁଗାପଟା ପିନ୍ଧି ନେ । ଥାଉ, ମୋ ଗୋଡ଼ ମୋଡ଼ିବା ଦରକାର ନାହିଁ ।" ସେ ଉଠି ବସିଲେ । "ଯା, ପିଲାକୁ ଖୋଇ ଦେଇ ତୁ ଯା ।" ଧାଈକୁ ଡାକିଲେ ସେ ।

ଶଙ୍କର ପିଲା ଦ'ଜଣଙ୍କୁ ଟେକିନେଲା । ଧାଈ ଆସି ତାଙ୍କ ଲୁଗାପଟା ଗୁଡ଼େଇ ନେଇଗଲା । ପିଲାଙ୍କୁ ସେମିତି ଧରି ସିଡ଼ି ଚଢ଼ିଲା ଶଙ୍କର । ମାନସୀ ପଛେ ପଛେ ଆସୁଥିଲା, କହିଲା, "ଗୋଟାଏ ପିଲାକୁ ମୋତେ ଦିଅ ।" ହାତ ବଢ଼େଇଲା ସେ । ପୁଅଟା ଡେଇଁପଡ଼ିଲା ତା ପାଖକୁ ।

ବିଛଣାକୁ ଆସି ଆଗ ପିଲାଙ୍କୁ ସ୍ତନ୍ୟଦାନ କଲା ମାନସୀ । ଶଙ୍କର ଶୋଇ ଶୋଇ ଦେଖୁଥାଏ ତାକୁ ।

"ମୋର କିନ୍ତୁ ଯିବାକୁ ମୋଟେ ଇଚ୍ଛା ନାହିଁ" ମାନସୀ କହିଲା ।

"କାହିଁକି ?"

"କେମିତି ଅସ୍ୱସ୍ତି ଲାଗେ ମୋତେ ସେମାନଙ୍କ ଢଙ୍ଗ ଦେଖି ।"

"ସେମାନେ ମାର୍କିନ୍ । ତାଙ୍କ ଢଙ୍ଗ ଭିନ୍ନ ପ୍ରକାର ହବ ତ ।"

Digitized by srujanika@gmail.com

"ବଡ଼ ବେହିସାବୀ ଗାରନେଟ୍ ।" ହସିଲା ମାନସୀ । ପିଲାଟା ଶୋଇ ପଡ଼ୁଛି ତା କୋଳରେ ।

"କାହିଁକି, କଣ କଲା ସେ ?"

ମାନସୀ ପୁଣି ହସିଲା । କହିଲା, "ମୁଁ କହିପାରିବିନି ସେ କଥା ।"

"କହୁଛରେ ବାବା ! ମୋତେ ଲୁଚେଇଲା ଭଳି କଣ କଥା ହୋଇପାରେ, ମୁଁ ବୁଝିପାରୁନି ।"

ମାନସୀ ଲାଜ ଲାଜ ହୋଇ ଯାହା କହିଲା, ଶଙ୍କର ବୁଝିଲା, ସେମାନଙ୍କ ଦାମ୍ପତ୍ୟଜୀବନ ନେଇ ନାନା ପ୍ରଶ୍ନ କରୁଛି ଗାରନେଟ୍ ତାକୁ । ଗୋଟାଏ ଦି'ଟା ପ୍ରଶ୍ନ ସେଥିରୁ ଅତି ବ୍ୟକ୍ତିଗତ ।

"କଣ ଉତ୍ତର ଦେଲ ତୁମେ ?" ଦୁଷ୍ଟାମି କରି ପଚାରିଲା ଶଙ୍କର ।

କପଟ କ୍ରୋଧରେ କହିଲା ମାନସୀ, "ତୁମେ ତାକୁ ବଳିଯାଉଛ ବେହିଆମିରେ ।" ନିଦ୍ରିତ ପିଲାକୁ ନେଇ କ୍ରୀବ୍‌ରେ ଶୋଇ ଦେଇ ସେ ଧାଈକୁ କହିଲା, "ପିଲା ଉଠିଲେ ଖୋଇଦେବ, ମୁଁ ଯାଉଛି ।"

ଗାଡ଼ିରେ ତାକୁ ନାନା ପ୍ରଶ୍ନ କରି ବ୍ୟତିବ୍ୟସ୍ତ କଲା ଶଙ୍କର । ସବୁ କଥା ତା'ଠୁଁ ଆଦାୟ କଲା । ଶେଷରେ କହିଲା, "ଏଥିରେ ଏମିତି ଲାଜ କରିବାର କଣ ଅଛି ମାନସୀ ! ନରନାରୀର ଯୌନଜୀବନ ଭାରି ଜଟିଳ । ସେହି ଜଟିଳତାରୁ ଦାମ୍ପତ୍ୟଜୀବନକୁ ମୁକ୍ତ କରିବାକୁ ଇଉରୋପ ଓ ଏମେରିକାରେ ନାନା ଗବେଷଣା ଚାଲିଛି । ମୋର ମନେହୁଏ, ଗାରନେଟ୍‌ର ଦାମ୍ପତ୍ୟଜୀବନ ଖୁବ ସୁଖକର ନୁହେଁ । ଲେଶଟା ମଦ୍ୟପ । ଭୀଷଣ ମଦ ପିଉଥିଲା ତା ଦେଶରେ । ଏଠି ଗାରନେଟ ତାକୁ ଅନେକଟା ବାଗକୁ ଆଣିଛି । ତଥାପି ମୋତେ ବରାବର କହେ ସେ, ଲେଶ ମଝିରେ ମଝିରେ ଅଚେତ ହୋଇ ପଡ଼ିରହେ ମଦ ପିଇ ।"

"ସେମାନଙ୍କର ପିଲାପିଲି ନାହିଁ ?" ମାନସୀ ପଚାରିଲା ।

"ନା । ପିଲାପିଲି ସେମାନେ ଖୋଜୁ ନାହାନ୍ତି । ଗାରନେଟର ହୁଏତ ଇଚ୍ଛା ଥିଲା ମା ହେବାର । ଲେଶ ଚାହେଁନି । ତାର ଆଗ ସ୍ତ୍ରୀର ଗୋଟିଏ ପୁଅ ଅଛି ।"

"ଓ, ଗାରନେଟ ଲେଶର କନିଆ ଭାର୍ଯ୍ୟା ?"

"ହଁ ।"

ଶଙ୍କର ମାନସୀକୁ ଲେଶ-ଗାରନେଟର ଗଳ୍ପ ସଂକ୍ଷେପରେ କହିଲା । ତିନି ବର୍ଷ ଆଗକାର କଥା । ଲେଶର ପ୍ରଥମ ସ୍ତ୍ରୀ ବଡ଼ଧନ ମାଲିକାକୁ

Digitized by srujanika@gmail.com

ବାପଘରକୁ ଯାଉଥିଲା । ସାଙ୍ଗରେ ଥିଲା ତାର ପୁଅ, ଛଅ ବର୍ଷର ପିଲା । ବଡ଼ଦିନ ମାନସାଣ ଫେରୁଥିଲା ସେ ପୁଅକୁ ନେଇ । ବାଟରେ ଗୋଟାଏ ଦୁର୍ଘଟଣାରେ ପଡ଼ିଲା । ଗାଡ଼ି ତାର ଝସିଗଲା ପାହାଡ଼ିଆ ରାସ୍ତାରୁ ପ୍ରାୟ ପାଞ୍ଚ ଶହ ଫୁଟ ତଳକୁ । ପୁଲିସ ଯାଇ ଯେତେବେଳେ ଗାଡ଼ିର ସନ୍ଧାନ କଲା, ପ୍ରାୟ କୋଡ଼ିଏ ଘଣ୍ଟା ପରେ, ଗାଡ଼ି ଚୂରମାର ହୋଇଯାଇଛି । ତା ସ୍ତ୍ରୀର ଦେହ ଏକ ମାଂସପିଣ୍ଡୁଳା ହୋଇଯାଇଛି । ପିଲାଟା କିନ୍ତୁ ବଞ୍ଚିଯାଇଛି । ଚୂର୍ଣ୍ଣିଚୂର୍ଣ୍ଣି ଯାଇଛି ତା ଦେହ । ଆଉ ବିଶେଷ କିଛି ହୋଇନି । ସେହି ପିଲାକୁ ନେଇ ତାର ଗୋଟିଏ ନିଃସନ୍ତାନ ଭଉଣୀ ଜିମା କରିଦେଇ, ତା ସ୍ତ୍ରୀକୁ କବର ଦେଇ ଲେରି ପଶିଲା ଗୋଟାଏ ମଦ ଦୋକାନରେ । ସାତ ଦିନ ମଦ ପିଇ ଶୋଇ ରହିଲା । ସେତେବେଳେ ମୁଁ ଲସ୍‌ଏଞ୍ଜେଲେସ୍‌ରେ । ମୋର ପାଖରେ କାମ କରୁଥାଏ ସେ । କାମଦାମରେ ଖୁବ୍ ଭଲ ଲେରି । ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ, କର୍ତ୍ତବ୍ୟପରାୟଣ । ତାର ଏ ଅବସ୍ଥାରେ ମୁଁ କିଛି କହିପାରୁ ନଥାଏଁ । କାମକୁ ଦିନେ ଆସିଲେ ଦିନେ ଆସେନି । ଦିନେ ଦିନେ ମାତାଲ ହୋଇ ଆସେ । ଟେବୁଲରେ ମୁଣ୍ଡ ଦେଇ ଶୁଏ, ତା ପରେ କେତେବେଳେ କୁଆଡ଼େ ପଳାଏ ମଦ ଦୋକାନକୁ ।"

ଗାରନେଟ୍ ସେତେବେଳେ କାମ କରୁଥାଏ ସେଠି ରସେପ୍‌ସନିଷ୍ଟ ହୋଇ । ଭାରି ଭଲ ଝିଅଟା । ବାହା ହୋଇ ନ ଥାଏ । ମଝିରେ ମଝିରେ ଆସି ମୋ ପାଖରେ ବସେ । ପଚାରେ ଭାରତବର୍ଷର କଥା, ସାପ କଥା, ବାଘ ଭାଲୁ କଥା, ସନ୍ନ୍ୟାସୀମାନଙ୍କ କଥା । ଦିନେ ଅଫିସରେ ଆସି ମୋତେ କହିଲା, ଲେରିକୁ ପୁଲିସ ଧରି ନେଇଗଲା । ରାସ୍ତାରେ ମାତଲାମି କରୁଥିଲା ସେ । ତା ପରେ ଅାଠ ଦଶ ଦିନ ଲେରିର ଦେଖା ନାହିଁ । ଗାରନେଟ ଆସି କହିଲା, 'ତୁମେ ଟିକିଏ ଖବର ନିଅନ, ଲେରି କୁଆଡ଼େ ଗଲା । ବଞ୍ଚିଛି କି ନାହିଁ ।' ସେଦିନ କାମରୁ ଫେରିବା ବାଟରେ ମୁଁ ଆଉ ଗାରନେଟ ଗଲୁ ଲେରି ବସାକୁ । ସେଠି ଶୁଣିଲୁ, ସେ ଘର ସେ ଛାଡ଼ି ଦେଇଛି । କଣ କରିବା ? ତା ଭଉଣୀର ଠିକଣା ଜାଣିଥିଲା ଗାରନେଟ । ସେଠିକି ଗଲୁଁ । ତା ଭଉଣୀ କହିଲା, ସେ ଜାଣେନି ଲେରିର ଖବର ଦଶ ଦିନ ହେଲା । ବିରକ୍ତ ହୋଇ କହିଲା, 'ଖାଉଣ ପିଉଛି ସେ । କେଉଁଠି ପଡ଼ିଥିବ ମାତାଲ ହୋଇ !'

ତହିଁ ଆରଦିନ ଗାରନେଟ ଖବର ଆଣିଲା, ଲସଏଞ୍ଜେଲସ୍‌ର ସହରତଳିରେ, ପିଉଅର୍‌ଟୋରିକାନ୍ ପଲ୍ଲୀରେ ଲେରି ମାତାଲ ହୋଇ ପଡ଼ିଛି । ତାକୁ ସେଠୁ ଉଦ୍ଧାର କରି ଆଣିଲୁଁ । ଗାରନେଟ ତାର ଭାର

Digitized by srujanika@gmail.com

ନବାକୁ ରାଜି ହେଲା । ତା ମା'ର ବିରୋଧ ସତ୍ତ୍ୱେ, ତାକୁ ନେଇ ଘରେ ରଖିଲା । ଅଳ୍ପେ ଅଳ୍ପେ ସ୍ୱାଭାବିକ ହେଲା ଲେଶ ।

ଦୁଇ ମାସ ପରେ ଗାରନେଟ ବାହା ହେଲା ଲେଶକୁ । ଲେଶ କ୍ରମଶଃ ଭଲ ହୋଇଗଲା, ଗାରନେଟର ସେବା ଶୁଶ୍ରୂଷା ଫଳରେ । କାମକୁ ଆସିଲା । କେବେ କେମିତି ମାତାଲ ହଉଥିଲା, ତା ବି ଛୁଟି ଫୁଟିରେ ।

ମୁଁ ଯେତେବେଳେ ଏଠିକି ଆସି ଶାଖା ଖୋଲିବାର ଠିକ୍ ହେଲା, ଗାରନେଟ ଆସି ମୋତେ ଧରିଲା ଲେଶକୁ ଭାରତକୁ ନବାକୁ ! ସେ କାନ୍ଦ ପକେଇ କହିଲା, 'ଶଙ୍କର ତୁମେ ଜାଣ, ଲେଶକୁ ମୁଁ ଭଲପାଏଁ । ତୁମକୁ କେବଳ ସେ ମାନେ । ତୁମ ଉପରେ ମୁଁ ଏକାନ୍ତ ନିର୍ଭର କରୁଛି । ତୁମେ ବଞ୍ଚାଅ ତାକୁ ଭାରତକୁ ନେଇ ଯାଇ । ମୁଁ ବି ଯିବି ସାଙ୍ଗରେ ।' ଲେଶକୁ ପଚାରିଲି, ସେ ମନା କଲା ଦେଶ ଛାଡ଼ିବାକୁ । ତାର ପୁଅ ଅଛି । ସେ ଭାରତ ଚାଲିଗଲେ ପୁଅର ଯତ୍ନ କିଏ ନବ ? ତା ସାଙ୍ଗରେ କଳି କଲା ଗାରନେଟ, 'ପୁଅ ପାଇଁ ତ ଭାରି ଦରଦ ତୁମର ? ସେ ତ ତୁମ ଭଉଣୀ ପାଖରେ ଅଛି । ତା ପାଇଁ ମାସକୁ ମାସ ଟଙ୍କା ପଠେଇ ଦବ । ଏଠି ରହିବ, ବଡ ହେଲେ ସ୍କୁଲ କଲେଜରେ ପଢ଼ିବ । ତୁମେ ଏଠି ରହିଲେ ମଦ ଛାଡ଼ିପାରିବ ନାହିଁ । ବରଂ ଭାରତକୁ ଗଲେ ଡକ୍ଟର ଶତପଥୀ ଯଦି ଅନୁଗ୍ରହ କରନ୍ତି, ତୁମେ ବେଶି ଦରମା ପାଇବ ଏବଂ ମୁଁ ବି ଏ ଦୁରବସ୍ଥାରୁ ରକ୍ଷା ପାଇବି ।' ଶେଷରେ ରାଜି ହେଲା ଲେଶ ଆସିବାକୁ ।

"ଏଠି ବି ସେମିତି ମାତାଲ ହେଉଛି ?" ପ୍ରଶ୍ନ କଲା ମାନସୀ ।

"ନା, ଅନେକ କମ୍ । ତା ବି କେବଳ ଛୁଟି ଦିନ । ଏଠି କାମରେ କମେଇ କରିନି କିମ୍ବା ମାତାଲ ହୋଇ ଅଫିସକୁ ଆସେନି । ଗାରନେଟ ଚୋଟାଏ ଚୁକ୍ତି କରିଛି, ଘରେ ମଦ ରଖୁନି ।"

"ଗାରନେଟ ପିଏନି ମଦ ?"

"ପିଏ । ସେମାନଙ୍କ ସମାଜରେ ମଦ୍ୟପାନ ଦୋଷ ନୁହେଁ ।"

"ତା ହେଲେ ପ୍ରହିବିଶନ୍ ଥିଲା କାହିଁକି ସେଠି ?"

ହସିଲା ଶଙ୍କର । ମାନସୀ ପଢ଼ିଛି ମାର୍କିନ ସଭ୍ୟତାର ଗପ । ସେଠିକା କଥା ଉଠିଲେ ମଝିରେ ମଝିରେ ପ୍ରଶ୍ନ କରି ଅସୁବିଧାରେ ପକାଏ ସେ ଶଙ୍କରକୁ । କହିଲା ଶଙ୍କର, "ପ୍ରହିବିଶନ୍ ଆଉ ନାହିଁ ସେଠି ।"

Digitized by srujanika@gmail.com

ଗାଡ଼ି ଠିଆ ହେଲା ଆସି ରେନେ ପାର୍କରେ, ଲେଶ ଷ୍ଟୁଆର୍ଟର ବଙ୍ଗଳାରେ । ଗାରନେଟ ଆଉ ଲେଶ ବାହାରି ଆସି ଅଭ୍ୟର୍ଥନା ଜଣେଇଲେ । ଗାରନେଟ ନେଇଗଲା ଏମାନଙ୍କୁ ବସିବା ଘରକୁ । ଅତିଥିମାନଙ୍କ ସାଙ୍ଗରେ ପରିଚୟ କରିଦେଲା । ଧଳା ଚୋପ୍ଡ଼ା ମାର୍କିନ ଲୋକଙ୍କ ମଧ୍ୟରେ ଏ ଦୁ'ଜଣ ଭାରତୀୟ, ତଥାପି ଏମାନେ ସର୍ବମାନ୍ୟ ଅତିଥି ।

ଖାନସାମା ପାନୀୟ ଆଣିଲା । ଶଙ୍କର ଦେଖିଲା ବୌରବନର ବ୍ୟବସ୍ଥା କରିଛି ଗାରନେଟ, ଏମେରିକାର ଜାତୀୟ ସୁରା ।

ଶଙ୍କର ଆଉ ମାନସୀ ପାଇଁ ଆସିଲା ଡ୍ରିମଟୋ । ଶଙ୍କର ଉଠେଇ ନେଲା ଗିଲାସ । ମାନସୀ ମନା କଲା ।

"ଡକ୍ଟର ଶତପଥୀ ଟିଟୋଟେଲର ?" ପଚାରିଲା ବେଙ୍କ ମେନେଜାର ମେସ୍ତାର ।

"ଏବ୍‌ସଲୁଟଲି ।" ଜବାବ ଦେଲା ଗାରନେଟ ।

"ମିସେସ୍ ଶତପଥୀ ?"

"ଏ ପ୍ରଶ୍ନ ନିଷ୍ପ୍ରୟୋଜନ" ଉତ୍ତର ଦେଲା ମିସେସ୍ ମେସ୍ତାର । "ଭାରତୀୟ ସମାଜରେ, ବିଶେଷ କରି ମହିଳାମାନଙ୍କ ମଧ୍ୟରେ ମଦ୍ୟପାନର ଚଳନ ନାହିଁ ।"

"କିଏ କହିଲା ?" ପାଟି କଲା ଲେଶ । "ତୁମେ ନୂଆ ଆସିଛ ମିସେସ୍ ମେସ୍ତାର । ମୁଁ ଦେଖିଛି, ଏଇ କଲିକତାରେ ବହୁ ମହିଳା ମଦ୍ୟପାନ କରିବାର, ମାତାଲ ହେବାର ଓ କେଲେଙ୍କାରି କରିବାର ।"

"ଲେଶ !" ସାବଧାନ କଲା ଗାରନେଟ ସ୍ୱାମୀକୁ । "ତୁମେ ଭୁଲି-ଯାଉଛ, ମିସେସ୍ ଶତପଥୀ ଏଠି ବସିଛନ୍ତି ଓ ସେ ତୁମ କଥା ପସନ୍ଦ କରିବେ ନାହିଁ ।"

"ଓ, ଆଇ ବେଗ୍ ଇଓର୍ ପାର୍ଡନ୍ ।" ଲେଶ କ୍ଷମା ମାଗିଲା ମାନସୀକୁ । ସେ ହସି କହିଲା, "ନା, ନା, କ୍ଷମା ମାଗିବାର କଣ ଅଛି ଏଥିରେ ?"

କନ୍‌ସୁଲେଟର ଟୋକା ଅଫିସାର ହେରଲ୍ଡ ଫ୍ରିମେନ୍ ରେକର୍ଡ ଲଗେଇଲା । ଭାସି ଆସିଲା ସଙ୍ଗୀତ । ତା ସ୍ତ୍ରୀକୁ ଟାଣିନେଇ ନାଚିବାକୁ ଆରମ୍ଭ କଲା ସେ । ତା ଦେଖାଦେଖି ମେସ୍ତାର ଦମ୍ପତି ଉଠିଲେ ।

ଶଙ୍କରକୁ ଡାକିଲା ଗାରନେଟ "ଆସ ।"

Digitized by srujanika@gmail.com

ସ୍ତ୍ରୀକୁ ଅନେଇ, ଟିକିଏ ହସି ମନା କଲା ଶଙ୍କର ।

ମାନସୀ ପାଖକୁ ଆସି ଡାକିଲା ଗାରନେଟ୍, "ମାନସୀ ଆସ, ନାଚିବ ନାହିଁ ?"

ଲାଜରେ ମୁଣ୍ଡ ହଲେଇଲା ମାନସୀ, "ନା, ମୋତେ ଆସେନି ନାଚ ।"

ହତାଶ ହେଲା ଗାରନେଟ, "ତା ହେଲେ ?"

ଲୋଏର ଗିଲାସରୁ ବେଶ୍ ଗୋଟାଏ ବଡ଼ ଢୋକ ନେଇ କହିଲା, "ମୁଁ ଅଢଥିଚର୍ଚ୍ଚା କରୁଛି, ତୁମେ ନାଚ ବସ୍ଙ୍କ ସାଙ୍ଗରେ ।"

ଗାରନେଟ ଆସି ଟାଣିଲା ଶଙ୍କରକୁ । ମାନସୀ ଆଡ଼କୁ ଅନେଇଲା ଶଙ୍କର ।

ମାନସୀ କହିଲା, "ଯାଅ ।"

"ତୁମେ ?"

"ମୁଁ ବସି ବସି ଦେଖିବ ।"

ଟାଣି ନେଇଗଲା ଶଙ୍କର ଗାରନେଟକୁ । ଶଙ୍କର ଭଲ ନାଚେ, ଗାରନେଟର ଖୁସିର ସୀମା ନାହିଁ । ଲୋଏର ବାଦ୍ୟକୁ ତେଜିଦେଲା । ହୃଆଗନାରଙ୍କ ସଂଗୀତ । ନାଚୁଛନ୍ତି ଅନେକ ଯୋଡ଼ା ସ୍ତ୍ରୀ ପୁରୁଷ । ତା ପାଖ ଦେଇ ନାଚି ନାଚି ଯାଉଥାନ୍ତି । ମାନସୀ ଦେଖିଲା ଗାରନେଟର ଦକ୍ଷିଣ ବକ୍ଷଟା ତା ସ୍ୱାମୀର ଦେହରେ ଲଗି ରହିଛି । ହସୁଛି ଗାରନେଟ ଖୁସିରେ । କି ନିର୍ଲଜ୍ଜ ଏମାନେ ! ପର ପୁରୁଷକୁ ନେଇ ଏମିତି ନାଚିବାକୁ ସଂକୋଚ ହୁଏନି ଏମାନଙ୍କର ?

କିଛି ସମୟ ପରେ ବାଦ୍ୟ ବନ୍ଦ ହେଲା—ନାଚ ବି । ଫେରି ଆସିଲେ ସମସ୍ତେ ଆସନକୁ । ପୁଣି ସୁରା ବଣ୍ଟନ ହେଲା । ଏ ଥର ଶଙ୍କର ଓ ମାନସୀ ପାଇଁ କୋକାକୋଲା । ଶଙ୍କରର ଇଙ୍ଗିତରେ ମାନସୀ ଗ୍ରହଣ କଲା । ଷ୍ଟ୍ରରୁ ଶୋଷଣ କଲା ପାନୀୟ ଆସ୍ତେ ଆସ୍ତେ ।

ଗାରନେଟ ଆସି ମାନସୀ ପାଖରେ ବସି ଚୁପ୍ ଚୁପ୍ କହିଲା, "ମାନସୀ, ତୁମ ସ୍ୱାମୀଙ୍କର ଇଚ୍ଛା ତୁମେ ନାଚନ୍ତ । ତୁମକୁ ସେ ନାଚ ଶିଖେଇଛନ୍ତି ।"

ଚମକି ଅନେଇଲା ସେ ଗାରନେଟକୁ । ଆଖି ବଡ଼ ବଡ଼ କରି କହିଲା, "ତୁମେ ପାଗଳ ହୋଇଛ ଗାରନେଟ । ମୁ ନାଚିବ ଏଠି ? ଅସମ୍ଭବ ।"

"କିନ୍ତୁ ତୁମେ ନାଚ ଜାଣ ।"

"କିଏ କହିଲା ?"

"ତୁମ ହାବ୍‌ବି ।"

Digitized by srujanika@gmail.com

ମାନସୀ ଅନେଇଲା ଶଙ୍କରକୁ । ଶଙ୍କର ହସୁଥାଏ ମିଟିମିଟି କରି ।

ଗାରନେଟ ପୁଣି ଅନୁରୋଧ କଲା, "ତା ହେଲେ ଉଠ ।"

"ନା ।"

"ତୁମ ସ୍ୱାମୀଙ୍କ ସାଙ୍ଗରେ ନାଚିବ ।"

"ନା ।"

ସ୍ତ୍ରୀ ମୁହଁକୁ ଅନେଇ ବୁଝିଲା ଶଙ୍କର ସେ ରାଗିଲାଣି । ଚୁପଚାପ୍ ଆସି ତା ପାଖରେ ବସି ଗାରନେଟଙ୍କୁ କହିଲା, "ଆଉ ।"

ଫେର ରେକର୍ଡ ବାଜିଲା । ଫେର ନାଚିବାକୁ ଉଠିଲେ ଏମାନେ । ଏ ଥର ଲେଉ ଧରିଲା ମିସେସ୍ ମେୟାରଙ୍କୁ । ଗାରନେଟ ବେଙ୍କ ମେନେଜରର ସାଙ୍ଗରେ ।

ଝିଅ ବୋଅ ସାରା ଘରକୁ ଫେରିଲେ । ଟେବୁଲରେ ବା ଗାଡ଼ିରେ ଁ ଚୁଁ କଲାନି ମାନସୀ । କିଛି ଖାଇଲା ନାହିଁ ସେ । ଗାରନେଟ ଓ ଲେଉ ଦୁଃଖ କଲେ । ଘରକୁ ଫେରି ଶଙ୍କର ଚାଲିଗଲା ତା ଶୋଇବା ଘରକୁ । ମାନସୀ ପିଲାଙ୍କୁ ଖୁଆଇ ତାଙ୍କର ପାଖରେ ଶୋଇପଡ଼ିଲା । ଅପେକ୍ଷା କଲା ଶଙ୍କର ମାନସୀ ପାଇଁ । କାହିଁ ସେ ? ଉଠି ଆସି ଦେଖିଲା, ବିଛଣାରେ ଶୋଇ ଶୋଇ କାନ୍ଦୁଛି । ତାକୁ ଟେକି ନେଇଗଲା ଶଙ୍କର ତା ବିଛଣାକୁ । ତା ପାଖରେ ଶୋଇପଡ଼ି କହିଲା, "ତୁମେ ଏମିତି ରାଗିଯିବ ବୋଲି ମୁଁ ଜାଣିନଥିଲି ।" ତାକୁ ଭିଡ଼ିଆଣି ଚୁମାରେ ଚୁମାରେ ବ୍ୟସ୍ତ କଲା । କହିଲା, ଆଉ କେବେ ଏମିତି କରିବନି । ମାନସୀ ଶାନ୍ତ ହୋଇ ଶୋଇ ପଡ଼ିଲା ।

ତେଇଶ

ବାର ତାରିଖ ଦିନ ମାନସୀକୁ ସାଙ୍ଗରେ ନେଇ ଶଙ୍କର ଯେତେବେଳେ ଦମଦମ ବିମାନଘାଟିରେ ପହଞ୍ଚିଲା, ସେତେବେଳକୁ ତିନଟା ଦଶ ମିନିଟ । ଲାଉଞ୍ଜରେ ପଶି ଦେଖିଲା, ତା କମ୍ପାନୀର କର୍ମଚାରୀମାନେ ବସି ଗପ କରୁଛନ୍ତି । ସମ୍ବାଦପତ୍ର ପ୍ରତିନିଧିମାନେ ମଧ୍ୟ ଅଛନ୍ତି । ଏମାନେ ଯାଇ ବସିଲେ । ଲେଉ କହିଲା, ପ୍ଲେନ ଯଥା ସମୟରେ ପହଞ୍ଚୁଛି ।

କଥା ହୋଇଛି, ରାଲଫ୍ ହାଡ଼ସନ୍ ଓ ତା ସ୍ତ୍ରୀ ପ୍ଲେନରୁ ଓହ୍ଲାଇ ସିଧା ଶଙ୍କର ଘରକୁ ଯିବେ । ସେଠି ଦୁଇ ତିନି ଦିନ ରହି ହୋଟେଲକୁ

Digitized by srujanika@gmail.com

ଉଠିଯିବେ । ସେହି ଅନୁସାରେ ଶଙ୍କର ତା ଅଫିସରୁ ଦୁଇ ଜଣ ଖାନସାମା ଓ ଦୁଇ ଜଣ ବୋଲହାକ କରି ବାଳକର ବ୍ୟବସ୍ଥା କରିଛି । ସେମାନେ ଆଜି ସକାଳୁ ତା ଘରେ ଡିଉଟି କରୁଛନ୍ତି । ବବୁର୍ଚ୍ଚିକୁ ଯଥାଯଥ ନିର୍ଦ୍ଦେଶ ଦେଇଛି ଶଙ୍କର । ଗୋଟାଏ ଫ୍ରିଜ୍‌କୁ ଉପରକୁ ଉଠେଇ ଆଣି ସେଥିରେ ପାନୀୟ ରଖାଯାଇଛି । ମାନସୀ ଟିକିଏ ନାକ ଟେକିଥିଲା ଏ ବ୍ୟବସ୍ଥାରେ । ଶଙ୍କର କହିଲା, "ତୁମେ ତ ଜାଣ, ମୁଁ ଏକୁ ଛୁଏଁ ନାହିଁ । କିନ୍ତୁ ଅତିଥିଚର୍ଚ୍ଚା ପାଇଁ ଦରକାର ହେଲେ ମଦ ଆଣି ଘରେ ରଖିବାକୁ ମୋର ଆପତ୍ତି ନାହିଁ ।"

ଲାଉଡସ୍ପିକାରରେ ଖବର ଆସିଲା, ପ୍ଲେନ୍ ଅସିଗଲା । ଲାଉଞ୍ଜରୁ ଏମାନେ ଉଠି ଆଗେଇ ଗଲେ ରନ୍‌ୱେ ଅଡ଼କୁ । ପ୍ଲେନ୍ ଆସି ଠିଆ ହେଲା । ସିଡ଼ି ଯୋଡ଼ି ଦିଆଗଲା । କବାଟ ଖୋଲିବାରୁ ବାହାରି ଆସିଲେ ଯାତ୍ରୀଦଳ । ଏଇ ତ ରାଲଫ୍, ଶଙ୍କର ଦେଖିଲା ଯାଉଛି ଛଅଫୁଟର ଏହି ମାର୍କିନକୁ । ଆରେ, ଏ କଣ ? ରାଲଫ୍ ପଛରେ ଡରୋଥି, ଡରୋଥି ଡର୍ଫ । ରାଲଫ୍ ତା ହେଲେ ଡରୋଥିକୁ ବାହା ହୋଇଛି ! ଖୁସିରେ ଉଜ୍ଜ୍ୱଳ ହେଲା ତା ମୁହଁ । ଆଗେଇ ଗଲେ ଶଙ୍କର ଓ ମାନସୀ, ଗାରନେଟ ଓ ଲେଶ । ପଛରେ ଆସୁଛନ୍ତି ଅନ୍ୟମାନେ । ତୋଷ ଆଣି ଫୁଲହାର ଧରେଇ ଦେଲା ଶଙ୍କର ଓ ମାନସୀକୁ ।

ରାଲଫ୍ ଓହ୍ଲେଇ ଆସିବାରୁ ଶଙ୍କର ମାଲ୍ୟଦାନ କଲା । ରାଲଫ୍ ହସି କରମର୍ଦ୍ଦନ କଲା ଶଙ୍କର ସାଙ୍ଗରେ । ତାପରେ ଡରୋଥି ଆଡ଼କୁ ହାତ ବଢେଇବାରୁ ସେ କହିଲା, "କେମିତି ଚମକ ଦେଲି ତୁମକୁ । ତୁମେ ଆଶା କରିଥିଲ ମୋତେ ଏଠି ଏମିତି ଦେଖିବାକୁ ?"

ଶଙ୍କର କହିଲା, "ନା । ତୁମେ ଯେ ମିସେସ୍ ହାଡସନ୍, ମୁଁ ଜାଣିବି କେମିତି ? ତୁମ ବାହାଘରର ଖବର ମୁଁ ପାଇନି ।"

ମାନସୀକୁ ଇଙ୍ଗିତ କଲା ସେ । ମାନସୀ ଆଗେଇ ଆସି ଡରୋଥିକୁ ମାଳ ଦେଲା । ଡରୋଥି ହସି ହସି ପଚାରିଲା, "ତୁମ ସ୍ତ୍ରୀ ?"

ହସି ମୁଣ୍ଡ ହଲେଇଲା ଶଙ୍କର । ଡରୋଥି ମାନସୀ ସାଙ୍ଗରେ ହାତ ମିଳେଇଲା । ରାଲଫ୍ କହିଲା, "ଆମ ବାହାଘର ଏମିତି ଆଶ୍ଚର୍ଯ୍ୟଜନକ ଭାବରେ ହୋଇଗଲା ଯେ କାହାରିକୁ ଖବର ଦେବା ସମ୍ଭବ ହୋଇନି । ମୁଁ ସେଥିଲାଗି ଲଜ୍ଜିତ ।"

ସମସ୍ତଙ୍କ ସାଙ୍ଗରେ ପରିଚୟ କରିଦେଲା ଶଙ୍କର ରାଲଫ୍ ଓ ଡରୋଥିକୁ । ସମସ୍ତେ ଲାଉଞ୍ଜକୁ ଫେରିଲେ । କଫି ଓ ଜଳଯୋଗର ବ୍ୟବସ୍ଥା ଥିଲା ।

Digitized by srujanika@gmail.com

ସମ୍ବାଦପତ୍ର ପ୍ରତିନିଧିଙ୍କ ସାଙ୍ଗରେ କଥାବାର୍ତ୍ତା କଲା ରାଲଫ୍ । ସେମାନଙ୍କର ନାନା ପ୍ରଶ୍ନର ଉତ୍ତର ଦେଲା । କାମ ସରିଲାରୁ ରାଲଫ୍ ଓ ଡରୋଥିକୁ ନେଇ ବାହାରି ପଡ଼ିଲା ଶଙ୍କର ।

ବାଟସାରା ମାନସୀ ସାଙ୍ଗରେ ଗପ କରି କରି ଆସୁଛି ଡରୋଥି । ଶଙ୍କରର ପିଲା ହୋଇଛି ଶୁଣି ଖୁସି ହୋଇ ଥଟ୍ଟା କଲା ଡରୋଥି, ସେ ସ୍ୱାର୍ଥପର ପରି କେତେବେଳେ ଚୁପ୍‌ଚୁପ ବାପ ହୋଇଯାଇଛି ବୋଲି । ଶଙ୍କର ଜବାବ ଦେଲା, "ତୁମେ ଚୁପ୍‌ଚୁପ ବାହା ହୋଇ ପଡ଼ିଲ ଡରୋଥି । ସେମିତି କେତେବେଳେ ଚୁପ୍‌ଚୁପ ମା ହୋଇଯିବ, ଅବଶ୍ୟ ରାଲଫ୍ ମନ କଲେ ।"

ହସିଉଠିଲେ ସମସ୍ତେ । ଡରୋଥି କପଟ କ୍ରୋଧରେ କହିଲା, "ଏଇ ଶଙ୍କର, ତୁମେ ମୋତେ ଲଜ୍ଜିତ କରୁଛ ।"

ଘରେ ପହଞ୍ଚି ଶଙ୍କର ଓ ମାନସୀ ଏମାନଙ୍କୁ ଉପରକୁ ନେଇଗଲେ । ଜମା ବ୍ୟବହାର କରୁଥିବା ଘରଟା ଏମାନଙ୍କ ପାଇଁ ସଜା ହୋଇଛି ନୂଆ କରି । ଲଉଞ୍ଜ ସଜା ହୋଇଛି । ପାଖ ଘରଟା ବସାବସି ପାଇଁ ବ୍ୟବସ୍ଥା ହୋଇଛି । ଆୟୋଜନ ଦେଖି ଖୁସି ହୋଇଗଲେ ହାଡ଼ସନ୍ ଦମ୍ପତି । ଲଉଞ୍ଜରେ ଆଣି ସନ୍ଧ୍ୟା ପୂର୍ବର ସାମାନ୍ୟ ବଣ୍ଟନ କଲା ଖାନସାମା । ଗିଲାସରୁ ଗୋଟାଏ ଢୋକ ନେଇ ଡରୋଥି କହିଲା, "ଜାଣ ଡାର୍ଲିଂ, ଶଙ୍କର ଭାରି ଭଲ ପିଲା । ସୁରା ସେ ସ୍ପର୍ଶ କରେନା ।"

ରାଲଫ୍ କହିଲା, "ସେ କଥା ମୋଠୁଁ ବେଶି କିଏ ଜାଣେ ?"

"ଆମ ପାଇଁ କିନ୍ତୁ ସବୁ ବ୍ୟବସ୍ଥା କରିଛ ସେ ।"

"ଭାରତୀୟ ଅତିଥିଚର୍ଯ୍ୟା ତ ବିଖ୍ୟାତ ।"

ଶଙ୍କର ଓ ମାନସୀ ହସୁଥାନ୍ତି ।

ରାଲଫ୍ ମାନପାତ୍ର ଟେବୁଲରେ ରଖି ଠିଆ ହୋଇପଡ଼ି କହିଲା, "ମୁଁ ଟିକିଏ ଧୁଆଧୋଇ ହୋଇନିଏଁ, ନା କଣ କହୁଛ ?"

ଡରୋଥି କହିଲା, "ହଁ ଯାଅ । ବେଶି ଡେରି କରିବନି । ମୁଁ ଲୁଗା ବଦଳେଇଲେ ଯାଇ ଶଙ୍କର ଘରକୁ ଯିବି । ତା ପିଲାକୁ ଦେଖିବି ।"

ମାନସୀ ଓ ଶଙ୍କର ଚାଲି ଆସିଲେ ସେଠୁ । ମାନସୀ ପିଲାକୁ ଖୋଇ, ସଫାସୁତୁରା କରି ନୂଆ ପୋଷାକ ପିନ୍ଧେଇ ଦେଲା । ନିଜେ ମଧ୍ୟ ଗାଧୋଇ ପଡ଼ିଲା ।

Digitized by srujanika@gmail.com

ଛ'ଟା ବେଳକୁ ପୁଣି ସମସ୍ତେ ଯୋଟିଲେ ଲାଉଞ୍ଜରେ। ଡ଼ରୋଥି ଏକ କଳା ରଙ୍ଗର ଗାଉନ୍ ପିନ୍ଧିଛି। ଗଳାରେ ତାର ହୀରକ କଣ୍ଠିର ହାର। ଦୁଇ ହାତରେ ସେହି ହାରକୁ ମନେଇଲା ଭଳି ବ୍ରେସଲେଟ୍। ମୁଣ୍ଡର ଲାଲ ଲାଲ ବାଳକୁ ଏମିତ ସୁନ୍ଦର କରି ବାନ୍ଧିଛି ଯେ, ମାନସୀ ତାକୁ ଅନେଇ ରହିଲା। କି ସୁନ୍ଦର ଏହି ମାର୍କିନ ଯୁବତୀ! କି ସ୍ୱାସ୍ଥ୍ୟ ତାର!

ତଳେ ସନ୍ଧ୍ୟାଗମର ଶଙ୍ଖନାଦ। ଚକିତ ହେଲା ଡରୋଥି। ପଚାରିଲା, "କି ଶବ୍ଦ ଏ? କଉଠୁ ଆସୁଛି?"

ଶଙ୍କର ବୁଝେଇ ଦେଲା, ଏ ଶଙ୍ଖନାଦ, ଦିନ ସରିଯିବାର ସଙ୍କେତ। ଘରେ ତାର ଦେବତା ଅଛନ୍ତି ତ? ତାଙ୍କ ପାଖରେ ଆଲୋକ ଦାନ କରାଯାଏ। ମାନସୀ ତାକୁ ଡାକି ନେଇଗଲା ପଛ ବାରନ୍ଦାକୁ। ଉପରୁ ଡ଼ରୋଥି ଦେଖିଲା, ଗୋଟିଏ ଗ୍ରେଟ ପ୍ରସ୍ତର ସ୍ତମ୍ଭ। ତା ଉପରେ ତୁଳସୀ ଗଛଟିଏ। ଜଣେ ମହିଳା ସେଠି ଦୀପଦାନ କରି ନମସ୍କାର କଲେ। ମାନସୀ ଯଥାସାଧ୍ୟ ତାକୁ ବୁଝେଇ ଦେଲା ତୁଳସୀ ଚତ୍ୱରର ଇତିବୃତ୍ତ। ଏଇ ତା ଶାଶୂ, ଦୀପ ଦେଲେ।

ଡ଼ରୋଥି ରାଲଫ୍‌କୁ ଡ଼ାକିଲା, "ଶଙ୍କରର ପିଲାକୁ ଦେଖିବନି? ଚାଲ।"

ସମସ୍ତେ ଯାଇ ପଶିଲେ ମାନସୀର ଶୋଇବା ଘରେ। ଧାଈ ସାହେବ ମେମ୍ ସାହେବଙ୍କୁ ସଲାମ ଦେଲା। ଦୁଇଟା ଜୀବ୍ ଦେଖି ଡ଼ରୋଥି ଅବାକ୍। ଆଗେଇ ଯାଇ ଦେଖିଲା, ଦୁଇଟି ଶିଶୁ ଶୋଇ ଶୋଇ ଖେଳୁଛନ୍ତି। କାବା ହୋଇ ଅନେଇଲା ସେ ମାନସୀ ଓ ଶଙ୍କରର ମୁହଁକୁ।

ପଚାରିଲା, "ଯାଆଁଳା! ?"

ଶଙ୍କର ମୁଣ୍ଡ ହଲେଇ ହଁ କଲା।

"ମୋତେ ଏ କଥା ତ କହିନ ମାନସୀ, ଟୁଇନ୍ ବୋଲି।" ନଇଁପଡ଼ି ଝିଅକୁ ଉଠେଇ ଆଣିଲା ଡରୋଥି, "ଓ, ହାଉ ଲଭ୍‌ଲି ଶୀ ଇଜ୍। ଦେଖୁଛ ଡ଼ାର୍ଲିଂ?" ରାଲଫକୁ ଦେଲା ପିଲାକୁ। ତା ପରେ ପୁଅକୁ ଉଠେଇଲା। "ଏ ସାନ୍ ଏଣ୍ଡ ଏ ଡ଼ଟାର୍। ବଡ଼ କିଏ?"

ମାନସୀ କହିଲା, "ଝିଅ ବଡ଼, ଦଶ ମିନିଟ୍।"

ରାଲଫ୍ କହିଲା, "ବାଃ, ବେଶ୍ ସ୍ୱାସ୍ଥ୍ୟବାନ୍ ହୋଇଛନ୍ତି ତୁମ ପିଲା ଶଙ୍କର।" ଦୁଇଟା ପିଲାଙ୍କ ଗାଲରେ ହାତ ଧରିଲା ସେ, "କଣ ଖାଇବାକୁ ଦଉଛ?"

ସ୍ତ୍ରୀ ଆଡ଼କୁ ଅନେଇଲା ଶଙ୍କର, "ମୁଖ୍ୟତ ମା ଦୁଧ। ଗାଈ ଦୁଧ ମଧ୍ୟ ଖାନ୍ତି। ପିଲାଙ୍କୁ ରାଲଫ୍ କୋଳରୁ ନେଲା ଶଙ୍କର। ମାନସୀ ଓ ଡରୋଥି

Digitized by srujanika@gmail.com

ଧଇଲେ ସେମାନଙ୍କୁ । ଉର୍ବଶୀ ଆଦର କଲା ପିଲାଙ୍କୁ । ସେମାନେ ଖେଳିଲେ । ଉର୍ବଶୀର ଖୁସି ଉଦ୍‌ବେଳ ହୋଇ ଉଠିଲା । ସେ ପିଲାଙ୍କ ବିଷୟରେ ନାନା ପ୍ରଶ୍ନ କଲା । କେତେବେଳେ ଖାନ୍ତି ସେମାନେ ? କଣ ଖାନ୍ତି ? ତାଙ୍କୁ ପ୍ରତିଦିନ ଓଜନ କରାଯାଏ କି ନା ? ଗାଧୋଇ ଦିଆଯାଏ କି ନା ?

କିଛି ସମୟ ପରେ ସମସ୍ତେ ଓହ୍ଲାଇ ଆସିଲେ ତଳକୁ । ବାପା ଓ ବୋଉଙ୍କ ସାଙ୍ଗରେ ପରିଚୟ କରି ଦେଲା ଶଙ୍କର । ହାଡ଼ସନ୍‌ ଦମ୍ପତି ହାତଯୋଡ଼ି ନମସ୍କାର କଲେ । କଣ ଟିକିଏ କଥାବାର୍ତ୍ତା କଲା ରାଲଫ୍‌ ବାପାଙ୍କ ସାଙ୍ଗରେ । ବୋଉ ଅନେଇଥାନ୍ତି ରାଲଫ୍‌କୁ । କେଡେ ଉଚ୍ଚ ମଣିଷଟା ! ତାଙ୍କ ପୁଅଠୁଁ ହାତେ ଉଚ୍ଚ ହବ । ମାନସୀର ମଧ୍ୟସ୍ଥତାରେ ଉର୍ବଶୀ କଥାବାର୍ତ୍ତା ହେଲା ବୋଉଙ୍କ ସାଙ୍ଗରେ । ଉର୍ବଶୀ ପଚାରିଲା, କେତୋଟି ପିଲା ତାଙ୍କର ? କଣ କରୁଛନ୍ତି ସେମାନେ ?

ବାପା ବୋଉ ତାଙ୍କ ଘରକୁ ଫେରିଲେ । ଏମାନେ ପଶିଲେ ବିଲିଅର୍ଡ଼ ଖେଳିବାକୁ । ପୁଣି ଡ୍ରିଙ୍କ୍‌ସ ଆସିଲା । ଉର୍ବଶୀ ପାଖରୁ ଛୁଟି ମାଗି ମାନସୀ ପଳେଇ ଆସିଲା ଉପରକୁ ।

ଡିନର ପରେ ଶଙ୍କର ରାଲଫକୁ ନେଇ ଚାଲିଗଲା ଲାଇବ୍ରେରୀକୁ । ଦୁଇ ବନ୍ଧୁ ବସି ଗପସପ କଲେ । ଉର୍ବଶୀକୁ ରାଲଫ୍ କେମିତି ବାହା ହେଲା, ସେ ଗପ ଶୁଣିଲା ଶଙ୍କର । ରାଲଫ୍‌ର କହୁଣି ପାଖରେ ସୁରାପାତ୍ର । ଶଙ୍କର ଜାଣେ ସେ ତାର ସଦ୍‌ବ୍ୟବହାର କରିବ ।

ମାନସୀ ସାଙ୍ଗରେ ବୁଲି ବୁଲି ସବୁଆଡ଼ ଦେଖିଲା ଉର୍ବଶୀ । ପିଲାମାନଙ୍କୁ ଶୋଇଲା ବେଳେ ଉର୍ବଶୀ ବସିଲା ତା ପାଖରେ । ମାନସୀର ସଙ୍କୋଚ ଦେଖି ହସିଲା ଉର୍ବଶୀ, "ମୋତେ କାହିଁକି ଲାଜ କରୁଛ ମାନସୀ ? ପିଲାଙ୍କୁ ଶୁଆଅ । ଗପ କରିବା ବସି ବସି ।"

ଉର୍ବଶୀ ଗପିଲା ଶଙ୍କର କଥା । ବିଶ୍ୱବିଦ୍ୟାଳୟରେ ଭଲ ପିଲା ବୋଲି ଶଙ୍କରର ସୁନାମ ଥିଲା । ଭାରି ବୁଦ୍ଧିମାନ ଶଙ୍କର । ଅଧ୍ୟାପକମାନେ ତାକୁ ଖୁବ୍‌ ଭଲ ପାଉଥିଲେ । ଗ୍ରୁପଙ୍କ ଭିତରେ ମଧ୍ୟ ଭାରି ପପୁଲାର ଥିଲା ଶଙ୍କର । ତାଙ୍କ ରେଞ୍ଚକୁ ଥରେ ଯାଇଥିଲା ସେ । ତା ବାପା ତାକୁ ଭାରି ସୁଖ ପାଇଲେ । ଅନେକ କଥା କହିଲା ସେ ଶଙ୍କର ବିଷୟରେ । ଶେଷରେ ମାନସୀକୁ ପଚାରିଲା, "ତୁମେ ତାକୁ ବାହା ହେଲ କେମିତି ? ଝିଅଙ୍କ ପାଖକୁ ସେ ତ ବିଶେଷ ଭିଡ଼ୁ ନ ଥିଲା ପଢ଼ିବା ବେଳେ । ମୋ ଛଡ଼ା ଆଉ ସିମିତି କାହାରି ସାଙ୍ଗରେ ଭଲ ଜଣାଶୁଣା ନଥିଲା ତାର ।"

Digitized by srujanika@gmail.com

ମାନସୀ ତା ବାହାଘରର ଇତିହାସ ମୂଳରୁ ଶେଷ ଯାଏ କହିଲା । ଓଡ଼ିଶାର ସେହି ମଫସଲ ଗାଁରୁ ଆଣି ତାକୁ ଶଙ୍କର କେମିତି ତାଲିମ ଦେଲା, ସେ କଥା ମଧ୍ୟ କହିଲା । ଭଙ୍ଗା ଭଙ୍ଗା ଇଂରେଜୀରେ ସେ ଯଥାସାଧ୍ୟ କହୁଥାଏ, ଡରୋଥି କାବା ହୋଇ ଶୁଣୁଥାଏ ।

ଶେଷରେ ଡରୋଥି ପଚାରିଲା, "ତା ହେଲେ ତୁମେ ଖୁବ୍ ସୁଖୀ ?"

ମାନସୀ କିଛି ଉତ୍ତର ଦେଲା ନାହିଁ । ପିଲାଙ୍କୁ ଶୋଇ ପକାଉଥାଏ ସେ ।

ଡରୋଥିକୁ ନେଇ ଲାଇବ୍ରେରୀକୁ ଆସିଲା ମାନସୀ । ବାଟରେ ପଚାରିଲା ଡରୋଥି, "ବିଛଣାରେ ଶଙ୍କର କେମିତି ?"

ମାନସୀ ପ୍ରଥମେ ତା ପ୍ରଶ୍ନ ବୁଝିପାରି ନ ଥିଲା । ଯେତେବେଳେ ବୁଝିଲା, ଲାଜରେ ହସିଲା ଟିକିଏ ।

ଫେର୍ ପଚାରିଲା ଡରୋଥି, "ତୁମେ ସୁଖୀ ତ ?"

ଅଳ୍ପ ହସି ମୁଣ୍ଡ ହଲେଇଲା ମାନସୀ ।

ଲାଇବ୍ରେରୀରେ ପଶିଲେ ଏମାନେ । ଅହୁରି ପାନୀୟ ଆସିଲା । ନାନା ବିଷୟରେ ଗପ ଚାଲିଲା । ଡରୋଥି ଓ ରାଲଫ୍ ଶଙ୍କର ସାଙ୍ଗରେ କଥାବାର୍ତ୍ତା କଲାବେଳେ ପୂରା ମାର୍କିନ ଠାଣିରେ କହୁଥାନ୍ତି । ମାନସୀ ସେମାନଙ୍କ କଥା ଭଲ ବୁଝିପାରୁ ନ ଥାଏ । ଜଣ ଗୋଟାଏ କଥାରେ ଡରୋଥି ମାନସୀ ପାଖକୁ ଆସି, ଦୁଇ ହାତରେ ତାକୁ ଟାଣି ଠିଆ କରେଇ କହିଲା, "ଶୀ ଇଜ୍ ଏ ଲଭ୍ଲି ଗାର୍ଲ ।" ରାଲଫ ନଠେଇକି ଅନେଇଲା ମାନସୀକୁ । ମାନସୀ ଲଜ୍ଜିତ ହେଲା ।

ପରିଶେଷରେ ମାନସୀ ଓ ଶଙ୍କରକୁ ଶୁଭରାତ୍ରି ଜଣେଇ ଦି ଜଣ ଫେରିଲେ ତାଙ୍କ ଶୋଇବା ଘରକୁ ।

ତହିଁ ଆରଦିନ ପ୍ରାତରାଶ ପରେ ଡରୋଥି ଓ ରାଲଫ୍‌କୁ ନେଇ ବାହାରି ପଡ଼ିଲା ଶଙ୍କର କଲିକତା ଭ୍ରମଣରେ । ମାନସୀ ଡରୋଥିକୁ କହିଲା, "ମୁଁ ଘରେ ନ ରହିଲେ ପିଲାଙ୍କର ଅସୁବିଧା, ଶାଶୂ ଶ୍ୱଶୁରଙ୍କ ଅସୁବିଧା ଏବଂ ଅତିଥିମାନଙ୍କର ଅସୁବିଧା । ତୁମେ ଯାଅ ବୁଲି ଆସ । ସମ୍ଭବ ହେଲେ ମୁଁ ଉପରଓଳି ଯିବି ।"

ବୁଲି ବୁଲି ଏଗାରଟା ବେଳକୁ ଅଫିସକୁ ଆସିଲେ ସେମାନେ । କର୍ମଚାରୀମାନେ ଆସି ଡିରେକ୍ଟର ଓ ତାଙ୍କ ସ୍ତ୍ରୀଙ୍କୁ ଅଭିବାଦନ ଜଣେଇଲେ । ବିଭିନ୍ନ ବିଭାଗମାନ ପରିଦର୍ଶନ କଲା ରାଲଫ୍ । ହିସାବ ଫର୍ଦ୍ଦ ଦେଖିଲା । ନୂଆ

Digitized by srujanika@gmail.com

କାରଖାନାର ବ୍ଲୁପ୍ରିଣ୍ଟ ଦେଖିଲ । ଆଲୋଚନା କଲ । ଯାହା ନିର୍ଦ୍ଦେଶ ଦବାର ଦେଲ । ଭାରତରେ ସେମାନଙ୍କର ବୁଲାବୁଲିର ପ୍ରୋଗ୍ରାମକୁ ମଞ୍ଜୁର କଲ । କେତୋଟି କେବ୍ଲ କଲ । କାମ ସାରି ଘରକୁ ଫେରିଲେ ସମସ୍ତେ ମଧ୍ୟାହ୍ନ ଭୋଜନ ପାଇଁ ।

ଖାଇବା ବେଳେ ଡରୋଥି କହିଲ, "ତୁମର ଆତିଥ୍ୟର ତୁଳନା ହୁଏନି ଶଙ୍କର । ଆଉ ବେଶି ଦିନ ରହି ତୁମକୁ ବିବ୍ରତ କରିବା ଉଚିତ ହବନି ।"

"କାହିଁକି, ଅସୁବିଧା ହଉଛି କିଛି ?"

"ଓ ମାନସୀ", ହସିଲ ଡ଼ରୋଥି, "ତୁମେ କଥାଟାକୁ ମୋଡ଼ୁଛ । ତୁମେ ଜାଣ ଆମେ କେତେ ଆରାମରେ ଅଛୁ ଏଠି । ତଥାପି ଅସୁବିଧା କଥା ଉଠଉଛ କାହିଁକି ?"

"ତା ହେଲେ ଏଠୁ ଚାଲିଯିବା କଥା ଭାବୁଛ କାହିଁକି ?" ହସି ପଚାରିଲ ମାନସୀ । ରାଲଫ୍ କହିଲ, "ମିସେସ୍ ଶତପଥୀ, ତୁମର ଆତିଥ୍ୟ ଏତେ ଆନ୍ତରିକ ଯେ, ତା ଉପରେ ଜବରଦସ୍ତି କରିବା ଅନ୍ୟାୟ ହବ ।"

"ତା ହେଲେ ବାକୀ ଯିବା ଯାଏ ଏଠି ରୁହ ।" ନିବେଦନ କଲ ଶଙ୍କର ।

"ନା ଶଙ୍କର, ହୋଟେଲରେ ସୁବିଧା । ଅନେକ ଲୋକ ଦେଖା କରିବାକୁ ଆସିବେ । ଏଠି ତୁମର ଜୀବନଯାତ୍ରାର ଶାନ୍ତି ବିପର୍ଯ୍ୟସ୍ତ କରିବାର ଇଚ୍ଛା ମୋର ନାହିଁ । ନା ଇଣ କହୁଛ ଡାର୍ଲିଂ ?"

"ଠିକ୍ କଥା ।" ଡରୋଥି ରାଜି ହେଲା ସ୍ୱାମୀ କଥାରେ ।

"ମୁଁ ଭାବୁଛି, କାଲି ପ୍ରାତରାଶ ପରେ ହୋଟେଲକୁ ଉଠିଯିବା । ଆଜି ଦେଖି ଆସିବା ସେଠିକାର ବ୍ୟବସ୍ଥା ।" ରାଲଫ୍ କହିଲା ।

"ନା ।" ଆପତ୍ତି କଲା ଶଙ୍କର । "କାଲି ମୋର ଡ଼ିନର୍ । ତା ପରେ ହୋଟେଲକୁ ଯିବ ।"

"ଅଲ୍ ରାଇଟ୍ ଡ଼ାର୍ଲିଂ । ଶଙ୍କରର ପ୍ରସ୍ତାବ ଯୁକ୍ତିସଙ୍ଗତ ।" ଡ଼ରୋଥିର ଶେଷ ନିଷ୍ପତ୍ତି ।

ରାଲଫ୍ ଓ ଡ଼ରୋଥିର ସମ୍ମାନାର୍ଥେ ଡ଼ିନର୍ ଦଉଛି ଶଙ୍କର ଏକ ନାମଜାଦା ହୋଟେଲରେ । କଲିକତାର ବହୁ ମାନ୍ୟଗଣ୍ୟ ଲୋକଙ୍କୁ ଡ଼ାକିଛି । ମାର୍କିନ ସମାଜରୁ ବାଛି ବାଛି ଡ଼ାକିଛି କୋଡ଼ିଏ ପଚିଶ ଜଣଙ୍କୁ । ଭାରତୀୟ ବ୍ୟବସାୟୀ ସଂପ୍ରଦାୟରୁ ମଧ୍ୟ ସେମିତ । ତା ଛଡ଼ା ଖବର କାଗଜ

Digitized by srujanika@gmail.com

ବାଲା । ଶହେରୁ ଊର୍ଦ୍ଧ୍ୱ ଲୋକଙ୍କ ବ୍ୟବସ୍ଥା । ବୋଷ ଆଉ ମଜୁମଦାରଙ୍କ ଉପରେ ଆୟୋଜନର ଭାର ଦେଇଛି ଶଙ୍କର । ସବୁଠୁଁ ଭଲ ଖାଦ୍ୟ, ସବୁଠୁଁ ଭଲ ପାନୀୟର ଆୟୋଜନ ହୋଇଛି । ଟୋଷ୍ଟ ହେବ, ବକ୍ତୃତା ହେବ, ନାଚ ହେବ । ଶଙ୍କର ମୁକ୍ତ ହସ୍ତରେ ଖର୍ଚ୍ଚ କରୁଛି ।

ସ୍ତ୍ରୀକୁ କହୁଛି ଶଙ୍କର, ଡିନାର୍‌କୁ ସେ ଏମିତି ବେଶରେ ଯିବ, ଯାହା କେହି କେବେ ଦେଖି ନଥିବେ ।

ମାନସୀ ତାର ଉତ୍ତରରେ କହିଲା, ତା ହେଲେ ଲଙ୍ଗଳା ହୋଇ ଯିବ ସେ । ହସିଥିଲା ଶଙ୍କର ତା କଥାରେ ।

ଦୁଇ ପହର ବେଳେ ଅରୁଣାକୁ ଫୋନ୍ କଲା ମାନସୀ, "ଆଜି ଟିକିଏ ସନ୍ଧ୍ୟାବେଳକୁ ଆସିପାରିବ ଅରୁଣା ? ଧର ଏଇ ଛ'ଟା ବେଳକୁ ।" ଅରୁଣା ରାଜି ହେଲା ।

ପାଞ୍ଚଟା ବେଳକୁ ହଡସନ୍ ଦମ୍ପତି ଫେରିଲେ । ଶଙ୍କର ଅଫିସରୁ ଫେରିନି । ଏମାନଙ୍କୁ ଦେଖି ମାନସୀ ତଳକୁ ଓହ୍ଲାଇ ଆସିଲା । ଡରୋଥି ତାକୁ ଦେଖି କହିଲା, "ଚାଲ ତୁମ ଘରକୁ ।"

ଦୁଇ ଜଣ ଉଠି ଆସିଲେ ମାନସୀର ଶୋଇବା ଘରକୁ । ରାଲଫ୍ ଗଲା ତା ଘରକୁ । ପିଲାମାନଙ୍କ ପାଖକୁ ଯାଇ ଡରୋଥି ତା ବଟୁଆରୁ କାଢ଼ିଲା ଦୁଇଟି ଛୋଟ ଛୋଟ ବାକ୍‌ସ । ଦୁଇ ପିଲାଙ୍କୁ ଧରେଇ ଦେଲା । ପିଲାଏ ହସିଲେ । ହାତରୁ ଛଡେଇ ପକେଇଲେ । ପୁଣି ତାଙ୍କୁ ଧରେଇ ଦେଲା ଡରୋଥି । ତା ପରେ ମାନସୀ ପାଖକୁ ଆସି ଆଉ ଗୋଟିଏ ବାକ୍‌ସ ବାହାର କଲା । ଏ ବାକ୍‌ସଟି ଅପେକ୍ଷାକୃତ ବଡ଼ । ମାନସୀ ଦେଖିଲା, ବାକସ ଉପରେ କଲକତାର ଏକ ପ୍ରସିଦ୍ଧ ଜହୁରୀର ନାମ । ବୁଝିଲା ଅଳଙ୍କାର ଆଣିଛି ଡରୋଥି । ବାକସ ଖୋଲି ସେ ବାହାର କଲା ଦୁଇଟି ବ୍ରେସଲେଟ । ମାନସୀର ହାତ ଧରି ପିନ୍ଧେଇ ଦେଲା ।

ମାନସୀ କୁଣ୍ଠିତ ହେଲା, "କାହିଁକି ଏତେ ସବୁ କିଣିଲ ?"

"ତୁମ ପାଇଁ ପିଲାଙ୍କ ପାଇଁ ଉପହାର ଆଣିଛି । ତୁମେ ଶଙ୍କରର ସ୍ତ୍ରୀ । ଶଙ୍କର ମୋର ବନ୍ଧୁ । ତା ଛଡ଼ା ତୁମର ଆତିଥ୍ୟ ଗ୍ରହଣ କରିଛୁ ଏଠି । ଖାଲି ନବା, କିଛି ଦବାନି ?" ହସିଲା ସେ ।

ମାନସୀ କିଛି ଉତ୍ତର ଦେବା ଆଗରୁ ପିଲାଙ୍କ ପାଖକୁ ଯାଇ, ବାକସ ଖୋଲି ଦୁଇଟି ସରୁ ଚେନର ହାର ପିନ୍ଧେଇ ଦେଲା ଦୁଇ ଟିକିଙ୍କୁ । ତାପରେ ହସି ହସି ଘରୁ ବାହାରିଗଲା ।

Digitized by srujanika@gmail.com

ମାନସୀ ତାର ବ୍ରେସଲେଟଗୁଡ଼ା ଦେଖିଲା ଏଥର । ଦାମୀ ଜିନିଷ । କଣ କରିବ କିଛି ଠିକ କରି ନ ପାରି ଚୁପଚାପ ଠିଆ ହୋଇ ରହିଲା । ପର୍ଦ୍ଦା ଆଡ଼େଇ ପଶି ଆସିଲା ଶଙ୍କର । ସ୍ତ୍ରୀର ଅବସ୍ଥା ଦେଖି ପଚାରିଲା, "ଚୁପଚାପ ଠିଆ ହୋଇଛ ଯେ ? ସେଗୁଡ଼ା କଣ ?"

ସ୍ୱାମୀକୁ ଅଳଙ୍କାର ଦେଖାଇ ସବୁ କଥା କହିଲା ମାନସୀ ।

ହସି କହିଲା ଶଙ୍କର, "ଭଲ କରି ଧନ୍ୟବାଦ ଦେବ । ଆଉ ଶୁଣ, ଅରୁଣାକୁ ଡ଼ାକିଥିଲି ସେ ଆସିଛି । ତଳେ ବସିଛି । ମୁଁ ଶୀଘ୍ର ବାହାରିବି । ବ୍ୟବସ୍ଥା କରିଦିଅ ।"

ତଳକୁ ଆସି, ଅରୁଣା ପାଇଁ ଚା ଜଳଖିଆର ବରାଦ୍ଦ କରି ସେ ଶାଶୁ ଶଶୁରଙ୍କ ପାଖକୁ ଗଲା । ସେମାନଙ୍କୁ ଗହଣା ଦେଖେଇଲା । ଶଶୁର ଦେଖି ବୁଝିଲେ ଜିନିଷଗୁଡ଼ା କି ଦରର । ସୁନା ଉପରେ ପ୍ଲେଟିନାମର କାମ, ତା ଉପରେ ମାଣିକ୍ୟ ଖଞ୍ଜା ହୋଇଛି । ଆଜିକାଲିକା ଦାମ୍‌ରେ ବ୍ରେସଲେଟ୍ ଯୋଡ଼ାକ ପାଞ୍ଚ ଛ ହଜାର ଟଙ୍କା ହେବ । ପିଲାଙ୍କ ହାର ଦିଓଟି ତ ଅତି ସୁନ୍ଦର ।

ଶଙ୍କର ଆସି କହିଲା, "ମୁଁ ଏଇକ୍ଷଣି ବାହାରିବି ବାପା । ଆସିବାକୁ ଡେରି ହେବ । ମାନସୀ ସାଢେ ସାତଟା ବେଳକୁ ଯିବ । ତା ପାଇଁ ଗାଡ଼ି ପଠେଇ ଦେବ ।"

ବଡ଼ ଗାଡ଼ିଟା ନିର୍ଦ୍ଦିଷ୍ଟ ହୋଇଛି ରାଲଫ୍ ଓ ଡରୋଥିର ବ୍ୟବହାର ପାଇଁ । ସାନ ଗାଡ଼ିଟାରେ ସେ ଚଢ଼ୁଛି ।

ମାନସୀ ସାଙ୍ଗରେ ଉପରକୁ ଉଠି ଗାଧୋଇ, ପୋଷାକ ପିନ୍ଧି ବାହାରି ପଡ଼ିଲା ଶଙ୍କର । ଗଲାବେଳେ ହର୍ଣ୍ଣ ମାରି ଗଲା ଡରୋଥି ଘରେ । କହିଗଲା ଠିକ୍ ଆଠଟା ବେଳକୁ ସେ ସେମାନଙ୍କୁ ଅପେକ୍ଷା କରିବ ।

"O K. son. Go ahead." ପାଟି କଲା ରାଲଫ୍ ।

ଅରୁଣାକୁ ନେଇ ବସିଲା ଆସି ମାନସୀ ତା ଶୋଇବା ଘରେ । ଆଜି ମାନସୀ ଠିକ କଲା କଣ ପିନ୍ଧିବ । ଆଲମାରି ଖୋଲି ତା ଗହଣା ବାକସ କାଢ଼ି ଆଣି ବାଛି ପକେଇଲା ଖାଲି ଓଡ଼ିଆ ଗହଣା ସବୁ । ମୁଣ୍ଡରେ ଟିକିଲି, ନାକରେ ଫୁଲି, କାନରେ ଝୁମୁକା, ବେକରେ ହାର, ହାତ ପାଇଁ ବାହୁଟି ଖଡ଼ୁ, ପଇଁଚ, ଆଙ୍ଗୁଳିରେ ମୁଦି । ସବୁ ପୁରୁଣା ଢଙ୍ଗର । ଅରୁଣା ଏ ଗହଣା ଦେଖି ନ ଥିଲା । ଖୁସି ହୋଇ ଗୋଟି ଗୋଟି କରି ପିନ୍ଧେଇଲା ତାକୁ । ନୂଆ ବାହୁଟି ମାନସୀ, ସମ୍ବଲପୁରୀ ମଠା ଶାଢ଼ୀ ଏବଂ ତାକୁ ମନେଇ

Digitized by srujanika@gmail.com

ଟ୍ଲାଉଜ । ମାନସୀକୁ ପଛେଇ ପାଖ ଠିଆ ହୋଇ ଅନେଇଲେ ତାଙ୍କୁ ଅରୁଣା । ହସି କହିଲ, "କହୁ ମନେ କରିବେନି, ଏଇ ବେଶରେ ଅଜ ଅପଣଙ୍କୁ ଦେଖିଲେ ମହାଦେବଙ୍କ ମନ ବି ଟଳିଯିବ ।"

ମାନସୀ ଲଜ୍ଜିତ ହୋଇ କହିଲା, "ଏଇ ଚୁପ୍ ! କିଏ ଶୁଣିବ ।"

ନନ୍ଦ ଆସି ଖବର ଦେଲ, ଗାଡ଼ି ଆସିଲଣି ।

ଶଶୁରଙ୍କ ଘରକୁ ଯିବାକୁ ସାହସ ଦେଲ ନାହିଁ ମାନସୀର । ଶାଶୁଙ୍କୁ ବାହାରକୁ ଡ଼ାକି କହିଲ, "ମୁଁ ଯାଉଛି ବୋଉ । ଅସିବାକୁ ଡ଼େରି ହବ । ପିଲାଏ ରହିଲେ ।"

ଶାଶୁ ଅନେଇ ରହିଲେ ତା ମୁହଁକୁ । ମାନସୀ ଯେମିତି ପନ୍ଦର ଷୋଳ ବର୍ଷର କଣୋଟ ବଧୂ । ହସି କହିଲେ, "ହା, ପୁଅ ହାଙ୍ଗରେ ଫେରିବୁ ତ ?"

"ହଁ ।"

ଚଳକୁ ମୁହଁ କରି ପଳେଇ ଅସିଲ ମାନସୀ ପରିବେଶକୁ ଅମୋହିତ କରି । ଅରୁଣାକୁ ନେଇ ଗାଡ଼ିରେ ବସିଲ ।

ହୋଟେଲ ଦୁଆରେ ମାନସୀକୁ ଦେଖି ଚମକିଲ ଶଙ୍କର । ତାକୁ ସାଙ୍ଗରେ ନେଇ ଭିତରକୁ ପଶିଲ । ବାଟରେ ତା କାନରେ କାନରେ କହିଲ, "ତୁମକୁ ଆଜ ମୋତେ ରକ୍ଷା କରିବାକୁ ହବ । ଯାହା ଦଶୁଛ ତୁମେ, ମୋର ଅତିଥିମାନଙ୍କର ମୁଣ୍ଡ ନ ଘୂରେଇଲେ ହେଲ ।"

ଶାସନ କଲ ସେ ସ୍ୱାମୀକୁ, "ଯାଃ, କଣ କହୁଛ ମ ତୁମେ !" ଗାରନେଟ ଜମା କରିଦେଲ ତାକୁ ଶଙ୍କର ।

ବଫେଟ ଡ଼େଜ । ବହୁ ନିମନ୍ତ୍ରିତ । ସେମ୍ପେନ୍‌ର ସୁଅ ବୋହିଯାଉଛି । ମାନସୀ ଚ୍‌ଫ୍ରପ ବସି ଦେଖୁଥାଏ ଅତିଥିମାନଙ୍କୁ । ଡ଼ରୋଥି ଆସି ବସିଲ ତା ପାଖରେ । ଶଙ୍କରକୁ ଡାକି କହିଲ, "ଟେବୁଲରେ ମୋ ପାଖରେ ମାନସୀ ଯେମିତି ବସେ ତାର ବ୍ୟବସ୍ଥା କରିବ । ଅଜଣା ଅତିଥି ପାଖରେ ବସିଲେ ସେ ବିବ୍ରତ ହବ ।"

ଡରୋଥି ପ୍ରତି କୃତଜ୍ଞତା ଜଣେଇଲ ମାନସୀ ତା ହାତ ଧରି ।

ଡ଼େଜ ଅରମ୍ଭ ହେଲ । ଅର୍କେଷ୍ଟ୍ରା ବେଣ୍ଡ୍‌ର ବ୍ୟବସ୍ଥା ହୋଇଛି । ରାଲଫ୍ ଓ ମନ୍ତ୍ରୀ ବସିଲେ ଟେବୁଲର ଗୋଟାଏ ମୁଣ୍ଡରେ । ତାଙ୍କ ଦୁ ପାଖରେ ଡରୋଥି ଓ ମାନସୀ । ଟୋଷ୍ଟ ହେଲ । ରଲଫ୍ କହିଲ, ଇଉନିୟନ କେମିକେଲ୍‌ସକୁ ସରକାର ଯଦି ସୁବିଧା ସୁଯୋଗ ଦଅନ୍ତି, ଏ ଦେଶର

Digitized by srujanika@gmail.com

ରାସାୟନିକ ଉତ୍ପାଦନ କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବ ତା କମ୍ପାନୀ । ସେମାନେ ଏଠି ଗୋଟାଏ ବଡ଼ ଧରଣର ଲେବରେଟରୀ ବସାଇବାର କଳ୍ପନା କରୁଛନ୍ତି । ସେଥିରେ ସରକାରୀ ସହଯୋଗ କାମନା କଲି ସେ । ମନ୍ତ୍ରୀ ଉତ୍ତର ଦେବାକୁ ଉଠି କହିଲେ, ତାଙ୍କ ରାଜ୍ୟରେ କାରଖାନା ବସାଇଲେ ସେ ସବୁ ପ୍ରକାର ସାହାଯ୍ୟ ଦେବେ । ଲେବରେଟରୀ ପାଇଁ ଜାଗା, ପାଣି ଓ ଶସ୍ତାରେ ବିଜୁଳିଶକ୍ତି ଯୋଗାଇ ଦିଆଯିବ ।

ହାତ ତାଳି ଭିତରେ ଭୋଜନ ଆରମ୍ଭ ହେଲା । ମାନସୀ ବସିଛି ମନ୍ତ୍ରୀଙ୍କ ଡାହାଣକୁ । ଏହି ସୁନ୍ଦର ବଧୂଟିର ପରିଚୟ ପାଇ ଶଙ୍କରକୁ ଡାକି କହିଲେ, "ତୁମେ ତ ଭାରି କପାଳିଆ ହେ ଶତପଥୀ । ତୁମର ସ୍ତ୍ରୀ ଭାଗ୍ୟ ଖୁବ୍ ଭଲ ।"

ହସିଲେ ଅତିଥିବୃନ୍ଦ । ମନ୍ତ୍ରୀ ଖାଉଁ ଖାଉଁ ନଜର କରୁଥାନ୍ତି ମାନସୀର ଖାଇବା । ଅଳ୍ପ ଟିକିଏ ଖାଦ୍ୟ ନେଲି ସେ । ମନ୍ତ୍ରୀ ଗପ କରିବା ଛଳରେ ଖାଦ୍ୟର ଉପଯୋଗିତା ବୁଝେଇଲେ । ଖୋଇଲେ ତାକୁ ବଳେଇ ବଳେଇ ।

ଭୋଜି ପରେ ଅନେକ ଅତିଥି ବିଦାୟ ନେଲେ । ମନ୍ତ୍ରୀଙ୍କୁ ବିଦାୟ ଦେଇ ଆସି ଶଙ୍କର ଦେଖିଲା ନୃତ୍ୟ ଆରମ୍ଭ ହୋଇଗଲାଣି । ଯୋଡ଼ା ଯୋଡ଼ା ନରନାରୀ ଘୂରି ବୁଲୁଛନ୍ତି ବେଣ୍ଡ୍‌ର ତାଳେ ତାଳେ । ମାନସୀକୁ ଖୋଜିଲା ସେ । ଓ, ଏଇ ସେଠି ବସିଛି ସେ ମିସେସ ବୋଷ ପାଖରେ । ସେ ଯାଇ ଯୋଗ ଦେଲା ରାଲଫ ସାଙ୍ଗରେ । ଭାଇସ ଜନସନ ଟମ ମରଗାନ ଆସି ମାନସୀକୁ ଡାକିଲା, "ମିସେସ ଶତପଥୀ, ଆସ । ନାଚିବ ନାହିଁ ?"

ହସି ମନା କଲା ମାନସୀ ।

"ସେ କଥା ମୁଁ ଶୁଣିବି ନାହିଁ । ନାଚିବାକୁ ହେବ ତୁମକୁ ।" ଜିଦ୍ କଲା ସେ । ମାନସୀ ବୁଝିଲା, ଟମ୍‌କୁ ନିଶା ଧରିଛି ।

ଡରୋଥି ଆସି ପହଞ୍ଚିଲା । ଟମ୍‌କୁ ପଚାରିଲା, କଣ କଥା ?

ସେ ମାନସୀକୁ ନାଚିବାକୁ ଡାକୁଛି ଶୁଣି ଡରୋଥି କହିଲା, "ସେ ନାଚ ଜାଣେନି । ହିନ୍ଦୁ ମହିଳା । ଶାଶୁ ଶଶୁର, ସ୍ୱାମୀ ସନ୍ତାନ ନେଇ ଘର କରେ । ତାକୁ ଟାଣୁଛ କାହିଁକି ? ତୁମେ ନାଚିବ ? କାମ୍ ଅନ୍ । କିନ୍ତୁ ବହୁତ ପିଇଛ ତୁମେ । ନାଚି ପାରିବ ତ ?" ସେ ଟମ୍‌କୁ ନେଇ ଚାଲିଗଲା ନାଚ ନାଚ । ରାଲଫ୍ ଓ ଶଙ୍କର ଜନ୍‌ସନଙ୍କ ସାଙ୍ଗରେ ଗପ କରୁଛନ୍ତି ଗୋଟାଏ କଣରେ । ଶଙ୍କର କିନ୍ତୁ ନଜର ରଖିଛି ।

ଗୋଟାଏ ମାଡ଼ୁଆଡ଼ି ଟୋକା ଆସି ବସିଲା ମାନସୀ ପାଖରେ । ଶଙ୍କର ଚିହ୍ନିଲା, ଗଜାନନ ଡାଗଚୁରିଆ ।

Digitized by srujanika@gmail.com

ମାନସୀ ପାର୍ଟର କାହ୍ନ୍‌ଚାରେ ବସିପଡ଼ ଭଙ୍ଗା ଓଡ଼ିଆରେ ଆରମ୍ଭ କଲା, ସେ କଟକରେ ତନ ବର୍ଷ ଥିଲା । ଷୋଟର କାରଖାନା ଅଛି ତାଙ୍କର କଲିକତା ପାଖ ଅଞ୍ଚଳରେ ପାଞ୍ଚଟା । ମାନସୀର ଶାଢ଼ୀ ଗହଣାର ପ୍ରଶଂସା କଲା ସେ ।

ମାନସୀ ପାଖରୁ ଥଣ୍ଡା ଜବାବ ପାଇ ସେଠ ଉଠିଗଲା ।

ଶଙ୍କର ଖୋଜୁଛି ଲେଶକୁ । ଗାରନେଟ କୁଆଡ଼େ ଗଲା ? ଓ, ଏଇ ସେଠି । ଅନ୍ଧାର କଣରେ ବଲ୍ ହେଲେ ପାଖରେ ବସିଛି । ପାଟକୁ ଅସି ଦେଖିଲା, ଗାରନେଟ୍ ମାତାଲ ହୋଇ ଯାଇଛି । ତାର କଥା ଅସଂଯତ । ଶଙ୍କର ଶୁଣିଲା, ବଲ୍ ପାଙ୍କରେ ଗାରନେଟ ଯେଉଁ ଭାଷାରେ କଥା କହୁଛି, ସେ ଭାଷା ଭଦ୍ର ସମାଜରେ ଚଳବ ନାହିଁ । ଅନେଇ ଦେଖିଲା ଗାରନେଟର ବେଶବାସ ଅସଂଯତ । ଭାବଭଙ୍ଗୀ ମଧ୍ୟ । କଣେଇକ ଅନେଇଲା, ବଲ୍ ଗାରନେଟର ଅବସ୍ଥାର ସୁଯୋଗ ନେଉଛି । ସେ ପାଖକୁ ଯାଇ ପଚାରିଲା, "ଲେଶ କାହିଁ ?"

"ଆଇ ଡ଼ୋନ୍ ନୋ ।" ତା ପରେ ଗାରନେଟ ଯାହା କହିଲା, ତାକୁ ଲେଖି ହବ ନାହିଁ ।

ସେ ଲେଶକୁ ଖୋଜିବାକୁ ଯାଇ ଦେଖିଲା, ଲେଶ ଅଚେତ ହୋଇ ଶୋଇଛି । ତାକୁ ଧରାଧରି କରି ହୋଟେଲର ଦୁଇ ଜଣ କର୍ମଚାରୀ ଗାଡ଼ିରେ ନେଇ ଶୁଆଇଦେଲେ । ଗାରନେଟକୁ ଆଣିବାକୁ ଯାଇ ଶଙ୍କର ଦେଖିଲା, ବଲ୍ କୋଡ଼ରେ ଆଉଜି ବସିଛି ସେ । କାନ୍ଧରୁ ଖସି ଯାଇଛି ତାର ଗାଉନ୍ । ବଡ଼ ବଡ଼ କରି କଣ କହୁଛି ଗାରନେଟ ! ସେ ଯାଇ ଗାରନେଟକୁ ଡ଼ାକିଲା । ଟାଣି ଉଠେଇଲା ତାକୁ । ତାର ଗାଉନ୍‌କୁ ଠିକ୍ କଲା । ତାରି କାନ୍ଧରେ ଆଉଜି ଗାରନେଟ ଅଶ୍ଳୀଳ ଅଭିଧାନ ଜଣାଉଥାଏ ତାକୁ । ଲେଶକୁ ଗାଳି ଦେଉଥାଏ ମାତାଲ, ଅକ୍ଷମ ବୋଲି । ଶଙ୍କର ତାକୁ ନେଇ ଲେଶ ପାଖରେ ବସେଇ ଡ୍ରାଇଭରକୁ ଗାଡ଼ି ନେଇଯିବାକୁ କହିଲା ।

ସମସ୍ତଙ୍କୁ ବିଦାୟ ଦେଇ, ରାଲଫ୍ ଓ ଡ଼ରୋଥି ଉଠିଲେ ଉପରକୁ, ତାଙ୍କ ସୁଇଟ୍‌କୁ । ରାଲଫ୍ ଶଙ୍କରର ହାତଧରି ବହୁତ ଧନ୍ୟବାଦ ଦେଲା । ଡ଼ରୋଥି ମାନସୀକୁ କୋଡ଼ରେ ଜାକିଧରି ତା ଗାଲରେ ଚମାଦେଇ କହିଲା, "ଗୁଡ଼୍ ନାଇଟ୍ ଡ଼ିଆର୍ ।"

ଘରକୁ ଫେରି ଘଡ଼ି ଦେଖିଲା ଶଙ୍କର, ଗୋଟାଏ ଦଶ । ନିଃଶବ୍ଦରେ ଉଠିଗଲେ ସେମାନେ ଉପରକୁ । ଦ'ଟାଯାକ ପିଲା ଉଠିଛନ୍ତି । ଶାଶୁ ଓ ଧାଈ ଧରିଛନ୍ତି ପିଲାଙ୍କୁ । ମାନସୀ ଲୁଗା ପାଲଟି ଶାଶୁଙ୍କ ପାଖରୁ ପୁଅକୁ ନେଲା । ଶାଶୁ ଶୋଇବାକୁ ଗଲେ ।

Digitized by srujanika@gmail.com

ପିଲାକୁ ଖୋଇ, ଶୋଇ ପକେଇ ସେ ଯେତେବେଳେ ଉଠି ଠିଆ ହେଲା, ବୁଝିଲା କ୍ଳାନ୍ତ ହୋଇପଡ଼ିଛି ସେ । ସ୍ୱାମୀର ଶୋଇବା ଘରକୁ ଆସି ଦେଖିଲା, ଶଙ୍କର ବିଛଣାରେ ବସି ସିଗ୍ରେଟ ଟାଣୁଛି । ତା ପାଖରେ ବସିପଡ଼ି ମାନସୀ କହିଲା, "ମୋତେ ଭାରି ଥକା ଲାଗୁଛି ।" ତକିଆଟାକୁ ତା ଆଡ଼କୁ ଟାଣିନେଇ ଶଙ୍କର କହିଲା, "ଶୋଇପଡ଼ ।" ତା ପରେ ସିଗ୍ରେଟଟା ପାଉଁଶଦାନୀରେ ଦଳିଦେଇ ଆଲୁଅ ଲିଭେଇ ଦେଲା ।

ଚବିଶ

ଦିଲ୍ଲୀରେ, ହୋଟେଲରେ, ତା ଶୋଇବା ଘରେ ଡ଼ରୋଥି କହିଲା ଶଙ୍କରକୁ ରାଲଫ୍ ସାଙ୍ଗରେ ତାର ଛାଡ଼ାଛାଡ଼ି ହୋଇଗଲା । ରାଲଫ୍ ନାହିଁ । ମାର୍କିନ ରାଷ୍ଟ୍ରଦୂତଙ୍କ ସାଙ୍ଗରେ ଶିକାର କରିବାକୁ ଯାଇଛି ତେରାଇ ଅଞ୍ଚଳକୁ । କାଲି ଫେରିବ !

ସୋଫାରେ ଶୋଇଛି ଡରୋଥି ଗୁଡ଼ାଏ କୁଶନକୁ ଆଉଜି । ଶଙ୍କର ବସିଲା ଆସି ଗୋଟାଏ କାଉଚରେ ତା ଗୋଡ଼ ଆଡ଼କୁ । କଫି ଖାଉ ଖାଉ କହିଲା ଡ଼ରୋଥି ତା ଗପ ।

"ତୁମର ମନେଥିବ ଶଙ୍କର ଏଲେକ୍ ମାର୍ଡେନ୍‌କୁ । ନୃତତ୍ତ୍ୱରେ ଏମ୍. ଏ. କରୁଥିଲା । ବଡ଼ଲୋକର ପିଲା । ତା ବାପ ବେଙ୍କାର୍ । ହଠାତ ଦିନେ ଦେଖିଲି, ଏଲେକ୍ ମୋ ବିଷୟରେ ଭାରି କୌତୂହଳୀ ହୋଇ ଉଠିଛି । ମଝିରେ ମଝିରେ ଆସେ ମୋ ପାଖକୁ । ମୋତେ ତା ଗାଡ଼ିରେ ନେଇଯାଏ ଏଠିକି ସେଠିକି । ଆମ ଘରେ ଆସି ପହଞ୍ଚେ ଯେତେବେଳେ ସେତେବେଳେ । ବାବାଙ୍କ ସାଙ୍ଗରେ ତା ବାପର ଭଲ ଜଣାଶୁଣା ଥିଲା । କ୍ରମଶଃ ଏଲେକ୍ ସାଙ୍ଗରେ ମୋର ମିଳାମିଶା ବଢ଼ିଲା । ତା ଚେହେରା ଭଲ ଥିଲା, କଲେଜ ବେସ୍‌ବଲ ଟିମ୍‌ର ସେ ଥିଲା ଜଣେ ବଡ଼ପଣ୍ଡା । କଥାବାର୍ତ୍ତାରେ ଧୁରନ୍ଧର । କିଛିଦିନ ପରେ ଆମର ସମ୍ପର୍କଟା ଯାଇ ପହଞ୍ଚିଲା ଏମିତି ଜାଗାରେ, ଯେଉଁଠି ମୋତେ ମନ ସ୍ଥିର କରିବାକୁ ହେଲା, ଏଲେକ୍‌କୁ ମୁଁ ସ୍ୱାମୀ ଭାବରେ ଗ୍ରହଣ କରିବି କି ନା ।

"ଗଲା ଖରାଦିନେ ଆମେ ଠିକ୍ କଲୁ, ଗୋଟାଏ ଷ୍ଟେସନ— ୱାଗନରେ ମେକ୍‌ସିକୋ ଯିବା । କଥା ଅନୁସାରେ ବାହାରି ପଡ଼ିଲୁ । ସାନ୍‌ମେଗୁଏଲରୁ ମେକ୍‌ସିକୋ । ସେଠୁ ଟେକ୍‌ସକୋ ହୋଇ ଯାଇ ପହଞ୍ଚିଲୁ ଆକାପୁଲକୋ ସହରରେ । ପେସିଫିକ୍ କୂଳରେ ଏହି ସହରଟି ଏକ ଅଦ୍ଭୁତ ଜାଗା । ଫୁର୍ତ୍ତି କରିବାର ଯେତେ ପ୍ରକାର ବ୍ୟବସ୍ଥା ହୋଇପାରେ, ସବୁ ଏଠି ଅଛି । ସଭ୍ୟ ସମାଜର ଅନେକ ଆଇନ ଏଠି ଚଳେନି । ଏଠି ଆମେ ରହିଗଲୁ ସାତ ଆଠ ଦିନ । ଏଇଠି ମୁଁ ଜାଣିଲି ଏଲେକ୍ ଗୋଟାଏ ନିଉରୋଟିକ୍ ।

Digitized by srujanika@gmail.com

"ପ୍ରଥମ ଦିନାକେତେ ବୁଲିଲୁ ଫୂର୍ତ୍ତି କରି । ଏକୋକ୍ ଏ ସହରର ଗ୍ରୁଣ୍ଡାବାଜୁ ନାଗରିକ । ଏଠି ପ୍ରଚୁର ଜୁଆଖେଳ ହୁଏ । ପ୍ରଥମେ ମୁଁ ତା ସାଙ୍ଗରେ ଯାଉଥିଲି । ମୁଁ ଜୁଆଖେଳରେ ପାରେନା । ଖେଳିଲେ ହାରେଁ । ସେ କିନ୍ତୁ ବସି ବସି ଖେଳେ । ମୋତେ ଏକା ଘରକୁ ଫେରିବାକୁ ହୁଏ । ସେ ଫେରୁ ଫେରୁ ସକାଳ ହୋଇଯାଏ । ଦିନଯାକ ଶୁଏ ଏବଂ ସନ୍ଧ୍ୟା ହେଲେ ବାହାରେ ଜୁଆ ଆଡ଼୍ଡାକୁ ।

"ଆମେ ଯେଉଁ ଭିଲ୍ଲାରେ ଥିଲୁ, ସେଠିକାର ସ୍ୱଜଜମାନୀ ଦିନେ ମୋତେ କଥା ପ୍ରସଙ୍ଗରେ କହିଲି, ଏକୋକ୍ ଯେଉଁ ଜୁଆ ଆଡ଼୍ଡାକୁ ଯାଉଛି, ସେଠି ଖେଳ ଛଡ଼ା ଆଉ ଏକ ପ୍ରଧାନ ଆକର୍ଷଣ ହେଉଛି ନଗ୍ନ-ନୃତ୍ୟ । ସେ ନାଚ ମଧ୍ୟରାତ୍ରି ପରେ ଆରମ୍ଭ ହୁଏ । ଝୁବ ସମ୍ଭବ ଏକୋକ ସେହି ନାଚପାଇଁ ରାତସାରା ସେଠି ରହୁଛି । ମୁଁ ତାକୁ କହିଲି, ମୋତେ ଦିନେ ସେ ନାଚ ଦେଖେଇବାର ବ୍ୟବସ୍ଥା କରିଦିଏ, ମୁଁ ତାକୁ ବକ୍‌ସିସ୍ ଦେବ । ସେ ରାଜି ହେଲି ।

"ସେଦିନ ରାତି ଗୋଟାଏ ବେଳକୁ ଆମେ ସେଠିକି ଗଲୁ । ସେ ଅଗରୁ ଯାଇ ବନ୍ଦୋବସ୍ତ କରି ଆସିଥିଲି । ଆମେ ଯାଇ ବସିଲୁ ଗୋଟାଏ ଅନ୍ଧାର ଘରେ । ଝରକା ଭିତରେ ଦେଇ ଦେଖିଲୁ କ'ଣ ହେଉଛି ।"

କର୍ଣ୍ଣ ଶୋଷିଲି ଡ଼ରୋଥି ।

"ହୁଁ, କଣ ଦେଖିଲ ?" ପଚାରିଲା ଶଙ୍କର ।

"ଦେଖିଲି, ଅ୦ ଦଶୋଟି ବିଭିନ୍ନ ବୟସର ନାରୀ ଓ ଦୁଇ ତିନୋଟି ପୁରୁଷ ନାଚୁଛନ୍ତି । କାହାରି ଦେହରେ କୌଣସି ଆବରଣ ନାହିଁ । ବାଦ୍ୟ ବାଜୁଛି, ମଦ୍ୟପାନ ଚାଲିଛି । ଏକୋକ ବସିଛି ସେଠି, ମଦ ପିଉଛି ବସି ବସି । ତା କୋଡ଼ରେ ଆଉଜିଛି ବର୍ଷ କୋଡ଼ିଏର ଝିଅଟିଏ । ସଂପୂର୍ଣ୍ଣ ବିବସନା । ତା ପରେ ଯାହା ହେଲା ତାକୁ ବର୍ଣ୍ଣନା କରି ହେବନି । ସେଦିନର ସେ ଦୃଶ୍ୟ ମୁଁ ଭୁଲିନି, ଭୁଲି ପାରିବି କି ନା ସନ୍ଦେହ । ନିର୍ଲଜତାର ଚୂଡ଼ାନ୍ତକୁ ଯେତେବେଳେ ସେମାନେ ଗଲେ, ମୁଁ ଉଠି ଚାଲି ଆସିଲି ଯୋଠୁ । ତହୁଁ ଆରଦିନ ସକାଳୁ ଏକୋକ୍ ଫେରିଲା । ପ୍ରାତରାଶ ଖାଇ ଶୋଇପଡ଼ିଲା । ମୁଁ ତାକୁ କିଛି କହିଲିନି ।

"ତାର ଦୁଇଦିନ ପରେ, ଛବି ଦେଖିଯିବି ବୋଲି ମନ କଲି । ଏକୋକ ଗଲାନାହିଁ । ମୋ ପାଇଁ ଗୋଟାଏ ଟିକେଟ ଆଣି ଦେଲା । ମୁଁ ଗଲି ଛବି ଦେଖିବାକୁ । କିନ୍ତୁ ଏକା ବସି ଦେଖିବାକୁ ଭଲ ଲାଗିଲା ନାହିଁ । ପଳେଇ ଆସିଲି ଘରକୁ । ସାମନା ଦୁଆର ବନ୍ଦ ଦେଖିଲି । କମିତି ସନ୍ଦେହ ହେଲା ।

Digitized by srujanika@gmail.com

ପଛଅଡ଼େ ଚକରାଣୀ ପାଖରେ ପହଞ୍ଚିଲି । ମୁଁ ଯାହା ସନ୍ଦେହ କରିଥିଲି ଠିକ୍ । ଏଲେକ୍ ଗୋଟାଏ ମେକ୍ସିକାନ୍ ଟୋକୀକୁ ନେଇ ଘରେ ପଶିଛି । ଚକରାଣୀ ସାହାଯ୍ୟରେ ପଛଆଡୁ କବାଟ ଖୋଲି ପଶିଲି । ଏଲେକ୍‌ର ଶୋଇବା ଘର ଅନ୍ଧକାର । ଦୁଇଟି ଲାଲ ଲାଲ ଅଗ୍ନିବିନ୍ଦୁ ଦିଶିଲା । ଫୁସୁର ଫାସର କଥା ଶୁଣିଲି । ନିଶବ୍ଦରେ ସେ ଘରକୁ ପଶି ସୁଇଚ୍ ଟାଣି ଆଲୁଅ ଜଳେଇଲି । ଟୋକୀଟା ଡରରେ ଛାନିଆ ହୋଇ ପଡ଼ିଲା । ଏଲେକ୍ ମୋତେ ଦେଖି ଖଟରୁ ଓହ୍ଲାଇ ପଡ଼ି ଆସି ମୋ ସାମନାରେ ଠିଆହୋଇ ପଚାରିଲା, 'କିଏ କହୁଁ ତୁମେ ?'

"ମୁଁ ତାକୁ ଅନେଇଲି ଭଲକରି । କହିଲି, 'ଓ, ଏଥିପାଇଁ ତୁମେ ରାତିରେ ଘରକୁ ଫେରୁନ ?'

"ହଁ, ସେଥିରେ ତୁମର କଣ ଯାଏ ଆସେ ?"

"ନା, କିଛିନା ।"

"କାହିଁକି ଅମକୁ ଆସି ବିରକ୍ତ କଲ ?" ରାଗିଯାଇ ପଚାରିଲା ସେ ।

"ସେ ଝିଅଟା ମୁହଁ କାଢ଼ି ମଜା ଦେଖୁଥାଏ । ମୁଁ ଆଉ ସମ୍ଭାଳି ପାରିଲିନି । ଗୋଡ଼ରୁ ଜୋତା ଖୋଲି ଏଲେକ ମୁହଁରେ ପାହାରେ ବସେଇଲି । ସେ ହାତ ବଢ଼େଇ ମୋତେ ଧରିବାକୁ ଚେଷ୍ଟା କରୁଥିଲା । ମୁଁ ଯଥାଶୀଘ୍ର ଘର ଭିତରୁ ବାହାରି ଆସି ବାହାରୁ କବାଟ ବନ୍ଦ କରିଦେଲି । ତା ପରେ ଷ୍ଟେସନ ୱାଗନରେ ଜିନିଷପତ୍ର ନେଇ ବାହାରି ପଡ଼ିଲି ଟିଜୁଏନୋ । ବାଟରେ ଗୋଟାଏ ଢିମା ପଥରରେ ବାଜି ଗାଡ଼ିର ଟାଇରଟି ଭାଙ୍ଗିଗଲା । ଗାଡ଼ି ବନ୍ଦ କରି ଘଡ଼ି ଦେଖିଲି, ରାତି ଏଗାରଟା । ପାଖରେ ଜନବସତି ଦେଖିଲିନି । କିଛିକ୍ଷଣ ପରେ ଗୋଟାଏ ଟ୍ରକ ଆସିଲା । ମୋତେ ଦେଖି ଅଟକିଲା । ଡ୍ରାଇଭର ଏକା ଥାଏ । ମୋତେ ଡାକୁଥିଲା ନେଇଯିବ ବୋଲି । ତା ଚେହେରା ଦେଖି ଭରସା ହେଲାନି । ଟେକପକୋ ଅଧିକ ଶହେ ମାଇଲ ଦୂରରେ । ତା ପରେ ଆଉ ଗାଡ଼ି ଦେଖିଲିନି । ବୁଝିଲି, ମୁଁ ଭୁଲ ବାଟରେ ଆସିଛି । ରାତିସାରା ସେହି ଗାଡ଼ିରେ କଟେଇଲି । ଭୀଷଣ ଥଣ୍ଡା ଲାଗୁଥାଏ । କମ୍ବଳ ଘୋଡ଼ି ହୋଇ ଶୋଇଲି । ସକାଳ ଆଡ଼କୁ ମୋତେ ଜର ହେଲା ।

"ଭୋର ହେଲାରୁ ଦେଖିଲି ଅଦୂରରେ ଧୂଆଁ ଉଠୁଛି । ଜନବସତି ଅଛି ତା ହେଲେ ପାଖରେ କେଉଁଠି ? ଅନେଇ ଦେଖିଲି, ଚାରିଆଡ଼େ ଜଙ୍ଗଲ । ଘର ଦିଶିଲା ନାହିଁ । କିଛିକ୍ଷଣ ପରେ ଗୋଟିଏ ପୁରୁଷ ଓ ଗୋଟିଏ ସ୍ତ୍ରୀକୁ ମୋ

Digitized by srujanika@gmail.com

ଆଡ଼କୁ ଆସିବାର ଦେଖିଲି । ସେମାନେ ମେକ୍ସିକାନ୍ । ସେ ଦେଶରେ ପନ୍ଦର କୋଡ଼ିଏ ଦିନ ରହି କାମ ଚଳିବା ମାନ ଯେତିକି ସ୍ପେନିଶ ଶିଖିଥିଲି, ସେଥିରେ ମୋ କଥା କହିଲି । ସେମାନେ ମୋ ଜିନିଷପତ୍ର ଧରି ମୋତେ ନେଇଗଲେ ତାଙ୍କ ଘରକୁ । ମୋତେ କହିଲେ, କିଏ ଜଣେ ଶିକାରୀ ଆସି ତାଙ୍କ ଘରେ ଅଛି । ସେ ଏମେରିକାନ । କାଲି ରାତିରୁ ସେ ଜଙ୍ଗଲକୁ ଯାଇଛି । ଫେରିଲେ ସବୁ ଜଣାଯିବ ।

"ମୋର ଜର ବଢ଼ିଲା । ସେହି କୃଷୀ ଦମ୍ପତି ମୋତେ ଗୋଟାଏ ବିଛଣାରେ ଶୋଇ ଦେଇ କମ୍ବଳ ଘୋଡ଼େଇ ଦେଲେ । ଜର ଘୋରରେ ମୁଁ ଶୋଇ ପଡ଼ିଲି । ଯେତେବେଳେ ନିଦ ଭାଙ୍ଗିଲା, ଦେଖିଲି, ଜଣେ ଅପରିଚିତ ଲୋକ ମୋ ମୁଣ୍ଡରେ ଜଲପଟି ଦେଉଛନ୍ତି । ମୁଁ ଆଖି ଖୋଲିବାରୁ ପଚାରିଲେ, 'ଦେହ କେମିତି ଲାଗୁଛି ?'

"ମୁଁ କହିଲି, 'ଟିକିଏ ଭଲ ଲାଗୁଛି । ଦେହରୁ ଝାଳ ବୋହୁଛି ।'

"ସେ ସେହି କୃଷୀ ସ୍ତ୍ରୀଟିକୁ ଡ଼ାକିଲେ ଓ ତାକୁ କଣ କହି ଘରୁ ବାହାରିଗଲେ । ସେ ସ୍ତ୍ରୀ ଲୋକଟି ଆସି ମୋତେ ପୋଛିପାଛି ପୋଷାକ ବଦଳେଇ ଶୋଇ ପକେଇଲା । ତାର କିଛିକ୍ଷଣ ପରେ ସେହି ଅପରିଚିତ ଜଣେ ଡ଼ାକ୍ତରକୁ ସାଙ୍ଗରେ ନେଇ ଆସିଲେ । ଡାକ୍ତର ଦେଖି କହିଲେ, ମେଲେରିଆ ହବା ସମ୍ଭବ । ସେ ଅଞ୍ଚଳରେ ହଉଛି । ସେ ଗୋଟିଏ କୁଇନିନ ଇଞ୍ଜେକସନ ଦେଲେ । ସନ୍ଧ୍ୟାବେଳକୁ ଜର ଛାଡ଼ିଗଲା ।

"ଏଇଠି ପରିଚୟ ହେଲା ରାଲଫ ସାଙ୍ଗରେ । ମୋର ପରିଚୟ ଦେଲି । ସେ ବହୁତ ସେବା ଶୁଶ୍ରୂଷା କରି ମୋତେ ଭଲ କରିଦେଲା । ତା ପରେ ଷ୍ଟେସନ ୱାଗନକୁ ଏଲେକ ମାର୍ସଡେନ ପାଙ୍କୁ ଆକାପୁଲକୋ ପଠେଇ ମୋତେ ତା ଗାଡ଼ିରେ ନେଇ ମେକସିକୋ ଆସିଲା । ସେଠୁ ପ୍ଲେନ ରେ ଆସିଲୁ ଆମେ ନିଉୟର୍କ । ରାଲଫ ସାଙ୍ଗରେ ଏଇ ପ୍ରଥମ ପରିଚୟ ।

"ଗୋଟାଏ ମାସ ଭୋଗିଲି ମେଲେରିଆରେ ଏବଂ ଦେହ ଅତିରିକ୍ତ ଦୁର୍ବଳତାରେ । ଭଲ ହୋଇଯିବାରୁ ବାବା ମୋତେ ଛୁଟିରେ ପଠେଇ ଦେଲେ ମାଉସୀ ପାଖକୁ । ପେରିସକୁ କେନ୍ଦ୍ର କରି ବୁଲିଲି ପୂର୍ବ ଓ ଉତ୍ତର ଇଉରୋପୀୟ ଦେଶଗୁଡ଼ା । ଡିସେମ୍ବରରେ ପଳେଇ ଆସିଲି ରୋମକୁ । ହୋଟେଲରେ ଦେଖା ହୋଇଗଲା ରାଲଫ ସାଙ୍ଗରେ । ସେ ଯାଇଥିଲା ଆଫ୍ରିକା ଶିକାର କରିବାକୁ । ଫେରିବା ବାଟରେ ରୋମରେ ଓହ୍ଲେଇଛି । ସେଇଠି ଆମେ ଠିକ କଲୁ ଯେ ଆମେ ପରସ୍ପରକୁ ବିବାହ

Digitized by srujanika@gmail.com

କରିବୁଁ । ରାଲଫ ତାର ପୂର୍ଣ୍ଣ ପରିଚୟ ଦେଲା । ପିତୃମାତୃହୀନ ବାଳକ, ପାଦ୍ରୀ ପାଖରେ ମଣିଷ ହୋଇଛି । ବୃତ୍ତି ପାଇ ପାଞ୍ଚ ପାଠ ପଢ଼ିଛି । ସେ ସେତେବେଳେ ଇଉନିଅନ କେମିକେଲସର ସିନିଅର କେମିଷ୍ଟ । ତାର ଆୟର ସଂଖ୍ୟା ଓ ସଞ୍ଚୟର ମାତ୍ରା କହିଲା । ମୁଁ ତାକୁ ସ୍ୱାମୀର ମର୍ଯ୍ୟାଦା ଦେଲେ ଖୁସି ହେବ ବୋଲି କହିଲା । ତା ପରେ ସେ ନିଉୟର୍କ ଫେରିଗଲା । ମୁଁ ବାବାଙ୍କୁ ସବୁ କଥା ଲେଖିଲି । ସେ ମୋର ନିର୍ବାଚନରେ ହସ୍ତକ୍ଷେପ କରିବାକୁ ମନା କଲେ ।

"ବଡ଼ଦିନଟା ରୋମରେ କଟେଇ ମୁଁ ନିଉୟର୍କ ଫେରିଲି ଜାନୁଆରୀ ଗୃଶ ତାରିଖ ଦିନ । ରାଲଫ ସବୁ ବ୍ୟବସ୍ଥା କରି ରଖିଥିଲା । ଜାନୁଆରୀ ଛ ତାରିଖ ଦିନ ଆମର ବିବାହ ହେଲା । ଯୌତୁକ ଦେଲେ ବାବା, ଅନ୍ୟାନ୍ୟ ଜିନିଷ ସାଙ୍ଗରେ ଇଉନିଅନ କେମିକେଲସରେ ତାଙ୍କର ସେୟାର । ଅନେକ ସେୟାର ଥିଲା ବାବାଙ୍କର । ସେ କହିଲେ ମୋ ଜୋଇଁ କମ୍ପାନୀର କର୍ମଚାରୀ ହୋଇ କାହିଁକି ରହିବ ? ସେହି ସେୟାର ବଳରେ ରାଲଫ ଡ଼ିରେକ୍ଟର ହେଲା । ଏଥିରୁ ତୁମେ ବୁଝିପାରୁଥିବ, କାହିଁକି ମୁଁ ସବୁ ବନ୍ଧୁଙ୍କୁ ଖବର ଦେଇ ପାରିଲି ନାହିଁ । ସମୟ ପାଇଲି ନାହିଁ । ରାଲଫ ମଧ୍ୟ ସମୟ ପାଇନି ।" ହସିଲା ଡରୋଥି ।

ଭାରତକୁ ଆସିବା ଠିକ ହେଲାରୁ, ତୁମକୁ ଚିଠି ଲେଖି ସବୁ ଖବର ଜଣେଇବାର କଥା ହେଲା । ତା ଆଗରୁ ତୁମ ସାଙ୍ଗରେ ମୋର ପରିଚୟ କଥା ମୁଁ ତାକୁ କହିଥିଲି । ମୁଁ ତାକୁ ମନା କଲି । ଆମେ ଠିକ କଲୁ ତୁମକୁ ଗୋଟାଏ ଚମକ ଦେବା ।

ହସିଲା ଶଙ୍କର ତା କଥାରେ । ପଚାରିଲା, ତୁମେ ସୁଖୀ ହୋଇଛ ନିଶ୍ଚୟ ?

"ହଁ । ରାଲଫର ବାହାରଟା ହୁଏତ ଟିକିଏ କର୍କଶ । ସେ ଏକାବେଳକେ ନାହାକୁ କହନ୍ତି ସ୍ମାର୍ଟ । କିନ୍ତୁ ଅନ୍ତରଟା ଭାରି ଭଲ । ଭାରି ବତ୍ସରବନ୍ତ ସେ । ତାର ଧୈର୍ଯ୍ୟ ଅସୀମ ।"

"ତା କଥା ତୁମେ ମୋତେ କଣ କହିବ ଡ଼ରୋଥି ! ତାର ହୃଦୟଟା ସୁନାର । ଏମେରିକାରେ ଦୁଇ ବର୍ଷ ଥିଲି ମୁଁ । ତା ରକମ ବନ୍ଧୁ ମୁଁ ଅଳ୍ପ ପାଇନି । ମୋର ଭାରି ଆନନ୍ଦ, ତୁମେ ରାଲଫର ସ୍ତ୍ରୀ ।"

"ଖୁସି ହୋଇଛ ତା ହେଲେ ?" ପଚାରିଲା ଡ଼ରୋଥି ।

"ଖୁବ ।"

Digitized by srujanika@gmail.com

ଶଙ୍କର ଉଠିଲା ଏଥର । ତାର କାମ ଅଛି । ଜଣେ ବଶିଷ୍ଟ ପରକାଶ୍ମ କର୍ମଚ୍ଚାରୀଙ୍କୁ ଖାଇବାକୁ ଡାକିଛି ସେ । ତାକୁ ପ୍ରସ୍ତୁତ ହବାକୁ ହବ ।

ବାଙ୍ଗାଲୋରରେ ଖବର ପାଇଲା ଶଙ୍କର । ରାଲଫ ତାକୁ କହିଲା, ପ୍ରଥମ ବର୍ଷର ବ୍ୟବସାୟ ଶଙ୍କରର ଦକ୍ଷତା ପ୍ରମାଣ କରିଛି । ସେଥିପାଇଁ କମ୍ପାନୀ ଭାରତୀୟ ବ୍ୟବସାୟର ଲଭ୍ୟାଂଶରୁ ଶତକଡ଼ା ଦଶ ବୋନାସ ଦେଉଛନ୍ତି ତାକୁ । ହିସାବ କରି ପକେଇଲା ଶଙ୍କର । କର ବାଦ ଦେଇ ସେ ଲକ୍ଷେ ଟଙ୍କାରୁ ବେଶୀ ପାଇବ । କଥାଟା ଉଠେଇଲା ସେ ରାଲଫ ପାଖରେ । ଉତ୍ତେଥି ବି ଥାଏ । କଲିକତାରେ ତାର ରହିବା ପାଇଁ କମ୍ପାନୀ ମାସକୁ ତିନି ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି । ତିନି ବର୍ଷର ଟଙ୍କା ତାକୁ ଅଗତୁରା ଦେଲେ ସେ କଲିକତାରେ ଖଣ୍ଡେ ଘର କରନ୍ତା । ମାସକୁ ମାସ ଟଙ୍କା ଶୁଝିଦାନ୍ତା ।

ରାଲଫ କହିଲା, ବିଚାର କରିବ ।

ନିଉୟର୍କକୁ ଫେରିବାର ତିନି ଦିନ ପରେ ଉତ୍ତେଥି ମନେ ପକେଇ ଦେଲା, "ଶଙ୍କରକୁ କଣ କହିଥିଲ ଘର କିଣିବା କଥା, ମନେଅଛି ତ ?"

ରାଲଫ ଜବାବ ଦେଲା, "ସେ କାମ ହୋଇ ଯାଇଛି ।"

ସାତ ଦିନ ପରେ ଶଙ୍କର ଚିଠି ପାଇଲା, ତାର ନିବେଦନ ମଞ୍ଜୁର ହୋଇଛି । ସେ ଘର କିଣୁ । କମ୍ପାନୀ ତାକୁ କୋଡ଼ିଏ ହଜାର ଡ଼ଲାର ଋଣ ଦେଲା ।

ରଜତ ସିଂଦେଓ ମାରଫତ୍‌ରେ ପ୍ରସ୍ତାବ ପଠେଇଥିଲା ସେ ଏହି ଘରର ମାଲିକ ରାଜପୁତ ପାଖକୁ । ରାଜପୁତ କଲିକତା ଆସି, ଯାହା ବୁଝାବୁଝି କରିବାର କରି, ଘର ବିକି କରି ଗଡ଼କୁ ଫେରିଗଲେ ।

ଅଫିସରୁ ଫେରି ସିଧା ବାପାଙ୍କ ପାଖରେ ପହଞ୍ଚିଲା ଶଙ୍କର । ବାପା ଖଟ ଉପରେ ଦୁଇ ପିଲାଙ୍କୁ ନେଇ ଖେଳୁଛନ୍ତି । ବୋଉ ବସି ବସି ଦେଖୁଛି । ନାତି ନାତୁଣୀଙ୍କ ଖେଳରେ ବୁଢ଼ା ବୁଢ଼ୀ ତନ୍ମୟ । ଖାଇବା ଶୋଇବା ବେଳ ଛଡ଼ା ସବୁବେଳେ ପିଲାଏ ବାପା ବୋଉଙ୍କ ପାଖରେ ରହୁଛନ୍ତି । ଝିଅ ଆଣୁଛି । ପୁଅ ଦୌଡ଼ୁଛି । ପଛରେ ପଡ଼ୁଛି ଟୋକାଟା ।

ଶଙ୍କରକୁ ଦେଖି ବୋଉ ଡାକିଲେ, "ଆ, ବସ । କାମରୁ ଫେରିଲୁ ?"

ମୁଣ୍ଡ ହଲେଇ, ପକେଟରୁ ଗୋଟାଏ ଲଫାପା କାଢ଼ି ବଢ଼େଇଦେଲା ଶଙ୍କର ବାପାଙ୍କୁ । ଚଷମା ଲଗେଇ, ଲଫାପାରୁ କାଢି ପଢ଼ିଗଲେ ବାପା କାଗଜଗୁଡ଼ା । ଖୁସିରେ ଉଚ୍ଛଳ ହୋଇ ପଚାରିଲେ, "କିଣିଲୁ ଏ ଘର ।"

Digitized by srujanika@gmail.com

"ହଁ ବାପା ।"

"ଦୁଇ ଲକ୍ଷ ଦଶ ହଜାର ଟଙ୍କା ସ୍ତାର ଦାମ ?"

"ହଁ, ଘର ଆଉ ଆସବାବ ।"

ବୋଉଙ୍କୁ ଚାହିଁଲେ ବାପା । କହିଲେ, "ଏଇ ଘର ବୁଢା ବୋହୂ ନାଁରେ କଣିଲି ।"

ବୋଉ ଚମକ ପଡ଼ିଲେ, "କେବେ କଣିଲ ?"

"ଆଜି ବୋଉ । ରେଜିଷ୍ଟ୍ରି କରି ଏଇ ଆସୁଛୁ ।"

"କଣ କହୁଛୁ ବୁଢା ?" ନାତିଙ୍କୁ କୋଡ଼କୁ ଟେକି ନେଇ, ଝଟରୁ ଓହ୍ଲେଇପଡ଼ି କହିଲେ, "ଏ ରାଜବାଟୀ ଆଜିଠୁଁ ଆମର ?"

ଶଙ୍କର ହସିଲା । ତା ବାପା ମଧ୍ୟ ତଳକୁ ଓହ୍ଲେଇ ନାତୁଣୀକୁ କାଖ କଲେ ।

"କେତେ ଦାମ ପଡ଼ିଲା କହିଲ ?" ବାପାଙ୍କୁ ପଚାରିଲେ ବୋଉ ।

"ଦୁଇ ଲକ୍ଷ ଦଶ ହଜାର ଟଙ୍କା ।"

ଘରୁ ବାହାର ଆସିଲେ ି ବୋଉ । ଡକ୍ତୁ ଡାକଲେ, "ବୋହୂ, ଜଲଦି ତଳକୁ ଆ ।"

ମାନସୀ ସିଡ଼ି ଉପରେ ସ୍ୱାମୀକୁ ଅପେକ୍ଷା କରି ଠିଆ ହୋଇଥିଲା । ଶାଶୁଙ୍କ ଡାକ ଶୁଣି ତରତର ହୋଇ ତଳକୁ ଓହ୍ଲେଇ ଆସିଲା ।

"କଣ ହେଲା କି ବୋଉ ?"

"ଗଲୁ, ଠାକୁର ଘରୁ ଶଙ୍ଖ ଆଣି ବଜା । ପାଞ୍ଚ ଥର ବଜେଇବୁ ।"

ମାନସୀ ବୋକାଙ୍କ ଭଳି ତାଙ୍କ ଆଡ଼କୁ ଅନେଇ ଠାକୁର ଘରକୁ ପଶିଲା ।

ବାପାଙ୍କ ପଛେ ପଛେ ଶଙ୍କର ଆସିଲା ଭିତର ବାରନ୍ଦାକୁ । ସେତେବେଳକୁ ମାନସୀ ପ୍ରାଣପଣେ ଶଙ୍ଖ ଫୁଙ୍କୁଛି । ଶଙ୍ଖନାଦ ସରିଲା । ମାନସୀ ଶଶୁର ଓ ସ୍ୱାମୀଙ୍କୁ ଦେଖି ମୁଣ୍ଡରେ ଲୁଗା ଟାଣି ଚୁପଚାପ ଠିଆ ହୋଇଥାଏ । ବୋହୂ ଆଡକୁ ଚାହିଁ ଟିକିଏ ହସିଲେ ଶାଶୁ । ସ୍ୱାମୀଙ୍କୁ କହିଲେ, "ସେ ବିଚାରୀ କିଛି କଣ ଜାଣିଛି ? କବଲଟା ଦିଅ, ମୁଁ ତାକୁ ଦିଏଁ ।"

ସ୍ୱାମୀଙ୍କ ହାତରୁ ଦଲିଲ ନେଇ ବୋହୂକୁ ଦେଇ କହିଲେ, "ବୁଢ଼ା ଯେତେବେଳେ ତୋତେ ବାହା ହେଲା ମା, କୌଣସି ଅଡୁ ବାଛିବାକୁ କିଛି ନ ଥିଲା । ଖାଲି ଗୋଟାଏ କଥା ଭାବି ମୋ ମନ ଖୁଁତ ଖୁଁତ କରିଥିଲା

Digitized by srujanika@gmail.com

ସେବକ, ତୋ ଅଦୃଷ୍ଟ ! ଆଜି ସେ ଖୁଁଡଟି ସୁବ୍ରପୂର୍ଣ ହୋଇଗଲା । ଭୂ ମୋ ଘରର ଲକ୍ଷ୍ମୀମା । ମୋ ବୁଢ଼ା ଠୋତେ ଠିକ, ଚହ୍ନିଥିଲା ।"

ଟୋଟାଏ ହାତରେ ନାଟକ ଧରଥାନ୍ତି । ଆର ହାତରେ ବୋହୂକୁ ପାଖକୁ ଆଣି ତାର ମସ୍ତକ ଚୁମ୍ବନ କଲେ । ତା ପରେ କହିଲେ, "ଭୁ ଯା । ମୁଁ ଗାଧୋଇପଡ଼ି ସଞ୍ଜ ଦେବ ।"

ମାନସୀ ନିର୍ବାକ୍ ହୋଇ ଶାଶୁଙ୍କ ମୁହଁକୁ ଅନେଇ ସେ ସ୍ଥାନ ତ୍ୟାଗ କଲା ।

ସିଡ଼ିରେ ଚଢ଼ୁ ଚଢ଼ୁ ସେ ଦଳି ଲଟା ପଢ଼ିଲା । ଏତେବେଳେ ସେ ବୁଝିପାରିଲା ଶାଶୁଙ୍କର ଇଚ୍ଛା ପରର କାରଣ । ଲାଉଞ୍ଜରେ ଠିଆ ହୋଇ ସେ ପଢ଼ିଗଲା ଶେଷ ପର୍ଯ୍ୟନ୍ତ । ଅନେଇ ଦେଖିଲା, ଶୋଇବା ଘର ଦୁଆର ମୁହଁରେ ଠିଆ ହୋଇଛି ଶଙ୍କର । ଅଧୀର ଆଗ୍ରହରେ ଦଉଡ଼ିଗଲା ମାନସୀ ଶଙ୍କରର ଉନ୍ମୁକ୍ତ ବାହୁବନ୍ଧନ ଭିତରକୁ । ଶଙ୍କର ତାକୁ ଟାଣି ନେଇଗଲା ଶୋଇବା ଘରକୁ । ପଲଙ୍କରେ ସ୍ତ୍ରୀକୁ ବସେଇ ଠିଆ ହେଲା ତା ଆଗରେ । ମାନସୀ ତାକୁ ଦୁଇ ହାତରେ ଧରଥାଏ ।

"ତୁମେ, ତୁମେ କଣ ?"

ହସିଲା ଶଙ୍କର ତାର ପ୍ରଶ୍ନରେ । ଦୁଇ ହାତରେ ମାନସୀର ମୁହଁଟା ଟେକ ଧରିଲା ସେ । ଥରୁଥାଏ ମାନସୀର ଓଠଗୁଡ଼ା ଆଗ୍ରହରେ । ଶଙ୍କର ନିପୀଡ଼ନ କଲା ତାର ନରମ ଶରୀରକୁ ।

ମାନସୀ ତା ଆଡ଼କୁ ଗୃହିଁ ହସୁଥାଏ । ହାତ ଦ'ଟା ତାର ଶଙ୍କରର କାନ୍ଧରେ ।

"ଆଉ କଣ ?" ପଚ୍ଚରିଲା ଶଙ୍କର ।

"କିଛିନା, ତୁମେ ବସ । ମୁଁ ପୋଷାକ ଖୋଲିଦିଏଁ ।" ଗୋଟି ଗୋଟି କରି ପୋଷାକ ଖୋଲି ସଜେଇ ରଖିଲା ମାନସୀ । ସ୍ୱାମୀକୁ ଘର-ପିନ୍ଧା ପୋଷାକ ପିନ୍ଧେଇ ଲାଉଞ୍ଜରେ ଆଣି ବସେଇଲା । ତଳକୁ ଯାଇ ନିଜେ ଟ୍ରେ ସଜେଇ ଆଣି ତାକୁ ଖୋଇଲା । ତା ପରେ ତଳକୁ ଗଲା ଶାଶୁଙ୍କ ପାଖକୁ, ଠାକୁର ଘରକୁ । ଯିବା ଆଗରୁ ଶଙ୍କର ଆଡ଼କୁ ଏକ ସୁମଧୁର ଦୃଷ୍ଟି ପକେଇ କହିଲା, "ତୁମେ ଲାଇବ୍ରେରୀରେ ଥିବ । ମୁଁ ବୋଉଙ୍କ କାମ ସାରି ଆସୁଛି ।"

Digitized by srujanika@gmail.com

ପଚିଶ

ମେ ମାସର ମଝାମଝି । କଲିକତାରେ ଅସହ୍ୟ ଗରମ ପଡୁଛି । ଶମ୍ଭୁ ନୂଆବୋହୂ ପାଖରୁ ଟଙ୍କା ବାଗେଇ ପଳେଇଲେ ଶିଲଂ । ବାପାଙ୍କ ଦେହ ଭଲ ରହୁନି । ଶଙ୍କର ସେଥିଲାଗି ଚିନ୍ତିତ । ରକ୍ତଚାପ ଯଦିବା କମିଛି ଯତ୍ନ ଓ ଔଷଧ ଫଳରେ, ପେଟ ମଝିରେ ମଝିରେ ଗୋଳମାଳ ହେଉଛି । ପେଟ ଭଲ ହେଲେ ଆଣ୍ଠୁ ଗଣ୍ଠିରେ ବଥା ହେଉଛି । ଡାକ୍ତର ବରାବର ଦେଖୁଛନ୍ତି । ଶଙ୍କର ବୁଝୁଛି ବାର୍ଦ୍ଧକ୍ୟର ଲକ୍ଷଣ କ୍ରମଶଃ ବେଶି ପ୍ରକାଶ ପାଉଛି । ସେ ତାଙ୍କୁ ଯଥାସାଧ୍ୟ ଆରାମରେ ରଖିବାର ବ୍ୟବସ୍ଥା କରୁଛି । ବାପାଙ୍କ ଶୋଇବା ଘରେ ଗୋଟାଏ ଏଆର କଣ୍ଡିସନାର ଲଗେଇବ ବୋଲି ଆଣିଥିଲା । ବାମଦେବ ମନା କଲେ । ସ୍ୱାଭାବିକ ବାତାବରଣରେ ନ ରହି ଗୁଡ଼ାଏ ବାକ୍ସରେ ରହିବାକୁ ରାଜି ହେଲେ ନାହିଁ । ଶଙ୍କର ମଧ୍ୟ ଏଆର କଣ୍ଡିସନାର୍‌ର ପକ୍ଷପାତୀ ନୁହେଁ । ହେଲା ଏବେ ଟିକିଏ ଗରମ ? ଆମ ଦେଶରେ ଗରମ ହବ ତ !

ପିଲାମାନେ ବେଶ୍ ବଡ ହୋଇଗଲେଣି । ଦାନ୍ତ ବାହାରୁଛି ସେମାନଙ୍କର । ଝିଅ ଠିଆ ହେଲାଣି । ପୁଅ ହାମୁଡେଇ ବୁଲୁଛି ଘର ସାରା । ବସନ୍ତୀ, ମା, ଜେଜେମା ଓ ଧାଈ ତିନି ଜଣଙ୍କୁ ବ୍ୟତିବ୍ୟସ୍ତ କରୁଛନ୍ତି ସେମାନେ । ବାମଦେବଙ୍କ ପାଖରେ ସୁଜାତା ବରାବର ରହୁଛି । ସତ୍ୟବାନ ବୁଢ଼ୀଙ୍କ ପାଖରେ । ସକାଳେ ଓ ସନ୍ଧ୍ୟାବେଳେ ବୁଢା ବୁଢ଼ୀ ପେରାମ୍-ବୁଲେଟାରରେ ନେଇ ପିଲାଙ୍କୁ ବୁଲାନ୍ତି । ମାନସୀ ପିଲାଙ୍କୁ ଦିନବେଳେ ଦୁଇ ଥର ଖୋଉଛି । ରାତିରେ କିନ୍ତୁ ତିନି ଚାରି ଥର ପିଲା ଖାଉଛନ୍ତି ତା ପାଖରୁ । ଝିଅଟା ଦୁଷ୍ଟ । ସ୍ତନ୍ୟପାନ ବେଳେ ସେ କାମୁଡ଼ି ଦିଏ । ମାନସୀ ରାଗେ ତାକୁ । ଶାଶୂ ହସନ୍ତି, "ତା ଦାନ୍ତ ଶୁଳେଇ ହଉଛି ଲୋ ! ତୁ ତାକୁ ରାଗିଲେ ସେ କଣ ବୁଝିବ ?" ବୋହୂ ଖୋଇ ସାଇଲେ ନାତୁଣୀକୁ ନେଇ ସ୍ୱାମୀଙ୍କ ଜିମା କରିଦିଅନ୍ତି ।

ମାନସୀ ଗୋଟାଏ କ୍ଲବ୍‌ର ସଭ୍ୟ ହୋଇଛି । ମହିଳାମାନଙ୍କ କ୍ଲବ୍ । ରଜତ ସିଂଦେଓର ସ୍ତ୍ରୀ ମଞ୍ଜରୀକୁ ମଧ୍ୟ ସେ ସଭ୍ୟ କରେଇଛି । ପଚିଶ ଜଣ ସଭ୍ୟ, ତା ମଧ୍ୟରୁ ଚାରିଟି ମାତ୍ର ଓଡ଼ିଆ । ବାକିସବୁ ବଙ୍ଗାଳୀ, ପଞ୍ଜାବୀ, ମାଡ୍ରାଜୀ, ମରାଠୀ । ଲେଡ଼ି ରେଖା ଚାଟାର୍ଜି ସଭାପତି । ମାନସୀକୁ ମିଳିଛି ଗୋଟାଏ ସହକାରୀ ସଭାପତି ପଦ । ମଞ୍ଜରୀ ହୋଇଛି ଜେନେରାଲ ସେକ୍ରେଟେରୀ । ଇଣ୍ଡ. ଏସ୍. ଆଇ. ଏସ୍.ର ମିସ୍ ଡ୍ରିଙ୍କ୍‌ୱାଟାର ପାଖରୁ ମାନସୀ ଆଦାୟ କରିଛି ହଜାରେ ଖଣ୍ଡ ବହି ଓ ଗୁଡ଼ାଏ ପତ୍ରପତ୍ରିକା । ମିସ ଡ୍ରିଙ୍କୱାଟର ଆସି ବକ୍ତୃତା ଦେଇ ଯାଇଛି ଦୁଇ ତିନି ଥର । ମିସେସ

Digitized by srujanika@gmail.com

ଗ୍ରୋଭର୍ ଦାନ କରିଛି ଗୋଟାଏ ପ୍ରୋଜେକ୍ଟର୍ । ଷୋହଳ ମିଲିମିଟାର୍‌ର ଛବି ଆଣି ଦେଖନ୍ତି ଏମାନେ ପ୍ରତି ସପ୍ତାହରେ ଥରେ । ଛବି ବାଛେ କନକ ସାନ୍ୟାଲ । ଏଇ କନକ ସାନ୍ୟାଲର ବାପାଙ୍କରେ, ଶଙ୍କର ଦେଖ କଷ୍ଟକରେ । ସେ ଥିଲା ଏମେରିକାରେ ଦୁଇ ବର୍ଷ ତା ସ୍ୱାମୀ ସାଙ୍ଗରେ । ତା ସ୍ୱାମୀ ଟ୍ରେନିଂ କରେ ପାଣିପାଗ ଅଫିସରେ । କନକ ଝିଅଟା ଭାରି ମେଳାପି । ପ୍ରଥମ ଦିନ ସେ ସାଙ୍ଗ ହୋଇଗଲା ମାନସୀ ଓ ମଞ୍ଜୁଙ୍କ ସାଙ୍ଗରେ । ଖାଣ୍ଟି କଟକୀ ଓଡ଼ିଆରେ କଥା କହେ ସେ, 'ଥେଲେ', 'ହଁଅ', 'ତେମେ' । ଆସେ ସେ ମାନସୀ ଘରକୁ ତା ସ୍ୱାମୀ ଓ ପୁଅକୁ ନେଇ । ତା ପୁଅ ଜନ୍ମ ହୋଇଥିଲା ଇଲିନଏରେ । ବାପ ଅମଲକୃଷ୍ଣ ସାଙ୍ଗରେ ମିଳେଇ ନାମ ଦିଆ ହୋଇଛି ତାର, ତମାଲକୃଷ୍ଣ । ଅମଲ କିନ୍ତୁ ପୁଅକୁ 'ଟମ୍' ବୋଲି ଡାକେ ।

ଶଙ୍କର ଆଜିକାଲି ମାସରେ ପନ୍ଦର ଦିନ ବୁଲେ । ଆଜି ବମ୍ବେ ତ କାଲି ଚଣ୍ଡୀଗଡ଼ । ତାର ଦୁଇ ଦିନ ପରେ ନେପାଳ । କଲମ୍ବୋରେ ଶାଖା ଖୋଲିଛି । ସେଠିକି ବି ଯାଏ, ମାସରେ ଥରେ ।

ଦଶ ବାର ଦିନ ପରେ ଘରକୁ ଫେରିଲା ଶଙ୍କର । ବୋଉଠୁଁ ଶୁଣିଲା, ମାନସୀ ଭୀଷଣ ବାନ୍ତି କରୁଛି । ଆଉ ଗୋଟିଏ ଗର୍ଭର ଖବର ସେ ପାଇଥିଲା ସ୍ତ୍ରୀ ପାଖରୁ ଯିବା ଆଗରୁ । ଫୋନ କଲା ସେ ମିସେସ୍ ହାଲଦାରଙ୍କୁ, "ମିସେସ୍ ହାଲଦାର, ଆପଣଙ୍କ ପେସେଣ୍ଟର ଏତେ ବାନ୍ତି ହଉଛି କାହିଁକି ?"

ଥଟ୍ଟା କଲା ଡାକ୍ତରାଣୀ, "ଆପଣ ପୁଣି ଥରେ ବାପା ହବାକୁ ଯାଉଛନ୍ତି ।"

କଥାଟା ସେଦିନ ସେତିକି ସରିଥିଲା । କିନ୍ତୁ ଜୁନ୍ ମାସ ଶେଷ ଆଡ଼କୁ ବେଶ୍ ଅସୁସ୍ଥ ହେଲା ମାନସୀ । କୌଣସି କାମ କରିପାରୁ ନାହିଁ ସେ ଆଜିକାଲି । ଟିକିକରେ ଥକି ଯାଉଛି । ଶଙ୍କରର ମନେହେଲା, ମାନସୀ ଭାରି ରକ୍ତହୀନ ଦିଶୁଛି । ଡାକ୍ତରାଣୀଙ୍କୁ କହିଲା ସେ । ତେବେ ନେଇଗଲା ସ୍ତ୍ରୀକୁ ନାର୍ସିଂହୋମ୍‌କୁ । ପରୀକ୍ଷା କରି ଡାକ୍ତରାଣୀ କହିଲା, ଜରାୟୁର ଏଇ ଅବସ୍ଥାରେ ଯେତେ ବଡ଼ ହବା କଥା, ତାଠୁଁ ବଡ଼ ହୋଇଛି । କାରଣ ହେଲା ଯେ, ଥରେ ଏଇ ମା ପାଖରୁ ଯାଆଁଳା ପିଲା ଜନ୍ମ ହୋଇଛନ୍ତି, ପୁଣି ଥରେ ହୋଇପାରନ୍ତି ।

ତିନି ମାସ ବେଳକୁ ରକ୍ତସ୍ରାବ ହେଲା ମାନସୀର । ଭାରି ଦୁର୍ବଳ ହୋଇ ଯାଇଥାଏ ସେ । ନାର୍ସିଂହୋମକୁ ନେଇଗଲା ତାକୁ ମିସେସ ହାଲଦାର । ପୁରା ପରୀକ୍ଷା କରିଗଲା ଏ ଥର । ଯାହା ଡରୁଥିଲା ମିସେସ୍ ହାଲଦାର,

Digitized by srujanika@gmail.com

ମାନସୀର ଯାହାକୁ କହନ୍ତି 'ମୋଲର ପ୍ରେଗନେନ୍‌ସି', ସେଇଆ ହୋଇଛି । ଜରାୟୁ ବେଶ୍ ବଡ ହୋଇଛି ଏବଂ ତା ଭିତରେ ଅଙ୍କୁର ପେନ୍ଥା ଭଳି ମାଂସପିଣ୍ଡ ବଢ଼ୁଛି । ଶଙ୍କର ନ ଥିଲା କଲିକତାରେ । ତାର କରାଗଲା ତାକୁ । ଦୁଇ ଦିନ ପରେ ଫେରି ଯାହା ଶୁଣିଲା, ତାର ବୁଦ୍ଧି ହଜିଗଲା । ଅପାରେଶନ୍ କରିବାକୁ ହବ ଏବଂ ଶୀଘ୍ର ଜରାୟୁକୁ ସଫା ନ କଲେ କର୍କଟ ରୋଗ ହେବାର ସମ୍ଭାବନା ଅଛି ।

ମାନସୀ କାନ୍ଦିଲା । ଶଙ୍କର ତା ଆଖି ପୋଛିଦେଇ କହିଲା, ପୃଥିବୀର ସବୁ ଶ୍ରେଷ୍ଠ ଚିକିତ୍ସାର ବ୍ୟବସ୍ଥା ସେ ତା ପାଇଁ କରିବ । ତାକୁ ମରିବାକୁ ଦବନି ସେ । ସେଣ୍ଟ ନାର୍ସିଂ ହୋମ୍‌ରେ ବ୍ୟବସ୍ଥା ହେଲା । ଏ ବିଷୟରେ କଲିକତାର ଶ୍ରେଷ୍ଠ ବିଶେଷଜ୍ଞ ପ୍ରଫେସର ମିତ୍ର ଆସିଲେ । ପୁଣି ଥରେ ତାଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ପରୀକ୍ଷା ହେଲା । ସେ କହିଲେ, ପେଟ ଚିରି ସବୁ ଦେଖିବେ, କର୍କଟ ରୋଗର ସମ୍ଭାବନା ଅଛି କି ନା ।

ସାତ ଦିନ ପରେ ଜରାୟୁ ସଫା କରିଦେଲେ ଡାକ୍ତର । ମନରେ କିନ୍ତୁ ତାଙ୍କର ସନ୍ଦେହ ରହିଗଲା । ରୋଗର ଆକ୍ରମଣ ହୋଇଛି କି ? ସଠିକ ଧରି ପାରିଲେ ନାହିଁ ସାର୍ଜନ । ପନ୍ଦର ଦିନ ପରେ ମାନସୀ ଯେତେବେଳେ ଘରକୁ ଫେରିଲା, ଡାକ୍ତର କହିଲେ ଶଙ୍କରକୁ ତାଙ୍କ ସନ୍ଦେହର କଥା । ଆହୁରି କହିଲେ, ଏମେରିକାର ଜନ୍‌ସ ହପକିନ୍‌ସ ବିଶ୍ୱବିଦ୍ୟାଳୟରେ ଏ ରୋଗର ନୂଆ ଧରଣର ଚିକିତ୍ସା ହେଉଛି । ସେଠିକାର ଜଣେ ଅଧ୍ୟାପକ କଣ ଏକ ନୂଆ ଔଷଧ ଆବିଷ୍କାର କରିଛନ୍ତି । ସେ ଔଷଧ ଭାରତକୁ ଆସି ନାହିଁ । ଶଙ୍କର ସେହିଦିନ ସବୁ କଥା ଜଣେଇ ରାଲଫ୍ ଓ ଡ଼ରୋଥିକୁ ଚିଠି ଦେଲା । ମାନସୀ ପାଇଁ ଡାକ୍ତରଖାନାରେ ବେଡ୍ ବ୍ୟବସ୍ଥା କରିବାକୁ ଅନୁରୋଧ ଜଣେଇଲା ଏବଂ ତାର ପାସପୋର୍ଟ, ଭିସା ପାଇଁ ଦରଖାସ୍ତ କଲା ।

ମାନସୀ ବିଛଣାରେ ପଡ଼ିଥାଏ । ତା ବୋଉ ଆସିଲେ । ପିଲଙ୍କ ଦାୟିତ୍ୱ ଦୁଇ ସମୁଦ୍ରଣୀ ଭାଗ କରି ନେଲେ । ଉମା ବି ଆସିଲା ଖବର ପାଇ । ମାନସୀ ଅଳ୍ପ ଅଳ୍ପ ଚଲାବୁଲା କରୁଥାଏ । ମଝିରେ ମଝିରେ ଅଳ୍ପ ଅଳ୍ପ ରକ୍ତସ୍ରାବ ହେଉଥାଏ ତାର । ମିସେସ୍ ହାଲଦାର ପ୍ରତିଦିନ ଆସନ୍ତି, ଦେଖନ୍ତି, ରେକର୍ଡ କରନ୍ତି ।

ସେଦିନ ଉପରଓଳି ମାନସୀ ଆଉ ଉମା ବସି ଗପ କରୁଥାନ୍ତି ଲନ୍‌ରେ । ତାର ଦୁଇ ପିଲା ଓ ଉମାର ସାନ ପୁଅ ଖେଳୁଥାନ୍ତି ସେଠି । ମିସେସ୍ ହାଲଦାର ମଧ୍ୟ ଥାନ୍ତି । ଶଙ୍କର ଅଫିସରୁ ଫେରି ନ ଥାଏ ।

Digitized by srujanika@gmail.com

ମାନସୀକୁ ବାନ୍ତ ହେଉଥିଲା । ସେ ମୀଇ ପାଖରେ ଥିବା ବେସିନରେ ବାନ୍ତ କଲା । ସିସେସ୍ ହାଲଦାରଙ୍କ କେମିତି ସନ୍ଦେହ ହେଲା । ସେ ଉଠିଯାଇ ବାନ୍ତ ଦେଖିଲେ । ଅଲ୍ପ ଅଲ୍ପ ରକ୍ତର ଲେଶ ଅଛି ସେଥିରେ । ମାନସୀ ମୁହଁ ଧୋଇ ସାରିଲାରୁ ତାକୁ ନେଇ ବଖରାରେ ଶୋଇ ଦେଇ ଫୋନ୍ କଲେ ଶଙ୍କରକୁ । ଶଙ୍କର ଅଫିସରୁ ତାଙ୍କୁ କହିଲେ, ଖୁବ୍ ସମ୍ଭବ କେନ୍ସରର ଆକ୍ରମଣ ହୋଇଛି । ଚିକିତ୍ସା ପାଇଁ ମାନସୀକୁ ଶୀଘ୍ର ଏମେରିକା ନେଇଯିବା ଦରକାର । କଥା ପଡ଼ିଗଲା ଶଙ୍କର ତା କଥା ଶୁଣି । ପକେଟରେ ତାର ମାନସୀର ପାସପୋର୍ଟ ଓ ଭିସା; ସେଦିନ ପାଇଛି ସେ ।

ବାପାଙ୍କୁ ଯାଇ କହିଲା ଶଙ୍କର । ବାପା କହିଲେ, "ଆଉ ବିଚାରିବାକୁ ଅଛି ? ଶୀଘ୍ର ନେଇ ଯା ତୁ ବୋହୂକୁ । ପିଲାଏ ଏଠି ଥାନ୍ତୁ । ବଡ ହୋଇ-ଗଲେଣି, ଅସୁବିଧା ହେବ ନାହିଁ ।"

ଶୋଇଲାବେଳେ ମାନସୀକୁ ବୁଝେଇଲା, ତାକୁ ଯେଉଁ ରୋଗ ଧରିଛି, ସେଥିରୁ ଭଲ ହେବାର ଗୋଟିଏ ଉପାୟ, ତାର ଜରାୟୁର ନିଷ୍କାସନ । ସେ ଆଉ ସନ୍ତାନର ଜନନୀ ହୋଇ ପାରିବ ନାହିଁ । କ୍ରନ୍ଦନରତା ସ୍ତ୍ରୀକୁ ପ୍ରବୋଧ ଦେଲା ସେ, "ଦରକାର କଣ ଆଉ ? ଏଇମାନଙ୍କୁ ସମ୍ଭାଳିବା ତ ମୁସ୍କିଲ ହେବ । ତୁମେ ଶୀଘ୍ର ଭଲ ହୋଇଯାଅ, ସବୁ ଠିକ୍ ହୋଇଯିବ ।"

ତହିଁ ଆରଦିନ ରକ୍ତନିରୀକ୍ଷା ପରୀକ୍ଷାରେ ଜଣାଗଲା, ମାନସୀର ଫୁସଫୁସ ଅକ୍ରାନ୍ତ । ତିନି ଦିନ ପରେ ସ୍ତ୍ରୀକୁ ନେଇ ଉଡ଼ିଲା ଶଙ୍କର ନ୍ୟୁୟର୍କକୁ ।

ବିମାନ ବନ୍ଦରରେ ରାଲଫ ଓ ଜୁଡ଼ିଥ ଆହ୍ୱାନ ଜଣେଇଲେ । ମାନସୀକୁ ଦେଖି ଜୁଡ଼ିଥ କାନ୍ଦି ପକେଇଲା । କଣ ଥିଲା, କଣ ହୋଇ ଯାଇଛି ସେ ! ଦୁଇ ଦିନ ପରେ ଜନସ ହପକିନସ ମେଡ଼ିକେଲ ସ୍କୁଲରେ ମାନସୀର ଅପାରେଶନ ହେଲା । ଶଲ୍ୟାଗାରେ ବଡ଼ମାନେ ହିଁ ଅସ୍ତ୍ରୋପଚାର କଲେ । ଜରାୟୁ ନିଷ୍କାସିତ ହେଲା । ନବାବିଷ୍କୃତ ଔଷଧର ଇଞ୍ଜେକସନ ଦେଲେ ଡାକ୍ତର । କହିଲେ, ରୋଗୀ ଖୁବ ସମ୍ଭବ କର୍କଟମୁକ୍ତ ହେଲା । କିନ୍ତୁ ତାକୁ ନଜରରେ ରଖିବାକୁ ହେବ ଏବଂ ପରୀକ୍ଷା ଓ ଚିକିତ୍ସା ଗୋଟିଏ ପୂରା ବର୍ଷ ଚଳେଇବାକୁ ହେବ । ବର୍ତ୍ତମାନ ତିନି ମାସ ସେ ରହିବ ଡାକ୍ତରଖାନାରେ, ତାଙ୍କ ତତ୍ତ୍ୱାବଧାନରେ ।

ତା ପାଇଁ ଯାହା ଯାହା ଦରକାର ବ୍ୟବସ୍ଥା କରି, ମାନସୀକୁ ଜୁଡ଼ିଥ ଜିମା କରି, ମାସେ ପରେ ଫେରିଲା ଶଙ୍କର କଲିକତା । ବାପା, ବୋଉ ୨ ଶାଶୁ ଶୁଣିଲେ ସବୁ କଥା ।

Digitized by srujanika@gmail.com

ସେଦିନ ରାତିରେ ହଠାତ୍ ବାମଦେବ ଦେହତ୍ୟାଗ କଲେ । ବୃଦ୍ଧ ହୃଦ୍‌ଯନ୍ତ୍ର ଗୋଟାଏ ବେଳେ ଛାତିରେ ବ୍ୟଥା ଅନୁଭବ କଲେ । ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ପାଇଲେ । ଅଧଘଣ୍ଟାକ ଭିତରେ ଶେଷ ନିଃଶ୍ୱାସ ଛାଡ଼ିଗଲା । ଶଙ୍କର ସ୍ମୃତିଭ୍ରଷ୍ଟ ହୋଇଗଲା ।

ସକାଳୁ ଡାକ ପଠେଇଲା ଶଙ୍କର ଲୋକଙ୍କୁ. ଅରୁଣାକୁ ଏବଂ ନେତ ସିଂଦେଓଙ୍କୁ । ଶବକୁ ଗୋଟାଏ ଟ୍ରାକରେ ସଜେଇ ଶ୍ମଶାନକୁ ନେଇଗଲେ ସମସ୍ତେ । ଦଶଟା ବେଳକୁ କେଓଡ଼ାତଳା ଘାଟରୁ ଭସ୍ମ ନେଇ ଫେରି ଶଙ୍କର ଶୁଣିଲା, ଶମ୍ଭୁ, ଚନ୍ଦ୍ରଶେଖର, ମାମୁଁ ଓ ଶଶୁରଙ୍କ ପାଖକୁ ତାରବାର୍ତ୍ତା ପଠେଇ ଦେଇଛି ଅରୁଣା । ବାରଟା ବେଳକୁ ଜବାବ ଆସିଲା ଚନ୍ଦ୍ରଶେଖର ପାଖରୁ । ସେ ଉମାକୁ ନେଇ ଆସୁଛି । କାଲି ସକାଳୁ ପହଞ୍ଚିବ । ମାନସୀକୁ କୌଣସି ସମ୍ବାଦ ଦେଲାନି ଶଙ୍କର ଇଚ୍ଛା କରି ।

ଠିକ ହେଲା, କଲିକତାରେ କର୍ମ ହବ । ଶ୍ରେଷ୍ଠ ପିଲାଙ୍କୁ ନେଇ ଗାଁକୁ ଯିବା ଅସୁବିଧା । ତା ଛଡ଼ା ଶଙ୍କର ଏତେ ଦିନ କଲିକତାରୁ ଅନୁପସ୍ଥିତ ରହି ପାରିବ ନାହିଁ । ଏଇ ତ ଆସିଛି ସେ ମାସେ ପରେ ଏମେରିକାରୁ । ମାମୁଁ ଆସି କର୍ମର ଭାର ନେଲେ । ଚନ୍ଦ୍ରଶେଖର ଓ ଉମା ଦେଖିଲେ, ଶଙ୍କର ଖୁବ ଦବିଯାଇଛି । ଚୁପଚାପ ରହୁଛି ସେ । ପିଲାଙ୍କ ସାଙ୍ଗରେ ସେଇ ଯା ଖେଳେ । ଦିନରେ ଥରେ ଦି' ଥର । ସେତିକିବେଳେ ତାକୁ ସ୍ୱାଭାବିକ ମେଜାଜରେ ପାନ୍ତି ଏମାନେ । ଅନ୍ୟ ବେଳେ ସେ ଲାଇବ୍ରେରୀରେ କାମ କରେ ।

ସନ୍ଧ୍ୟାବେଳେ ବାରଣ୍ଡାରେ ବସି ସେ ଗପ କରେ ଚନ୍ଦ୍ରଶେଖର ସାଙ୍ଗରେ । ମାନସୀର କଥା ମଧ୍ୟ ଆସେ । ତାର ଅପାରେଶନ ଯେ ଫଳପ୍ରଦ ହୋଇଛି, ଏକଥା ଜାଣିବାକୁ ଗୋଟାଏ ବର୍ଷ ଲାଗିବ । ସୁତରାଂ ଆଗାମୀ ଅଗଷ୍ଟରେ ଜଣାଯିବ ସେ ବଞ୍ଚିବ କି ନା । ଚନ୍ଦ୍ରଶେଖର ସମବେଦନା ଜଣାଏ, ଆଶ୍ୱାସ ଦିଏ । ଶଙ୍କର ବୁଝେ, ହସେ । କହେ, "ମୁଁ ଜାଣେ ହେ ଏଣ୍ଡିନସ୍ତର, ମୋତେ ଅଧ୍ୟାପକ ବର୍ଟମଲେ ସବୁ କଥା ପରିଷ୍କାର ଭାବରେ ବୁଝେଇ ଦେଇଛନ୍ତି । ମାନସୀର ଭଲ ହବାର ସମ୍ଭାବନା ଶତକଡ଼ା ଦଶ । ମୋର ଖାଲି ଗୋଟିଏ ଭୟ । ବାକି ଦଶ ଜଣଙ୍କ ଭିତରେ ସେ ପଡ଼ିଯିବ କି ? ତା ପରେ ଆଶା କରେ, ଖୁବ ସମ୍ଭବ ପଡ଼ିବନି, ସେ ଭଲ ହୋଇଯିବ

ହୁଏ ତ ।" ଶଙ୍କର ଅନେଇ ରହେ ସାମନାର ଆକାଶକୁ ।

ଫେରି କହେ, "ମୁଁ ଯେମିତି ଖୋଜୁଛି, ମାନସୀ ସେମିତି ହୋଇଛି । ତୁମେ ତ ଜାଣ କି ଅବସ୍ଥାରୁ ମୁଁ ତାକୁ ଟେକି ଆଣିଥିଲି । ଗୋଟାଏ ବର୍ଷରେ

Digitized by srujanika@gmail.com

କି ଅଦ୍ଭୁତ ଭାବରେ ସେ ଏଠିକା ଜୀବନ ସାଙ୍ଗରେ ନିଜକୁ ମିଳେଇ ନେଲା, ତୁମେ ଆଶ୍ଚର୍ଯ୍ୟ ହୋଇଯିବ । ତାକୁ ନେଇ ମୁଁ ବଡ଼ ବଡ଼ ପାର୍ଟିକୁ ଯାଇଛି, ନାଚକୁ ଯାଇଛି । ଏମିତି ସୁନ୍ଦର ଭାବରେ ସେ ମନେଇ ନିଏ, ନ ଦେଖିଲେ ତୁମେ ବିଶ୍ୱାସ କରିବନି । ମୋର ଗୋଟାଏ ଗର୍ବ, ମୁଁ ତାକୁ ପତ୍ନୀତ୍ୱରେ ଗ୍ରହଣ କରି ଠକିନି । ବାପା ବି ସେଇ କଥା କହୁଥିଲେ ସିନେ", ଶଙ୍କର ଅଟକିଲା । "କହୁଲେ, ମାନସୀ ଭଳିମ ଝିଅ ସେ ଦେଖି ନ ଥିଲେ । **She has been a good wife, a good daughter-in-law and a good mother.** ଅଥଚ", ଫେର୍ ଅଟକିଲା ସେ । ଥରି ଗଳାରେ କହିଲା, "ବାପା ଶକ୍‌ରେ ମରିଗଲେ । ମୁଁ ଜାଣି ନ ଥିଲି, ଏତେ ବିଚଳିତ ହେବେ ସେ । ମୋ ପାଖରୁ ସବୁ କଥା ଶୁଣି, ସେ ମୁହଁ କଳା କରି ଉଠିଗଲେ । ତା ପରେ ତ ରାତି ଗୋଟାଏ ବେଳକୁ ହାର୍ଟ ଏଟେକ୍ ହେଲା । ଅଧଘଣ୍ଟାକ ଭିତରେ ସବୁ ଶେଷ ।" ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ିଲା ସେ ।

ଉମା ଆସି ଠିଆ ହେଲା । ତାକୁ ଡ଼ାକିଲା ଶଙ୍କର, "ଆ, ବସ ।"

ଉମା ଆସି ବସିଲା ଭାଇନା ପାଖରେ । ଭାଇନାର ଉଦାସିଆ ଏଇକ୍ଷଣି ସଂକୁଚିତ ହୋଇଛି ଦୁଇ ବେଳା ଦୁଇ କାପ୍‌କୁ । ସିଗ୍ରେଟ ଖାଉ ନାହାନ୍ତି ସେ ।

"ତୁମେ ତ ସିଗ୍ରେଟ ଖାଉନ ଭାଇନା ?"

"ନା" ହସିଲା ଶଙ୍କର । "ଅଶୌଚରେ ତ ଅସୁବିଧା, ତା-ଛଡ଼ା ମୁଁ ତ ଡ଼ରୁଛି କେନ୍‌ସାର୍‌କୁ ।"

ଉମା ଅନେଇଲା ତା ମୁହଁକୁ । ଯେମିତି କରୁଣ ଦିଶୁଛି । ପଚାରିଲା ସେ, "ନୂଆବୋଉ କେବେ ଆସିବେ ?"

"ଆସିବ ? ଖୁବ୍ ସମ୍ଭବ ଅକ୍ଟୋବରରେ । ଯଦି ଡ଼ାକ୍ତର ମତ ଦିଅନ୍ତି ।"

"ତୁମେ କଣ ଯିବ ଆଣିବାକୁ ?"

"ଯାଇପାରେଁ । ନ ପାରେଁ ମଧ୍ୟ । ଡ଼ଲେଖି ଲେଖିଛି, ସେ ପଠେଇଦବ ଜଣେ ନାର୍ସଙ୍କୁ ସାଙ୍ଗରେ ଦେଇ ।"

ଚନ୍ଦ୍ରଶେଖର ପଚାରିଲା, "ତୁମେ ରିପୋର୍ଟ ପାଉଥିବ ?"

"ହଁ ଶନିବାରକୁ ଶନିବାର କେବୁଲ୍ ଆସିବ ।"

"କଣ ଅବସ୍ଥା ବର୍ତ୍ତମାନ ?"

"ଭଲ । ମାନସୀ ଦେହ ଭଲ ଅଛି । ତାର ଓଜନ ବଢ଼ିଛି ।"

Digitized by srujanika@gmail.com

ଉମା ପଚାରିଲା, "ତାଙ୍କର ସ୍ୱାଭାବିକ ସ୍ୱାସ୍ଥ୍ୟ ପାଇବାକୁ କେତେ ସମୟ ଲାଗିବ ?"

"କେଜାଣି, କମିତ କହିବ ?"

ବାପାଙ୍କର କର୍ମ ଆଡମ୍ବରରେ କଲା ଶଙ୍କର । ମାମୁଁଙ୍କ ଆୟୋଜନରେ ଖୁସି ହେଲେ ସମସ୍ତେ । ଦୁଇ ଶହ ମୂର୍ତ୍ତି ବ୍ରାହ୍ମଣ ଭୋଜନ କରେଇଲା ଶଙ୍କର । ଗୋଟାଏ ସଂସ୍କୃତ ବିଦ୍ୟାଳୟକୁ ଦାନ କଲା ବାପାଙ୍କ ସ୍ମୃତିରେ ।

ଶାଶୁଙ୍କୁ ରହିବାକୁ ହେଲା ପିଲଙ୍କ ପାଇଁ । ମାମୁଁ, ଶମ୍ଭୁ ଓ ଶଶୁର ଫେରିଲେ ଏକାଠି । ପୁରୋହିତ ଓ ଗାଁରୁ ଯେଉଁମାନେ ଆସିଥିଲେ, ସେମାନେ ବି ଫେରିଲେ । ଉମା ବିଦାୟ ନେବାକୁ ଆସି କାନ୍ଦିଲା, "ତୁମର ଦୁଃଖବେଳେ ପାଖରେ ରହିପାରୁନ ଭାଇନା । କି ଅବଶୋଷ ନେଇ ମୁଁ ଫେରୁଛି, ତୁମେ ବୁଝିପାରୁଥିବ । ନୂଆବୋଉଙ୍କୁ ଆସିବାର ହେଲେ ମୋତେ ଖବର ଦବ, ମୁଁ ଆସିବି ।"

"ଆସିବୁ ରେ ଉମି," ରୁଦ୍ଧକଣ୍ଠରେ କହିଲା ଶଙ୍କର, "ତୋ ନୂଆବୋଉକୁ ବଞ୍ଚେଇବି ବୋଲି ଜବାବ ଦେଇଛି ମୁଁ । ମୋର ପାଖୁ ପର୍ଯ୍ୟନ୍ତ କରିବି । ତୋତେ ଖବର ଦେବି ।"

ଛବିଶ

ଅକ୍ଟୋବର ଶେଷ ସପ୍ତାହରେ ମାନସୀ ଆସି ଦମଦମ ବିମାନ ବନ୍ଦରରେ ଦେଖେ, ଶଙ୍କର ବି ଆସିଛି, ଆହୁରି ଆସିଛନ୍ତି ତା ବୋଉ, ଉମା, ଚନ୍ଦ୍ରଶେଖର, ଶମ୍ଭୁ ଏବଂ ରଜା ସମେତ ଗୁଡ଼ାଏ ପିଲା । ବୋଉ କୋଳରୁ ଝିଅକୁ ଟାଣିନେଲା ସେ । ଅଚିହ୍ନା କଲା ତା ଝିଅ । ତାକୁ ବୋଉକୁ ଫେରେଇ ଦେଇ ସ୍ୱାମୀ କୋଳରୁ ପୁଅକୁ ଟାଣିନେଲା । ପିଲା ତା ମୁହଁକୁ ଅନେଇଲା । କିନ୍ତୁ କୋଳରେ ରହିଲା ।

ନାରଂ ଓ କନଷପଟର ତଦବିର କଲ ଦୁଇଟା ଗାଡ଼ିରେ ବୋଝେଇ ହୋଇ ସମସ୍ତେ ଫେରିଲେ ଘରକୁ । ବାଟରେ ପଚାରିଲା ମାନସୀ, "ବାପା ବୋଉ ଆସିନାହାନ୍ତି ?"

ଶଙ୍କର ଗାଡ଼ି ଚଲାଉଥାଏ । ମୁଣ୍ଡ ହଲେଇ ମନା କଲା ।

"ସେମାନେ କ'ଣ ଏଠି ନାହାନ୍ତି ?"

"ଆଗ ଘରକୁ ଚାଲ, ସବୁ ଶୁଣିବ । ତରତର କାଣ ?"

Digitized by srujanika@gmail.com

ଘରକୁ ଆସି ଶଙ୍କର ଆଗ ନାର୍ଦ୍ଦିକୁ ନେଇଗଲା ଯେଉଁ ଘରେ ସେ ରହନ୍ତି, ସେଠିକା । ତାକୁ ସେଠି ଛାଡ଼ି, ବୈଠକଖାନାକୁ ଫେରି ଦେଖିଲା, ମାନସୀକୁ ଘେରି ସମସ୍ତେ ଠିଆ ହୋଇଛନ୍ତି । ପୁଣି ମାନସୀ ପଚାରିଲା; "ବାପା ବୋଉ କାହାନ୍ତି ?"

ଚଟ୍ କରି ଶଙ୍କର କହିଲା, "ତୁମେ ଉପରକୁ ଚାଲ, ସବୁ କହିବ ।" ସେ ଏକରକମ ଧରି ନେଇଗଲା ମାନସୀକୁ ଉପରକୁ । ତଳେ ଏମାନେ ଠିଆ ହୋଇ ରହିଲେ ସ୍ତବ୍ଧ ହୋଇ, କେମିତି ଗ୍ରହଣ କରିବ ମାନସୀ ଖବରଟା ।

ଦଶ ମିନିଟ ପରେ ଚନ୍ଦନରତା ପୁତ୍ରବଧୂ ଯାଇ ଠାକୁର ଘର ଦୁଆର ମୁହଁରେ ପ୍ରଣିପାତ କଲା ଶାଶୁଙ୍କୁ । ନିରାଭରଣା ଶାଶୁ ସାଦା ଥାନ ପିନ୍ଧି ବସି ଜପ କରୁଥିଲେ । ବୋହୂକୁ ଦେଖି ବାହାରି ଆସିଲେ । ମାନସୀର ମୁହଁକୁ ଟେକି ଧରି ପଚାରିଲେ, "ତୋ ଦେହ ଭଲ ଅଛି ତ ମା ?"

ମୁଣ୍ଡ ହଲେଇ ହଁ କଲା ମାନସୀ ।

ତାକୁ କୋଡ଼ରେ ଜାକି ଧରି ଶୋଇବା ଘରକୁ ଆସିଲେ ଶଙ୍କରର ମାତା । ମାନସୀ ଦେଖିଲା, ବାପାଙ୍କର ତୈଳଚିତ୍ର କାନ୍ଥରେ ଝୁଲୁଛି । ଅଶ୍ରୁସିକ୍ତ କଣ୍ଠରେ ଶାଶୁ କହିଲେ, "ଅଧଘଣ୍ଟାକରେ ସବୁ ସରିଗଲା । ମୁଁ ବୁଝିପାରିଲି ନାହିଁ କଣ ହୋଇଗଲା ।"

ମାନସୀ ତୈଳଚିତ୍ର ସାମନାରେ ସାଷ୍ଟାଙ୍ଗ ପ୍ରଣାମ କରି ଉଠି ଠିଆ ହୋଇ ଅନେଇ ରହିଲା ଅନେକ ସମୟ । ତା ପରେ କହିଲା, "ମୋତେ କେହି ଖବର ଦେଲେ ନାହିଁ ।"

"ମୁଁ ଭୁତାକୁ ମନା କରିଥିଲି ମା ! ତୋର ସେତେବେଳେ ଯଉଁ ଅବସ୍ଥା, ଏ ଖବର ପାଇଥିଲେ ଆଉ ବଞ୍ଚିଥାନ୍ତୁ ? ଯାହା ହବାର ହେଲାଣି । ଚାଲ୍ ଚାଲ, ତୋ ପିଲାଙ୍କ କଥା, ଘର କଥା ବୁଝ ଏଥର ।"

ବୋହୂକୁ ନେଇ ସେ ଉପରକୁ ଆସିଲେ । ଲିଭିଙ୍ଗରେ ବସିଥାନ୍ତି ସମସ୍ତେ । ଶାଶୁ ବୋହୂ ଯାଇ ସେଠି ବସିଲେ । ମାନସୀ ଦେଖିଲା, ତା ପିଲାଏ ଖେଳୁଛନ୍ତି । ପୁଅ ଟଳମଳ ହୋଇ ଆସି ଲଦି ହେଲା ତା କୋଡ଼ରେ । ତାକୁ ଟେକିନେଇ ଚୁମା ଦେଲା ସେ । ହସିଲା ପିଲାଟା । ଆହୁରି ଆଦର କଲା । ହସୁଥାଏ ପିଲାଟା କରି କରି ହୋଇ । ଝିଅ ବାପ କୋଡରେ ବସି ଦେଖୁଥାଏ ଏ ଦୃଶ୍ୟ । ପୁଅକୁ ଶାଶୁଙ୍କୁ ଦେଇ ଝିଅକୁ ଡାକିଲା ମାନସୀ । ସମସ୍ତେ

Digitized by srujanika@gmail.com

ଚୁପଚାପ ବସି ଦେଖୁଥାନ୍ତି । ପ୍ରଥମ ଥର ଝିଅ ବାପ ଶବ୍ଦଟି ଆୟତ୍ତ କଲା । ଦ୍ୱିତୀୟ ଥର ଡାକିଲା ମାନସୀ: "ସୁକାନ୍ତ, ଆ ମୋ ପାଖକୁ ।"

ଏଥର ଆସିଲା ଝିଅ । ତାକୁ ଡାକିଧରି ମାନସୀ କହିଲା, "ମୁଁ ମା ।" ଝିଅଟି ବି କହିଲା, "ମା ।"

ଅନ୍ତର ଜୋରରେ ଝିଅକୁ ଜାବୁଡ଼ି ଧରିଲା ସେ । ଆଦର କରି କରି ଅସ୍ଥିର କଲା ତାକୁ । ମାନସୀ ଆଖିରୁ ଲୁହ ବୋହି ଯାଉଥାଏ । ଉମା, ତା ବୋଉ, ମାନସୀର ବୋଉ କେହି ଲୁହ ସମ୍ଭାଳି ପାରିଲେ ନାହିଁ ଏ ଦୃଶ୍ୟ ଦେଖି । ତା ପରେ ଦୁଇ ପିଲାଙ୍କୁ ଦୁଇ କାଖରେ ଧରି ମାନସୀ ଚାଲି ଆସିଲା ତା ଶୋଇବା ଘରକୁ । ପୁଣି ଉଚ୍ଛୁଳି ଉଠିଲା ତାର ମାତୃହୃଦୟ । ସେ, ବକ୍ଷ ଉନ୍ମୁକ୍ତ କରି ପିଲାଙ୍କୁ ଖୋଇଲା । ଶୁଖିଗଲାଣି ଉତ୍ସ । ତଥାପି ଶୋଷଣ କଲେ ଦୁଇଟାଯାକ ପିଲା । ମାତୃସ୍ତନର ବାସ୍ନା, ସେଥିରୁ ଝରିତ ଦୁଗ୍ଧ ପାଇ ସେମାନେ ତନ୍ମୟ ହୋଇ ଉପଭୋଗ କଲେ ।

ଶଙ୍କର ଆସି ଠିଆ ହେଲା । ତାକୁ ଦେଖି ହସିଲା ମାନସୀ । ଆପତ୍ତି କଲା ଶଙ୍କର, "ପୁଣି ସେ ଅଭ୍ୟାସ କାହିଁକି କରୁଛ ?"

"ଅଭ୍ୟାସ ସେମାନେ ଛାଡ଼ିନାହାନ୍ତି ତ ?"

"ତୁମର ସ୍ୱାସ୍ଥ୍ୟର ଯାହା ଅବସ୍ଥା, ଆଉ ସେମାନଙ୍କୁ ଖୋଇବା ଠିକ୍ ହେବନି ।"

"ମୁଁ ଡାକ୍ତରଙ୍କ ପାଖରୁ ଅନୁମତି ପାଇଛି ।" ହସି କହିଲା ମାନସୀ । ପିଲାମାନେ ତା କୋଳରେ ଶୋଇପଡ଼ିଲେ । ଜଣ ଜଣ କରି ପିଲାଙ୍କୁ ବିଛଣାରେ ଶୋଇ ଦେଇ, ଲୁଗା ସଜାଡ଼ି, ଖଟରୁ ଓହ୍ଲାଇ ଠିଆ ହେଲା ସେ । ସ୍ୱାମୀ ଆଡ଼କୁ ଅନେଇ କହିଲା, "ତୁମେ ଖୁବ୍ ଶୁଖିଯାଇଛ । ପ୍ଲେନ୍‌ରୁ ଓହ୍ଲାଇ ମୁଁ ଚିହ୍ନି ପାରିଲିନି ତୁମକୁ ।"

ହସିଲା ଶଙ୍କର ଟିକିଏ ।

"କଣ ଏମିତି ହେଲା ବାପାଙ୍କର ? ଏମିତି ହଠାତ୍..."

"ହଠାତ୍ ଆସେ ମାନସୀ, କରୋନାରି ଥ୍ରମ୍ବୋସିସ୍ ।" ଦୀର୍ଘନିଶ୍ୱାସ ପକେଇ ଡିଭାନରେ ବସିଲା ଶଙ୍କର । ମାନସୀ ତା ଆଗରେ ପଲଙ୍କରେ ବସିଲା ।

"କିଛି କରିବାର ନ ଥିଲା", କହିଲା ଶଙ୍କର । "ଡାକ୍ତର ଆସିଲା ବେଳକୁ ବାପା ଆଉ ବଞ୍ଚି ନ ଥିଲେ ।"

Digitized by srujanika@gmail.com

ଜୀବନରେ କାନ୍ଦୁଥାଏ ମାନସୀ । "ମୋର ଜୀବନସାରା ଅବଶୋଷ ରହିବ, ମୁଁ ତାଙ୍କର ସେବା କରି ପାରିଲିନି । କେବେ ଏ ଘଟଣା ଘଟିଲା ?"

" 'ମୁଁ ଯେଉଁଦିନ କଲିକତା ଫେରିଲି । ତୁମର କେନସାର୍ ହବା କଥା ଶୁଣି ବାପା କେମିତି ହୋଇଗଲେ । ତା ପରେ ରାତି ଗୋଟାଏ ବେଳକୁ ହେଲା ଏଟେକ୍ । ମୋତେ ଏତିକି କହିଲେ, I am passing away. ବାପ୍, ତା ପରେ ସରିଗଲା ସବୁ ।"

ଉମା ଆସି ଠିଆହୋଇଛି ଦୁଆର ମୁହଁରେ । ମାନସୀ ଡାକିଲା, "ଆସ" ।

ତାକୁ ଟାଣି ଆଣି ପାଖରେ ବସେଇଲା ।

"ନୂଆବୋଉଙ୍କ ସ୍ୱାସ୍ଥ୍ୟ ବେଶ ଭଲହୋଇ ଯାଇଛି, ନା ଭାଇନା ?"

ପରିବେଶକୁ ହାଲୁକା କରିବାକୁ କହିଲା ଉମା ।

"ଉଁ ? ହଁ ।" ଶଙ୍କର ଅନେଇଲା ସ୍ତ୍ରୀ ଆଡ଼କୁ ।

"ମୁଁ ମୋଟା ହୋଇ ଯାଇଛି ।" ମାନସୀ ହସିଲା ।

"ଆହୁ କୁହନି ।" ଉମା ହସିଲା ତା କଥାରେ ।

ଶଙ୍କର ଉଠି ଆସିଲା ସେଠୁ । ମାନସୀ ପଚାରିଲା ଉମାକୁ, "ତୁମ ଭାଇନା ସିଗ୍ରେଟ ଖାଉନାହାନ୍ତି ତ ? ମୁଁ ଆସିଲା ବେଳୁ ତାଙ୍କୁ ଘରେ ବୋଲି ସିଗ୍ରେଟ ଖାଇବାର ଦେଖିନି ।"

"ସିଗ୍ରେଟ ଛାଡ଼ି ଦେଇଛନ୍ତି ଭାଇନା ।"

"କେତେ ଦିନ୍ ହେଲା ?"

"ବାପାଙ୍କୁ ଦାହ କରି ଆସି ଆଉ ସିଗ୍ରେଟ ଛୁଇଁ ନାହାନ୍ତି ।"

ମାନସୀ କହିଲା, "ଦୁଇ ଭାଇ ଶୁଖି ଯାଇଛନ୍ତି । ଏ ତ ଖୁବ୍ ଶୁଖି ଯାଇଛନ୍ତି । ବୋଉଙ୍କୁ ତ ଚିହ୍ନି ହଉନି ।"

"କେତେ ବିପଦ ଗଲାଣି ଏଇ କେତେ ଦିନ୍ ଭିତରେ କୁହ ନା ? ମଣିଷ ତ, କେତେ ସହିବେ ? ଯାହା ହଉ ତୁମେ ଯେ ଭଲରେ ଫେରି ଆସିଲ ଏତିକି ଆମର ସୌଭାଗ୍ୟ । ଭାଇନାଙ୍କ ଚାରକୁ ମୁଁ ଗଲା ପନ୍ଦର ଦିନହେଲା ଅନେଇ ବସିଥିଲି । ତୁମର ଦଶ ତାରିଖ ଆସିବାର ଥିଲା । ତା ପରେ ବାଇଶି ତାରିଖକୁ ବଦଳିଲା । ପନ୍ଦରଦିନ ତାର ପାଇ ଆମେ ବାହାରିପଡ଼ିଲୁଁ ଗାଡ଼ି ନେଇ । ରାତିସାରା ସେ ଗାଡ଼ି ଚଳେଇଛନ୍ତି । କାଲି ଭୋରୁ ଆମେ ପହଞ୍ଚିଲୁ ଏଠି । ତୁମେ ଉଠ ନୂଆବୋଉ, ଗାଧୁଆ ପାଧୁଆ କର । ଖାଅ କିଛି ଟିକିଏ ।"

Digitized by srujanika@gmail.com

ମନା କଲା ମାନସୀ, "ମୁଁ ଟ୍ରେନ୍‌ରେ ଖାଇଛି। ଭୋକ ନାହିଁ।" ସେ ଉଠିଲା। ହିମା ତା ସାଙ୍ଗରେ ବାହାରକୁ ଆସି ଧାଈକୁ ଡାକଦେଲା ଘରକୁ। ପିଲା ଶୋଇଛନ୍ତି, ନୂଆବୋହୂ ଗାଧୋଇ ଯିବେ।"

ଶଙ୍କର ଓ ଚନ୍ଦ୍ରଶେଖର ବସିଛନ୍ତି ବୈଠକଖାନାରେ। ମାନସୀ ସାଙ୍ଗରେ ଆସିଥିବା ନାର୍ସ ମିସେସ୍ ବ୍ରାଉନ୍, ସବୁ କାଗଜପତ୍ର ବୁଝେଇ ଦେଉଥାଏ ଶଙ୍କରକୁ, "ମିସେସ୍ ଶତପଥୀଙ୍କ ଅପରେଶନ୍ ସଂପୂର୍ଣ୍ଣ ଭାବରେ ଫଳପ୍ରଦ ହୋଇଛି। ଜରାୟୁରେ ଯେଉଁ ଆକ୍ରମଣ ହୋଇଥିଲା, ନିଷ୍କାସନ କରିଦେବା ଫଳରେ ତଳପେଟ ସମ୍ପୂର୍ଣ୍ଣ ନିରାମୟ ହୋଇଛି। ଫୁସ୍‌ଫୁସ୍‌ରେ ଯେଉଁ ସଂକ୍ରମଣ ହେଉଥିଲା, ପ୍ରଫେସର ବଟମଲେଙ୍କ ନବାବିଷ୍କୃତ ଇଞ୍ଜେକ୍‌ସନ୍ ଫଳରେ ସଂପୂର୍ଣ୍ଣ ଭଲ ହୋଇଯାଇଛି। କିନ୍ତୁ ଏ ରୋଗ ଏଭଳି ବିପଜ୍ଜନକ ଯେ, ଅନ୍ତତଃ ଗୋଟିଏ ବର୍ଷ ତାଙ୍କୁ ପୂରାପୂରି ଚିକିତ୍ସାଧୀନ ହୋଇ ରହିବାକୁ ପଡ଼ିବ। ପ୍ରତି ମାସ ଓ ତିନି ମାସରେ ତାଙ୍କୁ ନାନା ଭାବରେ ପରୀକ୍ଷା କରାଯିବ ଏବଂ ସେ ପ୍ରଫେସରଙ୍କ ପାଖକୁ ପଠାଯିବ। ସେ ଯେଉଁଭଳି ନିର୍ଦ୍ଦେଶ ଦେବେ, ସେହି ଅନୁସାରେ ଚିକିତ୍ସା ହେବ। ଆସନ୍ତା ଅଗଷ୍ଟ ସେପ୍‌ଟେମ୍ବରରେ ଜଣାଯିବ ରୋଗୀର ଜୀବନ ସଂପୂର୍ଣ୍ଣ ନିରାପଦ କି ନା?"

ନାର୍ସ ଆହୁରି କହିଲା, "ଆପଣଙ୍କ ସ୍ତ୍ରୀଙ୍କୁ ଯେଉଁ ଡାକ୍ତର ବରାବର ଦେଖନ୍ତି, ତାଙ୍କ ସାଙ୍ଗରେ ଦେଖାହେଲେ ଭଲ ହୁଅନ୍ତା। ତାଙ୍କୁ ମଧ୍ୟ କେତେକ ବିଷୟ ଜଣାଇବାର ଅଛି।"

ଶଙ୍କର ଯାଇ ଡାକିଲା ଫୋନ୍‌ରେ ମିସେସ୍ ହାଲଦାରକୁ। ସେ ଅଧଘଣ୍ଟାକ ଭିତରେ ଆସୁଛି ବୋଲି କହିଲା।

କଫି ଖାଇ ଖାଇ ମିସେସ୍ ବ୍ରାଉନ୍ ଗପିଲା, ମାନସୀର ସେଠା ଡାକ୍ତରଖାନାରେ ଚିକିତ୍ସା କିମିତି ହେଲା, ସେହି କଥା। ସେ କିମିତି ସବୁ କଥାକୁ ସହଜ ଭାବରେ ନେଇଥିଲା, ଡିପ୍ ଏକ୍‌ସରେ ଓ ରେଡ଼ିୟମ୍ ରଶ୍ମିର ଜାଳାକୁ କେମିତି ଓଠ କାମୁଡ଼ି ସହ୍ୟ କରିଥିଲା, ସେହି ସବୁ କଥା କହିଲା ମିସେସ ବ୍ରାଉନ୍। ଶଙ୍କର ଓ ଚନ୍ଦ୍ରଶେଖର ଶୁଣୁଥାନ୍ତି।

"ମିସେସ୍ ଶତପଥୀ ଭାରି ଭଦ୍ର ରୋଗୀ। ତିନିମାସ ସେ ରହିଲେ, କୌଣସି ନିୟମକୁ ସେ ଅବହେଳା କରି ନାହାନ୍ତି। ମୋର ବିଶ୍ୱାସ, ସେ ଭଲ ହୋଇ ଯାଇଛନ୍ତି।"

Digitized by srujanika@gmail.com

ମିସେସ୍ ହାଲଦାର ଆସିଲେ ! ନାର୍ସ ତାଙ୍କୁ ଯାହା କହିବାର କହିଲା । ଶଙ୍କର କାଗଜପତ୍ର ସବୁ ବଢ଼େଇ ଦେଲା ତାଙ୍କୁ । ମିସେସ୍ ହାଲଦାର ନର୍ସକୁ ନେଇ ଉଠିଗଲେ ଉପରକୁ, ମାନସୀ ପାଖକୁ ।

ଶଙ୍କର ମିସେସ୍ ହାଲଦାରଙ୍କୁ ବିଦା କରି ପାଖ ଗଲା ଲାଇବ୍ରେରୀକୁ । ଡାକ ଦେଖିଲା । ଉଦ୍ବେଥ ଚିଠି ଲେଖିଛି । ଆଗ ଖୋଲିଲା ସେହି ଚିଠିଟା—

"ମାନସୀ କାଲି ଫେରି ଯାଉଛି ତୁମ ପାଖକୁ, କଲିକତା । ମୁଁ ଆଜି ସକାଳେ ଯାଇଥିଲି ତା ପାଖକୁ । ପ୍ରଫେସର ବଟମଲେଙ୍କ ସାଙ୍ଗରେ ଦେଖା ହେଲା । ଅନେକ କଥା କହିଲେ ସେ । ସବୁ କଥା ଲେଖି ମିସେସ୍ ବ୍ରାଉନ୍ ହାତରେ ତୁମ ପାଖକୁ ପଠାଉଛନ୍ତି । ମାନସୀ ସଂପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇ ଯାଇଛି ବୋଲି ତାଙ୍କର ଦୃଢ଼ ବିଶ୍ୱାସ । ତଥାପି ସେ ତାକୁ ଗୋଟାଏ ବର୍ଷ ନଜର ଓ ତଦାରଖରେ ରଖିବେ । ବିଭିନ୍ନ ସାମୟିକ ପରୀକ୍ଷାର ବ୍ୟବସ୍ଥା ସେ କରିଛନ୍ତି । ସେ ପରୀକ୍ଷାଗୁଡ଼ା ଯଥା ସମୟରେ କରି ତାଙ୍କୁ ରିପୋର୍ଟ ପଠାଉଥିବ । ମୋର ଆଶା, କଲିକତାରେ ସେ ପରୀକ୍ଷାଗୁଡ଼ା ହୋଇପାରିବ ।

"ମୋର ପ୍ରଶ୍ନର ଉତ୍ତରରେ ଅଧ୍ୟାପକ କହିଲେ, ମାନସୀକୁ ଏଇ ବର୍ଷଟି ଅଲଗା ରଖିବା ଶ୍ରେୟସ୍କର । ସୁତରାଂ, ପୁନାସିଲା ପରି ତାକୁ ତୁମେ ଗୋଟିଏ ବର୍ଷ ବିଛଣାକୁ ଡାକିବ ନାହିଁ । ତୁମେ ତ ହିନ୍ଦୁ । ବ୍ରହ୍ମଚର୍ଯ୍ୟର ପରୀକ୍ଷା ତୁମ ଧର୍ମରେ ବି ଦେଖିବାକୁ ମିଳେ । ମାନସୀ ଓ ତୁମର, ଦୁଇ ଜଣଙ୍କର ନିରାପତ୍ତା ଦୃଷ୍ଟିରୁ ଡାକ୍ତର ଏ ବ୍ୟବସ୍ଥା କରିଛନ୍ତି ।

"ମୋର ଏ ଚିଠି ତୁମ ହାତକୁ ଆସିଲା ବେଳକୁ ମାନସୀ ତୁମ ପାଖରେ ଥିବ । ତାକୁ ମୋର ସ୍ନେହ ଦେବ ଓ ତୁମେ ନେବ ।

"ଶୁଣି ଖୁସି ହେବ, ରାଲଫ୍‌ର ପ୍ରଥମ ସନ୍ତାନ ବର୍ତ୍ତମାନ ମୋ ଗର୍ଭରେ । ଆଉ ଚାରି ମାସ ପରେ ମୁଁ ତାକୁ ପୃଥିବୀକୁ ଆଣିବି । ରାଲଫ୍‌ର ଖୁସିର ସୀମା ନାହିଁ । ସେ ତାର ସ୍ନେହ ପଠାଉଛି । ଚିଠି ଦେବ ।"

ଚିଠିରୁ ମୁହଁ ଟେକି ଦେଖିଲା ଶଙ୍କର, ମାନସୀ ତା ଆଗରେ ଠିଆ ହୋଇଛି । ଗାଧୋଇ ଆସିଛି ସେ । ସେହି ପୁରୁଣା ଦିନର ମାନସୀ, ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟରେ ଉଜ୍ଜ୍ୱଳ । ଉଦ୍ବେଥର ଚିଠିଟା ଟେବୁଲ ଉପରେ ରଖି ଠିଆ ହେଲା ଶଙ୍କର ସ୍ତ୍ରୀ ଆଗରେ । ହସିଲା ମାନସୀ, ତା ପରେ ସ୍ୱାମୀ ପାଖରେ ଧରା ଦେଲା ।

Digitized by srujanika@gmail.com

ଟେବୁଲରେ ବସିଛି ମାନସୀ ତଳକୁ ଗୋଡ ଝୁଲେଇ । ଶଙ୍କର ବସିଛି ତା ସାମନା ଚୌକିରେ । ଉପେକ୍ଷିତ ଚିଠି ପଢ଼ୁଛି ମାନସୀ । ପଢ଼ିସାରି ଚିଠିଟା ସ୍ୱାମୀ ହାତକୁ ବଢ଼େଇ ଦେଇ କହିଲା, "ମନ ଖରାପ ହେଲା, ନା ?"

"ନା ।"

"ସତ କହୁଛ ?"

ହସିଲା ଶଙ୍କର ।

ମାନସୀ କହିଲା, "ପ୍ରଫେସରି ବଳମକୁଲେ ମୋତେ ଏ କଥା ଶେଷରେ କହିଲେ, ଗାଡ଼ିରେ ବସିବା ଆଗରୁ । କହିଲେ, 'ତୁମ ସ୍ୱାମୀଙ୍କୁ ବୁଝେଇ କହିବ ।' ତୁମ କଥା କହି କହିଲେ, 'ମୋର ବିଶ୍ୱାସ ସେ ବୁଝିବେ' ।"

ସ୍ତ୍ରୀର ହାତ ଦୁ'ଟାକୁ ଦୁଇ ହାତରେ ଧରି ଶଙ୍କର କହିଲା, "ତୁମେ ମୋ ପାଖରେ ରହିବ ମାନସୀ, ଆଉ ମୋର ଭାବନା କ'ଣ ?"

ନଜର ପଡ଼ିଲା ଶଙ୍କର, ଦୁଆର ମୁହଁରେ ପର୍ଦ୍ଦା ସେ ପାଖରେ ଦୁଇଟି ଶିଶୁଙ୍କ ଗୋଡ଼ । ବୋଉ କହୁଛନ୍ତି, "ଯା ବେ ଭିତରକୁ , ତୋ ବାପା ବୋଉ ସେଠି ।"

ମାନସୀ ଟେବୁଲରୁ ଡେଇଁପଡ଼ି ଆସି ପର୍ଦ୍ଦା ଟେକ ଧଇଲା । ସୁଜାତା ଓ ସତ୍ୟବାନ କବାଟ ଧରି ଠିଆ ହୋଇଛନ୍ତି । ଶାଶୁ ଉମା ସାନପୁଅକୁ କାଖେଇଛନ୍ତି । କହିଲେ, "ନେ ତୋ ପିଲାଙ୍କୁ , ଟିକିଏ ଗେଲ କର । ମୁଁ ଏ ଟୋକାକୁ ତା ମା'କୁ ଦେଇ ଆସେଁ ।"

ଦୁଇ ପିଲାଙ୍କ ହାତ ଧରି ଘରକୁ ପଶିଲା ମାନସୀ । ଶଙ୍କରକୁ ଦେଖି ଦୁଇ ଜଣଯାକ ପାଟି କଲେ, "ବା - ବା" ।

ଶଙ୍କର ହସି ଜବାବ ଦେଲା, "ବା ବା" ।

ଶୋଫାରେ ବସିଲା ମାନସୀ ପିଲାଙ୍କୁ ଦୁଇ କଡ଼ରେ ବସେଇ । ପୁଅକୁ ଗେଲ କଲା । ସେ 'ମା' କହି ତା କୋଳକୁ ଆଉଜିଲା ।

ଝିଅ ଅନେଇଲା ମା'କୁ । ମାନସୀ କହିଲା, "ମା ।" ହସିଲା । ସୁଜାତା, କହିଲା, "ମା ମା ମା" ।

ତାକୁ ଛାତିରେ ଭିଡ଼ି ଧଇଲା ମାନସୀ । ଫେର୍ କହିଲା ଝିଅ "ମା" । ଶଙ୍କରକୁ ଦେଖେଇ କହିଲା ମାନସୀ "ବାବା" । ଦୁଇ ପିଲା ପ୍ରତିଧ୍ୱନି କଲେ ।

Digitized by srujanika@gmail.com

ମାନସୀକୁ ଦେଖେଇ ଶଙ୍କର କହୁଲ, "ମା" । ପିଲାଏ ବ ଡାକଲେ, "ମା ।"

ପର୍ଦ୍ଦା ଟେକ ଉମା ପଶି ଆସି କହୁଲ, "ସାହେବ ମେମ୍ ତଳକୁ ଓହ୍ଲେଇବେ କ ? ଲଞ୍ଚ୍ ପ୍ରସ୍ତୁତ ।"

"ନଶ୍ଚୟ ଓହ୍ଲେଇବେ" ,ହସି ଠିଆ ହେଲ ମାନସୀ । ଝିଅକୁ ଧରଥାଏ ସେ । ଉମା ସତ୍ୟବାନକୁ କୋଡକୁ ନେଲ । କୋଳାହଳ କର ସମସ୍ତେ ତଳକୁ ଆସିଲେ ।

ସତେଇଶ

ଗଲ ଛ ମାସ ଭିତରେ ଯେଉଁସବୁ ଘଟଣା ଘଟିଗଲ, ତାର ପ୍ରଭାବରେ ଶଙ୍କରର ଜୀବନ ଧାରଣର ଧାରା ନାନା ଭାବରେ ବପର୍ଯ୍ୟସ୍ତ ହୋଇଛୁ । ସେ ସିଗ୍ରେଟ ଗ୍ଭଡ଼ିଛୁ, କଫି ଖିଆ କମିଯାଇଛୁ ତାର । ଲୁଗାପଟା ବଷୟରେ ତାର ପୂର୍ବ ସଉକ ନାହିଁ, ନଜ୍ର ନାହିଁ । ଏକା ଚପଗ୍ଭପ ରହୁବାକୁ ଭଲ ପାଉଛୁ । ସଂସାର ପ୍ରତ ଯେମିତ ଟିକଏ ଉଦାସୀନ ହୋଇଛୁ । କାମରେ ମନୋନବେଶ ବଢ଼ିଛୁ । ଏ ବର୍ଷ ତାର ବ୍ୟବସାୟ ଅଦ୍ଭୁତ ବଢ଼ିଛୁ । କମ୍ପାନୀ ତାକୁ ଦୂରପ୍ରାଚ୍ୟର ମୁଖ୍ୟ କର୍ମକର୍ତ୍ତା ଭାବରେ ନୂଆ ନଯୁକ୍ତ ଦେଇଛୁ । ହଂକଂ ପେନାଂ ସିଙ୍ଗାପୁରରେ ଶାଖା ଖୋଲଛୁ ସେ । ବର୍ମା ସରକାରଙ୍କ ସାଙ୍ଗରେ କଥାବାର୍ତ୍ତା ଚଳେଇଛୁ । ରେଙ୍ଗୁନରେ ମଧ୍ୟ ଅଫିସ ଖୋଲବ ।

ମାନସୀକୁ ଫେର ପାଇଛୁ ଶଙ୍କର । ତାର ପାଖରେ ଶୋଇ, ସେ ସ୍ୱାମୀକୁ କହୁଛୁ ଏମେରକାରେ ତାର ଦଶ ମାସର ଅନୁଭୂତ । ଡରୋଥି ଓ ଗ୍ରାଲଫ୍‌ର ଆତଥେୟତାର ଉଚ୍ଛ୍ୱସିତ ପ୍ରଶଂସା କରୁଛୁ । ଡାକ୍ତରଖାନାର ଜୀବନ କଥା କହୁବାକୁ ଯାଇ କହୁଛୁ, ସବୁ କାମ କେମିତ ସେଠି ଘଣ୍ଟ କଣ୍ଟାରେ ହୁଏ । ନାର୍ସମାନଙ୍କର କ ଯତ୍ନ ସେଠି ! ତାକୁ ପଢ଼ିବାକୁ ଦଆଯାଉଥାଏ ଗୋଛା ଗୋଛା ବହୁ ଓ ପତ୍ରିକା । ଟେଲିଭିଜନ ତା ମୁଣ୍ଡ ଉପରେ । ପ୍ରତ ସନ୍ଧ୍ୟାରେ ଚଳଚ୍ଚିତ୍ର । ପ୍ରଫେସର ଝିଅ ଭଳ ବ୍ୟବହାର କରନ୍ତ ତା ସାଙ୍ଗରେ । ପିଲାଙ୍କ ପାଇଁ ଦୁଃଖ କରବାକୁ ମନା କରନ୍ତ । ବହୁତ ଖାଇବାକୁ ଦଅନ୍ତ ତାକୁ । ଇମିତ ଅନେକ କଥା ।

ଫେରବା ପୂର୍ବଦନ ରାତରେ ଉମା ଚନ୍ଦ୍ରଶେଖରକୁ ପଗ୍ଭରଲ, "ଶୁଣ, ଗୋଟାଏ କଥା ପଚ୍ଚାରବ । କହୁବ ସତ କର ।"

Digitized by srujanika@gmail.com

"ଶୁଣାଯାଉ କଥାଟା । ତା ପରେ ଦିନା ସତମିଛର ବସ୍ତର ।"

"ତୁମେ ତ ଡାକ୍ତରଙ୍କ ରିପୋର୍ଟ ପଢ଼ିଛ ।" ପଚାରିଲା ଉମା, "ନୂଆବୋହୂ ସମ୍ପୂର୍ଣ୍ଣ ଭଲ ହୋଇ ଯାଇଛନ୍ତି ବୋଲି ସେ ଲେଖିଛି ?"

"ହୁଁ । ଏଇକ୍ଷଣି ବର୍ଷେ ତାଙ୍କୁ ଅବ୍‌ଜରଭେସନ୍‌ରେ ରଖାଯିବ । କେତେଗୁଡ଼ା ପରୀକ୍ଷା ହେବ । ତାର ଫଳ ଯଦି ସନ୍ତୋଷଜନକ ହୁଏ, ତା ହେଲେ ତୁମ ନୂଆବୋହୂ ନିରାମୟ ହୋଇଛନ୍ତି ବୋଲି ଜଣାଯିବ । କିନ୍ତୁ ଏ ପ୍ରଶ୍ନ କାହିଁକି କରୁଛ ?"

ମୁଣ୍ଡ ହଲେଇଲା ଉମା, କହିଲା, "ନୂଆବୋହୂ ପୂରା ଭଲ ହୋଇଛି । ମାନେ, ସେ ସ୍ୱାଭାବିକ ଅବସ୍ଥାକୁ ଆସିଛି ।"

"କେମିତି ଜାଣିଲ ?"

"ଭାଇନାଙ୍କୁ ଦେଖି ।"

"କଣ ଦେଖିଲ ଭାଇନାଙ୍କର ?"

"ସେ କଥା ତୁମ ଆଖିକୁ ଦିଶିବ ନାହିଁ । ଆମେ କିନ୍ତୁ ଜାଣିପାରୁଁ ।"

"ପାରୁଥିବ । କିନ୍ତୁ ତୁମେ ତ କହୁଥିଲ, ନୂଆବୋହୂ ଅନେକ ବେଳଯାଏ ତୁମ ଭାଇନାଙ୍କ ପାଖେ ରହୁଛନ୍ତି ।"

"ହଁ । ଭାଇନାଙ୍କୁ ଶୋଇ ପକେଇ ସେ ତାଙ୍କ ଘରକୁ ଆସନ୍ତି ।"

ଚନ୍ଦ୍ରଶେଖର ଚିନ୍ତିତ ହେଲା ଖବରଟା ପାଇ । ଶଙ୍କରକୁ ଚିହ୍ନେ ସେ । ମାନସୀ ପ୍ରତି ଶଙ୍କରର ଆକର୍ଷଣର ମାତ୍ରା ସେ ଜାଣେ । ସେ ଆକର୍ଷଣ ଏକାବେଳକେ ରକ୍ତମାଂସର । କେମିତି ଗୋଳମାଳିଆ ଲାଗିଲା ଚନ୍ଦ୍ରଶେଖରକୁ । ମାନସୀର ଶାରୀରିକ ଅବସ୍ଥାନ ସତ୍ତ୍ୱେ ତାକୁ ଶଙ୍କର ପାଉ ନ ଥିବ, କେମିତି ଅସ୍ୱସ୍ତିକର ପରିସ୍ଥିତିଟା ।

"କଣ ଭାବୁଛ ?" ପଚାରିଲା ଉମା ।

"କିଛି ନା ।"

"ମୋତେ ଲୁଚଉଛ ତୁମେ ।" ଅଭିମାନ କଲା ଉମା ।

ହସିଲା ଚନ୍ଦ୍ରଶେଖର, "ପୁରୁଷର ଦୁଃଖ ତୁମେ କଣ ବୁଝିପାରିବ ?"

"ତୁମଠୁଁ କମ୍ ପାରିବିନି ।" ଟିକିଏ ରହିଯାଇ ପୁଣି ପଚାରିଲା ଉମା, "ନୂଆବୋହୂ ପାରିବେ ତ ସମ୍ଭାଳି ?"

ହସିଲା ଚନ୍ଦ୍ରଶେଖର । କହିଲା, "ପାରିବେ । ତୁମ ବୋଉ ଅଛନ୍ତି, ପିଲାମାନେ ଅଛନ୍ତି । ତୁମ ଭାଇନା ଭଦ୍ରଲୋକ ।"

Digitized by srujanika@gmail.com

ଉମା ବି ହସିଲା, "ଏଥିରେ ସନ୍ଦେହ ନାହିଁ ।"

ସେଦିନ ସକାଳୁ ମିସେସ୍ ବ୍ରାଉନଙ୍କୁ ନେଇ ପ୍ଲେନ୍‌ରେ ବସେଇ ଦେଇ ଆସିଲେ ଶଙ୍କର ଓ ମାନସୀ । ଦିନଟା ବେଳକୁ ବାହାରିଲେ ଚନ୍ଦ୍ରଶେଖର, ଉମା ଓ ତା ପିଲାମାନେ । ସେମାନେ ଗାଡ଼ିରେ ଆସିଛନ୍ତି, ଫେରିଯିବେ ସୁନ୍ଦରଗଡ଼ ।

ଚନ୍ଦ୍ରଶେଖରଙ୍କୁ ବିଦା କରି, ମାନସୀକୁ ଗାଡ଼ିରେ ବସେଇ ଶଙ୍କର ବୁଲି ବୁଲି ଯାଇ ପହଞ୍ଚିଲା ବେରେବକପୁରରେ, ରଜତ ସିଂଦେଓ ଘରେ । ରଜତ ତଟକା କାମରୁ ଫେରି ଲନ୍‌ରେ ବସିଥାଏ ସ୍ତ୍ରୀକୁ ନେଇ । ଏମାନଙ୍କ ଗାଡ଼ି ଦେଖି ଦ'ଜଣଯାକ ଉଠି ଆସିଲେ । ମାନସୀକୁ ମଞ୍ଜୁଷା କୁଣ୍ଢେଇ ପକେଇଲା, "ନାନୀ, ତୁମେ ଫେରି ଆସିଛ ? ବାଃ, ବେଶ୍ ଭଲ ହୋଇ ଯାଇଛି ତୁମ ସ୍ୱାସ୍ଥ୍ୟ ।"

"ଡକ୍ଟରଟା କଉଁଠିକାର, ସେଟା ବୁଝୁନ ?" ସିଂଦେଓ କହିଲା ।

ଏମାନେ ଯାଇ ବୈଠକଖାନାରେ ବସିଲେ । ସିଂଦେଓ ଦଶ ମିନିଟ ପାଇଁ ଛୁଟି ମାଗିଲା । ସରବତ ମଗେଇଲା ମଞ୍ଜୁଷା । ଗାଧୋଇ, ଧୋତି ପଞ୍ଜାବୀରେ ଫେରିଲା ସିଂଦେଓ । ଶଙ୍କରର ନଜର ପଡ଼ିଲା ତାର କାନର ଲବଙ୍ଗ ଦ'ଟା ଉପରେ । ବାଃ, ଠିକ୍ ରାଜପୁତ୍ର । ସିଂଦେଓ ଶଙ୍କରର ସସ୍ମିତ ଦୃଷ୍ଟି ଆଗରେ କୁଣ୍ଠିତ ହୋଇ ହସିଲା । ମଞ୍ଜୁଷା କହିଲା, "ମୁଁ ପିନ୍ଧା କରେଇଛି । ସେ କଣ ପିନ୍ଧୁଥିଲେ କି ?"

"ଦୂର୍, ଆଜିକାଲି ଯୁଗରେ ଏଗୁଡ଼ା ଅଚଳ ।" ସିଂଦେଓର କୈଫିୟତ୍ ।"

"କାହିଁକି, ତୁମ ସାଙ୍ଗ ଦଲୀପ ସିଂ ପିନ୍ଧୁଛି ତ ?"

ଏହି ସମୟରେ ଗୁଡ଼ାଏ ଜଳଖିଆ ନେଇ ପ୍ରବେଶ କଲା ନାନୀ । ଏହି ନାନୀଟି ମଞ୍ଜୁଷାର ଧାଈମା ଓ ସିଂହଦେଓ ସ୍ତ୍ରୀକୁ ଯୌତୁକ ସୂତ୍ରରେ ପାଇଛି । ଅଦ୍ଭୁତ ହାତ ତାର ରନ୍ଧାବଢ଼ାରେ । ନାନା ପ୍ରକାରର ବଡ଼ି, ଆଚାର ଓ ପରୁଆ କରିବାରେ ସେ ସିଦ୍ଧହସ୍ତା । ଆଜି ପୋଡ଼ପିଠା କରିଛି ସେ । ଶଙ୍କର ଓ ମାନସୀ ବୁଝିଲେ କି ଖିଲ୍ଲୀ ଏଇ ନାନୀଟି ।

"ଭଲ ଘିଅ ମିଳୁଛି କି ଝିଅ ? ବାସ୍ନା ହେଉ ନାହିଁ । ଆମ ଗଡ଼ରେ ଗାଈଆ ଘିଅରେ ଏ ପିଠା ଭଲ ହୁଏ । ଏବେ ରଜା ତ ଗଲେଣି ମା । ସହଜ କାହାର ଅଛି ଆଉ ?" କ୍ଷୋଭରେ କହିଲା ନାନୀ ।

Digitized by srujanika@gmail.com

ମାନସୀ ଡାକିଲା ତାଙ୍କୁ , "ଆମ ଘରକୁ ଦିନେ ଆସ ନାନୀ । ମୋତେ ତୁମ ରନ୍ଧାରୁ କିଛି ଶିଖେଇ ଦିଅନ୍ତୁ ।"

ହସିଲା ନାନୀ । କହିଲା, "ତୁମେ ତ ସବୁ ସାହେବ ମେମ୍ ହେଲ ମା, ବବରଚି, ଖାନସାମା ହାତରୁ ଖାଉଛ । ଆମ ରନ୍ଧା କଣ ଭଲ ଲାଗିବ ?"

ହସି ଉଠିଲେ ସମସ୍ତେ । ନାନୀ କିନ୍ତୁ ରାଜି ହେଲା, ଦିନେ ଯାଇ ମାନସୀକୁ ବଡ଼ି ତିଆରି ଶିଖେଇ ଦେଇ ଆସିବ ।

ଫେରିବା ପଥରେ ଦେଖା ହୋଇଗଲା ସରୋଜିନୀ ପାଢ ସାଙ୍ଗରେ । ଟ୍ରାଫିକ୍ ଅଲୁଅର ରକ୍ତଚକ୍ଷୁ ଅଟକେଇ ଦେଇଛି ଶଙ୍କରଙ୍କୁ । ସରୋଜିନୀ ପାଢ ଠିଆ ହୋଇଥିଲେ ଫୁଟପାଥରେ । ଏମାନଙ୍କୁ ଦେଖି ଗାଡ଼ି ପାଖକୁ ଆସିଲେ । ଭଦ୍ରତା ବିନିମୟ ପରେ ପଚାରିଲେ ଖବର । ମାନସୀ ତାଙ୍କୁ ଗାଡ଼ିକୁ ଡାକିଲା । ସେ ବସି ସାରିଛନ୍ତି କି ନା, ଶାଗୁଆ ଆଲୁଅର ସଂକେତରେ ଗତିଶୀଳ ହେଲା ଗାଡ଼ି ।

ବୈଠକଖାନାରେ ବସି ମାନସୀ ଓ ତା ଶାଶୁଙ୍କ ପାଖରୁ ଶୁଣିଲେ ଏମାନଙ୍କର ବିପର୍ଯ୍ୟୟର କଥା । ଆଶ୍ଚର୍ଯ୍ୟ ହେଲେ ସରୋଜିନୀ ପାଢ, ଏତେ ଝଡ଼ ବୋହି ଯାଇଛି ଏମାନଙ୍କ ଉପରେ ଏଇ କେତେ ମାସ ଭିତରେ ? ତା ଦୁଃଖ ମଧ୍ୟ କହିଲା । ତା ସ୍ୱାମୀ କେମିତି ବିଜୁଳିଶକ୍ତି ନିୟନ୍ତ୍ରଣ କରିବାକୁ ଯାଇ ଦୁର୍ଘଟଣାରେ ପ୍ରାଣ ହରେଇଛି, ସେ କଥା କହିଲା । ସେ କିନ୍ତୁ ଚାକିରି କରୁଛି । ଚଳିଯାଉଛି ମୋଟାମୋଟି । ବିଦାୟ ଦେଲାବେଳେ ମାନସୀ କହିଲା, "ଆସିବେ ସୁବିଧା କରି ।"

ତାଙ୍କୁ ଛାଡ଼ିବାକୁ ଯିବାକୁ ହେଲା ଶଙ୍କରଙ୍କୁ । ଡ୍ରାଇଭର ଯାଇଛି ଚନ୍ଦ୍ରଶେଖର ସାଙ୍ଗରେ ତାଙ୍କୁ ସାହାଯ୍ୟ କରିବ ବୋଲି । ସରୋଜିନୀ ପାଢଙ୍କୁ ପାଖରେ ବସେଇ ବାଲିଗଞ୍ଜକୁ ନେବ ବୋଲି ବାହାରିଲାରୁ, ସେ ତାର ନୂଆ ଠିକଣା ଦେଲା, ପାର୍କ ସାର୍କାସର । ଗାଡ଼ି ବୁଲେଇଲା ଶଙ୍କର ବାଁକୁ । ରାତି ସେତେବେଳକୁ ସାଢେ ସାତଟା । ଫେରିଲେ ଡିନର୍ ଖାଇବ ।

ପାର୍କ ସାର୍କାସର ଏକ ପୁରୁଣା କୋଠା ଆଗରେ ଠିଆ କଲା ଗାଡ଼ି, ସରୋଜିନୀର ନିର୍ଦ୍ଦେଶରେ । ବହୁ ଲୋକଙ୍କର ବାସସ୍ଥଳୀ । ଛୋଟ ଛୋଟ ଫ୍ଲାଟ୍‌ରେ ରହନ୍ତି ଏମାନେ । ମହାନଗରୀର ଏଗୁଡ଼ିକ ମୂଷା ଗାତ । ଅନେକ ମୂଷିକ ଏଠି ବାସ କରନ୍ତି । ଦିନ ରାତିର ବିଭିନ୍ନ ସମୟରେ ଏମାନଙ୍କ ଚାକିରି । ଦିନ ରାତି ସବୁବେଳେ ଏଠି ଲୋକଙ୍କର ଯାତାୟାତ । ଅନେଇ ଦେଖିଲା

Digitized by srujanika@gmail.com

ଶଙ୍କର, ସବୁ ଦରେ ଅଳୁଅ ଜଳୁଛି । ସବୁ ଘରୁ ରେଡ଼ିଓର ଶବ୍ଦ ବାହାରୁଛି । ହାସ୍ୟରୋଳ ଏବଂ ରୋଦନ ଏଠି ଏକାକାର ହୋଇ ଯାଉଛି ।

ଗାଡ଼ିରୁ ଓହ୍ଲେଇ ସରୋଜନୀ ଡ଼ାକିଲା, "ଆସନ୍ତୁ ଟିକଏ, ଦେଖିଯିବେ ଆମେ କେମିତି ଆଉଁ ।"

ମନ୍ଦ କଣ ? ଦେଖାଯାଉନା ଗୋଟିଏ ଛବି, ସମାଜ ଜୀବନର ଏଇ ସ୍ତରର । ଗାଡ଼ିରେ ଚାବି ପକେଇ ସରୋଜନୀର ଅନୁସରଣ କଲା ସେ ।

ସରୋଜନୀ ତାକୁ ନେଇ ପଶିଲା ତା ଘରେ । ମଧ୍ୟବିତ୍ତ ଘରଟିଏ । ଟୋଟର ଗାଲଗ୍ ପଡ଼ିଛି । ଗୋଟାଏ କାନ୍ଥକୁ ଲଗି ବିଛଣା, ଅନ୍ୟ ପାଖରେ ଗୋଟାଏ ସୋଫା-କାମ୍-ବେଡ୍ । ତା ଛଡ଼ା ଟେବୁଲ, ଚୌକି, ବହି ଥାକ, ଦର୍ପଣ, ରେଡ଼ିଓ ଅବ ଆସବାବ ଅଛି ।

ଶଙ୍କରକୁ ସୋଫାରେ ବସେଇ କହିଲା ସରୋଜନୀ, "ଏଇ ମୋର ଘର । ଏଠି ରହେଁ, ବନ୍ଧୁବାନ୍ଧବ ଆସିଲେ ବସାଏଁ, ପଢ଼ାପଢ଼ି କରେ, ରାତିରେ ଶୁଏଁ ।"ଗୋଟାଏ ଦୁଆର ଖୋଲି ଦେଖେଇଲା, ଏଟା ରୋଷେଇ ଘର । ଏର ଦୁଆରଟା ଗାଧୁଆ ଘରର । ଭଡ଼ା ମାସକୁ ଶହେ ତିରିଶ ଟଙ୍କା ।"

"ବାଲିଗଞ୍ଜର ଘରଟା ଛାଡ଼ିଦେଲେ କାହିଁକି ?" ପଚାରିଲା ଶଙ୍କର ।

"ତାର ଭଡ଼ା ଦୁଇଶ ପଚାଶ ଟଙ୍କା । ଡାକ୍ତର ଥିଲାବେଳେ ସେ ଘରର ଭଡ଼ା ଦବା ସମ୍ଭବ ହଉଥିଲା । ମୋର ଏକା ରୋଜଗାରରେ ଏଇ ଶହେ ତିରିଶ ଟଙ୍କା ଦବାକୁ କଷ୍ଟ ହଉଛି ।"

ମନେ ମନେ ହିସାବ କଲା ଶଙ୍କର । ମନ୍ଦ କଣ ? ସାମନାରେ ଟେଲିଫୋନ ମଧ୍ୟ ଅଛି । ହେଠି ଗୋଟାଏ କେନଭାସ ଚେୟାର ପଡ଼ିଛି ।

"ମୁଁ କଫି ବସଉଛି ?" ସରୋଜନୀ କହିଲା ।

"ହାତ ଯୋଡ଼ିଲି ଶଙ୍କର, "ନା, ମୁଁ ଗଲେ ଖାଇବି । ଏତେବେଳେ ଅଉ କଫି ଖାଇବିନି ।"

"ଅପଣଙ୍କୁ ଅଉ କଣ ଦେବି ?" ସରୋଜନୀ କୁଣ୍ଠିତ ହୋଇ ହସିଲା ।

"କିଛି ନା । ଧନ୍ୟବାଦ ।"

ଫେରିବା ପଥରେ ଶଙ୍କର ଦେଖିଲା, କେଉଁ ଦରର ଲୋକ ଥାଆନ୍ତି ଏଠି । ସରୋଜନୀ କହିଲା, ଏଠିକା ଭଡ଼ାଟିଆ ସମସ୍ତେ ଚାକିରି କରିବାଲା ସ୍ତ୍ରୀଲୋକ । ତଳେ କେତୋଟି ଦମ୍ପତି ଅଛନ୍ତି ଅବଶ୍ୟ । ନଜର କଲା ଶଙ୍କର । ପ୍ରାୟ ପ୍ରତି ଘରେ ଏକ ବା ଏକାଧିକ ପୁରୁଷ ।

Digitized by srujanika@gmail.com

ସରୋଜିନୀ କହିଲା, "ବନ୍ଧୁବାନ୍ଧବ ନେଇ ଫୁର୍ତ୍ତି କରୁଛନ୍ତି।"

ଶଙ୍କର ଶୁଣିଲା ପପ୍ ସଙ୍ଗୀତ। ନାକରେ ବାଜିଲା ତାର ଶସ୍ତା ମଦର ଗନ୍ଧ। ଗାଡ଼ିରେ ବସିଲାରୁ ସରୋଜିନୀ ପଚାରିଲା, "ଅଙ୍କଲ୍ କେବେ ଆସିବେ ?"

"ଆସିବ ?" ଭାବିଲା ଶଙ୍କର "ଆସିବା ଦରକାର ?" ପଚାରିଲା।

"ଆପଣଙ୍କ ପଦଧୂଳି ପଡ଼ିଲେ···"

ସରୋଜିନୀର କଥା ସରିବା ଆଗରୁ ଗର୍ଜନ କରି ଉଠିଲା ଗାଡ଼ିର ଇଞ୍ଜିନ୍। "ଆସିବ ଦିନେ କେବେ।"

ବେଶ୍ ଜୋରରେ ଆଗେଇଗଲା ଗାଡ଼ି। ମୋଡ଼ ବୁଲି ଅଦୃଶ୍ୟ ହୋଇଗଲା।

ଅଠେଇଶ

ଅଫିସରେ ଶଙ୍କର ପାଇଲା ସରୋଜିନୀ ପାଢ଼ୀର ନିମନ୍ତ୍ରଣ। ତାର ସେକ୍ରେଟେରୀ କହିଲା, "ଜଣେ ଭଦ୍ରମହିଳା ଆସି ଏ ଚିଠି ଦେଇ ଯାଇଛନ୍ତି। ସେ ଦେଖା କରିବେ ବୋଲି ଅନେକ ସମୟ ଅପେକ୍ଷା କରିଥିଲେ। ଆପଣ ବ୍ୟସ୍ତ ଥିଲେ କନ୍‌ଫାରେନ୍‌ସରେ। ମୋତେ ଦେଇ ଯାଇଛନ୍ତି ଆପଣଙ୍କୁ ଦବାକୁ।"

ତାଙ୍କୁ ଧନ୍ୟବାଦ ଦେଲା ଶଙ୍କର।

ସରୋଜିନୀ ପାଢ଼ୀର ଜନ୍ମଦିନ ଆଜି। ସନ୍ଧ୍ୟା ଆଠଟା ବେଳକୁ ଖାଇବାକୁ ଡାକିଛି ତାକୁ। ଏକା ଡାକିଛି। ମାନସୀକୁ ଡାକିବାକୁ ସାହସ କରିନାହିଁ। ସରୋଜିନୀ ଆଜିକାଲି ଯେଉଁଠି ରହୁଛି, ସେଠିକି ଶଙ୍କର ମାନସୀକୁ ନେବ ବା କିମିତି ? ଅତି ଅସ୍ୱାସ୍ଥ୍ୟକର ପରିବେଶ। ଯାବତୀୟ ଇଉରେସିଆନ୍ ଟୋକାଙ୍କ ଆଡ୍ଡା।

ଘରକୁ ଫେରି ମାନସୀକୁ କହିଲା, ସେ ବାହାରେ ଖାଇବ। ନିମନ୍ତ୍ରଣ କାହାର, ସେ କଥା କହିଲା ନାହିଁ। କି ଦରକାର ? ପିଲାଙ୍କ ସାଙ୍ଗରେ ଟିକିଏ ଖେଳି, ଲୁଗାପଟା ବଦଳେଇ ସେ ବାହାରି ପଡ଼ିଲା ସାତଟା ବେଳକୁ ସାନ ଗାଡ଼ିଟା ନେଇ। ଜନ୍ମଦିନର ନିମନ୍ତ୍ରଣ, କିଛି ଗୋଟାଏ ଉପହାର ଦେବା ବିଧେୟ। ବଜାରକୁ ଗଲା ସେ। ଗୁଡ଼ାଏ ଫୁଲ କିଣିଲା। ଖଣ୍ଡେ ଭଲ ଶାଢ଼ୀ ଦେବ ସେ ସରୋଜିନୀ ପାଢ଼ୀକୁ। ମାନସୀକୁ ପାଠ ପଢ଼ାଉଛି ସେ ଛ ସାତ ମାସ। ତାକୁ ଇଂରେଜୀ ଶିଖେଇବାରେ ସେ ଅବହେଳା କରିନାହିଁ। ସେ ଭାଷା ପ୍ରତି

Digitized by srujanika@gmail.com

ମାନସୀକୁ ଆକୃଷ୍ଟ କରି ପାରିଛି । ଅଳ୍ପ ଅନାୟାସରେ ମାନସୀ ଇଂରେଜୀ କହୁଛି, ଇଂରେଜୀ ବହି ପଢ଼ୁଛି, ଇଂରେଜୀରେ ଚିଠି ଲେଖୁଛି । ସେ ଦୁଃଖିତ ହେଲା ସେଦିନ, ସରୋଜିନୀର ବିଧବା ହେବା କଥା ଶୁଣି । ଅବଶ୍ୟ ତାଙ୍କ ସମାଜରେ ଅନ୍ୟ ଜଣେ ସ୍ୱାମୀ ଗ୍ରହଣ କରିବାରେ ଅସୁବିଧା ନାହିଁ । ତଥାପି କଲିକତାରେ ନିଃସଙ୍ଗ ଜୀବନ ଯାପନ କରୁଛି ମିସେସ୍ ପାଣି ।

ଉପହାର ପଦାର୍ଥ ଗାଡ଼ିରେ ରଖି, ସେ ଯେତେବେଳେ ପାର୍କ ସାର୍କସରେ ସରୋଜିନୀ ପାଣି ଘର ଆଗରେ ପହଞ୍ଚିଲା, ତା ଘଣ୍ଟାରେ ସାତଟା ପଡ଼ୁରି । ଜିନିଷପତ୍ର ଧରି, ଗାଡ଼ି ବନ୍ଦ କରି, ଉଠିଗଲା ସେ ସରୋଜିନୀର ଫ୍ଲେଟ୍‌କୁ । ସରୋଜିନୀର ଘର ବାହାରପଟକୁ ଦୁଆର ଅଧା ମେଲା ହୋଇଛି । ଅନେଇଲା ଶଙ୍କର, ଘର ଭିତରେ କେହି ନାହିଁ । ଗାଧୁଆ ଘରେ ପାଣି ପଡ଼ିବାର ଶବ୍ଦ ହେଉଛି । ଭାବିଲା ପଶିବ କି ନାହିଁ । ଠିଆ ହେଲା ଟିକିଏ । ସରୋଜିନୀର ପଡ଼ିଶା ବୋଧହୁଏ, ଗୋଟିଏ ବର୍ଷ ତିରିଶର ସ୍ତ୍ରୀଲୋକ, ଶଙ୍କରକୁ ଦେଖି କହିଲା, "ମିସେସ୍ ପାଣି ଘରେ ଅଛନ୍ତି, ଯାନ୍ତୁ ।"

ଘର ଭିତରକୁ ପଶିଲା ଶଙ୍କର । ଟେବୁଲ ଉପରେ ଜିନିଷ ରଖି ଅନେଇଲା ଚାରିଆଡ଼କୁ । ଗାଧୁଆ ଘରେ ସରୋଜିନୀ ଗାଧୋଉଛି । କବାଟ ଭିତରୁ ବନ୍ଦ ହୋଇନି । ଆଲୁଅ ଜଳୁଛି । ଗୁଣୁଗୁଣୁ କରି ଗୀତ ଗାଉଛି ସରୋଜିନୀ । ବସିବ କି ନା ଭାବୁଛି ଶଙ୍କର, ଗାଧୁଆଘରୁ ସରୋଜିନୀ କହିଲା ଇଂରେଜୀରେ, "ଶେଲି, ଟିକିଏ ରୁହ । ମୋର ସରିଗଲା । ଏଇ ଆସୁଛି ।"

କବାଟ ଖୋଲି ଅନେଇଲା । ସରୋଜିନୀ ଗୋଟାଏ ତଉଲିଆରେ ପୋଛି ହଉଛି । ଶଙ୍କରର ବିସ୍ଫାରିତ ଆଖି ଆଗରେ ସରୋଜିନୀର ଦେହର ସମ୍ମୁଖ ଭାଗଟା, ସୁବର୍ତ୍ତୁଳ ପୟୋଧର, ନାଭିଗହ୍ୱର, ଧୂସରକୃଷ୍ଣ ରୋମାବଳୀ । ଶଙ୍କରକୁ ଦେଖି ଚଟ୍ କରି ପଛେଇ ଯାଇ କବାଟ ବନ୍ଦ କରିଦେଲା ସରୋଜିନୀ । ଶଙ୍କର ଠିଆ ହୋଇ ରହିଲା ସେମିତି ।

ଦୁଇ ତିନି ମିନିଟ ପରେ ସେ ଯେତେବେଳେ ଗାଧୁଆଘରୁ ବାହାରିଲା. ଶଙ୍କର ଦେଖିଲା, ସରୋଜିନୀ ଗୋଟାଏ ଶାଢୀରେ ଦେହକୁ ଆବୃତ କରିଛି । ଟିକିଏ ହସି, କିଛି ଯିମିତି ହୋଇନାହିଁ, ହାଲୁକା ଗଳାରେ ସେ ଆବାହନ ଜଣେଇଲା ଶଙ୍କରକୁ "ଗୁଡ ଇଭ୍‌ନିଂ, ଡକ୍ଟର ଶତପଥୀ । ମୋର ଟିକିଏ ଡେରି ହୋଇଗଲା ।"

ଆଗେଇ ଆସିଲା ସେ ଟେବୁଲ ପାଖକୁ । ଉପହାରଗୁଡ଼ା ଦେଖିଲା ।

"ଆପଣ ଏତେ ଜିନିଷ କାହିଁକି ଆଣିଲେ ? କି ଅନ୍ୟାୟ ।" ହସି ଶଙ୍କର ପାଖରେ ଆସି ଠିଆ ହେଲା ସେ । ସରୋଜିନୀର ସାନ୍ନିଧ୍ୟ ଶଙ୍କରର

Digitized by srujanika@gmail.com

ରକ୍ତରେ ଅଣିଲ ଅଗ୍ନି ପ୍ରବାହ । ସେ ଚଞ୍ଚଳିତ ହେଲା । ସ୍ୱାମୀହୀନା ନାରୀ, ତାର ପାଖରେ ଠିଆ ହୋଇଛି, ଖୁବ୍ ପାଖରେ, ଦେହକୁ ଦେହ ଲଗେଇ । ଶଙ୍କରର ଧୈର୍ଯ୍ୟର ବନ୍ଧନ ଭାଙ୍ଗିଗଲା । ଦୁଇ ହାତରେ ସରୋଜିନୀର କାନ୍ଧ ଧରି ସେ ବୁଲେଇ ଦେଇ ଠିଆ କଲା ତା ସାମନାରେ । ସରୋଜିନୀ ତାକୁ ଅନେଇ ହସିଲା । କ୍ଷୁଧାର୍ତ୍ତ ଶଙ୍କର ତାକୁ ଟାଣିନେଲା ତା ଆଡକୁ । ନିଷ୍ପେଷିତ ହେଲା ସରୋଜିନୀ । ଶଙ୍କରର କାନରେ କହିଲା, "ଏଇକ୍ଷିଣି ନୁହେଁ । ମୋର ଦୁଇଜଣ ବନ୍ଧୁ ଆସିବେ । କବାଟ ଖୋଲା ଅଛି ।"

ଚଟ୍ କରି ତାକୁ ଛାଡ଼ିଦେଇ ଶଙ୍କର ଅଲଗା ହୋଇଗଲା ତା ପାଖରୁ । ଆତ୍ମଗ୍ଲାନିରେ କଳା ହୋଇଗଲା ତା ମୁହଁ । ସେ ଯାଇ ଶୋଫାରେ ବସିଲା । ସରୋଜିନୀ ଆଗେଇ ଯାଇ କବାଟ କିଳିଦେଲା ।

"ଆପଣ ମୋତେ ମିନିଟିଏ ସମୟ ଦିଅନ୍ତୁ, ମୁଁ ଲୁଗାପଟା ପିନ୍ଧିନିଏଁ ।"

ଶଙ୍କର ଅନେଇଲା ତା ମୁହଁକୁ ।

ଆଉ ସରୋଜିନୀର ସଙ୍କୋଚର କାରଣ କିଛି ନାହିଁ । ଶଙ୍କରର ଲୁବ୍ଧ ଦୃଷ୍ଟି ଆଗରେ ସେ ତାକୁ ପଛ କରି ଅନ୍ତର୍ବାସଗୁଡ଼ା ପିନ୍ଧିନେଲା । ସରୋଜିନୀକୁ ନୂଆ ଦୃଷ୍ଟିରେ ଅନେଇଲା ଶଙ୍କର । ବାଃ, ବେଶ୍ ସ୍ୱାସ୍ଥ୍ୟବତୀ ତ ! ତାର ପ୍ରତିଟି ଅଙ୍ଗ ପରିପୁଷ୍ଟ ।

ପ୍ରସାଧନ ସାରି ସରୋଜିନୀ ତା ପାଖକୁ ଆସି ଠିଆ ହୋଇ ପଚାରିଲା, "ଆଜି ଆପଣଙ୍କ ଉପହାର ଶାଢ଼ୀଟା ପିନ୍ଧିବି ? କଣ କହୁଛନ୍ତି ?"

ଶଙ୍କର ହସିଲା, "ବେଶ୍ ତ, ପିନ୍ଧନ୍ତୁ ।"

ଲୁଗା ପିନ୍ଧି ସାରିଛି, ବାହାରେ କିଏ ଠକ୍ ଠକ୍ କଲା । କବାଟ ଖୋଲିଲା ସରୋଜିନୀ । ପଶି ଆସିଲେ ଦୁଇଟି ଇଉରେସିଆନ୍ ସ୍ତ୍ରୀଲୋକ । ଦୁହେଁ ସରୋଜିନୀର ସମବୟସୀ । ଉପହାର ଆଣିଛନ୍ତି ସେମାନେ, ମିଷ୍ଟାନ୍ନ ଓ ସୁରା । ପରିଚୟ କରିଦେଲା ସରୋଜିନୀ, "ଇଏ ଶେଇଲା ଡ୍ରିଙ୍କ୍, ମୋର ସହକର୍ମୀ, ଆଉ ସେ ରୋଜି ରପେଟ୍, ମୋର ପଡ଼ିଶା" ।

ଶଙ୍କର ବୁଝିଲା, କି ଦଳରେ ଆସି ପଡ଼ିଛି ସେ । ରେଡ଼ିଓ ଖୋଲିଲା ସେ ଶେଇଲା, କେଉଁ ଏକ ବିଦେଶୀ ଷ୍ଟେସନ । ସଙ୍ଗୀତ ଭାସି ଆସିଲା ।

ସରୋଜିନୀ ସେମାନଙ୍କୁ ଡାକି ନେଇଗଲା ଖାଇବା ଘରକୁ । ଏ ଘରୁ ଦେଖିଲା ଶଙ୍କର, ଟେବୁଲ ସଜା ହୋଇଛି । ମହମବତୀ ଜଳିଲା । ରୋଜି

Digitized by srujanika@gmail.com

ଗୋଟାଏ ଟ୍ରେରେ ଆଣିଲା ପାନୀୟ । ସମସ୍ତେ ନେଲେ । ସରୋଜିନୀର ଦୀର୍ଘଜୀବନ କାମନା କଲେ ଗିଲାସରେ ଗିଲାସ ଲଗେଇ । ଶଙ୍କର ନେଲା ନାହିଁ । ସରୋଜିନୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଆପଣ ଦଶ ବର୍ଷ ଇଉରୋପ, ଏମେରିକାରେ ଥିଲେ, କେବେ ଡ୍ରିଙ୍କ୍ କରି ନାହାନ୍ତି ?"

ଶଙ୍କର ମୁଣ୍ଡ ହଲେଇଲା । ଅନ୍ୟମାନେ ପାନ କଲେ । ସରୋଜିନୀ ମଧ୍ୟ ପିଇଲା । ଶେଇଲା ତା ସ୍କାର୍ଟ ପକେଟରୁ ସିଗ୍ରେଟ କାଢ଼ି ଯାଚିଲା । ସମସ୍ତେ ନେଲେ । ଶଙ୍କର ନେଲା ନାହିଁ । ସରୋଜିନୀ ଫେର ଆଶ୍ଚର୍ଯ୍ୟ ହେଲା ।

"ଆପଣ ତ ସିଗ୍ରେଟ ଖାଉଥିଲେ !"

"ଛାଡ଼ି ଦେଇଛି ।"

ବୋତଲ ଶୂନ୍ୟ ହେଲାରୁ ସମସ୍ତେ ଉଠିଗଲେ ଖାଇବା ଘରକୁ । ଶଙ୍କରକୁ ସମ୍ମାନିତ ଅତିଥିର ସ୍ଥାନ ଦିଆଗଲା । କେକ୍ କାଟିବାକୁ ସରୋଜିନୀ ଶଙ୍କରର ହାତ ଟାଣିଲା । ଅତି ମାମୁଲି ବ୍ୟବସ୍ଥା । ପୁଣି ବୋତଲ ଖୋଲା ହେଲା । କଲିକତି କଚ୍‌ନରେ ଅନର୍ଗଳ ବକୁଥାନ୍ତି ଶେଇଲା ଏବଂ ରୋଜି । ପଛକୁ କିଭି ଅପହତ ହେଲା । ପ୍ରାୟ ଅଶ୍ଳୀଳ ଶବ୍ଦ ବାହାରୁଥାଏ । ଶଙ୍କର ବିବ୍ରତ ହେଲା, କିନ୍ତୁ ନିରୁପାୟ । ଉଠିଯିବ କେମିତି ସେ ଟେବୁଲରୁ । ସରୋଜିନୀ ନିମୀଳିତ ଆଖିରେ ଅନାଉଥାଏ ତାକୁ । ଖାଇବାକୁ ଅନୁରୋଧ କରୁଥାଏ ଏଟା ସେଟା ।

ସାଢ଼େ ନଟା ବେଳକୁ ଉଠିଲେ ସମସ୍ତେ । ପୁଣି ଆସି ବସିଲେ ଶୋଇବା ଘରେ । ରୋଜି ଏକାବେଳକେ ମାତାଲ ହୋଇ ଯାଇଛି । ତାର ଭାଷା ଶୁଣିଲେ ଯେ କୌଣସି ପୁରୁଷ ଲଜ୍ଜିତ ହେବ । ଦଶଟା ବେଳକୁ ଉଠିଲା ଶଙ୍କର ବିଦାୟ ନେବାକୁ । ସେତେବେଳକୁ ରୋଜି ଶୋଫାରେ ଢଳି ପଡ଼ିଛି । ଶେଇଲାର ଅବସ୍ଥା ଅନୁରୂପ । ସରୋଜିନୀ କିନ୍ତୁ ମାତାଲ ହୋଇ ନଥାଏ । ଦୁଆରମୁହଁରେ ଶଙ୍କରର ହାତ ଧରିଲା ସରୋଜିନୀ, "ଉପହାର ପାଇଁ ଧନ୍ୟବାଦ । କାଲି ଆଠଟା ବେଳକୁ ଆସିବେ । ମୁଁ ଏକା ଥିବି ।"

ଶଙ୍କର ଆଶ୍ଚର୍ଯ୍ୟ ହେଲା ଏଇ ନାରୀର ସିଧା ଆହ୍ୱାନରେ । ହସି କହିଲା, "ଦେଖିବି, ଚେଷ୍ଟା କରିବି ।" ଶଙ୍କରର ହାତ ଦିଟାକୁ ଦୃଢ଼ରେ ଜାକିଧରି କହିଲା ସରୋଜିନୀ, "ନା ଚେଷ୍ଟା ନୁହେଁ, ଆସିବେ । ମୁଁ ଅନେଇ ବସିଥିବି ।"

ହାତକୁ ଆସ୍ତେ ଆସ୍ତେ ଟାଣିନେଇ ସିଢ଼ି ଓହ୍ଲେଇ ଚଞ୍ଚଳ ପାଦରେ ଆସି ଗାଡ଼ିରେ ବସିଲା ଶଙ୍କର । ଅନେଇଲା ଘରଟାକୁ । ଅନେକଗୁଡ଼ାଏ ପୁରୁଷହୀନ ନାରୀଙ୍କ ବସା ଏଠି । ଏମାନଙ୍କ ଆର୍ଥିକ ଅବସ୍ଥା ଅତି ନିମ୍ନସ୍ତରର ।

Digitized by srujanika@gmail.com

ଜୀବନର ଅନେକ ଆକାଂକ୍ଷା ଅପୂର୍ଣ୍ଣ । ସୁରାପାନ ଓ ଯୌନସମ୍ଭୋଗ ଏମାନଙ୍କର ପ୍ରଧାନ ବିଳାସ ହେବ, ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ।

ଗାଡ଼ି ଛୁଟାଇଦେଲା ଶଙ୍କର ।

ନ୍ୟୁୟର୍କର ଏକ ସହରତଳିର ସ୍ଲାମକୁ ତାକୁ ଦିନେ ଧରି ନେଇ ଯାଇଥିଲା ରାଲଫ୍ । ସେଠିକା ଜୀବନ ସ୍ୱାର୍ଥ ମଧ୍ୟ ଜଘନ୍ୟତରର । ବଡ଼ ଦାନ ଦୁଇ ଭଉଣୀ, ମାତା କନ୍ୟା ଏକାଠି ଦେହଦାନ କରୁଥାନ୍ତି ଅର୍ଥ ବିନିମୟରେ । ଯୌନସମ୍ଭୋଗର ନାନା ବିକୃତ ଏଠି ଦେଖିଥିଲା ସେଦିନ । ଫେରିବା ପଥରେ ରାଲଫକୁ ଗାଳି ଦେଇଥିଲା, ସେ ଜାଗାକୁ କାହିଁକି ତାକୁ ନେଇ ଯାଇଥିଲା ବୋଲି । ରାଲଫ୍ ହସି କହିଥିଲା, "ତୁ ତ ମାର୍କିନ୍ ସମାଜ ଜୀବନକୁ ସର୍ବଶ୍ରେଷ୍ଠ କହୁ । ଏ ଦେଶର ଐଶ୍ୱର୍ଯ୍ୟ ଦେଖିଛୁ । ସେହି ଐଶ୍ୱର୍ଯ୍ୟ ପାଖରେ ଦାରିଦ୍ର୍ୟ କେମିତି ପ୍ଲେଗ୍ ଭଳି ରହିଛି, ଦେଖି ଯା । ମାର୍କିନ୍ ସଭ୍ୟତାର ଭଲ ମନ୍ଦ ନଦେଖିଲେ ତୁଳନା କରିବୁ କେମିତି ? ତୋର ଜ୍ଞାନ ଏକତରଫା ହବ ।"

ଘରକୁ ଫେରି, ସିଧା ତା ଶୋଇବା ଘରକୁ ଗଲା ଶଙ୍କର । ସେ ଏଠି ଆସିଛି ଏ ପାଖର ବଡ ଘରକୁ, ଜେମା ବା ଡ଼ରୋଥି ଯେଉଁଠି ରହୁଥିଲେ । ପିଲାଙ୍କୁ ନେଇ ମାନସୀ ସେ ଘରେ ରହୁଛି । ତା ବୋଉ ଏବଂ ଶାଶୁ ତଳେ ରହୁଛନ୍ତି । ଯିବାବେଳେ ଦେଖିଗଲା, ମାନସୀ ଘରେ ଆଲୁଅ ଜଳୁଛି । ଧାଇଁ ଓ ପିଲାଙ୍କ ଶବ୍ଦ ପାଉଛି ।

ଲୁଗାପଟା ଖୋଲି ସେ ଗାଧୁଆଘରକୁ ଗଲା । ବେଶ୍ ଭଲ କରି ଗାଧୋଇ, ପାଇଜାମା, ଗେଞ୍ଜି ପିନ୍ଧି, ଶୋଇବା ଘରକୁ ଫେରି ଦେଖିଲା, ମାନସୀ ଖଟରେ ବସିଛି । ତାକୁ ଦେଖି ହସି ପଚାରିଲା, "କୁଆଡ଼େ ଯାଇଥିଲ ? କଉଁଠି ଡ଼ିନର ଥିଲା ?"

ଉଜ୍ଜ୍ୱଳ ଆଲୁଅରେ ସ୍ତ୍ରୀର ସୁନ୍ଦର ମୁହଁକୁ ଅନେଇ ଢୋକ ଗିଳିଲା ଶଙ୍କର । ମନେ ହେଲା, ତା ପାଖରେ ସେ ଛୋଟ ହୋଇଗଲା । ସେଇଠି ସେମିତି ମାନସୀ ଆଗରେ ସେ ଆଣ୍ଠେଇପଡ଼ି, ଦୁଇ ହାତରେ ତାର ଅଣ୍ଟାକୁ ଭିଡ଼ି ଧରି, ମୁହଁ ଲୁଚେଇଲା ସ୍ତ୍ରୀ କୋଳରେ ।

ମାନସୀ ବୁଝିଲା, କଣ ଗୋଟାଏ ହୋଇଛି । ନ ହେଲେ ଏମିତି ବ୍ୟବହାର କାହିଁକି କରିବ ଶଙ୍କର ? ସଦ୍ୟସ୍ନାନରେ ଓଦା ସ୍ୱାମୀର କେଶ ଗୁଚ୍ଛରେ ଆଙ୍ଗୁଳି ଚାଳନା କଲା ସେ ।

Digitized by srujanika@gmail.com

କିଛି ସମୟ ପରେ ଶଙ୍କର ମୁହଁ ଉଠେଇଲାରୁ ଦେଖିଲା ମାନସୀ ତା ଆଖିରେ ଲୁହ । ସେ ଅସ୍ଥିର ହେଲା । ପଚାରିଲା, "କଣ ହୋଇଛି ତୁମର ?"

ଧୀର କଣ୍ଠରେ ମୁହଁ ରଖି କହିଲା ଶଙ୍କର, "ମୁଁ ଦୁର୍ବଳ ହୋଇ ପଡ଼ୁଛି ମାନସୀ, ତୁମେ ମୋତେ ଅଟକାଅ ।"

ପୁଣି ତାର କଟିଦେଶକୁ ଭିଡ଼ି ଧଇଲା ଶଙ୍କର । ପୁଣି ମୁହଁ ଗୁଞ୍ଜିଲା ତା କୋଳରେ । ମାନସୀ ବୁଝିଲା ଶଙ୍କରର ଦୁଃଖ । ତା ମୁହଁକୁ ଦୁଇ ହାତରେ ଟେକି ଧରି ପଚାରିଲା, "କଣ ହୋଇଛି ମୋତେ କହିବନି ?"

ଆଲୁଅ ଲିଭେଇ, ବିଛଣାକୁ ଆସି ଧୀକୁ ପାଖକୁ ଟାଣିନେଇ କହିଲା ଶଙ୍କର, "ତୁମେ ମୋ ପାଖରେ ଟିକିଏ ରୁହ ମାନସୀ । ଆଜି ରାତିରେ ମୁଁ ତୁମକୁ ଏକାନ୍ତ ଭାବରେ ଚାହେଁ । ମୁଁ ଶୋଇପଡ଼ିଲେ ତୁମେ ଚାଲିଯିବ ।"

ମାନସୀ ତା ପାଖରେ ନିଜକୁ ନିବେଦନ କରି କହିଲା, "ତୁମେ ଶୋଇପଡ଼, ମୁଁ ଅଛି । ତୁମେ ତ ସବୁ ଜାଣ । ଭଗବାନ ଜାଣନ୍ତି, କି କଷ୍ଟ ମୁଁ ନ ପାଉଛି ତୁମକୁ ସବୁ ଦେଇ ନ ପାରି ।"

ଶଙ୍କରର ଗାଲ ଓଦା ହୋଇଗଲା ମାନସୀର ଲୁହରେ । ଗୁଣୁ ଗୁଣୁ କରି ଅତି ମଫସଲି ଗୀତଟିଏ ଗାଇଲା ମାନସୀ, ପିଲାଙ୍କୁ ଶୋଇ ପଡେଇବାକୁ ନାନାବାୟା ଗୀତ ପରି । ଶଙ୍କର ସେହି ଗୀତ ଶୁଣୁ ଶୁଣୁ ଶୋଇପଡ଼ିଲା ନିଦରେ ।

ଅଣତିରିଶ

ଅଫିସରେ ବସି କାମ କରୁଛି ଶଙ୍କର । ତା ସେକ୍ରେଟେରୀ ପଚାରିଲା, "ମିସେସ୍ ସରୋଜିନୀ ପାତ୍ରୋ କଥା କହିବେ ସାର୍, ଦେବ ?"

"ଦିଅ ।"

କୋଡ଼ିଏ ସେକେଣ୍ଡ ପରେ ଶଙ୍କର ଶୁଣିଲା ସରୋଜିନୀର ଗଳା, ଡ଼ାକ୍ତର ଶତପଥୀ, ଆପଣ କାଲି ଆସିଲେ ନାହିଁ । ମୁଁ ଆପଣଙ୍କୁ ଅପେକ୍ଷା କରିଥିଲି । ଗୋଟା ସନ୍ଧ୍ୟାଟା ମୋର ଏକା ଏକା କଟିଲା । ଆଜି ଆସିବେ, ପ୍ଲିଜ୍ । ସାତଟା ବେଳକୁ । ମୁଁ ଅନେଇ ବସିଥିବି ।"

ଉତ୍ତର ନଦେଇ ଫୋନ୍ ରଖିଦେଲା ଶଙ୍କର । କିନ୍ତୁ ସନ୍ଧ୍ୟା ସାଢ଼େ ସାତଟା ବେଳକୁ ଯାଇ ଖଟ୍ ଖଟ୍ କଲା ସରୋଜିନୀର ଦୁଆରେ । ଶଙ୍କରକୁ ଦେଖି ସରୋଜିନୀ ହାତରେ ଚାନ୍ଦ ପାଇଲା ଭଳି ହେଲା । ଶଙ୍କରକୁ ଭିତରକୁ

Digitized by srujanika@gmail.com

ଡ଼ାକ କବାଟ ବନ୍ଦ କରି, ତାଙ୍କୁ ନେଇ ବସେଇଲା ଶୋଫାରେ । ତା ପରେ ଗୋଟାଏ ମୋଡ଼ା ଟାଣି ଆଣି, ତା ଆଗରେ ବସି କହିଲା "ଆପଣଙ୍କ ପାଇଁ କାଲି ସନ୍ଧ୍ୟାଟା ମୋର କେମିତି କଟିଛି, ସେ କଥା ଭଗବାନ ଜାଣନ୍ତି ।"

"ମୁଁ ଆସିବି ବୋଲି କହି ନ ଥିଲି ତ ।" ଶଙ୍କରର ନୀରସ ଉତ୍ତର ।

"ମନା ତ କରି ନ ଥିଲେ । ମୁଁ କାଲୁ ଆଶା କରିଥିଲି ଆପଣ ଆସିବେ । ଗୋଟାଏ ଆତ୍ମୀୟସ୍ୱଜନହୀନ ସ୍ତ୍ରୀଲୋକ କଲିକତାରେ ଏକା କେମିତି ଯେ ବଞ୍ଚି ରହିଛି ସେ ଦୁଃଖ ତ ଆପଣ ବୁଝନ୍ତି ନାହିଁ ?"

ହସିଲା ଶଙ୍କର ତାର ଖେଦୋକ୍ତିରେ । କହିଲା, "ଅପଣ କଟକ ଫେରିଯାନ୍ତୁ ।"

"ସ୍କକସି ଗୁଡ଼ା ? ଖାଇବି କଣ ?"

"ସେଠି ସ୍କକସି ମିଳିବ । ଖାଇବାର ଅଭାବ ହବନି ।"

"ହୁଏ ତ ହବନି । କିନ୍ତୁ କାହିଁକି ଯିବି ? ସେଠି ମୋର ନିଜର ଆଉ କେହି ନାହିଁ । ଗୋଟାଏ ଘର ଅଛି, ସେଟା ଭଡ଼ା ଲଗିଛି । ଗଲେ ରହିବି କେଉଁଠି ?"

"ଆପଣଙ୍କର ସ୍ୱାମୀଙ୍କର ସ୍ୱଜନମାନେ ନ ଥିବେ ?"

"ହଁ ଅଛନ୍ତି । ସେମାନେ ତାଙ୍କ ନିଜ ନିଜ ଦୁଃଖରେ ବ୍ୟତିବ୍ୟସ୍ତ । ମୁଁ ଯାଇ ସେମାନଙ୍କ ଉପରେ ଲଦି ହେବି କାହିଁକି ?"

"ଆପଣ ଆଉ ଥରେ ବାହା ହୋଇ ପଡ଼ୁନାହାନ୍ତି ?"

ଏ ଥର ହସିଲା ସରୋଜିନୀ । କହିଲା, "ବାହା ହବା କଣ ଏତେ ସହଜ ? ଆପଣଙ୍କ ସମାଜରେ ବାହା ହବା ଢେର୍ ସୁବିଧା । ବାପା ମା ଠିକ୍ କରନ୍ତି । ଆମର ସେ କଥା ନାହିଁ ତ ? ନିଜେ ଦେଖି ଶୁଣି ବାଛିବାକୁ ପଡ଼େ । ତା ଛଡ଼ା ସ୍ୱାମୀ କଣ ବଜାରରେ ବିକି ହେଉଛନ୍ତି ଯେ ଯାଇ କିଣି ଆଣିବି !"

"ମୋତେ କାହିଁକି ଡାକିଲେ କହନ୍ତୁ ?" ପଚାରିଲା ଶଙ୍କର ।

"ଏମିତି । ଆପଣଙ୍କ ଭଳି ଗଣ୍ୟମାନ୍ୟ ବଡ଼ଲୋକ, ଏଠିକି ଆସନ୍ତି ମୋ ପାଖକୁ, ଏଟା କଣ କମ୍ ସୌଭାଗ୍ୟର କଥା ?"

ଗୋଟାଏ ସୁମଧୁର ହସ ହସି ଉଠିଗଲା ସେ ରୋଷେଇ ଘରକୁ । ଶଙ୍କର ଯାଇ ଦେଖିଲା ତା ବହିଥାକ । ଅଧିକାଂଶ ବହି ପାଠ୍ୟପୁସ୍ତକ ।

Digitized by srujanika@gmail.com

ଶିଷାଦାନ ପଙ୍କତ ଉପରେ କେତେ ଖଣ୍ଡ ବହି ଅଛି । ଥାକର ତଳଅଡ଼କୁ କେତେ ଖଣ୍ଡ ଉପନ୍ୟାସ ଓ କବିତା ବହି । ଅନେକଗୁଡ଼ାଏ ସିନେମା ପତ୍ରିକା ଗଦା ହୋଇ ରହିଛି ! ସେଥିରୁ ଖଣ୍ଡେ ଆଣି ସୋଫାରେ ବସିବାକୁ ଯାଉଛି, ସରୋଜିନୀ ଆସିଲା ଟ୍ରେ ଧରି । ଟିପଏ ଉପରେ ଟ୍ରେ ରଖିଲା । ନାନା ପ୍ରକାରର ଜଳଖିଆ ସଜେଇଛି । କଫି ପଟ୍ ଅଛି । ତା ପାଖରେ ବସି ତାକୁ ଖୋଇଲା ସରୋଜିନୀ ଗପ କରୁ କରୁ । କଫି କରି ଦେଲା ।

"ଆପଣ କଫି ଖାଉଥାନ୍ତୁ । ମୁଁ ଏଗୁଡ଼ା ଥୋଇ ଦେଇ ଆସେଁ ।"

ଟ୍ରେ ନେଇ ଚାଲିଗଲା ସେ । ଯେତେବେଳେ ଫେରିଲା, ତାକୁ ଅନେଇ ରହିଲା ଶଙ୍କର । ଫିକା ନୀଳ ରଙ୍ଗର ଚିଫନ୍ ଶାଢ଼ୀରେ ଦେହ ଢାଙ୍କି ଆସିଛି ସରୋଜିନୀ । ତା ଭିତରୁ ଫୁଟି ଦିଶୁଛି ତାର ଅଙ୍ଗସୁଷମା । ସେ ଆସି ଶଙ୍କରର ଦେହକୁ ଲାଗି ବସିପଡ଼ିଲା । ଶଙ୍କର ଶେଷ ଢୋକଟା ନେଇ, କାପ୍‌ଟା ଟିପଏ ଉପରେ ରଖି ଅନେଇଲା ତାକୁ । ସରୋଜିନୀ ହସୁଥାଏ ତା ଅଡ଼କୁ ଚାହିଁ ।

ଶଙ୍କରର ଯେତେବେଳେ ନିଦ ଭାଙ୍ଗିଲା, ଘଡ଼ିରେ ଏଗାରଟା । ଝରକା ଭିତର ଦେଇ ପଡ଼ୁଥିବା ଆବଛା ଆଲୁଅରେ ସେ ଦେଖିଲା, ସରୋଜିନୀର ନିରାଭରଣ ଉଲଙ୍ଗ ଦେହଟା ନଇଁପଡ଼ି ଗ୍ଲାସରେ ପାଣି ଢାଳୁଛି ସୁରେଇରୁ । ସେ ବିଛଣାରୁ ଉଠିପଡ଼ି ପୋଷାକ ପିନ୍ଧିନେଲା । ସରୋଜିନୀ ପାଣି ପିଇସାରି ଶାଢ଼ୀଟାକୁ ଦେହରେ ଗୁଡ଼େଇ ନେଇ, ଆଲୁଅ ଜାଳି, ଆସି ଠିଆ ହେଲା ଶଙ୍କର ପାଖରେ । ପଙ୍ଖା ପବନରେ ତାର ମୁଣ୍ଡବାଳ ଶଙ୍କରର ମୁହଁରେ ଲାଗୁଥାଏ ।

ପଚାରିଲା ସରୋଜିନୀ, "ଯିବ ?"

"ହଁ । ରାତି ଅନେକ ହେଲାଣି ।" ପକେଟରୁ ଗୋଟାଏ ଶହେ ଟଙ୍କିଆ ନୋଟ କାଢ଼ି ବଢ଼େଇ ଦେଲା ସେ ସରୋଜିନୀ ଆଡ଼କୁ ।

ସରୋଜିନୀ ନେଲା ନାହିଁ । "ଏ କଣ ? ଟଙ୍କା ଦଉଛ ଯେ ?"

"ନିଅ । ଦାନ କଲେ ପ୍ରତିଦାନ ମିଳେ ।"

"ଅଚ୍ଛା । ମନ ମାନୁଛି ତା ହେଲେ ?" କହିଲା ସରୋଜିନୀ ।

ହସିଲା ଶଙ୍କର । ଟାଇ ବାନ୍ଧୁଥାଏ ସେ ।

ସରୋଜିନୀ କହିଲା, "କାଲି ଆସିବ । ଏମିତି ସନ୍ଧ୍ୟାବେଳକୁ । ମୁଁ ଅନେଇ ବସିଥିବ ।" ଗେହ୍ଲେଇ ହେଲା ସେ ।

Digitized by srujanika@gmail.com

ଶ୍ରାଗ୍ କଲା ଶଙ୍କର । କହିଲା, "ଆଚ୍ଛା ।"

"ନା । ଆସିବ ଜବାବ ଦିଅ ।" ଦୁଇ ହାତ ମେଲେଇ ଶଙ୍କରର ଗତିପଥକୁ ରୋଧ କରି ଠିଆ ହେଲା ସରୋଜିନୀ । ଦେହର ଉପରାର୍ଦ୍ଧରୁ ଶାଢ଼ୀଟା ତାର ଖସିପଡ଼ିଲା ଗୋଡ଼ ତଳେ । ଖୁବ୍ ମିଠା କରି ହସି କହିଲା, "କାଲି ନିଶ୍ଚୟ ଆସିବ । ମୋ ରାଣ ।"

ମନେ ମନେ ବିରକ୍ତ ହେଲା ଶଙ୍କର ଏଇ ନାରୀର ନିର୍ଲଜ୍ଜତାରେ । ମୁହଁରେ କହିଲା, "ଆସିବି ।"

ତା ପରେ ଆଉ ଶଙ୍କରର ଦେଖା ନାହିଁ । ସରୋଜିନୀ ଫୋନ୍ କଲା ତା ଅଫିସକୁ । ସେ ନାହିଁ ।

ଦଶ ଦିନ ପରେ ସରୋଜିନୀ ଭେଟିଲା ତାଙ୍କୁ ଅଫିସର ଫାଟକ ପାଖରେ, ସନ୍ଧ୍ୟାବେଳେ । ବାଧ୍ୟ ହୋଇ ଗାଡ଼ିରେ ବସେଇ ତାକୁ ଆଣି ତା ଘରେ ଛାଡ଼ିଲା ଶଙ୍କର । ବାଟସାରା ଚୁପଚାପ ବସିଥାନ୍ତି ଦି ଜଣ । ଶଙ୍କର ବୁଝିଲା, ସରୋଜିନୀ ତାକୁ ସହଜରେ ଛାଡ଼ିବ ନାହିଁ । ସୁତରାଂ ଏତିକବେଳୁ ସାବଧାନ ହେବାକୁ ହେବ ।

ଗାଡ଼ି ରହିଲାରୁ ସରୋଜିନୀ ଡ଼ାକିଲା, "ଆସ ।"

ଶଙ୍କର ମୁଣ୍ଡ ହଲେଇଲା, "ମୁଁ ଯିବନି, ତୁମେ ଯାଅ ।"

"ମୋ ଉପରେ ଅସନ୍ତୁଷ୍ଟ ହୋଇଛ ?"

"ନା ।"

"ତା ହେଲେ ଆସ ।"

"ନା, ମୋର କାମ ଅଛି ।"

"ଦଶ ମିନିଟ ବସିବ । ତା ପରେ ଯିବ ।"

ତା ଘରକୁ ଆସି, ସରୋଜିନୀକୁ କହିଲା ଶଙ୍କର, "ଶୁଣ, ତୁମେ ଜାଣ ଘରେ ମୋର ସ୍ତ୍ରୀ ସନ୍ତାନ ଅଛନ୍ତି । ତୁମେ ମୋତେ ତୁମ ପ୍ରତି ଲୁବ୍ଧ କରୁଛ କାହିଁକି ?"

"ମୁଁ ଲୁବ୍ଧ କରୁଛି ? ନା, ତୁମେ ଧରା ଦଉଛ । ମୁଁ ଏକା ଥାଏଁ । ଜଣେ ପୁରୁଷ ମୋର ଦରକାର । ତୁମ ରକମ ବଡଲୋକ, ସୁପୁରୁଷ ବୁଝି ପାଇଲେ ମୁଁ ଛାଡ଼ିବ କାହିଁକି ?"

Digitized by srujanika@gmail.com

ଠିକ୍ କହୁଛ ସରୋଜିନୀ । ସେ ନିଜେ ଧରା ଦେଇଛି ଏଇ ନାରୀ ପାଖରେ । ତାର ଗୋଟାଏ ଦୁର୍ବଳ ମୁହୂର୍ତ୍ତର ସୁବିଧା ନେଇଛି ଏଇ ସରୋଜିନୀ । କିନ୍ତୁ ଆଉ ନା ।

"ମୁଁ ତୁମର ଅଭାବ ପୂରଣ କରିବାକୁ ଆସିବି ବୋଲି ତୁମେ ଆଶା କରୁଛ ?" ପଚାରିଲା ଶଙ୍କର ।

"କାହିଁକି ଆସିବନି ? ମୁଁ କଣ ଅନ୍ୟ କାହାଠାରୁ କମ୍ ଦେଉଛି ତୁମକୁ ?"

ଶଙ୍କର ତା କଥାର ଜବାବ ଦେଲା ନାହିଁ ।

ସରୋଜିନୀ ତା ପାଖକୁ ଲାଗିଆସି କହିଲା, "ତୁମକୁ ମୁଁ ଯାହା ଦେଉଛି, କଏ ଦେବ ସିମିତି ତୁମକୁ ?"

"ମୁଁ ତ ମାଗିନି ତୁମଠୁଁ କିଛି । ତୁମେ ମୋତେ ଟାଣିଛ ତୁମ ବାଟକୁ ।"

"ଓଃ ! ତୁମେ ପିଲା । କିଛି ଜାଣି ନ ଥିଲ ?" ଶ୍ଳେଷର ହସ ସରୋଜିନୀର ।

"ନା, ଜାଣି ନ ଥିଲି । ତୁମର ମତଲବ ଜାଣିଥିଲେ, ତୁମେ ମୋତେ ସେଦିନ ପାଇ ନ ଥାନ୍ତ ।" ଉତ୍ତପ୍ତ କଣ୍ଠସ୍ୱର ଶଙ୍କରର ।

ଦେହରୁ ଲୁଗାପଟା ଟାଣି ଖୋଲିଦେଲା ସରୋଜିନୀ, "କାହିଁକି ? ମୋର କଣ କଉଁ ବିଷୟରେ କାହାରଠୁ କମ୍ ଅଛି ? ସେମାନଙ୍କର ଏଗୁଡା କଣ ମୋଠୁଁ ଅନ୍ୟ ପ୍ରକାରର ?"

ସ୍ତବ୍ଧ ହୋଇ ଠିଆ ହୋଇଥାଏ ଶଙ୍କର । ସରୋଜିନୀ ଲୁଗାପଟା ଟେକ ନେଇ ଚାଲିଗଲା ଗାଧୁଆ ଘରକୁ । କହିଗଲା, "ଚାଲିଯିବନି, ମୁଁ ମିନିଟକ ଭିତରେ ଆସୁଛି ।"

ଗୋଟାଏ ଗାଉନ୍‌ରେ ଦେହ ଢାଙ୍କି ଗାଧୁଆ ଘରୁ ଆସି ଠିଆ ହେଲା ସରୋଜିନୀ ଝିଭଙ୍ଗ ଠାଣିରେ । ଶଙ୍କରର ଗାଲରେ ଗୋଟାଏ ଚୁମ୍ବ ଦେଇ, ତା କାନ୍ଧରେ ହାତ ରଖି ପଚାରିଲା, "କଣ ଭାବୁଛ ?"

ଦାନ୍ତରେ ଦାନ୍ତ ଘଷିଲା ଶଙ୍କର—ଦ ବ୍ଲାଡ଼ି ବିଚ୍ । ତା ପରେ କହିଲା, "ତୁମେ ମୋର ଦୁର୍ବଳତାର ସୁଯୋଗ ଥରେ ନେଇଛ । ଆଉ ପାରିବନି । ସେ ସୁବିଧା ମୁଁ ତୁମକୁ ଦେବନି ।"

"କାହିଁକି ? ଡ଼ର ମାଡୁଛି ?"

Digitized by srujanika@gmail.com

"ନା" । ଘୃଣାରେ ସେ ଏମିତ ଅନେଇଲା ସରୋଜନୀକୁ ଯେ, ସେ ତାର ହାତ ଶଙ୍କର କାନ୍ଧରୁ ଟାଣିନେଇ ସିଧା ହୋଇ ଠିଆ ହେଲା ।

"ମୁଁ ଭାବୁଥିଲି" କହିଲା ଶଙ୍କର, "ତୁମେ ଚିତ୍ତର, ଭଦ୍ରମହିଳା ।"

"ବର୍ତ୍ତମାନ କଣ ଭାବୁଛ ?" ଗମ୍ଭୀର ହୋଇ ପଚାରିଲା ସରୋଜନୀ ।

"ତୁମେ ଅନୁମାନ କର । ସେ କଥା ଭାବିବାକୁ ବି ମୋତେ ଲାଜ ମାଡ଼ୁଛି । ଛି, ତୁମେ ଏତେ ଶସ୍ତା ?"

ସରୋଜନୀ ସେମିତ ଠିଆ ହୋଇଥାଏ । କହିଲା, 'ତୁମକୁ ମୁଁ ଏତେ ସହଜରେ ଛାଡ଼ିଦେବିନି । ମୋତେ ଅପମାନ କରିବାକୁ ମୁଁ ତୁମକୁ ଦେବିନି ।" ଗର୍ଜିଉଠିଲା ସରୋଜନୀ । ଶଙ୍କର ଦେଖିଲା ସେ କାନ୍ଦୁଛି ।

"କଣ କରିବ ?" ଶଙ୍କର କଣ୍ଠରେ ଶ୍ଳେଷ ।

"ଜାଣ, ମୁଁ ପ୍ରତିଶୋଧ ନେଇପାରେଁ ।"

"ଓ, ମାନସୀକୁ ଯାଇ କହିବ ଏ କଥା । ତୁମେ ତାର ଶିକ୍ଷୟିତ୍ରୀ ଥିଲ, ଏବେ ଖିଣି ତା ସ୍ୱାମୀର ରକ୍ଷିତା ହୋଇଛ ?"

"ଡକ୍ଟର ଶତପଥୀ !" ଚିତ୍କାର କରି ଉଠିଲା ସରୋଜନୀ ।

ହସିଲା ଶଙ୍କର, "ବେଶ୍, ତୁମର ଯାହା ଖୁସି କରିପାର ।" ସେ ଆସି ଠିଆ ହେଲା କବାଟ ପାଖରେ ।

ସରୋଜନୀ ସେମିତ କାନ୍ଦୁଥାଏ ନୀରବରେ । "ମୋ ସାଙ୍ଗରେ ସବୁ ସମ୍ପର୍କ ତୁଟେଇ ଦେଇ ଯାଉଛ ?" ପଚାରିଲା ସେ ।

ଶଙ୍କର ଜବାବ ଦେଲା ନାହିଁ ।

"ତୁମେ ଯଦି ସମ୍ପର୍କ ରଖ, ମୁଁ କିଛି କରିବିନି ।"

"କି ରକମ ସମ୍ପର୍କ ?"

ଆଗେଇ ଗଲା ସରୋଜନୀ, "ଆମେ ଦୁଇ ଜଣ ବନ୍ଧୁ ହୋଇ ରହିବୁଁ । ତୁମେ ମଝିରେ ମଝିରେ ଆସିବ ମୋ ପାଖକୁ । ସନ୍ଧ୍ୟାଟା ଏଠି କଟେଇବ । ତା ପରେ ଚାଲିଯିବ ।"

"ଦେହର ସମ୍ପର୍କ ରହିବନି ସେଥିରେ ?"

ଟିକିଏ ସମୟ ନେଲା ସରୋଜନୀ, "ମୋର ଦେହ ପ୍ରତି ତୁମର କୌଣସି ଆକର୍ଷଣ ନାହିଁ ?"

"ନା । ତୁମର ସେଇ ଦେହଟା ଦେଖିଲେ ମୋତେ ବାନ୍ତି ହୁଏ ।" ନିର୍ମମ ହୋଇ କହିଲା ଶଙ୍କର ।

Digitized by srujanika@gmail.com

"ଛିଃ, ତୁମେ କି ନିଷ୍ଠୁର ! ଗୋଟାଏ ସ୍ତ୍ରୀଲୋକକୁ ତା ମୁହଁ ଉପରେ ଏ କଥା କହିପାରିଲ ?" ଅଶ୍ରୁସଜଳ କଣ୍ଠ ସରୋଜିନୀର ।

ଓଠ ଭିତରେ ହସିଲା ଶଙ୍କର । ସରୋଜିନୀକୁ ସେ ବିଧ୍ୱସ୍ତ କରିଛି ।

"ମୁଁ ମାନୁଛି, ତୁମ ସ୍ତ୍ରୀ ସୁନ୍ଦରୀ । କିନ୍ତୁ ସେହି ଅହଂକାରରେ ତୁମେ ମୋତେ ଅପମାନ କରିବ ?" ସରୋଜିନୀର କଣ୍ଠରୁଦ୍ଧ ହୋଇଗଲା ।

ଶଙ୍କର କବାଟର ଛିଟିକିଣି ଖୋଲିଲା ।

"ଶୁଣ" । ପଛରୁ ଡାକିଲା ସରୋଜିନୀ ।

ମୁହଁ ବୁଲେଇ ଅନେଇଲା ତାକୁ ଶଙ୍କର ।

"ପୁଣି କେବେ ଦେଖା ହବ ?"

"ଦେଖା ହବା ଦରକାର ?"

"ହଁ । ତୁମ ସାଙ୍ଗରେ ମୁଁ ସମ୍ପର୍କ ତୁଟେଇବାକୁ ଚାହେଁନା । ତୁମେ ମୋର ନାରୀତ୍ୱକୁ ଚୂଡ଼ାନ୍ତ ଅପମାନ କରିଛ । ତଥାପି ମୁଁ ତୁମର ବନ୍ଧୁତ୍ୱ ଚାହେଁ ।"

"କାହିଁକି ? ମୋ ଟଙ୍କା ପାଇଁ ?"

ଫେର୍ କାନ୍ଦିଲା ସରୋଜିନୀ, "ତୁମେ ଜାଣ, ମୁଁ ତୁମକୁ ଭଲ ପାଏଁ । ପ୍ରଥମ ଯଉଁଦିନ ମୋର ତୁମ ସାଙ୍ଗରେ ଦେଖା ହେଲା, ସେହିଦିନୁ ମୁଁ ତୁମକୁ ଭଲ ପାଇଛି । ମୁଁ ଟଙ୍କା ପାଇଁ ତୁମ ସ୍ତ୍ରୀକୁ ପାଠ ପଢ଼େଇବାକୁ ଯାଉ ନ ଥିଲି । କେତେ ଟଙ୍କା ଦଉଥିଲ ତୁମେ ? ଦେଢ଼ ଶହ । କଲିକତାରେ ସେ ଦରମାରେ ଢେର୍ ଟ୍ୟୁଇସନ୍ ମିଳିବ । ମୁଁ ଯାଉଥିଲି ତୁମ ଲୋଭରେ ।" ଅଗେଇ ଆସି ହାର କାଢ଼ି, ଲକେଟ ଖୋଲି ଦେଖେଇଲା ସେ ଶଙ୍କରକୁ । ତାର ଛବି ରଖିଛି ସେ ସେଥିରେ । ଅଶ୍ରୁସିକ୍ତ କଣ୍ଠରେ ପଚାରିଲା, "ବିଶ୍ୱାସ ହେଲା ?"

"କଣ ଚାହଁ ତୁମେ ମୋ ପାଖରୁ ?" ଅସହିଷ୍ଣୁ ହୋଇ ପଚାରିଲା ଶଙ୍କର ।

"କିଛି ନା । ତୁମେ ଆସିବ ମୋ ପାଖକୁ, ମନ ହେଲେ, ଯେବେ ଖୁସି । କୌଣସି ଦାବୀ ମୋର ନାହିଁ ତୁମ ଉପରେ ।" ତଳକୁ ମୁହଁ କଲା ସରୋଜିନୀ ।

ଶଙ୍କର ଠିଆ ହୋଇ ରହିଲା । ଏଇ ସରୋଜିନୀ ତାକୁ ଭଲ ପାଇଛି । ତାକୁ ଦେହଦାନ କରିଛି । କେମିତି ନରମ ହୋଇଗଲା ଶଙ୍କରର ମନ । କି ଦରକାର ତାକୁ ଦୁଃଖ ଦେଇ ? ସେ ସରୋଜିନୀର ହାତ ଧରି କହିଲା,

Digitized by srujanika@gmail.com

"ତୁମକୁ ଆଜି ଗୁଡ଼ାଏ କଡ଼ା କଥା କହୁଛୁ ସରୋଜିନୀ । I am sorry. Let us be friends. ରାଜି ?"

ମୁଣ୍ଡ ହଲେଇ ସମ୍ମତି ଦେଲା ସରୋଜିନୀ ।

" Good night dear," ବିଦାୟ ମାଗିଲା ଶଙ୍କର ।

"ଗୁଡ଼୍ ନାଇଟ୍" ସରୋଜିନୀର ଅସ୍ଫୁଟ ଉତ୍ତର ।

ଗାଡ଼ି ପାଖକୁ ଆସି ଶଙ୍କର ହାବୁଡ଼ିଗଲା ତା ସେକ୍ରେଟେରୀ ମେହେଗ୍ରା ପାଖକୁ । ସେ ଆଲୁଅ ଖୁଣ୍ଟି ତଳେ ଠିଆ ହୋଇ ଗପୁଛି କାହା ସାଙ୍ଗରେ । ଶଙ୍କରକୁ ଦେଖି ଆଗେଇ ଆସି ପଚାରିଲା, "ଆପଣ ଏଠିକି କାହିଁକି ଆସିଥିଲେ ସାର୍ ?"

ଶଙ୍କର ତା ପ୍ରଶ୍ନ ଏଡ଼େଇ ଯାଇ ପଚାରିଲା, "ତୁମେ କଣ କରୁଛ ଏଠି ?"

"ମୋର ଜଣେ ଭଉଣୀ ଥାଏ ଏଠି । ତା ପାଖକୁ ଆସିଥିଲି ।"

ଆଗେଇ ଆସିଲା ରୋଜ ଗସେଟ୍, "ମୋତେ ଚିହ୍ନିପାରୁ ନାହାନ୍ତି ?"

"ହଁ, ମନେପଡ଼ୁଛି ।" ଅଉ ସେମାନଙ୍କୁ କଥା କହିବାକୁ ଅବସର ନ ଦେଇ ଶଙ୍କର ପଳେଇଲା ସେଠୁ ।

ତିରିଶ

ମାନସୀ ବୁଝିପାରୁ ନ ଥାଏ ସ୍ୱାମୀକୁ । ଅଉ ସେ ପାଉନ ତାକୁ ଘରେ ଏକା । ଶଙ୍କର ଅଧିକାଂଶ ଦିନ ବାହାରେ ଡ଼ିନାର୍ ଖାଉଛି ଏବଂ ଅନେକ ରାତିରେ ଫେରୁଛି । ସେତେବେଳେ ସେ ଯାଇ ତାକୁ ବିରକ୍ତ କରେ ନାହିଁ । ଥରେ ଯାଇଥିଲା । ଦେଖିଲା, ଶଙ୍କର କ୍ଳାନ୍ତ ହୋଇ ଶୋଇପଡ଼ିଲା । ତାକୁ ଆଜିକାଲି ଶଙ୍କର କେମିତି ଗୋଟାଏ ଲାଗୁହେଁ । ମାନସୀ ବୁଝିପାରେ, କିନ୍ତୁ ସେ ନିରୂପାୟ । ଅଥଚ କୁଆଡ଼େ ସେ ଯାଉଛି ବୁଝିପାରୁ ନ ଥାଏ । ଶଙ୍କରକୁ ପଚାରିଲେ କହେ, କାମ ଥିଲା । ମାନସୀ ବୁଝେ—ତାକୁ ସେ ଏଡ଼େଇ ଯାଉଛି ।

ଅନ୍ୟ ସମୟରେ କିନ୍ତୁ ଶଙ୍କରର ବ୍ୟବହାରରେ କିଛି ବ୍ୟତିକ୍ରମ ଦେଖେ ନାହିଁ ସେ । ପ୍ରତିଦିନ ପିଲାଙ୍କ ସାଙ୍ଗରେ ଖେଳେ, ସ୍ତ୍ରୀର ସ୍ୱାସ୍ଥ୍ୟର ଖବର ନିଏ; ମିସେସ୍ ହାଲଦାରକୁ ପଚାରେ ତାର ପରୀକ୍ଷା ଠିକ୍ ହଉଛି କି ନା. ପ୍ରଫେସର ବଟମଲେଙ୍କ ପାଖକୁ ରିପୋର୍ଟ ଯଥା ସମୟରେ ଯାଉଛି କି ନା ?

Digitized by srujanika@gmail.com

ବୋଉଙ୍କ ପାଖରେ ଯାଇ ବସେ । ଗାଈ ଫଳ ଯାଇଛୁ ତାର ଖବର ନଏ । ରବିବାର ବା ଛୁଟିଦିନର ଦୁଇ ପହରଗୁଡ଼ା ସେ ସ୍ତ୍ରୀକୁ ନେଇ କଟାଏ । ଗପ କରନ୍ତି ଦୁଇ ଜଣ । ନୂଆ ଗପ ବହି ଆଣିଦିଏ ମାନସୀ ପାଇଁ । ବେଳେ ବେଳେ ବହିରୁ, ପତ୍ରିକାରୁ ପଢି ଶୁଣାଏ ତାକୁ । ମାନସୀ ବି ପଢ଼େ । କିନ୍ତୁ ସ୍ତ୍ରୀକୁ ଯେଉଁ ଆଦର କରୁଥିଲା, ପାଖକୁ ଟାଣୁଥିଲା, ସେ ଭାବ ଆଉ ନାହିଁ । ସ୍ୱାମୀର ଏଇ ପରିବର୍ତ୍ତନ ହେତୁ, ମାନସୀ ନିଜକୁ ଭିତରକୁ ଗୋଟେଇ ନେଇଛି । ନ ଡ଼ାକଲେ ସ୍ୱାମୀ ପାଖକୁ ଯାଉନି ସେ ।

ସନ୍ଧ୍ୟାବେଳେ ଶଙ୍କର କୁଆଡ଼େ ଯାଏ ? ମାନସୀ ଦେଖିଛି, ସେତେ-ବେଳେ ସେ ଅନ୍ୟମନସ୍କ । ଜଳଖିଆ ଖାଇ ସେ ଗାଡ଼ି ନେଇ ବାହାରିଯାଏ କୁଆଡ଼େ । କେଉଁଦିନ ସ୍ତ୍ରୀକୁ କହେ, କେଉଁଦିନ କହେନି । ମାନସୀକୁ ଭାରି ବାଧେ । ବିଛଣାରେ ଶୋଇ ଶୋଇ ସେ କାନ୍ଦେ । ଏମିତି ମାସେ ଖଣ୍ଡେ ଗଲା ।

ଜାନୁଆରୀର ପ୍ରଥମ ସପ୍ତାହରେ ଶଙ୍କରର ଲୁଗାପଟା ଧୋବାପରକୁ ଦେବାକୁ ଯାଇ ମାନସୀ ପାଇଲା ଗୋଟାଏ ହୋଟେଲର ବିଲ୍ । ମିଷ୍ଟର ଓ ମିସେସ୍ ଶତପଥୀଙ୍କ ନାଁରେ ହୋଟେଲର ଘରଭଡ଼ା ଦିଆ ହୋଇଛି । ସେଦିନ ସେ ଫୋନ୍ କଲା ଅରୁଣାକୁ ।

"କଣ ଖବର ଅରୁଣା ? ତୁମେ ଆଉ ଆସୁନ ଆମ ଆଡ଼େ ?"

ଲଜ୍ଜିତ ହୋଇ ଅରୁଣା କହିଲା, "ଆପଣଙ୍କ ଦେହ ଭଲ ନ ଥିଲା । କାଳେ ବିରକ୍ତ କରିବ ବୋଲି ଯାଇ ନଥିଲି ।"

"ଦେହ ମୋର ଭଲ ହୋଇଗଲାଣି । ଆସ ଆଜି ।"

"ଆଜି ? ବଶ୍ ମାଡ୍ରାଜ ଯାଉଛନ୍ତି ଆଜି । ତାଙ୍କ କାମ ସାରିବାକୁ ଡ଼େରି ହବ । କାଲି ଆସିବି ଆପଣଙ୍କ ପାଖକୁ ।"

ଶଙ୍କର ଆଜି କହୁଥିଲା ପ୍ରାତରାଶ ବେଳେ, ସେ ଯିବ ବାହାରକୁ । ନନ୍ଦ ସେମିତି ତାର ଲୁଗାପଟା ସଜାଡ଼ି ରଖେ । ତା ଦେହ ଖରାପ ହେଲା ଦିନଠୁଁ ନିଜ କାମରେ ଶଙ୍କର ମାନସୀକୁ ଡ଼ାକେନି । ନନ୍ଦକୁ ବରାଦ କରେ ।

ତହିଁ ଆରଦିନ ଅରୁଣା ଆସିଲା ଚାରିଟା ବେଳକୁ । ମାନସୀ ତାକୁ ନେଇଗଲା ଶଙ୍କରର ଶୋଇବା ଘରକୁ । ଅରୁଣା ତା ସ୍ୱାମୀର ଅଫିସରେ କାମ କରେ ସତ, କିନ୍ତୁ ମାନସୀ ତାକୁ ଭଲ ପାଏ । ଯେବେ ତେବେ ଡ଼ାକ

Digitized by srujanika@gmail.com

ପଠାଏ ତାକୁ । ସମବୟସୀ ଝିଅଟା ଭାରି ଭଲ । ଭଦ୍ର, ନମ୍ର ଓ ନିରହଙ୍କାର । ମାନସୀକୁ ଭାରି ଶ୍ରଦ୍ଧା କରେ ଅରୁଣା । ଭଲ ପାଏ ବି । ଶୋଇବା ଘରେ ତାକୁ ପାଖରେ ବସେଇ ଗୋଟି ଗୋଟି କରି ମନର କଥା ଫିଟେଇ କହିଲି ମାନସୀ । ତାର ସନ୍ଦେହର କାରଣ ମଧ୍ୟ କହିଲି । ତାର ଅସୁବିଧା କଥାଟା ମଧ୍ୟ ଲୁଚେଇଲି ନାହିଁ । ହୋଟେଲ ବିଲ୍‌ଟା ଅରୁଣାକୁ ଦେଇ କହିଲି, "ମୁଁ ତ ତାଙ୍କ ସାଙ୍ଗରେ କୌଣସି ହୋଟେଲରେ ରହିନି କେବେ ?" ଆଖିର ପାଣି ଅଟକେଇ ପାରିଲିନି ସେ । "କଣ ହୋଇଛି ତାଙ୍କର, ତୁମେ ଟିକିଏ ବୁଝିବ ଅରୁଣା ? ମୋତେ ଟିକିଏ ସାହାଯ୍ୟ କରିବ ?"

ମାନସୀର ଦୁଃଖରେ ଅରୁଣା ମଧ୍ୟ କାନ୍ଧ ପକେଇଲା । ସେ ଜାଣେ ଏମାନଙ୍କର ଦାମ୍ପତ୍ୟଜୀବନ ଅତି ସୁଖର । ଦୁହେଁ ପରସ୍ପରକୁ ଅତ୍ୟନ୍ତ ଭଲ ପାନ୍ତି । ମାନସୀ ପ୍ରତି ଶଙ୍କରର ଆକର୍ଷଣ ମୂଳରେ ମାନସୀର ଶାରୀରିକ ସୌନ୍ଦର୍ଯ୍ୟ ଓ ତାର ଏକନିଷ୍ଠ ପ୍ରେମ । ଅସୁସ୍ଥତା ହେତୁ ହୁଏତ ସେ ସମ୍ପର୍କରେ ଟିକିଏ ଶିଥିଳତା ଆସିଥିବ । କିନ୍ତୁ ସେଟା କେତେଦୂର ଯାଇଛି ? ଶଙ୍କରର ବ୍ୟବହାରରୁ ମାନସୀ ବିଶେଷ କିଛି ବୁଝିଲା ଭଳି ମନେ ହେଉନି । କିନ୍ତୁ ନାରୀର ସ୍ୱଭାବଜ ସନ୍ଦେହ ତାକୁ ପୀଡ଼ନ କରୁଛି । ସେ ମାନସୀକୁ ପ୍ରତିଶ୍ରୁତି ଦେଲା, ଏ ବିଷୟରେ ସେ ଶଙ୍କରର ଅଜ୍ଞାତରେ ଖୁବ୍ ସାବଧାନତାର ସହିତ ଖବର ସଂଗ୍ରହ କରି ତାକୁ ଜଣେଇବ ।

ଅରୁଣା ଧରିଲା ମେଘାକୁ । ମଧ୍ୟାହ୍ନ ଭୋଜନ ପାଇଁ ତାକୁ ଡ଼ାକି ନେଇଗଲା ଗୋଟାଏ ନାମଜାଦା ହୋଟେଲକୁ । ଖାଇବାକୁ ବସି ଗପ କଲା ତା ସାଙ୍ଗରେ । କଥା ଛଳରେ ଶଙ୍କରର କଥା ମଧ୍ୟ ପକେଇଲା ।

"ଓ, ବଶ୍‌ଙ୍କ କଥା କୁହନି । ସେ ଖରାପ ସାଙ୍ଗରେ ପଡ଼ିଛନ୍ତି ।" ମେଘା କହିଲା ।

ସଚକିତ ହେଲା ଅରୁଣା । "ଖରାପ ସଙ୍ଗ ! କି ଖରାପ ସଙ୍ଗ ? ତୁମେ ଜାଣ, ତାଙ୍କ ଘରେ ରୁଗ୍‌ଣା ସ୍ତ୍ରୀ ଓ ପିଲାମାନେ ଅଛନ୍ତି ?"

"ଜାଣେ । ଖୁବ୍ ସମ୍ଭବ ସେଥିଲାଗି ସେ ସେଇ କଟକୀ ଟୋକୀଟା ପାଲରେ ପଡ଼ିଛନ୍ତି ।"

"କଟକୀ ଟୋକୀ ? କିଏ ସେ ମେଘା ?"

"ତୁମେ ଜାଣିନ ତାକୁ । ସରୋଜିନୀ ପାତ୍ର । ତା ସ୍ୱାମୀ ଏ.ଆଇ.ଅର୍.ରେ କାମ କରୁଥିଲା । ଦୁର୍ଘଟଣାରେ ପୋଡ଼ି ହୋଇ ମଲା । ମୁଁ ଶୁଣିଛି ସେ ମିସେସ୍ ଶତପଥୀଙ୍କୁ ପଢ଼େଇଥିଲା ।"

Digitized by srujanika@gmail.com

"ଆଇ ସୀ" ଅରୁଣା ଧରି ପାରିଲା ଏତେବେଳେ । "ସେଇ ଟୋଙ୍କାଟା ? ଆରେ ରେ ।"

"ହଁ, ସେ ପାର୍କସାର୍କସ୍‌ରେ ଥାଏ । ତା ଘରକୁ ସନ୍ଧ୍ୟାବେଳେ ବଣ୍‌ ଯାଉଥିଲେ । ଦିନେ ମୋତେ ହାବୁଡ଼ିଗଲେ ସେଠି । ମୋର ଜଣେ କାଜିନ୍‌ ବ୍ରେକ ରସେଟ୍‌ ସେଠି ଥାଏ । ଅନେକଗୁଡ଼ାଏ ଗ୍ରେଟ ଗ୍ରେଟ ଫ୍ରେଣ୍ଡ୍‌ । ଡ୍ରିଙ୍କିଂ ଗାଲ୍‌ସ୍‌ ବୁଲୁଥାନ୍ତି ସବୁ ସେଠି । ସରୋଜିନୀ ମଧ୍ୟ ରହେ । ଏବେ ଦିନେ ବ୍ରେକଠୁଁ ଶୁଣିଲି, ସରୋଜିନୀ ପାଖକୁ ଆଉ ସେଠିକି ଯାଉନାହାନ୍ତି ବଣ୍‌ । ଧରମତଲାରେ ଗୋଟାଏ ଗଳି ଭିତରେ, ଏକ ହୋଟେଲରେ ରୁମ୍ ଭଡ଼ା ନେଇଛନ୍ତି । ସରୋଜିନୀ ସେଠିକି ଆସେ ।"

ଅରୁଣା ମେଷ୍ଟାକୁ ଧନ୍ୟବାଦ ଦେଲା । ତାକୁ କହିଲା, "ତୁମେ ଟିକିଏ ବ୍ରେକକୁ କହିବ ମେଷ୍ଟା, ସେ ଯେମିତି ସରୋଜିନୀ ପାଇଁ ଉପରେ ନଜର ରଖେ ।"

ଦିନେ ଅଫିସ ଫେରନ୍ତା କହି ଆଲିପୁର ଆସି ମାନସୀକୁ ସବୁ କହିଲା ଅରୁଣା । ଅଶ୍ରୁପୂର୍ଣ୍ଣ ଆଖିରେ ଚାହିଁଲା ତାକୁ ମାନସୀ । ଅରୁଣା ବିଚଳିତ ହେଲା ତାର ସେହି ସୁନ୍ଦର ଆଖିଗୁଡ଼ାରେ ଲୋତକ ଦେଖି ।

"କଣ କରିବି ମୁଁ ?" ଦୀର୍ଘନିଶ୍ୱାସ ଭିତରେ ମାନସୀ ପ୍ରଶ୍ନ କଲା ।

ଚୁପଚାପ ଭାବିଲା ଅରୁଣା କିଛି ସମୟ । ସେ ବି ଗୋଟାଏ ନିଶ୍ୱାସ ପକେଇ କହିଲା, "ଆପଣ ଆଉ କିଛିଦିନ ଅପେକ୍ଷା କରନ୍ତୁ । ଦେଖାଯାଉ କଣ ହେଉଛି । ମୋର ବିଶ୍ୱାସ ଆପଣଙ୍କ ସ୍ୱାମୀ ଅସୁସ୍ଥ । ସେ ଭଲ ମନ୍ଦର ତଫାତ୍ ଭୁଲି ଯାଇଛନ୍ତି ।"

ମାନସୀ ଅନେଇଲା ତା ମୁହଁକୁ ।

"ଆପଣଙ୍କ ପାଖରୁ ସେ ଯେଉଁ ସନ୍ତୋଷ, ଯେଉଁ ଆନନ୍ଦ ପାଉଥିଲେ, ତାକୁ ନ ପାଇ ସେ ଦଉଡ଼ିଛନ୍ତି ସରୋଜିନୀ ପାଇଁ ପାଖକୁ । ସେ ଆନନ୍ଦ ତାଙ୍କୁ ସେ ଦେଇ ପାରିବ ? ଅସମ୍ଭବ । ଦିନେ ତାଙ୍କ ମୋହ ଭାଙ୍ଗିବ ।"

"ସେଦିନ ଆଉ କାହା ପାଖକୁ ଯିବ ସେ ଗୁଲୁଯାନ୍ତୁ ?"

"ହଁ । ସେ ସମ୍ଭାବନା ସେ ନାହିଁ, ତା ବି କହି ହବନି ।"

ଚମକିତ ହେଲା ଅରୁଣା । ଭାରି ଦୁଃଖ ହେଲା ତାର ମାନସୀକୁ ଅନେଇ । କି ଅପୂର୍ବ ଦମ୍ପତି ଥିଲେ ଏମାନେ । କଣ ହୋଇଗଲା ସବୁ ।

Digitized by srujanika@gmail.com

ସେ ଆଶ୍ୱାସ ଦେଲା, "ଦେଖନ୍ତୁ, ପୁରୁଷମାନେ ସବୁଦିନେ ସିମିତ । ବେଳେ ବେଳେ ମୁଣ୍ଡ ବିଗିଡ଼େ ତାଙ୍କର । ତାପରେ ପୁଣି ଠିକ୍ ହୋଇଯାନ୍ତି । ବର୍ତ୍ତମାନ ଅବସ୍ଥାରେ ଚୁପଚାପ ରହିବା ଛଡ଼ା ଗତ୍ୟନ୍ତର ନାହିଁ । ମୁଁ ଆପଣଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବି ।"

ମାନସୀ ପାଖରୁ ପଳେଇ ଆସିଲା ଅରୁଣା । ତାର ସେହି କରୁଣ, ଅସହାୟ ଦୃଷ୍ଟି ଦେଖି ତା ହୃଦୟ ଭିତରେ ବେଦନା ଅନୁଭବ କଲା ।

ଶୋଇଲା ବେଳେ ରଞ୍ଜନକୁ ସବୁ କଥା କହିଲା ସେ । ରଞ୍ଜନ ଶୁଣି କାବା ହେଲା । ବିଶ୍ୱାସ କଲାନି ଅରୁଣାକୁ ସେ ।

"ଯାଃ, ଅସମ୍ଭବ । ଡକ୍ଟର ଶତପଥୀଙ୍କ ଭଳି ସୁଶିକ୍ଷିତ ଭଦ୍ରଲୋକ ମୁଁ ଖୁବ୍ କମ ଦେଖିଛି ଅରୁଣା । ତା ଛଡ଼ା ସେ ଯେଉଁ ଦରର ଲୋକ, ସରୋଜିନୀ ପାଣି ଭଳି ଗୋଟାଏ ସ୍ତ୍ରୀଲୋକର ପାଲରେ ପଡ଼ିବେ, ଏ କଥା ମୁଁ ବିଶ୍ୱାସ କରିବି ନାହିଁ ।"

ଗାଳି ଖାଇଲା ସେ ଅରୁଣାଠୁଁ, "ତୁମେ ତ ବିଶ୍ୱାସ କରିବ ନାହିଁ । ପୁରୁଷଗୁଡ଼ା ଏମିତି ନିମକହାରାମ । ଯେତେ ଦିନ ନଉଥିବେ, ଭଲ । ଦେହ ପା ହେଲା କି ଅସୁବିଧା ହେଲା, ବାସ, ଦଉଡ଼ିଲେ ଏଠିକି ସେଠିକି । ତୁମ ରକମ ସ୍ୱାର୍ଥପରସ୍ୱ ଜୀବ ଭଗବାନ ଆଉ ସୃଷ୍ଟି କରି ନାହାନ୍ତି, ବୁଝିଲ ?"

ରଞ୍ଜନ ହସିଲା ଅରୁଣା କଥାରେ । ଗାଳି ହଜମ କରି କହିଲା, "ଡକ୍ଟର ଶତପଥୀଙ୍କ ନାଁରେ ଗାଳିଟା ମୋତେ ଦେଲ ତୁମେ । ଅଥଚ ଏ କଥା ତୁମେ ଜାଣ, ତୁମକୁ ମୁଁ ଭଲପାଏଁ ଏବଂ ମୋ ଜୀବନରେ ଅନ୍ୟ ନାରୀ ନାହିଁ ।"

"ଆଜି ନାହିଁ, କାରଣ ତୁମର ସବୁ କାମ ମୁଁ କରି ଦଉଛି । ଯାହା ଦରକାର ସବୁ ମୋଠୁଁ ପାଉଛ । ମନଇଚ୍ଛା ନଉଛ । ବନ୍ଦ ହୋଇଯାଉ ନା ମାସେ ଦଣ୍ଡେ । ମଥା ଖରାପ ହୋଇଯିବ । ସେ ତ ଆଉର ସରୋଜିନୀ ପାଣି ପାଖକୁ ଯାଉଛନ୍ତି । ଶିକ୍ଷିତା ସ୍କୁଲ ଟିଚର ସେ । ତୁମେ ଯେ କଣ କରିବ ମୁଁ ଭାବିପାରୁନି ।"

"ଅରୁଣା !" ଗମ୍ଭୀର ହୋଇ ଡାକିଲା ତାକୁ ରଞ୍ଜନ ।

"ରାଗୁଛ କି ? ସତକଥା କହିଲି ବୋଲି ?"

"ନା, ସତକଥା ନୁହେଁ । ତୁମେ ଜାଣ ଡକ୍ଟର ଶତପଥୀଙ୍କ ଦୁଃଖ କେଉଁଠି ?"

"ସଠିକ ଜାଣେନି । ଅନୁମାନ କରୁଛି ।"

Digitized by srujanika@gmail.com

"କଣ ଅନୁମାନ କରୁଛ ?"

"ମିସେସ୍ ଶତପଥୀଙ୍କର କେନ୍‌ସାର ହୋଇଥିଲା, ଜାଣ ତ ? ତାଙ୍କର ଅପାରେଶନ୍ ହେଲା ଥରେ ଏଠି, ଆଉ ଥରେ ଏମେରିକାରେ। ସେ ବର୍ତ୍ତମାନ ବିଶ୍ରାମ ଓ ଚିକିତ୍ସାରେ ଅଛନ୍ତି। ବର୍ଷେ ପରେ ପୁଣି ପରୀକ୍ଷା କରି ଡାକ୍ତର କହିବେ, ସେ ସମ୍ପୂର୍ଣ୍ଣ ଭଲ ହୋଇଗଲେଣି କି ନା ? ଏଇ ଗୋଟିଏ ବର୍ଷ ସେଥିଲାଗି ତାଙ୍କୁ ଅଲଗା ରଖାଯାଇଛି।"

"ସୋ !" କହିଲା ରଞ୍ଜନ, "ଗୋଲମାଲ ତ ସେଠି, କେନ୍ଦ୍ରବିନ୍ଦୁରେ। ସେ କଥା କୁହ। ମୁଁ ବୁଝିପାରୁନି କି କାରଣ ଥାଇପାରେ ଏତେ ବଡ଼ ଲୋକଟାର ଏମିତି ବ୍ୟବହାର ପାଇଁ।"

"ମଲା !" ସ୍ୱାମୀ ମୁହଁକୁ ଅନେଇଲା ଅରୁଣା, "ମଣିଷର ଆଉ ବେରାମ ଅରାମ ନାହିଁ ? ସେ କଣ ପଶୁ ?"

"ଠିକ୍ କହିଛ, ପଶୁ। ସ୍ୱାମୀ ସ୍ତ୍ରୀ ସମ୍ପର୍କରେ ପାଶବିକ କଥାଟାର ତାତ୍ପର୍ଯ୍ୟ ଅଛି। ସେଇଟା ଭୁଲିଗଲେ ତ ଚଳିବ ନାହିଁ। ଅରେ ରେ ! କି ଦୁଃଖର କଥା କୁହ ତ ? ମିସେସ୍ ଶତପଥୀଙ୍କ ଭଳି ଏଡ଼େ ସୁନ୍ଦର, ଏଡ଼େ ଗୁଣର ସ୍ତ୍ରୀକୁ ଡ଼କ୍ଟର ଶତପଥୀଙ୍କ ଭଳି ଏମିତି ସୁଶିକ୍ଷିତ, ଭଦ୍ର, ଉଚ୍ଚକୋଟୀର ମଣିଷ ମଧ୍ୟ ଅବହେଳା କରି ପାରନ୍ତି। ଦେଖ ତ ଭାଗ୍ୟର ବିଡ଼ମ୍ବନା। ଅଚ୍ଛା ଶୁଣ, ମିସେସ୍ ଶତପଥୀ ପୁଣି କେବେ ପରୀକ୍ଷିତ ହେବେ, ତାଙ୍କ ଦେହ ଭଲ ହୋଇଗଲା କି ନା ଜାଣିବାକୁ ?"

"ପାଞ୍ଚ ଛ ମାସ ପରେ। ମୁଁ ଠିକ ଜାଣେନା।"

"କଣ ହବ ଜାଣ ?" ସେ ଅରୁଣାକୁ ଅନେଇ କହିଲା, "ମିସେସ୍ ଯଦି ଭଲ ହୋଇ ଯାଇଥାନ୍ତି, ଡ଼କ୍ଟର ଫେର୍ ଫେରି ଆସିବେ ତାଙ୍କ ପାଖକୁ।"

"ଆଉ ଯଦି ଭଲ ହୋଇ ନ ଥାନ୍ତି ?" ଅରୁଣା ପଚାରିଲା।

"ତା ହେଲେ ତ ଆଉ ସେ ପ୍ରଶ୍ନ ଉଠେନି ଅରୁଣା। ମିସେସ୍ ମଧ୍ୟ ବେଶି ଦିନ ବଞ୍ଚିବେ ନାହିଁ ସେ ଅବସ୍ଥାରେ।"

ବିଛଣାରେ ଉଠି ବସିଲା ଅରୁଣା. "ଆଉ ଏଇ ଯେ ପ୍ରେମାଭିସାର ଚାଲିଛି, ଚାଲିସିବ ?"

"ଚାଲିବା ସମ୍ଭବ। ନ ଚାଲିପାରେ ମଧ୍ୟ।" ହସିଲା ରଞ୍ଜନ ଅରୁଣା ମୁହଁକୁ ଚାହିଁ। ଡ଼ାକିଲା ତାକୁ, "ଶୋଇପଡ଼ିବା। ଆଲୁଅ ଲିଭାଅ। ମୋତେ ନିଦ ମାଡ଼ିଲାଣି।" ସେ କଡ ଲେଉଟାଇ କାନ୍ଥ ଅଡ଼କୁ ମୁହଁ କରି ଶୋଇଲା।

Digitized by srujanika@gmail.com

"ଏ କଣ ?" ଅରୁଣା ତାକୁ ଟାଣି ଚିତ୍କାର କରିଦେଲେ, "କାହାଅଙ୍କୁ ମୁହଁ କରି ଶୋଉଛ କାହିଁକି ?"

ରଞ୍ଜନ ହସି ସ୍ତ୍ରୀ ଆଡକୁ ମୁହଁ କରି ଶୋଇଲା ।

ଏକାନ୍ତରିଣୀ

ଦିଲ୍ଲୀରୁ ଫେରିବା ବେଳେ ପ୍ଲେନ୍‌ରେ ପରିଚୟ ହେଲା ଶଙ୍କରର ବିମଳ ଜାଲାନ ସାଙ୍ଗରେ । କୋଟିପତି ବାପର ପୁଅ ବିମଳ । ଜାଲାନ କମ୍ପାନୀର କ'ଣ ବ୍ୟବସାୟ ନାହିଁ ? ଭାରତର ଚାରିଆଡେ କାରଖାନା, ଚାରିଆଡେ ଶାଖା ଅଫିସ । ବିମଳ ଜାଲାନ୍‌ ଆମେରିକାରୁ ବିଜିନେସ୍‌ ଆଡମିନି- ଷ୍ଟ୍ରେସନ୍‌ରେ ଉଚ୍ଚ ଉପାଧି ନେଇ ଆସିଛି । ଶଙ୍କର ସାଙ୍ଗରେ ତାର ବନ୍ଧୁତା ହୋଇଗଲା ସେଇ କେତେ ଘଣ୍ଟାରେ । ଶଙ୍କର ଦେଖିଲା, ବିମଳକୁ ଯଦି ତା ବ୍ୟବସାୟ ପ୍ରତି ଆକୃଷ୍ଟ କରିପାରେ, ତା ହେଲେ ଗୋଟାଏ ବଡ଼ କାମ କରିବ । ବିମଳ ମଧ୍ୟ ଦେଖିଲା, ଶଙ୍କରର ବନ୍ଧୁତା ବ୍ୟବସାୟ ଦିଗରୁ କାମ୍ୟ । ଦମଦମରୁ ବିଦାୟ ନେଲା ବେଳେ ବିମଳ କହିଲା, ମୁଁ ଏଇଥିଣି ମାସେ ଖଣ୍ଡେ କଲିକତାରେ ରହିବି । ଆସନ୍ତୁ ଦିନେ ଆମ ଅଡ଼େ । ଉଭୟେ କାର୍ଡ ବିନିମୟ କଲେ ।

ସାତ ଦିନ ପରେ ଶଙ୍କରର ପୁଣି ଦେଖା ହେଲା ବିମଳ ସାଙ୍ଗରେ । ମିଶନ ରୋଡର ଏକ ଅଫିସରୁ ବାହାରୁଛି ଶଙ୍କର, ବିମଳ ଠିଆ ହୋଇଥିଲା ଫୁଟପାଥ୍‌ରେ, ତାକୁ ଦେଖିପାରିଲା । ଧରି ନେଇଗଲା ତାକୁ ବିମଳ ତା ଗାଡ଼ିରେ । ବିମଳର ଡ୍ରାଇଭର ଶଙ୍କରର ଗାଡ଼ି ନେଇ ପଛରେ ଆସିଲା । ଦୁଇଜଣ ଯାଇ ଲଞ୍ଚ୍‌ ଖାଇଲେ ହୋଟେଲରେ । ବିମଳ କହିଲା, "ଆପଣ ତ ଲସ୍‌ଏଞ୍ଜେଲ୍‌ସରେ ଅନେକ ଦିନ ଥିଲେ । ଫିଲ୍ମ କାମ ଦେଖିଥିବେ । ଚାଲନ୍ତୁ, ମୁଁ ଗୋଟାଏ ଷ୍ଟୁଡ଼ିଓ କିଣିଛି । ଫିଲ୍ମ ତିଆରି ହଉଛି ଦେଖିବେ ।"

ଶଙ୍କର ଗଲା ତା ସାଙ୍ଗରେ । ଟାଲିଗଞ୍ଜର ଏକ ଜଳାଭୂମିକୁ ପୋତି ଷ୍ଟୁଡ଼ିଓ ବନା ହୋଇଛି । ବେଶ୍‌ ବଡ଼ ଷ୍ଟୁଡ଼ିଓ, ଅବଶ୍ୟ ହଲିଉଡ୍‌ର ଷ୍ଟୁଡ଼ିଓ ତୁଳନାରେ କିଛି ନୁହେଁ । ବିମଳ ତାକୁ ସାଙ୍ଗରେ ନେଇ ବିଭିନ୍ନ ବିଭାଗ ଦେଖେଇଲା । ପରିଚୟ କରିଦେଲା କର୍ମଚାରୀମାନଙ୍କ ସାଙ୍ଗରେ, ଡାଇରେକ୍ଟରଙ୍କ ସାଙ୍ଗରେ, ଅଭିନେତା ଅଭିନେତ୍ରୀଙ୍କ ସାଙ୍ଗରେ । ଗୋଟିଏ ଛବିର ସୁଟିଂ ଚାଲିଥିଲା । ଏମାନେ ଠିଆ ହୋଇ ଦେଖିଲେ । କାମ ବନ୍ଦ ହେବାରୁ

Digitized by srujanika@gmail.com

ସମସ୍ତେ ଆସି ବସିଲେ ହଲର ଗୋଟାଏ କୋଣରେ । ଚା ଆସିଲା । ଏଇଠି ଶଙ୍କରର ପରିଚୟ ହେଲା ପ୍ରିୟା ମୁଖାର୍ଜୀ ଆଉ କୁନ୍ତଳା ସେନ ସାଙ୍ଗରେ । ପ୍ରିୟା ପ୍ଲେବେକ୍ ଗାୟିକା । କୁନ୍ତଳା ନୃତ୍ୟଶିଳ୍ପୀ । ଗପ କରୁ କରୁ ପ୍ରିୟା ଡାକିଲା ତାକୁ ଘରକୁ । ଠିକଣା ଦେଲା । ଶଙ୍କର ମଧ୍ୟ ତା କାର୍ଡ ଦେଲା ପ୍ରିୟାକୁ ।

କୁନ୍ତଳା ହସି ହସି କହିଲା, "ପ୍ରିୟାଦି ବଡ଼ଲୋକ, ତା ଘରକୁ ଯିବେ । ଆଉ ମୁଁ ଗରିବ ବୋଲି ମୋ ଘରକୁ ଯିବେନି ଡାକିଲେ ?"

"ନିଶ୍ଚୟ ଯିବି । ନାଚ ଦେଖେଇବ ତ ?"

"ହଁ । ମୁଁ ଓଡ଼ିଶୀ ନାଚ ଶିଖିଛି, ଦେଖେଇବି । କେବେ ସମୟ ହବ କହନ୍ତୁ ।"

"ତୁମେ ଯେବେ ଡାକିବ ।"

"ଶନିବାର ସନ୍ଧ୍ୟାରେ ।"

ପ୍ରିୟା ପାଟି କଲା, "ନା । ଶନିବାର ଦିନ ମୁଁ ଡାକିଛି । ତାଙ୍କୁ ଗୀତ ଶୁଣେଇବାକୁ । ତୁମେ ଆଉ ଦିନେ ଡାକ ।"

"ରବିବାର ଆସନ୍ତୁ ।" କୁନ୍ତଳା କହିଲା ।

"ହଉ ।" ଶଙ୍କର ରାଜି ହେଲା ।

"କିନ୍ତୁ ଆପଣଙ୍କର ଏଇ ବିରାଟ ଗାଡ଼ି ଆମ ଗଳିରେ ପଶିବ ନାହିଁ ଯେ !"

ହସିଲା ଶଙ୍କର ତା କଥାରେ । କହିଲା, "ତା ହେଲେ ତୁମ ଘରକୁ ଗଲେ ସାନ ଗାଡ଼ିଟା ନେବି ।"

ମାନସୀ ଦେଖିଲା, ଶଙ୍କର ଆଗ ଯେମିତି ଅଫିସ ପରେ ସନ୍ଧ୍ୟା ବେଳକୁ ଘରକୁ ଫେରୁଥିଲା, ଆଉ ସେମିତି ଆସୁନି । କେଉଁଦିନ ଡ଼ିନର୍ ବେଳକୁ ଫେରୁଛି, କେଉଁଦିନ ବେଶୀ ରାତି କରି ଫେରୁଛି । ଇତି ମଧ୍ୟରେ ତା ବୋଉ ବାହାରିଲା ଗାଁକୁ । ବାପାଙ୍କର ଦେହ ଭଲ ନାହିଁ । ଶାଶୁ ମଧ୍ୟ ଗଲେ ସାଙ୍ଗରେ । ଶମ୍ଭୁ ଦୋକାନ ଛୁଟିରେ ଆସିଥିଲା, ଫେରିଲା ବେଳେ ନେଇଗଲା ସେମାନଙ୍କୁ । ପିଲାଙ୍କ ପାଇଁ ଜଣେ ଆୟା ରଖିଲା ଶଙ୍କର । ବସ୍ତୁଷ୍ଟା ଆୟା, ପିଲାଙ୍କ ଲାଳନ ପାଳନ ବିଷୟରେ ଶିକ୍ଷା ପାଇଛି ସେ । ବୟସ କାଳିଶି ପନ୍ଦର ବର୍ଷ । ଧାଇ ରହିଲା ମାନସୀର ଯତ୍ନ ପାଇଁ । ଚାକର ବାକର, ବବୁର୍ଚ୍ଚି, ମାଳି ତ ଅଛନ୍ତି ।

Digitized by srujanika@gmail.com

ଶାଶୁ ଏବଂ ବୋଉ ଚାଲିଯିବାରୁ ଭାରି ଫାଙ୍କା ଫାଙ୍କା ଲାଗିଲା ମାନସୀକୁ । ଶଙ୍କର ତା ପାଖରୁ ଆହୁରି ଦୂରେଇ ଯାଉଛି । କଲିକତାରେ ଥିଲେ ଶନିବାର ଆଉ ରବିବାର ସନ୍ଧ୍ୟାରେ କୁଆଡ଼େ ଚାଲିଯାଏ, ଫେରେ ଅନେକ ରାତିରେ । ମାନସୀ ପଚାରିଲେ କହେ, ଗୀତ ଶୁଣିବାକୁ ଯାଇଥିଲି ବା ନାଚ ଦେଖିବାକୁ ଯାଇଥିଲି । ଅରୁଣା ପାଖରୁ ଖବର ପାଉଥାଏ ମାନସୀ । କିନ୍ତୁ ସ୍ୱାମୀ ସାଙ୍ଗରେ ସେ ବିଷୟରେ କୌଣସି ଆଲୋଚନା କରିବାକୁ ଇଚ୍ଛା ହୁଏନି ତାର । ଆଜିକାଲି ଶଙ୍କରକୁ ସେ ପାଏନି କହିଲେ ଚଳେ । ସେ ଘରକୁ ଆସେ, ଗାଧାଏ, ଖାଏ, ଶୁଏ, ପିଲାଙ୍କ ଖବର ନିଏ, ତା ଖବର ବୁଝେ, ତା ପରେ ପଳାଏ ।

ସେଦିନ ଅଫିସରୁ ଫେରି ସିଧା ସ୍ତ୍ରୀର ଶୋଇବା ଘରକୁ ପଶିଲା ଶଙ୍କର । ମାନସୀ ବସିଛି ଡ୍ରଇଂରୁମରେ । ଆୟା ପିଲାଙ୍କୁ ଲୁଗାପଟା ପିନ୍ଧାଉଛି ବୁଲେଇ ନେଇଯିବ ବୋଲି । ଶଙ୍କରକୁ ଦେଖି ପିଲା ଦୁ'ଟା କୋଳାହଳ କରି ତା ପାଖକୁ ଦଉଡ଼ି ଆସିଲେ । ବାପା ପାଖରୁ ଆଦର ଆଦାୟ କଲେ । ଆୟା ସେମାନଙ୍କୁ ନେଇ ବାହାରିଗଲା ଘରୁ ।

ଶଙ୍କର ଆସି ସ୍ତ୍ରୀ ସାମନାରେ ଠିଆ ହେଲା । ପକେଟରୁ ୱାଲେଟ୍ କାଢ଼ି ତିନି ଖଣ୍ଡ କାଗଜ ବାହାର କରି ସେ, ସ୍ତ୍ରୀ ଆଡ଼କୁ ବଢ଼େଇ ଦେଲା ।

"କଣ ଏଗୁଡ଼ା ?" ମାନସୀ ପଚାରିଲା ହାତରେ ଧରି ।

"ଡ଼ିପୋଜିଟ୍ ରସିଦ ।" ବସିଲା ଶଙ୍କର ଡ଼ିଭାନରେ ସ୍ତ୍ରୀ ପାଖରେ ।

"କି ଡ଼ିପୋଜିଟ୍ ?"

"ଦେଖ ଆଗେ ।"

ମାନସୀ ଦେଖିଲା ସୁଜାତା, ସତ୍ୟବାନ ଓ ତା ନାଁରେ ଟଙ୍କା ରଖିଛି ଶଙ୍କର କୋଡ଼ିଏ ହଜାର କରି । ବେଙ୍କ ବର୍ଷକୁ ସୁଧ ଦବ ଶତକଡ଼ା ପାଞ୍ଚ ଟଙ୍କା ।

"କଣ ହବ ଏ ଟଙ୍କା ?" ମାନସୀ ପଚାରିଲା ସ୍ୱାମୀକୁ ।

"ରହିବ । ତୁମ ପିଲାଙ୍କର ଦରକାର ହବ ।"

"ଦରକାର ହେଲେ ତୁମକୁ ମାଗିବ ।" ସେ ରସିଦଗୁଡ଼ା ଫେରେଇ ଦେଲା ସ୍ୱାମୀକୁ ।

ଶଙ୍କର ବୁଝିଲା ମାନସୀର ଅଭିମାନ । ହସିଲା, ତା କୋଳରେ ମୁଣ୍ଡ ରଖି ଶୋଇପଡ଼ିଲା ଆଗ ଦିନ ଭଳି । ମାନସୀ ନିଶ୍ଚଳ ହୋଇ ବସି ଅନେଇଥାଏ ଝରକା ବାହାରକୁ ।

Digitized by srujanika@gmail.com

"ମୋ ଉପରେ ତୁମେ ଭୀଷଣ ରାଗିଛ ?" କଥାବାର୍ତ୍ତାର ସୂତ୍ରପାତ କଲା ଶଙ୍କର ।

"ନା ତ ।" ତାଙ୍କୁ ଅନାଇ କହିଲା ମାନସୀ ।

"ମୁଁ ଜାଣେ । କିନ୍ତୁ..."କଥାଟା ଶେଷ ନ କରି ଉଠି ବସିଲା ସେ । ଉସିଦଗୁଡ଼ା ପଡ଼ିଗଲା ତଳେ । ମାନସୀ ଗୋଟେଇ ଆଣି ବଢ଼େଇ ଧରିଲା ଶଙ୍କର ଆଡ଼କୁ ।

"ସେ ଟଙ୍କା ମୋର ନୁହେଁ ମାନସୀ । ତାକୁ ମୁଁ ତୁମକୁ ଦେଇଛି । ବୋନାସ ପାଇଥିଲି । ଘରର ଧାର ସୁଝି ଏତକ ବଳିଲା । ସେ ଟଙ୍କା ତୁମର ।"

"ମୋର କଣ ହବ ଟଙ୍କା ?" ମାନସୀର କଣ୍ଠ ନିସ୍ପୃହ, ନିଷ୍କରୁଣ ।

"ଜୀବନରେ ବହୁତ ଦରକାର ହବ ଟଙ୍କାର । ତୁମର, ପିଲାମାନଙ୍କର ।"

"ମୋର ଦରକାର ନାହିଁ । ପିଲାଙ୍କର ଦରକାର ହେଲେ ତାଙ୍କ ବାପା ଦେବେ ।"

"ସେଇ ବାପା ଦଉଛନ୍ତି ।" ହସି କହିଲା ଶଙ୍କର । ଠିଆ ହେଲା ସେ ସ୍ତ୍ରୀ ଆଗରେ । "ରଖିଦିଅ ।"

ଗୋଟାଏ ଦୀର୍ଘନିଶ୍ୱାସ ପକେଇଲା ମାନସୀ । ଶଙ୍କରର ମୁହଁଟା ଶୁଖିଗଲା ଏକ ମୁହୂର୍ତ୍ତ ପାଇଁ ।

"ମୁଁ ଏଇଖିଣି ବାହାରିବି ଟିକିଏ ।"

ଅନେକ ଦିନ ପରେ ଶଙ୍କର ମୁହଁରୁ ଏ କଥା ଶୁଣିଲା ମାନସୀ । ଭାବିଲା, କିଛି କହିବ ନାହିଁ । କିନ୍ତୁ ଲୋଭ ସମ୍ବରଣ କରି ପାରିଲା ନାହିଁ । ପଚାରିଲା, "କୁଆଡ଼େ ଯିବ ?"

"ଏଇ ବିମଳ ଜଗନ ଘରକୁ । ସେଠି ଖିଆପିଆ, ନାଚ ଗୀତର ବ୍ୟବସ୍ଥା ଅଛି । ଫେରିବାକୁ ଡ଼େରି ହବ ।"

"କେତେ ଡ଼େରି ହବ ?" ଗଳା ଫାଟି ଯାଉଥାଏ ତାର । ତଥାପି ପଚାରିଲା ମାନସୀ ।

" ହବ ଟିକିଏ ଡ଼େରି । ମୁଁ ଚେଷ୍ଟା କରିବ ଶୀଘ୍ର ଫେରିବାକୁ ।"

ଶଙ୍କର ବାହାରିଗଲା ଘରୁ ।

ମାନସୀ ଅପି ଦେଖିଲା, ଶଙ୍କର ଗାଧୁଆଘରେ । ନିଜ ଲୁଗାପଟା ସଜଉଛି । ଆଜି ଭଦ୍ରଲୋକ ପୋଷାକରେ ଯିବ ଶଙ୍କର । ସବୁ ଧୋତି,

Digitized by srujanika@gmail.com

ଗିଲ କସ୍ ଧଲା ପଞ୍ଜାବୀ, ଜଣବାଲ୍ ନାଗର୍ ପିନ୍ଧ । ସେ ବାହାର ଆସିଲ ସେ ଘରୁ ।

ଶଙ୍କର ଲୁଗାପଟା ପିନ୍ଧ, ପର୍ଦ୍ଦା ଟେକ ବାହାରକୁ ଆସି ଦେଖିଲ ମାନସୀ ଠିଆ ହୋଇଛୁ ସିଡ଼ି ପାଖରେ । ତା ପାଖକୁ ଆସିଲ ସେ । ପଚ୍ଚାରଲ, "କଣ କହୁ କହବ ମୋତେ ?"

"ତୁମେ ନାଚ ଗୀତକୁ ଯାଉଛ । ଏ ପୋଷାକ ହାଙ୍କରେ ଅତର ଲଗେଇବା କଥା । ତୁମ ରୁମାଲ ଦଅ ।" ମାନସୀ ହାତରେ ସେହ ପୁଷ୍ପସାରର ଶିଶି, 'ମାଇଁ ସିନ୍' । କଲା ପଡ଼ିଗଲ ଶଙ୍କର । କମ୍ପିଲ ହୋଇ ଠିଆ ହୋଇ ରହଲ । ମାନସୀ ତା ପକେଟରୁ ରୁମାଲ କାଢି ସେଥିରେ ଅତର ଦେଲ । ତାର ପଞ୍ଜାବୀରେ ଲଗେଇ ଦେଲ । ତା ପରେ ତା ଆଡ଼କୁ ଅନେଇ ହସି କହଲ, "ଯାଅ" । ଶଙ୍କର ତଳକୁ ମୁଣ୍ଡ କର ଯଥାଶୀଘ୍ର ପାହାଚଗୁଡ଼ା ଓହ୍ଲେଇ ଯାଇ ବସିଲ ଗାଡ଼ିରେ । ଗାଡ଼ି ବାହାରଲ ।

ଦୁଇ ଦନ ପରେ ଶଙ୍କର ଗଲ ହଂକଂ । ସେଠୁ କୋଡ଼ିଏ ଦନ ପରେ ଫେର ଘରକୁ ନ ଆସି ହୋଟେଲରେ ଉଠିଲ । ମିସେସ୍ ହାଲଦାର ପାଖରୁ ଯାହା ଖବର ନେବାର ନେଲ । ଅରୁଣାଠୁଁ ବୁଝିଲ ସେ ପ୍ରତମାସ କେତେ ଟଙ୍କା ଦଉଛୁ ମାନସୀକୁ ।

"ମୋଟେ ଏତକ ଟଙ୍କା ନଉଛନ୍ତି ଆଜିକାଲି ?"

"ହଁ ସାର୍ ।"

ଶଙ୍କର ମନେ ମନେ ହସାବ କଲ, ଘରର ଚାକରଙ୍କ ଦରମା, ପିଲଙ୍କ ଖରଚ, ଗାଡ଼ି ଖରଚ, ଘର ଖରଚ ଗଲେ ଆଉ ଦୁଇ ତନ ଶହ ଟଙ୍କା ବଳୁଥିବ । ପଚ୍ଚାରଲ, "ଆଉ ଟଙ୍କା ମାଗନ୍ତି ନାହିଁ ?"

"ନା ।"

"ତୁମେ ଯାଉଥିଲ କେବେ ? ମାନେ, ଏତକ ଟଙ୍କାରେ କେମିତ ଚଳୁଛ ପଚ୍ଚାରଥିଲ ?"

"ନା, ସେଟା କଣ ଠିକ୍ ହୁଅନ୍ତା ?"

"ଏ ମାସଠୁଁ ଏତକ କର ଟଙ୍କା ଦବ ।?" ବଢ଼େଇ ଦେଲ ଶଙ୍କର ଟଙ୍କା ।

ଘରକୁ ଫୋନ୍ କଲ ସେ ତହିଁ ଆରଦନ ସକାଳୁ ।

"ମୁଁ ଶଙ୍କର କହୁଛ ମାନସୀ ।"

Digitized by srujanika@gmail.com

"କେଉଁଠୁ କହୁଛ ?"

"ଏଇ କଲିକତାରୁ । ହୋଟେଲରୁ ।"

"ଓ, କେବେ ଫେରିଲ ? ଘରକୁ କେତେବେଳେ ଆସିବ ?"

"ବଡ଼ ବ୍ୟସ୍ତ ଅଛି । ଯିବି ମୁଁ ସମସ୍ତ କହିବି । ଆଉ, ତୁମେ କେମିତି ଅଛ ?"

"ଭଲ ।"

"ପିଲାମାନେ ?"

"ଭଲ ଅଛନ୍ତି ।"

"ଗାଈ ଦୁଧ ଦଉଛି ?"

"ହଁ ।"

"ଗୁଡ୍, ଭେରି ଗୁଡ୍ । ଆଉ କଣ ଖବର କୁହ ।"

"ଆଉ କଣ ? ତୁମେ ଆସିଲେ ଦେଖିବ ସବୁ ।"

"ମୁଁ ଏଇକ୍ଷଣି କିଛିଦିନ ଘରକୁ ଯାଇ ପାରିବିନି ମାନସୀ । ବହୁତ କାମ । ଅନେକ ଲୋକ ଆସିଛନ୍ତି । ଭାରି ବ୍ୟସ୍ତ ରହିବାକୁ ପଡୁଛି । ତୁମେ ଚଳେଇ ନିଅ ସୁନାଟା । କାମ ସାରିଲେ ମୁଁ ଯାଇ ଠିଆ ହେବି ତୁମ ପାଖରେ ।"

ଶଙ୍କର ଘରକୁ ଫେରିଲା ନାହିଁ । ମଝିରେ ମଝିରେ ଫୋନ୍ କରେ ସେ କଲିକତାରେ ଥିଲାବେଳେ । ନ ଥିଲେ ତ କଥା ନାହିଁ ! ମାସେ, ଦି ମାସ, ତିନି ମାସ । ଆଉ ସମ୍ଭାଳି ହୋଇ ରହି ପାରିଲା ନାହିଁ ମାନସୀ । ସବୁ କଥା ଲେଖି ଉମାକୁ ଚିଠି ଦେଲା । ଶେଷରେ ଲେଖିଲା, "ପିଲାଏ ନ ଥିଲେ ମୁଁ କେଉଁଦିନୁ ମରି ସାରନ୍ତିଣି, ଉମା । ଖାଲି ତାଙ୍କର ମୁହଁକୁ ଚାହିଁ ବଞ୍ଚିଛି । ରଜାବାବାଙ୍କୁ ସବୁ କଥା କହିବ ନାହିଁ । ଏ ଲଜ୍ଜାରୁ ମୁଁ କେମିତି ମୁକ୍ତି ପାଇବି ସେହି ଚିନ୍ତା ମୋତେ ବ୍ୟତିବ୍ୟସ୍ତ କରୁଛି । ତୁମକୁ ସବୁ କଥା ଜଣେଇଲି । ମୋତେ କହିଦିଅ କଣ କରିବି ?"

ଜୁଲାଇ ମାସର ପ୍ରଥମ ସପ୍ତାହରେ ଆସି ପହଞ୍ଚିଲେ ସମସ୍ତେ । ଚନ୍ଦ୍ରଶେଖର, ଉମା ଓ ତାର ଦୁଇ ପିଲା । ଶଙ୍କରର ମାତା, ଶମ୍ଭୁ, ଲଡୁକେଶ ଓ ତାଙ୍କ ସ୍ତ୍ରୀ । ଶଙ୍କର ସେତେବେଳେ କଲମ୍ବୋରେ । ସମୁଦ୍ରଶୀଦ୍ୱସ୍ଥ ଦେଖିଲେ ମାନସୀ ବେଶ୍ ଶୁଖିଯାଇଛି । ଏମେରିକାରୁ ଫେରିବା ପରେ ତାର ଯେଉଁ ସ୍ୱାସ୍ଥ୍ୟ ହୋଇଥିଲା, ତାହା ନାହିଁ । ପିଲାମାନେ କିନ୍ତୁ ବେଶ୍ ଭଲ ଅଛନ୍ତି ।

Digitized by srujanika@gmail.com

ଅନର୍ଗଳ କଥା କହୁଛନ୍ତି ତିନି ଜଣ ତିନୋଟି ଭାଷାରେ, ଓଡ଼ିଆ, ହିନ୍ଦୀ ଏବଂ ଇଂରେଜୀ । ଏମାନଙ୍କୁ ଦେଖି ଆହୁରି ଚଞ୍ଚଳ ହେଲେ ସେମାନେ । ରଜା ଆଉ ତା ଭାଇ ଯୋଗ ଦେଲେ । ଘର ଭରପୁର ହୋଇଗଲା । କିନ୍ତୁ ମାଲିକ କାହିଁ ?

ସେଦିନ ଦି ପହର ବେଳେ ଉମା ଶୁଣିଲା ଭାଉଜଙ୍କଠୁଁ ତାର କାହାଣୀ । ମାନସୀ କିଛି ଲୁଚେଇଲା ନାହିଁ । ଦୁଇ ଜଣ ବସି ବସି ବହୁକ୍ଷଣ ଅଶ୍ରୁ ବିସର୍ଜନ କଲେ । ତା ପରେ ଉମା ଯାଇ ଡାକିଲା ଅରୁଣାକୁ, "ମୁଁ ଗାଡ଼ି ପଠେଇ ଦେଉଛି । ତୁମେ ଶୀଘ୍ର ଆସିବ ।"

ଅଧଘଣ୍ଟାକ ଭିତରେ ଅରୁଣା ଆସିଲା । ତାକୁ ଡାକି ନେଇଗଲା ଉମା ଲାଇବ୍ରେରୀକୁ । ଏଠି ନିର୍ଜନ ହେବ । ଅରୁଣା ଯାହା କହିଲା, ସେଥିରେ ଖୁବ୍ ଆପତ୍ତିଜନକ କିଛି ପାଇଲା ନାହିଁ ଉମା । କେବଳ ସେହି ସରୋଜିନୀ ପାଠକ କଥାଟା ଟିକିଏ ଗୋଳମାଳିଆ । ତା ମଧ୍ୟ ମେହେରଠୁଁ ପାଞ୍ଚ ଛ ମାସ ତଳେ ଯାହା ଶୁଣିଥିଲା, ତାକୁଇ କହିଲା ଅରୁଣା । ଏ କଥା ମଧ୍ୟ କହିଲା, ସରୋଜିନୀ ପାଠକ ଆଉ କଲିକତାରେ ନାହିଁ । କୁଆଡେ ଗଲା ସେ ଖବର ମଧ୍ୟ ସେ ଜାଣେନା । ତା ଛଡ଼ା ଇତି ମଧ୍ୟରେ କମ୍ପାନୀର କାମରେ ପ୍ରାୟ ଚାରି ମାସକାଳ ଶଙ୍କର ଭୀଷଣ ବ୍ୟସ୍ତ ଥିଲା । ଦଳେ ମାର୍କିନ ବିଶେଷଜ୍ଞ ଆସିଥିଲେ ଭାରତକୁ । ଶିଳ୍ପୋନ୍ନତି କ୍ଷେତ୍ରରେ ମାର୍କିନ୍ ସହଯୋଗିତାର ଅଂଶ କେତେ, ସେ କଥା ବୁଝିବାକୁ । ଶଙ୍କର ବୁଲୁଛି ସେମାନଙ୍କ ସାଙ୍ଗରେ ଗୋଟା ଭାରତବର୍ଷ, ସିଂହଳ ଓ ଦୂରପ୍ରାଚ୍ୟର ତିନି ଚାରୋଟି ଦେଶ । ଅନେକ ରିପୋର୍ଟ, ବ୍ଲୁପ୍ରିଣ୍ଟ୍, ତିଆରି ହୋଇଛି ତାଙ୍କ ଅଫିସରେ । ରଞ୍ଜନ ତ ଦିନ ରାତି ବ୍ୟସ୍ତ ଥିଲା ସେ କାମରେ । ଅଫିସରେ ଖାଉଥିଲା, ଶୋଉଥିଲା ।

"କିନ୍ତୁ ନୂଆଁବୋହୂଙ୍କୁ ତୁମେ କହୁଥିଲ କଉଁ ସିନେମା ଅଭିନେତ୍ରୀଙ୍କ କଥା ?"

"ହଁ । ପ୍ରିୟା ମୁଖାର୍ଜି ଆଉ କୁନ୍ତଳା ସେନ । ଦେଖନ୍ତୁ ଏ ଦି ଜଣଙ୍କ ବିଷୟରେ ଆପଣଙ୍କ ଭାଉଜଙ୍କ ସନ୍ଦେହର କାରଣ କଣ, ସେ ବିଷୟରେ ମୁଁ ବିଶେଷ କିଛି କହିପାରିବି ନାହିଁ । ମୁଁ ଯାହା ଖବର ପାଉଛି, ସେ ତ ଅନ୍ୟ ପ୍ରକାରେ ।"

"କଣ ଖବର ପାଉଛ ?"

"ଫିଲ୍ମରେ କାମ କରୁଥିବା କେତେ ଜଣ ଶିଳ୍ପୀ ଗୋଟିଏ କ୍ଲାବ୍ କରିଛନ୍ତି । ତା ନା ଦେଇଛନ୍ତି 'ସାଟାର୍ ଡେ କ୍ଲାବ୍' । ଆଗେ ବିମଳ ଜଲାନ୍ ବୋଲି ଜଣେ ସେଠ ତାର ସଭାପତି ଥିଲେ । ଏବେ ଆପଣଙ୍କ ଭାଇ ତାର

Digitized by srujanika@gmail.com

ଯନ୍ତ୍ରପତି । ସେଠିକି ସେ ହଜାରେ ଟଙ୍କା ଦାନ କରିଛନ୍ତି । ପ୍ରତି ଶନିବାର ସେଠି ନାଚ ଗୀତ ହୁଏ । ଆପଣଙ୍କ ଭାଇ ମଧ୍ୟ ସେଠିକି ଯାନ୍ତି କେବେ କେମିତି, କଲିକତାରେ ଥିଲେ । ମୋର ଜଣେ ପିଉସୀ ଏଠି ଗୋଟାଏ କଲେଜରେ ବଙ୍ଗଳା ସାହିତ୍ୟ ପଢ଼ାନ୍ତି । ସେ ଗୀତ ଲେଖନ୍ତି, ନାଟକ ଲେଖନ୍ତି ଫିଲ୍ମ ପାଇଁ । ସେ ବି ସେ କ୍ଲବ୍‌ର ସଭ୍ୟା । ପିସିମା କହୁଥିଲେ, ଆପଣଙ୍କ ଭାଇଙ୍କୁ ସେଠି ସମସ୍ତେ ଅତ୍ୟନ୍ତ ଶ୍ରଦ୍ଧା କରନ୍ତି । ସେଠି ସେ ସମସ୍ତଙ୍କର 'ବଡ଼ଦା' ।''

''କିନ୍ତୁ ନୂଆବୋହୂ ସନ୍ଦେହ କରୁଛନ୍ତି କାହିଁକି ?''

''ଦେଖନ୍ତୁ,'' ଲଜ୍ଜିତ ହୋଇ କହିଲା ଅରୁଣା, ''ମୁଁ ବି ପ୍ରଥମ ପ୍ରଥମ ସନ୍ଦେହ କରିଥିଲି । ଏବେ ଜାଣିଲି ମୋର ସନ୍ଦେହ ଅମୂଳକ । ମୁଁ ତ ସବୁ ଘଟଣା ଜାଣେ ନାହିଁ । ସ୍ୱାମୀ ସ୍ତ୍ରୀ ଭିତରେ କଥାବାର୍ତ୍ତା । ବାହାରର ଲୋକ ଜାଣିବା ସମ୍ଭବ ନୁହେଁ, ଉଚିତ ବି ନୁହେଁ ।''

ଅରୁଣାକୁ ବିଦା କରି, ଉମା ଯାଇ ଚନ୍ଦ୍ରଶେଖରଙ୍କୁ ଜଣେଇଲା ସବୁ କଥା । ଚନ୍ଦ୍ରଶେଖର କହିଲେ, ''ଅରୁଣା ହୁଏତ ସବୁ ଜାଣେ ନାହିଁ । କିଛି ଗୋଟାଏ କାରଣ ଥିବ, ନ ହେଲେ ତୁମ ନୂଆବୋହୂ ଏମିତି ଆଶଙ୍କା କରିବେ କାହିଁକି ?'' ଶେଷରେ କହିଲେ, ''ତୁମ ଭାଇନା ତ ଆସୁଛନ୍ତି ଶୀଘ୍ର । ସବୁ ଜଣାଯିବ ସେ ଆସିଲେ ।''

ଶଙ୍କର ପ୍ଲେନରୁ ବାହାରି ଦେଖିଲା, ଚନ୍ଦ୍ରଶେଖର ଓ ଉମା ଠିଆ ହୋଇଛନ୍ତି ସିଡ଼ି ତଳେ । ହସି ହସି ଓହ୍ଲେଇ ଆସି କରମର୍ଦ୍ଦନ କଲା ଭଗ୍ନୀପତି ସାଙ୍ଗରେ । ଉମାକୁ ପାଖକୁ ଟାଣି ପଚାରିଲା, ''କି ରେ, କି ଖବର ? ତୁମେ ଦି ଜଣ କେମିତି ଏଠି ?''

''ତୁମକୁ ରିସିଭ୍ କରିବାକୁ । ତୁମେ ବଡ଼ ସାହେବ । ଗସ୍ତରୁ ଫେରୁଛ, କେହି ତ ପୁଣି ସମ୍ବର୍ଦ୍ଧନା ଜଣେଇବେ ତୁମକୁ । ଆସ ।''

ଗାଡ଼ିରେ ବସି ନିଉ ଆଲିପୁର ଚାଲି ଆସିଲେ ସମସ୍ତେ ।

ଘର ଭର୍ତ୍ତି ଲୋକ । ଶଙ୍କର ଭାବିଲା, କିଛି ଗୋଟାଏ ଗୋଳମାଳ ହୋଇଛି, ନ ହେଲେ ସମସ୍ତେ ଆସି ଯୋଟନ୍ତେ କାହିଁକି ଏଠି ? ତାକୁ ଦେଖି ତା ଝିଅ, ପୁଅ, ଭଣଜା ଘେରିଗଲେ । ପାଟି ଚିତ୍କାର କରି କମ୍ପମାନ କଲେ । ଉମା ଆସି ପିଲାଙ୍କୁ ନେଇଗଲା । ଭାଇନା ଏତେ ଦୂରରୁ ଉଡ଼ି ଉଡ଼ି ଆସିଛନ୍ତି, ଥକି ଯାଇଥିବେ । ସେ ଗାଧୋଇ ପାଧୋଇ ସୁସ୍ଥ ହୁଅନ୍ତୁ । ଶଙ୍କର

Digitized by srujanika@gmail.com

ସମସ୍ତଙ୍କୁ ଦେଖିଲି, ସମସ୍ତଙ୍କ ସାଙ୍ଗରେ କଥାବାର୍ତ୍ତା ହେଲି, ମାନସୀକୁ ପାଇଲିନି ।

ପ୍ରାତରାଶ ଟେବୁଲରେ ବସାକୁ ପଚାରିଲା ଶଙ୍କର, "ତୋ ବୁଆବୋଉଙ୍କୁ ତ ଦେଖୁନି ।"

"ସେ ଶୋଇଛନ୍ତି । ତାଙ୍କ ଦେହ ଭଲ ନାହିଁ ।"

"କଣ ହେଲା ତାର ?" ଆଶଙ୍କା ଫୁଟିଉଠିଲା ତା କଥାରେ ।

"ନା, କିଛି ନା । ଟିକିଏ ଜର ହୋଇଛି ଅଣ୍ଟା ଲାଗି ।"

ଯଥାଶୀଘ୍ର ଖାଇ ନେଇ ସେ ଉଠିଗଲା ଉପରକୁ, ମାନସୀର ଶୋଇବା ଘରକୁ । ସେ ଚଦର ଘୋଡ଼ି ହୋଇ ଶୋଇଛି । ଶଙ୍କର ଠିଆ ହେଲା ତା ପାଖରେ । ମାନସୀ କାନ୍ଦୁଥାଏ ନୀରବରେ । ଶଙ୍କର ସେମିତି ଠିଆ ହୋଇ ରହିଲା । କେମିତି ହୋଇଗଲା ତାର ମନ । ଅଜାଣତରେ ଗୋଟାଏ ଦୀର୍ଘନିଶ୍ୱାସ ବାହାରିଗଲା । ଆଖି ଖୋଲିଲା ମାନସୀ । ତାକୁ ଦେଖି ଲୁହ ପୋଛି ଉଠିବାକୁ ଯାଉଥିଲା । ଶଙ୍କର ତା ପାଖରେ ବସିପଡ଼ିଲା ବିଛଣାରେ । ଡାହାଣ ହାତରେ ତାର ଦେହ ବେଷ୍ଟନ କରି ପଚାରିଲା, "କଣ ହୋଇଛି ତୁମର ମାନସୀ ?"

"କିଛି ନା ।" ଭଗ୍ନ କଣ୍ଠ ମାନସୀର । ସେ ମୁଣ୍ଡ ଲୁଗାଟା ଟାଣି ଆଣିଲା କପାଳ ଉପରକୁ ।

ଶଙ୍କର ଲୁଗା ଘୁଞ୍ଚେଇ ଦେଇ ନିଜର ଗାଲ ଲଗେଇ ଅନୁଭବ କଲା ତାର ଦେହର ଉତ୍ତାପ । "ତୁମେ ଶୋଇଥାଅ, ମୁଁ ଆସୁଛି ।"

ସେ ଉଠିଯାଇ ଡାକିଲା ମିସେସ୍ ହାଲଦାରଙ୍କୁ ଫୋନ୍‌ରେ, "ଶୀଘ୍ର ଆସ । ମିସେସଙ୍କର ଜର ।"

ସନ୍ଧ୍ୟାବେଳକୁ ସମସ୍ତେ ଆସି ବସିଲେ ବୈଠକଖାନାରେ । ମାନସୀର ସାମାନ୍ୟ ଜର ହୋଇଥିଲା । ଔଷଧ ଖାଇ ଛାଡ଼ିଯାଇଛି । ସେ କିନ୍ତୁ ଉପରେ ରହିଲା ।

ଶଙ୍କର କହିଲା, "ଏଇ ମାସ କୋଡ଼ିଏ ତାରିଖ ଦିନ ତାର କଲିକତା ମେନେଜାର ଲରେନ୍‌ସ ଷ୍ଟୁଆର୍ଟ ଓ ତା ସ୍ତ୍ରୀ ଛୁଟିରେ ଏମେରିକା ଯାଉଛନ୍ତି । ମାନସୀର ଟିକେଟ୍ଟା ବର୍କ୍ କରାଗଲା । ସେ ଭଲ ହୋଇ ଯାଇଛି । ତଥାପି ତାକୁ ସେଠି ଯାଇ ଆଉ ଥରେ ପରୀକ୍ଷିତ ହବାକୁ ହବ । ଅଧ୍ୟାପକ ବଟମଲେ ତାକୁ ଦେଖିବେ । ସୁତରାଂ ତାକୁ ଯିବାକୁ ହବ ଏମେରିକା । ପିଲାମାନେ ଏଠି ରହିବେ ।"

Digitized by srujanika@gmail.com

ବୋଉ କହିଲେ, "ପିଲାଙ୍କୁ ତ ସାନବେଳେ ଆମେ ସମ୍ଭାଳିଛୁ । ଏଇକ୍ଷିଣି ତ ବଡ ବଡ଼ ହୋଇଗଲେଣି । ଅସୁବିଧା ଆଉ କଣ ? ଆୟା ଅଛି, ଧାଈ ଅଛି, ଆମେ ଦୁଇ ସମୁଦୁଣୀ ଅଛୁଁ । ବୋହୂ, ଯାଉ, ଏକାଥରେ ଭଲ ହୋଇ ଆସୁ ।"

ବତ୍ରିଶ

ଘଡରେ ମାନସୀକୁ ବିଛଣାରୁ ଉଠେଇ ଶଙ୍କର ନେଇ ଆସିଲା ତା ଶୋଇବା ଘରକୁ । ମାନସୀ ଆସୁ ନଥିଲା, ତା ପରେ କଣ ଭାବି ରାଜି ହେଲା । ଶଙ୍କର ତାକୁ ନିଜ ଦେହରେ ଆଉଜେଇ ଆଣି ଶୋଇଦେଲା ତା ବିଛଣାରେ । ପଙ୍ଖା ଘୁରେଇ ଦେଇ ଆସି ବସିଲା ତା ପାଖରେ ।

କଥା ଆରମ୍ଭ କଲା ସେ, "ଲେଖ ଆଉ ଗାରନେଟ୍ ଏମେରିକା ଯାଉଛନ୍ତି ଛୁଟିରେ । ଏ ମାସ କୋଡ଼ିଏ ତାରିଖରେ ସେମାନେ ଯିବେ । ମୁଁ ପ୍ରଫେସାର ବଟମଲେଙ୍କ ପାଖରୁ ଚିଠି ପାଇଛି । ସେ ପୁଣି ପରୀକ୍ଷା କରି ଦେଖିବେ ତୁମକୁ । ତୁମେ ସେଦିନ ଗାରନେଟ୍ ସାଙ୍ଗରେ ଯିବ ।"

"ନା" ।

"ନା ?" ସ୍ତବ୍ଧ ହୋଇଗଲା ଶଙ୍କର । ଏହି ପ୍ରଥମ ଥର ତାର ଅନୁରୋଧ ସ୍ତ୍ରୀ ପାଖରେ ଅବହେଳିତ ହେଲା ।

"ମୋ ଉପରେ ଯେତେ ଖୁସି ରାଗ ମାନସୀ । କିନ୍ତୁ ପିଲା ? ସେମାନଙ୍କର ଅପରାଧ କଣ ? ସେମାନଙ୍କ ପାଇଁ ତୁମର ବଞ୍ଚିବା ଦରକାର, ଭଲ ହବା ଦରକାର ।"

"ନା । କାହାର ପାଇଁ ମୋର ବଞ୍ଚିବା ଦରକାର ନାହିଁ ।" ଉତ୍ତର ଦେଲା ମାନସୀ । ଶଙ୍କର ଦେଖିଲା, କାନରେ ମୁହଁ ଚାପି ସେ କାନ୍ଦୁଛି ।

ଶଙ୍କର ଶୋଇପଡ଼ିଲା ତା ପାଖରେ । ଚୁପଚାପ ଶୋଇ ରହିଲେ ଦୁଇ ଜଣ । ପ୍ରତ୍ୟେକେ ନିଜ ଚିନ୍ତାରେ ମଗ୍ନ । ଗୋଟିଏ ପିଲା କାନ୍ଦିଲା । ମାନସୀ ଉଠି ବସିଲା ବିଛଣାରେ । ଶଙ୍କର ତା ହାତ ଧରି ଅଟକେଇଲା ।

"ଗୁଡ଼ୁ, ସତ୍ୟବାନ ଉଠିଛି ।"

"ଉଠୁ ।"

Digitized by srujanika@gmail.com

ମାନସୀ ବୁଝିପାରିଲାନି ଶଙ୍କର କଣ କହୁଛି । ଅନେଇଲା ସେ ସ୍ୱାମୀ ମୁହଁକୁ । ଶଙ୍କର ଚିତ୍ ହୋଇ ଶୋଇଛି । ଦୃଷ୍ଟି ତାର ଛାତରେ ନିବଦ୍ଧ । ଧୀର ହାତ ସେ ଧରିଥାଏ ।

"ମୁଁ ଯିବି ।" କହିଲା ମାନସୀ ।

"କୁଆଡେ ?"

"ସେ ଘରକୁ । ପିଲାଙ୍କ ପାଖକୁ ।"

"କାହିଁକି ?"

ହସିଲା ମାନସୀ, "ତୁମେ ପିଲାଙ୍କ ପରି କଣ ପଚାରୁଛ ? ପୁଅ ଉଠିଛି । ମୋତେ ଖୋଜୁଥିବ ।"

"ତୁମେ ତାର କିଏ ଯେ ତୁମକୁ ଖୋଜିବ ସେ ?"

"ମୁ କିଏ ? ମୁଁ ତାର ମା ।"

"ନା । ତୁମେ ତାର ମା ନୁହଁ ।"

"ମୁଁ ମା ନୁହେଁ ?"

"ନା ।"

ମାନସୀ ବିବ୍ରତ ହୋଇ ଚାହିଁଲା ସ୍ୱାମୀ ମୁହଁକୁ । ଶଙ୍କର ନିର୍ବିକାର ।

"ମୁଁ ତୁମକୁ ସେ ଘରକୁ ଛାଡ଼ିବି ନାହିଁ ମାନସୀ । ସେ ପିଲା ମୋର ।"

"ଆଉ ମୋର ନୁହେଁ ?"

"ନା ।"

"କଣ କହୁଛ ତୁମେ ?" କାନ୍ଦିଲା ପୁଣି ସେ । ଦେହ ଥରି ଉଠୁଥାଏ ତାର । କିଛିକ୍ଷଣ ଚୁପଚାପ । କ୍ରମେ ମାନସୀ କୋହ ସମ୍ଭାଳି ନେଲା । ତଳକୁ ମୁହଁ କରି ବସିଥାଏ ସେ । ଶଙ୍କର ଛାଡ଼ି ଦେଇଛି ତା ହାତ ।

ଶଙ୍କର କହିଲା, "ତୁମେ ଯଦି ସେମାନଙ୍କର ମା, ଯଉଁଥିରେ ତାଙ୍କର ମଙ୍ଗଳ ହବ, ସେ ଚିନ୍ତା କରନ୍ତୁ । ତା ତ କରୁନ ତୁମେ । ମୋ ଉପରେ ରାଗି ସମସ୍ତଙ୍କର ସର୍ବନାଶ କରିବାକୁ ଯାଉଛ ।"

"କିଏ କହିଲା ?" ଗର୍ଜିଉଠିଲା ମାନସୀ ।

ବିଛଣାରେ ଉଠି ବସିଲା ଶଙ୍କର । ପାଇଜାମା ପକେଟରୁ ଖଣ୍ଡାଏ କାଗଜ କାଢ଼ିଲା ସେ, "ଏ ଚିଠି ତୁମେ ଉମାକୁ ଲେଖି ନ ଥିଲ ?"

ମାନସୀ ଦେଖିଲା । କହିଲା, "ହଁ" ।

Digitized by srujanika@gmail.com

"ଆତ୍ମହତ୍ୟା କରିବ ବୋଲି ଧମକ ଦେଇଥିଲ ?"

"ନା ତ ।"

ଦେଖେଇ ଦେଲ ଶଙ୍କର ସେଇ ଯାଗାଟା, 'କଉଁଦିନୁ ମରି ସାରନ୍ତିଣି' କଥାଟା । "ଏକୁ ତୁମେ ଲେଖିନ ?"

"ହଁ ଲେଖିଛୁ ।"

"କାହିଁକି ?"

"ତୁମ ଜାଲାରେ ମରିବା ଛଡ଼ା ମୋର କଣ ଉପାୟ ରହିଛି କୁହ ? ତୁମ ଅଫିସରେ ସମସ୍ତେ, ଘରେ ଚାକର ବାକର, କାହାରିକି ଅଜଣା ନାହିଁ ତୁମ କୀର୍ତ୍ତିକଳାପ । ମୁଁ ମୁହଁ ଦେଖେଇ ପାରୁନି ଚାକର ବାକରଙ୍କ ପାଖରେ । ଘରୁ ବାହାରେନି ସେହି ଲଜ୍ଜାରେ ।"

ଖଟରୁ ଓହ୍ଲେଇ ଆସିଲ ଶଙ୍କର । ମାନସୀର ସାମନାକୁ ଆସି ପଚାରିଲ, "ତୁମେ ଅରୁଣାକୁ ମୋ ବିଷୟରେ ଖବର ଯୋଗାଡ଼ କରିବାକୁ କହିଥିଲ ?"

"ହଁ ।"

"ତା ପରେ ଲମାକୁ ଏ ଶଠି ଲେଖି ସାହାଯ୍ୟ ପ୍ରାର୍ଥନା କରିଥିଲ । ଚମତ୍କାର !"

ମାନସୀ ଉତ୍ତର ଦେଲ ନାହିଁ । ଚୁପ୍ କରି ବସିରହିଲ ।

ହସିଲ ଶଙ୍କର, "ମୋର କିନ୍ତୁ ବରାବର ବିଶ୍ୱାସ ଥିଲ, ଆମ ଦୁଇ ଜଣଙ୍କ ଭିତରକୁ ତୃତୀୟ ବ୍ୟକ୍ତିକୁ ପଶିବାକୁ ତୁମେ ଦବନି ।"

ମାନସୀ ବସିଥାଏ ସେମିତି ତଳକୁ ମୁହଁ କରି । ଘର ଭିତରେ ଘୁରୁ ଘୁରୁ ଧୀର ସାମନାରେ ଠିଆ ହେଲ ଶଙ୍କର । "ତୁମର କଣ ଧାରଣା ମାନସୀ ? ମୁଁ ଗୋଟାଏ ଲମ୍ପଟ, ଅସଚ୍ଚରିତ୍ର, ବଜାରି, ନୁହେଁ ?"

ମାନସୀ ଜବାବ ଦେଲ ନାହିଁ ।

"ସରେଜନୀ ପାଲ । ସେହି ମୋର ଦୁର୍ବଳତାର ସୁଯୋଗ ନେଇଥିଲ ମାନସୀ, ଥରେ ମାତ୍ର । ଗୋଟିଏ ଦିନ ମୁଁ ଖସି ଯାଇଥିଲି ତଳକୁ । କିନ୍ତୁ ସେହି ଗୋଟିଏ ଦିନ । ସେ କଥା ମୁଁ ଅସ୍ୱୀକାର କରୁନି । ସେଥିଲାଗି ମୁଁ ପ୍ରାୟଶ୍ଚିତ୍ତ କରିଛୁ ଗଲ ଦଶ ମାସ ଧରି ।"

"ଆଉ ପ୍ରିୟା ମୁଖାର୍ଜୀ ? କୁନ୍ତଳା ସେନ୍ ?"

ହସିଲ ଶଙ୍କର ଏ ଅଭିଯୋଗରେ, "ପ୍ରିୟା ମୁଖାର୍ଜୀ ଆଉ କୁନ୍ତଳା ସେନ ! ଜଣେ କଲିକତାର ବିଖ୍ୟାତ ଗାୟିକା, ଅନ୍ୟଟି ନର୍ତ୍ତକୀ

Digitized by srujanika@gmail.com

ଗିଲି । ସେମାନେ ଦୁଇଜଣ ଯାକ ବିବାହିତା । ପ୍ରିୟାର ଗୋଟିଏ ଝିଅ ଅଛି ଦୁଇ ତିନି ବର୍ଷର । ମୁଁ ସେମାନଙ୍କର 'ବଡ଼ଦା' । ସେମାନଙ୍କ ସାଥିରେ ମୋର ସମ୍ପର୍କ ସେଥିରୁ ଅନୁମାନ କର । ତୁମକୁ ମୁଁ ନେଇଯିବି ସେମାନଙ୍କ ଘରକୁ । ତୁମେ ନିଜେ ଦେଖିବ ଆମର ସମ୍ପର୍କ କଣ ?"

ମାନସୀ ଅନେଇଲା ସ୍ୱାମୀ ମୁହଁକୁ, "ତୁମେ ହୋଟେଲରେ ଘରଭଡ଼ା ନେଇ ନ ଥିଲ ମିଷ୍ଟର ଓ ମିସେସ୍ ଶତପଥୀ ନାଁରେ ?"

ହୋ ହୋ କରି ହସିଲା ଶଙ୍କର ଏ ଥର । ମାନସୀର ଦେହସାରା ବିଜୁଳି ଖେଳିଗଲା । ଏଇ ଲୋକଟା ଏମିତି ହସିପାରେ, ଅଥଚ···

"ଆଜି ଅଫିସରେ ଅରୁଣା କାନ୍ଦିକାଟି ଅସ୍ଥିର କରିଛି ମୋତେ । ତୁମ ପାଖରୁ କଣ ସବୁ ଶୁଣି, ସେ ଡିଟେକ୍‌ଟିଭଗିରି କରୁଥିଲା । ତା ପରେ ସବୁ ବୁଝିପାରି ଆସି ମୋ ପାଦ ଛୁଇଁ କ୍ଷମା ମାଗିଛି । ତାର ସ୍ୱାମୀ ରଞ୍ଜନ ସ୍ତ୍ରୀର ଦୁର୍ବୁଦ୍ଧି ପାଇଁ ଦୁଃଖ ପ୍ରକାଶ କରିଛି ମୋ ପାଖରେ । ତୁମେ ପଚାରି ବୁଝିବ ସେମାନଙ୍କୁ ।"

ପଦଚାରଣା କରୁ କରୁ କହିଲା ଶଙ୍କର, "ହଁ, ସେ ହୋଟେଲ ବିଲ୍ କଥା । ତୁମକୁ ଆଜି ମୁଁ ସତ କହୁଛି ମାନସୀ, ତୁମ ପାଖରୁ ମୁଁ ପଳାଉଥିଲି । କାରଣ ତୁମକୁ ଦେଖିଲେ ମୁଁ ନିଜକୁ ସମ୍ଭାଳି ପାରୁ ନ ଥିଲି । ସେହି କେତେ ମାସ ମୁଁ କି ଅସହ୍ୟ ଅସ୍ୱସ୍ତି ନେଇ ବୁଲିଛି, ତୁମେ ଧାରଣା କରି ପାରିବ ନାହିଁ । ତୁମକୁ ମୁଁ ମୋଠୁଁ ଆଉ ମୋ ପିଲିଙ୍କଠୁଁ ବି ବେଶୀ ଭଲପାଏଁ ମାନସୀ । ଅଥଚ ତୁମକୁ ପାଇ ମଧ୍ୟ ମୁଁ ପାଉ ନ ଥାଏଁ । ସେ ଯେ କି କଷ୍ଟ ତୁମେ ବୁଝିପାରିବ ନାହିଁ । ସେତିକିବେଳେ ଆସି ଜୋଟିଲା ସରୋଜିନୀ । କେମିତି ବୁଝିପାରିଲା ମୋର ଦୁଃଖ । ସେ ସାହଚର୍ଯ୍ୟ ଦେଲା । ଆଠ ଦଶ ଦିନ କାଳ ପ୍ରାୟ ପ୍ରତିଦିନ ମୁଁ ଯାଉଥିଲି ତା ପାଖକୁ, ସେହି ହୋଟେଲକୁ । କିନ୍ତୁ ସେ ଯେ ହୋଟେଲରେ ମୋ ନାଁ ବ୍ୟବହାର କରିଥିଲା, ଏ କଥା ମୁଁ ପରେ ଜାଣିଲି । ସେ ତ ଅନେକ ଦିନ ଆଗର କଥା ।"

ହଠାତ୍ ଠିଆ ହେଲା ଶଙ୍କର, "ସରୋଜିନୀ ସାଙ୍ଗରେ ସେହି ଗୋଟିଏ ସନ୍ଧ୍ୟାର ଅଭିଜ୍ଞତା ମୋତେ ଏମିତି ଏକ ମାନସିକ ସ୍ପନ୍ଦନ ଭିତର ଦେଇ ନେଇଗଲା, ଯାହା ଫଳରେ ଆଜି କେହି ମୋ ପାଖକୁ ଭିଡ଼ି ପାରି ନାହାନ୍ତି । ତୁମେ ମୋତେ ଭୁଲ ବୁଝିଛ ମାନସୀ । ଭୁଲ ଖବର ପାଇ ନିଜେ କଷ୍ଟ ପାଇଛ. ମୋତେ ଏବଂ ଅନ୍ୟମାନଙ୍କୁ କଷ୍ଟ ଦେଇଛ । ମୁଁ ଭାବି ପାରୁନି",

Digitized by srujanika@gmail.com

ଶଙ୍କରର ଗଳା ଅଭିମାନରେ ଅମ ଅମ କଲା "ତୁମେ ମୋତେ ଏତେ ନିବୋଧ ଭାବରେ ଜାଣି ପୁଣି ମୋ ନାଁରେ ଏ ଅପବାଦ ଦେଲ କେମିତି ?"

ଆଉ ସହିଲା ନାହିଁ ମାନସୀ । ଶଙ୍କରର କଟିଦେଶକୁ ଦୁଇ ହାତରେ ଭିଡ଼ି ଧରି, ଲୁହରେ ତାର ଗେଞ୍ଜି ଭିଜେଇ ଦେଇ କହିଲା, "ମୁଁ ତୁମକୁ ସନ୍ଦେହ କରି ମହାପାପ କରିଛି । ମୋତେ କ୍ଷମା କର ।"

ନଇଁପଡ଼ି ଦୁଇ ହାତରେ ସ୍ତ୍ରୀକୁ ଟେକି ଠିଆ କଲା ଶଙ୍କର ତା ଆଗରେ । ସ୍ତ୍ରୀର ଥରୁଥିବା ଓଠରେ ଗୋଟାଏ ଚୁମ୍ବନ ଦେଲା । ନିଜ ଗାଲରେ ତାର ଲୁହ ପୋଛିଦେଇ, ଗ୍ଣ୍ଣରେ ତାକୁ ଭିଡ଼ିଧରି କାନରେ କାନରେ କହିଲା, "ତୁମେ ସମ୍ପୂର୍ଣ୍ଣ ଭଲ ହୋଇ ଯାଇଛ ମାନସୀ । ପ୍ରଫେସର ବଟମଲେଙ୍କ ସେ ଚିଠି ଆଜି ପାଇଲି ମୁଁ ।"

ଚକିତ ହୋଇ ମାନସୀ ଚାହିଁଲା ସ୍ୱାମୀ ମୁହଁକୁ ।

"ତୁମକୁ ପରୀକ୍ଷା କରାଯାଇ ଯେଉଁ ରିପୋର୍ଟ ସବୁ ଏଠୁ ଯାଇଥିଲା, ତାକୁ ବିଚାର କରି ପ୍ରଫେସର ଏଇ ମତ ଦେଇଛନ୍ତି ।"

ମାନସୀକୁ ଖଟରେ ବସେଇ ସେ ଚିଠି ଆଣି ତାକୁ ଦେଲା ଶଙ୍କର । ମାନସୀ ପଢ଼ିଲା, ଅଧ୍ୟାପକ ଲେଖିଛନ୍ତି, 'ବିଭିନ୍ନ ସମୟରେ ପରୀକ୍ଷା କରାଯାଇ ତାର ସ୍ୱାସ୍ଥ୍ୟ ବିଷୟରେ ଯେଉଁ ରିପୋର୍ଟ ଯାଇଥିଲା, ତାକୁ ପଢ଼ି ତାଙ୍କର ହୃଦ୍‌ବୋଧ ହୋଇଛି ଯେ ମାନସୀ ସମ୍ପୂର୍ଣ୍ଣ ନିରାମୟ ହୋଇଛି । ତଥାପି ସେ ଥରେ ଅସି ପରୀକ୍ଷିତ ହେଲେ ସବୁ ସଂଶୟର ନିରସନ ହେବ । ଅତଏବ ତାକୁ ଶୀଘ୍ର ପଠେଇଦବାକୁ ସେ ଅନୁରୋଧ କରିଛନ୍ତି ।'

ଚିଠିରୁ ମୁହଁ ଟେକି ମାନସୀ ଦେଖିଲା, ଶଙ୍କର ତା ଆଡ଼କୁ ଅନେଇ ମୁରୁକି ମୁରୁକି ହସୁଛି । ସେ ଠିଆ ହୋଇପଡ଼ି ଦୁଇ ହାତରେ ସ୍ୱାମୀକୁ ଭିଡ଼ି ଧରି ତା ଗ୍ଣ୍ଣରେ ମୁଣ୍ଡ ରଖିଲା । ତାପରେ ହସି ଅନେଇଲା । ଶଙ୍କର ପାଖରୁ ଆଦାୟ କଲା ପୂର୍ବ ଆଦର, ସେଇ ଆଗଧନ ଭଳି । ପୁଣି ଫେରି ପାଇଲା ଦେହରେ ତାର ସେଇ ପୁରୁଣା ମନର ଉଲ୍ଲାସ ।

ଯୋରରେ ଯୋରରେ ନିଶ୍ୱାସ ମାରୁ ମାରୁ କହିଲା, "ମୁଁ ଟିକିଏ ବୁଲିଆସେଁ ସେ ଘରୁ । ସତ୍ୟବାନ ଛଠିଥିଲା ଦେଖି ଆସିବି । ଯିବି ?"

"ଯାଅ ।"

"ମୁଁ ଏଇକ୍ଷିଣି ଫେରି ଆସିବି । ତୁମେ ଶୋଇ ପଡ଼ିବନି ।" ତରତର କରି ଲୁଗାପଟା ସମ୍ଭାଳି ବାହାରିଗଲା ସେ ।

Digitized by srujanika@gmail.com

ବଡ଼ସକାଳୁ ଉମା ଆସି ଝୋଟକିଲା ଦ୍ୱାରକୁ । ତା ବିଛଣାରେ ଝିଅମାନେ ଶୋଇଛନ୍ତି ସଙ୍ଗୀତମାଷ୍ଟ୍ରେସଙ୍କ ପାଖରେ । ତାକୁ ଦେଖି ଉଠି ବସିଲେ ସଙ୍ଗୀତମାଷ୍ଟ୍ରେସ ।

"ନୂଆବୋଉ ?" ପଚାରିଲା ଉମା ।

"ସେ ତ ସେ ଘରେ । କୋଉଁଠି ··"

ତରତର ହୋଇ ଚାଲି ଆସିଲା ଉମା ସେଠୁ । ରଚନା ଶୋଇବା ଘର ଦୁଆର ପାଖରେ ପହଞ୍ଚିଛି, ଭିତରୁ କବାଟ ଖୋଲି ବାହାରି ଆସିଲା ମାନସୀ । ଉମା ପାଖକୁ ଆସି ତା ମୁହଁକୁ ଅନେଇଲା । ଲାଜରେ ଲାଲ ହୋଇଉଠିଲା ମାନସୀ । ତାକୁ କୁଣ୍ଢେଇ ପକେଇଲା ଉମା । ତା ପରେ କ୍ଷିପ୍ର ପଦକ୍ଷେପରେ ଆଗେଇ ଗଲା ସିଡ଼ି ପାଖକୁ ।

"କୁଆଡ଼େ ଯାଉଛ ତରତର ହୋଇ ?" ପଚାରିଲା ମାନସୀ ।

"ତାଙ୍କୁ ଖବରଟା ଦେବି ।" ସିଡ଼ିରେ ଅଦୃଶ୍ୟ ହୋଇଗଲା ଉମା ।

Digitized by srujanika@gmail.com